
ଉତ୍କଳ ପ୍ରସଙ୍ଗ


Vol. XLII No. 10 UTKAL PRASANGA Regd. No. 0
Licence No. C. R. N. P. 5—Licensed to post without Pre-Payment



# ଆମ କାରିଗରୀ ଓ କାରିଗର



● ଆନନ୍ଦପୁର ଠାରେ ବୈତରଣୀ ସେତୁ ଉଦଘାଟନ ...















# ଉତ୍କଳ ପ୍ରସଙ୍ଗ

ଜ୍ୟେଷ୍ଠ/ଆଷାଢ଼ ୧୯୦୭ ଶକାବ୍ଦ ୪୨ ଭାଗ ୧୧/୧୨ଶ ସଂଖ୍ୟା ଜୁନ/ଜୁଲାଇ ୧୯୮୫



## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ର

ସମ୍ପାଦକ : ଶ୍ରୀ ମଦନ ମୋହନ ମିଶ୍ର

ସହଯୋଗୀ ସମ୍ପାଦକ : ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

ସହସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ଆଶୁତୋଷ ସିହ୍ନା

**ପରିପାଟୀ**

ଅଧ୍ୟାପକ ବଳଦେବ ମହାରଥୀ



**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୧୦.୦୦

ପ୍ରତି ଖଣ୍ଡ : ୧.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ। ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ। ସେହିଭଳି ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମତ ଥିବା ବୋଲି ଧାରିବା ଉଚିତ୍ ନୁହେଁ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର



| | | |
|---|---|---|
| ଶ୍ରୀକ୍ଷେତ୍ରେ ଶ୍ରୀଚୈତନ୍ୟ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ମଣିଦାସ | ଶ୍ରୀ ରାଧାମୋହନ ଗଡ଼ନାୟକ | ୩ |
| ରଥଯାତ୍ରା-ପରଂବ୍ରହ୍ମଙ୍କ ଔଦାର୍ଯ୍ୟ ଲୀଳା | ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ | ୭ |
| ମହାଶୂନ୍ୟର ପରମ ଜ୍ୟୋତି | ଡକ୍ଟର ବଂଶୀଧର ମହାନ୍ତି | ୧୧ |
| ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା | ଡକ୍ଟର ହରିହର କାନୁନଗୋ | ୧୫ |
| ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନବସରକାଳୀନ ଲୀଳା | ଶ୍ରୀ ଚୈତନ୍ୟ ଚରଣ ଦାସ | ୨୧ |
| ଓଡ଼ିଆ ପ୍ରବାଦ ପ୍ରବଚନରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ | ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି | ୨୫ |
| ଦାରୁବ୍ରହ୍ମ | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି | ୨୯ |
| ଯବନ ପ୍ରିୟ ବକ୍ର ଚନ୍ଦ୍ରମା | ଇଂଜିନିୟର ରଘୁନାଥ ପାତ୍ର | ୩୩ |
| ମହେନ୍ଦ୍ରଗିରିରେ ଶ୍ରୀଜଗନ୍ନାଥଙ୍କ ଆଦିମ ସ୍ୱରୂପ | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୪୫ |
| ଶ୍ରୀଜଗନ୍ନାଥଙ୍କ ରାଜ୍ୟରେ ଅପାଳକ | ଶ୍ରୀ ଗଣେଶ ପ୍ରସାଦ ପରିଜା | ୫୧ |
| ଶ୍ରୀନୀଳଚକ୍ର | ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ | ୫୯ |
| ଅନ୍ନବ୍ରହ୍ମ | ଶ୍ରୀ ନରହରି ଉପାଧ୍ୟାୟ | ୬୩ |
| ଶ୍ରୀଜଗନ୍ନାଥଙ୍କର ବେଶ | ଶ୍ରୀ ଶ୍ରୀନିବାସ ପାଠୀ | ୬୭ |
| ଆମ ନୂତନ ଶିଳ୍ପନୀତି | | ୭୧ |
| ସଫଳ କାହାଣୀ | | ୭୫ |
| ପ୍ରଗତି ପ୍ରସଙ୍ଗ | | ୮୧ |
| ଶହେବର୍ଷ ତଳର ରଥଯାତ୍ରା | ଶ୍ରୀ ରାଜକିଶୋର ରାୟ | ୯୫ |
| ଏକାନ୍ତ କଥନ | ଶ୍ରୀ ଚନ୍ଦ୍ରଶେଖର ରଥ | ୯୯ |
| ଓଡ଼ିଆ ସଂସ୍କୃତିରେ ସପ୍ତରଥ ପରମ୍ପରା | ଶ୍ରୀ ସଦାଶିବ ରଥଶର୍ମା | ୧୦୭ |
| ରାଘବ ଦାସ | ଶ୍ରୀ ଅନାଦି ସାହୁ | ୧୧୩ |
| ସର୍ବେଷାଂ ଚୈବ କ୍ଷେତ୍ରାଣାଂ | ଡକ୍ଟର ଶ୍ରୀନିବାସ ତ୍ରିପାଠୀ | ୧୧୭ |
| ଚଣ୍ଡାଳ ଆଖ୍ୟାନର ଶେଷ ପୃଷ୍ଠା | ଶ୍ରୀ ବିଚିତ୍ରାନନ୍ଦ ପାଇକରାୟ | ୧୨୫ |
| ଘୋଷ ଯାତ୍ରା ଓ ଦେବମୁହୂର୍ତ୍ତ | ଡକ୍ଟର ଶରତ ଚନ୍ଦ୍ର ରଥ | ୧୨୯ |
| କଳ୍ପବଟ | ଶ୍ରୀ ଉପେନ୍ଦ୍ର ନାଥ ହୋତା | ୧୩୧ |
| ଶ୍ରୀଜଗନ୍ନାଥ-ଚିକିତ୍ସା ପଦ୍ଧତି | ଶ୍ରୀ ନାରାୟଣ ସାହୁ | ୧୩୫ |
| ଦାରିଦ୍ର୍ୟ ଦୂରୀକରଣରେ ସୟାଅଳୁର ଭୂମିକା | ଡକ୍ଟର ସବ୍ୟସାଚୀ ରଥ | ୧୩୯ |
| | ଶ୍ରୀ ଅଜୟ କୁମାର ପଟ୍ଟନାୟକ | |

# ମୋ ଦୃଷ୍ଟିରେ ....

ଆମର ପରମ ଆରାଧ୍ୟ ବଡ଼ ଠାକୁର ଶ୍ରୀ ଜଗନ୍ନାଥଙ୍କର ଆଜି ରଥ ଯାତ୍ରା । ଆଜି ଦିନଟି ପ୍ରତ୍ୟେକ ଓଡ଼ିଆ ନିମନ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ । ଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସଙ୍ଗରେ ନେଇ ଶ୍ରୀ ମନ୍ଦିରରୁ ବାହାରି ପହଣ୍ଡି ବିଜେ କରି ଶରଧା ବାଲି ଉପରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଛନ୍ତି । ଆଜି ଆଚଣ୍ଡାଳ ବ୍ରାହ୍ମଣ ଜଗନ୍ନାଥଙ୍କୁ ରାଜରାଜାଧିରାଜ ବେଶରେ ଦେଖି ନିଜ ନିଜର ହୃଦୟର ଭକ୍ତି ଅର୍ଘ୍ୟ ଦେବାକୁ ସମର୍ଥ ହେଉଛନ୍ତି ବଡ଼ ଦାଣ୍ଡର ଧୂଳି ଉପରେ; ଯେତେବେଳେ ପ୍ରତ୍ୟେକ ଧୂଳିକଣା ଭରି ଉଠୁଛି ପବିତ୍ର ମାଦକତାରେ, ପ୍ରଗାଢ଼ ବିଶ୍ୱାସରେ ଓ ପ୍ରଖର ଭକ୍ତିର ସ୍ରୋତରେ । ଜାତି, ବର୍ଣ୍ଣ, ସ୍ଥାନ ଗରିମାର ଭେଦାଭେଦ ଭୁଲି ଦେଶ ବିଦେଶର ଅସୁମାରୀ ଭକ୍ତ ବଡ଼ଦାଣ୍ଡରେ ରୁଣ୍ଡ ହୋଇଛନ୍ତି ବଡ଼ ଠାକୁରଙ୍କ କଣିକାଏ କୃପା ପାଇଁ । ପ୍ରେମର ପ୍ରତିମା ଭକ୍ତ ହୃଦୟରେ ପୁଲକର ଢେଉ ଭରି ଦେଉଛନ୍ତି । ସେଇ ଢେଉରେ ଧୋଇ ହୋଇ ଯାଉଛି ମନର ବିଷାଦ ଓ ବିଷର୍ଣ୍ଣତାର କଳାଦାଗ । ଆଖିରେ ପ୍ରେମର ବନ୍ୟା ଛୁଟୁଛି । ମନ ତାର ଲାଖି ଯାଉଛି ଚକାଡୋଳା ଉପରେ । ଜଗତରନାଥ ଜଗନ୍ନାଥ ଧୋଇ ଦେଉଛନ୍ତି ଜଗତର ପାପ ତାପ । ଆତ୍ମାକୁ ଅଧିକ ଦିବ୍ୟ ଓ ଆନନ୍ଦମୟ କରୁଛନ୍ତି । ଦିବ୍ୟ ତତ୍ତ୍ୱ, ଦିବ୍ୟ ସିଦ୍ଧାନ୍ତ ଓ ଦିବ୍ୟ ବିଶ୍ୱାସରେ ଅନ୍ତଃକରଣ ପୂର୍ଣ୍ଣ ହେଇ ଉଠୁଛି । ଏଇ ଅବସରରେ ବିନମ୍ର ଭକ୍ତି ସହ ''ଉତ୍କଳ ପ୍ରସଙ୍ଗ'' ତାର ଏଇ ସ୍ୱତନ୍ତ୍ର ସଂଖ୍ୟାଟିକୁ ସେଇ ଅପାଦପାଣିଙ୍କର ପାଦ ପଦ୍ମରେ ଅର୍ପଣ କରୁଛି ।

ଆମ ଠାକୁରଙ୍କର ତତ୍ତ୍ୱ, ଦର୍ଶନ, ମାହାତ୍ମ୍ୟ, ସଂସ୍କୃତି, ଇତିହାସ ଓ ପରମ୍ପରାକୁ ଆଧାରିତ କରି ଯେଉଁ ସ୍ୱନାମଧନ୍ୟ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକମାନେ ସେମାନଙ୍କର ଲେଖାରେ ଏ ସଂଖ୍ୟାଟିକୁ ପରିପୁଷ୍ଟ କରିଛନ୍ତି, ସେମାନଙ୍କ ମଧ୍ୟରୁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, କବି ରାଧାମୋହନ ଗଡ଼ନାୟକ, ଐତିହାସିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ବାବାଜୀ ଚୈତନ୍ୟ ଚରଣ ଦାସ, ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ, ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି, ଶ୍ରୀ ଅନାଦି ସାହୁ, ଶ୍ରୀ ରାଜକିଶୋର ରାୟ ଓ ଶ୍ରୀ ଚନ୍ଦ୍ରଶେଖର ରଥ ଅନ୍ୟତମ ।

ଏ ବର୍ଷର ଏ ସ୍ୱତନ୍ତ୍ର ସଂଖ୍ୟାଟି ସୁଧୀ ପାଠକମାନଙ୍କ ନିକଟରେ ଆଦୃତ ହେବ ବୋଲି ଆମେ ଆଶା କରୁଛୁ । ଜଗନ୍ନାଥ ସମସ୍ତ ଜଗତର ମଙ୍ଗଳ କରନ୍ତୁ ।





ବହୁପାଦାକ୍ଷିଶିର୍ଷାସ୍ୟ ବାହବେ ସର୍ବଜିଷ୍ଣବେ ।
ସର୍ବଜୀବ ସ୍ୱରୂପାୟ ନମସ୍ତେ ସର୍ବରୂପିଣେ ॥
ନମସ୍ତେ କମଳାକାନ୍ତ ନମସ୍ତେ କମଳାନନ ।
ନମଃ କମଳାପତ୍ରାକ୍ଷ ତ୍ରାହି ମାଂ ପୁରୁଷୋତ୍ତମ ॥

✢ ଆପଣ ବହୁପାଦ, ବହୁ ମସ୍ତକ, ବହୁ ମୁଖ, ବହୁ ବାହୁ ଓ ସର୍ବବିଜୟୀ ;
ଆପଣ ସମସ୍ତଙ୍କର ଜୀବନ ସ୍ୱରୂପ, ସର୍ବରୂପୀ ଆପଣଙ୍କୁ ନମସ୍କାର ।
ହେ କମଳାକାନ୍ତ ! ଆପଣଙ୍କୁ ନମସ୍କାର ।
ହେ କମଳଲୋଚନ ! ଆପଣଙ୍କୁ ପ୍ରଣାମ ।
ହେ ପଦ୍ମପଳାଶଲୋଚନ ! ହେ ପୁରୁଷୋତ୍ତମ ! ଆପଣଙ୍କୁ ବାରବାର ପ୍ରଣାମ କରୁଛି,
ମୋତେ ଆପଣ ରକ୍ଷା କରନ୍ତୁ ।




# ଶ୍ରୀକ୍ଷେତ୍ରେ ଶ୍ରୀଚୈତନ୍ୟ

● ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ପୁରୀଧାମ ଭାରତର ଧର୍ମ ଓ ଦର୍ଶନ ଇତିହାସରେ ମୁଖ୍ୟ ସ୍ଥାନ ଗ୍ରହଣ କରିଆସିଛି । ସମସ୍ତ ଧର୍ମ ପ୍ରଚାରକ ଏହି ପୁରୀ ଧାମକୁ ଆସି ଶ୍ରୀଜଗନ୍ନାଥଙ୍କ ପାଦପଦ୍ମତଳେ ସେମାନଙ୍କର ଉତ୍ସାହ ଓ ପ୍ରେରଣା ଲାଭ କରିଛନ୍ତି । ଏଠାକୁ ଶ୍ରୀ ଶଙ୍କରାଚାର୍ଯ୍ୟ ଆସି ଭକ୍ତି ଗଦ୍‌ଗଦ୍ ଭାବରେ 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ' ଅଷ୍ଟକ ରଚନା କରିଛନ୍ତି । ଶ୍ରୀରାମାନୁଜାଚାର୍ଯ୍ୟ ଆସି ଶ୍ରୀଜଗନ୍ନାଥ ମନ୍ଦିରର ପୂଜାବିଧିରେ ଅନେକ ପରିବର୍ତ୍ତନ ଆଣିଛନ୍ତି । ଶ୍ରୀରାମାନନ୍ଦ ମଧ୍ୟ ଆସିଛନ୍ତି । ସନ୍ଥ କବୀର ଆସି ତାଙ୍କର ପ୍ରସିଦ୍ଧ ଭଜନ 'ଠାକୁର ଭଲେ ବିରାଜହୋ' ରଚନା କରିଛନ୍ତି । ଶ୍ରୀ ନାନକ ଦେବ ଆସି ଶ୍ରୀଜଗନ୍ନାଥଙ୍କର ସନ୍ଧ୍ୟା ଆଳତୀ ସମୟରେ ତାଙ୍କର ପ୍ରସିଦ୍ଧ ଭଜନ 'ଗଗନ ମେଁ ଥାଲ' ରଚନା କରିଛନ୍ତି । ଏଠାକୁ ଆସିଛନ୍ତି ଶ୍ରୀବଲ୍ଲଭାଚାର୍ଯ୍ୟ, ଅନ୍ୟାନ୍ୟ ବୈଷ୍ଣବପନ୍ଥୀ, ଶ୍ରେଷ୍ଠ ଦାର୍ଶନିକ ଓ ଧର୍ମ ପ୍ରଚାରକଗଣ ଏବଂ ଆସିଛନ୍ତି ଶ୍ରୀଚୈତନ୍ୟ ଓ ଶ୍ରୀ ଶଙ୍କର ଦେବ । ଶ୍ରୀକ୍ଷେତ୍ରର ଶରଧାବାଲିକୁ ବହୁ ପ୍ରସିଦ୍ଧ ସନ୍ଥ ପବିତ୍ର କରିଛନ୍ତି ଓ ଏହା-ଦ୍ୱାରା ପବିତ୍ରିତ ମଧ୍ୟ ହୋଇଛନ୍ତି । କିନ୍ତୁ ସବୁଠାରୁ ବିଶେଷ ଭାବରେ ଶ୍ରୀଚୈତନ୍ୟଙ୍କ ସ୍ମୃତି ପୁରୀ ସହ ବିଜଡ଼ିତ ।

ଶ୍ରୀଚୈତନ୍ୟ ଦେବ ତାଙ୍କ ଜୀବନର ଶେଷ ଅଠର ବର୍ଷ କାଳ ଶ୍ରୀକ୍ଷେତ୍ର ପୁରୀଧାମରେ ଅତିବାହିତ କରିଥିଲେ । ପୁରୀରୁ ସେ ଅନ୍ୟ କେଉଁଆଡ଼େ ଯାଇ ନ ଥିଲେ । ଶ୍ରୀଗୁଣ୍ଡିଚା ସମୟରେ ପ୍ରତିଦିନ ପବିତ୍ର ଶରଧାବାଲିରେ ସେ କୀର୍ତ୍ତନ କରି ଯାତ୍ରା କରୁଥିଲେ । ଶ୍ରୀଜଗନ୍ନାଥଙ୍କର 'ହରେକୃଷ୍ଣ ହରେରାମ' ଜୟଗାନ କରି ଅଠର ବର୍ଷ କାଳ ନିଜର ଜୀବନ ବିତାଇ ଥିଲେ । ତେଣୁ ପୁରୀ, ପରମ ବୈଷ୍ଣବ ଶ୍ରୀଚୈତନ୍ୟଙ୍କ ନିକଟରେ ଏକ ମଧୁର ସ୍ମୃତି ବିଜଡ଼ିତ ତୀର୍ଥକ୍ଷେତ୍ର ।

ଅନେକେ କହନ୍ତି, ଶ୍ରୀଚୈତନ୍ୟ ବୃନ୍ଦାବନରେ ନ ରହି ପୁରୀରେ କାହିଁକି ରହିଲେ । ବୃନ୍ଦାବନରେ ରହିବା ପାଇଁ ତାଙ୍କର ଅନୁଚର ଭକ୍ତମାନେ ତାଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ତିନୋଟି କାରଣରୁ ସେ ତାହା ପ୍ରତ୍ୟାଖ୍ୟାନ କରିଦେଇଥିଲେ । ପ୍ରଥମଟି ହେଲା, ଗଜପତି ରାଜାଙ୍କ ସମୟରେ ପୁରୀ ଗୋଟିଏ ହିନ୍ଦୁ ରାଜ୍ୟ ଥିଲା । ହିନ୍ଦୁଧର୍ମ ପ୍ରଚାର କରିବା ପାଇଁ ଏହା ଥିଲା ପ୍ରଧାନ ଉପଯୋଗୀ ସ୍ଥାନ । ଦ୍ୱିତୀୟଟି ହେଉଛି, ଶ୍ରୀଚୈତନ୍ୟ ପୁରୀକୁ ନବବୃନ୍ଦାବନ ବୋଲି ବିଚାର କରିଥିଲେ । ସେ କହୁଥିଲେ, ଶ୍ରୀକୃଷ୍ଣ ସ୍ୱୟଂ ଜଗନ୍ନାଥଙ୍କ ରୂପରେ ଆବିର୍ଭୂତ ହୋଇଛନ୍ତି । ସର୍ବବାଦୀ ସମ୍ମତ ଧର୍ମ ପ୍ରଚାରକମାନେ ଶ୍ରୀଜଗନ୍ନାଥଙ୍କ ବିଭୂତି ବର୍ଣ୍ଣନା କରି ସ୍ୱୀକାର କରିଛନ୍ତି ଯେ ସତ୍ୟ ଯୁଗରେ ଶ୍ରୀ ବଦ୍ରୀନାରାୟଣ, ତ୍ରେତାରେ ଶ୍ରୀରାମଚନ୍ଦ୍ର, ଦ୍ୱାପରରେ ଶ୍ରୀକୃଷ୍ଣ ଏବଂ କଳିରେ ଶ୍ରୀଜଗନ୍ନାଥ । ତେଣୁ ଶ୍ରୀଜଗନ୍ନାଥଙ୍କର ବିଗ୍ରହରେ ସେ ଶ୍ରୀକୃଷ୍ଣଙ୍କୁ ଦେଖି ପାରିଥିଲେ ଏବଂ ଶ୍ରୀକୃଷ୍ଣଙ୍କର ସାକ୍ଷାତ ଦର୍ଶନ



ପାଇଁ ପୁରୀରେ ହିଁ ତାଙ୍କର ଶେଷ ଜୀବନ କଟେଇବା ସଙ୍କଳ୍ପ ସ୍ଥିର କରିଥିଲେ । ତୃତୀୟ କାରଣଟି ଥିଲା, ଶ୍ରୀଚୈତନ୍ୟ ଯେତେବେଳେ ସନ୍ନ୍ୟାସ ଗ୍ରହଣ କଲେ, ସେତେବେଳେ ତାଙ୍କ ମାତା ତାଙ୍କୁ ଅନୁରୋଧ କରି କହିଥିଲେ"ତୁମେ ପୁରୀରେ ଅବସ୍ଥାନ କର । ପ୍ରତିବର୍ଷ ରଥଯାତ୍ରା ଦେଖିବା ପାଇଁ ନଦିଆ ନବଦ୍ୱୀପରୁ ସନ୍ନ୍ୟାସୀମାନେ ଯାଉଛନ୍ତି । ସେମାନେ ଆସି ତୁମର ସମ୍ବାଦ ମୋତେ ଦେଇ ପାରିବେ । ତୁମର କୁଶଳ ସମ୍ବାଦ ମୁଁ ପାଇ ପାରିବି ।" ଏହି ତିନୋଟି କାରଣରୁ ଶ୍ରୀଚୈତନ୍ୟ ପୁରୀରେ ଅବସ୍ଥାନ କରିଥିଲେ ଏବଂ ପୁରୀରେ ହିଁ ତାଙ୍କର ଲୀଳା ପ୍ରଚାର କରିଥିଲେ । ବୈଷ୍ଣବ ଧର୍ମର ଏକ ପବିତ୍ର ପୀଠ ରୂପେ ପୁରୀ ସାରା ପୃଥିବୀରେ ଯେ ଆଜି ବିବେଚିତ ହେଉଛି, ତା'ର ପ୍ରଧାନ କାରଣ ହେଲା, ଶ୍ରୀଚୈତନ୍ୟଙ୍କ ଜୀବନରେ ଅଠର ବର୍ଷର ଲୀଳା ଏହି ପୁରୀଧାମରେ ହିଁ ପ୍ରକଟିତ ହୋଇଥିଲା ।

ବୈଷ୍ଣବମାନଙ୍କ ଯୋଗୁଁ ଓଡ଼ିଆ ଓ ଓଡ଼ିଆ ଜାତି ଦୁର୍ବଳ ହୋଇଯାଇଛି ବୋଲି କେତେକ ଯୁକ୍ତି କରନ୍ତି । କିନ୍ତୁ ଏହାଠାରୁ ବଳି ଅଯୌକ୍ତିକ କଥା ଆଉ କିଛି ନାହିଁ । ଏବେ ଆଉ କେହି ଏଭଳି ଯୁକ୍ତି କରୁନାହାନ୍ତି । କାରଣ ସମସ୍ତେ ଜାଣନ୍ତି, ବୈଷ୍ଣବ-ମାନେ ସେତେବେଳେ ନ ଥିଲେ ହିନ୍ଦୁଧର୍ମ ଲୁପ୍ତ ହୋଇଯାଇ ଥାଆନ୍ତା । କେତେକ ରକ୍ଷଣଶୀଳ ପଣ୍ଡିତମାନଙ୍କ ମଧ୍ୟରେ ଧର୍ମ ସୀମିତ ହୋଇ ରହିଥିଲା । ଧର୍ମ ପଣ୍ଡିତମାନେ ଧର୍ମର ତ୍ରୁଟିପୂର୍ଣ୍ଣ ବ୍ୟାଖ୍ୟା କରୁଥିଲେ । ସର୍ବସାଧାରଣଙ୍କ ମଧ୍ୟରେ ଧର୍ମର କୌଣସି ପ୍ରଚାର ନଥିଲା । ଲୋକେ ଧର୍ମର ଅନୁଶାସନ ଦ୍ୱାରା ନିପୀଡ଼ିତ ହେଉଥିଲେ । ସମାଜରେ ଏପରି ଅବସ୍ଥାର ସୁଯୋଗ ନେଇ ଭାରତବର୍ଷରେ ମୁସଲମାନ ଧର୍ମର ଅଭ୍ୟୁଦୟ ହୋଇଥିଲା । ତତ୍କାଳୀନ ରାଜା ଓ ନବାବ୍‌ମାନେ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ଧର୍ମାନ୍ତରିତ କରୁଥିଲେ । ସେ ସମୟରେ ଚୈତନ୍ୟଙ୍କର ଆବିର୍ଭାବ ହୋଇ ନ ଥିଲେ ଭାରତ-ବର୍ଷରେ ହିନ୍ଦୁଧର୍ମ ତିଷ୍ଠି ରହିପାରି ନଥାନ୍ତା । ସେ ଜନ-ସାଧାରଣଙ୍କ ମନରେ ଭକ୍ତିଭାବ ପ୍ରଚାର କରିଥିଲେ । ଜାତି-ଭେଦ ଲୋପ କରିଥିଲେ । ଏକଦା ଗୌତମ ବୁଦ୍ଧଙ୍କ ସମୟରେ ଜାତିଭେଦ ଲୋପ ହେବା ଦ୍ୱାରା ଏକ ମହାନ୍ ବୌଦ୍ଧ ଧର୍ମର ଅଭ୍ୟୁଦୟ ହୋଇଥିଲା । ସେଇଭଳି ଚୈତନ୍ୟଙ୍କ ଦ୍ୱାରା ଜାତି ଭେଦ ପୁନର୍ବାର ଲୁପ୍ତ ହେବା ଫଳରେ ବୈଷ୍ଣବ ଧର୍ମର ଅଭ୍ୟୁଦୟ ଘଟିଥିଲା । ସେତେବେଳେ ଲୋକେ ଗୋଟିଏ କଥା କହୁଥିଲେ, ଯାହାକି ଆଜି ଲୋକମୁଖରେ ଶୁଣାଯାଏ—"ବାରଜାତି ତେର ଗୋଲ, ବୈଷ୍ଣବ ହେଲେ ସବୁଗଲା ।" ଏହାର ଅର୍ଥ ବୈଷ୍ଣବ ଧର୍ମ ଆଗରେ ଅପାମର ଚଣ୍ଡାଳ, ଅପାମର ବ୍ରାହ୍ମଣ ସମସ୍ତେ ସମାନ । ବୈଷ୍ଣବ ଧର୍ମର ପ୍ରେମର ବନ୍ୟାରେ କେବଳ ଓଡ଼ିଶା ନୁହେଁ ସାରା ଭାରତବର୍ଷ ପ୍ଲାବିତ ହୋଇ ଯାଇଥିଲା ।

ଭାରତର ପରାଧୀନତାର ଅନ୍ଧକାର ଯୁଗରେ ବୈଷ୍ଣବ ଧର୍ମ ଓଡ଼ିଆ ଜାତିକୁ ପ୍ରେରଣା ଦେଇଥିଲା । ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆରେ ଭାଗବତ ରଚନା କରିଥିଲେ । ଏଥିପାଇଁ ତାଙ୍କୁ ନିଜ ଗ୍ରାମରେ ନିଜ ଲୋକଙ୍କ ଦ୍ୱାରା ନିପୀଡ଼ିତ ହେବା ପାଇଁ ପଡ଼ିଥିଲା । ଜଗନ୍ନାଥ ଦାସ ଲେଖିଥିଲେ—

"ପାମର ମୁହିଁ ତୁଚ୍ଛ ଭାଷା
କୃଷ୍ଣରେ କେବଳ ଭରସା ।"

ସେତେବେଳେ ଓଡ଼ିଆ ଭାଷାକୁ ଏକ ତୁଚ୍ଛ ଭାଷା ବୋଲି ବିଚାର କରାଯାଉଥିଲା । ବିଷ୍ଣୁଙ୍କ ପାଦପଦ୍ମରେ ଭକ୍ତିରଖି, କୃଷ୍ଣଙ୍କ ଉପରେ ଭରସା ରଖି ସେ ଭାଗବତ ରଚନା କରିଥିଲେ । 'ଦୀର୍ଘ ତିନିଶହ ବର୍ଷଧରି ପରାଧୀନତାର ଅନ୍ଧକାର ଭିତରେ ଓଡ଼ିଶାର ଗାଁ ଗାଁରେ ଭାଗବତ ଟୁଙ୍ଗିରେ ମିଞ୍ଜି ମିଞ୍ଜି ଆଲୁଅରେ ଜଗନ୍ନାଥ ଦାସଙ୍କ ଭାଗବତ ପୋଥି ଦ୍ୱାରା ହିଁ ଓଡ଼ିଆ ଜାତିର ସଂସ୍କୃତିକୁ ରକ୍ଷା କରାଯାଇ ପାରିଥିଲା । ସେଥିପାଇଁ ଓଡ଼ିଆଜାତି ଶ୍ରୀ ଚୈତନ୍ୟଙ୍କ ନିକଟରେ, ଶ୍ରୀ ଜଗନ୍ନାଥ ଦାସଙ୍କ ନିକଟରେ ଓ ବୈଷ୍ଣବମାନଙ୍କ ନିକଟରେ ଋଣୀହୋଇ ରହିବ ।


ଭାରତର ଶାଳୀନତା ଓ ସଂସ୍କୃତିକୁ ରକ୍ଷା କରିଛନ୍ତି ବୈଷ୍ଣବମାନେ । ଶ୍ରୀ ଚୈତନ୍ୟଙ୍କର ପ୍ରଧାନ ଉପଦେଶ ହେଉଛି; ସହିଷ୍ଣୁତା, ନମ୍ରତା ଓ ସମାଜର ଅସମ୍ମାନିତ ବ୍ୟକ୍ତିମାନଙ୍କୁ ସମ୍ମାନ ଦେବା । ସେ କହିଛନ୍ତି :

"ତୃଣାଦପି ସୁନୀଚେନ ତରୋରପି ସହିଷ୍ଣୁନା"

ଅସମ୍ମାନିତ ବ୍ୟକ୍ତିମାନଙ୍କୁ ସମାଜରେ ସମ୍ମାନ ଦିଅ । ତରୁଭଳି ନିଜେ ସହିଷ୍ଣୁ ହୁଅ । ଭାରତୀୟ ସଂସ୍କୃତିକୁ ଓ ଆର୍ଯ୍ୟ ଶାଳୀନତାକୁ ବୈଷ୍ଣବମାନେ ପ୍ରଚାରକରି ଶାଳୀନ ଆର୍ଯ୍ୟ ଧର୍ମରକ୍ଷା କରିଛନ୍ତି । ଧନ ଓ କ୍ଷମତାରେ ମତ୍ତ ହୋଇ ପୃଥିବୀର ବହୁଦେଶ ଆଜି ପ୍ରତି-ଯୋଗୀତାର ପାଲିରେ ଭଡ଼ା ହୋଇଛନ୍ତି । ଅଣୁଯୁଦ୍ଧର ବିଭୀଷିକା ସାରା ବିଶ୍ୱକୁ ଆତଙ୍କିତ କରୁଛି । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେଇ ଅବତାରୀ ପୁରୁଷଙ୍କର ମହନୀୟ ବାଣୀର ପ୍ରେରଣାରେ ଭାରତବର୍ଷରୁ ପ୍ରେମର ବନ୍ୟା ଛୁଟି ସମଗ୍ର ପୃଥିବୀକୁ ପ୍ଲାବିତ କରିପାରିବ ବୋଲି ଆଶା କରିବା ସ୍ୱାଭାବିକ ।

---

[ଶ୍ରୀ ଚୈତନ୍ୟଙ୍କ ପଞ୍ଚଶତବାର୍ଷିକୀ ଜୟନ୍ତୀ ଉପଲକ୍ଷେ ପୁରୀ ଶରଧା ବାଲିଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ ।]






# ମଣି ଦାସ

● ଶ୍ରୀ ରାଧାମୋହନ ପଟ୍ଟନାୟକ

ଶିରୀ କ୍ଷେତ୍ରର ମଣି ଦାସ ଥିଲା
ବଡ ଦେଉଳର ମାଳାକାର,
ଦାରୁ ଦେବତାରେ ମାଳା ଯୋଗାଇବା
ନିତି ନୀତି ଥିଲା ନୀତି ତାର ।
ଘରେ ରହିଥିଲେ ଆପଣି ବନିତା,
ଦୁଇଟି ପୁତ୍ର, ଗୋଟିଏ ଦୁହିତା,
ସୁଖ ଦୁଃଖରେ
ଚଳି ଯାଉଥିଲା
ପରିମିତ ତା'ର ପରିବାର;
ଶିରୀ କ୍ଷେତ୍ରର ମଣି ଦାସ ଥିଲା
ବଡ ଦେଉଳର ମାଳାକାର ।

୨


କଅଣ ହେଲା ଯେ ବରଷ ଭିତରେ
କପାଳ ତାହାର ଗଲା ଫାଟି,
ସହଧର୍ମିଣୀ ଆଖି ବୁଜି ଦେଲା
ନିଗୂଢ଼ ମମତା ମାୟା କାଟି ।
ଯେଉଁ ତିନି ଗୋଟି ସନ୍ତାନ ଥିଲେ,
ଗୋଟିକ ପଛରେ ଗୋଟିଏ ଗଳିଲେ,
ଶୂନ୍ୟ ଭିତରେ
ବିଜନ ପଥରେ
ଏକା ରହିଗଲା ମଣି ଦାସ,
ଜୀବନରେ ତା'ର ଦୁଃଖସହ ହେଲା
ଦୁଃଖ ବେଦନା ହା ହୁତାଶ ।

୩

ଆପଣାର ପାଖ ପଡୋଶୀ ଭିତରେ
ମଣି ଦାସ ଏବେ ଦୀନ ହୀନ,
ନୟନ ନୀରର ଭରା ଉଚ୍ଛ୍ୱାସେ
ଉବୁଟୁବୁ ହେଲା ନିଶିଦିନ ।
ଆଖି ଆଗେ ତାର ସବୁ ଗଲାଗୁଳି,
ସବୁଟରେ ସିଏ ଘାରି ହେଲା ଗ୍ଲାନି,
ବାଉଳା ପରାଏ
ଭୌତି ହେଉଥିଲା
ହଜିଥିଲା ତା'ର ଧନ କାହିଁ ?
ମିଳିଲା ନି ତାହା, ମିଳିଲା ନି ଆଉ
ଦିନ ପରେ ଦିନ ଖୁଜି ଖୁଜି ।

୪

ଅନ୍ତରେ ସିଏ ପାଇଲା କିନ୍ତୁ
ହଠାତ୍ ସେ ଏକ ଉଦଭାସ,
"ମଣି ପାଇଗଲି, ମଣି ପାଇଗଲି",
ଚିତ୍କାର କଲା ମଣି ଦାସ ।
ମରମେ ମରମେ ଧାର ସନ୍ଧାନେ
ସ୍ଥିର କରିଦେଲା ଚିର ସମାଧାନେ,
ଏତେ ଦିନ ଯାଏ
ଯେଉଁ ଦେବତାଙ୍କୁ
ସେବା କରୁଥିଲି ଫୁଲ ଦେଇ,
ସେଇ ଦେବତାଙ୍କୁ ଭଜିବି ମୁଁ ଆଜି
ମୋହରି ପ୍ରାଣର ସୁର ଦେଇ ।



୫

ନଡ଼ିଆ ଖଡେଇ ଦୁଇପାନ ଧରି
ପକାଇଲା ତା'ର କରତାଳି,
ଘୁଙ୍ଗୁର ମାଳ ଅତି ଖଣ୍ଡରେ
ବାନ୍ଧିଲା ନେଇଁ ପାଦେ ତାର ।
ଗରୁଡ଼ ସ୍ତମ୍ଭ ସମ୍ମୁଖ ଭାଗେ
ଦାରୁ ଦେବତାଙ୍କୁ ସ୍ମରି ଅନୁରାଗେ
କେତେ ରଙ୍ଗରେ
କେତେ ଢଙ୍ଗରେ
ହଲି ହଲି ହଲି ନାଚିଲା ସେ
କାଳିଆ ଠାକୁର-ବନ୍ଦନା-ଗୀତ
ଗାଇଲା, ଗାଇଲା, ଗାଇଲା ସେ ।

୬

କିଏ କେତେ ତହିଁ ଶିଖ ଦୀପ ଜାଳି
ଗରୁଡ଼ ସ୍ତମ୍ଭ-ପାଦ-ମୂଳେ,
କିଏ ଅବା ବିଧି-ଦରଶନ ସାରି
ଫେରି ଗଲେ ପୁଣି ନିଜ ପୁରେ ।
ସକାଳୁ ସକାଳୁ ମଣି ଯାଇଥିଲା
ଠାକୁର-ପ୍ରେମରେ ମଜି ଯାଇଥିଲା,
ଠାକୁର-ପହୁଡ଼
ପଡ଼ିଗଲା ପରେ
ମଣିଆ ତଥାପି ସେଇପରି,
ଘୁଙ୍ଗୁର ପାଦେ ନାଚୁଥିଲା ପୁଣି
ଗାଉଥିଲା ସିଏ ସ୍ୱର ଧରି ।

୭

ଗରୁଡ଼ ସ୍ତମ୍ଭ ଅଗ୍ର ଭାଗରେ
ଜଗମୋହନର ଗିରିରେ,
ପୁରାଣ ପଣ୍ଡା ଉଚ୍ଚସ୍ୱରରେ
ବିଷ୍ଣୁ ପୁରାଣ ପଢୁଥିଲେ ।
ଶ୍ରୋତାବୃନ୍ଦ ଚଉପାଶେ ଘେରି ରହି,
ଭଗବାନ ଧ୍ୟାନେ ଶୁଣୁଥିଲେ ତହିଁ,
ହଠାତ ସେଥିରେ
ବାଧା ଆଣି ଦେଲା
ମଣିଆର ବାଜା ନାଚ ଗୀତ;
ପୁରାଣ ପଣ୍ଡା ଶ୍ରୋତା ମଣ୍ଡଳୀ
ହୋଇଗଲେ ଭାରି ବିଚଳିତ ।

୮

"ମଣିଆରେ ତୁହି !" କହିଲା ଜଣେ
"ଜାଣୁ ନାହୁଁ କିରେ ଜାଣୁ ନାହୁଁ ?
ପୁରାଣ ଏଇଠି ପାଠ ହେଉଅଛି
କେତେ ଜଣାଇବୁ ତତେ ଆଉ ?
ବିଷ୍ଣୁ କହୁଛୁ ତୁହି ଜାଣି ଜାଣି
ମାତ ବତେଇ ଭାରି କଷ୍ଟ ହେଉଛି ?"

ତଥାପି ମଣିଆ
ଜାଣିଲା ନି ତାହା
ଶୁଣିଲା ନି କଥା କିଛି ହେଲେ,
ଏକାନରେ ପଶି ସେ କାନରେ ତାହା
ପଳାଇ ଯାଉଛି କେତେବେଳେ ।

୯

ପୁରାଣ ପଣ୍ଡା ଅନଳ ରାଗରେ
ପଦାଘାତ ଦେଇ ଉଠିଯାଇ
ମଣିଆର ବେକ ଧରି ପଗ୍ଚରିଲା–
ଶୁଣୁ ନାହିଁ କି ରେ ଶୁଣୁନାହିଁ ?"
କୋ'ର ସେକି ଦେଇ ଦୁଇ ଚପେଟିକା
ଗାଲ ଜାଳିଲା ଦହନର ଶିଖା,
ତଣ୍ଟିଆ ଏକ
ବସାଇଲା ପୁଣି
ପଡ଼ିଯାଇ ସେଠି ମଣି ଦାସ,
"ମରିଗଲି ପ୍ରଭୁ, ମରିଗଲି ପ୍ରଭୁ !"
ଡାକ ପକାଇଲା ହତଆଶ ।

୧୦

ଗଡ଼ି ଗଡ଼ି ହୋଇ ବହୁ କଷ୍ଟରେ
ଚଟାଣରୁ ଉଠି ବସିଲା ସେ,
ଆଘାତ ଆତେ ସଜଳ ଆଖିରେ
ବିକଳେ ଅନାଇ ଭାଷିଲା ସେ–
"କାଳିଆ ତୋହର ନାମ ନେଇ ନେଇ
ତୋହରି ଛାମୁରେ ପଡ଼ିଥିଲି ଏଇ,
ଦେଖୁଛୁ କଅଣ
ମୋର ଏ କଷଣ,
ଲାଞ୍ଛନା ଆଉ ଅପମାନ,
ନଡ଼ିଆ ଖଡେଇ ଫିଙ୍ଗି ଦେଉଛି,
କି ହେବ ମୋହର ତାନ ମାନ ?"

୧୧

ଦେଉଳ ଭିତରୁ ରାଗରେ ବାହାରି
ନିଜ କୁଟୀରକୁ ଫେରିଗଲା,
ଲୁହର ଲହରେ ଭୂଇଁରେ ଗଡ଼ିଲା,
ଆଉ କେଉଁ କୂଳ ଅଛି ଭଲା ?
"ଜଗତନାଥ ଆହେ ଦେବହରି
ବଞ୍ଚିଥିଲି ଏଠି ତୋ ଆଶରା ଧରି,
କଣଣରେ ଏଭଳି
କରିଲୁ କାଳିଆ,
ବଞ୍ଚିବି ଭଲା କାହିପାଇଁ ?
ଉପାସ ଭୋକରେ ମରିବି ଏଇଠି,
ଜୀବନ ମୋହର ଲୋଡ଼ା ନାହିଁ !"

୧୨

ସନ୍ଧ୍ୟା ଆସିଲା, ଘଣ୍ଟ ବାଜିଲା
ବଡ ଦେଉଳର ଚତ୍ୱରେ,
ଚଉଠା ଚି ଥିରେ ଜୋଛନା ବୁଡାଇ
ତମସା ଆସିଲା ସତ୍ୱରେ ।
ମଣିଆ ସେଇଠି ପଡ଼ି ଭୂଇଁ ତଳେ
ଭାସୁଥିଲା ଭରା ନୟନର ଜଳେ,
ଛାତିରେ ତାହାର
ପାଷାଣର ଭାର,
ଦୁଃଖ ବେଦନା ଅମାପ,
ଚିକଳେ ମଣିଆ ପାଗଳ ଭଳିଆ
କରୁଥିଲା କେତେ ପ୍ରଳାପ ।

୧୩

ଖୋରଧାର ରାଜ ମହଲ ଭିତରେ
ସପନରେ ଦାରୁ ଦେବତା
ଗଜପତି ରାଜା ଆଗରେ ନିଶାଥେ
ଶୁଣାଇଲେ ଏକ ବାରତା—
"ମଣି ଦାସ ପ୍ରିୟ ଭକ୍ତ ମୋହର,
ମୋର ଭଜନରେ ସଦା ବିହ୍ୱଳ;
ନଡ଼ିଆ ଖଡ଼େଇ
ତାଳ ଦେଇ ଦେଇ
ନାଚୁଥିଲା ସିଏ ଗାଉଥିଲା,
ନିରାହ ତାହାର ଗାଉଣା ବାଜଣା
ମୋର ମନ କେତେ ମୋହୁଥିଲା ।"

୧୪

କି ଦଶା ହାଇ ରେ ଭୋଗ୍ୱାଁ ସେ ଆଜି
ପୁରୁଷୋ ମ କ୍ଷେତ୍ରରେ
ଚଞ୍ଚଳ ଯାଇ ଆହେ ନରପାଳି
ଦେଖ ଯାଇ ନିଜ ନେତ୍ରରେ ।
ଭକ୍ତକୁ ମୋର ଦିଅ ଆଶ୍ୱାସ,
ପୋଛି ଦିଅ ତା'ର ଯାହା କିଛି ତ୍ରାସ,
ଭକ୍ତ ମଥାରେ
ଶାଢୀ ଦିଅ ବାନ୍ଧେ,
ଭକ୍ତକୁ ଦିଅ ସନମାନ,
ତେବେ ସିନା ଯାଇ ହେ ମୋର ରାଉତ
ତୃପ୍ତି ଲଭିବ ମୋର ପ୍ରାଣ ।

୧୫

ତୁମ୍ଭେଚି ହାତୁ ମାଡ ଗାଳି ଖାଇ
ଭକ୍ତ ମୋହର ଅପମାନେ,
ଭାଙ୍ଗି ଦେଲା ସେ ନଡ଼ିଆ ଖଡ଼େଇ
ମୋହରି ଆଡକୁ ଅଭିମାନେ ।
ଆଣି ଦେଇ ଅଛି ଆହେ ନରପାଳ
ପ୍ରିୟତମ ତା'ର ସେଇ କରତାଳ;
ତୁମରି କଟିରେ
ଖାଡ଼ି ଯାଉ ଅଛି,
ଦିଅ ନେଇ ତା'ର ହସ୍ତରେ,
ନାଚିବ ଗାଇବ ତାଳ ଦେବ ସିଏ
ବଡ ଦେଉଳର ଚତ୍ୱରେ ।

୧୬

ତୁମର ପୁରାଣ ପଣ୍ଡାଙ୍କୁ କୁହ
ଆଜିଠାରୁ ଆଉ କେବେ ହେଲେ,
ଶିରୀ ମନ୍ଦିରେ ପୁରାଣ ନ ପଢ଼ି
ପଢ଼ିବ ଲକ୍ଷ୍ମୀ—ଦେଉଳରେ ।
ମୋହରି ଛାମୁରେ ମୋହରି ଭକତେ
ନାଚିବେ, ଗାଇବେ, ମନର ଉଲ୍ଲସେ,
ଚକା ନୟନରେ
ଦେଖୁଥିବି ତାହା,
ଶୁଣୁଥିବି ମୋର ଅନ୍ତରେ
ଉଠ ଗଜପତି ଶିରୀକ୍ଷେତ୍ରକୁ
ଯାଅ ଏବେ ତୁମେ ସତ୍ୱରେ ।

୧୭

ସୈନିକ ମେଳେ ଘୋଟକ ଛୁଟାଇ
ନୀଳାଚଳେ ଗଲେ ଗଜପତି,
ଠାକୁର ଆଜ୍ଞା ପାଳିଲେ ଅଚିରେ
ଶୁଣିଥିଲେ ଯାହା ଯେଉଁ ମତି ।
ଭକତର ଘର ଠାବ କରି ଶେଷେ
ଭେଟିଲେ ତାହାଙ୍କୁ ସଦନ ଦ୍ୱାରେ,
ଭକତଶିରେ
ପାଗ ବାନ୍ଧିଲେ
କରେ ଟେକି ଦେଲେ କରତାଳ—
"ଜୟ ତୁ କାଳିଆ, ଜୟ ତୁ ମଣିଆ",
ମନ୍ଦିର ପଥେ ପଦ୍ମଥାଳ ।

୧୮

ଶିରୀ କ୍ଷେତ୍ରର ମଣି ଦାସ ଆଜି
ପ୍ରଭୁର ମହାନ୍ ଭକ୍ତ,
ଭକ୍ତ ପରାଏ ଭକ୍ତ ଉପରେ
ପ୍ରଭୁ ପୁଣି ଅନୁରକ୍ତ;
ମଣି ଦାସ ପୁଣି ଅତି ସନ୍ତୋଷରେ
ନାଚୁଛି, ଗାଉଛି ଠାକୁର ଆଗରେ,
ଠାକୁର ଦେଖୁଛି
ଠାକୁର ଶୁଣୁଛି,
ତନ୍ମୟ ପ୍ରେମାସକ୍ତ
ଶିରୀ କ୍ଷେତ୍ରର ମଣି ଦାସ ଆଜି
ପ୍ରଭୁର ମହାନ ଭକ୍ତ ।

ଉପସଭାପତି,
ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।



ଫୋ ନଂ-୫୩୦୮୩
୫୦୦୯୨

GRAM-HANDFAB
TELEX-675-277OHDC

## ସୁରୁଚି ପରିଧେୟ ପାଇଁ ସୁପରିଚିତ

# "ଓଡ଼ିଶୀ"

## ଓଡ଼ିଶାର ଗୌରବ

### କୁଶଳୀ ବୁଣାକାର ଓ ଦେଶବାସୀଙ୍କର ସେବାରେ ନିୟୋଜିତ

ଏଠାରେ ସମସ୍ତ ପ୍ରକାର ହସ୍ତତନ୍ତ ବସ୍ତ୍ର ଯଥା--ଶିଲ୍କ, ଟସର, ବାପ୍ତା ଓ ସୂତା ଶାଢ଼ୀ, ବିଛଣା ଚଦର, ପୋଷାକ କପଡ଼ା, ଏବଂ ଜନତା ଧୋତି, ଶାଢ଼ୀ ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ

ବିଶେଷ ଆକର୍ଷଣ--ପଲ୍ଲୀବସ୍ତ୍ର ସୁଟିଂ ଓ ସାର୍ଟିଂ

ପର୍ବ ପର୍ବାଣୀମାନଙ୍କରେ
**୨୦%** ସରକାରୀ ରିହାତିର ସୁଯୋଗ ନିଅନ୍ତୁ ।

**ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିଃ**
**ହସ୍ତତନ୍ତ ଭବନ**
ଜନପଥ, ଶହୀଦନଗର ଭୁବନେଶ୍ୱର-୭୫୧୦୦୭

# ସ୍ନାନଯାତ୍ରା : ପରଂବ୍ରହ୍ମଙ୍କ ଐଶ୍ୱର୍ଯ୍ୟ ଲୀଳା



ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

ପରତତ୍ତ୍ୱ ପରଂବ୍ରହ୍ମ ଅଣାକାର, ଅଲେଖ, ଜ୍ୟୋତିସ୍ୱରୂପ ହୋଇ ମଧ୍ୟ ସେ ଯୁଗପତ୍ ସ୍ୱକୀୟ ଚିଦାନନ୍ଦଧାମ ଗୋଲୋକରେ ବିଳାସ ବିଗ୍ରହଧାରୀ ଲୀଳା ପୁରୁଷୋତ୍ତମ । ସେହି ଲୀଳା ପୁରୁଷୋତ୍ତମ "ଲୋକବତ୍ ତୁ ଲୀଳା-କୈବଲ୍ୟମ୍" ଅର୍ଥାତ୍ ମନୁଷ୍ୟବତ୍ ଲୀଳାରସ ଆସ୍ୱାଦନ ନିଜେ କରିବା ପାଇଁ ତଥା ସାଧକ ଭକ୍ତମାନଙ୍କୁ ଆସ୍ୱାଦନ କରାଇବା ପାଇଁ ଲୀଳା ମନୁଷ୍ୟ ବିଗ୍ରହ ଧାରଣ କରି ପ୍ରକଟିତ ହୋଇ ଥାଆନ୍ତି । ତଥାପି ସେହି ମାନବତନୁ ସାଧାରଣ ମାନବ ତନୁ ନୁହେଁ । ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ ନିଜ ମନୁଷ୍ୟ ଦେହ ଧାରଣ ସଂପର୍କରେ ନିଜେଇ ବ୍ୟକ୍ତ କରିଛନ୍ତି—

ଜନ୍ମ କର୍ମ ଚ ମେ ଦିବ୍ୟମ୍
ଏବଂ ଯୋ ବେତ୍ତି ତତ୍ତ୍ୱତଃ
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ
ନୈତ୍ୟ ମାମେତି ସୋଽର୍ଜ୍ଜୁନଃ ।। ଗୀ ୪ । ୯

ମାନବ ଜନ୍ମ କର୍ମପରି ସ୍ୱୟଂ ଭଗବାନ୍ କୃଷ୍ଣଙ୍କର ଜନ୍ମକର୍ମ ନୁହେଁ, ତାହା ଦିବ୍ୟ । ଅର୍ଥାତ୍ ଅଲୌକିକ ତତ୍ତ୍ୱତ ପରାନୁଗ୍ରହାର୍ଥ (ଶ୍ରୀଧର ସ୍ୱାମୀ) ବା ଅପ୍ରାକୃତ ନିତ୍ୟ (ବଳଦେବ ବିଦ୍ୟାଭୂଷଣ) । ଏଥିରୁ ପ୍ରତୀତ ହୁଏ ଭଗବାନ୍ ବା ତାଙ୍କର ଅବତାରମାନଙ୍କର ଜନ୍ମଲୀଳା ପଞ୍ଚଭୌତିକ ନୁହେଁ । ତାହା ମାନବ ଓ ସର୍ବଜୀବର ମଙ୍ଗଳ ନିମିତ୍ତ ଉଦ୍ଦିଷ୍ଟ । ସୁତରାଂ ଭଗବାନ କୃଷ୍ଣଙ୍କୁ ମାନବ ସାଧାରଣ କଳ୍ପନା କରିବା ଏକ ପ୍ରଚଣ୍ଡ ଅପରାଧ । ଏହି ଲୀଳା ବିଗ୍ରହ ଧାରଣାଦି ବ୍ୟାପାରକୁ ଅନିତ୍ୟ ଦେହଧାରଣ ସହିତ ସମାନ ମନେକଲେ ମନୁଷ୍ୟ ନିଶ୍ଚିତ ଭାବରେ ନରକଗାମୀ ହୁଏ । ତାହାମଧ୍ୟ ସ୍ୱୟଂ ଭଗବାନ୍ ନିଜମୁଖରେ ବ୍ୟକ୍ତ କରିଛନ୍ତି—

ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତଃ
।। ଗୀ ୯ । ୧୧ ।।


ଯେଉଁମାନେ ମୋତେ ସାଧାରଣ ମାନବ ଦେହଧାରୀ ବୋଲି ଅବଜ୍ଞା କରନ୍ତି, ସେମାନେ ମୂଢ଼ ବା ମୂର୍ଖ । ଯେଉଁମାନେ ନିଜର ଜଡ ପ୍ରଜ୍ଞା ବା ବୁଦ୍ଧି ବଳରେ ଭଗବାନଙ୍କୁ ମନୁଷ୍ୟବତ୍ କଳ୍ପନା କରନ୍ତି, ସେମାନେ ପଣ୍ଡିତ ନୁହଁନ୍ତି, ମୂର୍ଖ—ଏହାହିଁ ଭଗବଦ ବାକ୍ୟ ।

ସେହିପରି ଭଗବାନଙ୍କର ମୂର୍ତ୍ତି ବା ପ୍ରତିମା ମଧ୍ୟ ସାଧାରଣ ପ୍ରସ୍ତର ବା କାଷ୍ଠ ନୁହେଁ ଶ୍ରୀ ଚୈତନ୍ୟଦେବଙ୍କ ଦୃଷ୍ଟିରେ ଦାରୁବ୍ରହ୍ମ ଜଗନ୍ନାଥ—

ପ୍ରତିମା ନହ ତୁମି ସାକ୍ଷାତ୍ ବ୍ରଜେନ୍ଦ୍ରନନ୍ଦନ । ଭଗବାନଙ୍କର ନାମ, ଅର୍ଚ୍ଚ ବିଗ୍ରହ ବା ପ୍ରତିମା ଏବଂ ସ୍ୱରୂପ—ଏହି ତିନୋଟି ଏକ ଏବଂ ଅଭିନ୍ନ ।

ନାମ ବିଗ୍ରହ ସ୍ୱରୂପ ତିନି ଏକରୂପ
ତିନେ ଭେଦନାହିଁ ତିନ ଚିଦାନନ୍ଦରୂପ ।
—ଶ୍ରୀ ଚୈତନ୍ୟ ଚରିତାମୃତ

ପରଂବ୍ରହ୍ମ ପରତତ୍ତ୍ୱ ଭଗବାନଙ୍କର ଏହି ଅବତରଣଲୀଳା ମୁଖ୍ୟତଃ ଦ୍ୱିବିଧ—୧ । ଦେବ, ମନୁଷ୍ୟ ବା ମନୁଷ୍ୟେତର ପ୍ରାଣୀ ଦେହଧାରଣ ୨ । ଶୈଳୀ ଦାରୁମୟୀ ପ୍ରଭୃତି ଅର୍ଚ୍ଚ ବିଗ୍ରହ ।



ଭଗବାନ୍ ଶ୍ରୀକୃଷ୍ଣ ସମସ୍ତ ଐଶ୍ୱର୍ଯ୍ୟ, ସମଗ୍ର ମାଧୁର୍ଯ୍ୟ ଓ ସମଗ୍ର ଔଦାର୍ଯ୍ୟର ପରିପୂର୍ଣ୍ଣତମ ବିଗ୍ରହ । ନିତ୍ୟ ବୈକୁଣ୍ଠରେ ଏବଂ ଧର୍ମର ଚାରିପଦଯୁକ୍ତ ସତ୍ୟ ଯୁଗରେ ସେ ପରିପୂର୍ଣ୍ଣ ଐଶ୍ୱର୍ଯ୍ୟ ବିଗ୍ରହ । ତ୍ରେତାଯୁଗରେ ଧର୍ମ ତିନିପାଦ । ଏହିଯୁଗରେ ସେ ରାମଚନ୍ଦ୍ର ରୂପରେ ମର୍ଯ୍ୟାଦା ପୁରୁଷୋତ୍ତମ । ଏହି ଅବତାର ଏବଂ ଏହିଯୁଗରେ ଅନ୍ୟାନ୍ୟ ଅବତାରରେ ତାଙ୍କର ଐଶ୍ୱର୍ଯ୍ୟମୟତା କିଞ୍ଚିତ୍ ଆଚ୍ଛାଦିତ । କିନ୍ତୁ ମାଧୁର୍ଯ୍ୟର ଅରୁଣୋଦୟ ମାତ୍ର । ଧର୍ମର ଦୁଇପାଦଯୁକ୍ତ ଦ୍ୱାପର ଯୁଗରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ସମ୍ମିଶ୍ରଣ । ଦ୍ୱାପର ଶେଷ ପାଦରେ ସେ ଯେଉଁ ମନ୍ୱନ୍ତରରେ ଭୌମ ବୃନ୍ଦାବନ ବିହାରୀରୂପେ ଗୋଲକସ୍ଥିତ ଯାବତୀୟ ନିତ୍ୟଲୀଳା ଓ ପରିକର ସହ ଅବତୀର୍ଣ୍ଣ ହୁଅନ୍ତି, ସେତେବେଳେ ତାଙ୍କର ଲୀଳାରେ ସମଗ୍ର ଐଶ୍ୱର୍ଯ୍ୟ ଓ ସମଗ୍ର ମାଧୁର୍ଯ୍ୟ ପ୍ରକଟିତ ହୋଇଥାଏ ।

ଭୌମ କୃଷ୍ଣଲୀଳାର ପୁନଶ୍ଚ ତିନୋଟି ପ୍ରକାଶ (Manifestation) ଦ୍ୱାରକେଶ କୃଷ୍ଣ, ମଥୁରେଶ କୃଷ୍ଣ ଓ ବୃନ୍ଦାବନ ବିହାରୀ କୃଷ୍ଣ । ଏ ସମସ୍ତ ପ୍ରକାଶହିଁ ଭଗବତ୍ତାର ପୂର୍ଣ୍ଣତମ ପ୍ରକାଶ, କିନ୍ତୁ କିଞ୍ଚିତ୍ ତାରତମ୍ୟଯୁକ୍ତ । ଦ୍ୱାରକେଶ କୃଷ୍ଣ—ଐଶ୍ୱର୍ଯ୍ୟପ୍ରଧାନ ମାଧୁର୍ଯ୍ୟମିଶ୍ର, ମଥୁରେଶ କୃଷ୍ଣ ମାଧୁର୍ଯ୍ୟ ପ୍ରଧାନ ଐଶ୍ୱର୍ଯ୍ୟମିଶ୍ର, କିନ୍ତୁ ବୃନ୍ଦାବନ ବିହାରୀ କୃଷ୍ଣ କେବଳ ମାଧୁର୍ଯ୍ୟ ବିଗ୍ରହ, ସେ ପ୍ରକାଶରେ ଐଶ୍ୱର୍ଯ୍ୟର କୌଣସି ପ୍ରକାଶ ନାହିଁ । ବୃନ୍ଦାବନ-କୃଷ୍ଣଙ୍କ କୌଣସି ସମୟରେ ସେହି ଶ୍ୟାମ କିଶୋର ନଟବର ବପୁର ପରିବର୍ତ୍ତନ ହୁଏ ନାହିଁ । ଏପରିକି ପୂତନା, ଅଘାସୁର ବକାସୁର ପ୍ରଭୃତିଙ୍କୁ ମାରିବା ସମୟରେ ମଧ୍ୟ ସେହି ମାନବ ଶିଶୁ ବା କିଶୋର ବୟସର ସୁନ୍ଦର ସୁଠାମ ବପୁ । କୌଣସି ସମୟରେ ମଧ୍ୟ ଶଂଖ-ଚକ୍ର-ଗଦା-ପଦ୍ମାଦି ସହ ଚତୁର୍ହସ୍ତ ବିଶିଷ୍ଟ ରୂପେ ତାଙ୍କୁ ବ୍ରଜବାସୀ ଭକ୍ତବୃନ୍ଦ ଦେଖନ୍ତି ନାହିଁ । ଦେଖିଲେ ମଧ୍ୟ ବିଶ୍ୱାସ କରନ୍ତି ନାହିଁ । ବ୍ରଜବାସୀମାନଙ୍କର ପ୍ରେମର ଗାଢ଼ତା ଏପରି ପ୍ରଖର ଯେ, କୃଷ୍ଣ ନିଜେ ଚତୁର୍ଭୁଜ ନାରାୟଣ ରୂପରେ ସେମାନଙ୍କ ନିକଟରେ ଆବିର୍ଭୂତ ହେଲେ ସେମାନେ ଇଏ କୃଷ୍ଣ ନୁହଁନ୍ତି, ନାରାୟଣ—ଏହା କହି ସେ ନମସ୍କାର କରି ଚାଲି ଯାଆନ୍ତି ।

ଭଗବତ୍ତାର, ଏହି ଯାବତୀୟ ପ୍ରକାଶରେ ଅର୍ଥାତ୍ ସମସ୍ତ ଅବତାରରେ ଔଦାର୍ଯ୍ୟ ବା କାରୁଣ୍ୟ ନିଶ୍ଚିତ ରୂପେ ରହିଥାଏ ଅର୍ଥାତ୍ ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ ଓ ଔଦାର୍ଯ୍ୟ—ଏହି ତିନୋଟି ମିଶ୍ରିତ ଥାଏ । କେଉଁ ଅବତାରରେ ଐଶ୍ୱର୍ଯ୍ୟ ବେଶୀ, କେଉଁ ଅବତାରରେ ମାଧୁର୍ଯ୍ୟ ବେଶୀ କିନ୍ତୁ ଔଦାର୍ଯ୍ୟ ସର୍ବତ୍ର ବିଦ୍ୟମାନ । ବାସ୍ତବ କଥା ହେଉଛି, ଯାବତୀୟ ଅବତାରର ମୂଳ କାରଣ ଔଦାର୍ଯ୍ୟ ବା କାରୁଣ୍ୟ । ଏହି କାରୁଣ୍ୟ ସଦ୍‌ଗୁଣହିଁ ଭଗବାନଙ୍କୁ ନିଜ ବୈକୁଣ୍ଠ ଗୋଲକ ଛାଡ଼ି ବିଶ୍ୱବ୍ରହ୍ମାଣ୍ଡରେ ଅବତୀର୍ଣ୍ଣ କରାଇଥାଏ । ଗୀତାରେ ଶ୍ରୀଭଗବାନ୍ ଏହା ନିଜ ମୁଖରେ ସ୍ୱୀକାର କରିଛନ୍ତି—

ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

ଏହି ହେତୁ ଯାବତୀୟ ଅବତାର ଗ୍ରହଣର ମୂଳ କାରଣ ହେଲେ ମଧ୍ୟ କୃଷ୍ଣରୂପେ ଅବତାର ଗ୍ରହଣର ଅନ୍ୟ ଏକ ମୁଖ୍ୟ କାରଣ ମଧ୍ୟ ଅଛି ।


କୃଷ୍ଣଙ୍କ ଅବତାର ଗ୍ରହଣର ଦାର୍ଶନିକ ଓ ରସତାତ୍ତ୍ୱିକ ସିଦ୍ଧାନ୍ତ ଆଲୋଚନା ବ୍ୟପଦେଶରେ ଶ୍ରୀ କୃଷ୍ଣଦାସ କବିରାଜ ଗୋସ୍ୱାମୀ । ଶ୍ରୀମଦ୍‌ଭଗବତ ଗୀତାର ପରିତ୍ରାଣାୟ ଶ୍ଳୋକର ବିଶେଷ ତାତ୍ପର୍ଯ୍ୟ ନିମ୍ନ ପଂକ୍ତିଗୁଡ଼ିକରେ ପ୍ରକାଶ କରିଛନ୍ତି—

ପୂର୍ବେ ଯେନ ପୃଥିବୀର ଭାର ହରିବାରେ ।
କୃଷ୍ଣ ଅବତୀର୍ଣ୍ଣ ହୈଲା ଶାସ୍ତ୍ରେତେ ପ୍ରଚାରେ ॥
ସ୍ୱୟଂ ଭଗବାନେର କର୍ମନହେ ଭାରହରଣ ।
ସ୍ଥିତିକର୍ତ୍ତା ବିଷ୍ଣୁ କରେ ଜଗତ୍ ପାଳନ ॥
କିନ୍ତୁ କୃଷ୍ଣେର ଯେଇ ହୟ ଅବତାର କାଲ ।
ଭାରହରଣ କାଲ ତାତେ ହଇଲ ମିଶାଲ ॥
ପୂର୍ଣ୍ଣ ଭଗବାନ ଅବତାରେ ଯେଇ କାଲେ ।
ଆର ସବ ଅବତାର ତାତେ ଆସିମିଲେ ॥
ନାରାୟଣ-ଚତୁର୍ବ୍ୟୂହ ମତ୍ସ୍ୟାଦ୍ୟବତାର ।
କୂର୍ମ-ମନ୍ୱନ୍ତରାବତାର ଯତ ଆଛେ ଆର ॥
ସବେ ଆସି କୃଷ୍ଣ ଅଙ୍ଗେ ହୟ ଅବତୀର୍ଣ୍ଣ ।
ଐଛେ ଅବତରେ କୃଷ୍ଣ ଭଗବାନ ପୂର୍ଣ୍ଣ ॥
ଅତଏବ ବିଷ୍ଣୁ ତଖନ କୃଷ୍ଣେର ଶରୀରେ ।
ବିଷ୍ଣୁଦ୍ୱାରେ କୃଷ୍ଣକରେ ଅସୁର ସଂହାରେ ॥
ଆନୁଷଙ୍ଗ କର୍ମ ଏଇ ଅସୁରମାରଣ ।
ଯେ ଲାଗି ଅବତାର କହି ସେ ମୂଳ କାରଣ ॥

ବସ୍ତୁତଃ "ବିନାଶାୟ ଚ ଦୁଷ୍କୃତାମ" ଏକାର୍ଯ୍ୟ ସ୍ୱୟଂ ଭଗବାନ୍ କୃଷ୍ଣଙ୍କର ନୁହେଁ । କୃଷ୍ଣଙ୍କ ଶ୍ରୀଅଙ୍ଗରେ ମିଶ୍ରିତ ନାରାୟଣ-ବିଷ୍ଣୁ-ନରସିଂହାଦି ଅବତାର ସେହି କାର୍ଯ୍ୟ ସଂପାଦନ କରନ୍ତି । ସୁତରାଂ କୃଷ୍ଣଙ୍କ ଅବତାର ଗ୍ରହଣର ମୂଳ କାରଣ ଅନ୍ୟ । ତାହା ହେଉଛି—

ପ୍ରେମରସ ନିର୍ଯ୍ୟାସ କରିତେ ଆସ୍ୱାଦନ
ରାଗମାର୍ଗ ଭକ୍ତିଲୋକେ କରିତେ ପ୍ରଚାରଣ ।
ରସିକଶେଖର କୃଷ୍ଣ ପରମ କରୁଣ
ଏଇ ଦୁଇହେତୁ ହେତେ ଇଚ୍ଛାର ଉଦ୍‌ଗମ ।
ଐଶ୍ୱର୍ଯ୍ୟଜ୍ଞାନେ ସବ ଜଗତ୍ ମିଶ୍ରିତ
ଐଶ୍ୱର୍ଯ୍ୟଶିଥିଳ ପ୍ରେମେ ନାହିଁ ମୋର ପ୍ରୀତ ।
ଆମାକେ ଈଶ୍ୱରମାନେ, ଆପନାକେ ହୀନ
ତାର ପ୍ରେମେ ବଶ ଆମି ନାହଇ ଅଧୀନ ।

କୃଷ୍ଣଙ୍କ ରସିକଶେଖରତ୍ୱ ଓ ପରମକରୁଣତ୍ୱ—ଏଇ ଦୁଇ ବିଶିଷ୍ଟ ଗୁଣ ପରସ୍ପର ବିରୋଧୀ ନୁହେଁ । ରସିକ ଶେଖରତ୍ୱ



ମୂଳରେ ମଧ୍ୟ ଏଇ କରୁଣତ୍ୱ ରହିଛି । ସେଇ କରୁଣା ଓ ଉଦାର ସ୍ୱରୂପର ପ୍ରକାଶ ହୋଇଛି—

ଆପନାକେ ବଡ଼ମାନେ ଆମାରେ ସମହୀନ
ସେଇଭାବେ ହଇଆମ ତାହାର ଅଧୀନ ।

ଭକ୍ତ ଯଦି ପ୍ରେମାଧିକ୍ୟବଶତଃ କୃଷ୍ଣଙ୍କୁ ଈଶ୍ୱରଜ୍ଞାନ ନକରି ନିଜର ଅତି ପ୍ରିୟ ପୁତ୍ର, ସଖା ବା ପ୍ରେମିକରୂପେ ଗ୍ରହଣ କରି ନିଷ୍ପ୍ରୟ ପ୍ରେମସେବା କରେ, ତେବେ କୃଷ୍ଣ ସେଇ ପ୍ରେମର ଅଧୀନ ହୋଇ ବଶ୍ୟତା ସ୍ୱୀକାର କରନ୍ତି । ଏଇ ବଶ୍ୟତା ସ୍ୱୀକାର ତାଙ୍କ ଐଶ୍ୱର୍ଯ୍ୟକୁ ପରିପୂର୍ଣ୍ଣରୂପେ ଆଚ୍ଛାଦିତ କରି ମାଧୁର୍ଯ୍ୟମଣ୍ଡିତ କରାଏ ବୋଲି ସଂଭବ ହୁଏ ।

ମାତା ମୋରେ ପୁତ୍ରଭାବେ କରେନ ବନ୍ଧନ
ଅତିହୀନ ଜ୍ଞାନେ କରେ ଲାଳନପାଳନ ।
ପ୍ରିୟା ଯଦି ମାନକରି କରୟେ ଭର୍ତ୍ସନ
ବେଦସ୍ତୁତି ହିତେ ସେଇ ହରେ ମୋର ମନ ।

ଗାଳି ଶୁଣଇ ଗୋପୀମୁଖେ । ବେଦ ନଶୁଣେ ତେତେ ସୁଖେ ।
(ଭୂପତି ପଣ୍ଡିତ)

ପରଂବ୍ରହ୍ମ ପରାତ୍ପର ସର୍ବନିୟନ୍ତା ସ୍ୱୟଂ ଭଗବାନଙ୍କର ଏତ ଦୃଢ଼ ପ୍ରେମବଶ୍ୟତା ମୂଳରେ କେବଳ ସେହି କରୁଣା ବା ଔଦାର୍ଯ୍ୟଗୁଣ ବିଦ୍ୟମାନ ।

ଦ୍ୱାପର ଯୁଗର ଶେଷପାଦରେ ସ୍ୱୟଂ ଭଗବାନ କୃଷ୍ଣ ମାଧୁର୍ଯ୍ୟ ସହିତ ଯେଉଁ ଔଦାର୍ଯ୍ୟଲୀଳା ପ୍ରକଟ କଲେ ତାହାରହିଁ ପରିଶିଷ୍ଟ ଲୀଳା କଳିଯୁଗରେ ଶ୍ରୀ ଜଗନ୍ନାଥ ରୂପରେ ପ୍ରକାଶ କରି ସମଗ୍ର ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ ଓ ଔଦାର୍ଯ୍ୟ ଲୀଳା ବିସ୍ତାର କଲେ । ଏହାହିଁ ଦାରୁବ୍ରହ୍ମ ଜଗନ୍ନାଥ ବିଗ୍ରହରୂପେ ସ୍ୱୟଂ ଭଗବାନ କୃଷ୍ଣଙ୍କର ଅବତରଣର ମୁଖ୍ୟ କାରଣ । ମାଧୁର୍ଯ୍ୟମଣ୍ଡିତ ଔଦାର୍ଯ୍ୟ ଲୀଳାର ପ୍ରକାଶ ହେଲା ଦ୍ୱାପର ଶେଷରେ । ସେହି ଲୀଳାର ପରିପୂର୍ଣ୍ଣ ବିସ୍ତାର ହେଲା କଳିଯୁଗରେ ଜଗନ୍ନାଥ ଲୀଳାରେ ।

ନୀଳାଚଳ ବିହାରୀ ଶ୍ରୀ ଜଗନ୍ନାଥ ଏକାଧାରରେ ସମଗ୍ର ଐଶ୍ୱର୍ଯ୍ୟ । ସମଗ୍ର ମାଧୁର୍ଯ୍ୟ ଓ ସମଗ୍ର ଔଦାର୍ଯ୍ୟର ଅପୂର୍ବ ସମନ୍ୱିତ ବିଗ୍ରହ । ଏ ଲୀଳାରେ ଐଶ୍ୱର୍ଯ୍ୟର ପ୍ରକାଶ ଯେପରି ବୈକୁଣ୍ଠର ଐଶ୍ୱର୍ଯ୍ୟକୁ ସାକ୍ଷାତ୍ ପୃଥିବୀରେ ଅବତରଣ କରାଇଛି । ଶ୍ରୀଜଗନ୍ନାଥଙ୍କର ଛାପନ ପୌଟି ଅନ୍ନ ଭୋଗ ଗ୍ରହଣ, ଯାବତୀୟ ମୂଲ୍ୟବାନ୍ ଅଳଙ୍କାର—ହୀରା, ନୀଳା, ମୋତି, ମାଣିକ୍ୟର ସମାବେଶରେ ରାଜକୀୟ ଥାଟ, ସ୍ନାନଯାତ୍ରା ଓ ପର୍ବ ପର୍ବାଣୀରେ ରାଜକୀୟ ଥାଟରେ ଦୋଳାରୋହଣ କରି ଶୁଭ ବିଜୟ—ସମସ୍ତହିଁ ବୈକୁଣ୍ଠର ଐଶ୍ୱର୍ଯ୍ୟର ଅନୁରୂପ । ପୁନଶ୍ଚ ସେହି ବିଗ୍ରହ ଅଣସରାଦି ସମୟ ବିଶେଷରେ ଯେପରି ସର୍ବସାଧାରଣ ସେବକମାନଙ୍କୁ ନେଇ ନିଜର ଇଚ୍ଛାନୁସରଣରେ ଆହାର ଓ ସେବାଗ୍ରହଣ ଲୀଳା କରିଥାଆନ୍ତି, ତାହା ଭାରତର କୌଣସି ଦେବ ବିଗ୍ରହଙ୍କ ସେବାପ୍ରକାରରେ ଦେଖାଯାଏ ନାହିଁ । ରଥଯାତ୍ରା ସମୟରେ ଯୁଗପତ୍ ରାଜା ରାଜାଧିରାଜ ଥାଟରେ ଗମନ ଅଥଚ ଆଚଣ୍ଡାଳ ନରନାରୀଙ୍କୁ ବିଗ୍ରହ ସ୍ପର୍ଶ ଆଲିଙ୍ଗନ, ଭୋଗରାଗର ଅବାରିତ ସୁଯୋଗ ସାହାଣମେଲା ଅବସରରେ ଶ୍ରୀମନ୍ଦିର ମଧ୍ୟରେ ସମସ୍ତଙ୍କର ପ୍ରବେଶ ଓ ରତ୍ନବେଦୀ ପରିକ୍ରମା ପ୍ରଭୃତି ଭାରତର ବା ପୃଥିବୀର କୌଣସି ଦେବସ୍ଥାନ ବା ଦେବବିଗ୍ରହ ସେବାରେ ଦେଖାଯାଏ ନାହିଁ ।


ଆନନ୍ଦ ବଜାରରେ ପ୍ରସାଦ ସେବନ ତ ଏକ ଅଭିନବ ଔଦାର୍ଯ୍ୟର ପରିପ୍ରକାଶ । ଆଚଣ୍ଡାଳ ମାନବ କୌଣସି ଭେଦ ବିଚାର ନକରି ପରସ୍ପରଠାରୁ ଏକ ପତ୍ରରେ ପ୍ରସାଦ ସେବନ ଏକ ମାର୍ମିକ ମିଳନର ପ୍ରେମାଭିବ୍ୟକ୍ତି । ଅନ୍ୟ କୌଣସି ଦେବସ୍ଥାନରେ ଏ ପ୍ରକାର ଲୀଳା ପ୍ରକାଶ ପାଇ ନାହିଁ ।

ଦ୍ୱାପର ଲୀଳାରେ ଯେପରି ଯେକୌଣସି ଜୀବର କେବଳ ମାତ୍ର କୃଷ୍ଣଙ୍କ ପ୍ରତି ସାମାନ୍ୟ ପ୍ରେମ ନିବେଦନ କରି ଏପରିକି ଶତ୍ରୁତା ଦ୍ୱାରା ନିରନ୍ତର ଚିନ୍ତାକରି ଭଗବତ୍ ସାନ୍ନିଧ୍ୟ ମୁକ୍ତି ଓ ପ୍ରେମ ଭକ୍ତି ଲାଭ ହୋଇଛି, ତାହା କୃଷ୍ଣ ଲୀଳାର ପୂର୍ବବର୍ତ୍ତୀ କୌଣସି ଅବତାରରେ ହୋଇନାହିଁ । କଳିଯୁଗରେ ଶ୍ରୀ ଜଗନ୍ନାଥ ଲୀଳାରେ ମଧ୍ୟ ପୃଥିବୀର ଯେ କୌଣସି ନରନାରୀଙ୍କୁ ଦର୍ଶନ ଦାନ । ସେବା ଗ୍ରହଣ ଲୀଳା ପ୍ରକାଶକରି ଜଗନ୍ନାଥ ଜଗତର ନାଥ ରୂପେ ନିଜ ନାମକୁ ସାର୍ଥକ କରୁଛନ୍ତି । ଏପରି ଉଦାର ଲୀଳା ଏଥିପୂର୍ବର କୌଣସି ଅବତାରରେ ପ୍ରକଟିତ ହୋଇନାହିଁ ।

ଶ୍ରୀକ୍ଷେତ୍ରର ଔଦାର୍ଯ୍ୟଲୀଳା ସର୍ବୋପରି ଚମତ୍କାରିତା ଲାଭ କରିଛି, ରାଧାକୃଷ୍ଣ ମିଳିତ ତନୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଶ୍ରୀକ୍ଷେତ୍ରରେ ଚବିଶବର୍ଷ ଅବସ୍ଥାନ କାଳରେ । ଦାରୁବ୍ରହ୍ମ ଜଗନ୍ନାଥ ନରବ୍ରହ୍ମ ଶ୍ରୀ ଗୌରାଙ୍ଗ ଉଭୟେ ଅନର୍ପିତଚରୀ କରୁଣା ଓ ପ୍ରେମ ବିତରଣ କରି କଳିଯୁଗର ମାନବ ବିଶେଷତଃ ଉତ୍କଳର ଜନଜୀବନକୁ ଯେ ଭାବରେ ଭଗବତ୍ ପ୍ରେମସିକ୍ତ କରିଛନ୍ତି, ହୁଏତ ଅନ୍ୟ କୌଣସି ଯୁଗରେ ମାନବ ଜାତି ଏପରି ଭଗବତ୍ କରୁଣା ଲାଭର ସୌଭାଗ୍ୟ ପାଇନାହିଁ । ସେଇଥି ପାଇଁ ଶାସ୍ତ୍ରକାରଗଣ ପୁନଃ ପୁନଃ ଉତ୍କଳ ଭୂମିର ପ୍ରଶଂସାରେ ମୁଖର ହୋଇଛନ୍ତି—

ଉତ୍କଳସ୍ୟ ସମୋ ଦେଶ
ନାସ୍ତି ଭୂତ୍ର ମହୀତଳେ

ଔଦାର୍ଯ୍ୟଲୀଳାର ଚରମ ପ୍ରକାଶ ରଥଯାତ୍ରା । ଶ୍ରୀମନ୍ଦିରରେ ବଦ୍ଧ ସେବା ମାଧ୍ୟମରେ ଶ୍ରୀଜଗନ୍ନାଥ




କେବଳ ଦର୍ଶନ ଦାନ କରିଥାଆନ୍ତି । ଦର୍ଶକ ଭକ୍ତ ବା ଜନସାଧାରଣ ଦର୍ଶନ କରି ନିଜ ଜୀବନକୁ ଧନ୍ୟମନେ କରନ୍ତି । କିନ୍ତୁ ସାକ୍ଷାତ୍ ସ୍ପର୍ଶ ସୁଯୋଗତ ଘଟେନା । ପୁନଶ୍ଚ ଅହିନ୍ଦୁ ମାନବ ଜାତି ବା ବିଶ୍ୱର ଯେ କୌଣସି ଜାତିର ଦର୍ଶନାର୍ଥୀ ସେଇ ଦର୍ଶନ ସୌଭାଗ୍ୟରୁ ମଧ୍ୟ ବଞ୍ଚିତ । କାରଣ ସେମାନଙ୍କର ପକ୍ଷରେ ମନ୍ଦିର ପ୍ରବେଶ ନିଷେଧ । ଏଇ ନିଷେଧ ପରମ କରୁଣ ପ୍ରଭୁଙ୍କର ଆଦେଶ ବା ଇଚ୍ଛା—ଏହା କୌଣସି ବ୍ୟକ୍ତି ଶପଥ କରି କହି ପାରିବେ ନାହିଁ । ବିଧି-ନିଷେଧ ତ ମଣିଷ ଦ୍ୱାରା ଗଠିତ ଶାସ୍ତ୍ର ବାକ୍ୟ । ପରାତ୍ପର ପ୍ରଭୁ କୌଣସି କାଳରେ ଶାସ୍ତ୍ରର ଅଧୀନ ନୁହଁନ୍ତି; କାରଣ ଶ୍ରୁତିହିଁ ବ୍ୟକ୍ତ କରେ—ଯତୋ ବାଚେ ନିବର୍ତନ୍ତେ ଅପ୍ରାପ୍ୟ ମନସା ସହ । ମନୁଷ୍ୟ ଯେତେ ମେଧାବୀ ହେଉ ନା କାହିଁକି ତାହାର ବାକ୍ୟ ବା ମନ ସେହି ପ୍ରଭୁଙ୍କ ତ୍ରିସୀମା ସ୍ପର୍ଶ କରି ପାରେ ନାହିଁ । ପୁନଶ୍ଚ ସେଇ ପ୍ରଭୁଙ୍କୁ କୁହାଯାଉଛି—'ଶାସ୍ତ୍ର ଯୋନି' । ଅର୍ଥାତ୍ ଶାସ୍ତ୍ର ତାଙ୍କଠାରୁ ଉତ୍ପନ୍ନ । ଶ୍ରୁତି ତାଙ୍କର ଶ୍ରୀମୁଖୋଚ୍ଚାରିତ ବାକ୍ୟ । ସେଇ ବାକ୍ୟର ଅଧୀନ ସେ ନୁହନ୍ତି । ତଥାପି ଶାସ୍ତ୍ର ବିଧିର ଅଧୀନ ବୋଲି ସେ ଅଭିନୟ କରନ୍ତି କେବଳ ଭକ୍ତ ବା ସେବକଙ୍କୁ ସେବା ସୁଯୋଗ ଦେବା ଲାଗି । ଭକ୍ତ ପ୍ରେମରେ ସେ ବିଧି-ନିଷେଧର ବନ୍ଧନ ତ ଦୂରର କଥା, ମା ଯଶୋଦାର ପ୍ରେମରେ ଦଉଡ଼ିର ବନ୍ଧନକୁ ମଧ୍ୟ ସ୍ୱୀକାର କରିଛନ୍ତି । ଭକ୍ତ ସୁଖ ଲାଗି ଏପରି ପ୍ରେମବଶ୍ୟ ପ୍ରଭୁ ଆଉ କିଏ ଅଛି । ପୁନଶ୍ଚ ସେଇ ପ୍ରଭୁ ଅନ୍ୟ ଅଗଣିତ ଭକ୍ତ ପ୍ରେମରେ ଶ୍ରୀମନ୍ଦିରର ଯାବତୀୟ ବିଧି-ନିଷେଧକୁ ଠେଲି ଦେଇ ଅତଣ୍ଡାବ ପୃଥିବୀ ବାସୀଙ୍କ ଗହଣରେ କିଛିକାଳ କଟାଇବା ପାଇଁ ଶ୍ରୀମନ୍ଦିରର ଯାବତୀୟ ଐଶ୍ୱର୍ଯ୍ୟ ଆଡ଼ମ୍ବର ବନ୍ଧନକୁ ଏଡ଼ି ଦେଇ ରଥଦାଣରେ ଧୂଳିରେ ବୁଲିବା ପାଇଁ ମନ କରନ୍ତି, ଏହାହିଁ ତାଙ୍କର ମାଧୁର୍ଯ୍ୟ ଓ ଔଦାର୍ଯ୍ୟର ନିଚିତ ପ୍ରକାଶ । ତାଙ୍କ ସେବା ଓ ଦର୍ଶନରୁ କୌଣସି ଜଗତବାସୀ ବଞ୍ଚିତ ନ ହୁଅନ୍ତୁ, କାରଣ ସେ ଜଗତର ନାଥ । ଜଗତର ନାଥ ଆଜି କେବଳ ଭାରତବର୍ଷ ନୁହେଁ ସାରା ଜଗତର ରାଜ ରାସ୍ତାରେ ରଥଯାତ୍ରା କରି ବୁଲିଛନ୍ତି । ପୃଥିବୀର ଯେ କୌଣସି ମ୍ଲେଚ୍ଛ ଯବନ ଦେଶର ଅଧିବାସୀଙ୍କ ଗହଣରେ ସେ ଯୋଗ-ଯାତ୍ରା କରି ବୁଲିଛନ୍ତି । ଜଗତର ନାଥ ଜଗନ୍ନାଥଙ୍କ ପଥରୁ ତ ଇଂଲଣ୍ଡର ବିଧି-ନିଷେଧ ମଧ୍ୟ ଆଟକ କରି ପାରିଲା ନାହିଁ । ସେଠାର ସରକାରୀ ଆଇନ ମଧ୍ୟ ସଂଶୋଧନ କରିବାକୁ ପଡ଼ିଲା । ଟ୍ରାଫଲଗାର ସ୍କୋୟାରରେ ମଣିଷଟଣା ଗାଡ଼ି ଯିବା ନିଷେଧ । କିନ୍ତୁ ସେ ଦେଶର ଆମ ବିଚାରରେ ଅସ୍ପୃଶ୍ୟ ଯବନ ଅଥଚ ଜଗନ୍ନାଥଙ୍କ ଭକ୍ତ ସହସ୍ରାଧିକ ସଂଖ୍ୟା ଛାଡି ସାରା ରାସ୍ତାରେ ଧାରଣା ଦେଇ ବସିଲେ—Jaganath is the Lord of the universe, His Car must go. ଇଂଲଣ୍ଡର ରାଣୀ, ପ୍ରଧାନ ମନ୍ତ୍ରୀ ରାଜି ସାରା ବିଶ୍ୱର ଆଲୋଚନା କରି ଶେଷରେ ଆଇନ ବଦଳାଇଲେ—ହଁ, କେବଳ ଜଗନ୍ନାଥଙ୍କ ରଥ ହିଁ ଟ୍ରାଫଲଗାର ସ୍କୋୟାରରେ ଯାଇ ପାରିବ ।

ବିଶ୍ୱବାସୀ ଭକ୍ତଙ୍କର ଜୟ ହେଉ—ଜଗତର ନାଥ ଜଗନ୍ନାଥଙ୍କର କରୁଣା ଓ ମାଧୁର୍ଯ୍ୟ ଲୀଳାର ଯାତ୍ରା ରଥଯାତ୍ରାର ଜୟ ହେଉ । ଆଗାମୀ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ହୁଏ ତ ଏପରି ଦୃଶ୍ୟ ଭାରତବାସୀ ଦେଖିବାକୁ ପାଇବେ । ଜଗତର ନାଥ ଜଗନ୍ନାଥଙ୍କ ରଥ ପୃଥିବୀର ଯାବତୀୟ ଦେଶର ରାଜ ରାସ୍ତାରେ ବୁଲି ସମଗ୍ର ପୃଥିବୀବାସୀଙ୍କୁ ଦର୍ଶନ ଦାନ କରି ଧନ୍ୟ କରୁଛନ୍ତି । ନରବ୍ରହ୍ମ କୃଷ୍ଣଙ୍କର ମାଧୁର୍ଯ୍ୟର ଚରମ ପ୍ରକାଶ ଘଟିଥିଲା-ଦ୍ୱାପର ଯୁଗର ଶେଷ ପାଦରେ । ସେଇ ନରବ୍ରହ୍ମ ଦାରୁବ୍ରହ୍ମ ରୂପେ ଆବିର୍ଭୂତ ହୋଇ ଔଦାର୍ଯ୍ୟଲୀଳାର ଚରମ ପ୍ରକାଶ ଘଟାଉଛନ୍ତି ଏଇ କଳିଯୁଗରେ । କଳିଯୁଗ ପାବନାବତାରୀ ଦାରୁବ୍ରହ୍ମଙ୍କର ଏ ଲୀଳା ରସ ସଂପାଦନ କରି ବିଶ୍ୱବାସୀ ଧନ୍ୟ ହେବେ—କୃତାର୍ଥ ହେବେ—ଏହା ସୂଚନା ଏବେଠାରୁ ମିଳିଲାଣି ।

ପାରେଶ୍ୱର ସାହୁ,
କଟକ-୩ ।





# ମହା ଶୂନ୍ୟର ପରମଜ୍ୟୋତି


ଡକ୍ଟର ବଂଶୀଧର ମହାନ୍ତ

ଓଡ଼ିଆ ସାହିତ୍ୟ ଧାରାରେ ଶୂନ୍ୟବାଦର ଧାରା ବହୁ ପ୍ରାଚୀନ । ଖ୍ରୀ: ଷଷ୍ଠ-ସପ୍ତମ ଶତକରୁ ଖ୍ରୀ: ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଧାରାରେ ଶୂନ୍ୟବାଦର ଯେଉଁ ପ୍ରଭାବ ପଡ଼ିଛି ତାହା ଏକ ବିରାଟ ଇତିହାସ । ଖ୍ରୀ: ୨ୟ-୩ୟ ଶତକର ବୌଦ୍ଧ ଦାର୍ଶନିକ ଆଚାର୍ଯ୍ୟ ନାଗାର୍ଜୁନଙ୍କର ଶୂନ୍ୟବାଦ ତତ୍ତ୍ୱ ସମଗ୍ର ଭାରତରେ ବହୁ ଆଦର ଲାଭକରିଥିଲା । 'ମାଧ୍ୟମିକ କାରିକା'ରେ ନାଗାର୍ଜୁନ ଉତ୍ପତ୍ତି, ଗତି, ଦୁଃଖ, ବନ୍ଧନ ଓ ମୋକ୍ଷ ଆଦି ପ୍ରତ୍ୟେକ ଧାରଣାକୁ ଯୁକ୍ତିବଳରେ ପରୀକ୍ଷା କରି ସିଦ୍ଧାନ୍ତ କଲେଯେ, ସବୁହିଁ ଶୂନ୍ୟ । ହିନ୍ଦୁଦର୍ଶନରେ ଶୂନ୍ୟର ଅର୍ଥହେଲା 'ସତ୍ତାର ଅଭାବ' କିନ୍ତୁ ନାଗାର୍ଜୁନଙ୍କହିଲେ 'ଶୂନ୍ୟକୁ' କେବଳ ଶୂନ୍ୟ କହିହେବ ନାହିଁକି ଅନ୍ୟନବୋଲି କହିହେବ ନାହିଁ ବା ଉଭୟଶୂନ୍ୟ-ଅଶୂନ୍ୟ ମଧ୍ୟ କହିହେବନାହିଁ ।

ଓଡ଼ିଆ ସିଦ୍ଧ ସାହିତ୍ୟରେ ଶୂନ୍ୟକୁ ନୈରାତ୍ମା ଦେବୀ, ପ୍ରଜ୍ଞା ବା ମହାମୁଦ୍ରାବୋଲି କୁହାଯାଇଛି । ତାହାର ସ୍ଥାନ ହେଉ ଶରୀର ମଧ୍ୟସ୍ଥ ମହାସୁଖଗୃହ । ସିଦ୍ଧ ପ୍ରଣାଳୀରେ ଶୂନ୍ୟତତ୍ତ୍ୱର ଅନ୍ୟନାମ ହେଉଛି 'ଅଦ୍ୱୟତତ୍ତ୍ୱ' ।

ଓଡ଼ିଆର ପଞ୍ଚସଖା ବୁଦ୍ଧରୂପୀ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟତାର ପ୍ରତୀକ ବୋଲି ଗ୍ରହଣ କରିଛନ୍ତି । ସେମାନେ ନିଜ ଶରୀରରେ ଶୂନ୍ୟତା ଉପଲବ୍ଧି କରିବାରେ ମୁକ୍ତି ବା ନିର୍ବାଣ ରହିଛିବୋଲି କହିଥାନ୍ତି । ସାଧକ ନିଜର ଦିବ୍ୟଜ୍ଞାନ ବଳରେ ଯେତେବେଳେ ଶୂନ୍ୟତାରେ ବିଲୀନହୁଏ ସେତେବେଳେ ସେ ପାଇଥାଏ 'ମହାସୁଖ' ବା ନିର୍ବିକଳ୍ପ ଆନନ୍ଦ—ଏହିବିଷୟ ପଞ୍ଚସଖା ସାହିତ୍ୟରେ ହୋଇଛି ରୂପାୟିତ । ଶୂନ୍ୟକୁ ଅଗମ୍ୟ, ଅଗୋଚର, ସର୍ବଶୂନ୍ୟ ଓ ଅଦ୍ୱୟବୋଲି ମଧ୍ୟ କୁହାଯାଇଛି—ଯାହାର କୌଣସି ଚିହ୍ନବର୍ଣ୍ଣ ନାହିଁ କିନ୍ତୁ ତାହାସବୁ ବର୍ଣ୍ଣ ଓ ଆକାର ମଧ୍ୟରେ ହୋଇଛି ପରିବ୍ୟାପ୍ତ—ସେହିଶୂନ୍ୟ ଶରୀରଭିତରେ ଓ ବାହାରେ ରହିଛି ।

ଶୂନ୍ୟତତ୍ତ୍ୱ ମଧ୍ୟରେ "କରୁଣା' ତତ୍ତ୍ୱର ମହନୀୟତା ମଧ୍ୟ ରହିଛି । ମହାଯାନ ବୌଦ୍ଧଧର୍ମରେ 'କରୁଣା' ସ୍ଥାନ ବହୁତ ଉଚ୍ଚରେ । ବୁଦ୍ଧରୂପୀ ଶ୍ରୀଜଗନ୍ନାଥ ମଧ୍ୟ କରୁଣା ସାଗର । ସହଜ ସାଧନାରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ଶରୀର ମଧ୍ୟରେ ଶୂନ୍ୟତା ଓ କରୁଣାର ମିଳନରେ ଯେଉଁ ମହତ୍ତ୍ୱ ବା ମହାସୁଖାବସ୍ଥାର ଧାରଣା ଦେଲେ ତାହାର ଅବିକଳ ପ୍ରତିଫଳନ ଘଟିଲା ଓଡ଼ିଆ ପଞ୍ଚସଖା ସାହିତ୍ୟରେ—ଓଡ଼ିଆ ସନ୍ଥ ସାହିତ୍ୟରେ ଶୂନ୍ୟରୂପୀ ଶ୍ରୀଜଗନ୍ନାଥଙ୍କ ସହିତ ମିଶିଗଲେ କରୁଣା'—ଠିକ୍ ପ୍ରକୃତି ପୁରୁଷର ମିଳନପରି । ଓଡ଼ିଆ ସନ୍ଥ ସାହିତ୍ୟରେ ଆମେଯେଉଁ ଶୂନ୍ୟବାଦର ଧାରାଦେଖୁଁ ତାହା ବୌଦ୍ଧ ମାଧ୍ୟମିକ ଶୂନ୍ୟବାଦର ଏକ ବିରାଟ ଏବ ବିସ୍ତୃତ କ୍ରମବିକାଶ । ଓଡ଼ିଆ ସନ୍ଥ କବିମାନଙ୍କର ଇଷ୍ଟଦେବତା ଶ୍ରୀଜଗନ୍ନାଥ ହୋଇଛନ୍ତି ଶୂନ୍ୟତାର ପ୍ରତୀକ । ସେମାନେ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟରୂପେ ପରିକଳ୍ପନା କରିବା ସହିତ ନିଜଶରୀର ମଧ୍ୟସ୍ଥ ସହସ୍ରଦଳ ପଦ୍ମ ମଧ୍ୟରେ ଶୂନ୍ୟତାକୁ କେତେବେଳେ ଜ୍ୟୋତି ପୁଣି ମହାଶୂନ୍ୟରୂପେ ଦର୍ଶନ କରିଛନ୍ତି । ବୌଦ୍ଧଧର୍ମରେ ପ୍ରଜ୍ଞା ଓ ଉପାୟର ମିଳନପରି ସେମାନେ ନିଜଭିତରେ ନିତ୍ୟ ଲୀଳାର ଆନନ୍ଦ ଉପଲବ୍ଧି



କରିଛନ୍ତି ଯାହା ହେଉଛି ସହଜଯାନର ମହାସୁଖାବସ୍ଥା । ଏହିଲୀଳା ଅବ୍ୟକ୍ତଲୀଳା ଭାବରେ କଥିତ । ପୁଣି ଶ୍ରୀଜଗନ୍ନାଥଙ୍କର କୃଷ୍ଣବର୍ଣ୍ଣ ବିଗ୍ରହ ମହାଶୂନ୍ୟର କୃଷ୍ଣାଭ ସହିତ ସମ୍ବନ୍ଧାନ୍ୱିତ ଯହିଁରେ ଚନ୍ଦ୍ରସୂର୍ଯ୍ୟରୂପୀ ଗୋଲାକାର ନେତ୍ରଯୁଗଳ ନିରନ୍ତର ପ୍ରତିଭାତ ହୋଇଥାନ୍ତି ।

ପଞ୍ଚସଖା ଧର୍ମରେ ଅନ୍ୟ ଏକ ସ୍ୱରୂପ ହେଲା ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ । ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ହିନ୍ଦୁତନ୍ତ୍ର, ବୌଦ୍ଧତନ୍ତ୍ର, ସହଜଯାନ, ମହାଯାନ ଓ ବଜ୍ରଯାନରେ ଏକସମୟରେ ପ୍ରାଧାନ୍ୟ ଲାଭକରିଥିଲା । ବୌଦ୍ଧ-ସିଦ୍ଧାଚାର୍ଯ୍ୟ ସହଜପାଦ କହିଛନ୍ତି, "ଏହିଶରୀର ମଧ୍ୟରେ ଗଂଗାଯମୁନା, ଏହି ଶରୀର ମଧ୍ୟରେ ଗଂଗାସାଗର ଏବଂ ସେହି ଶରୀର ମଧ୍ୟରେ ପ୍ରୟାଗ, ବାରାଣସୀ ଏବଂ ଚନ୍ଦ୍ର-ସୂର୍ଯ୍ୟ ରହିଛନ୍ତି । ସେ ଏପରି ଏକାଦେହ ସଦୃଶ ତୀର୍ଥ ଓ ସୁଖମୟ ସ୍ଥାନ ଦେଖିନାହାନ୍ତି । "ପଞ୍ଚସଖା ସାହିତ୍ୟରେ ଏହି ପିଣ୍ଡବ୍ରହ୍ମାଣ୍ଡ-ତତ୍ତ୍ୱକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି ।

'ବ୍ରହ୍ମାଣ୍ଡ ଯେତେ ବିଧିମତ । ପିଣ୍ଡରେ ଅଛନ୍ତି ସମସ୍ତ'

ଦେଉଳ ଭିତରୁ ଶ୍ରୀଜଗନ୍ନାଥ କ୍ରମେ ଆସିଲେ ଯୋଗାରୂଢ଼ ସାଧକର ଶରୀର ଭିତରକୁ । ଶରୀରହେଲା ଦେଉଳ, ତା ଭିତରେ ଜ୍ୟୋତିରୂପୀ ଶ୍ରୀଜଗନ୍ନାଥ ବିରାଜମାନ ହେଲେ । ସାଧକ ଧ୍ୟାନସ୍ଥ ହୋଇ ନିଜର ମନ ଭିତରେ ସର୍ବଦା କଲା ଶ୍ରୀଜଗନ୍ନାଥ ଦର୍ଶନ । ସେଥିପାଇଁ ଏତେ ତୀର୍ଥବ୍ରତ, ହବିଶ, ଉପବାସ ନିଷ୍-ପ୍ରୟୋଜନବୋଲି ସାଧକବର୍ଗ କହିଗଲେ । ପଞ୍ଚସଖାଏ କହିଗଲେ ପ୍ରତ୍ୟେକ ଜୀବ ଓ ମନୁଷ୍ୟ ଶରୀରରେ ଶୂନ୍ୟରୂପୀ ଶ୍ରୀଜଗନ୍ନାଥଙ୍କର ସତ୍ତା ପ୍ରକାଶମାନ ।

'ଶୂନ୍ୟଂ ଶୂନ୍ୟଂ ମହାଶୂନ୍ୟଂ ଶୂନ୍ୟ ମଧ୍ୟେ ନିରଞ୍ଜନମ୍
ନିରଞ୍ଜନ ମଧ୍ୟେ ଜ୍ୟୋତି ସଜ୍ୟୋତିଃ ଭଗବାନୟଂ ।

ଦ୍ୱିତୀୟ କଥା ହେଲା ଶ୍ରୀଜଗନ୍ନାଥ ନାମହିଁ ପରଂବ୍ରହ୍ମ । ନାମ ଭଜନହିଁ ସାଧକର ଶ୍ରେଷ୍ଠ ସାଧନା । ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର 'ଅଣାକାର ସଂହିତା'ରେ କହିଛନ୍ତି—

'ନାମକୁ ପାଇଲେ ରୂପ ଲୋଡ଼ାନାହିଁ ସର୍ବରୂପ ଯହିଁଠୁଁକ
ନାମକୁ ଚିହ୍ନିଲେ ଧନ୍ଦା ପିଟିଯିବ ସବୁ ନାମର ଯେ ମୂଳ
ସବୁଠାରେ ନାମଥାଇ ନମିଶଇ ରୂପରେ କରିଛି ବାସ
ଅବ୍ୟୟ ଅନାଦି ଅବିନାଶୀ ବ୍ରହ୍ମ ସର୍ବରୂପରେ ପ୍ରକାଶ ।'

ନାମନାମୀ ଅଭେଦ । ଶ୍ରୀଗୁରୁ ପ୍ରଦତ୍ତ ନାମହିଁ ସାକ୍ଷାତ ଭଗବାନ । ସନ୍ଥ ସାଧକମାନେ କହିଛନ୍ତି ଯେ ଭଗବାନଙ୍କୁ ଏପର୍ଯ୍ୟନ୍ତ କେହି ଦେଖିନାହାନ୍ତି କି ଦେଖି ପାରିବେନାହିଁ । ମନୁଷ୍ୟ ନାମତତ୍ତ୍ୱ ବଳରେ ଭଗବଦ୍‌ସତ୍ତାର ଅନୁଭବ ମାତ୍ର କରିଥାଏ । ଓଡ଼ିଶାର ଅନ୍ୟ ଏକ ସନ୍ଥକବି ତାଙ୍କର 'ନାମଭକ୍ତିଗୀତା'ରେ ଶ୍ରୀଜଗନ୍ନାଥ ନାମର ମହତ୍ତ୍ୱ ବର୍ଣ୍ଣନା କରିଛନ୍ତି—

"ଜଗନ୍ନାଥ ନାମ ଅଟେ ଅମୂଲ୍ୟ ପଦାର୍ଥ
ଜଗନ୍ନାଥନାମ ବିନା ସକଳଯେ ବ୍ୟର୍ଥ
ଜଗନ୍ନାଥ ନାମ--ନାବ ଭବଜଳଧିର
ଜଗନ୍ନାଥ ନାମ ଗୋଟି ଏକା କର୍ଣ୍ଣଧାର
ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ଦେବ
ତାହାଙ୍କ ନାମ ଗାଇଲେ ଉଦ୍ଧାର ହୋଇବ ।"


ପଞ୍ଚସଖା ତଥା ଅନ୍ୟାନ୍ୟ ସନ୍ଥ କବିଗଣ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଏକ ଏବଂ ଅଖଣ୍ଡ ଜ୍ୟୋତିରୂପେ ଦର୍ଶନ କରିଛନ୍ତି । ସନ୍ଥକବି ତ୍ରିଲୋଚନ ତାଙ୍କର 'ସ୍ନାନ ପୂର୍ଣ୍ଣିମା ଯାତ୍ରା'ର ବର୍ଣ୍ଣନାରେ କହିଛନ୍ତି ଯେ ମହାଲକ୍ଷ୍ମୀ ପ୍ରଥମେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ୱତନ୍ତ୍ରରୂପେ ଦେଖିଥିଲେ । କିନ୍ତୁ ଶେଷରେ ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କୁ କହିଲେ ଯେ ସେ ସୁଭଦ୍ରା ଓ ବଳରାମ ଭିନ୍ନ ନୁହଁନ୍ତି—ସମସ୍ତେ ଏକ ଏବଂ ଅଭିନ୍ନ ବା ଏକାତ୍ମା । ଲକ୍ଷ୍ମୀ ଦେଖିଲେ ଯେ ତିନିମୂର୍ତ୍ତି କ୍ରମେ ଏକ ଜ୍ୟୋତିରୂପ ପାଉଛନ୍ତି ଯାଉଛନ୍ତି ଓ ସେହି ଜ୍ୟୋତିରେ ଲକ୍ଷ୍ମୀ ମଧ୍ୟ ବିଲୀନ ହୋଇ-ଯାଉଛନ୍ତି ।

"ରତ୍ନ ଆସନେ ହରଷ ମନେ ବସି ଦିବ୍ୟ ଜ୍ୟୋତିଯେକ ରୂପ
ତିନିମୂର୍ତ୍ତି ଯେକ ଜ୍ୟୋତି ହୋଇଥିଲେ ଲକ୍ଷ୍ମୀ ସେ ଜ୍ୟୋତିରେଗୋପ ।"

ନୀଳାଚଳନାଥ ଶ୍ରୀଜଗନ୍ନାଥ ହିଁ ଶୂନ୍ୟରୂପୀ ଜ୍ୟୋତିରାନନ୍ଦ । ଏହା ଅନ୍ୟଜଣେ ସନ୍ଥ କବି ବୀରସିଂହ ଲେଖିଛନ୍ତି । ଓଡ଼ିଆ ସାହିତ୍ୟରେ ବୀରସିଂହ 'ବୌଦ୍ଧ ବୀରସିଂହ' ଭାବରେ ପରିଚିତ । ତାଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ବୁଦ୍ଧରୂପୀ ପରଂବ୍ରହ୍ମ । ସେ ମଧ୍ୟ ଧ୍ୟାନାତ୍ମା ଓ ପରମଯୋଗାରୂଢ଼ ପୁରୁଷ ଅଟନ୍ତି । ଯେପରି—

"ଜଗତର ନିଧିଠାରେ ନିର୍ଗମେଶେବସି
ଜଗନ୍ନାଥେ ହୋଇଛନ୍ତି ଆପେ ଭିକ୍ଷାବାସୀ ।
ଲୁବ୍ଧ ଲତା ଛାଡ଼ିଲଯେ ସତଶାନ୍ତିହୋଇ
ଲୋଭମୋହ କାମକ୍ରୋଧ ଗୁରିବେଦ ଏହି ।
ବେଦ ଲୁଣ୍ଠଇଣ ବଉଦ ଶାନ୍ତ ମୂର୍ତ୍ତିହୋଇ
ବାରିଲା ସୁର ଅସୁର ଆପେ ଆପଧ୍ୟାୟୀ ।
ବୃକ୍ଷବୀଜ ପଦ୍ମମୂଳ ଦୁଇଯେକ କରି
ବସିଲା ଜଗତସାରି ଜଗତ ଉଧାରି ।"

ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ ପୁଣି ଶ୍ରୀରାଧା ଓ କୃଷ୍ଣ ଯୁଗଳାଙ୍ଗ । ତଥାପି ପଞ୍ଚସଖା କୃଷ୍ଣରୂପୀ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟମଧ୍ୟସ୍ଥ ଜ୍ୟୋତିରାନନ୍ଦ ବୋଲି କହିଛନ୍ତି ।



ଦେଉଳ ଭିତରେ ଦିଅଁ କର ଦର୍ଶନ
ଦେଉଳ ବାହାରେ ବିଜେ ଅଲେଖବ୍ରହ୍ମ ।
ଦେଉଳ ଭିତରେ ଦିଅଁ କରେ ବିହାର
ଦୀପଜାଳି ଦେଉଳରେ ଦର୍ଶନ କର ।
ନୀହାଡ଼ିବର ରାହା ପ୍ରେମରସର
ଲୁଚିଅଛି ଶୂନ୍ୟେରୂପ ନଦିଶେ ତାର ।'

(ଗୋବିନ୍ଦ ଦାସଙ୍କ ଗୁଣ୍ଡିଚ୍ଚା ବିଜେ)

ଏହି ଯୁଗର ବହୁ ସିଦ୍ଧ ସାଧକ ପୁଣି କହିଛନ୍ତି ଯେ କାଠ, ପଥର ଓ ଧାତୁ ପ୍ରଭୃତିରେ ଗଢ଼ାମୂର୍ତ୍ତି ସବୁ ଅଳୀକ। ପୁଣି ଯୋଗ, ଜ୍ଞାନ ପ୍ରଭୃତି ଭ୍ରମ ମାତ୍ର । ତେଣୁ ସବୁହିଁ 'ଶୂନ୍ୟ । ତେଣୁ ଶୂନହିଁ ଭଗବାନ ବା ଜଗନ୍ନାଥ । ଯେପରି–

'ମନ ନାରାୟଣ ବୋଲି ଜଗତେ ଥାପିଛି
କୋଇଲିଲୋ, ଲୀଳା ତାର ନୀଳଗିରିବାସୀ
ସ୍ୱରମୂଳ ଏକ କରି ନାମରେ ଦରଶୀଲୋ ।'

ସାଧକ କବି ଲକ୍ଷ୍ମୀଧର ସିଂହ ସୁନ୍ଦର ରୂପକ ସୃଷ୍ଟି କରି କହିଛନ୍ତି ଯେ–

ପ୍ରକୃତ କଳ୍ପତରୁ ରହିଛି ଶୂନ୍ୟରେ ଓ ସେହି ପୁରାଣ ବୃକ୍ଷ ହେଉଛି ଓଁ କାର ରୂପୀ ତରୁ, ଯାହା ବିଶ୍ୱ ବ୍ରହ୍ମାଣ୍ଡରେ ହୋଇଛି ପରିବ୍ୟାପ୍ତ । ତହିଁରୁ ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାକ୍ରମେ ସୃଷ୍ଟି, ସ୍ଥିତି, ପ୍ରଳୟ ରୂପୀ କାଳଚକ୍ରରେ ଘୂରିବୁଲୁଛନ୍ତି । ସେହି ବୃକ୍ଷରେ ପୁଣି ପଞ୍ଚ ବର୍ଣ୍ଣର ପଚାଶ ପ୍ରକାର ଫୁଲ ଫୁଟିଛି–ସେହି ବୃକ୍ଷହିଁ ନାମ ବ୍ରହ୍ମ, ପରଂମବ୍ରହ୍ମ ଓ ଶବ୍ଦବ୍ରହ୍ମ । ଏହି ବୃକ୍ଷକୁ ଆଶ୍ରା କଲେ ମନୁଷ୍ୟ ଜନ୍ମ ମୃତ୍ୟୁର ବନ୍ଧନରୁ ପାଏ ମୁକ୍ତି ବା ନିର୍ବାଣ ।

"ଜ୍ଞାନ ନାମ ଆଦିମୂଳ ଆଦିହୁଁ ଅଛି ବହି
ବ୍ରହ୍ମା ବିଷ୍ଣୁ ପ୍ରଳୟରେ ଏ ତରୁର ନାଶ ନାହିଁ ।
ଉଡ଼ଇ ପ୍ରଳୟ ତରୁ କରଇ ନିର୍ଭରେ
ବ୍ରହ୍ମା ବିଷ୍ଣୁ ଶିବ ତିନି ଧରଇ ଗଡରେ ।
ତରୁ ମୂଳେ ରହି ତରୁ ଉହାଡ଼ରେ ଧ୍ୟାଇଂ
ଏ ତରୁକୁ ଆଶ୍ରେ କଲେ ଜନ୍ମମୃତ୍ୟୁ ନାହିଁ ।
ତରୁମୂଳେ ନିରାମୟେ ସ୍ୱୟଂ ପରକାଶ
ଏମନ୍ତ ତରୁକୁ ବିପ୍ର ଲକ୍ଷ୍ମୀଧର ଆଶ" ।

ଏହି ତରୁ ଯଥାର୍ଥରେ ବୈକୁଣ୍ଠଧାମର କଳ୍ପତରୁ । ସେହି ତରୁ ମୂଳରେ ନିରାମୟ ସ୍ୱୟଂ ଶ୍ରୀଜଗନ୍ନାଥ ବିଦ୍ୟମାନ । ସଦଗୁରୁ କୃପାରେ ସାଧକ ଯଦ ଏହି ମହାନ ଦାରୁବ୍ରହ୍ମଙ୍କର ସନ୍ଧାନ ପାଏ, ତାହାହେଲେ ତାହା ମନର ସକଳ କଳ୍ପନା, କାମନା, ବାସନା ପରିପୂର୍ଣ୍ଣ ହେବା ସହିତ ସେ ଜନ୍ମମୃତ୍ୟୁର ବନ୍ଧନରୁ ପାଇଥାଏ ମୁକ୍ତି ।

ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ ଉଭୟ ସଗୁଣ ଓ ନିର୍ଗୁଣ ବ୍ରହ୍ମରୂପେ ବର୍ଣ୍ଣିତ ହୋଇଛନ୍ତି । ସେ ନିରାକାର ଶୂନ୍ୟବ୍ରହ୍ମ, ସେପୁଣି ଜ୍ୟୋତିରୂପୀ ଜ୍ୟୋତିରାନନ୍ଦ, ବୃକ୍ଷ ରୂପୀ ଦାରୁବ୍ରହ୍ମ, ନାମବ୍ରହ୍ମ, ଓଁ କାର ରୂପୀ ଶବ୍ଦବ୍ରହ୍ମ ଓ ସର୍ବୋପରି ନିତ୍ୟବୃନ୍ଦାବନ ପୁରୁଷୋତ୍ତମର ଲୀଳାମୟ ଶ୍ରୀରାଧାକୃଷ୍ଣ ଯୁଗଳାଙ୍ଗ ଅଟନ୍ତି । ବିଭିନ୍ନ ରୂପରେ ଶ୍ରୀଜଗନ୍ନାଥ ପଞ୍ଚସଖା ସାହିତ୍ୟରେ ରୂପାୟିତ ହେଲେ ହେଁ ସେମାନଙ୍କର ଶରୀର ଭେଦ ତତ୍ତ୍ୱରେ ମହାଶୂନ୍ୟରେ ପରମ ଜ୍ୟୋତି ରୂପେ ସେ ପ୍ରାଧାନ୍ୟ ଲାଭ କରିଛନ୍ତି । ସେହି ଜ୍ୟୋତି ରୂପୀ ଶ୍ରୀଜଗନ୍ନାଥଙ୍କୁ ସେମାନେ ସେମାନଙ୍କର ଲକ୍ଷ୍ୟ ବୋଲି ଗ୍ରହଣ କରିନେଇଛନ୍ତି ।

ମୁଖ୍ୟ ସଂପାଦକ,
'ଶ୍ରୀଜଗନ୍ନାଥ'
ଘର ନଂ.–ଡି. ଏଲ୍. ଏ.–୪୩
ବୀର ସୁରେନ୍ଦ୍ରସାଏ ନଗର,
ଭୁବନେଶ୍ୱର-୭୫୧୦୦୪



*With best compliments from*

# UTKAL AUTOMOBILES LIMITED

**CANTONMENT ROAD**

**CUTTACK**

*Authorised Dealers for*


**Rajdoot**

**Motor cycles**

*Branches and Service Centres*

**Rourkela : Sambalpur : Berhampur : Baripada : Barabil Bhubaneswar and Jeypore.**

# ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା



ଡକ୍ଟର ହରିହର କାନୁନଗୋ

"ଗୁଣ୍ଡିଚାଖ୍ୟାଂ ମହାଯାତ୍ରାଂ ପ୍ରକୁର୍ବୀଥାଃ କ୍ଷିତୀଶ୍ୱରଃ ।
ଗୁଣ୍ଡିଚ୍ଚ ମଣ୍ଡପଂ ନାମ ଯାତ୍ରାହମଜନଂ ପୁରା ।
ଅଶ୍ୱମେଧ ସହସ୍ରସ୍ୟ ମହାବେଦୀ ତଦାଭବତ୍ ।
ତସ୍ମାତ୍ ପୁଣ୍ୟତମଂ ସ୍ଥାନଂ ପୃଥିବ୍ୟାଂନେହ ବିଦ୍ୟତେ ।"(୧)


ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରରେ ଅନୁଷ୍ଠିତ ଶ୍ରୀ ଗୁଣ୍ଡିଚ୍ଚ ଯାତ୍ରା (ରଥଯାତ୍ରା) ପୃଥିବୀ ପ୍ରସିଦ୍ଧ (୨) । ଏହାକୁ ଘୋଷ ଯାତ୍ରା, ଦକ୍ଷିଣାଭିମୁଖ ଯାତ୍ରା, ନବଦିନ ଯାତ୍ରା, ମହାବେଦୀ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା ଓ ଆଡପ ଯାତ୍ରା ବୋଲି ମଧ୍ୟ କୁହାଯାଏ । ଏହି ଉତ୍ସବରେ ଶ୍ରୀ ଜଗନ୍ନାଥ ଆପଣାର ଭାଇ ଭଉଣୀଙ୍କୁ ଧରି ରଥରେ ନିଜ ଜନ୍ମ ସ୍ଥାନକୁ ନ' ଦିନ ପାଇଁ ବୁଲି ଯାଆନ୍ତି । ବଡ଼ ଦାଣ୍ଡରେ ଭକ୍ତ ଜନଙ୍କୁ ଦର୍ଶନ ଦେଇ ସେମାନଙ୍କର ଦୁଃଖ ମୋଚନ କରନ୍ତି । ପୁଣି ରଥାରୂଢ଼ ଜଗନ୍ନାଥଙ୍କୁ ବଡ଼ ଦାଣ୍ଡରେ ବାମନ ରୂପେ ଦର୍ଶନ କଲେ ପୁନର୍ଜନ୍ମ ମିଳେ ନାହିଁ ବୋଲି ଲୋକଙ୍କ ବିଶ୍ୱାସ ଅଦ୍ୟାବଧି ରହିଛି (୩) । ତେଣୁ ଭାରତ ତଥା ବିଦେଶରୁ ବହୁ ଭକ୍ତ ରଥ ଯାତ୍ରା ଦେଖିବା ପାଇଁ ଅବେଗ ଉତ୍କଣ୍ଠାର ସହିତ ଆସିଥାନ୍ତି ।


ଇତିହାସରୁ ଜଣାଯାଏ ଯେ କେଶରୀ ବଂଶର ରାଜା ଯଯାତି କେଶରୀଙ୍କ ରାଜତ୍ୱ ସମୟରେ ଶ୍ରୀ କ୍ଷେତ୍ରରେ ଛଅଟି ରଥ ନିର୍ମାଣ କରାଯାଉଥିଲା (୪) । ଶ୍ରୀମନ୍ଦିର ଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ତିନୋଟି ରଥ ଓ ବଳଗଣ୍ଡି ଠାରୁ ମାଳିନୀ ନଦୀ ବାଙ୍କୀମୁହାଣରେ ମିଶିଥିବାରୁ ସେହି ନଦୀ ଅତିକ୍ରମ କରି ପରେ ଅପରପାଖରୁ ଗୁଣ୍ଡିଚ୍ଚ ମନ୍ଦିର ପର୍ଯ୍ୟନ୍ତ ଆଉ ତିନୋଟି ରଥ ରଖା-ଯାଉଥିଲା ।

ପୁଣି ଗଙ୍ଗବଂଶୀୟ ରାଜା ବୀର ନରସିଂହଦେବଙ୍କ ରାଜତ୍ୱକାଳ ବର୍ଣ୍ଣନାରେ ଉଲ୍ଲେଖ ଅଛି ଯେ, ଏ ରାଜା ବାଙ୍କୀ ମୁହାଣ ପୋତାଇଲେ । ଛଅ ରଥ ହେଉଥିଲା । ତାହା ରାଜା ନଈ ପୋତାଇ ତିନିରଥ କରାଇଲେ । ଗୁଣ୍ଡିଚ୍ଚଘର ଦେଉଳ କାଠ ମଣ୍ଡପ ହୋଇଥିଲା, ତାହା ପଥର ମଣ୍ଡପ କଲେ । ଏଇ ଦୁଇପାଖେ ବଳଗଣ୍ଡି କଲେ ।" (୫) ।

ଦ୍ୱିତୀୟ ନରସିଂହଦେବଙ୍କ ତାମ୍ର ଶାସନରୁ ଜଣାଯାଏ ଯେ ପ୍ରଥମ ଭାନୁଦେବଙ୍କ ସମୟରେ ପୁରୀ ନିକଟବର୍ତ୍ତୀ ଅଠରନଳା ପୋଲ ନିର୍ମିତ ହୋଇଥିଲା । ପୂର୍ବେ ଛ' ଗୋଟି ରଥ ପୁରୀରେ ଥିବାସ୍ଥଳେ ଭାନୁଦେବଙ୍କ ସମୟରେ ତିନୋଟି ରଥ ହେବାର ବ୍ୟବସ୍ଥା ହେଲା । ତଦନୁସାରେ ଅଦ୍ୟାବଧି ପୁରୀରେ ତିନୋଟି ରଥ ହୋଇଆସୁଛି । (୬)

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ମହାତ୍ମ୍ୟ ଓଡ଼ିଶାର ଘରେ ଘରେ ସୁପରିଚିତ । ବୈଶାଖମାସ ରୋହିଣୀ ନକ୍ଷତ୍ର ଶୁକ୍ଳପକ୍ଷ ତୃତୀୟାଦିନ ଦେଉଳ ପୁରୋହିତ ବନଯାଗ ବିଧିରେ ରଥ ଅନୁକୂଳ ହୋମ କରନ୍ତି । ବିଘ୍ନରାଜ ଗଣପତିଙ୍କର ମହୋତ୍ସବ ପରେ ରଥକାମ ଆରମ୍ଭ ହୁଏ । ବଢ଼େଇମାନଙ୍କ ଶାଢୀବନ୍ଧା କାର୍ଯ୍ୟ ପଡ଼ିଆ କରଣ ଶେଷ କରିବା ପରେ ପଣ୍ଡାମାନେ ତିନିରଥକୁ ଅନୁକୂଳ କରିବା ଉଦ୍ଦେଶ୍ୟରେ ଆଜ୍ଞାମାଳ ଦେଇ ଭୋଗ ମଣ୍ଡପକୁ ଫେରନ୍ତି । ସେହି ତିଥିରେ କେବଳ ରଥର ଗଠନ କାର୍ଯ୍ୟ ଆରମ୍ଭ ହୁଏ ତାହା ନୁହେଁ,





ପରବର୍ଷ ନୂତନ ରଥ ନିର୍ମାଣ ପାଇଁ ଦଶପଲ୍ଲା ଜଙ୍ଗଲରେ କାଠ କଟାର ଅନୁକୂଳ ହୁଏ । ଦଶପଲ୍ଲା ରାଜା ସାହେବ ରଥ ପାଇଁ ଆବଶ୍ୟକ ହେଉଥିବା ସମସ୍ତ କାଠ ଯୋଗାଇ ଦେଉଥିଲେ । ଗଡ଼ଜାତ ମିଶ୍ରଣ ପରେ ବର୍ତ୍ତମାନ ଓଡ଼ିଶା ସରକାର ବିଭିନ୍ନ ଜଙ୍ଗଲରୁ ଯୋଗାଉଛନ୍ତି । ରଥର କଳସ, ଚଉଦଟି ପାର୍ଶ୍ୱଦେବତା, ସାରଥି ଓ ଘୋଡ଼ା ବ୍ୟତୀତ ଅନ୍ୟ ସମସ୍ତ ଅଂଶ ନୂଆ ହୁଏ କିନ୍ତୁ ନବକଳେବର ସମୟରେ ସମୁଦାୟ ରଥ ଓ ତାହାର ଅଂଶଗୁଡ଼ିକ ନୂତନ ଭାବରେ ନିର୍ମିତ ହୁଏ ।

ଶ୍ରୀଜଗନ୍ନାଥଙ୍କ ଷୋଳଚକ ବିଶିଷ୍ଟ ନନ୍ଦିଘୋଷ ରଥର (୭) ଚତୁର୍ଦ୍ଦିଗରେ କାଠ ପୁରଳିକା ସହ ମଧ୍ୟଭାଗରେ ବେଦୀ କଳ୍ପରେ ସୁନ୍ଦର ତୋରଣ ନାନା କାରୁକାର୍ଯ୍ୟରେ ବିମଣ୍ଡିତ ହୋଇଥାଏ । ୩୩ହାତ ପାଞ୍ଚ ଆଙ୍ଗୁଳି ଉଚ୍ଚତାବିଶିଷ୍ଟ ଏହି ନନ୍ଦିଘୋଷ ରଥରେ ୮୩୨ ଖଣ୍ଡ କାଠ ବ୍ୟବହୃତ ହୁଏ । ୩୨ ହାତ ୧୦ ଆଙ୍ଗୁଳି ଉଚ୍ଚତାବିଶିଷ୍ଟ ୭୬୩ ଖଣ୍ଡ କାଠରେ ନିର୍ମିତ ଚଉଦଚକବିଶିଷ୍ଟ ବଳଭଦ୍ରଙ୍କର ତାଳଧ୍ୱଜରଥ ଏବଂ ୩୧ ହାତ ଉଚ୍ଚତାବିଶିଷ୍ଟ ବାରଚକ ଥାଇ ୫୯୩ ଖଣ୍ଡ କାଠରେ ନିର୍ମିତ ସୁଭଦ୍ରା ଦେବୀଙ୍କର ଦର୍ପଦଳନ ରଥର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ଆଷାଢ଼ ଶୁକ୍ଳ ପ୍ରତିପଦ ସିଂହଦ୍ୱାର ସାମ୍ନାକୁ ଅଣାଯାଇ ପ୍ରତିଷ୍ଠା କରାଯାଏ (୮) ।

ରଥରେ ଭଗବାନଙ୍କର ଆବିର୍ଭାବ କୋଟି କୋଟି ଲୋକଙ୍କ ମନରେ ପ୍ରେରଣା ଓ ଉନ୍ମାଦ ଭାବ ଜନ୍ମିବା ସଙ୍ଗେ ସଙ୍ଗେ ଜନ୍ମାର୍ଜିତ ପାପରାଶିକୁ ବିନଷ୍ଟ କରେ ଏବଂ ବ୍ରହ୍ମହତ୍ୟା ପାପ ନାଶ ହୁଏ । ଶ୍ରୀଜଗନ୍ନାଥ ବିଶ୍ୱାସହୀନ ଜୀବମାନଙ୍କର ବିଶ୍ୱାସ ଉଦ୍ରେକ ନିମନ୍ତେ ରଥଯାତ୍ରାଦି ଲୀଳା କରିବା ଦ୍ୱାରା ନାସ୍ତିକକୁ ଆସ୍ତିକରେ ପରିଣତ କରନ୍ତି ଓ ରତ୍ନ ସିଂହାସନରୁ ଆସି ବଡ଼ଦାଣ୍ଡରେ ବିଜେହୋଇ ଉଚ୍ଚଠାରୁ ଭଗବାନଙ୍କ ଭେଦ ଦୂର କରି ଦିଅନ୍ତି (୯) ।

ଏହି ରଥଯାତ୍ରା ତିନିଅଂଶ ସମନ୍ୱିତ । ରଥାରୋହଣ-ପୂର୍ବକ ଗୁଣ୍ଡିଚା ମନ୍ଦିରକୁ ବିଜେ ହେବା ପୂର୍ବଯାତ୍ରା ଏକ ଅଂଶ, ଗୁଣ୍ଡିଚା ମଣ୍ଡପରେ ଅବସ୍ଥାନ ଦ୍ୱିତୀୟ ଅଂଶ ଓ ଫେରନ୍ତି ଯାତ୍ରା (ବାହୁଡ଼ାଯାତ୍ରା) ତୃତୀୟ ଅଂଶ । ଏହି ତିନୋଟିଯାକ ଉତ୍ସବର ଦର୍ଶନରେ ଅଶେଷ ଦୁର୍ଲ୍ଲଭ ଫଳ ଲାଭହୁଏ । (୧୦)

ରଥଯାତ୍ରାଦିନ ଖୁବ୍ ଭୋରରୁ ଆଳତି ଅବକାଶ ବଢିବା ପରେ ତିନି ବାଡ଼ରେ ଦୈନନ୍ଦିନ ବେଶ ହୁଅନ୍ତି । ଏହି ନୀତି ପାଇଁ ରାଜା ସୁପରିଟେଣ୍ଡେଣ୍ଟ ମଙ୍ଗଳାର୍ପଣ ଜିନିଷମାନ ଯୋଗାନ୍ତି । ଭଣ୍ଡାରରୁ ୧୮ପାତ୍ର ସଜ ଓ ସୁନା ଖଡ଼ିକା ଆସେ । ମନ୍ଦିରରୁ ଦୁଇ ସିନ୍ଦୁକ ପୂଜା ସାମଗ୍ରୀ ବାହାର କରାଯାଏ । ରାଘବଦାସ ମଠ ଟାୟା ଯୋଗାଇଥାନ୍ତି ।


ସେଦିନ ସକାଳୁ ସୂର୍ଯ୍ୟପୂଜା , ଦ୍ୱାରପାଳ ପୂଜା ବଢିଲାପରେ ଭିତରେ ପାଣି ପଡେ । ଦକ୍ଷିଣ ଦୁଆର ପାଳିଆ ପଡିଆରୀ ଟେରା ବାନ୍ଧେ । ସୁଆରବଡୁ ଭିତରେ ଥାଇ ପକାନ୍ତି ପାଳିଆ ପଡିଆରୀ ରୋଷକୁ ସକାଳଧୂପ ଲାଗିଯାଏ । ଏହି ଦିନ ୧୨ ନୂଆ ଖେଚେଡ଼ି, ପିଠା, ଟାକୁଆ ଭୋଗ ହୁଏ । ଦିଅଁ ରତ୍ନ ସିଂହାସନ ଛାଡ଼ିଲାପରେ ପୁନର୍ବାର ସିଂହାସନକୁ ଆସିବା ଯାଏ ମୁରୁଜ ପଡେ ନାହିଁ । ଭୋଗ ସରିଲା ପରେ ସୁଆର ବଡୁ ଭିତରେ ପାଣି ପକାଏ । ସୁଧ ସୁଆର ତିନି ବାଡ଼ରେ ତିନୋଟି ପିତଳ ବଟାରେ ମୁଦୁଲିଠାରୁ ଅଠରମୁଣ୍ଡି ପାତ୍ର ସଜନେଇ ମଙ୍ଗଳାର୍ପଣ ଜିନିଷ ଠିକଣା କରି ରଖନ୍ତି । ପଣ୍ଡା, ପତି, ମହାପାତ୍ର ଓ ମୁଦିରସ୍ତ ଆସି ତିନିବାଡରେ ମଙ୍ଗଳାର୍ପଣ କରନ୍ତି । ତାପରେ ମୁଦିରସ୍ତେ ତିନିବାଡ଼ରେ ଡୋରଲାଗି ପୁଷ୍ପାଞ୍ଜଳି ଓ ତୁଳୀ ଲାଗି ବଢାନ୍ତି । ଏଥିପାଇଁ ନୂଆତୁଳୀ ରାଘବଦାସ ମଠ ଯୋଗାଇଥାଏ । ଏହାପରେ ଦଇତାପତି ମଇଲମ ବାହାରକରି ଗୁଙ୍ଗୁଡ଼ା ମେକାପ ମାରଫତ୍‌ରେ ଦିଅନ୍ତି । ପାଳିଆ ଖୁଣ୍ଟିଆ ମଣିମା ଡାକ ଦେଲାପରେ ଦଇତାପତିମାନେ ଗୁଣ୍ଡିଚା ଫିଟାନ୍ତି । ତାପରେ ପହଣ୍ଡି ବିଜେ ଆରମ୍ଭ ହୁଏ । ପ୍ରଥମେ ହୁଏ ଧାଡ଼ି ପହଣ୍ଡି । ଘଣ୍ଟ, କାହାଳି, ତେଲେଙ୍ଗି ବାଜା ବାଜେ ଓ ଛତାର ଛତ୍ର ଧରେ । ଆଗରେ ସୁଦର୍ଶନ ବିଜେ ହୁଅନ୍ତି । ସେ ଜଗମୋହନ ସାତ ପାହାଚରେ ପହଞ୍ଚିଲେ ବଡ଼ଠାକୁରଙ୍କ ଗୁଣ୍ଡା ଫିଟେ । ବଡ଼ ଠାକୁର ସାତପାହାଚ ଦ୍ୱାର ଡେଇଁଲେ ସୁଭଦ୍ରାଙ୍କ ଗୁଣ୍ଡା ଫିଟାଯାଏ । ସେ ସାତ ପାହାଚ ଡେଇଁଲେ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡା ମଧ୍ୟ ଫିଟି ଥାଏ । ସାତ ପାହାଚଠାରେ ପ୍ରତ୍ୟେକ ଠାକୁର ରାଘବଦାସ ମଠ ଯୋଗାଇଥିବା ଟାୟା ଲଗି ହୁଅନ୍ତି । କ୍ରମାନ୍ୱୟରେ ଆନନ୍ଦବଜାର ଦେଇ ନିଜ ନିଜ ରଥକୁ ବିଜେ କରନ୍ତି । ସୁଦର୍ଶନ ସୁଭଦ୍ରାଙ୍କ ରଥରେ ବିଜେ ହୁଅନ୍ତି । ଠାକୁର ପହଣ୍ଡି ହେବା ସମୟରେ ବାହାର ଲୋକମାନେ ତାଙ୍କୁ ଛୁଇଁଲେ ଛୁଆଁ ହୁଏନାହିଁ । ରଥରେ ବିଜେକଲା ପରେ ଗୁଙ୍ଗୁଡ଼ା ମେକାପ ତିନି ରଥକୁ ତିନିଠାକୁରଙ୍କ ଚକା ଅପସର ପିଠିରେ ପକାଇ ଆଣି ଦିଏ । ଚକା ଅପସର ଲାଗି ହୋଇ ଗୁଣ୍ଡା ବନ୍ଧେ । ତାପରେ ଦକ୍ଷିଣଘରୁ ମହାଜନମାନେ ବଡ଼ ଡଙ୍କେ ଥୁଆ ହୋଇଥିବା ପାଲିଙ୍କିରେ ମଦନମୋହନ ଓ ରାମକୃଷ୍ଣଙ୍କୁ ହାତରେ ଆଣି ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁମାନେ ପାଲିଙ୍କିରେ ନେଇ ବଡ଼ବାଡ଼ ରଥ ସାମ୍ନାରେ ଠିଆ କରାନ୍ତି । ସେଠାରୁ ମହାଜନେ ରାମକୃଷ୍ଣ ଦୁଇ ଜଣଙ୍କୁ ବଡ଼ବାଡ଼ ରଥରେ ବିଜେ କରିଥାନ୍ତି । ଶ୍ରୀ ଜଗନ୍ନାଥଙ୍କ ରଥରେ ବିଜେ ହୁଅନ୍ତି ମଦନମୋହନ । କୋଠସୁଆଁ ସିଆମାନେ ଏହାପରେ ଭଣ୍ଡାର ଦୁଆରରୁ ଦରଟା ବଡ଼ ସିନ୍ଦୁକ (ଗୋଟିକରେ ନଅଦିନ ପାଇଁ ଲୁଗା ଓ ପାଟ—ଅନ୍ୟ ସିନ୍ଦୁକରେ ଅଳଙ୍କାର) ନେଇ ଶ୍ରୀ ଜଗନ୍ନାଥଙ୍କ ରଥର ପଛପଟେ ରଖନ୍ତି । ପୂଜା ସାମଗ୍ରୀ, ଥାଳି, ଘଣ୍ଟା, ଗଡୁ ଇତ୍ୟାଦି ତିନିରଥ ଭିତରେ ଏହି ସୁଆଁ ସିଆ ସେବକମାନେ ଭାଗ କରି ନେଇ ରଖି ଦିଅନ୍ତି ।

ଛେଙ୍କା ଓ ପାଇକ ଘଣ୍ଟା, ଛତା ଓ କାହାଳୀ ସହ ବଣିଆମାନଙ୍କ ଘରକୁ ଯାଇ ତିନି ବାଡ଼କୁ ଚିତା (ଭଣ୍ଡାର ଘରୁ ଦିଆଯାଇ ଥିବା ସୁନା ଓ ପଥରରେ ସୋଲ ଚିତା) ଆଣିଥାନ୍ତି । ତିନି ବାଡ଼ରେ ଏହା ଲଗି ହେବା ପରେ ପାଟ ଖଣ୍ଡୁଆ ଓଗେର ମଙ୍ଗଳମ ହୋଇ ମାଳଫୁଲ ଲଗି ହୁଏ (୧୧) ।

**ଛେରାପହଁରା :**—ଓଡ଼ିଶାର ଗଜପତି ମହାରାଜା (ବର୍ତ୍ତମାନ ପୁରୀ ରାଜା ସାହେବ) ଶ୍ରୀନଅରରୁ ମେହେନାରେ (ହାଦୋଳାରେ) ରାଜା-ପଟୁଆର ସହ ଛେରାପହଁରା ନିମନ୍ତେ ଆସି ବଡବାଡ଼ ରଥରେ ଉଠିଲେ ବିଅଙ୍କର ମାଳଚୂଳଲାଗି ବଢ଼େ । ରାଜା ପ୍ରଥମେ ଦଣ୍ଡପ୍ରଣାମ କରି ହାତଧୋଇ ନିଭଛାଳି ଦେଇ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ଭଣ୍ଡାର ମେକାପ ତାଙ୍କ ହାତକୁ ଦେଇଥିବା କର୍ପୂର ଆଳତି ଓ ସୁନା ଚାମର ଆଲଟ ଲାଗି । ତା'ପରେ ସିଂହାସନରୁ ଓହ୍ଲାଇ ସଂସ୍କାରକରି ରଖିଥିବ ସୁନାଝାଡ଼ୁ ରାଜଗୁରୁଙ୍କ ହାତରୁ ନିଅନ୍ତି । ଦୟାଣମାଳି ଦେଇଥିବା ଶୁକ୍ଳଫୁଲ ଭଣ୍ଡାର ମେକାପ ରୁପା ପାତ୍ରରେ ଧରି ଆଗେ ଆଗେ ରଥ ଚାରି ପାଖରେ ବୁଲି ପକାଉଥାନ୍ତି ଓ ଗଜପତି ରାଜା ସୁନାଝାଡ଼ୁ ଧରି ରଥ ଚାରିପଟଯାକ ପହଁରୁଥାନ୍ତି । ସଂସ୍କାର କରାଯାଇଥିବା ଚନ୍ଦନ ପାଣି ଓ ପରେ ଚନ୍ଦନ ଗୁଣ୍ଡ ଭଣ୍ଡାର ମେକାପ ହାତରୁ ଆଣି ରାଜା ରଥ ଚାରିପଟେ ଛିଞ୍ଚନ୍ତି । ଛେରା ପହଁରା କାର୍ଯ୍ୟ ଚାଲିଥିବା ସମୟରେ ରାଜାଙ୍କ ପାଖରେ ତହାଲ କରଣ ଓ ଦେଉଳ କରଣ ରହିଥାନ୍ତି । ତିନୋଟି ରଥରେ ଏହିସବୁ କାର୍ଯ୍ୟ ସରିବା ପରେ ଭୋଇମାନେ ତିନି ରଥରେ ଚିତ୍ରିତ ସାରଥି ଲଗାନ୍ତି । ଦେବତାମାନେ ରଥକୁ ଚଢ଼ିବା ନିମନ୍ତେ ପଡିଥିବା ଚ ମାଳ ଏହାପରେ ଫିଟାଯାଏ । ତିନିରଥରେ ଘୋଡା ବନ୍ଧା ହୁଏ । ରଥଟଣା ପାଇଁ ରଥ ରଶି ବନ୍ଧାଯିବା ପରେ ସରକାରୀ କର୍ମଚାରୀ ଓ ପୁଲିସ୍ ଅଫିସରମାନଙ୍କର ଦାୟିତ୍ୱ ନିଅନ୍ତି । ତାପରେ ଆରମ୍ଭ ହୁଏ ଭକ୍ତ ମାନଙ୍କ ଦ୍ୱାରା ରଥଟଣା କାର୍ଯ୍ୟ । ବଳଭଦ୍ର ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ କ୍ରମାନୁସାରେ ଗୁଣ୍ଡିଚାଘର ଅଭିମୁଖେ ଅଗ୍ରସର ହୁଏ । ଗୋଟିକ ପରେ ଗୋଟିଏ ରଥ ବଡଦାଣ୍ଡରେ ଯାଉଥିବା ବେଳେ ବାଟରେ ବିଭିନ୍ନ ମଠବାଡିର ପତି ଭୋଗ (ପଥ ଭୋଗ) ହୋଇ ଥାଏ । ରଥରେ ଡାହୁକମାନଙ୍କର ଅଶ୍ଳୀଳ ନାଟ ଓ ଗୀତ (୧୨) ତଥା ଘଣ୍ଟା ମାଦଳ ଧ୍ୱନି ଭକ୍ତ ଦର୍ଶକର ମନରେ ଅପୂର୍ବ ଭାବାବେଶ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ରଥାରୂଢ଼ ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କ ଦର୍ଶନ ମାତ୍ରେ ଦର୍ଶକର ସବୁ ପାପ ତାପ ଧୋଇଯାଏ । (୧୩) ଲକ୍ଷ ଲକ୍ଷ ଭକ୍ତ, ସାଧୁ, ପର୍ଯ୍ୟଟକ ଓ ଦର୍ଶକ ଲୋତକାପ୍ଳୁତ ନୟନରେ ଆତ୍ମ-ବିଭୋର ହୋଇ ଆନନ୍ଦ କୋଳାହଳ ମଧ୍ୟରେ ଏହି ବିଚିତ୍ର ଦୃଶ୍ୟ ଦର୍ଶନ କରୁଥାନ୍ତି ।

ରଥ ଗୁଣ୍ଡିଚା ଦାଣ୍ଡରେ ପହଞ୍ଚିବା କ୍ଷଣି ଠାକୁରମାନଙ୍କର ମହାସ୍ନାନ ବଢ଼େ । ପର୍ବ ଯାତ୍ରା ଯୋଗାଣିଆ ମହାସ୍ନାନ ଜିନିଷ ଯୋଗାଇ ଦେବାପରେ ପୂଜାପଣ୍ଡା ମହାସ୍ନାନ କରାନ୍ତି । ପାଳିଆ ସୁଆରବଡୁ ଓ ପତ୍ରିବଡୁ ତିନିରଥରେ ସେବାକାର୍ଯ୍ୟ କରିଥାନ୍ତି । ମହାସ୍ନାନ ପରେ ନୂଆ ବୋଉଦାଣୀ ଲୁଗା ଲଗି ହୋଇ ସର୍ବାଙ୍ଗ ସେବା ସଂପୂର୍ଣ୍ଣ କରାଯାଏ । ତାପରେ ଚାଲେ ବିଧି ଅନୁସାରେ ମଧ୍ୟାହ୍ନଧୂପ ଓ ଅନ୍ୟାନ୍ୟ ଦୈନନ୍ଦିନ ନୀତି । ଗୁଣ୍ଡିଚାଘର ରୋଷ କାର୍ଯ୍ୟ ଚୂନାମୁଣ୍ଡିଠାରେ ଆରମ୍ଭ ହୁଏ । ପାଳିଆ ପଢିଆରୀ ଭୋଗ ଡାକି ଯିବା ପରେ ଘଣ୍ଟ ଛତା, କାହାଳୀସହ ତଳିଚ୍ଛୁ ମହାପାତ୍ର ଓ ପ୍ରଧାନୀ ହାତପଇଠ ହୋଇ ଛେକ ଆଣନ୍ତି । ପୂଜା ପଣ୍ଡାମାନେ ସନ୍ଧ୍ୟାଆଳତି, ଚନ୍ଦନଲାଗି ଓ ବଡ଼ ସିଂହାର ବେଶ ଇତ୍ୟାଦି ନିଶ୍ଚାର ସହିତ କରିଥାନ୍ତି । ପାଳିଆ ପଶୁପାଳକମାନେ ପହୁଡ଼ ଆଳତି କରି ଶ୍ରୀମୁଖ ଖଣ୍ଡୁଆ ପକାଇ ଚାଲିଯିବା ପରେ ପହଁରାବାଲା ରଥ ସାମନା ପରଦା ବାନ୍ଧିଦିଏ । ତା ପରଦିନ ସନ୍ଧ୍ୟାଧୂପ ଯାଏ ଚାଲେ ଦୈନନ୍ଦିନ ନୀତି । ଏହାପରେ ପହଣ୍ଡି ବିଜେ ହୁଅନ୍ତି ଗୁଣ୍ଡିଚା ଘରକୁ । ଗୋଟିପହଣ୍ଡିରେ ଠାକୁରମାନେ ବିଜେ ହେବା ସମୟରେ କାହାଳୀ ବାଜେ । ମୁଦିରସ୍ତ ତୋରଲାଗି ପୁଷ୍ପପାଣିଟି ବଢ଼ାନ୍ତି । ମହାଜନମାନେ ଆଗରେ ମଦନ-ମୋହନ ଓ ରାମକୃଷ୍ଣଙ୍କୁ ହାତରେ ନେଇ ଗୁଣ୍ଡିଚା ବାଡ଼ି ଭଣ୍ଡାର ଘର ସିଂହାସନ ଉପରେ ବିଜେ କରାନ୍ତି । ତା'ପରେ ଦଇତା-ମାନେ ସିଂହାସନ ଖଟତଳେ ବିଜେ କରାନ୍ତି ସୁଦର୍ଶନଙ୍କୁ । ସେମାନେ ମଙ୍ଗଳମକରି ଲୁଗା ଫିଟାଇ ସିଂହାସନରୁ ଖଟ ଉପରକୁ ଠାକୁରମାନଙ୍କୁ ଓହ୍ଲାନ୍ତି । ଛାମୁ ଖୁଣ୍ଟିଆ ମଣିମା ଡାକ ଦେବା ସମୟରେ ରାଘବଦାସ ମଠ ଯୋଗାଇଥିବା ଟାୟା ଠାକୁରଙ୍କୁ ଲାଗି କରାଯାଏ । ପତିମହାପାତ୍ରେ ଧଣ୍ଡା ଚନ୍ଦନ ଲାଗି କଲାପରେ କର୍ପୂରଆଳତି, ଦୁର୍ବାକ୍ଷତ, ସାତବତୀ, ସଞ୍ଜକାହାଳୀ ବନ୍ଦାପନା ଇତ୍ୟାଦି ବଢେ ଓ ଘଣ୍ଟା ବିଜିଆ ସାତବତୀ, ସାତକାହାଳୀ ବନ୍ଦାପନା ଇତ୍ୟାଦି ବଢେ ଓ ଘଣ୍ଟା ବିଜିଆ ମଣୋହି ହୁଏ । ଘଣ୍ଟାକାହାଳୀ ଧ୍ୱନିରେ ଗୁଣ୍ଡିଚାଘରକୁ ବିଜେ ହୁଅନ୍ତି । ଯିବା ସମୟରେ ମଧ୍ୟ ବାଟରେ ପତିଭୋଗ (ପଥଭୋଗ) ହୁଏ ।

**ଗୁଣ୍ଡିଚାବାଡି ନୀତି**—ଠାକୁର ରଥରୁ ଓହ୍ଲାଇ ସିଂହାସନରେ ବିଜେ ହେବା ପରେ ଦଇତାମାନେ ଲୁଗା ବଦାନ୍ତି । ତାପରେ ପତିମହାପାତ୍ରେ ଘଟୁଆରି ଦେଇଥିବା ଚନ୍ଦନ ତିନୋଟି ରୁପା ପିଙ୍ଗଣରେ ପାଳିଆ ମେକାପଠାରୁ ନେଇ ତିନିବାଡରେ ସର୍ବାଙ୍ଗ ଲାଗି କରନ୍ତି ଓ ବନ୍ଦାପନା କରି ଶ୍ରୀମୁଖ ଖଣ୍ଡୁଆ ପକାଇ ବାହାରକୁ ଚାଲି ଆସନ୍ତି । ସିଂହାସନରୁ ପହଣ୍ଡି ସମୟରେ ଭିତରକୁ ଯାଇ କୋଠସୁଆଁ-ସିଆମାନେ ପଡିଥିବା ଚାର ଫିଟାନ୍ତି । ଚାର ଫିଟିବାପରେ ଦଇତାମାନଙ୍କ ଦ୍ୱାରା ସୁଦର୍ଶନଙ୍କୁ ସିଂହାସନ ଉପରେ ବିଜେ କରାଯାଏ । ଭିତରେ ଧୋପଖାଳ ହୋଇ ଚୁପପାଣି ପଡିବା ପରେ ସୁଧ ସୁଆର ଗନ୍ଧଣ ମେକାପ ଘରଠାରୁ ମହାସ୍ନାନ ସାମଗ୍ରୀ ଆଣି ତିନିବାଡରେ ମହାସ୍ନାନ ପୂଜାଠା କରେ । ତିନିଜଣ



ପାଳିଆ ପୂଜାପଣ୍ଡା ମହାସ୍ନାନ କରାଇବା ପରେ ତିନିଜଣ ପାଳିଆ ପଣ୍ଡୁପାଳକ ମଇଲମ କରି ମାଳଫୁଲ ଲାଗି କରାନ୍ତି । ଏହି ସମୟକୁ ରାତି ପାହିଥାଏ । ମଙ୍ଗଳଆଳତି ପ୍ରଭୃତି ଦୈନନ୍ଦିନ ନୀତି କ୍ରମାନ୍ୱୟରେ ହୁଏ । କିନ୍ତୁ ଶ୍ରୀଗୁଣ୍ଡିଚାଠାରୁ ବାହୁଡାଯାଏ ଭୋଗମଣ୍ଡପରେ ଦୈନିକ ମହାସ୍ନାନ ପରେ ନୂଆ ଲୁଗା ଲାଗିହୁଅନ୍ତି । ଗୁଣ୍ଡିଚା ଘରେ ବଲ୍ଲଭସପା ମଣୋହିରେ ପୂଜା ହୁଅନ୍ତି ।

## ହେରା ପଞ୍ଚମୀ

ରଥଯାତ୍ରାଠାରୁ ପାଞ୍ଚଦିନ ଆଷାଢ ଶୁକ୍ଳ ଷଷ୍ଠୀରେ ଏହି ଉତ୍ସବ ପାଳିତ ହୁଏ । ଶ୍ରୀମନ୍ଦିର ଭଣ୍ଡାର ଘରେ ପାଳିଆ ମହାଜନମାନେ ବିଜେ ହୋଇଥିବା ଲକ୍ଷ୍ମୀଙ୍କୁ ମାଜଣାକରନ୍ତି । ଏହାପରେ ବନକ ଲାଗି ହୋଇ ଶୃଙ୍ଗାର ମେକାପ ହୋଇଥିବା ପାଟଣାଢୀ ଓ ଭଣ୍ଡାରଘରୁ ଯାଉଥିବା ଅବକାଶ ଲାଗି ବଢିବାପରେ ପାଳିଆମେକାପ, ପଢିଆରୀ ଓ ମୁଦୁଲି ଦେବା ପନ୍ତିଭୋଗ ପୂଜାପଣ୍ଡା ଭୋଗ କରନ୍ତି । ଠାକୁରାଣୀଙ୍କୁ ମହାଜନମାନେ ନେଇ ବଟଗଛ ମୂଳେ ଥିବା ବିମାନରେ ବସାଇ ଘଣ୍ଟ, କାହାଳୀ ଓ ବାଜାଦି ଆଡମ୍ବରରେ ସିଂହଦ୍ୱାର ଦେଇ ବଡଦାଣ୍ଡ ବାଟେ ଗୁଣ୍ଡିଚାଘର ରଥ ପାଖକୁ ନିଅନ୍ତି । ସେଠାରେ ପତିମହାପାତ୍ରଙ୍କ ଦ୍ୱାରା ପ୍ରସାଦଲାଗି, ବନ୍ଦାପନା ଓ ଚାମର ଆଲଟ ଲାଗି ହୋଇଥାଏ । ଘସାବିଡିଆ ଓ ଦହିପତି ମଣୋହି ହୁଏ । ଏହି ସମୟ ମଧ୍ୟରେ ଗୁଣ୍ଡିଚାଘରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ସରି ଶାଡୀଲାଗି ହେବାପରେ ଆଳତି ବଢେ । ଆଳତି ପରେ ମହାପ୍ରଭୁ (ଜଗନ୍ନାଥ)ଙ୍କ ବାଡରେ ପଞ୍ଚାମୃତ ମହାସ୍ନାନ ହୋଇ ତିନି-ବାଡରେ ସର୍ବାଙ୍ଗ ଲାଗି ଓ ବେଶ ବଢେ । ସନ୍ଧ୍ୟାଧୂପ ଉଠି ପୂଜାପଣ୍ଡା ବସିଥିବା ସମୟରେ ମହାଲକ୍ଷ୍ମୀ ରଥ ନିକଟରେ ନୀତି ବଢାଇ ଜଗମୋହନର ଜୟବିଜୟ ଦ୍ୱାରକୁ ଆସିଥାନ୍ତି । ସିଂହାସନ ଉପରୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ପତିମହାପାତ୍ରେ ଦେବାପରେ ପୂଜାକାଣ୍ଡି ବଢି ଧୂପଦୀପ ଦିଆଯାଇ ଟେରା ପଡେ । ଲକ୍ଷ୍ମୀଙ୍କ ବିମାନ ଜଗମୋହନରୁ ନାକଚଣା ଦୁଆର ଦେଇ ତେନ୍ତୁଳିଗଛ ପାଖରେ ରଖାଯାଏ । ସେଠାରେ ଭିତରଚ୍ଛୁ ମହାପାତ୍ର ବନ୍ଦାପନା ଓ ଦହିପତି ମଣୋହି ବଢାନ୍ତି । ଏହାପରେ ଲକ୍ଷ୍ମୀଙ୍କ ବିମାନ ଶ୍ରୀଜଗନ୍ନାଥଙ୍କ ରଥ ପାଖକୁ ନିଆଯାଇ ରଥକାଠ ଖଣ୍ଡିଏ ସେବକଙ୍କ ଦ୍ୱାରା ଭାଙ୍ଗି ଦିଆଯିବା ପରେ ହେରାଗୌରୀ ସାହୀ ବାଟେ ଲକ୍ଷ୍ମୀ ବଡ ଦେଉଳକୁ ବିଜେ କରନ୍ତି । ହେରାପଞ୍ଚମୀ ଯାତ୍ରା ବିଷୟରେ ଏକ କିମ୍ବଦନ୍ତୀ ପ୍ରଚଳିତ ଅଛି ଯେ ଶ୍ରୀ ଜଗନ୍ନାଥ ଆପଣାର ଭାଇଭଉଣୀଙ୍କ ସହ ରଥରେ ଗୁଣ୍ଡିଚା ଘରକୁ ଯାତ୍ରା କରିବାପରେ ଲକ୍ଷ୍ମୀ ନିଜକୁ ଉପେକ୍ଷିତ ଭାବି୍ା ମନେକରି ବିରହ ବ୍ୟଥାରେ ଭଗିନୀ ବିମଳାଦେବୀଙ୍କ ପରାମର୍ଶକ୍ରମେ ଅଭିମାନଭରା କ୍ରୋଧରେ ଗୁପ୍ତରେ ଯାଇ ଏକାନ୍ତରେ ଜଗନ୍ନାଥଙ୍କୁ ଦର୍ଶନ କରି ରଥକାଠ ଖଣ୍ଡେ ସେ ଭାଙ୍ଗି ଆଣନ୍ତି । ତାପରେ ପ୍ରତ୍ୟାଗମନ ପାଇଁ ରଥ ଦକ୍ଷିଣାଭିମୁଖୀ ହେବା ନିମନ୍ତେ ଆଦେଶ ଦିଆଯାଏ ।

## ଗୁଣ୍ଡିଚାଘର (ସପ୍ତମୀ, ଅଷ୍ଟମୀ, ନବମୀ)

ଗୁଣ୍ଡିଚାଘରେ ଏହି ତିନିଦିନ ପ୍ରତ୍ୟେହ ସନ୍ଧ୍ୟାଧୂପ ବଢିବାପରେ ମହାଜନମାନେ ମଦନ ମୋହନଙ୍କୁ ହାତରେ ନେଇ ଜଗମୋହନ ସିଂହାସନ ଉପରେ ବିଜେ କରାନ୍ତି । ସେଠାରେ ପୂଜାପଣ୍ଡା କୋରାଭୋଗ ସର୍ପମଣୋହି ଜଳ ଉପାରେ ବନ୍ଦାପନା ବଢେ । ନବମୀ ଦିନର ସନ୍ଧ୍ୟା କାଳରେ ଶ୍ରୀଜିଉଙ୍କର ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ ହୋଇଥିବାରୁ ଭକ୍ତମାନଙ୍କର ବହୁତ ଭିଡ ହୁଏ । ସେଦିନ ଲୋକମାନେ ବ୍ରାହ୍ମଣ ଭୋଜନ ଇତ୍ୟାଦି କରାନ୍ତି । ଶ୍ରୀଗୁଣ୍ଡିଚା ଦିନକୁ ମିଶାଇ ଠାକୁର ସାତଦିନ ଗୁଣ୍ଡିଚାଘରେ ରହିବା ପରେ ଅଷ୍ଟମୀଦିନ ବାହୁଡାବିଜେ ହୁଏ । ଏହି ସମୟରେ ଗୁଣ୍ଡିଚାଘରେ ମଠମାନଙ୍କର ତେରାପତି ଭୋଗହୁଏ । ନବମୀ ଦିନ ରାତ୍ର ବଡସିଂହାର ସରି ଆଳତି ବଢିବାପରେ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପଣ୍ଡୁପାଳକମାନେ ବାହାରି ଆସନ୍ତି । ଦୂରରେ ଦଇତାପତି ସିଂହାସନ ଉପରେ ଠିଆ ହୋଇ ବାହୁଟ ମାଡ କରିଥାନ୍ତି । ଏହା ରଥଯାତ୍ରା ପୂର୍ବରାତ୍ରର ନୀତି ଭଳି ହୋଇଥାଏ । ସୁଦର୍ଶନଙ୍କୁ ସିଂହାସନରୁ ଆଣି ବଡଦାଣ୍ଡର କୋଣରେ ଖଟୁଲି ଉପରେ ବିଜେ କରାଯିବା ପରେ କୋଠସୁଆଁସିଆଙ୍କ ଦ୍ୱାରା ଘର ବନ୍ଧାଯାଏ । ଦଇତାମାନେ ରାଘବଦାସ ମଠ ଦେଇଥିବା ଶୁକ୍ଳ ସକ ଲାଗି କରାନ୍ତି । ପାଳିଆ ପଣ୍ଡୁପାଳ ଓ ଭିତରଚ୍ଛୁ ମହାପାତ୍ରେ ଆଳତି ଅବକାଶ କରିବାପରେ ହୋମ ହୋଇ ସୂର୍ଯ୍ୟପୂଜା ଓ ଦ୍ୱାରପାଳପୂଜା ବଢେ । ସକାଳ ଧୂପ (ଖେଚେଡି ଭୋଗ) ସଙ୍ଗରେ ବଲ୍ଲଭ ଭୋଗ ଏକତ୍ର ହୋଇ ଷୋଡଶୋପଚାରରେ ମଣୋହି ହୁଏ । ଏହି ଭୋଗରେ ପାହାନ୍ତିଆ ପୂର୍ବରୁ ଶେଷ ହୋଇଥାଏ । ଖେଚେଡି ଭୋଗପରେ ଦଇତାମାନେ ବାକି ରହିଥିବା ସେନାପଟ ଲାଗି କରନ୍ତି । ପଣ୍ଡା, ପତି ଓ ମୁଦିରସ୍ତ ଗୁଣ୍ଡିଚାଭଳ— ନୀତିରେ ମଙ୍ଗଳାର୍ପଣ କରନ୍ତି । ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ଦେବାପରେ ଘଣ୍ଟଘଣ୍ଟା କାହାଳି ଧ୍ୱନି ଭିତରେ ଧାଡି ପହଣ୍ଡି ବିଜେ ଆରମ୍ଭ ହୁଏ । ପ୍ରଥମେ ସୁଦର୍ଶନଙ୍କୁ ବିଜେ କରାଯାଇ ବଳଭଦ୍ରାଦି-କ୍ରମରେ ଠାକୁରମାନଙ୍କର ପହଣ୍ଡି କାର୍ଯ୍ୟ ସଂପାଦିତ ହୁଏ । ଜଗମୋହନ ଦୁଆର ପାଖରେ ରାଘବ ଦାସ ମଠ ଦେଇଥିବା ଟାୟା ପ୍ରତ୍ୟେକ ଠାକୁରମାନେ ଲାଗି ହୁଅନ୍ତି । ଏହିଠାରେ ମହାଜନମାନଙ୍କ ଦ୍ୱାରା ତୁଳସୀ ଲାଗି ନୀତି ବଢେ । ପତି ମହାପାତ୍ରେ ପ୍ରସାଦ (ଧଣ୍ଡା ଓ ଚନ୍ଦନ) ବନ୍ଦାପନା, କର୍ପୂର ଆଳତି, ସାତବତୀ ଓ ସଞ୍ଜ ଦେଲାପରେ ଘସାବିଡିଆ ମଣୋହି ହୁଏ । ଠାକୁରମାନେ ଯେ ଯାହାର ରଥକୁ ବିଜେ କରନ୍ତି । ପୂଜାପଣ୍ଡା ତିନିଠାକୁରଙ୍କର ଅଙ୍ଗରୁ ଆଜ୍ଞାମାଳ ତିନିଖଣ୍ଡ ନେଇ ଘଣ୍ଟ, ଛତା, ଓ କାହାଳୀ ଧ୍ୱନି ମଧ୍ୟରେ ନିଜ ରଥରେ ରଖନ୍ତି । ଆଗରୁ ପୁଲିସ୍ ଓ ମନ୍ଦିର କର୍ମଚାରୀମାନଙ୍କ ଉପସ୍ଥିତିରେ ତିନିରଥକୁ ଦକ୍ଷିଣ ମୋଡକରି ରଖାଯାଇଥାଏ । ଠାକୁରମାନେ ରଥରେ ବସି ଭୁଜ ବଢିଲେ ଗଣ୍ଡାଘରୁ ମହାଜନ-



ମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ହାତରେ ନେଇ ପୂର୍ବ ନିର୍ଦ୍ଦିଷ୍ଟ ରଥମାନଙ୍କ ଉପରେ ବିଜେ କରନ୍ତି । ଏହାପରେ ପୁରୀ ଗଜପତି ରାଜା ବା ମୁଦିରସ୍ତ ଶ୍ରୀଗୁଣ୍ଡିଚା ଦିନ ପରି ତିନିରଥରେ ଛେରାପହଁରା କାର୍ଯ୍ୟ ସମାପନ କଲାପରେ ରଥର ସରପିଟେ ଓ ଘୋଡ ବନ୍ଧାଯାଏ । ଦଉଡି ଲାଗି ଭକ୍ତମାନଙ୍କ ଦ୍ୱାରା ବାହୁଡା ରଥ ଟଣା ଆରମ୍ଭ ହୁଏ ।

ରଥଯାତ୍ରା ଦିନଠାରୁ ଠାକୁର ରଥରୁ ଓହ୍ଲାଇବାଯାଏ (ଠାକୁର ଗୁଣ୍ଡିଚାଘରେ ଥିବା ସମୟରେ) ତିନିରଥରେ ଧ୍ୱଜପୂଜା ହୁଏ । ଧୂପପରେ ପତ୍ରି ତିନିରଥକୁ ଭୋଗନିଏ । ଠାକୁର-ମାନଙ୍କର ଶୁଖିଲାଭୋଗ ହେଉଥିଲେ ଧ୍ୱଜପୂଜାକୁ ମଧ୍ୟ ଶୁଖିଲା ଭୋଗ ଦିଆଯାଏ । ଗୁଣ୍ଡିଚା ଘରେ ଅନ୍ନଭୋଗ ହେଉଥିବା ଦିନମାନଙ୍କରେ ଓଳିଏ ଅନ୍ନ ଧ୍ୱଜପୂଜାରେ ଭୋଗ ହୁଏ ।

## ବାହୁଡା ଯାତ୍ରା

ରଥଟଣା ସମୟରେ କାହାଳିଆ କାହାଳୀ ବଜାଏ । ଘଣ୍ଟା ମାଦଳ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠେ । ବାହୁଡ଼ି ଗୀତଗାଏ ଓ ବାହୁଡା ଯାତ୍ରା ନିମନ୍ତେ ବଳଭଦ୍ରାଦିଙ୍କ କ୍ରମରେ ରଥଟଣା ଆରମ୍ଭ ହୁଏ । ବଡଠାକୁରଙ୍କ ରଥ ବଡଶଂଖ ଯାଏ ଆସିଲା ପରେ ଶ୍ରୀସୁଭଦ୍ରାଙ୍କ ରଥଟଣା ହୋଇଥାସେ । ସର୍ବଶେଷରେ ଟଣାହୁଏ ଶ୍ରୀଜଗନ୍ନାଥଙ୍କର ରଥ । ଠାକୁରମାନେ ରଥରେ ବିଜେ ହୋଇ ଆସିଲା ବେଳେ ବାଟରେ ସବୁ ପତିଭୋଗ (ପଥଭୋଗ) ହୁଏ । ଏହି ବାହୁଡାଯାତ୍ରା କାଳରେ ଦକ୍ଷିଣା-ଭିମୁଖୀ ରଥସ୍ଥ ଦେବ ଦର୍ଶନ ଅତ୍ୟନ୍ତ ପୁଣ୍ୟପ୍ରଦ (୧୪) । ବଡଠାକୁର ଓ ସୁଭଦ୍ରାଙ୍କର ରଥ ଟଣା ହୋଇ ସିଂହଦ୍ୱାର ନିକଟକୁ ଆସେ ମାତ୍ର ଶ୍ରୀଜଗନ୍ନାଥଙ୍କ ରଥ ବାଟରେ ମାଉସୀ ମା ଦେଉଳ ପାଖରେ ରହିଯାଏ । ମାଉସୀମା ଦେଉଳର ସେବକ ଛେନାପୋଡପିଠା କରି ରଖିଥାଏ । ତାହା ଜଗାକାଳିଆକୁ ଭୋଗଦିଏ । ସେଠାରୁ ଶ୍ରୀଜଗନ୍ନାଥଙ୍କର ରଥ ଆସି ରାଜାଙ୍କ ନଅର ପାଖରେ ରହେ । ଏହି ସମୟରେ ମହାଲକ୍ଷ୍ମୀ ଭଣ୍ଡାରଘରୁ ପାଟପିନ୍ଧି ମାଳଫୁଲ ବେଶ ହୋଇ ମହାଜନଙ୍କ ଦ୍ୱାରା ସାତପାହାଚ ଦୁଆରରେଥିବା ପାଲିଙ୍କିରେ ବିଜେକରନ୍ତି । ବିମାନ ବଡୁମାନେ ଲକ୍ଷ୍ମୀଙ୍କ ବିମାନ ନେଇ ଚାହାଣି ମଣ୍ଡପରେ ଠିଆ କରିବା ପରେ ଲକ୍ଷ୍ମୀ ଜଗନ୍ନାଥଙ୍କ ରଥକୁ ଚାହାଁନ୍ତି । ସେଠାରୁ ବିମାନ ନେଇ ଶ୍ରୀ ଜଗନ୍ନାଥଙ୍କ ରଥନିକଟରେ ପହଞ୍ଚିଲା ପରେ ପରବଯାତ୍ରା ଯୋଗାଣିଆ ଦେଇଥିବା ଦହିପତି ମଣୋହି ହୁଏ । ଏହି ସମୟରେ ରାଜା ବିଜେ ହୁଅନ୍ତି । ମଣୋହି ପରେ ବିମାନ ବଡୁମାନେ ଲକ୍ଷ୍ମୀଙ୍କ ବିମାନ କାନ୍ଧେଇ ଶ୍ରୀଜଗନ୍ନାଥଙ୍କ ରଥ ଚାରିପାଖରେ ବୁଲାଏ ବୁଲନ୍ତି । ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଅଜ୍ଞାମାଳ ଦେଲାପରେ ଲକ୍ଷ୍ମୀଦେବୀ ମନ୍ଦିରକୁ ବିଜେ ହୁଅନ୍ତି । ଏହା ପରେ ଶ୍ରୀଜଗନ୍ନାଥଙ୍କ ରଥ ସିଂହଦ୍ୱାରକୁ ଚାଲିଆସେ । ଠାକୁରମାନେ ସେହିଦିନ ରଥରେ ସିଂହଦ୍ୱାର ପାଖରେ ରହନ୍ତି । ଦ୍ୱାଦଶୀ ଭୋଗ ମଧ୍ୟାହ୍ନ ଧୂପଠାରୁ ଆରମ୍ଭ ହୋଇ ଅବଶିଷ୍ଟ ଦୈନନ୍ଦିନ ନୀତିପର୍ଯ୍ୟନ୍ତ ହେବା ସଙ୍ଗେ ସଙ୍ଗେ ରଥରେ ସମ୍ପନ୍ନ ହୁଏ । ଧୂପମାନଙ୍କରେ କେବଳ ଶୁଖିଲା ଭୋଗ ହୋଇଥାଏ । ତହିଁ ପରଦିନ ମଧ୍ୟ ଠାକୁରମାନେ ରଥରେ ଥିବାସମୟରେ ଏକାଦଶୀ ନୀତି, ସୁନାବେଶ ଓ ଅଧରପଣା ଭୋଗହୁଏ । ଦ୍ୱାଦଶୀଦିନ ରଥରୁ ସିଂହାସନକୁ ବିଜେ କରନ୍ତି ।

ଶ୍ରୀଜଗନ୍ନାଥଙ୍କ ଅନ୍ୟାନ୍ୟ ଦ୍ୱାଦଶଯାତ୍ରା ମଧ୍ୟରେ (୧୫) ରଥଯାତ୍ରା ସର୍ବପ୍ରଧାନ ବୋଲି ପରଂପରାକ୍ରମେ ସମସ୍ତେ ସ୍ୱୀକାର କରିଛନ୍ତି ।

ଏହାହିଁ ଏକମାତ୍ର ଯାତ୍ରା ଯେଉଁଥିରେ ଜଗତରନାଥ ଶ୍ରୀଜଗନ୍ନାଥ ନିଜ ସିଂହାସନ ଛାଡ଼ି ବାହାରକୁ ଆସି ସର୍ବଜନ ସମକ୍ଷରେ ଉଭା ହୋଇ ନିଜର ପତିତପାବନ ନାମର ସାର୍ଥକତା ପ୍ରତିଷ୍ଠା କରନ୍ତି । ଏସବୁ ଦୃଷ୍ଟିରୁ ଅସଂଖ୍ୟ ଜନମାନସରେ ରଥଯାତ୍ରା ଯେଉଁ ପ୍ରଭାବ ସୃଷ୍ଟିକରେ ତାହାର ପଟାନ୍ତର ନାହିଁ । ଯୁଗେ ଯୁଗେ ପଥଭ୍ରଷ୍ଟ ଭକ୍ତମାନଙ୍କ ମନରେ ଅଶେଷ କରୁଣାର ଭାବ ସଞ୍ଚାର କରି ମହାପ୍ରଭୁ ଜଗନ୍ନାଥ ଏହି ସାର୍ବଜନୀନଲୀଳା ସମ୍ପାଦନ କରିଆସିଛନ୍ତି, ଯାହାର ଖ୍ୟାତି, ବ୍ୟାପ୍ତି ଓ ମହତ୍ତ୍ୱ ଧୀରେ ଧୀରେ ଏବେ ପୃଥିବୀ ପ୍ରସିଦ୍ଧ ହୋଇ ଉଠୁଛି । ବିଶ୍ୱବ୍ୟାପୀ ମଣିଷ ସମାଜକୁ ଏକଜୁଟ ବାନ୍ଧି ରଖିବାରେ ଏ ଲୀଳାର ମହନୀୟତା ଅତୁଳନୀୟ ।

ଓଡ଼ିଆବିଭାଗ
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ
ପାରଳାଖେମୁଣ୍ଡି, ଗଞ୍ଜାମ ।

(୧) ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମାହାତ୍ମ୍ୟମ୍, ଊନର୍ତ୍ତ୍ରିଂଶ ଅଧ୍ୟାୟ, ୩୦ । ୩୪ ପଦ

(୨) ଏତେ କାଳାଃ ପ୍ରଶସ୍ତାହି ଗୁଣ୍ଡିଚାଖ୍ୟ ମହୋତ୍ସବେ
ବିଶେଷାନ୍ମୋକ୍ଷଦାଷାଢ଼ ଦ୍ୱିତୀୟା ପୁଷ୍ୟ ସଂଯୁତା । ୩୨ ।
ଆଷାଢ଼ସ୍ୟ ସିତେପକ୍ଷେ ଦ୍ୱିତୀୟା ପୁଷ୍ୟ ସଂଯୁତା
ତସ୍ୟା ରଥେ ସମାରୋପ୍ୟ ରାମଙ୍କ ଭଦ୍ରୟା ସହ ।
ମହୋତ୍ସବଂ ପ୍ରବର୍ତ୍ତ୍ୟା ପ୍ରଣୟିତ୍ୱାଥ ଦ୍ୱିଜୋତ୍ତମାନ୍ ।୩୩।
(ସ୍କ. ପୁ, ମା, ଊନର୍ତ୍ତ୍ରିଂଶ ଅଧ୍ୟାୟ)

(୩)"ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ
(ସୂତ ସଂହିତା)

ରଥଯାତ୍ରାସ୍ଥିତଂ ଦେବତ୍ରୟଂ ଯେ ପ୍ରୁରୁଷର୍ଷଭାତ । ଯେ ନରା
ବ୍ରହ୍ମଲୋକଂ ତେ ପ୍ରୟାନ୍ତି ନିଯତଂ ଦ୍ୱିଜାଃ ।"



(୪) ଜଗବନ୍ଧୁ ସିଂହ–ପ୍ରାଚୀନ ଉତ୍କଳ. ପୃ (ସ୍କ. ପୁ. ପୁ. ମା, ତ୍ରୟତ୍ରିଂଶ ଅଧ୍ୟାୟ, ୧୦୩ । ୧୦୫)

(୫) ସଂପାଦନା ଡଃ: ଆର୍ତ୍ତବଲ୍ଲଭ ମହାନ୍ତି-ମାଦଳା ପାଞ୍ଜି (ରାଜ ଭୋଗର ଇତିହାସ) ପୃ. ୩୬

(୬) ଡଃ ହରେକୃଷ୍ଣ ମହତାପଙ୍କ ଓଡ଼ିଶା ଇତିହାସ, ପୃ-୧୨୬

(୭) ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମହାତ୍ମ୍ୟ, ତ୍ରୟତ୍ରିଂଶ ଅଧ୍ୟାୟ, ଦ୍ୱାଦଶ ଶ୍ଳୋକ

(୮) ସ୍କ ପୁ, ପୁ. ମା, ତ୍ରୟତ୍ରିଂଶ ଅଧ୍ୟାୟ, ୧୨ ୧୯ ଶ୍ଳୋକ

(୯) ଅଜ୍ଞାନାମଧ୍ୟ ବିଶ୍ୱାସ ଭାଜାଂ ବିଶ୍ୱାସ ହେତବେ ନିସର୍ଗାନୁଭିଦୋପେଷ ଯାତ୍ରାରମ୍ଭାନ୍ କରୋତିବୈ ।୯୪।

(ସ୍କ. ପୁ, ପୁରୁଷୋତ୍ତମମାହାତ୍ମ୍ୟମ୍, ତ୍ରୟତ୍ରିଂଶ ଅଧ୍ୟାୟ)

(୧୦) ସ୍କ.ପୁ, ପୁରୁଷୋତ୍ତମ ମାହାତ୍ମ୍ୟମ୍, ପଞ୍ଚତ୍ରିଂଶ ଅଧ୍ୟାୟ ୧୧ ଶ୍ଳୋକ ।

(11) The Orissa Gazette—Extraordinary—No. 101 Cuttack, Saturday, May 7,1955 PP. 69—80 ଉଦ୍ଧୃତ ।

(୧୨) ହେ ଜଗତେ ରଥଗ୍ଲେ ଘୁଁ ଘୁଁ

(କ) ଯାହାମୁଣ୍ଡରେ ସିନ୍ଦୂରଟୋପା, ତା ଘରତା ମୁଁ ।

(ଡାହୁକଗୀତ)

(ଖ) "ଆହେ ଜଗତେ ! ମଇଁଷି ପିଠିଟା କଳା
ନନ୍ଦିଘୋଷ ରଥ ବାଜେଣି ବଳା
ବିଜେକଲେ ଚକାଡ଼ୋଳା" । (ପଲ୍ଲୀଗୀତି ସଂଚୟନ, ୧ମଖଣ୍ଡ, ପୃ ୬୦୩) ।

(୧୩) "ମହାବେଦୀଂ ବ୍ରଜନ୍ତଂ ତଂ ରଥସ୍ଥଂ ପୁରୁଷୋତ୍ତମମ୍ ।
ବଳଭଦ୍ରଂ ସୁଭଦ୍ରାଞ୍ଚ ଜନ୍ମ କୋଟି ଶତୋଦ୍ଭବମ୍ ।
ଦୁଷ୍ଟାପାପଂ ନାଶୟତି ନାତ୍ର କାର୍ଯ୍ୟ ବିଚାରଣା । ୫୯ ।
ପଶ୍ୟନ୍ତିଯେ ରଥେ ଯାନ୍ତଂ ଦାରୁବ୍ରହ୍ମ ସନାତନମ୍
ପଦେପଦେଅଶ୍ୱମେଧସ୍ୟ ଫଳଶ୍ଚତେଷାଂ ପ୍ରକୀର୍ତ୍ତିତମ୍ । ୫।
(ସ୍କ. ପୁ. ପୁରୁଷୋତ୍ତମ ମାହାତ୍ମ୍ୟ, ତ୍ରୟତ୍ରିଂଶ ଅଧ୍ୟାୟ)

(୧୪) "ଉତ୍ତରାଭିମୁଖେ ଜାତେ ତଥା ଦକ୍ଷିଣ ଦିଙ୍ମୁଖେ,
ରଥତ୍ରୟେ ଜନୋଯସ୍ତୁ ଜଗନ୍ନାଥ ନିତଃ ପରମ୍ ।
ରାମକୃଷ୍ଣଂ ସୁଭଦ୍ରାଞ୍ଚ ପଶ୍ୟେନ୍ମାର୍ଗେ ରଥେସ୍ଥିତଂ,
ପଦେ ପଦେଽଶ୍ୱମେଧାନାଂ ଫଳଂ ପ୍ରାପ୍ୟ ମହୀତଳେ ॥"
(ନୀଳାଦ୍ରି ମହୋଦୟ)

(୧୫) "ମଣ୍ଡେ ସ୍ନାନଂ ରଥବର ଗତି ଶୟନଂ ସ୍ୱୟନଂ ଦ୍ୱୟ
ପାର୍ଶ୍ୱବୃତ୍ତି, ଶୟନ ନିବୃତ୍ତି ପାର୍ବତୀପୁଷ୍ପ ପୂଜା
ଦୋଳକେଳି, ଦମନକ ମୋହ ତାଣ୍ଡ ପୁଷ୍ପ ତୃତୀୟା
ପାଂ ଯାତ୍ରା ଭୁବନ ବନ୍ଦିତା ଦ୍ୱାଦଶେୟଂ ନରେନ୍ଦ୍ର ।"

(The Orissa Gazette, Extraordinary, No. 101, Cuttack, Saturday May, 1955.)

Record-of-Rights, the Puri Sri Jagannath Temple Act, Part II, P. 49.



# ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅବସର କାଳୀନ ଲୀଳା



ଶ୍ରୀ ଚୈତନ୍ୟ ଚରଣ ଦାସ

ଶିଷ୍ଟପାଳନ, ଦୁଷ୍ଟ ଦଳନ ଓ ବୈଦିକ ସନାତନ ଧର୍ମର ସୁରକ୍ଷା ପାଇଁ ପରଂବ୍ରହ୍ମ ପରମାତ୍ମା ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ଭଗବାନଙ୍କର ସେହି ଅବତାର ଅନନ୍ତ ଓ ଅପାର, ଏଥିପାଇଁ ଶ୍ରୀମଦ୍‌ଭାଗବତ ଶାସ୍ତ୍ର କହି ଅଛନ୍ତି "ଅବତାରା ହ୍ୟସଂଖେୟାଃ" ଅର୍ଥାତ୍ ଶ୍ରୀ ହରିଙ୍କର ଅବତାର ଅସଂଖ୍ୟ । ଉକ୍ତ ଅବତାରାବଳୀ ମତ୍ସ୍ୟ, କୂର୍ମ, ବରାହ ପ୍ରଭୃତି ବିଭିନ୍ନ ନାମରେ ନାମିତ । ଏ ସଂପର୍କରେ ଶ୍ରୀ ଲଘୁ ଭାଗବତାମୃତ ଗ୍ରନ୍ଥରେ, ଶ୍ରୀପାଦ ସନାତନ ଗୋସ୍ୱାମୀ ମର୍ଯ୍ୟାଦା ସହିତ ଅବତାରଗୁଡ଼ିକୁ ବିଭାଜନ କରିଅଛନ୍ତି । ଅବତାରସମୂହ ଛଅ ଭାଗରେ ବିଭକ୍ତ । ଯଥା–ଲୀଳାବତାର,ଯୁଗାବତାର, ପୁରୁଷାବତାର, ମନ୍ୱନ୍ତରାବତାର, ଗୁଣାବତାର ଓ ଶକ୍ତ୍ୟାବେଶାବତାର ।


୧ । ଲୀଳାବତାର–ଶ୍ରୀକୃଷ୍ଣ, ଶ୍ରୀରାମ, ଶ୍ରୀନୃସିଂହ, ଶ୍ରୀବାମନ ପ୍ରଭୃତି ।

୨ । ଯୁଗାବତାର–ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଦରେ ଯୁଗାବତାରମାନଙ୍କର ନାମୋଲ୍ଲେଖ ନଥାଇ କେବଳ ରୂପ, ରଙ୍ଗ ନିର୍ଦ୍ଧାରିତ ହୋଇଅଛି । ସତ୍ୟ ଯୁଗରେ ଶୁକ୍ଳ ବର୍ଣ୍ଣ, ତ୍ରେତା ଯୁଗରେ ରକ୍ତ ବର୍ଣ୍ଣ, ଦ୍ୱାପର ଯୁଗରେ ଶ୍ୟାମବର୍ଣ୍ଣ ଓ କଳିଯୁଗରେ ପୀତବର୍ଣ୍ଣ । ଏହି ଅବତାରମାନଙ୍କର ମୁଖ୍ୟ କାର୍ଯ୍ୟ ହେଲା ସେହି ଯୁଗର ଯେଉଁ ଧର୍ମ, ତାହା ସ୍ୱୟଂ ଆଚରଣ ପୂର୍ବକ ସେହି ଧର୍ମକୁ ଜନସମାଜରେ ପ୍ରଚାର କରିବା ।

୩ । ପୁରୁଷାବତାର ପୁଣି ତିନି ପ୍ରକାର । ଯଥା–କାରଣାର୍ଣ୍ଣବଶାୟୀ, ଗର୍ଭୋଦକଶାୟୀ ଓ କ୍ଷୀରବ୍ଧିଶାୟୀ । କାରଣ ସମୁଦ୍ରରେ ଶୟନ କରୁଥିବାରୁ ତାଙ୍କର ନାମ କାରଣାର୍ଣ୍ଣବଶାୟୀ ବା ମହାବିଷ୍ଣୁ । ସେହି କାରଣ ସମୁଦ୍ରର ଏକବିନ୍ଦୁ ବାରି ରୋହିଣୀ କୁଣ୍ଡକୁ ମହାତୀର୍ଥରେ ପରିଣତ କରିଥାଏ । ଅନ୍ୟାନ୍ୟ ତୀର୍ଥମାନଙ୍କର ତୀର୍ଥତ୍ୱ ସେହି ଏକବିନ୍ଦୁ ଜଳଦ୍ୱାରା ବିକଶିତ ହେଉଥାଏ । ଯାହାଙ୍କର ନାଭି ପଙ୍କଜରୁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଜନ୍ମ, ତାଙ୍କର ନାମ ଗର୍ଭୋଦକଶାୟୀ । ଅସୁରମାନଙ୍କର ଉପଦ୍ରବ ବା ଉତ୍ପୀଡ଼ନକୁ ସହ୍ୟ କରିନପାରି ବ୍ରହ୍ମାଦିଦେବଗଣ କ୍ଷୀର ସମୁଦ୍ର କୂଳରେ ଯେଉଁ ବିଷ୍ଣୁଙ୍କୁ ସ୍ତୁତି କରନ୍ତି, ତାଙ୍କୁ କ୍ଷୀରାବ୍ଧିଶାୟୀ ବିଷ୍ଣୁ କହନ୍ତି ।

୪ । ମନ୍ୱନ୍ତରାବତାର–ବ୍ରହ୍ମାଙ୍କ ଏକଦିନରୁ ରୈବତମନୁ, ତାମସମନୁ, ଚାକ୍ଷୁଷ ମନୁ, ସ୍ୱାରୋଚିଷ ଓ ବୈବସ୍ୱତମନୁ ପ୍ରଭୃତି ଚଉଦ ମନୁ ଭୋଗ କରନ୍ତି । ଏହି ମନୁଗଣ ଭୋଗକରୁଥିବା ସମୟରେ ଭଗବାନ ଆବିର୍ଭୂତ ହୋଇ ଅସୁରମାନଙ୍କୁ ସଂହାର କରିବା ସଙ୍ଗେ ସଙ୍ଗେ ଧର୍ମ ସ୍ଥାପନ କରୁଥିବା ହେତୁ ସେମାନଙ୍କୁ ମନ୍ୱନ୍ତରାବତାର କୁହାଯାଏ ।

୫ । ଗୁଣାଅବତାର–ବ୍ରହ୍ମା, ବିଷ୍ଣୁ ଓ ଶିବ । ସତ୍ତ୍ୱଗୁଣ ସଂପନ୍ନ ପାଳନ କର୍ତ୍ତା ବିଷ୍ଣୁ । ରଜୋଗୁଣ ସଂପନ୍ନ ସୃଷ୍ଟିକର୍ତ୍ତା ବ୍ରହ୍ମା ଏବଂ ତମୋଗୁଣ ସଂପନ୍ନ ସଂହାର କର୍ତ୍ତା ଶିବ । ଏଣୁ ଏମାନଙ୍କୁ ଗୁଣାବତାର କୁହାଯାଏ ।



୬ । ଶକ୍ତ୍ୟାବେଶାବତାର—ଜୀବ କଲ୍ୟାଣ ପାଇଁ ଭଗବାନ ପ୍ରସନ୍ନତାସହ ନାରଦଙ୍କଠାରେ ଭକ୍ତି ଶକ୍ତି, ବ୍ରହ୍ମାଙ୍କଠାରେ ସୃଷ୍ଟି ଶକ୍ତି, ବ୍ୟାସଙ୍କ ହୃଦୟରେ କବିତା ଶକ୍ତି ପ୍ରଦାନ କରନ୍ତି ବୋଲି ଏମାନଙ୍କୁ ଶକ୍ତ୍ୟାବେଶ ଅବତାର କୁହାଯାଏ । ମୁଖ୍ୟତଃ ଶ୍ରୀମଦ୍‌ଭାଗବତରେ ଚବିଶ ଅବତାର କଥା ଘୋଷିତ ହୋଇଛି । ଅନ୍ୟାନ୍ୟ ପୁରାଣମାନଙ୍କରେ ବତିଶ ଅବତାର କଥା ମଧ୍ୟ ଦେଖିବାକୁ ମିଳେ । ଉପୋରୋକ୍ତ ସମସ୍ତ ଅବତାରମାନଙ୍କର ରହସ୍ୟ କଅଣ ? ଏ ପ୍ରଶ୍ନ ଶୌନକାଦି ଋଷିମାନେ ସୂତଙ୍କ ନିକଟରେ ପଚାରିଛନ୍ତି । ଶ୍ରୀସୂତ ତହିଁର ଉତ୍ତରରେ କହିଅଛନ୍ତି ଯେ "ଏତେ ଚାଂଶକଳାଃପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ" ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ହିଁ ଅବତାରୀ, ଆଉ ସବୁ ଅଂଶକଳା ବା ଅବତାର । ସ୍ୱୟଂ ଭଗବାନ କୃଷ୍ଣ ହିଁ ଶ୍ରୀଜଗନ୍ନାଥ ରୂପରେ ଆବିର୍ଭୂତ । କିଏ ଗ୍ରହଣ କରନ୍ତୁ ବା ନ କରନ୍ତୁ, ଭଗିନୀ ସୁଭଦ୍ରାଙ୍କ ସହ ବିରାଜିତ ଭଗବାନ୍ ବଳଦେବ, ଜଗନ୍ନାଥ ଯେ "ରାମ ଓ କୃଷ୍ଣ", ଏହା ସର୍ବତୋ ଭାବରେ ପ୍ରମାଣିତ ହୋଇଅଛି । ଶ୍ରୀଚୈତନ୍ୟଙ୍କ ପରମ ଭକ୍ତ ବାସୁଘୋଷ "ଜଗନ୍ନାଥ ଓ କୃଷ୍ଣଙ୍କୁ ଅଭିନ୍ନ ଭାବରେ ସ୍ତୁତି କରିଅଛନ୍ତି । ବାସୁଦେବ ଘୋଷ ବଲେ ଯୋଡ଼ି ଦୁଇ ହତ, ଯେଇ ଗୋରା ସେଇ କୃଷ୍ଣ ସେଇ ଜଗନ୍ନାଥ" । ଭଗବାନ୍ କଳ୍ପତରୁ ସଦୃଶ । ଯେ ଯେଉଁଭାବରେ ଭଜନ କରିବ ସେ ତାକୁ ସେହି ଭାବରେ ଦର୍ଶନ ଦେବେ, ଏହା ତାଙ୍କର ସହଜାତ ସ୍ୱଭାବ ଅଥବା ଭକ୍ତ ବାହଲ୍ୟ ଗୁଣର ନିରଙ୍କୁଶ ନିଦର୍ଶନ । ଯଦ୍ ଯଦ୍ ଧିୟାତଉରୁଗାୟ ବିଭାବୟନ୍ତି ତତ୍ ତତ୍ ବପୁଃ ପ୍ରଣୟସେ ସଦନୁ ଗ୍ରହାୟ (ଶ୍ରୀମଦ୍‌ଭାଗବତ) "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟ ହଂ" ଅର୍ଥାତ୍ ହେ ଅର୍ଜୁନ! ଯେ ଯେଉଁ ଭାବରେ ମୋତେ ଭଜନ କରେ ମୁଁ ତାକୁ ସେହିପରି ଭଜନ କରେ । ଶ୍ରୀକୃଷ୍ଣ ଓ ଜଗନ୍ନାଥ ଯେ ଏକତତ୍ତ୍ୱ, ଏକଥା ସ୍କନ୍ଦପୁରାଣୋକ୍ତ ପୁରୁଷୋତ୍ତମ ମାହାତ୍ମ୍ୟରେ ବାରମ୍ବାର ଘୋଷିତ ହୋଇଛି । ଶ୍ରଦ୍ଧାଳୁ ପାଠକ ବର୍ଗ ଉକ୍ତଗ୍ରନ୍ଥକୁ ପାଠ କରିବା ବିଧେୟ । ଭଗବାନ୍ ଜଗନ୍ନାଥ ମୁଖ୍ୟତଃ ଚାରି ପ୍ରକାର ଲୀଳା କରି ତଦନୁଯାୟୀ ନାମିତ ହୋଇଛନ୍ତି । ଯଥା—ଲୀଳା ପୁରୁଷୋତ୍ତମ, ଐଶ୍ୱର୍ଯ୍ୟ ପୁରୁଷୋତ୍ତମ, ମର୍ଯ୍ୟାଦା ପୁରୁଷୋତ୍ତମ ଓ ପ୍ରେମ ପୁରୁଷୋତ୍ତମ । ବର୍ତ୍ତମାନ ମଧ୍ୟ ଏହି ସମସ୍ତ ଲୀଳା ଶ୍ରୀଜଗନ୍ନାଥ ମହାପ୍ରଭୁ ଯଥାସମୟରେ ଆଚରଣ କରୁଛନ୍ତି । କାର୍ତ୍ତିକମାସରେ ଶ୍ରୀରାଧାଦାମୋଦର ବେଶ, ଠିଆକିଆବେଶ, ରାମକୃଷ୍ଣବେଶ, କାଳିୟ ଦଳନ ବେଶଗୁଡ଼ିକ ଲୀଳା ପୁରୁଷୋତ୍ତମଙ୍କର ଗୁଣାତ୍ମକ ନିଦର୍ଶନ, ରଥ ଉପରେ ସୁନାବେଶ, କାର୍ତ୍ତିକରେ ଲକ୍ଷ୍ମୀନାରାୟଣ ବେଶ ଓ ସିଂହାସନରେ ବିରାଜିତ ଥିବାବେଳେ ଐଶ୍ୱର୍ଯ୍ୟ ପୁରୁଷୋତ୍ତମଙ୍କର ଐଶ୍ୱର୍ଯ୍ୟ ବିକାଶ ଘଟିଥାଏ । ପ୍ରଭୁ ଜଗନ୍ନାଥ ଯେତେବେଳେ ରଘୁନାଥ ବେଶ ହୁଅନ୍ତି ସେତେବେଳେ ତାଙ୍କର ମର୍ଯ୍ୟାଦା ପୁରୁଷୋତ୍ତମ ଲୀଳା ପ୍ରକାଶିତ ହୁଏ । ଚନ୍ଦନଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ଅଭିନ୍ନ ଶ୍ରୀମଦନମୋହନ ଗୋଟିଏ ଦିନ ଷଡ଼ଭୁଜ ଗୌରାଙ୍ଗ ବେଶ ହୋଇଥିବାରୁ ତାଙ୍କୁ ପ୍ରେମ ପୁରୁଷୋତ୍ତମ କୁହାଯାଏ । ଏହା ବ୍ୟତୀତ କେତେକ କାବ୍ୟ କବିତାରୁ ଶୁଣିବାକୁ ମିଳେ ଯେ ଦ୍ୱାରାକାରେ ରୋହିଣୀଙ୍କ ମୁଖରୁ ଶ୍ରୀକୃଷ୍ଣ, ବଳରାମ ଓ ସୁଭଦ୍ରାଦେବୀ ବ୍ରଜାଙ୍କର ମାଧୁର୍ଯ୍ୟ ଲୀଳା କଥାମୃତ ଶ୍ରବଣ କରି ଯୁଗପତ୍ ପ୍ରେମରେ ବିଗଳିତ ହୋଇଗଲେ । ସେହି ସମୟରେ ଦେବର୍ଷି ନାରଦ ଉପସ୍ଥିତ ରହି ପ୍ରାର୍ଥନା କଲେ ଯେ ଉଦୃଶ ପ୍ରେମମୟ ବିଗ୍ରହ ନୀଳାଚଳ ଧାମରେ ପ୍ରତିଷ୍ଠିତ ହୋଇ ଜନସାଧାରଣଙ୍କୁ ଦର୍ଶନ ଦେଉଥିବେ । ଦୟାପୂର୍ବକ ଭଗବାନ ତଥାସ୍ତୁ ବୋଲି କହିଥିଲେ ।

ଅନବସର କାଳଟି ଦାରୁବ୍ରହ୍ମ ଜଗନ୍ନାଥଙ୍କର ଅନ୍ୟତମ ଲୀଳା । 'ଅନବସର' ଶବ୍ଦଟିକୁ ପଦଚ୍ଛେଦ କରି ଦେଖିଲେ ଜଣାଯାଏ, "ନ ଅବସର ଅନବସର" । କାଳକ୍ରମେ ଅଣସର ବୋଲି କୁହାଯାଉଅଛି । ପ୍ରଭୁଙ୍କ ଅନବସର ଲୀଳାର ତିନୋଟି ଦୃଷ୍ଟିକୋଣ ଅଛି ବୋଲି ସୂଚନା ମିଳୁଥାଏ । ପ୍ରଥମଟି ହେଉଛି ଭକ୍ତବାହଲ୍ୟ ଲୀଳାର ଅଭାବନୀୟ ନିଦର୍ଶନ । ଭଗବାନ ନୀଳମାଧବ ଯେଉଁ ପଦ୍ମକଳ୍ପରେ ପ୍ରକଟ ଥିଲେ, ସେତେବେଳେ ବୈଷ୍ଣବ ପ୍ରବର ଶ୍ରୀ ବିଶ୍ୱାବସୁ, ସ୍ୱର୍ଗୀୟ ଦେବତାମାନଙ୍କ ଆରାଧନା ପରେ ପ୍ରତିଦିନ ପ୍ରଭୁଙ୍କ ସେବା ସୌଭାଗ୍ୟ ଲାଭ କରୁଥିଲେ । ଏହା ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି ।

(୩) ଶ୍ରୀ ନୀଳମାଧବ ଅନ୍ତର୍ହିତ ହେବା ପରେ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିମିତ୍ତକରି ଜଗନ୍ନାଥ ସ୍ୱରୂପରେ ପ୍ରଭୁ ପ୍ରକଟ ହୋଇ ରାଜାଙ୍କୁ ବର ଦେବା କାଳରେ ଶ୍ରୀମୁଖରେ ଆଦେଶ କରିଛନ୍ତି ଯେ, ମୋର ଐକାନ୍ତିକ ସେବକ ବିଶ୍ୱାବସୁ ଶବର ବଂଶଜାତ ବ୍ୟକ୍ତିମାନଙ୍କୁ ମୋର ସେବାରେ ନିଯୁକ୍ତ କରିବ । ଏଣୁ ଦେଖାଯାଏ, ପହଣ୍ଡିବିଜେ ସମୟରେ ବିଶ୍ୱାବସୁଙ୍କ ବଂଶଧର ଦଇତାପତିମାନେ ପ୍ରଭୁଙ୍କୁ ପହଣ୍ଡି କରାଇ ରଥ ଉପରକୁ ଆଣନ୍ତି ଓ ନିଅନ୍ତି । ବାସ୍ତବରେ ଏହା ଆଂଶିକ ସେବା ସୁଯୋଗ ମାତ୍ର । କିନ୍ତୁ ସ୍ନାନ ପୂର୍ଣ୍ଣିମାଠାରୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ପନ୍ଦରଦିନ ବ୍ୟାପୀ ଦଇତାପତିମାନେ ବଡ଼ ପ୍ରେମ ଭକ୍ତିର ସହିତ ଶ୍ରୀଜୀଉଙ୍କୁ ସେବା କରିଥାନ୍ତି । କେହି କେହି କହନ୍ତି, ଏହା ହେଉଛି ତାଙ୍କର ଗୁପ୍ତ ସେବା । ଅନ୍ୟତମ କାରଣ, ସ୍ୱାରୋଚିଷ ମନୁଙ୍କ ଭୋଗ କାଳରେ ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁ ସହସ୍ର ଅଶ୍ୱମେଧ ଯଜ୍ଞ କରିଥିଲେ, ତାହାର ଫଳ ସ୍ୱରୂପ ଜଗନ୍ନାଥ ଦାରୁ ରୂପରେ ପ୍ରକଟ ହେଲେ । ସେତେବେଳେ ଆକାଶବାଣୀ ହେଲା— ହେ ଇନ୍ଦ୍ରଦ୍ୟୁମ୍ନ ! ଏହି ରାଜମାନ ଦାରୁ ଯତ୍ନ ସହକାରେ ନେଇ ମହାବେଦୀର ଅଭ୍ୟନ୍ତରରେ ସ୍ଥାପନ କର । ଅଗ୍ରଭାଗରେ ଯେଉଁ ବୃଦ୍ଧ ବର୍ଦ୍ଧକି ବିଚରଣ କରୁଛନ୍ତି, ତାଙ୍କୁ ମହାବେଦୀ ଭିତରେ ରଖି ପନ୍ଦର ଦିନ ପର୍ଯ୍ୟନ୍ତ ଗୃହ ଦ୍ୱାରକୁ



ଅନୁଷ୍ଠାନ ରଖ । ରାଜା ତାହାହିଁ କଲେ । ସ୍କନ୍ଦପୁରାଣର ମୂଳ ଶ୍ଳୋକରେ ରହିଛି, "ପଞ୍ଚଦଶ ଦିନାନି ବୈ" । ପନ୍ଦରଦିନ ପରେ ଦ୍ୱାର ଉନ୍ମୁକ୍ତ କରନ୍ତେ, ଦେଖିଲେ ଅଭୂତ ପୂର୍ବ ଅଶ୍ରୁତ ପୂର୍ବ ମାଧୁର୍ଯ୍ୟମଣ୍ଡିତ ମନୋନୟନ-ଅଭିରାମ ଦିବ୍ୟଜ୍ୟୋତି ସମନ୍ୱିତ ଶ୍ରୀ ଜଗନ୍ନାଥ, ଶ୍ରୀବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ବିଗ୍ରହ । ବିଗ୍ରହ ନିର୍ମାଣକାଳୀନ ପଞ୍ଚଦଶ ଦିବସକୁ ଅନବସର (ଅଣସର) ଲୀଳା ଭାବରେ ଶ୍ରୀଜଗନ୍ନାଥ ମହାପ୍ରଭୁ ପାଳନ କରୁଅଛନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା, ସ୍ନାନଯାତ୍ରା ଓ ଅନ୍ୟାନ୍ୟ ଦିବ୍ୟଲୀଳା-ଗୁଡ଼ିକୁ ଜଗନ୍ନାଥ ମହାପ୍ରଭୁ ଅଦ୍ୟାବଧି ପାଳନ କରୁଅଛନ୍ତି । ମହାପୁରୁଷମାନେ ପ୍ରଭୁଙ୍କ ଲୀଳାଗୁଡ଼ିକୁ ଏପରି ଦୃଷ୍ଟିରେ ଦେଖୁଥିବା ବା ଚିତ୍ରଣ କରୁଥିବାବେଳେ କେତେକ ଭାବନ୍ତି, ସ୍ନାନ ପୂର୍ଣ୍ଣମା ଦିନ ଜଗନ୍ନାଥ ବହୁ ସ୍ନାନକରି ଜ୍ୱରାକ୍ରାନ୍ତ ହୋଇ ପଡ଼ନ୍ତି । ଏଣୁ ଦଇତାପତିମାନେ ବିଭିନ୍ନ ପାଚନ, ମୋଦକ ପ୍ରଭୃତି ଭୋଗକୁ ନିବେଦନ କରନ୍ତି । ପ୍ରଭୁ ତାହା ଗ୍ରହଣ କଲେ, ଜ୍ୱର ଭଲ ହୋଇଯାଏ । ଏହା ଲୋକ ପ୍ରଚଳିତ ପ୍ରଥା ହୋଇପାରେ । କିନ୍ତୁ ଶାସ୍ତ୍ରାନୁମୋଦିତ ନୁହେଁ । ତାତ୍ପର୍ଯ୍ୟ ହେଉଛି, ତଥାକଥିତ ଶବରମାନଙ୍କ ଅରଣ୍ୟ ଜାତ ଫଳ ପୁଷ୍ପ ପ୍ରଭୃତି ଦ୍ରବ୍ୟ ନିବେଦନ କରିବାର ଅଭ୍ୟାସ । ତାହା ପରମ୍ପରା କ୍ରମେ ଆଜି ମଧ୍ୟ ପାଳିତ ହେଉଛି । ଏହା ମାଧୁର୍ଯ୍ୟ ସେବା ବୋଲି ଧରା ଯାଇଥାଏ । ତୃତୀୟ ଦୃଷ୍ଟି ହେଉଛି, ଏହି ପନ୍ଦରଦିନ ଶ୍ରୀଜୀଉଙ୍କର ଅଙ୍ଗପିତା ସେବା । ପୂର୍ବବର୍ଷ ଭିତରେ ଶ୍ରୀଅଙ୍ଗରେ ଯଦି କିଛି କ୍ଷତ ବା ଆଘାତ ହୋଇଥାଏ, ତାହା ଉକ୍ତ ପନ୍ଦରଦିନ ମଧ୍ୟରେ ସୁଦୃଢ଼ କରାଯାଏ, ଫଳରେ ପୁନର୍ବାର ବର୍ଷବ୍ୟାପୀ ଶ୍ରୀଅଙ୍ଗ ସୁନ୍ଦର ଓ ନିରାପଦ ରହିବ । ଏଣୁ ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି ଯେ, ଠାକୁରଙ୍କ ଅଙ୍ଗପିତା ସମୟରେ କେହି ଦର୍ଶନ କରିବେ ନାହିଁ । ଯେ ବଳପୂର୍ବକ ଦର୍ଶନ କରିବେ ସେ ଘୋର ଅନିଷ୍ଟର ଶିକାର ହେବେ । ବିଭିନ୍ନ କାରଣ ନେଇ ଶ୍ରୀଜୀଉଙ୍କ ଅନବସର ଲୀଳା ସମ୍ପାଦିତ ହୋଇଥାଏ । ମୁଖ୍ୟତଃ ଶ୍ରୀକୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ ପ୍ରଣୀତ ଶ୍ରୀଚୈତନ୍ୟ ଚରିତାମୃତ ଗ୍ରନ୍ଥରେ ଦେଖିବାକୁ ମିଳେ ଯେ, କରୁଣାମୟ ଶ୍ରୀଜଗନ୍ନାଥ ମହାପ୍ରଭୁ ଆହ୍ଲାଦିନୀ ଶକ୍ତି ସ୍ୱରୂପିଣୀ ଲକ୍ଷ୍ମୀଦେବୀଙ୍କ ସହିତ ସର୍ବଦା ଲୀଳା ବିହାର କରିବା ସ୍ୱାଭାବିକ ହେଲେ ମଧ୍ୟ, ସ୍ନାନ ପୂର୍ଣ୍ଣମାଠାରୁ ନବ ଯୌବନ ଦର୍ଶନ ପର୍ଯ୍ୟନ୍ତ ଉକ୍ତ ପନ୍ଦରଦିନ ଲକ୍ଷ୍ମୀଙ୍କ ସହିତ ଶ୍ରୀଜଗନ୍ନାଥ ନିଭୃତ ଲୀଳା କରନ୍ତି । ପରବର୍ତ୍ତୀ ସମୟରେ ଲକ୍ଷ୍ମୀଙ୍କ ପରାମର୍ଶ କ୍ରମେ ଶରଣାଗତ ଭକ୍ତମାନଙ୍କୁ ସୁଖ ଶାନ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଭୁଙ୍କ ରଥଯାତ୍ରା । ଏହି ଅନୁଭବାତ୍ମକ ସିଦ୍ଧାନ୍ତ ସ୍ୱୟଂ ଶ୍ରୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅଭିମତ । ବିଶୁଦ୍ଧ ପରମାର୍ଥ ତତ୍ତ୍ୱକୁ ସାଧାରଣ ଲୋକ ନାନା ଭାବରେ ଚିତ୍ରଣ କଲେ ମଧ୍ୟ "ମହାଜନୋ ଯେନ ଗତଃ ସ ପନ୍ଥା" ନ୍ୟାୟରେ ଦାରୁବ୍ରହ୍ମ ଜଗନ୍ନାଥଙ୍କ ଲୀଳା ରସକୁ ଉପଭୋଗ କରିବା ବିଧେୟ ।

ପଞ୍ଚଦଶ ଦିନ ଈଶ୍ୱର ମହାଲକ୍ଷ୍ମୀ ଲୈୟାଁ ।
ତାର ସଙ୍ଗେ କ୍ରୀଡ଼ା କୈଲ ନିଭୃତେ ବସିୟାଁ ॥
ତାହାର ସମ୍ମତି ଲୈୟାଁ ଭକ୍ତ ସୁଖ ଦିତେ ।
ରଥେ ଚଢ଼ି ବାହିର ହୈଲ ବିହାର କରିତେ ॥

( ଚୈତନ୍ୟ ଚରିତାମୃତ ମଧ୍ୟଲୀଳା )

ଭାଗବତ ଆଶ୍ରମ, ପୁରୀ ।



ରାଜ୍ୟପାଳଙ୍କ ସହିତ ଆସାମର ମୁଖ୍ୟମନ୍ତ୍ରୀ —

*With best compliments from :*

# ORISSA CEMENT LIMITED

RAJGANGPUR-770017

TELEX : 0635 240

"Leading Manufacturers of Wide spectrum of highly sophisticated World-Class REFRACTORIES Tailor—made to suit Customers' requirements.

Also widely acclaimed are OCL's KONARK BRAND PORTLAND AND RATH BRAND SLAG CEMENT Packet in H. D. P. E. (Polythene) bag resistant to Moisture & prono to minimum seepage of Cement.

For quality and satisfactory performance insist on OCL Products."



# ଓଡ଼ିଆ ପ୍ରବାଦ ଓ ପ୍ରବଚନରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ

ଡକ୍‌ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ପ୍ରାଣ କେନ୍ଦ୍ର । ଆଦି ଯୁଗରୁ ଆରମ୍ଭକରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଏକ ବିପୁଳ ଅଂଶ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରକୁ ଆଧାର କରି ଗଢ଼ି ଉଠିଛି । କାବ୍ୟ, କବିତା, ଜଣାଣ, ଭଜନ, ଉପନ୍ୟାସ ତଥା ଗଳ୍ପ, ନାଟକ ପ୍ରଭୃତି ରୂପରେ ଏହା ଅଭିବ୍ୟକ୍ତି ଲାଭ କରିଛି । ଏତଦ୍‌ବ୍ୟତୀତ ଓଡ଼ିଶାର ଲୋକଚଳଣୀ ଓ ଲୋକୋକ୍ତିରେ ମଧ୍ୟ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ହୋଇ ଉଠିଛନ୍ତି ଜୀବନ୍ତ । ବିଭିନ୍ନ ପ୍ରବାଦ ପ୍ରବଚନ ରୂପରେ ଏହା ଏବେ ମଧ୍ୟ ଲୋକ-ଜୀବନରେ ପ୍ରଚଳିତ ହେଉଅଛି । କେଉଁ ସ୍ମରଣାତୀତ କାଳରୁ ଓ କେଉଁମାନଙ୍କ ଦ୍ୱାରା ଯେ ଏହା ସୃଷ୍ଟି ଲାଭ କରିଛି ତାହା ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ଏହି ପ୍ରବାଦ ପ୍ରବଚନଗୁଡ଼ିକରେ ଏହି ମହାନ ଦେବବିଗ୍ରହ, ତାହାଙ୍କ ଅଧିଷ୍ଠାନ କ୍ଷେତ୍ର, ଯାତ୍ରା ଭେଟ ପ୍ରଭୃତି ସହ ସଂପୃକ୍ତ ବହୁ କିମ୍ବଦନ୍ତୀ ଓ ଜାତୀୟ ଅନୁଭବର ସ୍ମୃତି ବିଜଡ଼ିତ ହୋଇ ରହିଛି । ପ୍ରସ୍ତୁତ ପ୍ରବନ୍ଧରେ ଏତାଦୃଶ ପ୍ରବାଦ ପ୍ରବଚନର କେତେକ ଦୃଷ୍ଟାନ୍ତ ଓ ବୈଶିଷ୍ଟ୍ୟ ଦର୍ଶାଇବାକୁ ପ୍ରୟାସ କରାଯାଇଛି ।

ଶ୍ରୀଜଗନ୍ନାଥଙ୍କ ଅଧିଷ୍ଠାନ କ୍ଷେତ୍ର ଅତୀତରେ ପୁରୁଷୋତ୍ତମ ପୁରୀ ନାମରେ ହିଁ ପରିଚିତ ଥିଲା । ଲୋକୋକ୍ତିରେ ଏହାହୋଇ-ଛିଲା ପୁରଷମ । ଏଠାରେ ଥିଲା ବହୁଗଳି, ଉପଗଳି ଓ ଅନେକ ମଠ । ବିଶ୍ୱ ମୈତ୍ରୀ ଓ କରୁଣାର ପ୍ରସ୍ରବ ଫଳରେ ଏହି ସ୍ଥାନରେ ଜାତିଗତ ବିଭେଦ ବହୁ ପରିମାଣରେ ହ୍ରାସ ଲାଭ କରିଥିଲା; ମାତ୍ର କ୍ରମେ ଏହି ପବିତ୍ର ସ୍ଥାନଟି ବିଳାସ ବ୍ୟସନ ଚିତ୍ତବିନୋଦନର କେନ୍ଦ୍ର ହୋଇ ପଡ଼ିଥିଲା । ନିମ୍ନୋକ୍ତ ପ୍ରବାଦ-ଗୁଡ଼ିକରୁ ତାହାହିଁ ଜଣାଯାଇଥାଏ ।

୧ । ପୁରଷମ୍ଭ ବଳି ଥାନ ନାହିଁ
ଚଂପାଧାନରୁ ଧାନ ନାହିଁ ।

୨ । ପୁରୀରେ ସାତ ସାହି, ବୟାଳିଶି ଗଳି
ସାତଶହ ବାଆନ ମଠ ।


୩ । ପୁରଷମରେ ଜାତି ନାହିଁ
କଳିକତାରେ ରାତି ନାହିଁ ।

୪ । ପୁରଷମରେ ବଡ ମଉଜ ପଇସା ଥିଲେ ହେଲା
ମଂଜି ବଡ ବଡ ମଉଜ ଦାଢ଼ି ଥିଲେ ହେଲା ।

ଏହି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀମନ୍ଦିର କେବେ ନିର୍ମିତ ହେଲା ଓ କେବେ ଏହାର ବିଭିନ୍ନ ସଂସ୍କାର ସାଧିତ ହୋଇଥିଲା ସେ ବିଷୟରେ ବିଶେଷ କିମ୍ବଦନ୍ତୀ ବା ପ୍ରବାଦ ମିଳୁନଥିଲେ ହେଁ ଏହାର ବାଇଶ ପାହାଚର ପବିତ୍ରତା ଏବେ ମଧ୍ୟ ଲୋକ ଚଳଣୀ ଓ ବିଶ୍ୱାସରେ ସଜୀବ । ପୂର୍ବେ ଏହି ସ୍ଥାନରେ ମହା-ପ୍ରସାଦ ବିକ୍ରୟ ହେଉଥିଲା । ଏହି ସଂସ୍କୃତିର ଉଦ୍‌ବୋଧକ ଭାବେ ଏବେ ମଧ୍ୟ ଦୀପାବଳୀ ଅମାବାସ୍ୟାରେ କୁହାଯାଇଥାଏ—

"ବଡ଼ ବଡୁଆ ହୋ ଅନ୍ଧାରେ ଆସ, ଆଲୁଏ ଯାଅ
ବାଇଶି ପାହାଚେ ମାହାର୍ଦ୍ଦ ଖାଇ ଗଡ଼ଗଡ଼ଉ ଥାଅ ।"

ଏହି କ୍ଷେତ୍ରରେ ରହିଛି ମାର୍କଣ୍ଡ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର ପ୍ରଭୃତି ତୀର୍ଥ । ଏହି ସୁନ୍ଦର ପୁଷ୍କରିଣୀ କୂଳମାନଙ୍କରେ ସ୍ନାନ,



ପିଣ୍ଡଦାନ, ମୁଣ୍ଡନାଦି ଲାଗି ବହୁ ବ୍ୟକ୍ତିଙ୍କର ସମାଗମ ହୁଏ । ଏଣୁ ଏହି ସ୍ଥାନ ସହ ସଂପୃକ୍ତ କେତେକ ଲୋକୋକ୍ତି ଓଡ଼ିଆରେ ସୃଷ୍ଟି ହେବା ବିଚିତ୍ର ନୁହେଁ । ଅନେକ କାମକୁ ଅଧାରଖି ଅନେକଙ୍କୁ ଅପେକ୍ଷମାଣ କରିବା ସମୟରେ ଦୃଷ୍ଟାନ୍ତ ଭାବେ କୁହାଯାଇଥା- "ମାର୍କଣ୍ଡେଶ୍ୱର ଭଣ୍ଡାରୀ ନ୍ୟାୟ" ।

ସେହିପରି ନିଃସମ୍ବଳ ବ୍ୟକ୍ତିର ବାଚନିକ ଉଦାହ ବା ଉଦାରତା ଅର୍ଥରେ କୁହାଯାଇଥାଏ—"ପିଠି ଅରକ୍ଷିତ, ମୁହଁ ନରେନ୍ଦ୍ର ।"

ଏହି ଅପୂର୍ବ ପୀଠର ଅଧିପତି ଜଗନ୍ନାଥଙ୍କୁ ଲୋକେ ଅତି ସ୍ନେହରେ କୁହନ୍ତି 'କାଳିଆ ଠାକୁର', 'କଳାହାଡ଼ୀ' ଖଣ୍ଡିଆ । ଜଗନ୍ନାଥ ଓ ତାଙ୍କ ଭାଇ ବଳରାମଙ୍କୁ ସ୍ନେହରେ ଡାକନ୍ତି 'ଜଗାକାଳିଆ' । ଶ୍ରୀମନ୍ଦିରରେ ସ୍ଥାପିତ ଜଗନ୍ନାଥ, ବଳରାମ ଓ ସୁଭଦ୍ରାଙ୍କ ତିନି ବିଗ୍ରହ ଅସଂପୂର୍ଣ୍ଣ ଓ କିଂଭୂତ ହେଲେହେଁ ଭକ୍ତ ଦୃଷ୍ଟିରେ ଜଗନ୍ନାଥଙ୍କ ରୂପ କମନୀୟ, ସବୁ ଦେବତାଙ୍କ ଉପରେ ତାଙ୍କର ସ୍ଥାନ । ନିମ୍ନୋକ୍ତ ପ୍ରବାଦ ଗୁଡ଼ିକରୁ ତାହାହିଁ ଉପଲବ୍ଧ ହୋଇଥାଏ—

୧—ଦେବତା ଯାକରେ କାଳିଆ ମିଠା
ସବୁଠୁ ମିଠା କୋରା ।

୨—'ବଡ଼ ଦେଉଳରେ ବଡ଼ ଠାକୁରେ
ବସିଛନ୍ତି ଭାଇ ଭଉଣୀମେଳେ ।'

୩—'ରାଜ ଗହଣକୁ ହାତୀ ସୁନ୍ଦର........
ଦନାଇକୁ କଳାହାଡ଼ୀ ସୁନ୍ଦର ।'

ଭଗବାନ ଆପଣା ପରିବାରର ଦୂରବସ୍ଥା ସ୍ମରଣ କରି ଏହି କ୍ଷେତ୍ରରେ ଦାରୁ ବା କାଠ ପାଲଟି ଯାଇଛନ୍ତି । ଓଡ଼ିଶାର କେଉଁ ଅଜ୍ଞାତନାମା ପ୍ରାଚୀନ ସଂସ୍କୃତ କବିଙ୍କ ରଚନାରେ ଉକ୍ତ ଭାବଟି ଏହିପରି ପ୍ରକାଶ ପାଇଅଛି—

"ଏକା ଭାର୍ଯ୍ୟା ପ୍ରକୃତି ମୁଖରା ଚଞ୍ଚଳା ଚ ଦ୍ୱିତୀୟା
ପୁତ୍ରୋଽପ୍ୟେକୋ ଭୁବନବିଜୟୀ ମନ୍ମଥୋ ଦୁର୍ନିବାରଃ
ଶେଷଃ ଶଯ୍ୟା ଶୟନମୁଦଧୌ ବାହନଂ ପନ୍ନଗାରିଃ
ସ୍ମାରଂ ସ୍ମାରଂ ସ୍ୱଗୃହ ଚରିତଂ ଦାରୁଭୂତୋ ମୁରାରିଃ ।"

ବ୍ୟକ୍ତିଗତ ତଥା ଜାତିଗତ ବହୁ ଉତ୍‌ଥାନ-ପତନ, ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଶ୍ରୀଜଗନ୍ନାଥହିଁ ହୋଇଛନ୍ତି ଏ ଦେଶବାସୀଙ୍କ ଏକାନ୍ତ ଆଶ୍ରୟ, ଆଶାଭରସାର ଉତ୍ସ ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ । ସେ ହେଉଛନ୍ତି ସବୁରି କର୍ମଫଳର ନିୟାମକ । ତାହାଙ୍କ ଜିଣ୍ଡରି ହମେ ସମାଜରେ କେହି ସୌଭାଗ୍ୟସଂପନ୍ନ ହୁଏ ତ କିଏ ଦୁଃଖରେ କାଳ ଯାପନ କରିଥାଏ । ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ବା ଶରଣାପନ୍ନ ବ୍ୟକ୍ତିର କେହି ଅନିଷ୍ଟ ସାଧନ କରିପାରେନାହିଁ । କେତେକ ଓଡ଼ିଆ ପ୍ରବାଦରେ ଶ୍ରୀଜଗନ୍ନାଥଙ୍କ ମହିମା ସଂପର୍କରେ ଏହିପରି କୁହା ଯାଉଛି—

"ଜଗନ୍ନାଥଙ୍କର ବଢ଼େଇ
କାହାକୁ ଦିଅନ୍ତି ପାଟ ପୀତାମ୍ବର
କାହାକୁ ଦିଅନ୍ତି ଗଡ଼େଇ ।"

"ଯାହାକୁ ସାହା ଜଗାକାଳିଆ
ତା ଘରେ ଗ୍ରଉଳ ଓଳିଆ ଓଳିଆ ।"

"ଡ଼ରକାହାକୁ ଭୟ କାହାକୁ
ଠାକୁରେ ଅଛନ୍ତି ଚଉବାହାକୁ ।"

"ଯାହାକୁ ରଖିବେ ଜଗାବଳିଆ
ତାର କି କରିବେ ବଳ ବଳିଆ ।"

"ଜଗନ୍ନାଥେ କାଳିଆ
ଜଗନ୍ନାଥଙ୍କ ଲୋକବାକ କାରଣ୍ଡମାଳିଆ ।"

ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରତ୍ୟହ ବିଭିନ୍ନ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥାଏ । ବହୁ ଜନ ସମାଗମ ୮ ାଗୁ ଏହା ହୁଏ କୋଳାହଳ ମୁଖରିତ । ଜଗନ୍ନାଥଙ୍କ ଯାତ୍ରାମାନଙ୍କ ମଧ୍ୟରେ ରଥଯାତ୍ରା ସର୍ବଶ୍ରେଷ୍ଠ । ଯାତ୍ରା ଉତ୍ସବ ସଂପର୍କୀୟ କେତେକ ଲୋକୋକ୍ତି ତେଣୁ ସୃଷ୍ଟହେବା ସ୍ୱାଭାବିକ । ତନ୍ମଧ୍ୟରୁ କେତୋଟି ହେଲା—

"ବଡ଼ ଦେଉଳରେ ଲାଗିଛି ନାଟ
ନିତି ପୁନିଅ ନିତି ହାଟ ।"

"ସରିଗଲା ରଥ ଯାତରା
ଯାଇଥିଲେ ଖାଇଥାନ୍ତୁ ଛେନା କାକରା ।"

"ରଥଦେଖା କଦଳୀ ବିକା ।"

"ତନ ଦିଅଁଙ୍କର ରଥ—
ଶରଧାବାଲିରେ ବସିଲା ତକ
କଳା ବେଠିଆକୁ ଡ଼ାକ ।"

ଶ୍ରୀ ଜଗନ୍ନାଥଙ୍କ ଅନ୍ନ ମହାପ୍ରସାଦ ପବିତ୍ରତା ଦୃଷ୍ଟିରୁ ଅତୁଳନୀୟ । ଅତ୍ୟନ୍ତ ଭକ୍ତି ଓ ସମ୍ମାନର ସହିତ ଏହା ଓଡ଼ିଶାର ସାମାଜିକ ଜୀବନରେ ପରିଗୃହୀତ ହୋଇଥାଏ । ମୈତ୍ରୀ ଓ ପ୍ରୀତିର ବନ୍ଧନକୁ ତଥା ଭକ୍ତି ଓ ବିଶ୍ୱାସକୁ ଏହା ଆବହମାନ କାଳରୁ ଦୃଢ଼ତର କରି ଆସିଛି । ଏଥିରେ ଅଳ୍ପ ବହୁତ ବିଚାର ହୁଏ ନାହିଁ—ଛୁଆଁ ଅଛୁଆଁ ବିଚାର ମଧ୍ୟ ହୁଏନାହିଁ । ଏହାର ମହତ୍ତ୍ୱ ସମ୍ପର୍କରେ କୁହାଯାଇଥାଏ—

"ଜଗନ୍ନାଥଙ୍କର ଭାତ
ଦୁନିଆ ପସାରେ ହାତ ।"

" ମହାପ୍ରସାଦ କଣିକାଏ ଛୁଇଁଲେ ଯେ,
ଅଙ୍ଗାଏ ଛୁଇଁଲେ ସେ ।



" ମହାପ୍ରସାଦ  ଦାତା ଦେବା ଧନ
ସଦା ବର୍ଣ୍ଣରେ  ଯେବଣ  ଭୋଜନ
ହାଟ ବାଟ ଦୂର  ଦନାଇ କହି
ଯେତିକି  ପାଇଲ  ସେତିକି  ସହି ।"

ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିଭିନ୍ନ ପ୍ରସଙ୍ଗକୁ ନ୍ୟାୟ ବା ଲୋକ ମତର ଦୃଷ୍ଟାନ୍ତ ଭାବେ ମଧ୍ୟ ପ୍ରୟୋଗ କରାଯାଇଥାଏ । ଏ ସଂପର୍କରେ ପ୍ରାଚୀନ କବି ଦନେଇ ଦାସଙ୍କ କେତେକ ଉକ୍ତି ପ୍ରବଚନିକ ପ୍ରସିଦ୍ଧି ଲାଭ କରିଛି । ଯଥା—

" ଅଟଡ଼ା  ଖସିଲେ କି ତଡ଼ା  ଚଖିବ
ଅବଡ଼ା ଆସିଲେ  କି  ବଡ଼ା ରହିବ ।"

" ପଇଡ଼ ଯେବେ ହୁଏ  ବେଣ୍ଟିରଖା,
କୈବଲ୍ୟ  ହାଟେ ଯେହୁ  ହୁଏ ଚଖା
ବୋଲେ  ଦନାଇ  ଏ ନୁହେଁ  ଚଲଖା ।"

( ଚଲଖା — ଭଲ )

" ଓଥର ନାଡି  ପୁରୀର ପାଡି
ବୋଲେ  ଦନାଇ  ଦହଗଞ୍ଜ ଅଡି ।"

" ମହାପ୍ରସାଦ  ଗମରା  ଲାଗିଲେ,
ଗିଳିହୁଏନା  କି କାଢ଼ି  ହୁଏ ନା ।"

" ନେତ୍ର ଉତ୍ସବ ବାସିଦିନ ରଥ "
" ଦିଅଁଙ୍କ  ଗଛରେ  କୁରାଢ଼ି  ଲଗାଇବା ।"

( ନିମ୍ବଗଛ କାଠରେ ଜଗନ୍ନାଥ ପ୍ରଭୃତିଙ୍କ ବିଗ୍ରହ ନିର୍ମିତ ହେଉଥିବାରୁ ନିମ୍ବଗଛକୁ ହାଣିବା ବା ତାହାକୁ ଜାଳିବା ନିଷେଧ)

" ପ୍ରସାଦ  ଖଜାରେ  ନହର ପହର
ତାକୁ  ଜାଣିବ  ଖାଣ୍ଡିଆ,
ହାଟ ଯାକ ଯେ  ଏ ପାଖ ସେ ପାଖ
ତାକୁ ଜାଣିବ  ଦଣ୍ଡିଆ ।।"

" ମାହାରୀ ନ ମାନି  କି ପାଣି ବୁହା,
ମହା  ବ୍ରାହ୍ମଣକୁ  ବରଣ ଗୁଆ ।

ମହାପ୍ରସାଦେ  କି  ଛୁଆଁ  ଅଛୁଆଁ,
ମହା ନିଦ୍ରା ଖୋଳେ ଦନାଇ ଜୁଆଁ ।"

" ନନ୍ଦିଘୋଷ  ଯେବେ  ଭାଙ୍ଗଇ ଘର,
ବାବାଜୀ  ମାତାକୁ  କଲେ  ବାହାର ।"


କଣ୍ଠ ଯେବେ  ନ ରଖଇ  ମାହାରୀ,
ବୋଲେ  ଦନାଇ  ନାରିଁଚି  ଗୁହାରୀ ।"

" ରଜରେ  ବରଷା  ଗୁଣ୍ଡିଚ଼ ଖରା,
ବୋଲେ  ଦନାଇ  ଏ ବଡ଼ ନାକରା ।"

" ଶାଢୀ  ଗାଳି  ଚନ୍ଦନ,
ଭଙ୍ଗା  ଖେଣି  ଲଞ୍ଚନ ।
ଭଣଜା  କୁଞ୍ଜ  ନନ୍ଦନ,
ଭଲ ଦନାଇ  ଛନ୍ଦନ ।"

କେତେକ ଲୋକୋକ୍ତିରୁ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ଓ ଅଲୌକିକତା ବିଷୟ ମଧ୍ୟ ସୂଚିତ ହୋଇଥାଏ । ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କ ଅନୁରୋଧ ଯୋଗୁଁ ରୁଦ୍ଧ ମନ୍ଦିରର କବାଟ ଖୋଲା ଯାଇଥିଲା ଓ ଏଥିପାଇଁ ବିଶ୍ୱକର୍ମା ଅନ୍ତର୍ହିତ ହୋଇଗଲେ । ଫଳରେ ଜଗନ୍ନାଥ ପ୍ରଭୃତି ତ୍ରିମୂର୍ତ୍ତିଙ୍କ ବିଗ୍ରହ ପୂର୍ଣ୍ଣାଙ୍ଗ ନ ହୋଇ ରହିଗଲା । ଏଣୁ କୁହାଯାଇଥାଏ " ମାଇପି ବୁଦ୍ଧିରେ ଜଗନ୍ନାଥ ଖଣ୍ଡିଆ ।" ସମ୍ଭବତଃ ଏଥିପାଇଁ ଭଲକଥା କହୁ କହୁ ତାହା ଖରାପ ହୋଇଗଲେ ଓଡିଆରେ କୁହାଯାଇଥାଏ– "ଦିଅଁ ଗଢୁ ଗଢୁ ମାଙ୍କଡ଼ ।  କାଞ୍ଚୀ ଅଭିଯାନ ସମୟରେ ଜଗନ୍ନାଥ, ବଳଭଦ୍ର ଆପଣାର ରନ୍ ମୁଦି ଦେଇ ମାଣିକ ଗଉଡୁଣୀଠାରୁ ଦହି ଖାଇଥିଲେ । ଏ ସମ୍ପର୍କରେ ମଧ୍ୟ କୁହାଯାଇଥାଏ "ମୁଦି ଦେଇ ଦହି କିଣା " ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଦଅଁଣା ଚୋରୀ ଉତ୍ସବ ଉପଲକ୍ଷେ କୁହାଯାଇଥାଏ, " ଦଅଁଣା ଚୋରୀ, କଳା ଗୋରା ଦିହେଁ ବାନ୍ଧିଲେ ମାଳୀ ।" ଶ୍ରୀକୃଷ୍ଣ ବଳରାମ ଫୁଲ ବଗିଚାକୁ ବୁଲିଯାଇ ବଗିଚାର ମାଳୀକୁ ବାନ୍ଧି ସେଠାରୁ ଦଅଁଣା ଚୋରୀ କରିଥିଲେ । ସେହିପରି ଜଗନ୍ନାଥ ଅଶ୍ୱସ୍ୟା ଦାସିଆ ବାଉରୀ ପଠାଇଥିବା ନଡିଆ ଶ୍ରୀହସ୍ତରୁ ଗ୍ରହଣ କରିଥିବା ପ୍ରସଙ୍ଗରେ କୁହାଯାଇଥାଏ, "ବାଲିଗାଁ ଦାସିଆଠାରୁ ଜଗନ୍ନାଥେ ନଡିଆ ଖାଇବା ନ୍ୟାୟ ।"

ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧି ସମଗ୍ର ଭାରତ ବ୍ୟାପୀ । ଭାରତର ବିଭିନ୍ନ ଅଞ୍ଚଳରୁ ଭକ୍ତ, ଦର୍ଶନାର୍ଥୀ ଏଠାକୁ ଆସିଥାଆନ୍ତି । ଏଣୁ ଜଗନ୍ନାଥଙ୍କ ସମ୍ପର୍କୀୟ କେତେକ ପ୍ରବାଦ ହିନ୍ଦୀ, ବଙ୍ଗଳା, ଅସମୀୟା, ଓ ମରାଠୀ ଭାଷାଭାଷୀ ଅଞ୍ଚଳରେ ମଧ୍ୟ ପ୍ରଚଳିତ । ଯଥା—ନିଜ ବୁଦ୍ଧିରେ ସଫଳତା ଓ ପର ବୁଦ୍ଧିରେ କ୍ଷତିହୁଏ । ତେଣୁ ଏହି ଅର୍ଥରେ ଓଡ଼ିଆରେ କୁହାଯାଇଥାଏ– "ଆପଣା ହାତ ଜଗନ୍ନାଥ ।" ମରାଠୀ, ଅସମୀୟାରେ ମଧ୍ୟ ଏହା ଯଥାକ୍ରମେ କଥିତ ହୁଏ,—"ଆପଣା ହାତ ଜଗନ୍ନାଥ" ଓ "ଆପୋନ ହାତ ଜଗନ୍ନାଥ" । ବଙ୍ଗଳାରେ କୁହାଯାଏ—"ଆପୋନ ହାତ ଜଗନ୍ନାଥ, ପରେର ହାତ ଏଁଟୋ ପାତ ।" ଅନ୍ୟ ବ୍ୟକ୍ତିର ସାମଗ୍ରୀରେ ବାହାଦୁରୀ ନେବା ଅର୍ଥରେ ମୁଜାଫରପୁର ଅଞ୍ଚଳରେ କୁହାଯାଇଥାଏ–"ଅନକର କୈଲ ଧୈଲ ପର ଜୟ ଜଗନ୍ନାଥ" (୧) ।




କହିବା ଅନାବଶ୍ୟକ ସରଳ ଲୋକ ପ୍ରଚଳିତ ଭାଷାରେ ସ୍ୱତଃ-ସ୍ଫୂର୍ତ୍ତ ଭାବେ ଓ ମୌଖିକ ରୀତିରେ ପୁରୁଷାନୁକ୍ରମେ ପରିବ୍ୟାପ୍ତ ଏହି ଲୋକୋକ୍ତିମାନଙ୍କରେ ଓଡ଼ିଶାର ଜନ ସାଧାରଣଙ୍କ ଧାରଣା, ଅନୁଭବ, ବିଶ୍ୱାସ ଓ ବିଶ୍ୱରଧାରା ପୁଞ୍ଜିଭୂତ ହୋଇ ରହିଅଛି । ଏଥିରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଓ ପ୍ରାଣଶକ୍ତି ମଧ୍ୟ ନିହିତ । ଏହି ଦୃଷ୍ଟିରୁ ଏଗୁଡ଼ିକର ସଂଗ୍ରହ ଓ ସମୀକ୍ଷା ଏକାନ୍ତ ଆବଶ୍ୟକ ।

ଜୟଦେବ ନଗର, ଭୁବନେଶ୍ୱର ।

(୧) ଭାରତୀୟ କହବତ ସଂଗ୍ରହ ୧ମ ଖଣ୍ଡ (ହିନ୍ଦୀ)—ବିଶ୍ୱନାଥ ଦିନକର ନର୍ୱଣେ ।



# ଦାରୁବ୍ରହ୍ମ



ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

'କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ' ଦାରୁ ମୂର୍ତ୍ତିରେ ରୂପାୟିତ ହୋଇଥିବାରୁ ତାହାଙ୍କୁ ଦାରୁ ଦେବତା ଭାବରେ ଉଲ୍ଲେଖ କରାଯାଏ । ଏହି 'ଦାରୁ' ଶବ୍ଦର ଉଲ୍ଲେଖ ଋଗ୍‌ବେଦର ଦଶମ ମଣ୍ଡଳ ଦ୍ୱାଦଶ ସୂକ୍ତରେ ପରିଦୃଷ୍ଟ ହୁଏ । ତହିଁରେ କୁହାଯାଇଛି, 'ଏବେ ଯେଉଁ ଅପୌରୁଷେୟ (କୌଣସି ପୁରୁଷ ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ମିତ ହୋଇ ନଥିବା) ଦାରୁ ସମୁଦ୍ରର ସେ କୂଳରେ ଭାସୁଅଛି, ତାହାକୁ ଆରାଧନା କରି ପରମପଦକୁ ଯାଅ ବା ସଦ୍‌ଗତି ଲାଭକର ।

"ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋ ପାରେ ଅପୌରୁଷମ୍ ।
ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍" ।

ତେଣୁ ଏହି 'ଦାରୁ' ପୂଜା ଯୋଗେ ସଦ୍‌ଗତି ବା ମୁକ୍ତିଲାଭ ହେବାର ବିଶ୍ୱାସ ପ୍ରାଚୀନ ବୈଦିକ କାଳରୁ ପ୍ରଚଳିତ । ଅନ୍ୟ କଥାରେ କୁହାଯାଇପାରେ ଯେ 'ମୁକ୍ତି' ବା 'ମୋକ୍ଷ' ପ୍ରଦାୟକ 'ଦାରୁ'ଙ୍କର ପ୍ରଶସ୍ତି ଋଗ୍‌ବେଦରେ ଉଲ୍ଲେଖ କରାଯାଇଥିବାରୁ ଅନ୍ୟାନ୍ୟ ଦେବତାଙ୍କ ପରି 'ଦାରୁ'ଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ଋଗ୍‌ବେଦରେ 'ବିଷ୍ଣୁ'ଙ୍କର ପ୍ରାଧାନ୍ୟ ନାହିଁ । ପୁଣି ଶ୍ରୀକୃଷ୍ଣ ଶବ୍ଦ 'ବେଦ' ସୃଷ୍ଟିର ବହୁ ପରେ ଭାଗବତ ଧର୍ମରେ ଦେଖାଯାଇଛି । ପରବର୍ତ୍ତୀ କାଳରେ ଦାରୁରୂପୀ ଶ୍ରୀଜଗନ୍ନାଥ, ବିଷ୍ଣୁ ଓ ଶ୍ରୀକୃଷ୍ଣଙ୍କ ସହିତ ଏକ ଓ ଅଭେଦ ରୂପେ ପରିକଳ୍ପିତ ହୋଇଛନ୍ତି । କେବଳ ସେତିକି ନୁହେଁ ଶ୍ରୀଜଗନ୍ନାଥଙ୍କଠାରୁ ମତ୍ସ୍ୟ, କୂର୍ମ, ବରାହ ନୃସିଂହ, ରାମ ଓ ବୁଦ୍ଧ ଆଦି ଅବତାରମାନେ ରୂପ ପରିଗ୍ରହ କରିଥିବା ଯୋଗୁଁ ସେହି ସେହି ଅବତାରଙ୍କ ନିମନ୍ତେ ଆରାଧନା କରାଯିବାର ସଙ୍କେତ ମଧ୍ୟ ଦୃଷ୍ଟ ହୁଅନ୍ତି ।


ଶ୍ରୀକ୍ଷେତ୍ରରେ ଆରାଧିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଯୋଡ଼ା ଆଷାଢ଼ ପଡ଼ିଲେ 'ନବକଳେବର' ବା ଘଟ ପରିବର୍ତ୍ତନ ହେବା ବିଧି । ମନୁଷ୍ୟମାନଙ୍କର ଜନ୍ମ ଜନ୍ମାନ୍ତରେ ଥିବା ପରି ଜଗତର ନିୟାମକ ଓ ସ୍ରଷ୍ଟା ଜଗନ୍ନାଥଙ୍କର ମଧ୍ୟ ସେହିଏ ପିଣ୍ଡ ଲୋପ ହୋଇ ଆଉ ଏକ ପିଣ୍ଡରେ ଦର୍ଶନ ଦେବା ବିଧି ରହିଛି ।

କେବଳ 'ଦାରୁ' ବା ନିମ୍ବ ଗଛକୁ କାଟି ଆଣି ବିଶ୍ୱକର୍ମାଙ୍କ ଦ୍ୱାରା ଦେବତା ଗଠନ କରି ଆରାଧନା କରାଯାଏ ନାହିଁ । ସେହି ନୂତନ 'ଦାରୁ' କଳେବର ମଧ୍ୟରେ 'ବ୍ରହ୍ମ'ଙ୍କର ସଂସ୍ଥାପନ ହେବା ଫଳରେ 'ଦାରୁ-ବ୍ରହ୍ମ'ରେ ପରିଣତ ହୋଇ ଉପାସିତ ହୁଅନ୍ତି ।

ବିଜୟ ଅମାବାସ୍ୟାର ନିଶିଥିନୀର ନିର୍ଜନତା ତଥା ଅନ୍ଧକାର ପରିବେଶ ମଧ୍ୟରେ 'ବ୍ରହ୍ମ ପରିବର୍ତ୍ତନ' ରୂପୀ ପବିତ୍ର କର୍ମ ସଂଗୋପନରେ କରାଯାଇଥାଏ । ଏଥିପାଇଁ ପୂର୍ବ ଓ ନୂତନ ବିଗ୍ରହମାନେ ଧାଡ଼ି ଧାଡ଼ି ହୋଇ ରଖାଯାନ୍ତି ଏବଂ ବ୍ରହ୍ମ ପରିବର୍ତ୍ତନକାରୀ ବ୍ୟକ୍ତି ହସ୍ତରେ ପାଟ କପଡ଼ା ଗୁଡ଼ା ହୋଇଥାଏ ଏବଂ ତାହାର ଚକ୍ଷୁରେ ପ୍ରଲେପ ଦିଆଯାଇ ଅନ୍ଧପୁଟୁଳି ବନ୍ଧାଯାଇଥାଏ । ବ୍ରହ୍ମଙ୍କର ଏ ଘଟ ପରିବର୍ତ୍ତନ ହେବା କଥା କେବଳ ସେବାୟତମାନଙ୍କର ମୁଖରୁ ମୁଖକୁ ପ୍ରଚାରିତ ହୋଇଥାଏ ।

ମନୁଷ୍ୟର ଯେପରି ଶରୀର ଓ ଆତ୍ମା ରହିଛି ଏବଂ ଆତ୍ମା ଶରୀର ତ୍ୟାଗ କଲା ପରେ ଶରୀର ଏକ ଶବରେ ପରିଣତ ହୁଏ, ସେହିପରି 'ଦାରୁ' ରୂପୀ ଶରୀରରେ ଆତ୍ମାରୂପୀ ବ୍ରହ୍ମଙ୍କର ସଂଯୋଗ ହୁଏ । ଦାରୁ ରୂପରେ ଅବସ୍ଥାନକାରୀ ଦେବତାଙ୍କୁ, ଦାରୁ ବ୍ରହ୍ମ ଓ ପଥର ବା ଶିଳାରେ ଅବସ୍ଥିତ ବ୍ରହ୍ମଙ୍କୁ ଶିଳା ବ୍ରହ୍ମ କୁହାଯାଏ ।

ଏହି 'ବ୍ରହ୍ମ'ହିଁ ସମସ୍ତ ଶକ୍ତିର ମୂଳାଧାର । ସେହି ବ୍ରହ୍ମଙ୍କ ସଂପର୍କିତ ପୁରାଣ, ବ୍ରହ୍ମ ପୁରାଣ । ସେହି ପରି ବ୍ରହ୍ମାଣ୍ଡ ,ବ୍ରହ୍ମଦେଶ, ବ୍ରହ୍ମପୁର, ବ୍ରହ୍ମେଶ୍ୱର, ବ୍ରହ୍ମଗିରି ଆଦି ଶବ୍ଦମାନଙ୍କର ସୃଷ୍ଟି ଏହି 'ବ୍ରହ୍ମ' ଶବ୍ଦ ସହ ସଂପୃକ୍ତ । ଏହି ବ୍ରହ୍ମଙ୍କ ସମ୍ବନ୍ଧରେ ଶ୍ୱେତାଶ୍ୱେତର ଉପନିଷଦରେ ଲେଖାଯାଇଛି । ବ୍ରହ୍ମ ହସ୍ତ ପଦ ହୀନ ହେଲେ ହେଁ ସମସ୍ତଙ୍କୁ ଗତି ପାଇଁ ପ୍ରେରଣା ଦିଅନ୍ତି । ସେ ଚକ୍ଷୁ ହୀନ ହେଲେ ହେଁ ସର୍ବ ଦ୍ରଷ୍ଟା ଏବଂ କର୍ଣ୍ଣହୀନ ହୋଇ ମଧ୍ୟ ସବୁଟି ସୁହାରା ଶୁଣି ପାରନ୍ତି ।



ଅପାଣିପାଦୋ ଯବନଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ,
ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ପୁରାଣମ୍ ।

(ଶ୍ୱେତାଶ୍ୱେତର ଉପନିଷଦ ୩, ୧୬)

ଯେ ଅପାଣିପାଦ (ହସ୍ତ ପଦ ହୀନ)ସେ ସମସ୍ତଙ୍କୁ ଗତି ଦେବାକୁ ସକ୍ଷମ ଅଟନ୍ତି । ସେ ଅଚକ୍ଷୁ (ଚକ୍ଷୁହୀନ) ଓ ଅକର୍ଣ୍ଣ (କର୍ଣ୍ଣହୀନ) ହେଲେ ହେଁ ସମସ୍ତଙ୍କୁ ଦେଖୁଥିବା ଓ ସବୁରି ଅନ୍ତରର ଆକୁଳତାକୁ ଗ୍ରହଣ କରି ଭାବଗ୍ରାହୀ ନାମକୁ ସାର୍ଥକ କରିଥାନ୍ତି । ସେ ସ୍ୱୟଂ ସକଳ ଭାବନାର ଉତ୍ସ । ସମସ୍ତ ଆଧାରର ମୂଳଧାର । ତାଙ୍କୁ ଜାଣିଥିବା ବ୍ୟକ୍ତି କେହି ହେଲେ ନାହାଁନ୍ତି (ତସ୍ୟବେତ୍ତାନ) ଯେଉଁମାନେ ବାସ୍ତବରେ ଜ୍ଞାନୀ, ସେମାନେ ତାହାଙ୍କୁ ପୁରାଣ ପୁରୁଷ ବା ମହାନ୍ ପୁରୁଷ ବୋଲି ଜାଣି ପାରି ସର୍ବଦା ତାଙ୍କଠାରେ ଭକ୍ତି କରନ୍ତି ।

ଏହି ମନ୍ତ୍ରରେ ବ୍ରହ୍ମଙ୍କୁ ଯେପରି ବର୍ଣ୍ଣନା କରାଯାଇଛି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ବାସ୍ତବରେ ସେହିପରି ଭାବରେ ନିର୍ମିତ । ଭଗବାନ ସ୍ୱୟଂ ଶ୍ରୀମଦ୍ଭଗବଦ୍ଗୀତା (୧୨/୩) ରେ କହିଛନ୍ତି ଯେ ଅନିର୍ଦ୍ଦେଶ୍ୟ ଅବ୍ୟକ୍ତ, ସର୍ବବ୍ୟାପୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ, ଧ୍ରୁବ, ଅକ୍ଷର (ନିର୍ଗୁଣ) ବ୍ରହ୍ମଙ୍କୁ ଉପାସନା କରନ୍ତି ସେହି ସର୍ବଭୂତ ହିତରତ ବ୍ୟକ୍ତିମାନେ ଶେଷରେ ମୋତେ ହିଁ ପାଇଥାନ୍ତି । ଏଥିରେ ମଧ୍ୟ ସେହି 'ପୁରୁଷୋତ୍ତମ' ରୂପୀ ଶ୍ରୀଜଗନ୍ନାଥଙ୍କ ଉପାସନା ହିଁ ଲକ୍ଷ୍ୟଣୀୟ ।

ଶ୍ରୀଜଗନ୍ନାଥଙ୍କ ମଧ୍ୟସ୍ଥିତ ଏହି ବ୍ରହ୍ମଙ୍କ ବିଷୟ ରହସ୍ୟମୟ । ଦାରୁ ମୂର୍ତ୍ତିଙ୍କ ମଧ୍ୟରେ ଅବସ୍ଥିତ ବ୍ରହ୍ମଙ୍କର ସ୍ୱରୂପ କ'ଣ, ତାହା ଜାଣିବା ପାଇଁ ମନ ମଧ୍ୟରେ ଅଶେଷ କୌତୁହଳ ଜାଗ୍ରତ ହେଲେ ହେଁ,ସେହି ଗୋପନ ରହସ୍ୟ ପେଟିକା ଫେଡ଼ିବାର ଉପାୟ ନାହିଁ ।

ଐତିହାସିକ କାଳରେ ଖ୍ରୀ:୧୫୬୮ ରେ କଳାପାହାଡ଼ର ଆକ୍ରମଣ ବିଷୟ ମାଦଳାପାଞ୍ଜିରେ ଉଲ୍ଲିଖିତ, ଉକ୍ତ ଆକ୍ରମଣ ବେଳେ ଶ୍ରୀମନ୍ଦିର ଲୁଣ୍ଠିତ ହେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କୁ ହାତୀ ପଛରେ ବାନ୍ଧି ଟାଣି ଟାଣି ନେଇ ଗଙ୍ଗା କୂଳରେ ପୋଡ଼ିଥିଲା । ଭକ୍ତ ବିଶର ମହାନ୍ତି ଛଦ୍ମ ବେଶରେ ଅନୁସରଣ କରି ଯାଇ ଅର୍ଦ୍ଧଦଗ୍ଧ ବିଗ୍ରହ ମଧ୍ୟରୁ ବ୍ରହ୍ମଙ୍କୁ ଉଦ୍ଧାର କରି ଆଣି ମୃଦଙ୍ଗ ଖୋଳ ଭିତରେ ରଖି ଚାଲି ଚାଲି ଆସି କୁଜଙ୍ଗରେ ରଖିଥିଲେ । ସେଠାରୁ ପୁଣି ଆଣି ଶ୍ରୀକ୍ଷେତ୍ରରେ ପହଞ୍ଚାନ୍ତେ ତଦାନୀନ୍ତନ ମହାରାଜା ରାମଚନ୍ଦ୍ର ଦେବ ଦାରୁ ଅଣାଇ ଦିଅଁଙ୍କୁ ସୁମୂର୍ତ୍ତି କରାଇଲେ ଏବଂ ତହିଁରେ ବ୍ରହ୍ମ ସ୍ଥାପନ କରି ରତ୍ନବେଦୀରେ ରଖି ପୂଜା ବ୍ୟବସ୍ଥା କଲେ । ବ୍ରହ୍ମ ଆଣିଥିବା ଭକ୍ତ ବିଶର ମହାନ୍ତିଙ୍କୁ 'ପୌର ନାୟକ' କଲେ ।

ଏପରି ଥରେ ନୁହେଁ, ବହୁଥର ଶ୍ରୀଜୀଉ ଶ୍ରୀକ୍ଷେତ୍ର ଓ ରତ୍ନ ସିଂହାସନ ତ୍ୟାଗ କରିଛନ୍ତି । କେତେବେଳେ 'ସୁନପୁର' ଠାରେ ପାତାଳି ହୋଇଛନ୍ତି ତ କେତେବେଳେ ଚିଲିକା ଭିତରେ ଆତ୍ମଗୋପନ କରିଛନ୍ତି, ପୁଣି କେତେବେଳେ ବାଣପୁର, ନୟାଗଡ଼, ଚିକିଟିରେ ଆଶ୍ରୟ ନେଇଛନ୍ତି । ଏ ରାଜ୍ୟର ପରିତ୍ରାଣକ ରାଷ୍ଟ୍ର ଦେବତା ଭାବରେ ସ୍ୱୟଂ ଜଗନ୍ନାଥ ହିଁ ସମସ୍ତ ଦୁଃଖ କଷ୍ଟ ସହେ ଅବା ରାଜ୍ୟବାସୀଙ୍କ ସହ ସ୍ୱୟଂ ବରଣ କରି ନିଅନ୍ତି ଏବଂ ଅସହାୟ ମନୁଷ୍ୟ ପରି ନିଜେ ମଧ୍ୟ ଏଠି ସେଠି ଆଶ୍ରୟ ଗ୍ରହଣ କରନ୍ତି । ଅଦ୍ୟାବଧି ସେହି ସବୁ ସ୍ଥାନମାନଙ୍କରେ ଶ୍ରୀଜଗନ୍ନାଥଙ୍କ ସ୍ମୃତିଚିହ୍ନ ରହିଅଛି ।

ଏହିପରି ପରିଭ୍ରମଣ କାଳରେ ସେହି ପାଦପାଣିହୀନ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଥିବା ବ୍ରହ୍ମଙ୍କୁ ବାଣପୁରବାସୀ ଦର୍ଶନ କରିବା ସୌଭାଗ୍ୟ ଅର୍ଜନ କରିଛନ୍ତି ବୋଲି କବି ଲୋକନାଥ ସୂଚନା ଦେଇଛନ୍ତି । ହେଲେ ହେଁ ସେହି ବ୍ରହ୍ମଙ୍କର ସ୍ୱରୂପ କିପରି ସେ ବିଷୟ ସେ ଉଲ୍ଲେଖ କରି ନାହାନ୍ତି ।

ବ୍ରହ୍ମଙ୍କ ବିଷୟ ଅତ୍ୟନ୍ତ ଗୋପନୀୟ ଏବଂ ସେହି ରହସ୍ୟଘନ ବ୍ରହ୍ମଙ୍କୁ ରହସ୍ୟାଚ୍ଛାଦିତ । ଆଧୁନିକ କାଳରେ ସୂକ୍ଷ୍ମ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ ପୂର୍ବକ ଟେପ୍‌ରେକର୍ଡର ଯନ୍ତ୍ରରେ ବ୍ରହ୍ମ ପରିବର୍ତ୍ତନକାଳୀନ ଗୋପନ ତଥ୍ୟକୁ ରେକର୍ଡ କରିବା ନିମନ୍ତେ ପ୍ରୟାସ କରି ସେବାୟତଙ୍କ ଦେହରେ ଟେପ୍ କରା ହେଲେ ହେଁ ବାସ୍ତବରେ ଭଗବାନଙ୍କ ଅଲୌକିକ ମହିମା ଯୋଗେ ସେହି ଅପ୍ରକାଶ୍ୟ ଘଟଣା ଧ୍ୱନିଟି ନୂତନ ଯନ୍ତ୍ରରୁ ସୂକ୍ଷ୍ମ ରେକର୍ଡ ହୋଇ ପାରିଲା ନାହିଁ । ନବ କଳେବର ପରେ ପୁରୁଷୋତ୍ତମଙ୍କ ସେବାୟତ ଜଳ ତୁଳସୀ ପ୍ରସାଦ ଦେବାବେଳେ ସେହି ସବୁଜ ପତ୍ରର ତୁଳସୀଜଳ ପୂର୍ବଥର ଦାରୁ ମୂର୍ତ୍ତିରେ ଅବସ୍ଥାପିତ ବ୍ରହ୍ମଙ୍କଠାରେ ଆରୋପିତ ହୋଇଥିବା ଓ ତାହା ସେହିପରି ସତେଜ ଥିବା ପ୍ରକାଶ କରନ୍ତି । ଏହା ଶ୍ରୀଜଗନ୍ନାଥଙ୍କ ଅଲୌକିକ ମହିମା ବ୍ୟତୀତ ଆଉ କ'ଣ ହୋଇ ପାରେ ?

ନବ କଳେବର ଅନ୍ତେ 'କୋଇଲି ବୈକୁଣ୍ଠ' ଠାରେ ପୁରାତନ ଦାରୁ କଳେବର ଗୁଡ଼ିକୁ ସମାଧି ଦିଆଯାଏ । ତେଣୁ ଘଟର ପରିବର୍ତ୍ତନ ହେଲେ ହେଁ ବ୍ରହ୍ମଙ୍କ ବିଦ୍ୟମାନତା ଯୋଗୁଁ ହିଁ ଦାରୁବ୍ରହ୍ମ ସଦାସର୍ବଦା ମହିମାନ୍ୱିତ । ଏଣୁ ଏହି ବ୍ରହ୍ମ ହିଁ ସକଳ ସୃଷ୍ଟିର ନିୟାମକ ହୋଇ ଅପ୍ରାକୃତ କ୍ରିୟାସାଧନ କରାଉଛନ୍ତି ।

ଉତ୍କଳର ମହାକବି ସାରଳା ଦାସ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରି ମହାଭାରତର ବିଭିନ୍ନ ସ୍ଥଳରେ ଶ୍ରୀକୃଷ୍ଣଙ୍କ ସ୍ଥାନରେ ଜଗନ୍ନାଥଙ୍କ ନାମ ଉଲ୍ଲେଖ କରିଛନ୍ତି । ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡ ହିଁ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଥିବା ବ୍ରହ୍ମ ବୋଲି ତାହାଙ୍କର ବଦ୍ଧମୂଳ ଧାରଣା । କଳିଯୁଗ ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣ ପୃଥିବୀ ତ୍ୟାଗ ପୂର୍ବରୁ ବୈକୁଣ୍ଠ ଅସ୍ତ୍ର ସୁଦର୍ଶନ ଚକ୍ରକୁ ନିକ୍ଷେପ କରନ୍ତେ ତାହା ଉତ୍କଳର ମହୋଦଧି ତୀରରେ ପଡ଼ିଲା । ଏବେ ସେହି ସ୍ଥାନ ଭଗବାନଙ୍କ ଋଣାବତାର ଲୀଳା ସ୍ଥଳ ନିମିତ୍ତ ଉଦ୍ଦିଷ୍ଟ ନୀଳାଦ୍ରିର ଚକ୍ରତୀର୍ଥ ।

ତ୍ରେତା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର ସୁଗ୍ରୀବର ମିତ୍ରତା ପାଇଁ ବାଳୀକୁ ବଧ କରିଥିଲେ ଏବଂ ବାଳୀପୁତ୍ର ଅଙ୍ଗଦ ପିତୃହତ୍ୟାର ପ୍ରତିଶୋଧ ନିମନ୍ତେ ବରଭିକ୍ଷା କରନ୍ତେ ଭଗବାନ ଶ୍ରୀରାମ ତାହାଙ୍କୁ ଦ୍ୱାପର ଯୁଗରେ କୃଷ୍ଣାବତାର ବେଳେ ଅଭୀଷ୍ଟ ପୂରଣ କରିବେବୋଲି ବର ଦେଇ ଥିଲେ । ତେଣୁ ଶିଆଳି ଲତା ମୂଳେ ଶ୍ରୀକୃଷ୍ଣ ବିଶ୍ରାମ ନେଉଥିବା ବେଳେ ତାହାଙ୍କ ରଙ୍ଗ ପାଦକୁ ମୃଗକର୍ଣ୍ଣ ମନେକରି ଅଙ୍ଗଦ ରୂପୀ ଜରା ଶବର ଶର ନିକ୍ଷେପ କଲା ଏବଂ ଶ୍ରୀକୃଷ୍ଣଙ୍କ ଆଦେଶ ଅନୁସାରେ ହସ୍ତୀନାପୁରରୁ ଅର୍ଜୁନଙ୍କୁ ଅଣାଇ ତାହାର ସାହାଯ୍ୟେ ଶ୍ରୀକୃଷ୍ଣଙ୍କ ଶରୀର ଦଗ୍ଧ କଲେ । ସେହି ଦଗ୍ଧିଭୂତ ପିଣ୍ଡ ଭିତରୁ ନାଭି କମଳ ଅପୋଡ଼ା ରହିବାରୁ ତାହାକୁ ସମୁଦ୍ରରେ ଭସାଇ ଦେଲେ, ଏବଂ ତାହା ଦାରୁ ରୂପରେ ତଟ ତୀର୍ଥରେ ଆବିର୍ଭୂତ ହେବା ବିଷୟ ସାରଳା ଦାସଙ୍କ ସୃଷ୍ଟି ।

ସେ ଯାହା ହେଉନା କାହିଁକି ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡର ପରିଣତି ଯଦି ବର୍ତ୍ତମାନର ଜଗନ୍ନାଥ ହୁଅନ୍ତି, ତେବେ ଶ୍ରୀକୃଷ୍ଣଙ୍କ କାଳ ନିରୂପଣ ଯୋଗେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବର କାଳ ନିରୂପିତ ହୋଇ ପାରିବ ।

ଦ୍ୱାପର ଯୁଗ ଶେଷରେ କୁରୁ ପାଣ୍ଡବଙ୍କ ଯୁଦ୍ଧ ହେଲା । ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟର **ସୁଖବୋଧିନୀ** ଟୀକା ଅନୁସାରେ ଯୁଧିଷ୍ଠିରଙ୍କଠାରୁ ୨୫୨୬ ବର୍ଷ, ବିକ୍ରମାଦିତ୍ୟଙ୍କଠାରୁ ୧୩୫ ଓ ଶକ ସମ୍ବତ୍ ୧୯୦୮ ଖ୍ରୀ.୧୯୮୬ରେ ଗଣନା କରାଯାଇ ୫୦୮୭ ବର୍ଷ ହେବ କଳ୍ୟାବ୍ଦ ଏହାର ୧୯୮୬ର ଗଣନା କରାଯାଇ ୫୦୮୭ କଲ୍ୟାବ୍ଦରୁ ପ୍ରଚଳିତ ୧୯୮୬ **ପ୍ରଚଳିତ ହୋଇଅଛି** । ଏଣୁ ୫୦୮୭ କଲ୍ୟାବ୍ଦରୁ ପ୍ରଚଳିତ ୧୯୮୬ **ଶ୍ରୀକୃଷ୍ଣ ବିୟୋଗ** କଲେ ଖ୍ରୀ.ପୂ: ୩୧୦୧ ରେ ଯୁଧିଷ୍ଠିରଙ୍କ ରାଜତ୍ୱ ଓ କଳିଯୁଗର ଆରମ୍ଭ ବୋଲି ଜଣାପଡେ । ଶ୍ରୀମଦ୍ଭାଗବତ୍ ଦ୍ୱାଦଶ ସ୍କନ୍ଦରେ ଉକ୍ତ ଅଛି–

ଯସ୍ମିନ୍ କୃଷ୍ଣୋ ଦିବଂ ଯାତ ସ୍ତସ୍ମିନ୍ନେବ ତଦାହନି
ପ୍ରତିପନ୍ନଂ କଳିଯୁଗମିତି ପ୍ରାହୁ ପୁରାବିଦଃ

ଏଥିରୁ ପ୍ରତୀତ ହୁଏ ଶ୍ରୀକୃଷ୍ଣଙ୍କ ଲୋକାନ୍ତରିତ ହେବା ଦିନଠାରୁ କଳିଯୁଗର ଆରମ୍ଭ ଏବଂ ଶ୍ରୀକୃଷ୍ଣଙ୍କ ମର୍ତ୍ତ୍ୟ ମଣ୍ଡଳରେ ଦେହ ଧାରଣ ୧୨୫ବର୍ଷ ବୋଲି ଶ୍ରୀମଦ୍ଭାଗବତ୍ ଏକାଦଶ ସ୍କନ୍ଦ ୬ଷ୍ଠ ଅଧ୍ୟାୟରେ ଉଲ୍ଲିଖିତ ।

ଯଦୁବଂଶେଽବତୀର୍ଣସ୍ୟ ଭବତଃ ପୁରୁଷୋତ୍ତମ ।
ଶରଚ୍ଛତଂ ବ୍ୟତୀୟାୟ ପଞ୍ଚବିଂଶାଧିକଂ ପ୍ରଭୋ ॥

ଶ୍ରୀକୃଷ୍ଣଙ୍କ ପାର୍ଥିବ ଶରୀର ୧୨୫ବର୍ଷ ରହିଥିବାରୁ ଖ୍ରୀ:ପୂ: ୩୧୦୧+୧୨୫=୩୨୨୬ ଖ୍ରୀ:ପୂ: ହେଉଛି ଶ୍ରୀକୃଷ୍ଣଙ୍କ ଜନ୍ମକାଳ ଏବଂ ପ୍ରଚଳିତ ସମ୍ବତ୍ସର ୫୨୧୩ କୃଷ୍ଣାବ୍ଦ । ଯଦି ସାରଳା ଦାସଙ୍କ ଧାରଣାକୁ ଗ୍ରହଣ କରାଯାଏ ତେବେ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ରୂପ ପରିଗ୍ରହ ଆନୁମାନିକ ଖ୍ରୀଷ୍ଟପୂର୍ବ ୩୧୦୦ ବୋଲି ଧରାଯିବ । ଅବଶ୍ୟ ଏହି ଗଣନା ଅଭ୍ରାନ୍ତ ବୋଲି କୁହାଯାଇ ନପାରେ । ତେବେ ଏହାକୁ ଏକ ମନ ଭାବରେ ଗ୍ରହଣ କରି ଭିତ୍ତିଭୂମି ଭାବେ ନିର୍ଦ୍ଦିଷ୍ଟ **ଲକ୍ଷ୍ୟ ହାସଲ** କରିହେବ ।

ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ବୁଦ୍ଧଦେବଙ୍କ ଦନ୍ତ ରହିଥିବା ଏବଂ ତାଙ୍କୁ ବୁଦ୍ଧ ନାମରେ ନାମିତ କରାଯାଇ ଥିବା ମଧ୍ୟ ଆଉ ଏକ ମତ । କେହି କେହି ବୁଦ୍ଧ ଜାତୀୟ ଦାରୁ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସ୍ଥାପିତ ବୋଲି ମଧ୍ୟ କେତେକ ମତ ବ୍ୟକ୍ତ କରିଥାନ୍ତି ।

ଅନ୍ୟ ଏକ ମତ ହେଉଛି ଯେ ଶଙ୍କରାଚାର୍ଯ୍ୟଙ୍କ ପୁରୀ ଆଗମନ ବେଳେ କେବଳ ଶ୍ରୀଜଗନ୍ନାଥ ପୂଜା ପାଉଥିଲେ । ଆଚାର୍ଯ୍ୟ ଶଙ୍କର ଭାରତର ଚତୁର୍ଦ୍ଧାମ ପର୍ଯ୍ୟଟନ କାଳରେ ଜଗନ୍ନାଥଧାମ ପ୍ରତି ଆକୃଷ୍ଟ ହୋଇ ଆସିଥିବାରୁ ଶଙ୍କରଙ୍କ ଆଗମନ କାଳରୁ ଜଗନ୍ନାଥ ଧାମ ଭାରତବର୍ଷରେ ଖ୍ୟାତି ଲାଭ କରିଥିଲା । ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱରେ ମହାମହେଶ୍ୱର ବଳଭଦ୍ର ଓ ମହାମାହେଶ୍ୱରୀ ସୁଭଦ୍ରା ଦେବୀଙ୍କୁ ଆଚାର୍ଯ୍ୟ ଶଙ୍କର ପ୍ରତିଷ୍ଠା କରାଇବା ଦ୍ୱାରା ରତ୍ନସିଂହାସନରେ ତ୍ରିମୂର୍ତ୍ତି ସ୍ଥାନ ପାଇଲେ । ଏହି ତ୍ରିମୂର୍ତ୍ତିଙ୍କ ପାଦଦେଶରେ ସ୍ଥାପନ ପାଇଁ ନେପାଳ ମହାରାଜା ଗଣ୍ଡକୀ ନଦୀରୁ ପ୍ରାପ୍ତ ଚାରୋଟି ଶାଳଗ୍ରାମ ପ୍ରଦାନ କରିଥିବାରୁ ନେପାଳ ରାଜାଙ୍କୁ ପୁରୁଷୋତ୍ତମ କ୍ଷେତ୍ରରେ ପୁରୀ ରାଜାଙ୍କ ଭଳି ପୂଜାର୍ଚ୍ଚନା ଅଧିକାର ଦିଆଯାଇଅଛି । ଏବେ ମଧ୍ୟ ସେହି ଅଧିକାର ଯୋଗୁଁ ନେପାଳର ରାଜା ବା ରାଜଦମ୍ପତି ପୁରୀ ଆଗମନ କାଳରେ ସେବାପୂଜାର ସୁଯୋଗ ଲାଭ କରୁଅଛନ୍ତି । ସୁଦୂର ନେପାଳ ସହିତ ଏହି ସୂତ୍ର କାରଣ ଯୋଗୁଁ ଶ୍ରୀଜଗନ୍ନାଥଙ୍କଠାରେ ସମ୍ବନ୍ଧ ସ୍ଥାପିତ ହୋଇଥିବା ଅନୁମିତ ହୁଏ ।

ଯେଉଁ ବ୍ରହ୍ମ ପ୍ରାକୃତିକ ଜଗତର ଊର୍ଦ୍ଧ୍ୱରେ ଯେ ପୁଣି ସକଳ ଘଟରେ ବିଦ୍ୟମାନ, ଯେ ଅନାଦି ଓ ଅନନ୍ତ ଭାବରେ ବିରାଜିତ, ତାହାଙ୍କ ସ୍ୱରୂପ କଳନା କରିବା ମାନବ କଳ୍ପନାର ବାହାରେ । ତେଣୁ ଏ କ୍ଷୁଦ୍ର ପ୍ରବନ୍ଧରେ ବ୍ରହ୍ମଙ୍କ ସ୍ୱରୂପ ସମ୍ଭାବନା କରିବାର ଧୃଷ୍ଟତାଠାରୁ କିଞ୍ଚିତ ମାତ୍ର ଆଲୋଚନା କରି କିୟତ୍‌କ୍ଷଣ ପାଇଁ ତଲ୍ଲୀନ ହେବା ହିଁ ଉଦ୍ଦେଶ୍ୟ ।

ସଭ୍ୟ ସଂପାଦକ
ସିଲେକ୍‌ସନ ବୋର୍ଡ  ୧୮, ସତ୍ୟନଗର, ଭୁବନେଶ୍ୱର



ଗତ ଆର୍ଥିକ ବର୍ଷରେ

# ଜାତୀୟ ସଞ୍ଚୟ ସାର୍ଟିଫିକେଟ

## ୬ଷ୍ଠ ଇସୁରେ

ଆମ ରାଜ୍ୟର ଜନସାଧାରଣ ପ୍ରାୟ ୪୪ କୋଟି ଟଙ୍କା ଜମା ଦେଇଛନ୍ତି । ଏହି ସାର୍ଟିଫିକେଟ୍‌ରେ ନିମ୍ନଲିଖିତ ସୁବିଧାମାନ ମିଳୁଥିବାରୁ ଏହା ଲୋକମାନଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି ।

* ୭ ବର୍ଷରେ ମୂଳଧନ ୨ ଗୁଣଠାରୁ ଅଧିକ ହୁଏ ।

* ସବୁ ଶ୍ରେଣୀର ଆୟକାରୀମାନଙ୍କ ସୁବିଧା ନିମନ୍ତେ ୫୦ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ମୂଲ୍ୟର ସାର୍ଟିଫିକେଟ୍‌ମାନ ଡାକଘରେ କିଣିବାକୁ ମିଳେ ।

* ଦରକାର ବେଳେ କୌଣସି ଜାତୀୟକରଣ ବ୍ୟାଙ୍କରେ ବନ୍ଧକ ଦେଇ ଋଣ ଅଣାଯାଇ ପାରେ ।

* ଏହି ସାର୍ଟିଫିକେଟ୍‌ର କ୍ରୟମୂଲ୍ୟ ଏବଂ ବାର୍ଷିକ ଅର୍ଜିତ ସୁଧ ଉପରେ ଆୟକର ରିହାତି ମିଳିଥାଏ ।

ଆଜିହିଁ ନିକଟସ୍ଥ ଡାକଘରୁ ଗୋଟିଏ ସାର୍ଟିଫିକେଟ୍ କିଣି ରାଜ୍ୟର ସମ୍ବଳ ସଂଗ୍ରହରେ ସହାୟକ ହୁଅନ୍ତୁ ।

ସ୍ୱଳ୍ପ ସଞ୍ଚୟ ସଙ୍ଗଠନ
ଓଡ଼ିଶା ସରକାର



ଇଂଜିନିୟର ରଘୁନାଥ ପାଣ୍ଡ

କାମଂ କ୍ରୋଧଂ ଭୟଂ ସ୍ନେହମୈକ୍ୟଂ ସୌହୃଦମେବ ଚ ।
ନିତ୍ୟଂ ହରୌ ବିଦଧତୋ ଯାନ୍ତି ତନ୍ମୟତାଂ ହି ତେ ।

ଶ୍ରୀମଦ୍ ଭାଗବତ୍ ୧୦।୨୯।୧୫

ବିଷୟାନନ୍ଦ ମଦମତ୍ତ ମନୁଷ୍ୟ ବିଷୟ ସୁଖରୁ ନିବୃତ୍ତ ନ ହୋଇ ଯଦି ସମସ୍ତ ବିଷୟାସକ୍ତି ଆନନ୍ଦକନ୍ଦ ବ୍ରଜେନ୍ଦ୍ରନନ୍ଦନଙ୍କ ପଦାରବିନ୍ଦରେ ସମାସକ୍ତ କରେ ତେବେ କାମକ୍ରୋଧାଦି [illegible] ନିବୃତ୍ତ [illegible] ହୋଇ ଅବିନଶ୍ୱର ଭଗବତ୍ ରୂପ ଧାରଣ କରେ ।

କୃଷ୍ଣପ୍ରାଣା ବ୍ରଜସୁନ୍ଦରୀମାନଙ୍କ ସକାମ ଆତ୍ମନିବେଦନ ଶ୍ରୀହରିଙ୍କ ନିଷ୍କାମ ସଂସର୍ଗ ପ୍ରଭାବରୁ ଦିବ୍ୟାତିଦିବ୍ୟ ପ୍ରେମରେ ରୂପାନ୍ତରିତ ହେଲା । ସମସ୍ତ ଲୌକିକ ପ୍ରେମର ଅବସାନ ହେବା ସଙ୍ଗେ ଗୋପସୁନ୍ଦରୀଗଣ ଅଲୌକିକ ପ୍ରେମର ଅଧିକାରିଣୀ ହୋଇ ଧାବମାନ୍ତ ହେଲେ । ଲୌକିକ କାମର ପୂର୍ତ୍ତି ହେଲେ ବିଶ୍ୱବ୍ରହ୍ମାଣ୍ଡର ପରିବ୍ୟାପ୍ତି ହୁଏ ସତ ଚିତ୍ତ କୃଷ୍ଣ ସୁଖ ସିନ୍ଧୁ ବ୍ରଜବଧୂଗଣ ତ୍ରୈଲୋକ୍ୟ ଚିନ୍ତାମଣି ଶ୍ରୀକୃଷ୍ଣଙ୍କ ସହିତ ସକାମ ପ୍ରୀତି ଭଜ କରି ପାପ ତାପ ମୁକ୍ତ ସଂସାରରୁ ନିବୃତ୍ତ ହେଲେ ।

କ୍ରିୟା ସର୍ବେପି ସୈବାତ୍ର ପରଂ କାମୋ ନ ବିଦ୍ୟତେ ।
ତେଷାଂ କାମସ୍ୟ ସଂପ୍ରାପ୍ତି ନିଷ୍କାମେତି ତାସ୍ତଥା ॥
କାମେନ ପୂରିତଃ କାମଃ ସଂସାରେ ଜନୟେତ୍ ସୁଖମ୍ ।
କାମ ଭାବେନ ପୂର୍ଣ୍ଣସ୍ତୁ ନିଷ୍କାମଃ ଶାନ୍ତସଂଶୟଃ ॥

ଶ୍ରୀଲ ଶ୍ରୀମଦ ବଲ୍ଲଭାଚାର୍ଯ୍ୟ

ଭକ୍ତିରାଜ୍ୟରେ ନିର୍ବିଶେଷ ବ୍ରହ୍ମ ପରିବର୍ତ୍ତେ ସବିଶେଷ ବ୍ରହ୍ମର ଆବଶ୍ୟକତା ବିଶେଷ ଭାବେ ଅନୁଭୂତ ହୁଏ । ତଦର୍ଥେ ଗୋପବଧୂଗଣ ନିରାକାର ନିର୍ବିଶେଷ ବ୍ରହ୍ମର ଉପାସିକା ନ ହୋଇ ସାକାର ସବିଶେଷ ବ୍ରହ୍ମର ଉପାସିକା ଥିଲେ । ଭୌତିକ ଜଗତର କାମ ଆତ୍ମ ପ୍ରୀତ୍ୟର୍ଥେ ଉଦ୍ଦିଷ୍ଟ କିନ୍ତୁ ଗୋପୀମାନଙ୍କର କୃଷ୍ଣ ବିଷୟ ରତି କୃଷ୍ଣଙ୍କ ପ୍ରୀତ୍ୟର୍ଥେ ଉଦ୍ଦିଷ୍ଟ ଥିଲା ।

ଅତଏବ ଗୋପୀ ପ୍ରେମେ ନାହିଁ କାମ ଗନ୍ଧ ।
କୃଷ୍ଣ ସୁଖ ହେତୁ କରେ କୃଷ୍ଣେର ସମ୍ବନ୍ଧ ॥

ଶ୍ରୀଚୈତନ୍ୟ ଚରିତାମୃତ

ଧର୍ମ ନାସ୍ତିକ୍ୟର ପ୍ରଶମନ କରେ । କାମ ବାସନା ଆଦିକୁ ଭସ୍ମ କରି ମାର୍ଗ ପ୍ରଦର୍ଶନ କରେ । କର୍ମ ଆତ୍ମାକୁ ପରମାତ୍ମାଙ୍କ ସହ ସଂଯୋଗ କରେ । [illegible] ହୁଏ ।

ଯୋ ନାନାମ ବଚସା ସୌମ୍ୟାୟ ମନାୟୁଷା ଭବତି ବସ୍ତବସ୍ତ୍ରାଃ ।
[illegible] ବଦନ୍ତେ ନ ପତି ॥

—ଋଗ୍ ବେଦ ୪।୨୫।୨

[illegible] ସୌମ୍ୟ ପ୍ରକୃତିର ସମ୍ମୁଖରେ ସ୍ତୁତି ପାଠକରି [illegible] ପ୍ରକୃତି ଚିନ୍ତନ ମନନ କରିବା ସଙ୍ଗେ



ସୂରଙ୍କ କିରଣକୁ ହୃଦୟରେ ଧାରଣ କରେ ? କିଏ ପ୍ରଭୁଙ୍କ ସହ ସମକକ୍ଷ ହୋଇ ଭ୍ରାତୃଭାବ ବା ସମତା କାମନା କରେ? କେଉଁ ଭକ୍ତର ହୃଦୟ ସେ ମହାନ କବିଙ୍କ ପ୍ରତି ଭକ୍ତିରସରେ ଆପ୍ଳୁତ ?

ଉତ୍ତରରେ—

ଇମେ ହି ତେ ବ୍ରହ୍ମକୃତଃ ସୁତେ, ସଚା ମଧୌନ ମକ୍ଷ ଆସତେ
ଇନ୍ଦ୍ରେ କାମଂ ଜରିତାରୋ ବସୂୟବୋ ରଥେନ ପାଦମା ଦଧୁଃ ॥

—ଋଗ୍‌ବେଦ ୭।୩୨।୨

"ପ୍ରଭୋ! ମଧୁ ପରିବେଷ୍ଟିତ ମଧୁମକ୍ଷିକା ପରି ଏଭକ୍ତ ସର୍ବଦା ତୁମର ଗୁଣାନୁକୀର୍ତ୍ତନରେ ତନ୍ମୟ । କୌଣସି ବ୍ୟକ୍ତି ରଥୋପରି ପାଦରକ୍ଷି ନିଶ୍ଚିନ୍ତରେ ଥିବାପରି, ତୁମ ଅଭ୍ୟନ୍ତରରେ ବସବାସ ପାଇଁ ଇଚ୍ଛା କରିଥିବା ଏହି ଶ୍ରୋତା, ତୁମକୁ ସକଳ କାମନା ବାସନା ସମର୍ପଣ କରି ନିଶ୍ଚିନ୍ତ " !

ନାରଦ ଭକ୍ତି ସୂତ୍ରାନୁସାରେ ଈଶ୍ୱର ସମ୍ବନ୍ଧୀୟ ପରମ ପ୍ରେମହିଁ ଭକ୍ତି । ଏହା ଅନିର୍ବଚନୀୟ ଓ ଅମୃତ ସ୍ୱରୂପ । "ସାତ୍ୱସ୍ମିନ ପରମ ପ୍ରେମରୂପା", "ଅମୃତ ସ୍ୱରୂପାଚ" ଓ "ଅନିର୍ବଚନୀୟ ପ୍ରେମ ସ୍ୱରୂପଂ " । ସେହିପରି ଶାଣ୍ଡିଲ୍ୟ ମହର୍ଷି ପରାନୁରକ୍ତିକୁ ଈଶ୍ୱର ସମ୍ବନ୍ଧିନୀ ଆସକ୍ତି ରୂପେ ବର୍ଣ୍ଣନା କରିଛନ୍ତି "ସା ପରାନୁରକ୍ତିରୀଶ୍ୱରେ "।

ଈଶ୍ୱରଙ୍କଠାରେ ଅନନ୍ୟ ପ୍ରେମଯୁକ୍ତ ଭାବାନୁଭୂତି ନାରଦ ପାଞ୍ଚରାତ୍ରରେ ଭକ୍ତିରୂପେ ପରିକୀର୍ତ୍ତିତ । "ଅନନ୍ୟ ମମତା ବିଷ୍ଣୋର୍ଭିନତା ପ୍ରେମ ସଂଗତା । " ପ୍ରେମୋଦୟ ହେଲେ ଭକ୍ତମାନଙ୍କଠାରେ ତଜ୍ଜନିତ ପଞ୍ଚବିଧ ସ୍ୱଭାବର ଉଦୟ ହୁଏ– ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଏବଂ ପଞ୍ଚବିଧ ଭକ୍ତଙ୍କର ଭଗବତ୍ ବିଷୟିନୀ ରତି ମଧ୍ୟ ପଞ୍ଚପ୍ରକାର ଯଥା:—। ଶାନ୍ତି, ପ୍ରୀତି, ପ୍ରେୟ, ଅନୁକଂପା ଓ କାନ୍ତା ବା ମଧୁର ।

ଆଶ୍ରୟ ଆଲମ୍ବନ ଓ ଭାବନା ଭକ୍ତିର ତିନୋଟି ଅଂଶ ବିଶେଷ । ଭକ୍ତ ଆଶ୍ରୟ, ଭଗବାନ ଆଲମ୍ବନ ଓ ଦୁହିଁଙ୍କ ମଧ୍ୟରେ ଭାବନାର ସମ୍ବନ୍ଧହିଁ ଭକ୍ତି । ଭକ୍ତି ରସାମୃତ ସିନ୍ଧୁରେ ଭକ୍ତି ଈଶ୍ୱର ସମ୍ବନ୍ଧିନୀ ସ୍ୱୟମୁଦ୍‌ଭୂତ ଅନୁରାଗ ରୂପେ ବର୍ଣ୍ଣିତ ଯେଉଁଥିରେ ଇଷ୍ଟ ବିଷୟ ଈଶ୍ୱର ଏବଂ ଭକ୍ତ ସେଥିରେ ପରମାବିଷ୍ଟ ଓ ତନ୍ମୟ ।

"ଇଷ୍ଟେ ସ୍ୱାରସିକୋ ରାଗଃ ପରମାବିଷ୍ଟତା ଭବେତ୍ ।
ତନ୍ମୟୀ ଯା ଭବେଡ ଭକ୍ତିଃ ସାନୁରାଗାମ୍ଭିକୋଦିତା ॥"

( ଭକ୍ତି ରସାମୃତ ସିନ୍ଧୁ )

ଭକ୍ତି ଅହେତୁକି ଅର୍ଥାତ କୌଣସି ଗ... ଦ୍ୱାରା ସୃଷ୍ଟ ନୁହେଁ । ଅହେତୁକି ଭକ୍ତିପ୍ରାପ୍ତ ... ସଂଖ୍ୟାନ୍ୟୁନ । ସେମାନେ ଭଗବତ୍ ପ୍ରସାଦରୁ ଆକସ୍ମିକ ଭାବ... ପ୍ରେମ ପ୍ରାପ୍ତ ହୋଇ ଦିବ୍ୟାତିଦିବ୍ୟ ଜୀବନ ଯାପନ କର... ଯଥା: -ବାଲ୍ମୀକି, ବିଲ୍ୱମଙ୍ଗଳ ଓ ରସଖାନ ପ୍ରମୁଖ ।

ଶ୍ରୀବୃନ୍ଦାବନ ବିପିନରେ ଆନନ୍ଦକନ୍ଦ ବ୍ରଜେନ୍ଦ୍ରନନ୍ଦନ... ଶାରଦୀୟ ରାସୋତ୍ସବ । ନବ କୁସୁମିତ ମଞ୍ଜୁଳ ... ସମାବୃତ ମଧୁପ ଝଂକୃତ ବନସ୍ଥଳୀ । ତରୁଣ ତମା... ନବୋଦ୍‌ଗତ ସ୍ନିଗ୍ଧ ପଲ୍ଲବ ଅବଲମ୍ବିତ ରୋଳମ୍ବ କଦମ୍ବ... ମନୋହାରୀ ଗୁଞ୍ଜନ । ପ୍ରଫୁଲ୍ଲିତ ବୃକ୍ଷାଲିଙ୍ଗିତ ଲତିକାର ଅନ୍ତସ୍ଥଳ... ଶୁକ-ଶାରୀ, କପୋତ-କପୋତିଙ୍କ ଅପୂର୍ବ କଳକୂଜନ । କଳକଳନାଦିନୀ କଳିନ୍ଦ ନନ୍ଦିନୀତଟ କେଳିକଦମ୍ବ ମୂଳରେ କୌତୁକିନୀ-କଳାପିନୀ-ସଙ୍ଗିନୀ ସଂଗମ ସୁଖସେବୀ କଳାପି... ବୃନ୍ଦଙ୍କର କେକା କଣ୍ଠସ୍ୱନ । ବାତାନ୍ଦୋଳିତ କମଳ-କୁବଳୟ-କୋକନଦ—କୁମୁଦାଦି ଜଳଜ କୁସୁମ କ୍ଷରିତ ପରାଗ ପରିଶୋଭିତା ହଂସସୁତାର ତରଳ ତରଙ୍ଗମାଳାରେ ରସାଳ କମଳ ମୃଣାଳ ସୁରସ ଆସ୍ୱାଦନ, ଉନ୍ମାଦ ଚଞ୍ଚଳ କଳହଂସଙ୍କ ରମଣୀୟ କେଳି ସନ୍ତରଣ । ପ୍ରମୋଦିତ ଜ୍ୟୋତ୍ସ୍ନାଧୌତ ଶୁଭ୍ର ଯାମିନୀ, ଛଦ... ବିକଶିତ କୁସୁମର ସୌରଭ, ବାତାନ୍ଦୋଳିତ ପ୍ରସୂନ ପୁଞ୍ଜର ପରିମଳ ହିଲ୍ଲୋଳର ସ୍ନିଗ୍ଧ ସୌମ୍ୟ ମାଧୁରୀରେ ଶ୍ରୀବୃନ୍ଦାବନ ଆପ୍ଳୁତ ।

ଚିଦାନନ୍ଦଘନ ନନ୍ଦନନ୍ଦନଙ୍କ ଚନ୍ଦନ—ଘନସାର—କୁଙ୍କୁମ ମୃଗମଦ ବିଲେପିତ ତମାଳ ଦଳୋପମ ଲଳିତ ତ୍ରିଭଙ୍ଗଭଙ୍ଗିମ ରୂପ ଲାବଣ୍ୟ ଅନଙ୍ଗରସ ମାଧୁରୀ ତରଙ୍ଗରେ ଉଦ୍‌ବେଳିତ । ଇନ୍ଦ୍ର ନୀଳମଣି ଅପଘନ ପରିଚ୍ଛନ୍ନ ଉଜ୍ଜ୍ୱଳ ପୀତପଟ୍ଟ ନବଘନରେ ସ୍ଥିର ସୌଦାମିନୀସମ ଜାଜ୍ୱଲ୍ୟମାନ । ମଞ୍ଜୁଳ ବ୍ୟଞ୍ଜୁଳ ବନମାଳ ସ୍ଥଳକମଳଗଞ୍ଜିତ ଶୁଭ୍ର ଚରଣୋପରି ଅବଲୁଣ୍ଠିତ । ତ୍ରିବଳି ରେଖାଙ୍କିତ କମ୍ବୁକଣ୍ଠରେ ଦେବଦୁର୍ଲ୍ଲଭ ମଣିବର କୌସ୍ତୁଭ । ମୃଦୁ ହାସ୍ୟ ଚନ୍ଦ୍ରିକାର କଂପିତ ରଙ୍ଗାଧର କୋଳରେ କୁନ୍ଦକଳିକାସମ ଅପୂର୍ବ ଦନ୍ତପଙ୍କ୍ତି । ନୀଳ ଜଳଦନିଭ କୁନ୍ତଳ ପରିବେଷ୍ଟିତ ଶୁଭ୍ର ଲଲାଟ ଫଳକରେ ନୀଳାମ୍ବୁନିଧି—ଇନ୍ଦୁ ସଦୃଶ ଚନ୍ଦନତିଳକ । ଖଞ୍ଜନ ଗଞ୍ଜନ ନେତ୍ରୋପରି ଭ୍ରୂବଲ୍ଲୀର ଅପୂର୍ବ ନୃତ୍ୟ ସୃଜନା । ନାସାପୁଟରେ ତିଳକୁସୁମସମ ମଣିବର ମୌକ୍ତିକ ଶୋଭାମଣ୍ଡମାନ । ତ୍ରୈଲୋକ୍ୟ ଚିନ୍ତାମଣି ଭଗବାନ ଶ୍ରୀକୃଷ୍ଣ ନିଜ ସ୍ୱରୂପଭୂତା ବ୍ରଜସୁନ୍ଦରୀଙ୍କସହ ଦିବ୍ୟାତିଦିବ୍ୟ । ଅନ୍ତରଙ୍ଗ ରାସଲୀଳାରେ ଉପବିଷ୍ଟ । ତପ୍ତକାଞ୍ଚନ ଗୌରାଙ୍ଗୀ ଶ୍ୟାମ ପ୍ରେମ ପୀୟୂଷ ଲୋଭୀ ବ୍ରଜବଧୂ ପରିବେଷ୍ଟିତ ଭଗବାନ ରସରାଜ ଶ୍ରୀକୃଷ୍ଣଙ୍କର ଏକ ରସକୁ ଅନନ୍ତରସରେ ସମାସ୍ୱାଦନ । ଆସ୍ୱାଦ୍ୟ, ଆସ୍ୱାଦକ, ଲୀଳା, ଧାମ, ଆଲମ୍ବନ ଓ ଉଦ୍ଦୀପନ ରୂପରେ ଗୋପୀନାଥଙ୍କର ଅପ୍ରାକୃତ ଦିବ୍ୟଲୀଳା ପରିବେଷଣ, "ରସୋ ବୈସଃ ।" କ୍ଷୁଦ୍ର ଶିଶୁ ନିଜ ପ୍ରତିବିମ୍ବସହ ନିର୍ବିକାର ଚିତ୍ତରେ କ୍ରୀଡ଼ାରତ ଥିଲାପରି ଷୋଳସହସ୍ର ବ୍ରଜ ସୁନ୍ଦରୀଙ୍କ ସହ ବ୍ରଜଚନ୍ଦ୍ରମାଙ୍କ

ଦେବଦୁର୍ଲ୍ଲଭ ରାସଲୀଳା ସଂପାଦନ । ପାରିବାରିକ, ସାମାଜିକ ବନ୍ଧନରୁ ବିବର୍ଜିତା କୃଷ୍ଣପ୍ରେମାନୁରାଗିଣୀ ଗୋପାଙ୍ଗନାଙ୍କର ଐକାନ୍ତିକ ଆତ୍ମ ନିବେଦନ, ଆତ୍ମୋତ୍ସର୍ଗ ।

ଏବଂ ପରିଷ୍ୱଙ୍ଗ କରାଭିମର୍ଶ
ସ୍ନିଗ୍ଧେ କ୍ଷଣୋଦ୍ଦାମ ବିଳାସ ହାସୈଃ ।

ରେମେ ରମେଶୋ ବ୍ରଜସୁନ୍ଦରୀଭି–
ର୍ଯଥାର୍ଭକଃ ସ୍ୱପ୍ରତିବିମ୍ବ ବିଭ୍ରମଃ ॥–

ଶ୍ରୀମଦ୍ ଭାଗବତ
୧୦ । ୩୩ । ୨୫.

ଗୋପୀ–ମକରନ୍ଦ ସୌଗନ୍ଧ ଉନ୍ମାଦ କୃଷ୍ଣ ମଧୁପର ଏହି ଅପୂର୍ବ ସଂଗିନୀ ସଙ୍ଗମ ସୁଖ !!

ଯାହାର ଚରଣରଜ ସ୍ପର୍ଶରେ ଭକ୍ତଜନ ପରିତୃପ୍ତ, ଯାହାର ଯୋଗରେ ଯୋଗୀଜନ କର୍ମବନ୍ଧନରୁ ବିମୁକ୍ତ, ଜ୍ଞାନୀ ଯାହାର ଅନୁଚିନ୍ତାରେ ମୁକ୍ତ, ସ୍ୱଚ୍ଛନ୍ଦ, ଯେ ସମସ୍ତ ଗୋପବାଳକ ତଥା ଚରାଚର ଜଗତର ଆତ୍ମା, ସାକ୍ଷୀ ଓ ପରମପତି, ସେହି ଭକ୍ତଜନପ୍ରିୟ ଭଗବାନ ମୁକୁନ୍ଦଙ୍କର ଦିବ୍ୟ ଚିନ୍ମୟ ଶରୀର ପ୍ରଦର୍ଶନ ଓ କୃଷ୍ଣସୁଖସିନ୍ଧୁ କୃଷ୍ଣପ୍ରାଣା ବ୍ରଜାଙ୍ଗନାଙ୍କ ସହ ମହାରାସ ସଂପାଦନ ।

ଯତ୍ପାଦ ପଙ୍କଜ ପରାଗନିଷେବତୃପ୍ତା
ଯୋଗପ୍ରଭାବ ବିଧୂତାଖିଳ କର୍ମବନ୍ଧାଃ ।
ସ୍ୱୈରଂ ଚରନ୍ତି ମୁନୟୋପି ନନହ୍ୟମାନା–
ସ୍ତସ୍ୟେଚ୍ଛୟାତ୍ତ ବପୁଷଃ କୁତ ଏବ ବନ୍ଧଃ ॥

ଗୋପୀନାଂ ତତ୍ ପତୀନାଂଚ ସର୍ବେଷାମେବ ଦେହିନାମ୍ ।
ଯୋଽନ୍ତଶ୍ଚରତି ସୋଽଧ୍ୟକ୍ଷଃ କ୍ରୀଡ଼ନେନେହ ଦେହଭାକ୍ ॥
ଅନୁଗ୍ରହାୟ ଭୂତାନାଂ ମାନୁଷଂ ଦେହମାସ୍ଥିତଃ ।
ଭଜତେ ତାଦୃଶୀକ୍ରୀଡ଼ା ଯାଃ ଶ୍ରୁତ୍ୱା ତତ୍ପରୋ ଭବେତ୍ ॥

–ଶ୍ରୀମଦ୍ ଭାଗବତ ୧୦-୩୩ । ୩୫–୩୭

ଶ୍ରୀମଦ୍ ଭାଗବତର ପାର୍ସି ଅନୁବାଦ ତଦ୍‌ଗତ ଚିତ୍ତରେ ଶ୍ରବଣ କରୁଥିଲେ ବାଦଶାହୀ ବଂଶଜ 'ସୟଦ ଇବ୍ରାହିମ୍' । ଶରୀରରେ ଅପୂର୍ବ ରୋମାଞ୍ଚ ଓ କୃଷ୍ଣ ତର୍ଷିତ ନେତ୍ରଯୁଗଳରୁ ପ୍ରେମାଶ୍ରୁର ପ୍ରଳୟ ପ୍ଲାବନ । ବାଷ୍ପାକୁଳ କଣ୍ଠରେ ପ୍ରାର୍ଥନା କଲେ "ପ୍ରଭୋ ! ତ୍ରୈଲୋକ୍ୟ ଚିନ୍ତାମଣି ! ସତେ କଣ ଆପଣ ଦେବଦୁର୍ଲ୍ଲଭ ଦର୍ଶନ ଦେଇ ଏ ଅଧମକୁ ପବିତ୍ର କରିବେ । "

ତଦନନ୍ତର ଦିଲ୍ଲୀ ନଗରୀର ଅବିମୃଷ୍ୟକାରୀ ଭୟାନକ ନରସଂହାର ସଂଦର୍ଶନରେ ବିକ୍ଷୁବ୍ଧ ହୋଇ ପ୍ରିୟତମା ମୋହିନୀ ଓ ଧର୍ମପତ୍ନୀ ମାନିନୀଙ୍କୁ ପରିତ୍ୟାଗକରି ଅକୁତୋଭୟ ଇବ୍ରାହିମ ପ୍ରେମ ନିକେତନ ଶ୍ରୀବନ ଅଭିମୁଖେ ଯାତ୍ରା କଲେ । କରକ ଦଶନା ଖଞ୍ଜନୟନା ପ୍ରିୟତମାର ଆଶ୍ଲେଷ ଚୁମ୍ବନାଦି ଶାରୀରିକ ପ୍ରେମ ବଦଳରେ ସାତ୍ତ୍ୱିକ ଶୁଦ୍ଧପ୍ରେମ ଅନ୍ୱେଷଣ କରିଥିଲେ ମହାତ୍ମା । ଏକ ଦିଗରେ ଦିଲ୍ଲୀ ନଗରୀର ନରସଂହାର ଓ ପ୍ରେମ ପ୍ରତ୍ୟୁତ୍ତରରେ ପ୍ରିୟତମାଠାରୁ ତିରସ୍କାର ଏବଂ ଅପର ଦିଗରେ ଶ୍ରୀ ବୃନ୍ଦାବନର ସୁରମ୍ୟ ଯମୁନା ପୁଳିନରେ ତ୍ରିଭୁବନ ସୁଷମାର ଅକ୍ଷୟନିଧି ଶ୍ରୀକୃଷ୍ଣ ସଂଦର୍ଶନ । ଇବ୍ରାହିମ୍‌ଙ୍କ ତଦପିତ ସାଂସାରିକ ପ୍ରେମ ପିପାସା, ଲମ୍ପଟ୍ୟ ଭଗବାନ ମୁକୁନ୍ଦଙ୍କ ଦେବ ଦୁର୍ଲ୍ଲଭ ସୌନ୍ଦର୍ଯ୍ୟମୟ ଅପଘନରେ ବିଲୀନ ହେଲା ଓ ଶୁଦ୍ଧ ପ୍ରେମଲିପ୍ସୁ ମହାତ୍ମା ମାଂସଳ ପ୍ରେମର କାଷ୍ଠ ପୁତ୍ତଳିକା ନ ହୋଇ ଅଚିରାତ୍ ଉଦାତ୍ତ କଣ୍ଠରେ 'ପ୍ରେମ', 'ପ୍ରେମ' ବୋଲି ଚିତ୍କାର କରିବାକୁ ଲାଗିଲେ ।

ଦେଖି ଗଦରହିତ ସାହବୀ, ଦିଲ୍ଲୀ ନଗର ମସାନ ।
ଛିନହିଁ ବାଦସା–ବଂସକୀ, ଠସକ ଛୋରି ରସଖାନ ॥
ପ୍ରେମ ନିକେତନ ଶ୍ରୀବନହିଁ, ଆଇ ଗୋବର୍ଦ୍ଧନ ଧାମ ।
ଲହ୍ୟୋ ସରନ ଚିତ ଚାହିକେ, ଜୁଗଲ ରୂପ ଲଲାମ ॥
ତୋରି ମାନିନୀ ତେଁ ହିୟୋ, ଫୋରି ମୋହିନୀ–ମାନ ।
ପ୍ରେମ ଦେବକୀ ଛବିହୀ ଲଖି, ଭଏ ମିୟାଁ ରସଖାନ ॥

ପ୍ରେମ ବାଟିକା ୪୮-୫୦

ମିଆଁ ସୟଦ ଇବ୍ରାହିମ୍ ତଦବଧି ପରମ କୃଷ୍ଣ-ଭକ୍ତ 'ରସଖାନ'ରେ ପରିଣତ ହେଲେ ।

କୃଷ୍ଣପ୍ରାଣା ଗୋପାଙ୍ଗନାଙ୍କ ଅନନ୍ୟ କୃଷ୍ଣାନୁରାଗରେ ଉଦ୍‌ବୁଦ୍ଧ ହୋଇ ରସଖାନ ନିତ୍ୟପ୍ରତି ଭାବିବାକୁ ଲାଗିଲେ–ପ୍ରିୟତମା ମୋହିନୀ ଓ ଧର୍ମପତ୍ନୀ ମାନିନୀ ଯେଉଁ ଶାରୀରିକ ସୌନ୍ଦର୍ଯ୍ୟ ନେଇ ଗର୍ବାନୁଭବ କରୁଛନ୍ତି ତାହା ସୌନ୍ଦର୍ଯ୍ୟ-ସୁଧାନିଧି ରାଧାରମଣଙ୍କ ଆଂଶିକ ଛଟାମାତ୍ର । ତ୍ରୈଲୋକ୍ୟ ବିମୋହନ ଶ୍ରୀହରିଙ୍କ ରୂପମାଧୁରୀ ନିକଟରେ ସେମାନଙ୍କ ପାର୍ଥିବ ସୌନ୍ଦର୍ଯ୍ୟ ତୁଚ୍ଛାତିତୁଚ୍ଛ । ତେଣୁ କୃଷ୍ଣ ପ୍ରେମ ପୀୟୁଷ ଆସ୍ୱାଦନ ଉତ୍ତର ରସଖାନ ଗାଇ ଉଠିଲେ–

ବୈନ ଓ୍ୱହୀ ଉନକୋ ଗୁନଗାଇ,
ଓ୍ୟୈ କାନ ଓ୍ୱହୀ ଉନ ବୈନ ସୋ ସାନି ।
ହାଥ ଓ୍ୱହୀ ଉନ ଗାତ ସରୈ,
ଅରୁ ପାୟ ଓ୍ୱହୀ ଜୁ ଓ୍ୱହୀ ଅନୁଜାନୀ ॥



ଜାନ ଓ୍ହୀ ଜନ ପ୍ରାନକୋ ସଙ୍ଗ,
ଔ ମାନ ଓ୍ହୀ ଜୁ କରେ ମନମାନୀ ।
ଜ୍ୟୌ ରସଖାନ ଓ୍ହୀ ରସଖାନୀ,
ଜୁ ହେଁ ରସଖାନ ସୋ ହେ ରସଖାନୀ ॥

—ସୁଜାନ ରସଖାନି

ରସଖାନଙ୍କ ଜନ୍ମସ୍ଥାନ ସମ୍ବନ୍ଧୀୟ ସଠିକ ପ୍ରମାଣ ମିଳୁ ନଥିଲେ ମଧ୍ୟ ସନ୍ଥ ମହାତ୍ମାଙ୍କ ଜୀବନ ତିନୋଟି ସ୍ଥାନ ସହ ସମ୍ବନ୍ଧିତ– ୧ । ପିହାନୀ ୨ । ଦିଲ୍ଲୀ ୩ । ଶ୍ରୀ ବୃନ୍ଦାବନ । ସମ୍ଭବତଃ ତାଙ୍କର ପୂର୍ବଜ ପିହାନୀରୁ ଆସି ଦିଲ୍ଲୀରେ ଅବସ୍ଥାନ କରିଥିଲେ । କାଳାନ୍ତରେ ମୋଗଲ ରାଜତ୍ୱରେ ପ୍ରତିକୂଳ ପରିସ୍ଥିତି ତଥା ପୈଶାଚିକ ଲୀଳା ସନ୍ଦର୍ଶନ କରି ଦିଲ୍ଲୀରୁ ଶ୍ରୀ ବୃନ୍ଦାବନ ଆସିଥିବା ସମୀଚୀନ ।

କେତେକଙ୍କ ମତରେ ୧୬୧୧–୧୨ ମଧ୍ୟରେ ରାଜ୍ୟ-ପ୍ରାପ୍ତିପାଇଁ ପଠାଣମାନଙ୍କ ମଧ୍ୟରେ ୪-୫ଟି ଭୟଙ୍କର ଯୁଦ୍ଧର ସୂତ୍ରପାତ ହୋଇଥିଲା ଓ ୧୬୧୨ରେ ଭୟଙ୍କର ମହାମାରୀସହ ଦୁର୍ଭିକ୍ଷ ଦେଖାଦେଲା । ବୋଧହୁଏ ରସଖାନ ୨୨-୨୫ ବର୍ଷ ବୟସରେ ଦିଲ୍ଲୀ ନଗରୀରେ ପୈଶାଚିକ ତାଣ୍ଡବ ଲୀଳା ସନ୍ଦର୍ଶନରେ ଭୀତତ୍ରସ୍ତ ହୋଇ ଦିଲ୍ଲୀ ଛାଡ଼ି ଚାଲିଆସିଥିଲେ ଭୌମଗୋଲକ ଶ୍ରୀବୃନ୍ଦାବନ । ଭକ୍ତ କବି ରସଖାନଙ୍କ ପ୍ରେମ ବାଟିକାର ରଚନାକାଳ ଯଦି ୧୬୭୧ ଧରାଯାଏ, ତେବେ କବି ତାଙ୍କର ଶରରାୟଣ ଅର୍ଥାତ୍ ପ୍ରାୟ ୮୦ ବର୍ଷ ବୟସରେ ଭକ୍ତିକାବ୍ୟ ରଚନା କରିଥିବା ସମ୍ଭବପର କିନ୍ତୁ ଏତାଦୃଶ ପରିଣତ ବୟସରେ କବିଙ୍କ ପ୍ରେମାଳାପକୁ କେତେକ ବିଶ୍ୱାସ କରନ୍ତି ନାହିଁ । ତେବେ ଯାହାର ଜୀବନ ପ୍ରାରମ୍ଭରୁ ପ୍ରେମରେ ଲାଳିତ, ଉଜ୍ଜୀବିତ, ସେ ପ୍ରେମିକ ଜୀବନର ସନ୍ଧ୍ୟାକାଳରେ ଉପସଂହାର ସ୍ୱରୂପ ପ୍ରେମର ଶୁଦ୍ଧ ସିଦ୍ଧାନ୍ତ ଓ ଉଚ୍ଚାଦର୍ଶକୁ ନେଇ 'ପ୍ରେମ ବାଟିକା' ରଚନା କରିଥିବା ସ୍ୱାଭାବିକ, ଯୁକ୍ତିଯୁକ୍ତ । ଅନ୍ୟ କେତେକଙ୍କ ମତରେ ୧୬୬୩-୧୬୬୪ରେ ଜାହାଙ୍ଗୀର ଓ ଖୁସ୍ରୁଙ୍କ ମଧ୍ୟରେ ଭୟାନକ ସଂଘର୍ଷ ହୋଇଥିଲା । ସେମାନଙ୍କ ମତରେ ରସଖାନଙ୍କ ଜନ୍ମ ୧୬୩୦, ବୈରାଗ୍ୟ କାଳ ୧୬୬୪ ଓ ମୃତ୍ୟୁକାଳ ୧୬୯୦ ।

ରସଖାନ ବାଦଶାହୀ ଅଭିଜାତ ବଂଶଜ ହୋଇଥିବାରୁ ବାଲ୍ୟାବସ୍ଥା ନିଃସନ୍ଦେହରେ ବିଳାସ ବ୍ୟସନରେ କଟିଥିବ । ବାଲ୍ୟାବସ୍ଥାରେ ପାର୍ସିଭାଷା ଓ ବୟୋବୃଦ୍ଧି କ୍ରମେ ସଂସ୍କୃତ ଭାଷା ଅଧ୍ୟୟନ କରିଥିବା ଅନୁମେୟ । ଶ୍ରୀମଦ୍ ଭାଗବତର ପାର୍ସି ଭାଷାନୁବାଦ ଶ୍ରବଣରୁ ତାଙ୍କର ସ୍ୱାଧ୍ୟାୟ, ଧାର୍ମିକ ଅଭିରୁଚିର ଉତ୍କର୍ଷ ସାଧିତ ହେବା ଅନୁମେୟ । କେତେକଙ୍କ ମତରେ ଶ୍ରୀବୃନ୍ଦାବନରେ ସ୍ୱାମୀ ବିଠଲ ସ୍ୱାମୀଙ୍କ ସଂପ୍ରଦାୟରେ ... ହୋଇ ପ୍ରେମଚିନ୍ତାମଣି ଶ୍ରୀରାଧାମାଧବଙ୍କ ଭକ୍ତିରସାମୃତ ପ... ରଚନା କରିଥିଲେ । ତେବେ ଉକ୍ତ ପ୍ରମାଣର ସଠି... ଅଭାବ ପରିଲକ୍ଷିତ ହୁଏ । ହୁଏତ ମହାତ୍ମା ବୈଷ୍ଣବ ... ବହୁଳ ପରିପ୍ରଶ୍ନର ଓ ପ୍ରସିଦ୍ଧିକ୍ରମେ ଯୁଗସୁଲଭ ... ପ୍ରଭାବରେ ପ୍ରଭାବିତ ହୋଇ ଶ୍ରୀରାଧାମାଧବଙ୍କ ... ଭକ୍ତିରସରେ ନିମଗ୍ନ ହେବା ସଙ୍ଗେ ସଙ୍ଗେ ପ୍ରେମ ... ଭକ୍ତିଗୀତିକା ରଚନା କରିଥିବା ଅଧିକ ଯୁକ୍ତିସିଦ୍ଧ ।

ରସଖାନଙ୍କ ପ୍ରିୟଜନ ତଥା ଦିଲ୍ଲୀ ନଗରୀ ବର୍ଜନ ... ଶ୍ରୀବୃନ୍ଦାବନ ଆଗମନ ସମ୍ବନ୍ଧୀୟ ନିମ୍ନୋକ୍ତ କତିପୟ କିମ୍ବ... ବହୁଳ ଭାବେ ପ୍ରଚଳିତ ।

(୧) ସନ୍ଥମହାତ୍ମା ପ୍ରାଥମିକ ଜୀବନରେ ସାହୁକା... ସୁନ୍ଦର ବାଳକ, ପ୍ରିୟତମା ମୋହିନୀ ଓ ଧର୍ମପତ୍ନୀ ମାନିନୀଙ୍କ... ଆସକ୍ତଥିଲେ ଓ ଶତ ତିରସ୍କାର ସତ୍ତ୍ୱେ ସେମାନଙ୍କର ପ୍ରେମୋପା... ହୋଇପଡ଼ିଥିଲେ । ଶ୍ରୀମଦ୍ ଭାଗବତର ପାର୍ସି ଭାଷା... ଶ୍ରବଣକରି ବ୍ରଜସୁନ୍ଦରୀଙ୍କ କୃଷ୍ଣାନୁରାଗରେ ଉଦ୍‌ବୁଦ୍ଧହୋ... ଚାଲିଆସିଲେ ଲୀଳାଭୂମି ଶ୍ରୀବୃନ୍ଦାବନକୁ ଓ ଭକ୍ତିରସର ଉନ୍ମେ... କ୍ରମେ ବ୍ରଜେନ୍ଦ୍ରନନ୍ଦନଙ୍କ ନୟନାଭିରାମ ରୂପମାଧୁରୀ ଉପଭୋ... ହେବାକୁ ଲାଗିଲା ।

(୨) କେତେକଙ୍କ ମତରେ ପ୍ରିୟତମା ମୋହିନୀ ଏକ... ରସଖାନଙ୍କୁ ଉପଦେଶ ଛଳରେ କହିଲେ–"ପ୍ରିୟତମ ! ଗୋପୀ... ଶ୍ରୀକୃଷ୍ଣଙ୍କୁ ଷୋଳସହସ୍ର ଗୋପବାଳିକା ସମସ୍ତ ପାରିବାରି... ସାମାଜିକ ଓ ସାଂସାରିକ ନୀତି ବର୍ଜନକରି ଅନନ୍ୟଭାବେ ପ୍ରେମ କରୁଥିଲେ । ତୁମେ ଯଦି ଥରେ ବିଶ୍ୱବିମୋହନ ଶ୍ରୀକୃଷ୍ଣ... ଭଲପାଆନ୍ତ ତେବେ ଏ ପାପତାପକ୍ଲିଷ୍ଟ ସଂସାରର ଅସା... ମଧୁର ମାଂସଳପ୍ରେମ ଭୁଲି ସ୍ୱର୍ଗୀୟ ପ୍ରେମର ଅଧିକାରୀ ହୋଇପାରନ୍ତି ।" ପ୍ରିୟତମାଙ୍କ ଉପଦେଶବାଣୀ ସନ୍ଥମହାତ୍ମାଙ୍କ ହୃଦୟ ସ୍ପର୍ଶକଲା ଏବଂ ମୋହିନୀ, ମାନିନୀ ତଥା ସମସ୍ତ ସମ୍ପର୍କ ପରିତ୍ୟାଗକରି ଛୁଟିଆସିଲେ ଶ୍ରୀବୃନ୍ଦାବନ ଅଭିମୁଖେ । ଦିନେ ସନ୍ଥଦ୍ରୁଜବାସୀଙ୍କ ଜୀବନରେ ଏହାହିଁ ଘଟିଥିଲା ।

(୩) ପୁନଶ୍ଚ କେତେକଙ୍କ ମତରେ ଇବ୍ରାହିମ୍ କେତେକ ମୁସଲମାନଙ୍କ ସହିତ ମକ୍କାକୁ ହଜ୍ ପାଇଁ ଯାଉଥିଲେ । ଯାତ୍ରାପଥରେ ଶ୍ରୀବୃନ୍ଦାବନରେ କିଛି ଅବସ୍ଥାନକଲେ । ସର୍ବାନ୍ତର୍ଯାମୀ ଭଗବାନ ବ୍ରଜବିହାରୀଙ୍କ ଅହୈତୁକି କୃପାବଳରେ ଇବ୍ରାହିମ୍‌ଙ୍କର କୃଷ୍ଣଭକ୍ତି ଉଦ୍ରେକହେଲା ଓ ସେ ମୁସଲମାନ ସଂଗୀଙ୍କସହ ମକ୍କା ନଯାଇ ଶ୍ରୀବୃନ୍ଦାବନରେ ଅବସ୍ଥାନକଲେ । ସମସ୍ତ ଐହିକ ଆଡ଼ମ୍ବରର ଅବସାନ ସଙ୍ଗେ ପରମାର୍ଥିକ ଶ୍ରୀହରି ଉନ୍ମୀଳିତ ହେଲା ଓ ମହାତ୍ମା ଭକ୍ତିରାଜ୍ୟର ଅଚିନ୍ତ୍ୟ ଭୂମିରେ ପଦାର୍ପଣକଲେ ।



(୯) ଅନ୍ୟ କେତେକଙ୍କ ମତରେ ଶ୍ରୀମଦ୍ ଭାଗବତ ଶ୍ରବଣ ଓ ସାଧୁମାନଙ୍କଠାରୁ ଭକ୍ତିରସାମୃତସିନ୍ଧୁ ଶ୍ରୀକୃଷ୍ଣଙ୍କ ନୟନାଭିରାମ ଚିତ୍ରପଟ ସନ୍ଦର୍ଶନକରି ବିମୋହିତହେଲେ । ପୁରାଣାସ୍ୱର୍ଯଙ୍କଠାରୁ ଶୁଣିବାକୁ ପାଇଲେ—ଉକ୍ତ ତମାଳଦଳୋପମ ଲଳିତ ଗୋପ-ବାଳକର ନାମ 'ରସଖାନ' ଓ ତାଙ୍କର ନିବାସ ଶ୍ରୀବୃନ୍ଦାବନର ରମ୍ୟ କାଳନ୍ଦୀତଟ ବିପିନ । କୃଷ୍ଣପ୍ରେମ ଉଦ୍‌ବୁଦ୍ଧ ଇବ୍ରାହିମ୍ ପାଗଳବତ୍ ଛୁଟୀ ଆସିଲେ ଚିନ୍ମୟଧାମ ଶ୍ରୀବୃନ୍ଦାବନକୁ ।

ଶ୍ରୀରାଧାରମଣ ଗୋସ୍ୱାମୀଙ୍କ 'ନବଭକ୍ତମାଳ'ରେ ରସଖାନଙ୍କ ଜୀବନାବଳୀ ପ୍ରଣିଧାନଯୋଗ୍ୟ ।

"ଦିଲ୍ଲୀ ନଗର ନିବାସ ବାଦସାବଂଶ ବିଭାକର ।
ଚତ୍ର ଦେଖ ମନହରୋ ଭରୋପନ ପ୍ରେମ ସୁଧାକର ॥
ଶ୍ରୀଗୋବର୍ଦ୍ଧନ ଆୟ ଜବୈ ଦର୍ଶନ ନହିପାଏ ।
ଟେଢ଼େବେଢ଼େ ବଚନରଚନ ନିର୍ଭୟ ଦ୍ୱୈ ଗାଏ ॥
ତବ-ଆପ ଆୟ ସୁମନାୟକର ସୁଶ୍ରୁଷା ମହମାନକୀ ।
ଢବି କୌନ ମିତାଇ କହିସକୈ ଶ୍ରୀନାଥ ସାଥ ରସଖାନକୀ

"ଚୌରାସୀ ବୈଷ୍ଣବ ଅଉର ଦୋସୌ ବାବନ ବୈଷ୍ଣବକୀ ବାର୍ତ୍ତା ସଂଗ୍ରହ"ରେ ରସଖାନଙ୍କ ଚରିତାବଳୀ ଦ୍ରଷ୍ଟବ୍ୟ—

"ରସଖାନ ସୈୟଦ୍ ପଠାନ ଥେ। ଏକ ସାହୂକାରକେ ଲୋରାପର ଆସକ୍ତ ହତେ ସୋ ଓ୍ୱାକେ ଦେଖେ ବିନା ରହ୍ୟୋ ନହୀଂ ଜାତୋ ଅଉର ଓ୍ୱା ଛୋରାକୋ ଜୁଠୋ ଆପ ଖାତେ ପୀତେ । ସୋ ଜାତିକେ ଲୋଗସବ ନିନ୍ଦା କରତେ, ପରନ୍ତୁ କାହୁକୀ ସୁନେ ନହିଁ । ସୋ ୟହପ୍ରକାର ଦେଖକେ ଏକ ବୈଷ୍ଣବନେ ମାଥା ହିଲାୟୋ ନାକଚଢ଼ାୟୋ । ତବ ବୈଷ୍ଣବନେ କହ୍ୟୋ, ତୁମ ୟା ଛୋରା ପୈ ଆସକ୍ତ ହୌ ଯାତେଁ ଏସୋ ମନ ପ୍ରଭୁତେଁ ଲଗାଓ୍ୱତେ ତୋ ତୁମ୍ହାରୋ କାମ ହ୍ୱୈ ଜାତୋ । ତବ ରସଖାନନେ ପୂଛ୍ୟୋ, ପ୍ରଭୁ କୌନ ହୈ ? ତବ୍ ବୈଷ୍ଣବନେ କହୀ, ଜାକୀ ଇହ ସବ ବିଭୂତି ହୈ । ତବ ରସଖାନନେ ପୂଛୀ, ଓ୍ୱେ କହାଁ ରହତେ ହୈଂ ? ତବ କହ୍ୟୋ ବ୍ରଜମେ ରହତେ ହୈଂ । ଫିର ବୈଷ୍ଣବନେ ଅପନୀ ପାଗମେତେଁ ଏକ ଶ୍ରୀଜୀକୋ ଚିତ୍ର ନିକାରି କେଁ ଦରସନ କରାୟୋ ସୋ ଚିତ୍ରମେଁ ମୁକୁଟ କାଛନୀକୋ ଶୃଙ୍ଗାର ହତୋ । ସୋ ଦର୍ଶନ କରାତ ରସଖାନକୋ ମନଓ୍ୱା ଛୋରାତେଁ ଫିରଗୟୋ ଔର ଚିତ୍ରମେଁ ଲଗ୍ୟୋ । ତବ ନେତ୍ରନମେଁ ଆଁସୁକୀ ଧାରାଚଲୀ । "ତବ ଉହାଁ ତେଁ ବ୍ରଜକୋ ଆଏ"…. ।

ଉକ୍ତ ପୁସ୍ତକରେ ରସଖାନ ବିଠ୍ଠଲସ୍ୱାମୀଙ୍କ ଶିଷ୍ୟରୂପେ ପରିକଳ୍ପିତ । କିନ୍ତୁ 'ପ୍ରେମବାଟିକା'ରେ କୌଣସି ସଂପ୍ରଦାୟର ଅପ୍ରଧି ସମନ୍ଧୀୟ ଉଲ୍ଲେଖ ନାହିଁ କିମ୍ବା ସିଦ୍ଧାନ୍ତର ଛାୟା ମଧ୍ୟ ନାହିଁ । ବାବା ବେଣୀମାଧବ ଦାସଙ୍କ 'ଗୁସାଇଁଚରିତ'ରେ ଉଲ୍ଲେଖ ଅଛି, ଉକ୍ତ ମୁସଲମାନ କବିଙ୍କୁ ତିନିବର୍ଷଧରି ଯମୁନାତଟରେ 'ରାମଚରିତ ମାନସ' ଶୁଣିବାକୁ ପଡ଼ିଥିଲା କିନ୍ତୁ ରସଖାନଙ୍କ କବିତାବଳୀରେ ରାମ ତଥା ରାମକଥାର ଛାୟା ମଧ୍ୟ ଦୃଷ୍ଟିଗୋଚର ହୁଏନାହିଁ ।

ପ୍ରିୟପାଠକ ! ରସଖାନଙ୍କୁ ବାସ୍ତବିକ ନିର୍ଦ୍ଦେଶ ମିଳିଥିଲା ପ୍ରେମଦେବଙ୍କ ଛବିରୁ । ବଲ୍ଲଭ ସଂପ୍ରଦାୟ ଅନୁସାରେ ପ୍ରେମଦେବ ଭଗବାନ ଶ୍ରୀକୃଷ୍ଣ ଅଟନ୍ତି ଓ ଶ୍ରୀନାଥଙ୍କ ମୂର୍ତ୍ତିର ଦର୍ଶନ ଗୋସ୍ୱାମୀ ବିଠ୍ଠଳନାଥଙ୍କ ମାଧ୍ୟମରେ ହୋଇଥିଲା ।

"ପ୍ରେମ ନିକେତନ ଶ୍ରୀବନହିଁ, ଆଯ ଗୋବର୍ଦ୍ଧନ ଧାମ ।
ଲହୌ ସରନ ଚିତଚାହିକୈ, ଜଗଲ-ସରୂପ ଲଲାମ" ॥

ସେହିପରି ହରିଶ୍ଚନ୍ଦ୍ର ତାଙ୍କର ଉତରାର୍ଦ୍ଧ 'ଭକ୍ତମାଳ'ରେ କେତେକ ମୁସଲମାନ ଭକ୍ତଙ୍କ ସଂଗରେ ରସଖାନଙ୍କୁ ସ୍ମରଣ କରିଛନ୍ତି—

"ଆଲିଖାନ ପାଠାନସୁତା ସହ ବ୍ରଜ ରଖବାରେ ।
ସେଖନବୀ ରସଖାନ ମୀର ଅହମଦ ହରିପ୍ୟାରେ ॥
ନିରମଲ ଦାସ କବୀର ତାଜଖାଁ ବେଗମ ବାରୀ ।
ତାନସେନ କୃଷ୍ଣଦାସ ବିଜାପୁର ନୃପତି ଦୁଲାରୀ ॥
ପିରଜାଦୀ ବୀବ ରାସ୍ତୋ ପଦରଜ ନିତ ସିର ଧାରିଏ ।
ଇନ ମୁସଲମାନ ହରିଜନନ ପୈ କୋଟିନ ହିନ୍ଦୁନ ବାରିଏ"

ଶ୍ରୀବୃନ୍ଦାବନରେ ଯବନ ରସଖାନଙ୍କୁ ମନ୍ଦିର ଭିତରେ ପ୍ରବେଶ କରିବାକୁ ସମସ୍ତେ ବାରଣକଲେ । ଶ୍ରୀନାଥଜୀଙ୍କ ମନ୍ଦିରରେ ପ୍ରବେଶ କରିବା ସମୟରେ ପୂଜକ ଧକ୍କା ଦେଇ ବାହାର କରିଦେଲେ । କିନ୍ତୁ କୃଷ୍ଣପ୍ରାଣ ରସଖାନ ଜାଣିପାରିଲେ, ତାଙ୍କର ଚିରବାଞ୍ଛିତ ପ୍ରିୟତମ ଭକ୍ତ ମନ୍ଦିରରେ ଅଛନ୍ତି । ତେଣୁ ଗୋବିନ୍ଦକୁଣ୍ଡ ନିକଟରେ ବସି ନିର୍ନିମେଷ ନୟନରେ ଚାହିଁରହିଲେ ସିଂହାସନ ଶ୍ରୀମନ୍ଦିରକୁ । ନେତ୍ରଯୁଗଳରୁ ଅଶ୍ରୁ ଫଳରୁ ଛୁଟି ଚାଲିଥାଏ । ଶପଥକଲେ, ପ୍ରିୟତମ ଶ୍ରୀକୃଷ୍ଣଙ୍କ ଦର୍ଶନ ବିନା ସେ ଅନ୍ନଜଳ ସ୍ପର୍ଶ କରିବେ ନାହିଁ । ଏହିପରି ଦୁଇଦିନ, ଦୁଇରାତି ବିତିଗଲା । ଦିବାନିଶି ଉଚ୍ଚସ୍ୱରରେ ଶ୍ରୀକୃଷ୍ଣଙ୍କୁ ଡାକୁଥାଆନ୍ତି । ସମସ୍ତେ କହିବାକୁ ଲାଗିଲେ, ଏ ପଠାଣ ପାଗଳ ହୋଇଗଲା । ବସ୍ତୁତଃ ସେ କୃଷ୍ଣପ୍ରେମରେ ପାଗଳ ହୋଇଯାଇଥିଲେ । ତୃତୀୟଦିନ ଭକ୍ତ ବତ୍ସଳ ଶ୍ରୀହରି ରସଖାନଙ୍କୁ ଦେବଦୁର୍ଲଭ ଦର୍ଶନ ଦେଇ କୃତାର୍ଥ କଲେ । କୋଟି କନ୍ଦର୍ପଜିତ ରୂପମାଧୁରୀ ଧାରଣକରି ଭକ୍ତ ଚିନ୍ତାମଣି ଶ୍ରୀକୃଷ୍ଣ ଗୋଗୋଷ୍ଠ ମଧ୍ୟରେ ବେଣୁବାଦନ କରିବାକୁ ଲାଗିଲେ । ରସଖାନ ତ୍ରିଭୁବନ ମୋହନ ପ୍ରିୟତମଙ୍କୁ ଦର୍ଶନକରି କୃତ୍ୟକୃତ୍ୟ ହେବା ସଂଗେ ଧରିବାପାଇଁ ଅନୁଧାବନ କଲେ ।

ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନ ହେଲେ ଓ ଅବ୍ୟବହିତ ପରେ ପୂଜକଙ୍କୁ ସ୍ୱପ୍ନରେ କହିଲେ "ଯେଉଁ ପଠାଣକୁ ମନ୍ଦିରରୁ ବହିଷ୍କାର କଲ, ସେ ଜଣେ ମୋର ଅନ୍ତରଂଗ ଭକ୍ତ । ତୁମେ ଯାହାକୁ ଅଂଗିକାର

ନକରିବ, ମୁଁ ତାଙ୍କୁ କିପରି ବା କରିବି ? ନିଦ୍ରାଭଂଗ ହେବାରୁ ପୂଜକ ଗୋବିନ୍ଦକୁଣ୍ଡ ଯାତ୍ରୀକଲେ ଓ ରସଖାନଙ୍କୁ ଦେଖି ବିନୀତହୋଇ କହିଲେ "ମହାଭାଗ ! ମନ୍ଦିରକୁ ଆସନ୍ତୁ । ଆପଣଙ୍କର ମିତ୍ର ଶ୍ରୀନାଥଙ୍କୁ ଦର୍ଶନ କରିବେ" । ରସଖାନ ଗୋସାଇଁଙ୍କ ସଂଗେ ଆସି ଶ୍ରୀକୃଷ୍ଣଙ୍କୁ ଦର୍ଶନକରି କୃତ୍ୟକୃତ୍ୟ ହେଲେ । ବାହୁଡ଼ିବା ସମୟରେ ଶ୍ରୀକୃଷ୍ଣ ରସଖାନଙ୍କୁ ପଛପଟୁ ଧରି ପଚାରିଲେ, "ଏବେ କୁଆଡ଼େ ଯାଉଛ ? ମତେଛାଡ଼ି କୁଆଡ଼େ ଯାଅନି । ଆମେ କାଲି ପ୍ରଭାତରେ ସାଥି ହୋଇ ଗୋଚାରଣପାଇଁ ଯିବା" ।

ଗୋଚାରଣପାଇଁ ଯିବା ସମୟରେ ନିତ୍ୟପ୍ରତି ଶ୍ରୀଜୀ ରସଖାନଙ୍କୁ ସଂଗରେ ନିଅନ୍ତି । ଭଗବାନଙ୍କ ଅବ୍ୟକ୍ତଲୀଳା ସନ୍ଦର୍ଶନକରି ବିମୋହିତ ହେବା ସଂଗେ ରସଖାନ ଭକ୍ତି ପଦାବଳୀ ରଚନା କରନ୍ତି । ଭକ୍ତପ୍ରିୟ ମାଧବ ରସଖାନଙ୍କ ମୁଖରେ ପଦାବଳୀ ଶ୍ରବଣକରି ପ୍ରସନ୍ନ ହୁଅନ୍ତି । ଅବଲୀଳାକ୍ରମେ ରସରାଜ ଶ୍ରୀକୃଷ୍ଣଙ୍କ ସଂଗ ଲାଭକରି ରସଖାନ ଶ୍ରୀବୃନ୍ଦାବନରେ କାଳାତିପାତ କରିବାକୁ ଲାଗିଲେ । ଜଗତ ଶ୍ୟାମମୟ ପ୍ରତିଭାତହେଲା । ଶ୍ରୀରାଧାପ୍ରେମ–ପୀୟୂଷଲୋଭୀ ଶ୍ୟାମସୁନ୍ଦରଙ୍କ ଦିବ୍ୟାତିଦିବ୍ୟ ସଂଗଲାଭକରି ବିଷୟାସକ୍ତ, ଲଂପଟୀ ସୟଦ୍ ଇବ୍ରାହିମ୍ ଭକ୍ତପ୍ରବର 'ରସଖାନ'ରେ ରୂପାନ୍ତରିତ ହେଲେ । 'ଅହୋଭି ଭାଗ୍ୟ' !

"ମୋହନ ସୁନ୍ଦର ସ୍ୟାମକୋ, ଦେଖ୍ୟୋ ରୂପ ଅପାର ।

ହିୟ ଜିୟ ନୈନନ୍ନି ମେଁ ବସୌ, ଓ୍ୱହ ବ୍ରଜରାଜ କୁମାର ।"

—ରସଖାନ ।

ବିଶ୍ୱ ବରେଣ୍ୟ ଶ୍ରୀ ରବୀନ୍ଦ୍ର ନାଥ ଠାକୁର ଯଥାର୍ଥରେ କହିଛନ୍ତି–

Evil cannot altogether arrest the course of life on the highway and rob it of its possessions. For the evil has to pass on, it has to grow into good, it cannot stand and give battle to All. If the least evil could stop anywhere indefinitely, it would sink deep and cut into very roots of existence.

ପୁନଶ୍ଚ କହିଛନ୍ତି–

"An imperfection which is not all Imperfection, but which has perfection for its ideal, must go through a perpetual realisation. Thus, it is the function of one intellect to realise the truth through untruths, and knowledge is nothing but the Continually burning up of error to set free the light of truth."

ଇତ୍ୟବସରରେ ବହୁ ମୁସଲମାନ ତଦାନୀନ୍ତନ ବାଦଶାହଙ୍କ ନିକଟରେ ରସଖାନଙ୍କ ବିରୁଦ୍ଧରେ କୁତ୍ସା ରଚନା କରିବାକୁ ଲାଗିଲେ "ସୟଦ୍ ଇବ୍ରାହିମ୍ (ରସଖାନ) କାଫେର ହୋଇଗଲା । ସେ ଅଲ୍ଲାଙ୍କୁ ସ୍ମରଣ ନକରି ଶ୍ରୀକୃଷ୍ଣଙ୍କ ପଶ୍ଚାଧାବନ କରୁଛି, ଇତ୍ୟାଦି ।" ଶ୍ରୀ ବୃନ୍ଦାବନକୁ ଆସି ରସଖାନଙ୍କୁ ମଧ୍ୟ କହିଲେ–"ତୁମେ ବୃନ୍ଦାବନ ଛାଡ଼ି ଚାଲିଆସ ନଚେତ୍ ତୁମର ସମସ୍ତ ସଂପତ୍ତି ବାଦଶାହ ଜବତ କରିବେ । ରସଖାନ ମୁସଲମାନଙ୍କ କୁପରାମର୍ଶରେ ତିଳାର୍ଦ୍ଧ ବିଚଳିତ ନହୋଇ କହିଲେ–


"କହା କରେ ରସଖାନକୋ କୋଉ ଚୁଗୁଲ୍ ଲବାର ।
ଜୋ ପେ ରାଖନହାର ହେ ମାଖନ ଚାଖନ ହାର ।"

ରସଖାନ କାହାର କୁହାରଟନା, କୁତ୍ସୁପ୍ସାକୁ ଭ୍ରୂକ୍ଷେପ ନକରି ଶ୍ରୀବୃନ୍ଦାବନ ବିପିନରେ ଭଗବାନ ଶ୍ରୀକୃଷ୍ଣଙ୍କସହ କାଳାତିପାତ କରିବାକୁ ଲାଗିଲେ । ତାଙ୍କର ଚରିତ୍ରିକ ଆର୍ଜବ, ତିତିକ୍ଷା ଓ ଭଗବତ୍ କୈଂକର୍ଯ୍ୟ ସର୍ବତ୍ର ପରିକୀର୍ତ୍ତିତ ହେଲା ।

ରସଖାନଙ୍କ ଆବିର୍ଭାବର କିଛିକାଳ ପୂର୍ବରୁ ମୋଗଲ ସମ୍ରାଟ ଆକବରଙ୍କ ସାମ୍ରାଜ୍ୟ ବୈଭବ, ସୌଖ୍ୟ ଓ କଳାପ୍ରିୟତା ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ମହାପ୍ରଭୁ ବଲ୍ଲଭାଚାର୍ଯ୍ୟଙ୍କ ଧର୍ମୀୟ ପ୍ରଭାବ ପର୍ଯ୍ୟାପ୍ତ ଥିଲା । ବୈଦିକ କର୍ମକାଣ୍ଡ ତଥା ଉପନିଷଦର ବ୍ରହ୍ମବାଦ ଅନାଦୃତ ହେବା ସଙ୍ଗେ ବୌଦ୍ଧ ଧର୍ମର ଦୟା, ପ୍ରେମ ପ୍ରତି ଆସ୍ଥା ସୃଷ୍ଟି ହେଲା । ନାରଦ ଭକ୍ତିସୂତ୍ର ଓ ଶ୍ରୀମଦ୍ ଭାଗବତର ଶୃଙ୍ଗାର ଅନୁସରଣରେ ଶ୍ରୀ ରାଧାମାଧବଙ୍କ ଦିବ୍ୟଲୀଳାର ପ୍ରଚଳନ ହୋଇ ମାଲବାର କବିଙ୍କ ଭକ୍ତି ଗୀତିକାରେ ବହୁ ମନୀଷୀ ଓ ବିଦ୍ୱାନ ଆକୃଷ୍ଟ ହେଲେ । ଦକ୍ଷିଣ ଭାରତର ତାମିଲ ଭାଷାଭାଷୀ ଅଞ୍ଚଳରେ ସପ୍ତମ ଶତାବ୍ଦୀରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ (ପ୍ରାୟ ୩୦୦ବର୍ଷ ବ୍ୟାପୀ) ବହୁ କବି ଓ ଗାୟକ ଆବିର୍ଭୂତ ହେଲେ । ଇତିହାସରେ ଭକ୍ତି ଆନ୍ଦୋଳନ ଯୁଗର ସୂତ୍ରପାତ ହେଲା ।

ଏକାଦଶ ଶତାବ୍ଦୀରେ ଲୀଳାଶୁକ ବିଲ୍ୱମଙ୍ଗଳ ଶ୍ରୀକୃଷ୍ଣ କର୍ଣ୍ଣାମୃତ ରଚନା କଲେ । ଖ୍ରୀ୧୧୫୦ରେ ନିମ୍ବାର୍କ ଶ୍ରୀରାଧାଙ୍କୁ ପ୍ରଥମ ଥର ପାଇଁ ସୈଦ୍ଧାନ୍ତିକ ରୂପରେ ଭକ୍ତିର ସକଳ ଧାରାରେ ପ୍ରତିଷ୍ଠିତ କଲେ । ସଂସାର ରୂପୀ ବ୍ରଜରେ ଯମୁନା ଜୀବନ ଧାରା ଓ ରାଧାକୃଷ୍ଣ ବ୍ରହ୍ମ ଶକ୍ତିରୂପେ ପରିଗୃହୀତ ହେଲେ । ଧର୍ମୀୟ ଅଭିବ୍ୟକ୍ତି ମାଧୁର୍ଯ୍ୟର ପୁଟ ନେଇ ଜନସାଧାରଣଙ୍କ ସମକ୍ଷରେ ରାସଲୀଳା ରୂପେ ପ୍ରତି ପାଦିତ ହେଲା । ଉକ୍ତ ଧର୍ମୀୟ ଭାବଧାରାକୁ ଉତ୍କଳୀୟ ଭକ୍ତକବି ଜୟଦେବ ଅମର ସଂଗୀତରେ ବିଳାସକଳା କୁତୂହଳ ହରିଙ୍କ କଥା ପ୍ରକାଶ କଲେ ଓ ପରବର୍ତ୍ତୀ ସମୟରେ ମୈଥିଳୀ କବି ବିଦ୍ୟାପତି ଭକ୍ତି ତନ୍ମୟତାର ଅବାଧ ମାର୍ଗ ଉନ୍ମୋଚନ କଲେ ।

ନିମ୍ବାର୍କ ଓ ବଲ୍ଲଭ ସଂପ୍ରଦାୟରେ ଶ୍ରୀରାଧା ସ୍ୱକୀୟାଭାବରେ ପରିକୀର୍ତ୍ତିତା ହେବା ସମୟରେ ଗୌଡ଼ୀୟ ବୈଷ୍ଣବ ଧାରାରେ ମିଳନର ଉତ୍କଟ ଅଭିଳାଷ ଓ ବିରହର ଉତ୍କଟ ବେଦନା ସମ୍ବଳିତ ପରକୀୟା ସ୍ୱୀକାର କରାଗଲା । କେତେକଙ୍କ ମତରେ



ନାଟ୍ୟ ଓ କାମ ଶାସ୍ତ୍ରର ବିକାଶ ସ୍ୱରୂପ କୃଷ୍ଣ ମୂର୍ତ୍ତିମାନ କାମ ହୋଇଗଲେ । ରାଧା ଶୃଙ୍ଗାର, ଅଷ୍ଟସଖୀ ଅଷ୍ଟରସ ଓ ଗୋପାଙ୍ଗନା ସଂସ୍କାରୀ ଭାବର ପ୍ରତୀକ ହେଲେ ।

ଯେପରି ଗିରିଶୃଙ୍ଗ ନିସୃତ ସ୍ରୋତସ୍ୱିନୀ ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ରୂପ ଧାରଣ କରେ, ସେହିପରି ଭକ୍ତି ସ୍ରୋତସ୍ୱିନୀ ସଗୁଣ ଓ ନିର୍ଗୁଣାଦି ଭକ୍ତିଧାରାରେ ରୂପାନ୍ତରିତ ହେଲା । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ତଥା ନଟନାଗର ଶ୍ରୀକୃଷ୍ଣଙ୍କ ସଗୁଣ ଲୀଳାର ସୁମଧୁର ଗାନରେ ଆକୁମାରୀ ହିମାଳୟ ମୁଖରିତ ହେଲା । ଉତ୍କଳୀୟ ଭକ୍ତ ଜୟଦେବ, ବଂଗୀୟ କବି ଚଣ୍ଡୀଦାସ, ମୈଥିଳୀ କବି ବିଦ୍ୟାପତି, ଗୋସ୍ୱାମୀ ତୁଳସୀଦାସ, ସୁରଦାସ ଓ ରସଖାନଙ୍କ ସରସ ମଧୁର ମନ୍ଦାକିନୀ ଧାରାରେ ତତ୍ତ୍ୱ ସମ୍ମତ ପଞ୍ଚମକାର ଭୁକ୍ତ ଲୌକିକ ଜୀବନ ପ୍ରକ୍ଷ୍ୟାଳିତ ହେଲା ।

ପ୍ରିୟ ପାଠକ ! ଏକଦା ଜ୍ଞାନୋତ୍ତୁଙ୍ଗ ଶିଖରୀ ସୁରେନ୍ଦ୍ର ଗୁରୁ ବୃହସ୍ପତିଙ୍କ ଶିଷ୍ୟ କୃଷ୍ଣପ୍ରାଣ ଉଦ୍ଧବ ଭକ୍ତିର ତରଳ ଆବେଗରେ ପ୍ଲାବିତ ହୋଇ ଯମୁନା ପୁଳିନରେ ଲତାଗୁଳ୍ମ ହେବାପାଇଁ ପ୍ରାର୍ଥନା କରିଥିଲେ ।

"ଆସାମହୋ ଚରଣରେଣୁ ଜୁଷାମହଂ ସ୍ୟାଂ
ବୃନ୍ଦାବନେ କିମପି ଗୁଳ୍ମଲତୌଷଧୀନାମ ।
ଯା ଦୁସ୍ତ୍ୟଜଂ ସ୍ୱଜନମାର୍ଯ୍ୟ ପଥଂଚ ହିତ୍ୱା
ଭେଜୁର୍ମୁକୁନ୍ଦ ପଦବୀଂ ଶ୍ରୁତିଭିର୍ବି ମୃଗ୍ୟାମ୍ ।"

—ଶ୍ରୀମଦ୍ ଭାଗବତ

ରସଖାନ ଜ୍ଞାନର ସୌଧ ହେବା ପରିବର୍ତ୍ତେ ଥିଲେ ଭକ୍ତିରସାମୃତ ସ୍ରୋତସ୍ୱିନୀର ଏକ ଗନ୍ଧଦ୍ରାକ୍ଷିକା । ସାଂସାରିକ ମାୟା ବନ୍ଧନରୁ ମୁକ୍ତି କାମନା ନକରି ଭଗବାନ ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣଙ୍କ ସହ ରାଗାତ୍ମକ ସମ୍ବନ୍ଧ ଦ୍ୱାରା ସମ୍ବନ୍ଧିତ ଥିଲେ ଓ ବୈଧୀ ଭକ୍ତିର ଉପାସକ ନହୋଇ ରାଗାନୁଗା ଭକ୍ତିର ଉପାସକ ଥିଲେ । ବାସ୍ତବିକ ମୋକ୍ଷ ପରମ ପୁରୁଷାର୍ଥ ନୁହେଁ । ପ୍ରେମହିଁ ପରମ ପୁରୁଷାର୍ଥ "ପ୍ରେମୋ ପୁରୁଷାର୍ଥୋ ମହାନ୍ ।" ସେ ଶ୍ରୀକୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ ଲୁବ୍ଧ ହୋଇ ଯମୁନା ପୁଳିନରେ ଗୋପବାଳକ, କଦମ୍ବ ବୃକ୍ଷରେ ପକ୍ଷୀ, ଗୋବର୍ଦ୍ଧନ ପର୍ବତରେ ପଥର ଓ ଶ୍ରୀ ବୃନ୍ଦାବନରେ ଗୋବତ୍ସ ହେବାପାଇଁ ପଣ୍ଡଶ୍ରଦପଦ ହୋଇଯାଇଛନ୍ତି । ଅଷ୍ଟସିଦ୍ଧି ଓ ନବ ନିଧିର ସୁଖ ପରିବର୍ତ୍ତେ ନନ୍ଦରାଜାଙ୍କ ଗୋଚାରଣ କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି ।

"ମାନୁଷ ହୌଁ ତୌ ଓ୍ୱହୀ ରସଖାନ୍ ବସୌ ବ୍ରଜ ଗୋକୁଲ
ଗାଁଓ୍ୱକି ଗ୍ୱାରନ ।
ଜୌ ପଶୁ ହୌଁ ତୌ କହା ବସ ମେରୋ ଚରୌଁ ନିତ ନନ୍ଦକୀ
ଧେନୁ ମଝାରନ ।
ପାହନ ହୌଁ ତୌ ଓହୀ ଗିରି କୋ ଜୋ ଧରୌ କର ଛତ୍ର ପୁରନ୍ଦର
—ଧାରନ ।
ଜୌ ଖଗ ହୌଁ ତୌ ବସେରୋ କରୌଁ ମିଲି କାଲିନ୍ଦୀ-କୂଲ
କଦମ୍ବକୀ ଡାରନ ।
ୟା ଲକୁଟୀ ଅରୁ କାମରିୟା ପର ରାଜ ତିହୁଁ ପୁରକୋ ତଜି ଡାରୌଁ
ଆଠହୁ ସିଦ୍ଧି ନବୌ ନିଧିକୋ ସୁଖ ନନ୍ଦକୀ ଗାୟ ଚରାଇ ବିସାରୌଁ"

—ସୁଜାନ ରସଖାନ

ସନ୍ଥ ତୁଳସୀ ଦିନେ ଏହିପରି ଅର୍ଥ, ଧର୍ମ, କାମ, ନିର୍ବାଣ ଉପେକ୍ଷା କରି ଜନ୍ମଜନ୍ମାନ୍ତର ରାମପଦ ପ୍ରୀତି କାମନା କରିଥିଲେ ।

'ଅରଥ ନ ଧରମ ନ କାମ କଛୁ ଗତି ନ ଚହୌଁ ନିରବାନ ।
ଜନମ ଜନମ ରତି ରାମପଦ, ୟହ ବରଦାନ ନ ଆନ ।

ଶ୍ରୀ ରାମଚରିତ ମାନସ

ଗୋପସୁନ୍ଦରୀଙ୍କ ବିରହ ଯନ୍ତ୍ରଣାରେ ବ୍ୟଥିତ ହୋଇ କୃଷ୍ଣ ପ୍ରାଣା ମୀରାଙ୍କପରି କହିଛନ୍ତି—ବିରହ ବଡ଼ ଦୁଃଖଦାୟକ ତେଣୁ ସଂସାରରେ କେହି କାହାକୁ ପ୍ରେମ କରିବା ଉଚିତ ନୁହେଁ ।

"ଯୋ ରସଖାନ ପିରଯୋ ସିଗରୋ ବ୍ରଜ, ଜାନତ ଠେଂଜି
ମେରୋ ଜିୟରାଇ ।
ଜୋ କୋଉ ଚାହୈ ଭଲୋ ଅପନେ ତୋ, ସନେହ ନ କାହୁ ସୋ
କୀଜିୟୋ ମାଇ ।"

—ରସଖାନ

ଜୋ ମୈଁ ଏସା ଜାଣତୀ, ପ୍ରୀତି କିୟେ ଦୁଃଖ ହୋୟ ।
ନଗର ଢିଢୋରା ପୀଟତୀରେ, ପ୍ରୀତି କରୌ ଜନିକୋୟ—ମୀରା

କାଳାନ୍ତରେ ବୈଷ୍ଣବାଚାର୍ଯ୍ୟଙ୍କ 'ଲୀଳା'ର ଦାର୍ଶନିକ ଅର୍ଥ ଅନୁବର୍ତ୍ତନରେ ବହୁ ଭକ୍ତି ଗୀତିକାର ସୂତ୍ରପାତ ହୋଇଛି । ବୈଷ୍ଣବ ଦର୍ଶନ ଅବଗାହୀ କବିଗଣ ଐନ୍ଦ୍ରିୟ ଭାଷାକୁ ଅତୀନ୍ଦ୍ରିୟ ଅର୍ଥରେ ପ୍ରୟୋଗ କରିବା ସଙ୍ଗେ ନୃତ୍ୟ, ଗାନ, ମାନ ଓ ରାସର ଊର୍ଦ୍ଧ୍ୱକୁ ଯାଇ ଶାରୀରିକ ସମ୍ଭୋଗର ଚର୍ଚ୍ଚା କରିଛନ୍ତି । ସୁରଦାସ ଓ ରସଖାନଙ୍କ ଲଳିତ ପଦାବଳୀର ଅତିନ୍ଦ୍ରିୟ ଅନୁଚିନ୍ତା ନିଃସଂକୋଚ ମନୋବୈଜ୍ଞାନିକ ଦିଗଭ୍ରାନ୍ତି (Psychologic Aberration) ନାମରେ ପରିଚିତ ।

"ଅଙ୍ଗନୀ ଅଙ୍ଗ ମିଳଇ ଦୋଉ ରସଖାନି
ରହେ ଲିପଟେ ତନ୍ତୁ-ଛାହୀଂ ।
ସଙ୍ଗନି ସଙ୍ଗ ଅନଙ୍ଗ କୋ ରଂଗ ସୁରଙ୍ଗ
ସନୀ ପିୟ ଦୈ ଗଲବାହୀଂ ॥

ଝେଁନ ଢେମ୍ପିଂ ମୈନସ୍ହୁ ଏନ ସନେହ କୋ,
ଲୁଟିଗହେ ରତି ଅନ୍ତର ଜାହୀଂ ।
ନୀବୀ ଗହେଁ କୁଚ କଂଚନ କୁମ୍ଭ, କହେଁ ବନିତା
ପିୟ ନାହୀଂ ଜୁ ନାହୀଂ । ”

❋ ❋ ❋ ❋

ଫାଗନ କାହେକୋ ଜାଓ୍ୱା ପିୟା,
ଘର ବୈଠେ ହୀ ବାଗ ଲଗାୟ ଦିଖାଉଁ ।
ଏଡ଼ୀ ଅନାର ସୀ ମୌରୀ ରହୀ,
ବହିୟାଁ ଦୋଉ ଚଂପେକୀ ଡାର ନଓ୍ୱାଉଁ ॥
ଛାତିନ ମେଁ ରସକେ ନିବୁଓ୍ୱା,
ଅରୁ ଘୁଁଘଟ ଖୋଲି କେ ଦାଖ ଚଖାଉଁ ।
ଟାଙ୍ଗନ କେ ରସକେ ଚସକେ,
ରତି ଫୁଲନିକୀ ରସଖାନି ଲୁଟାଉଁ ॥”

ମନୁଷ୍ୟ ଜୀବନର ଅନ୍ତିମ ପୁରୁଷାର୍ଥ ଆନନ୍ଦାନୁଭୂତି ଯାହାକି ପ୍ରେମାନୁଭୂତି ବିନା ଅସମ୍ଭବ ।

“ଆନନ୍ଦ ଅନୁଭବ ହୋତ ନହିଁ ବିନା ପ୍ରେମ ଜଗଜାନ ।”
—ପ୍ରେମ ବାଟିକା

ରସଖାନଙ୍କ ଅପୂର୍ବ ପ୍ରେମଧାରା ସୂକ୍ଷ୍ମ ଚିନ୍ତନ ଓ ସ୍ଥୂଳ-ଚିନ୍ତନ ବା ଉପାସନାକୁ ସ୍ପର୍ଶକରି ଦ୍ୟାବା ପୃଥିବୀ ଏକ ସଙ୍ଗେ ପ୍ରବାହିତ । ଶେଷ, ଗଣେଶ ଓ ମହେଶଙ୍କ ଆରାଧ୍ୟ ଭଗବାନ ଶ୍ରୀକୃଷ୍ଣ ଗୋପ ଅହିରୀଙ୍କ ଚହ୍ଲା ବା ଦହି ଚୋଢ଼ପେ ପାଇଁ ନୃତ୍ୟ ପରିବେଷଣ କରିଛନ୍ତି ।

“ସେସ ଗନେସ ମହେସ ଦିନେସ ସୁରେସହୁ ଜାହି ନିରନ୍ତର ଗାଓ୍ୱେଁ । ଜାହି ଅହୀରକୀ ଛୋହରିୟା ଛଛିୟା ଭରି ଛାଛପେ ନାଚ ନଚାଓ୍ୱେଁ ॥ ”—ରସଖାନ

“ଜଞ୍ଜ ଶିବ ଆଦି ଭଜେ ଯେଉଁ କୃଷ୍ଣ । କୃଷ୍ଣଚିନ୍ତି ସେ କୃଷ୍ଣହୁ ମହାତୃଷ୍ଣ ॥ ”—ରସକଲ୍ଲୋଳ

ରସଖାନଙ୍କୁ ବୈଭବର ଅହମନ୍ୟତା ତିଳେ ମାତ୍ର ସ୍ପର୍ଶକରି ପାରି ନଥିଲା । ବୈଭବଶାଳୀ ଦ୍ୱାରକାର ସ୍ୱର୍ଣ୍ଣ ପ୍ରାସାଦ ଅପେକ୍ଷା ଶ୍ରୀବୃନ୍ଦାବନର ଗ୍ରାମୀଣ ନିଷ୍କପଟ ଜୀବନ ଅଧିକ ପ୍ରିୟ ଥିଲା । ବାସ୍ତବିକ ଭକ୍ତି ତଲ୍ଲୀନତା ପୂର୍ଣ୍ଣ ହୃଦୟବାଣୀ ଭକ୍ତି ସାହିତ୍ୟାକାଶରେ ମୃତ୍ୟୁ ସଂଜୀବନୀ ସିଦ୍ଧ । ସୌନ୍ଦର୍ଯ୍ୟ ଉପାସକ ରସଖାନଙ୍କ ହୃଦୟରେ ବ୍ରଜବିମୋହନ ଶ୍ରୀକୃଷ୍ଣ ... ଯେ ବାସ କରିଥିଲେ ତାହା ନୁହେଁ, ମୁରଲୀ ମନୋହର ଧ୍ୱନିରେ ଅଙ୍ଗ ପ୍ରତ୍ୟଙ୍ଗ ପୁଲକିତ କରି ରସଖାନଙ୍କ ଜୀବନକୁ ଆନନ୍ଦମୟ କରିଦେଉଥିଲେ । କୃଷ୍ଣପ୍ରାଣା ବ୍ରଜ ବଧୂଙ୍କ ପରି ଶ୍ରୀକୃଷ୍ଣଙ୍କ ରୂପମାଧୁରୀରେ ବିମୋହିତ ହୋଇ ବ୍ରଜବିଧୁଙ୍କ ରୂପ ଲାବଣ୍ୟ ବର୍ଣ୍ଣନ କରିବା ସଙ୍ଗେ ତ୍ରିଭୁବନ ମୋହନ ବେଣୁ ନିନାଦ ବର୍ଣ୍ଣନା କରି ଆତ୍ମହରା ହେଉଥିଲେ ।

“ଦୃଗ ଦୂନେ ଖୀଂଚେ ରହେଁ କାନନ ଲୌଂ,
ଲଟ ଆନନ ପୈ ଲହରାଇ ରହୀ ।
ଛକି ଛୈଲ ଛବୀଲୀ ଛଟା ଛହରାଇ କୈ,
କୌତୁକ କୋଟି ଦିଖାଇ ରହୀ ॥
ଝୁକି ଝୁମି ଝମାକନି ଚୁମି ଅମୀ,
ଚାହି ଆଁଦନୀ ଚଂଦ ଚୁରାଇ ରହୀ ।
ମନ ଭାଇ ରହୀ ରସଖାନି ମହା—ଛବି
ମୋହନକୀ ତରସାଇ ରହୀ ॥”

ସୁରଦାସଙ୍କ ପରି ଭକ୍ତ ରସଖାନଙ୍କ ବାଳକୃଷ୍ଣଙ୍କ ସହାୟ ପରିକଳ୍ପନା ଅତ୍ୟନ୍ତ ଚିତ୍ତାକର୍ଷକ ।

“ଧୂରି ଭରେ ଅତି ସୋଭିତ ସ୍ୟାମଜୁ ତୈସୀ
ବନୀ ସିର ସୁନ୍ଦର ଚୋଟୀ ।
ଖେଲତ ଖାତ ଫିରେଂ ଅଙ୍ଗନା ପଗ ପୈଜନୀ
ବାଜତି ପୀରୀ—କଛୋଟୀ ॥
ଓ୍ୱା ଛବି କୌଁ ରସଖାନି ବିଲୋକତ
ବାରତ କାମ କଲା ନିଜ କୋଟୀ ।
କାଗ କେ ଭାଗ ବଡ଼େ ସଜନୀ ହରି ହାଥସୌଂ ଲୈ
ଗୟୌ ମାଖନ ରୋଟୀ ॥ ”

ସୁରଦାସ ଓ ସନ୍ଥତୁଳସୀଙ୍କ ଏକନିଷ୍ଠତା ରସଖାନଙ୍କ ଭକ୍ତି ଗୀତିକାରେ ମିଳୁଥିଲେ ମଧ୍ୟ ପ୍ରେମ ଶ୍ରୀହରିଙ୍କ ରୂପରେ ଓ ଶ୍ରୀହରି ପ୍ରେମ ରୂପରେ ରୂପାୟିତ । ଏକ ନିଷ୍ଠ ଭକ୍ତି ସାଧନା ଏକାଙ୍ଗୀ ଓ ଏକରସ ରୂପେ ବର୍ଣ୍ଣିତ ।

“ପ୍ରେମ ହରିକୋ ରୂପ ହେ ସୋ ହରି ପ୍ରେମ ସ୍ୱରୂପ ।”

× × ×

“ଏକାଙ୍ଗୀ ବିନା କାରନ ହି, ଇକ ରସ ସଦା ସମାନ ।
ଗନହି ପ୍ରିୟହି ସର୍ବସ୍ୱ ଜୋ, ସୋଇ ପ୍ରେମ ପ୍ରମାଣ ॥ ”
—ପ୍ରେମ ବାଟିକା

ପୁନଶ୍ଚ

“ପିରତି ଲାଗିୟା ଆପନା ଭୁଲିୟା
ପରତେ ମିଶିତେ ପାରେ
ପରକେ ଆପନ କରିତେ ପାରିଲେ
ପିରତି ମିଲୟେ ତାରେ ॥
ଦୁଇ ଘୁଚାଇୟା ଏକ ଅଙ୍ଗ ହଓ
ଥାକିଲେ ପିରତି ଆଶ
ପିରତି ସାଧନ ବଡ଼ଇ କଠିନ
କହେ ଦ୍ୱିଜ ଚଣ୍ଡୀ ଦାସ । ”—ଚଣ୍ଡୀଦାସ

ହେ ପାଠକ ! ରସଖାନଙ୍କ ପ୍ରେମ ମାର୍ଗ ବର୍ଣ୍ଣନ ଅତୀବ ବିଚିତ୍ର । ଏହା କମଳ ତନ୍ତୁଠାରୁ କ୍ଷୀଣ, ଖଡ୍‌ଗଧାର ଠାରୁ ଦୁର୍ଗମ,ପୁନଶ୍ଚ ଋଜୁ ଓ ଅତ୍ୟନ୍ତ ବକ୍ର । ଏହା ଶୁଦ୍ଧ ପ୍ରେମୀଙ୍କ ପାଇଁ ସରଳ ଓ ପ୍ରବଞ୍ଚକ ପାଇଁ ଦୁରୂହ, ଦୁର୍ଗମ । ପ୍ରୀତି ପାରିବାରିକ ଓ ସାମାଜିକ ନୀତି ନିୟମର ବହିର୍ଭୂତ । ଏହା ସଂପୂର୍ଣ୍ଣ ଅବୈଧ ଅର୍ଥାତ୍ ବିଧି ରହିତ, ରାଗାନୁଗା ।

"କମଲ ତଂତୁ ସୌଂ ଛୀନ ଅରୁ କଠିନ ଖଡ୍‌ଗକୀ ଧାର ।
ଅତି ସୁଧୋ ଟେଢ଼ୋ ବହୁରି, ପ୍ରେମପଥ ଅନିବାର ॥
ଲୋକ-ବେଦ-ମରଜାଦ ସବ ଲଜ, କାଜ, ସନ୍ଦେହ
ଦେତ ବହାଏ ପ୍ରେମ କରି, ବିଧି-ନିଷେଧ କୋ ନେହ ॥ "
—ପ୍ରେମ ବାଟିକା (ରସଖାନ)

ଉପକବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'ର ନିମ୍ନୋକ୍ତ କତିପୟ ପଦାବଳୀ ପ୍ରଣିଧାନ ଯୋଗ୍ୟ ।

"ଅନଳ ନୁହଇ ଦେହ ଦହଇ ।
ଅସ୍ତ୍ର ନୁହଇ ମରମେ ଭେଦଇ ॥
ନୁହଇ ତ ଜଳ ବୁଡ଼ାଏ କୂଳ ।
ନୁହଇ ମାଦକ କରେ ବିହ୍ୱଳ ।
ନୁହଇ ବଡ଼ଶୀ ବଳେ ମନ ମୀନ ନିଏ ଆକର୍ଷି ।

❊ ❊ ❊ ❊

ବଡ଼ କଠିନ ସେ ପ୍ରୀତି ପାଳିବା
ତୀକ୍ଷ୍ଣ ଅସି ଧାରେ ପଥ ଚଳିବା ।
ଶୂନ୍ୟ ଆରୋହଣଠାରୁ କଠିନ ।
ପବନ ଫାନ୍ଦେ ଧରିବା ଲକ୍ଷଣ ।
ପ୍ରୀତି ରକ୍ଷାଠାରେ ।
ଯଥା ପାରଦ ରଖିବା ମୁଠାରେ ।
ଯଥା ଘୋଡ଼ା ନବନୀତ ସୁଆର ।
ପ୍ରଚଣ୍ଡାନଳ ପଥେ ଚଳିବାର ।
ତହିଁ କି କରି ରହିବ ଶରୀର ।
ତହୁଁ ଅଧିକ ପ୍ରୀତି ପାଳିବାର ।
କହୁଛି ଏତିକ ।
ଦୂର କୁହାର ପୀରତି ରୀତିକି । "—ବିଦ୍‌ଗ୍ଧ ଚିନ୍ତାମଣି

ପ୍ରେମ ପଥ ସଦୈବ ପୂର୍ଣ୍ଣଚନ୍ଦ୍ରମା ଦ୍ୱାରା ଉଦ୍ଭାସିତ ଓ ସେଠାରେ ଭ୍ରମତିମିରର ଅବକାଶ ନାହିଁ । ଶ୍ରୁତି, ସ୍ମୃତି ବେଦ ଓ ପୁରାଣାଦି ଜ୍ଞାନ ତଥା କର୍ମ ଓ ଉପାସନା କେବଳ ଗର୍ବ ବା ଅହଙ୍କାର ମୂଳକ ଚିତ୍ତବୃତ୍ତିର ପରିଚୟ ଦିଏ କିନ୍ତୁ ଚିତ୍ତର ଶୁଦ୍ଧାବସ୍ଥା ପ୍ରକୃତ ପ୍ରେମର ଅନୁଭୂତିରୁ ଆସିଥାଏ । ମନୁଷ୍ୟ ମୃତ୍ୟୁପରେ ଜୀବନ ଲାଭ କରେ ନାହିଁ ସତ କିନ୍ତୁ ଯେ ପ୍ରେମ ଫାଶରେ ପଡ଼ି ମୃତ୍ୟୁ ବରଣ କରେ ସେ ଅମର, ମୃତ୍ୟୁ ରହିତ ।

"ପ୍ରେମ ଫାଁସମେଁ ଫଁସି ମରେ ସୋଇ ଜିଏ ସଦାହି । "

ସମସ୍ତ ଶ୍ରୁତି ଓ ସ୍ମୃତି ମତରେ ବେଦ ସମସ୍ତ ଧର୍ମର ମୂଳ (ବେଦୋ ଽଖିଳୋ ଧର୍ମମୂଳମ୍) କିନ୍ତୁ ପ୍ରେମଧର୍ମ ବୈଦିକ ଧର୍ମଠାରୁ ବଡ଼ ଓ ଅନିବାର୍ଯ୍ୟ ।

"ବେଦ ମୂଲ ସବ ଧର୍ମ, ୟହ କହେଁ ସବୈ ଶ୍ରୁତିସାର ।
ପରମ ଧର୍ମହୈ ତାହୁତେ, ପ୍ରେମ ଏକ ଅନିବାର । "

Want of love is a degree of callousness, for love is the perfection of consciousness.—Rabindranath Thakur.

ରସଖାନଙ୍କ ମତରେ ପ୍ରେମ ରୂପ,ଗୁଣ, ଧନ ଓ ଯୌବନଠାରୁ ନିରପେକ୍ଷ । ଏଥିରେ ସ୍ୱାର୍ଥର ଗନ୍ଧନାହିଁ ବା କାମନାର ଅବକାଶ ନାହିଁ । ଏହା ମନର ଏପରି ଏକ ସମବେଦନାଛିଡି ଯେଉଁଥିରେ କି କ୍ଷୟ ବୃଦ୍ଧି ଦୃଷ୍ଟିଗୋଚର ହୁଏ ନାହିଁ ।

"ବିନୁ ଗୁନ ଜୋବନ ରୂପ ଧନ, ବିନୁ ସ୍ୱାରଥ ହିତ ଜାନି ।
ଶୁଦ୍ଧ କାମନା ତେଁ ରହିତ, ପ୍ରେମ ସକଲ ରସଖାନି ॥ "
—ପ୍ରେମ ବାଟିକା

ବାସ୍ତବିକ ପ୍ରେମରେ ଆଦାନ ନାହିଁ, କେବଳ ପ୍ରଦାନ । ପ୍ରେମରେ କାମନା ନିରୋଧ ବା ତ୍ୟାଗ ସ୍ୱରୂପ । " ସା ନ କାମୟମାନା ନିରୋଧ ରୂପତ୍ୱାତ "—ନାରଦ ଭକ୍ତି ସୂତ୍ର । ମହାତ୍ମା ପ୍ଲାଟୋ 'ସିମ୍‌ପୋଜିୟମ'ରେ ଯେଉଁ ଆଦର୍ଶ ପ୍ରେମର କଳ୍ପନା କରିଛନ୍ତି ତାହା ମାନବ ପ୍ରେମ ସୀମାର ବହିର୍ଭୂତ ଆଧ୍ୟାତ୍ମିକ ସତ୍ୟଂ - ଶିବଂ - ସୁନ୍ଦରମ୍ ପ୍ରେମ । ଏହା କେବଳ ଯୌନ ସଂଯୋଗ ନୁହେଁ ବା ଶାରୀରିକ ଆକର୍ଷଣ ନୁହେଁ । ଏଥିରେ ପ୍ରିୟତମ ଓ ପ୍ରିୟତମାର ଶରୀର, ମନ ଓ ଆତ୍ମାରେ ସମ୍ପୂର୍ଣ୍ଣ ତଦାତ୍ମ୍ୟ ଭାବ ସ୍ଥାପିତ ହୁଏ । ଭଗବାନ ଶଙ୍କର ଓ ପାର୍ବତୀଙ୍କ ଅର୍ଦ୍ଧ ନାରୀଶ୍ୱର ମୂର୍ତ୍ତି ତଦାତ୍ମ୍ୟ ଭାବର ଆଧ୍ୟାତ୍ମିକ ରହସ୍ୟ ଉଦ୍‌ଘାଟନ କରିଥାଏ ।

ହେଭଲକ ଏଲିସନ ମଧ୍ୟ ସାମାନ୍ୟ ଓ ଗୂଢ଼ ଯୌନ ଆକାଂକ୍ଷାକୁ ପ୍ରେମରୂପେ ସ୍ୱୀକାର କରିନାହାନ୍ତି । ତାଙ୍କ ମତରେ ଯଦ୍ୟପି ଲୋଭବୃତ୍ତି ବିରହିତ ଯୌନ ପ୍ରେମ ଅକଳନୀୟ ତଥାପି ଯେତେ ସମୟ ପର୍ଯ୍ୟନ୍ତ ଏହା ମନସ ସଂଘଟନକୁ ପ୍ରଭାବିତ ନ କରିଛି, ସେତେବେଳ ପର୍ଯ୍ୟନ୍ତ ଏହା ପ୍ରେମରୂପେ ପ୍ରତିପାଦ୍ୟ ନୁହେଁ । ଭର୍ତ୍ତୃହରି ମଧ୍ୟ ପ୍ରେମରେ ସାମ୍ପିତ୍

ଆଣିବାକୁ ଯାଇ ସ୍ତ୍ରୀ ପୁରୁଷ ଏକତାକୁ ଅନୁଭବ କରିଛନ୍ତି । ତାଙ୍କ ମତରେ ଚିଇବା ମନର ମିଳନର ଅଭାବରେ ଶାରୀରିକ ସଂଯୋଗ ଶବତୁଲ୍ୟ ।

"ଏତତ୍ କାମ ଫଳେ ଲୋକେ ମଦ୍ ଦ୍ୱୟୋରେକ ଚିତ୍ତତା ।
ଅନ୍ୟଚିତ୍ତେ କୃତେ କାମେ, ଶବୟୋରିବ ସଙ୍ଗମ ॥"

— ଭର୍ତ୍ତୃହରି —

କାର୍ଲ ମାରିଂଗର (Corl Maringer—Love against hate') ରେ ଉଲ୍ଲେଖ କରିଛନ୍ତି ଯେ ଦୁଇଟି ବ୍ୟକ୍ତିର ସମ୍ମିଶ୍ରଣରେ ପ୍ରାପ୍ତ ଅନୁଭୂତ୍ୟାତ୍ମକ ଆନନ୍ଦ ହିଁ ପ୍ରେମ ।

"Love is experienced as a pleasure in proximity of a desire for fuller knowledge of one another, yearning for mutual personality fusion."

କବି ରବୀନ୍ଦ୍ରନାଥଙ୍କ ଭାଷାରେ ପ୍ରେମ ଏକ ସମୟରେ ଏକ ବା ଏକାଧିକ ହୋଇପାରେ । ପ୍ରେମରୁ ଏ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ବିଲୟ । ପ୍ରେମରେ ଦାସତ୍ୱ ବା ପ୍ରଭୁତ୍ୱର ବ୍ୟବଧାନ ନ ଥାଏ ।

"From love the world is born, by love it is sustained, towards love it moves, and into love it enters.

In love all the Contradictions of existence merge themselves and are lost. Only in love are unity and duality are at variance. Love must be one and two at the same time"—Rabindranath Thakur.

ଗୋପାଙ୍ଗନା ଓ ବ୍ରଜ ବିମୋହନ ଶ୍ରୀକୃଷ୍ଣଙ୍କ ପ୍ରେମ ଦିବ୍ୟାତିଦିବ୍ୟ । ସେ ରାଧା ସମେତ ଷୋଳ ସହସ୍ର ଗୋପୀଙ୍କ ସହ ଏକ ସମୟରେ ପ୍ରେମ କରୁଥିଲେ ଏବଂ ଗୋପୀକୃଷ୍ଣ ବା ରାଧାକୃଷ୍ଣଙ୍କ ମଧ୍ୟରେ ଦାସତ୍ୱର ହୀନମନ୍ୟତା ବା ପ୍ରଭୁତ୍ୱର ଅହମିକା ଲେଶମାତ୍ର ନ ଥିଲା ।

ରସଖାନ ରାଧାକୃଷ୍ଣଙ୍କ ମଧ୍ୟରେ ବ୍ୟବଧାନ ବା ଉଚ୍ଚନୀଚ ଭେଦଭାବ ଭୁଲିଯାଇ ପ୍ରେମର ସର୍ବଶ୍ରେଷ୍ଠ ପରାକାଷ୍ଠା ସୃଷ୍ଟି କରିଛନ୍ତି । ବେଦ, ପୁରାଣ ଓ ଉପନିଷଦ ପରିକୀର୍ତ୍ତିତ ଭଗବାନ ଶ୍ରୀକୃଷ୍ଣ କାଳିନ୍ଦୀତଟ ବିପିନ ସୁରମ୍ୟ କୁଞ୍ଜରେ ଲୁକାୟିତ ଭାବେ ଶ୍ରୀରାଧାଙ୍କ ପାଦପଦ୍ମ ସେବନ କରୁଛନ୍ତି ।

"ବ୍ରହ୍ମମେଁ ଢୂଢ୍ୟୋ ପୁରାନନ ଗାନନ,
ବେଦ ରିଚା ସୁନି ଚୌଗୁନେ ଚାୟନ ।
ଦେଖ୍ୟୌ ଦୁରୌ ଓ ଵହ କୁଞ୍ଜ କୁଟୀରମେଁ,
ବୈଠୋ ପଲୋଟତ ରାଧିକା – ପାୟନ ॥"

ଏହି ପରିପ୍ରେକ୍ଷୀରେ ଉତ୍କଳୀୟ ଭକ୍ତକବି ଜୟଦେବଙ୍କ ଅମୀୟ ପଦାବଳୀ ସର୍ବାଦୌ ସ୍ମରଣୀୟ ।

"ସ୍ମର ଗରଳ ଖଣ୍ଡନଂ ମମ ଶିରସି ମଣ୍ଡନଂ,
ଦେହି ପଦ ପଲ୍ଲବଂ ମୁଦାରଂ ।"

— ଶ୍ରୀ ଗୀତଗୋବିନ୍ଦ —

"Bondage and liberation are not antagoinstic in love. In love, thraldom is as glorious as freedom".—Sadhana.

ରସଖାନଙ୍କ ଭକ୍ତି ପଦାବଳୀରୁ ଉନ୍ନତ ପାଣ୍ଡିତ୍ୟର ପରିଚୟ ମିଳେନାହିଁ, କିମ୍ବା ଶ୍ରୀମଦ୍ ଭାଗବତର ପାର୍ସି ଭାଷାରୁ ତଥା ଶ୍ରୀନାଥ ବା ଗୋପାଳ ମୂର୍ତ୍ତିରେ ଶ୍ରୀକୃଷ୍ଣଙ୍କ ଦେବ ଦୁର୍ଲ୍ଲଭ ସୌନ୍ଦର୍ଯ୍ୟର ସଙ୍କେତ ମିଳେନାହିଁ । ବରଂ ଲୀଳାଭୂମି ବ୍ରଜଧାମର ଭକ୍ତିକ ବାତାବରଣ ତଥା ସୁରଦାସ ଓ ମୀରାବାଈଙ୍କ ଅମୀୟ ପଦାବଳୀରେ ବାଦଶାହୀ ବଂଶଜ ସୟଦ ଇବ୍ରାହିମ ପ୍ରେମଦେବ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ରସଖାନରେ ପରିଣତ ହୋଇଥିବା ଅଧିକ ନ୍ୟାୟ ସଙ୍ଗତ ।

ଶ୍ୟାମ ସୁନ୍ଦରଙ୍କ ଲଳିତ ଦଳୋପମ ତ୍ରିଭଙ୍ଗ ଭଙ୍ଗିମ ଚନ୍ଦନ ଘନସାର - କୁଂକୁମ - ମୃଗମଦ ବିଲେପିତ ରୂପ ମାଧୁରୀ ନିକଟରେ କରକ ବଦନା ଉତ୍ସଙ୍ଗ ନୀର ଆଲକ୍ତକ ପଦଯୁଗଳ, ଅରାଳ ଭ୍ରୂଲତା, ଅରୁଣିମ ଅଧର, ସ୍ୱର୍ଣ୍ଣ ଚୂର୍ଣ୍ଣକୁନ୍ତଳ, କର ପଲ୍ଲବ, ନାସାଗ୍ର ମୌକ୍ତିକ, କଟିତଟ ମେଖଳା, ସ୍ୱର୍ଣ୍ଣ ଲଲାଟିକା, କେୟୂର ଓ କର୍ଣ୍ଣିକାଦି ଅଳଂକରଣ ଅଳିକ ପ୍ରତିଭାତ ହେଲା । ରସଖାନଙ୍କ ସମସ୍ତ ଚାପଲ୍ୟ, ଲାମଟ୍ୟ ଓ ଐହିକ ଦୁଷଣୀୟ ପ୍ରବୃତ୍ତି ସୌନ୍ଦର୍ଯ୍ୟୋଦଧି ବ୍ରଜେନ୍ଦ୍ରନନ୍ଦନଙ୍କ ଅମ୍ଳାନ, ଅଚିନ୍ତନୀୟ ଅପସାଗରେ ବିଲୀନ ହେଲା । ଶ୍ରୀହରିଙ୍କ ପତିତପାବନ ନାମ ସାର୍ଥକ ହେଲା । କୁଖ୍ୟାତ ଯବନ ଇବ୍ରାହିମ ଭକ୍ତ ଶ୍ରେଷ୍ଠ ରସଖାନ ରୂପେ ଅଭିହିତ ହେଲେ ।

"So I repeat we never can have a true view of man unles we have a love for him. Civilization must be judged and prized, not by the amount of power it has developed, but by how much it has evolved and given expression to, by its laws and institutions, the love of humanity"

ରସଖାନ ଏକ ଉଦାରଚେତା ଭକ୍ତ ଥିଲେ । ସେ ଉଦାର ଭୂମିରେ ପ୍ରେମର ସୌନ୍ଦର୍ଯ୍ୟଶାଳୀ ନଗରୀରେ ପଦାର୍ପଣ କରିଥିଲେ, ଯେଉଁଠି ବିରହ ପରିବର୍ତ୍ତେ ଅଛି ସାମୀପ୍ୟର ପରମାନୁଭୂତି । ରସଖାନ ମୁସଲମାନ ପରିବାରରେ ଜନ୍ମ ହୋଇ ଯବନୋଚିତ ଈଶ୍ୱରାଧନା ବା ହିନ୍ଦୁ ଦେବଦେବୀଙ୍କ ପଦାରାଧନା କରୁନଥିଲେ । ସେ ଏପରି ଏକ ପ୍ରେମ ଧର୍ମକୁ ଅଙ୍ଗୀକାର କଲେ ଯାହାକି ସାର୍ବଭୌମ ଓ ନିତ୍ୟ ସନାତନ । ରସଖାନ ରାଧାମାଧବଲୀଳା ସୁରଭିତ କାଳିନ୍ଦୀ ପୁଳିନରେ

ପଶୁ, ପକ୍ଷୀ, ପ୍ରସ୍ତର ହୋଇ ଶ୍ରୀକୃଷ୍ଣଙ୍କ ସାନିଧ୍ୟ ପ୍ରାର୍ଥନା କରିଛନ୍ତି । ରସଖାନଙ୍କ ବ୍ରତ, ଉପବାସ, ମୂର୍ତ୍ତିପୂଜା, ଆଡ଼ମ୍ବର ରହିତ ବିନୟ ଓ ଦୈନ୍ୟଭାବ ସମନ୍ୱିତ ପଦାବଳୀ ଶ୍ରୀକୃଷ୍ଣଙ୍କ ସାନିଧ୍ୟ ପ୍ରାପ୍ତି ତଥା ଏକ ନିଷ୍ଠ ପ୍ରେମଭକ୍ତି ପ୍ରଦର୍ଶନର ସୂଚନା ଦିଏ ।

କେତେକଙ୍କ ମତରେ ରସଖାନଙ୍କ ଭକ୍ତି ଗୀତିକା ଅଶ୍ଳୀଳ ଶୃଙ୍ଗାର ରସରେ ପରିପୂର୍ଣ୍ଣ କିନ୍ତୁ ଏକ ଅନନ୍ୟ ଭକ୍ତ ପକ୍ଷରେ ଆରାଧ୍ୟ ଦେବତାଙ୍କ ପ୍ରତ୍ୟେକ ଲୀଳା ଓ କାର୍ଯ୍ୟକଳାପ ଏକ ଅପୂର୍ବ ଭକ୍ତିଧାରା ସଞ୍ଚାର କରିଥାଏ ।

"A poet is true poet when he can make his personal idea joyful to all men, which he could not do if he had not a medium common to all his audience. This common language has its own law which the poet must discover and follow, by doing which he becomes true and attains poetical immortality."

ସନ୍ଥ ତୁଳସୀ ମଧ୍ୟ ଭକ୍ତ ଓ ଭଗବାନଙ୍କ ମଧୁର ସମ୍ପର୍କକୁ ଏକ କାମୀ ପୁରୁଷ ଓ ନାରୀର ସମ୍ବନ୍ଧ ସହ ତୁଳନା କରିଛନ୍ତି ।

"କାମିହି ନାରି ପିଆରି ଜିମି, ଲୋଭି ହି ପ୍ରିୟ ଜିମି ଦାମ ।
ତିମି ରଘୁନାଥ ନିରନ୍ତର ପ୍ରିୟ ଲାଗହୁ ମୋହିରାମ ॥"

— ଶ୍ରୀରାମଚରିତ ମାନସ —

ପୁନଶ୍ଚ ବୈଷ୍ଣବାଚାର୍ଯ୍ୟଙ୍କ ମତରେ —

"ଯୁବତୀନାଂ ଯଥା ଯୂନି ଯୂନାଂ ଚ ଯୁବତୌ ଯଥା ।
ମନୋଭି ରମତେ ତଦ୍‌ବନ୍ମନୋ ମେ ରମତାଂ ତ୍ୱୟି ।"

ଭକ୍ତ ମାନବେତର କୀଟ, ପତଙ୍ଗ, ପଶୁ, ପକ୍ଷୀରୂପେ ଜନ୍ମଗ୍ରହଣ କରିବାକୁ ତିଳେମାତ୍ର ଦୁଃଖପ୍ରକାଶ ନ କରି ପ୍ରତ୍ୟେକ ଜନ୍ମରେ ଚାହିଁଛି ଭକ୍ତି ।

"କୀଟେଷୁ ପକ୍ଷୀଷୁ ମୃଗେଷୁ ସରୀ ସୃପେଷୁ,
ରକ୍ଷଃ ପିଶାଚ ମନୁଜେଷ୍ୱପି ଯତ୍ର ଯତ୍ର ।
ଜାତସ୍ୟ ମେ ଭବତୁ କେଶବ ତେ ପ୍ରସାଦାତ୍,
ତ୍ୱଯ୍ୟେବ ଭକ୍ତିରତୁଳା ବ୍ୟଭିଚାରିଣୀ ଚ ॥"

ପୁନଶ୍ଚ —

କିଏ ମାନୁଷ ପଶୁ ପକ୍ଷୀ ଜନମିଏ,
ଅଥବା କୀଟ ପତଙ୍ଗେ,
କରମ ବିପାକେ ଗତାଗତି ପୁନଃ ପୁନଃ,
ମତି ରହୁ ତୁୟା ପର ସଙ୍ଗେ ॥

— ବି ଦ୍ୟା ପ ତୀ —

ପରମ କାରୁଣିକ ଶ୍ରୀହରି ଯୁଗେ ଯୁଗେ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଉର୍ଦ୍ଧ୍ୱରେ । ଦୁର୍ଯ୍ୟୋଧନର ଷଡ଼ରସ ବ୍ୟଞ୍ଜନ ପ୍ରତ୍ୟାଖ୍ୟାନ କରି ମହାତ୍ମା ବିଦୁରଙ୍କ ଗୃହରେ ଶାକାନ୍ନ ଭୋଜନ କରିଛନ୍ତି । ତ୍ରେତୟାରେ ନୟନାଭିରାମ ଶ୍ରୀରାମଙ୍କ ଗୁହକ ଶବର ସହ ମିତ୍ରତା ଓ ଶବରୀ ଉଚ୍ଛିଷ୍ଟ ଫଳ ଭକ୍ଷଣ ଯୁଗେ ଯୁଗେ ଭଗବାନଙ୍କ 'ପତିତ ପାବନ' ନାମ ସାର୍ଥକ କରିଛି । ସେଥିପାଇଁ ବଙ୍ଗୀୟ ଭକ୍ତ କବି ପ୍ରେମାନନ୍ଦ ମୁକ୍ତ କଣ୍ଠରେ ଗାଇଛନ୍ତି—

ଏମନ ! କି ଭରେ ବରନ କୁଳ ।
ଯେ କୁଳେ ସେ କୁଳେ ଜନମ ହଉକ୍
କେବଳ ଭକତି ମୂଳ ।
ବଇନାଦି କୁର ବିଦୁରେର ଛିଲ
ଖାଇଲ ତାହାର ଘରେ
ରାଜନ ହଇୟା ମିତାଲି କରିଲ
ଗୁହକ ଚାଣ୍ଡାଲ ବରେ ।

—ପ୍ରେମାନନ୍ଦ—

ତେଣୁ କେବଳ ଉଚ୍ଚ କୁଳ ସଂପନ୍ନ ହେଲେ ହେବ ନାହିଁ; ଆଚରଣ ଉଚ୍ଚ ହେବା ବିଧେୟ । ମଦିରାପୂର୍ଣ୍ଣ ସୁବର୍ଣ୍ଣ କଳସ ମଦଭାଣ୍ଡ ରୂପେ ବିବେଚିତ ହୁଏ ।

"ଉଞ୍ଚେ କୁଲମେ ଜନମ୍ୟା, କରନୀ ଉଞ୍ଚି ନା ହୋୟ ।
ସୌରନ କଳସ ସୁରାଭରି, ସାଧୁ ନିନ୍ଦା ସୋୟ"

—ସନ୍ଥ କବୀର

ରସଖାନ କେବଳ ଯେ ଭଗବାନ୍ ଶ୍ରୀକୃଷ୍ଣଙ୍କ ସାନିଧ୍ୟ ଲାଭ କରିଥିଲେ, ତାହା ନୁହେଁ । କେତେକଙ୍କ ମତରେ ଶ୍ରୀକୃଷ୍ଣ ରସଖାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସଂପାଦନ କରିଥିଲେ । 'ଅହୋଟି ଭାଗ୍ୟ ! ' ତ୍ରୈଲୋକ୍ୟ ଚିନ୍ତାମଣି ଭଗବାନଙ୍କ ନିକଟରେ ଅନ୍ତ୍ୟଜ, ହିନ୍ଦୁ, ମୁସଲମାନ, ସ୍ତ୍ରୀ ଓ ପୁରୁଷର ଭେଦଭାବ ନାହିଁ । ମନୁଷ୍ୟର ବହିରାଚରଣ ସହିତ ସେ ସମ୍ବନ୍ଧିତ ନୁହନ୍ତି । ସେ ହେଉଛନ୍ତି ଆତ୍ମାରାମ ।


ବିପୁଳ ଯଶା ଭକ୍ତ କବି ଦୀନକୃଷ୍ଣଙ୍କ 'ରସକଲ୍ଲୋଳ' ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଭକ୍ତି ରସାମୃତ ସିନ୍ଧୁ "ବିଦଗ୍ଧ ଚିନ୍ତାମଣି"ର ଉଚ୍ଚାଳ ଉଦ୍‌ଗାଢ଼ିକାରେ ଉଦ୍‌ବୁଦ୍ଧ ହୋଇ ଯୁଗେ ଯୁଗେ ଓଡ଼ିଆ ଗାଇ ଉଠିଛି—

"ଅପ୍ରାକୃତ ପ୍ରେମ ମୂର୍ତ୍ତି ଜୟ ରାଧା ହରି ।
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି"

*　*　*　*

ଭର୍ଣ୍ଣନାଭିବତ ଖେଳୁ ଇଚ୍ଛା ଶକ୍ତି ବଳେ ।
ଉଦ୍‌ଭବ ହୋଇତୁ . ଧର୍ମ ଲୋପୁ କାଳେ କାଳେ" ।

—ବିଦଗ୍ଧ ଚିନ୍ତାମଣି



ପୁନଶ୍ଚ

କାଳିନ୍ଦୀ କୂଳିୟା କଦମ୍ବମୂଳିଆ କାଛିଟ ମାଳିୟା ପାଦେ
କୃଷ୍ଣ ଦାସ ମନ ବଚନ କର୍ତ୍ତବ୍ୟ ରଖିଅଛି ଅପ୍ରମାଦେ ॥

—ଦୀନକୃଷ୍ଣ

ମକରନ୍ଦ ଲୋଭୀ ଭ୍ରମର ଅରବିନ୍ଦ କୋଷ ଓ ରସିକ ଯୁବକ ରସିକା ଯୁବତୀର ପ୍ରେମ ପାଶରେ ଆବଦ୍ଧ ଥିଲା ପରି ସ୍ୱୟଂ ଭଗବାନ ଭକ୍ତ ପ୍ରେମରେ ବଶୀଭୂତ ହୋଇ ରହନ୍ତି । ଭକ୍ତ ପ୍ରିୟ ମାଧବ ।


"ଜାତ ପାଁତ ପୁଛେ ନହିଁ କୋୟ ।
ହରିକୋ ଭଜେ ସୋ ହରିକୋ ହୋୟ ॥"

"ଯା ଗୁଣାର୍ଣ୍ଣବରୁ ବିନ୍ଦୁଏ ବର୍ଣ୍ଣିଲେ
ଶେଷରେ ନ ହେବ ଶେଷ
କି କହିବି ତାହା ଗୋପାଳକୃଷ୍ଣ ତ
ନୁହଇ କୀଟ ସଦୃଶ ।"

—ଗୋପାଳ କୃଷ୍ଣ

ସଂପାଦକ 'ମହାପ୍ରଭୁ'
ବୃନ୍ଦାବନ ଧାମ
ଲୋକନାଥ ରୋଡ୍, ପୁରୀ–୭୫୨୦୦୧





# ମହେନ୍ଦ୍ରଗିରିରେ ଶ୍ରୀଜଗନ୍ନାଥଙ୍କ ଆଦିମ ସ୍ୱରୂପ


ଡକ୍ଟର ସତ୍ୟନାରାୟଣ ରାଜଗୁରୁ

କଳିଙ୍ଗ ସାମ୍ରାଜ୍ୟ କେନ୍ଦ୍ରରେ ମହେନ୍ଦ୍ରାଞ୍ଚଳ ଅବସ୍ଥିତ । ପ୍ରାଚୀନ ମାଠର ଓ ଗଙ୍ଗ ବଂଶୀୟ ରାଜାମାନେ କଳିଙ୍ଗରେ ଆଧିପତ୍ୟ ବିସ୍ତାର କରିବା ପୂର୍ବରୁ ସେଠାରେ ଆଦିବାସୀ ପୁଳିନ୍ଦ ବା ଶବରମାନେ ହିଁ ରାଜତ୍ୱ କରୁଥିଲେ । ମହେନ୍ଦ୍ରଗିରି ମାଳାରେ ଅଦ୍ୟାବଧି ସେମାନେ ବହୁ ସଂଖ୍ୟାରେ ରହି ଅଛନ୍ତି ।

ଗଙ୍ଗା ବଂଶୀୟ ମହାରାଜା ଚୋଡ଼ଙ୍କ କେତେକ ଦାନପତ୍ରରେ* ତାଙ୍କ ବଂଶର ଇତିହାସ ପ୍ରଶସ୍ତି ରୂପେ ଖୋଦିତ ହୋଇଅଛି । ସେଥିରେ ଉଲ୍ଲେଖ ଅଛି ଯେ, ପୂର୍ବେ କୋଳାହଳପୁରରେ ବୀରସିଂହ ନାମକ ଜଣେ ରାଜା ଥିଲେ । ତାଙ୍କ ଔରସରୁ ପାଞ୍ଚଟି ପୁତ୍ର ଜନ୍ମଲାଭ କରିଥିଲେ, ଯଥା-କାମାର୍ଣ୍ଣବ, ଦାନାର୍ଣ୍ଣବ, ଗୁଣାର୍ଣ୍ଣବ, ମାରସିଂହ ଓ ବଜ୍ରହସ୍ତ । ବୀରସିଂହଙ୍କ ମୃତ୍ୟୁ ପରେ ବଡ଼ ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବ ରାଜ୍ୟ ଭାର ନିଜ ପିତୃବ୍ୟଙ୍କୁ ଦେଇ ଆଉ କେତେକ ରାଜ୍ୟ ଜୟ କରିବା ସକାଶେ ଚାରି ଭାଇଙ୍କ ସହ ଦକ୍ଷିଣକୁ ଯାତ୍ରା କଲେ ଓ ମହେନ୍ଦ୍ରଗିରିରେ ଉପସ୍ଥିତ ହେଲେ । ସେହି ଗିରି ଶିଖରରେ ସେମାନେ ଦେଖିଲେ ଯେ, ସେଠାରେ ସବରାଦିତ୍ୟ * ନାମକ ଜଣେ ଆଦିବାସୀ ରାଜା ରାଜତ୍ୱ କରୁଅଛନ୍ତି । ତାଙ୍କୁ ଯୁଦ୍ଧରେ ନିହତ କରି କାମାର୍ଣ୍ଣବ କଳିଙ୍ଗର ଅଧୀଶ୍ୱର ହେଲେ । ମହେନ୍ଦ୍ରଶିଖରସ୍ଥ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ପ୍ରସାଦରୁ ସେ ରାଜ୍ୟ ଜୟ କରି ଥିବାରୁ ତାଙ୍କୁ ଇଷ୍ଟଦେବତା ରୂପେ ଆରାଧନା କରି 'ଦନ୍ତାପୁର' (ଦନ୍ତପୁର) ନାମକ ନଗରରେ ସ୍ୱୀୟ ରାଜଧାନୀ ସ୍ଥାପନ କଲେ । ଏ ସମ୍ବନ୍ଧରେ ଦେବେନ୍ଦ୍ରଙ୍କ ତାମ୍ର ଶାସନରେ ସଂସ୍କୃତରେ ଯାହା ଖୋଦିତ ହୋଇଅଛି, ତାହା ନିମ୍ନରେ ଉଦ୍ଧୃତ ହେଲା-:

"ଅଥ କାମାର୍ଣ୍ଣବୋ ଦତ୍ତ୍ୱା ପିତୃବ୍ୟାୟ ନିଜାମହୀମ୍ ।
ପ୍ରାୟାତ୍ ପୃଥ୍ୱୀଂ ଭ୍ରାତୃଭିଃ ଜେତୁଂ ମହେନ୍ଦ୍ରଂ ଭ୍ରାତୃଭିଃ ଗିରିମ ।।
ତତ୍ର ଚ ସକଳ ସୁରାସୁର ସିଦ୍ଧସାଧ୍ୟ କିରୀଟ କୋଟି ବିଘୃଷ୍ଟ ମସୃଣ ଚରଣ ପୀଠ ମାରଧ୍ୟ ଗୋକର୍ଣ୍ଣ ସ୍ୱାମୀ ନମସ୍ୟ ପ୍ରସାଦାତ ସମାସାଦିତ ବର ବୃଷଭ ଲାଞ୍ଛନ ସମ୍ପଦମୂଲବଧ ସକଳ ସାମ୍ରାଜ୍ୟ ଚିହ୍ନୈ ରୁପଶୋଭମା ନସ୍ତନଭେଦେ । ମହେନ୍ଦ୍ରାଞ୍ଚଳ ଶିଖରାଚ ବତୀର୍ଯ୍ୟ ଯୁଧିଷ୍ଠିର ଇବ ଚତୁର୍ଭି-ଚନୁର୍ଜ୍ଜିରନୁଗମ୍ୟମାନ ଦ୍ୱସମର ଶିରସି ସବରା ଦିତ୍ୟନ୍ନି ହତ୍ୟ* କାମାର୍ଣ୍ଣବଃ କଳିଙ୍ଗାନଗ୍ରହୀତ୍ ତସ୍ୟ ଚ ଅପହସିତ ସୁରେନ୍ଦ୍ର ପୁରଂ ଜଂ (ଦଂ) ତାପୁର ନାମ ନଗରୀ ରାଜଧାନ୍ୟାସୀତ୍ ।........"

ଖ୍ରୀ୧୧ଶ ଶତାବ୍ଦୀରେ ଖୋଦିତ ହୋଇଥିବା ସେହି ଗଙ୍ଗାବଂଶପ୍ରଶସ୍ତିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ, ପୂର୍ବକାଳରେ ମହେନ୍ଦ୍ରାଚଳରେ ଯୁଧିଷ୍ଠିରଙ୍କ ପରି ଗଙ୍ଗ ରାଜ କୁମାର କାମାର୍ଣ୍ଣବ ଦେବ ତାଙ୍କର ଚାରି ଭ୍ରାତାଙ୍କ ସଙ୍ଗେ ପର୍ବତ ଆରୋହଣ କରି ସେଠାରେ ପ୍ରତିଷ୍ଠିତ ପୁଣ୍ୟ ଚରଣ ପୀଠରେ ଗୋକର୍ଣ୍ଣ ସ୍ୱାମୀ (ଶିବ)ଙ୍କ ଆରାଧନା କରିଥିଲେ । କାମାର୍ଣ୍ଣବ କଳିଙ୍ଗ ରାଜ୍ୟ ଅଧିକାର କରିବା ଆଗରୁ ସେଠାରେ ଯେଉଁ ପୁଳିନ୍ଦ ବା ଶବରମାନେ ରହିଥିଲେ ସେମାନେ ତାଙ୍କର ଅଧୀନତା ସ୍ୱୀକାର କଲେ । କଳିଙ୍ଗର ପ୍ରଥମ ରାଜଧାନୀ ଦନ୍ତପୁର-ଠାରେ ସ୍ଥାପିତ ହେଲା । କିନ୍ତୁ ପରବର୍ତ୍ତୀ ରାଜାମାନଙ୍କ ଦ୍ୱାରା



...ପ୍ରତିଷ୍ଠା ଲାଭ କଲା । ...ାହା କଳିଙ୍ଗ ନଗର ନାମକ ସ୍ଥାନରେ ...ନ୍ତପୁରର ନାମ ବୌଦ୍ଧ ଜାତକ କଥାରୁ ମଧ୍ୟ ପ୍ରକଟିତ ...ହୋଇଅଛି । ସେଥିରୁ ସ୍ପଷ୍ଟ ଜଣାଯାଉଛି ଯେ, ପୂର୍ବେ ଗୁହଶିବ ...ଗୁହଶବର ?) ନାମକ ଜଣେ ବୌଦ୍ଧ ରାଜା ସେଠା ସମୁଦ୍ର ...କୂଳରେ ରାଜତ୍ୱ କରି ବୁଦ୍ଧଙ୍କର ଗୋଟିଏ ଦନ୍ତ ଆରାଧନା ...କରୁଥିଲେ । ତେଣୁ ସେହି ନଗରର ନାମ ରଖା ଯାଇଥିଲା ...ଦନ୍ତପୁର" । ବର୍ତ୍ତମାନ ମହେନ୍ଦ୍ରଗିରି ଓ ବାରୁଣା-ବନ୍ଦର ...ମଧ୍ୟରେ ଥିବା ଏକ ଶିବ ମନ୍ଦିର ଗାତ୍ରରେ ପରିଦୃଷ୍ଟ ଗଙ୍ଗ ...ରାଜା ଭାନୁଦେବଙ୍କ ଓଡ଼ିଆ ଶିଳା ଲେଖାରୁ ପ୍ରମାଣିତ ହୋଇଅଛି ...ଯେ, ଦନ୍ତଗଡ଼ ନାମକ ଗ୍ରାମଟି ସେଠାରେ ଅବସ୍ଥିତ । ତେଣୁ ...ତାହା ଯେ ବାରୁଆ (ବାରୁଣା) ବନ୍ଦର ନିକଟବର୍ତ୍ତୀ ପ୍ରାଚୀନ ଦନ୍ତା...ପୁରର ଏକ ଅଂଶ ଥିଲା ସେଥିରେ ଆଦୌ ସନ୍ଦେହ ନାହିଁ । ...ରାଜ୍ୟ ଗୁହାଶିବ, ଯେ କି ଦନ୍ତପୁରରେ ବୁଦ୍ଧଙ୍କ ଦନ୍ତ ପୂଜା ...କରୁଥିଲେ, ସମ୍ଭବତଃ ସେ ମଧ୍ୟ ଜଣେ ଗୁହ-ଶବର ବଂଶୀୟ ...ହୋଇଥିବେ । ରାମାୟଣରେ ବର୍ଣ୍ଣିତ ଅଛି ଯେ, ଗୁହଶବର ...ବଂଶୀୟ ଜଣେ ଆଦିବାସୀ ଶ୍ରୀରାମଚନ୍ଦ୍ରଙ୍କ ବନବାସ ବେଳେ ...ତାଙ୍କର ମିତ୍ର ରାଜା ରୂପେ ଦଣ୍ଡକାରଣ୍ୟ ନିକଟବର୍ତ୍ତୀ କୌଣସି ...ସ୍ଥାନରେ ବାସ କରୁଥିଲେ । ତାଙ୍କର ଅନ୍ୟ ଏକ ରାଜଧାନୀର ...ନାମ ଥିଲା 'ଶୃଙ୍ଗବେରପୁର' । ବର୍ତ୍ତମାନ ବାରୁଆ ବନ୍ଦର ଠାରୁ ...ଅଳ୍ପ କେତେ ମାଇଲ ଦକ୍ଷିଣକୁ ଗଲେ କଳିଙ୍ଗ ପତନ ନିକଟରେ ...ଶୃଙ୍ଗବରପୁକୋଟା' ନାମକ ଏକ ବୃହତ୍ ଗ୍ରାମ ଦେଖାଯାଏ । ...ଏ ଦୃଷ୍ଟିରୁ ବାଲ୍ମିକୀମୁନି 'ରାମାୟଣ' ରଚନା କଲାବେଳେ ମଧ୍ୟ ...ଆଦିବାସୀ ଶବରମାନେ ସେହି ବନ୍ୟାଞ୍ଚଳରେ ରାଜତ୍ୱ ...କରୁଥିଲେ ।

କୋଙ୍ଗଦର ଶୈଳୋଦ୍ଭବ ବଂଶୀୟ ମଧ୍ୟମ ରାଜାଙ୍କ ...ତାମ୍ର ଶାସନରେ * ଲେଖା ଅଛି ଯେ, ପ୍ରାଚୀନ କାଳରେ ...ମହେନ୍ଦ୍ରଗିରିରେ 'ପୁଳିନ୍ଦସେନ' ନାମକ ଜଣେ ଆଦିବାସୀ ...(ଶବର) କଳିଙ୍ଗର ଶାସକ ରୂପେ ରହିଥିଲେ । ସେ ବୃଦ୍ଧ ...ବୟସରେ ତାଙ୍କ ଇଷ୍ଟ ଦେବତା ସ୍ୱୟମ୍ଭୂଙ୍କୁ ବିନୀତ ଭାବରେ ...ଜଣାଇଲେ—"ହେ ପ୍ରଭୁ, ମୋ ପରେ ଏ ରାଜ୍ୟର ଶାସନ ଭାର ...କିଏ ବହନ କରି ପାରିବ, ଅନୁଜ୍ଞା ହେଉ ।" ଦେବତା ...ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ ଗୋଟିଏ ବିଶାଳ ଶିଳା ...(ପର୍ବତ) * ଦୁଇଖଣ୍ଡ ହୋଇ ବିଭକ୍ତ ହେବ । ସେଥିରୁ ଜଣେ ...ଦିବ୍ୟ ଯୁବକ ଜାତ ହେବ । ସେ କଳିଙ୍ଗର ଅଧୀଶ୍ୱର ହେବ ।' ...ଦେବତାଙ୍କର ଆଦେଶର ସତ୍ୟତା ଦେଖାଗଲା, ...ଯେତେବେଳେ ମହେନ୍ଦ୍ରର ଗିରି ଶିଖର ପାଦ ପର୍ଯ୍ୟନ୍ତ ଦୁଇଖଣ୍ଡ ...ହୋଇ ଫାଟିଗଲା ଓ ସେଥିରୁ ଜଣେ ଯୁବକ ବାହାରିଲେ ...ଶୈଳଭେଦ କରି ସେ ଜନ୍ମିବାରୁ ତାଙ୍କ ନାମ ରଖାଗଲା ..."ଶୈଳୋଦ୍ଭବ" । ତାଙ୍କ ରାଜବଂଶ ମଧ୍ୟ ସେହି ନାମରେ ପରିଚିତ ହୋଇ ମହେନ୍ଦ୍ରାଞ୍ଚଳର ପୂର୍ବୋତ୍ତର (କୋଙ୍ଗଦରେ) ରାଜତ୍ୱ କରିବାକୁ ଲାଗିଲେ । ସେହି ଶୈଳୋଦ୍ଭବ ବଂଶୀୟ ମହାରାଜା ମଧ୍ୟମ ରାଜାଙ୍କ ଦ୍ୱାରା ବାଣପୁର ତାମ୍ର ଶାସନରେ ଏ ସମ୍ବନ୍ଧରେ ଯେଉଁ ଶ୍ଲୋକଗୁଡ଼ିକ ଲେଖା ହୋଇଅଛି ତାହା ନିମ୍ନରେ ଉଦ୍ଧୃତ ହେଲା :

ପ୍ରାଚ୍ୟାମ୍ଭୋନିଧି ରୁଦ୍ଧ ସାନୁରତୁଳଃ ପୁଷ୍ପଦ୍ରୁମାଳୀ ବୃତଃ
ସ୍ୟନ୍ଦନ୍ନିର୍ଝରବାରି ଦାରିତଦରୀ ଫେନସ୍ଥଳ ନିମ୍ନକୈଃ ।
ସ୍ୱାନସ୍ତସ୍ଥ ପତତିବଳସ୍ତୁ ବିରୁତୈର ପୂରିତାନ୍ତର୍ଗୁହୈଃ
ଶ୍ରୀମାନ୍ ମେରୁସଖୋ ବୃହତ୍ କୁଳଗିରିଃ ଖ୍ୟାତୋ ମହେନ୍ଦ୍ରଃ କ୍ଷିତୌ ॥

ପ୍ରାଂଶୁର୍ମ୍ମ ହେଭ କରପୀବର ବୃତ୍ତବାହୁ
କୃଷ୍ଣାଶ୍ମ ସଞ୍ଚୟ ବିଭେଦ ବିଶାଳ ବକ୍ଷାଃ ।
ରାଜୀବ କୋମଳ ଦଳାୟତ ଲୋଚନାନ୍ତଃ
ଖ୍ୟାତଃ କଳିଙ୍ଗ ଜନତାସୁ ପୁଳିନ୍ଦ ସେନଃ ॥

ତେନେତ୍ଥଂ ଗୁଣିନାପି ସତ୍ ମହତାନେ ସ୍ଥାଂ ଭୁବୋ ମଣ୍ଡନଂ
ଶକ୍ତୋ ଯଃ ପରିପାଳୟତ୍ ଜଗତଃ କୋ ନାମ ସମ୍ଭାବିତି ।
ପ୍ରତ୍ୟାଦୀଷ୍ଟ ବିଭୂଷବେନ ଭଗବାନାରାଧିତଃ ଶାଶ୍ୱତ–
ସ୍ତର୍ଗିଗନୁଗୁଣଂ ବିଧିତ୍ସୁରଦିଶଦ୍ ବାଞ୍ଛାଂ ସ୍ୱୟମ୍ଭୋରପି ॥

ସର୍ଣ୍ଣିକା ଶକଳୋଦ୍ଭେଦୀ ତେନାପ୍ୟାଲୋକ୍ୟଧୀମତା
ପରିକଳ୍ପିତ ତଦ୍‌ବଂଶଃ ପ୍ରଭୁ ଶୈଳୋଦ୍ଭବ କୃତଃ ॥*

ଉପରୋକ୍ତ ଶ୍ଳୋକଗୁଡ଼ିକରୁ ସ୍ପଷ୍ଟ ଜଣାଯାଉଛି ଯେ, ମହେନ୍ଦ୍ରାଞ୍ଚଳରେ ଶବର (ପୁଳିନ୍ଦ) ରାଜାଙ୍କର ଇଷ୍ଟ ଦେବତା ଥିଲେ, ଯାହାଙ୍କୁ ଶୈଳୋଦ୍ଭବ ରାଜାମାନଙ୍କ ପ୍ରଶସ୍ତି ଲେଖକ ବ୍ରାହ୍ମଣ ପଣ୍ଡିତମାନେ "ସ୍ୱୟମ୍ଭୂ" (ବ୍ରହ୍ମା ? ବା ଶିବ) ନାମରେ ଅଭିହିତ କରି ଅଛନ୍ତି । ହୁଏତ ଶବରମାନଙ୍କ ଭାଷାରେ ସେହି ଦେବତାଙ୍କର ନାମ ଅନ୍ୟ କିଛି ହୋଇଥିବ । ତେବେ ଉପରେ ଯେଉଁ 'ଶୈଳୋଦ୍ଭବ' ନାମକ ବଂଶକର୍ତ୍ତା ମହେନ୍ଦ୍ର ପର୍ବତ ପରି ଏକ ସମୁଦ୍ର ନିକଟବର୍ତ୍ତୀ ଅତ୍ୟୁଚ୍ଚ ଶୈଳକୁ ଭେଦ କରି ଜାତ ହୋଇଥିଲେ, ସେଥିର ସ୍ଥାନୀୟ ନାମ "ଦାରୁବ୍ରହ୍ମ" ବୋଲି ଅଦ୍ୟାପି କୁହାଯାଉଛି । ଗୋଟିଏ ଅତି ଉନ୍ନତ (ପ୍ରାୟ ୫,୦୦୦ ଫୁଟ) ଗିରି ଶୃଙ୍ଗର ଏକ ଅଂଶ ଦ୍ୱିଖଣ୍ଡିତ ହୋଇ ସେଥିର ପାଦ ପର୍ଯ୍ୟନ୍ତ ଏକ ବିରାଟ ଆକାରରେ ଗହ୍ୱରତୁଲ୍ୟ ରାସ୍ତା ସୃଷ୍ଟି ହୋଇଛି; ତାହା ଦେଖିଲେ ପ୍ରକୃତିର ଏକ ଦୁର୍ଲ୍ଲଭ ଓ ଭୟଙ୍କର ଚିତ୍ର ଚକ୍ଷୁ ସମ୍ମୁଖରେ ଭାସିଯାଏ । ସେହି ଅଂଶଟି ଅଦ୍ୟାପି ମନୁଷ୍ୟର ଅଗମ୍ୟ ହୋଇଥିଲେ ମଧ୍ୟ ତାହା ବିରାଟ ଆକାରର ସର୍ପ ଓ ଭୟଙ୍କର ଦନ୍ତା ହାତୀ ଓ ବ୍ୟାଘ୍ର ମାନଙ୍କ କ୍ରୀଡ଼ାସ୍ଥଳୀରେ ପରିଣତ ହୋଇଅଛି । ନିକଟବର୍ତ୍ତୀ ବାରଘରିଆ ଗ୍ରାମର ଶବରମାନଙ୍କ ମୁଖରୁ ଶୁଣାଯାଏ, ସେଠାରେ ଏକ ଦୀର୍ଘକାୟ ଶ୍ମଶ୍ରୁ ଓ ଜଟାଧାରୀ ଅଦ୍ଭୁତ ବ୍ରହ୍ମ ରାକ୍ଷସ କେବେ କେବେ ଦେଖାଦିଏ । କିନ୍ତୁ ତାଙ୍କୁ ଦେଖି ଆସି ଘରେ ମୃତ୍ୟୁ ବରଣ କରିଥିବା ନରନାରୀଙ୍କ ସଂଖ୍ୟା ୪ । ୫ ହେବ ବୋଲି ମଧ୍ୟ ଶୁଣାଯାଏ । ସେ ଯାହାହେଉ

ସେହି ସ୍ଥାନକୁ କାହିଁକି ଯେ "ଦାରୁବ୍ରହ୍ମ" ଆଖ୍ୟା ଦିଆଗଲା, ଏ ବିଷୟରେ ଅଦ୍ୟାପି କେହି ହେଲେ ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି । ତଥାପି ଆମର ସନ୍ଦେହ ହୁଏ, ସେହି "ସୁଯନ୍ତ୍ର" (ଆଦିବାସୀ ରାଜାଙ୍କ ଇଷ୍ଟଦେବତା) ଖ୍ରୀ: ୫ମ ଶତାବ୍ଦୀ ପୂର୍ବରୁ ମହେନ୍ଦ୍ର ଶିଖରରେ ପ୍ରତିଷ୍ଠା ଲାଭ କରିଥିଲେ, ତାଙ୍କ ସଙ୍ଗେ ପରବର୍ତ୍ତୀ ଯୁଗରେ ନୀଳାଚଳ କ୍ଷେତ୍ରର "ଦାରୁବ୍ରହ୍ମ" (ଜଗନ୍ନାଥ)ଙ୍କ ସଂପର୍କ ନିଶ୍ଚିତ ଭାବରେ ରହିଥିଲା ।

କେବଳ କିମ୍ବଦନ୍ତୀ ବା ଲୋକ ମୁଖରୁ ଶୁଣିବା ପ୍ରବାଦ ଉପରେ ନିର୍ଭର କରି ଐତିହାସିକ ସତ୍ୟ ଆବିଷ୍କାର କରିବା ସମ୍ଭବ ନୁହେଁ । ଏଥିପାଇଁ ପ୍ରାମାଣିକ ଓ ବିଶ୍ୱାସ ଯୋଗ୍ୟ ନିଦର୍ଶନ ମଧ୍ୟ ଆବଶ୍ୟକ । ବର୍ତ୍ତମାନ ପ୍ରଶ୍ନ ହେଉଛି ମହେନ୍ଦ୍ର ଶିଖରରେ ଏପରି କିଛି ପ୍ରମାଣ ରହିଛି କି, ଯାହା ବଳରେ ଆମେ କହିପାରୁ ଯେ, ମହେନ୍ଦ୍ରାଚଳର "ଦାରୁବ୍ରହ୍ମ" ପରି ସେଠାର ଏକ ବିରାଟ ପ୍ରସ୍ତର ନିର୍ମିତ ଜଗନ୍ନାଥଙ୍କ ମୂର୍ତ୍ତିର ଆଦିମ ଆକୃତି ପରିଲକ୍ଷିତ ମନେ ହୁଏ, କେଉଁ ଆଦିମ ଯୁଗରେ ଜଗନ୍ନାଥଙ୍କ ଆକୃତି ବିଶିଷ୍ଟ ପ୍ରସ୍ତର ମୂର୍ତ୍ତିଟି ସେଠାରେ ସ୍ଥାପନ କରି ଆଦିବାସୀ ଶବରମାନେ ତାଙ୍କ ଦେବତା ରୂପେ ପୂଜା କରୁଥିଲେ କିନ୍ତୁ କାଳକ୍ରମେ ଗଙ୍ଗ ଓ ଶୋଳୋଦ୍ଭବ ରାଜ ବଂଶର ରାଜତ୍ୱ କାଳରେ ତାହା କଳିଙ୍ଗର ରାଷ୍ଟ୍ର ଦେବତାରେ





ପରିଣତ ହେଲେ । ସୁତରାଂ ତାହା ଏକ ସୁଦୀର୍ଘକାଳ ପୁଣ୍ୟ ଚରଣ ପୀଠ (ବେଦୀ) ରୂପେ ତାମ୍ର ଶାସନମାନଙ୍କରେ ବର୍ଣ୍ଣିତ ହୋଇଅଛି ।

ଗଙ୍ଗ ରାଜାମାନେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା କରୁଥିବାରୁ, ସେହି ଆଦିବାସୀ ବିଗ୍ରହ ସମୀପରେ ଶୈବ ମନ୍ଦିରମାନ ନିର୍ମାଣ କରାଇ ତାଙ୍କ ଇଷ୍ଟ ଦେବତା ଗୋକର୍ଣ୍ଣେଶ୍ୱରଙ୍କ ଆରାଧନା କରିବାକୁ ଲାଗିଲେ କିନ୍ତୁ ଆଦିବାସୀ ଦେବତାଙ୍କ କେବଳ ତାଙ୍କ ଦ୍ୱାରା ଅସ୍ୱୀକୃତ ହୋଇ ନାହିଁ । ବିଭିନ୍ନ ସଂପ୍ରଦାୟ ମଧ୍ୟରେ ତାଙ୍କର ପ୍ରତିଷ୍ଠା ସମାନ ଭାବରେ ସୁରକ୍ଷିତ ହୋଇ ରହିଲା ।

ବର୍ତ୍ତମାନ ପ୍ରଶ୍ନ ହେଉଛି, ଆଦିବାସୀମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପୂଜା କରିବା ନିଦର୍ଶନ କେଉଁଠାରେ ରହିଛି, ଏ ସମ୍ବନ୍ଧରେ ଏ ଲେଖକ ମହେନ୍ଦ୍ର ନିକଟବର୍ତ୍ତୀ କେତେକ ଆଦିବାସୀ ଅଞ୍ଚଳରେ ପୂଜିତ ହେଉଥିବା ଶ୍ରୀ ଜଗନ୍ନାଥ, ବଳଦେବ ଓ ସୁଭଦ୍ରାଙ୍କ ବିଗ୍ରହ ସାଧାରଣ ଗୃହ (ମନ୍ଦିର ନୁହେଁ) ମାନଙ୍କରେ ସ୍ଥାପନ କରାଇ ସେଠା ବିଶୋୟୀମାନେ କିପରି ଦେବତାଙ୍କ ରଥଯାତ୍ରା ଓ ପୂଜା ବ୍ୟବସ୍ଥା କରୁଥିଲେ ତାର ଉଦାହରଣ ଦେଇପାରେ । ସେପରି ମନ୍ଦିରଗୁଡ଼ିକ ମହେନ୍ଦ୍ରଗିରି ନିକଟବର୍ତ୍ତୀ ବିରାଗ, ଦେଉଳ, ନରଣପୁର, ଜନ୍ମେଶ୍ୱରପୁର, ନାରାୟଣପୁର, ଗୁମ୍ମା, ଶାମଗିରି ପ୍ରଭୃତି ଆଦିବାସୀ ପ୍ରଧାନ ସ୍ଥାନଗୁଡ଼ିକରେ ନିର୍ମିତ ହୋଇଅଛି । କାଳର ପ୍ରଭାବରୁ କିଛି ଏହି ସାମାଜିକ ସଂସ୍କୃତିର ପରିବର୍ତ୍ତନ ମଧ୍ୟ ହୁଏ । ଏହି ନୀତି ଅନୁସାରେ ସେହି ମନ୍ଦିରଗୁଡ଼ିକରେ ବ୍ରାହ୍ମଣ ସେବକମାନଙ୍କୁ ଏବେ ନିଯୁକ୍ତ

କରାଯାଇଅଛି, ଯାହାଫଳରେ ଉତ୍କଳୀୟ ସଂସ୍କୃତି ସେହି ସେହି ଅଞ୍ଚଳର ଆଦିମ ଅଧିବାସୀମାନଙ୍କୁ ପ୍ରଭାବିତ କରି ରଖିଛି । ଭାଷା, ଜାତି, ସଂପ୍ରଦାୟ ନିର୍ବିଶେଷରେ ସମସ୍ତେ ସେହି ବିଗ୍ରହମାନଙ୍କ ପର୍ବ-ପର୍ବାଣିରେ ସହଯୋଗ କରନ୍ତି ।

ଓଡ଼ିଶାର ପ୍ରତି ଗ୍ରାମାଞ୍ଚଳରେ ଗ୍ରାମଦେବୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଏ । କାରଣ ସାଧାରଣ ଲୋକଙ୍କ ବିଶ୍ୱାସ ଯେ ଗ୍ରାମକୁ ସେହି ଦେବୀ ସୁରକ୍ଷିତ କରି ରଖନ୍ତି । ଏହି ବିଶ୍ୱାସ ଆଦିବାସୀମାନଙ୍କ ମଧ୍ୟରେ କେଉଁ ଆଦିମ ଯୁଗରୁ ପ୍ରଚଳିତ ଥିଲା । ସୁତରାଂ ତାଙ୍କର ସେହି ବିଶ୍ୱାସ ସଙ୍ଗେ କାଳକ୍ରମେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀଙ୍କର ବିଶ୍ୱାସ ମଧ୍ୟ ଓତଃପ୍ରୋତ ଭାବେ ଜଡ଼ିତ ହେଲା । ମହେନ୍ଦ୍ର ଶିଖରର ରାଷ୍ଟ୍ର ଦେବତା, ଯେକି ଅଚଳ ଭାବେ ଆଦିବାସୀଙ୍କ ପରିକଳ୍ପିତ ମୂର୍ତ୍ତି ଆକାରରେ ଏକ ବିରାଟ ପ୍ରସ୍ତରରେ ଗଠିତ ହୋଇ ମହେନ୍ଦ୍ରଗିରି ଶୃଙ୍ଗରେ ସ୍ଥାପିତ ହୋଇଥିଲେ, ଠିକ୍ ସେହି ଆକୃତି ବିଶିଷ୍ଟ ମୂର୍ତ୍ତି ଦାରୁ (କାଷ୍ଠ) ମାଧ୍ୟମରେ ସମତଳ ଅଞ୍ଚଳରେ ଗଠିତ ହେଲା । ପବିତ୍ର ପୀଠ ମହେନ୍ଦ୍ରରୁ ବିଶାଳ ପ୍ରସ୍ତର ଓ ଦାରୁଖଣ୍ଡମାନ ଯେଉଁ ପଥ ଦେଇ ତଳକୁ ଗଡ଼ାଇ ଦିଆଯାଇଥିଲା, ସମ୍ଭବତଃ ତାହାହିଁ ଆଜି "ଦାରୁବ୍ରହ୍ମ" ନାମରେ ପରିଚିତ ହେଉଛି ।


କଳିଙ୍ଗକୁ ଦୁଇ ଅଂଶରେ ବିଭକ୍ତ କରି ଦକ୍ଷିଣ ଭାଗଟି କଳିଙ୍ଗ-ଗଙ୍ଗମାନଙ୍କ ଅଧିକାର ଭୁକ୍ତ ହେଲା, କିନ୍ତୁ ଉତ୍ତର ଭାଗର ନାମ ହେଲା "ଶ୍ୱେତକ" । ସେହି ଭାଗରେ ମଧ୍ୟ ଗଙ୍ଗା ବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଉଭୟ ରାଜ୍ୟର କେନ୍ଦ୍ରରେ ଥିଲା, ମହେନ୍ଦ୍ରାଚଳ । ଉଭୟ ରାଜବଂଶର ଇଷ୍ଟ ଦେବତା ଗୋକର୍ଣ୍ଣେଶ୍ୱର ସେଥିର ଶିଖର ଦେଶରେ ପ୍ରତିଷ୍ଠିତ ହୋଇଥିବାରୁ ଗିରିଶୃଙ୍ଗ ଆରୋହଣ ସକାଶେ ଉଭୟ ଦିଗରୁ ଦୁଇଟି ଚଲାରାସ୍ତା ଏପର୍ଯ୍ୟନ୍ତ ରହିଛି । ପ୍ରଥମ ରାସ୍ତାର ପାଦ ଦେଶରେ ବୁରୁଖାତ ନାମକ ଆଦିବାସୀ ଗ୍ରାମ ଅବସ୍ଥିତ । ସେଥିର ପ୍ରାଚୀନ ନାମ ଥିଲା 'ବୁରୁକୁନା' । ଏ ନାମଟି ଏକମାତ୍ର ଶାସନରେ ଉଲ୍ଲେଖ ଅଛି । * ଦ୍ୱିତୀୟ ରାସ୍ତାର ପାଦ ଦେଶରେ ଯେଉଁ ଗ୍ରାମଟି ଅଛି, ସେଥିର ନାମ 'ରାଜବସା' । ସେଠାରୁ ଅଳ୍ପ ଦୂରରେ 'ତୃଷା' ନାମକ ମାଳଭୂମି ଓ ସେହି ନାମର ଏକ ଶବର ପଲ୍ଲୀ ବିଦ୍ୟମାନ । ଉତ୍ତର ଓ ଦକ୍ଷିଣରେ ଯେଉଁ ଗଙ୍ଗ ରାଜାମାନେ ଥିଲେ ସମସ୍ତଙ୍କର ଇଷ୍ଟ ଦେବତା ରୂପେ ମହେନ୍ଦ୍ର ଶିଖରସ୍ଥ ଗୋକର୍ଣ୍ଣେଶ୍ୱର ଗୃହୀତ ହୋଇଥିଲେ । ତେଣୁ ସେମାନଙ୍କ ପ୍ରଦତ୍ତ ତାମ୍ର ଶାସନ-ଗୁଡ଼ିକରେ ପ୍ରଥମେ ଗୋକର୍ଣ୍ଣେଶ୍ୱରଙ୍କ ବନ୍ଦନା ଉଲ୍ଲେଖ ହୋଇଥିଲା ।

"ମହେନ୍ଦ୍ରାଚଳା ମଳ କନକ ଶିଖର ପ୍ରତିଷ୍ଠିତସ୍ୟ
ସଚରାଚର ଗୁରୋ ସକଳ ଶଶାଙ୍କ ଚୂଡ଼ାମଣେ ର୍ଭିତ୍ୟାପନ୍ତି
ପ୍ରଳୟକାରଣହେତୋ ଭଗବତ୍ ଗୋକର୍ଣ୍ଣ-
ସ୍ୱାମିନଶ୍ଚରଣାରାଧନ ବ୍ୟାପ୍ତ ପୁଣ୍ୟ ନିଚୟଃ...."

ମହେନ୍ଦ୍ର ଶିଖର ଏକ ପୁଣ୍ୟକ୍ଷେତ୍ର ରୂପେ ଗଙ୍ଗବଂଶୀ ରାଜାମାନେ କଳିଙ୍ଗ-ନଗରରୁ ଏବଂ ଶ୍ୱେତକରୁ ଘୋଷଣା କରୁଥିଲେ । ପୌରାଣିକ ଆଖ୍ୟାନଗୁଡ଼ିକରେ ମଧ୍ୟ ତାହା ପରଶୁରାମଙ୍କ ଆଶ୍ରମ ରୂପେ ବର୍ଣ୍ଣିତ ହୋଇଅଛି । ତେଣୁ ସେଠାକୁ ବହୁସଂଖ୍ୟ ଯାତ୍ରୀଙ୍କ ସମାଗମ ହୁଏ । ମହାଶିବ ରାତ୍ରୀ ଉତ୍ସବଟି ସେଠାରେ ଅଦ୍ୟାପି ଆଡ଼ମ୍ବର ସହକାରେ ପାଳିତ ହେଉଅଛି ।

ଗତ ଦୁଇବର୍ଷ ଆଗେ ଏ ଲେଖକ ସେଠାକୁ ଶିବରାତ୍ରି ଉତ୍ସବ ଶେଷରେ ଦିନେ ଯିବାକୁ ସୁଯୋଗ ପାଇଥିଲା । ସେତେବେଳେ ଆମେରିକାସ୍ଥ କେଲିଫୋର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପିକା ପାରଳାଖେମୁଣ୍ଡିକୁ ଆସି ମହେନ୍ଦ୍ରାଚଳ ଆରୋହଣ କରିବାକୁ ଏବଂ ସେମାନଙ୍କ ସଙ୍ଗେ ଯିବାକୁ ମୋତେ ଅନୁରୋଧ କଲେ । ପାରଳାଖେମୁଣ୍ଡିରୁ ପ୍ରାୟ ୨୫ ମାଇଲ ଦୂରରେ ଥିବା କିରାଙ୍ଗ ଓ ବୁରୁଖାତ ପର୍ଯ୍ୟନ୍ତ ଜିପ୍‌ରେ ଯାଇ ସେଠାରୁ ପାଞ୍ଚ ହଜାର ଫୁଟ ଉଚ୍ଚ ଏବଂ ପାଞ୍ଚ କିଲୋ-ମିଟର ଜଙ୍ଗଲ ରାସ୍ତା ଦେଇ ମହେନ୍ଦ୍ର ଶିଖରକୁ ଯିବା ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର । ତେବେ ବହୁଦିନରୁ ମୋ ମନରେ ପ୍ରବଳ ଅଭିଳାଷ ଥିଲା ଗୋକର୍ଣ୍ଣ-କ୍ଷେତ୍ରର ଐତିହାସିକ ସ୍ଥାପତ୍ୟଗୁଡ଼ିକ ପରୀକ୍ଷା କରିବାକୁ । ତେଣୁ ସେହି ବିଦେଶିନୀ ଅଧ୍ୟାପିକାଙ୍କ ଅନୁରୋଧ ଏଡ଼ାଇ ନଦେଇ ତାଙ୍କ ସଙ୍ଗେ ଯିବାକୁ ବାହାରିଲି । ପର୍ବତର ପାଦ ପର୍ଯ୍ୟନ୍ତ ଅର୍ଥାତ୍, ବୁରୁଖାତ ଆଦିବାସୀ ପଲ୍ଲୀ ପର୍ଯ୍ୟନ୍ତ ଯିବା ପାଇଁ ପାରଳା-ଖେମୁଣ୍ଡିରୁ ପ୍ରଭାତ ୬ ଘଣ୍ଟା ବେଳେ ଦୁଇଟି ଜିପ୍ ଯୋଗାଡ଼ କରି ଆମେ କେତେଜଣ ମହେନ୍ଦ୍ର ଯାତ୍ରା କଲୁ । ଆମ ସଙ୍ଗେ ମୋ ପରିବାରର ପିଲାଏ ମଧ୍ୟ ଗଲେ । ସକାଳ ପ୍ରାୟ ୮ଟାରେ ବୁରୁଖାତଠାରୁ ଆମର ପର୍ବତ ଆରୋହଣ ପ୍ରାରମ୍ଭ ହେଲା । ଜଙ୍ଗଲ ପଥରେ ପାଞ୍ଚ ହଜାର ଫୁଟ ଉପରକୁ ଉଠିବା ପାଇଁ ମନୋବଳହିଁ ମୋତେ ଠେଲି ନେଲା, ଯାହାଫଳରେ ମୋର ସମସ୍ତ ପଥ ଶ୍ରମ ଆଦୌ ଜଣା ଗଲା ନାହିଁ ।

ନିର୍ମଳ ପ୍ରଭାତରେ ମହେନ୍ଦ୍ର ଶିଖର ଦେଶରେ ଆମେ ପହଞ୍ଚିଗଲୁ । ସେଠାରେ ଏକ ସୁବିସ୍ତୀର୍ଣ୍ଣ ସମତଳ ଭୂମି ରହିପାରେ, ଏହା ମୁଁ ପ୍ରଥମେ ଚିନ୍ତା କରି ନଥିଲି । ଏହି ସୌମ୍ୟ ନିଶ୍ଚଳତା ଯେପରି ସେଠାରେ ଆଧିପତ୍ୟ ବିସ୍ତାର କରିଛି । ଶୀତଳବାତ ପ୍ରବାହରେ ମେଘଖଣ୍ଡମାନ ଭାସି ଆସି ଆମ ଦେହକୁ ସ୍ପର୍ଶ କରି ପାରୁଛନ୍ତି । ଏକପାଖେ ସୁଦୂର ବନାନୀର ଅପୂର୍ବ ଶୋଭା ଏଣିପାଖେ ବିକ୍ଷିପ୍ତ, ଅନ୍ୟପାଖେ ନୀଳ ଶୈଳ ଆକାଶ ସଙ୍ଗେ ନୀଳିମ ସମୁଦ୍ରର ମିଳନ ଚତୁର୍ଦିଗକୁ ଯେପରି ତାହା ମଙ୍ଗଳ ସୂତ୍ରପରି [illegible] ରହିଛି





ଅପର ସେହି ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହେବାକୁ ଅମର ବେଳ କାହିଁ ? ବିଦେଶିନୀ ଅଧ୍ୟାପିକାଙ୍କ ଆହ୍ୱାନ ମୋର ମୋହ ଭାଙ୍ଗି ଦେଲା । ଯୁଧିଷ୍ଠିର ମନ୍ଦିରର ଏକ ଶିଳାଲେଖ ଦେଖିବାକୁ ସେ ମୋତେ ଡାକି ନେଲେ । ମନ୍ଦିର ପ୍ରବେଶ ଦ୍ୱାର ବଗଲେ ସେହି ତିନୋଟି ଶିଳାଲେଖ ରହିଛି, ତାହା ମୁଁ ଆଗରୁ ଛପା ନକଲ ହସ୍ତଗ୍ରନ୍ଥରେ ପାଠ କରିଥିଲି ଏବଂ ମୋ ଆଗରୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଧ୍ୟ ତାହା ପଠିତ ହୋଇଥିଲା । ଗୋଟିଏ ଶିଳାଲେଖରେ ଚୋଳ ବଂଶୀୟ ମହାରାଜା ରାଜେନ୍ଦ୍ର ଚୋଳଙ୍କ କୀର୍ତ୍ତି ବର୍ଣ୍ଣିତ ହୋଇଛି ଏବଂ ଅନ୍ୟ ଦୁଇଟିରୁ ଗୋଟିଏ ମହାରାଜ ରାଜରାଜଙ୍କ ଅଖଣ୍ଡବର୍ତ୍ତି ଦୀପ ଦାନ, ଯାହାକି ସେ ୧୦୪୫ ଶକାବ୍ଦୀ (ଖ୍ରୀ. ୧୧୩[illegible])ରେ ଦାନ କରିଥିଲେ । ଦ୍ୱିତୀୟ ଶିଳାଲେଖଟି 'ମହେନ୍ଦ୍ରେଶ୍ୱରଙ୍କ' ଉଦ୍ଦେଶ୍ୟରେ [illegible] ନାମକ ଜଣେ ବ୍ରାହ୍ମଣ ଅଖଣ୍ଡଦୀପ ଦାନ କରିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି, ତାହା ୧୦୪୫ (ଖ୍ରୀ. ୧୧୨୩)ରେ ଖୋଦିତ ହୋଇଥିଲା ।

ଯୁଧିଷ୍ଠିର ମନ୍ଦିରଠାରୁ ଅଳ୍ପ ଦୂରରେ ଦୁର୍ଗା ମନ୍ଦିର ଅବସ୍ଥିତ । ସେଠାରେ ଏକ ବିଶାଳ ଶିଳାରେ ଅଦ୍ଭୁତଭାବେ ହସ୍ତହୀନ ଜଗନ୍ନାଥ ପ୍ରତୀକ ମୂର୍ତ୍ତି ଥିବା ଦେଖାଯାଏ । ସେହି ପ୍ରସ୍ତର ପ୍ରତିମାର ଉଭୟ ପାର୍ଶ୍ୱରେ ଏକା ଆକୃତିର ମୁଖ ଥିବା ମଧ୍ୟ ଏକ ଅଦ୍ଭୁତ ବିଗ୍ରହ ବୋଲି ଜଣା ଯାଉଛି । ଏପରି ବିଗ୍ରହ ଏପର୍ଯ୍ୟନ୍ତ ପ୍ରତ୍ନତତ୍ତ୍ୱ ଗବେଷଣାଗାର ପରିସରଭୁକ୍ତ ହୋଇ ନାହିଁ । ତେଣୁ ଅଧ୍ୟାପିକା ଡ଼ା. ଜୋନ୍ନା ଉଇଲିୟମ୍ ( Dr. Jonna William )ଙ୍କୁ ଅନୁରୋଧ କରି ସେଥିର ଏକ ଫୋଟଚିତ୍ର ମୁଁ ସଂଗ୍ରହ କରି । *

ଦୁଇଟି ଦେଉଳ ଓ ଯୁଧିଷ୍ଠିର ଦେଉଳର କାରୁକାର୍ଯ୍ୟ ଓଡ଼ିଶାର ରେଖ ଦେଉଳ ପ୍ରତୀକ । ସେଥିର ନିର୍ମାଣ ସମୟ ବୋଧହୁଏ ଖ୍ରୀ: ୭ମ ଶତାବ୍ଦୀ କିମ୍ବା ସେଥିର ଆଖପାଖ ବୋଲି ମନେ ହୁଏ । ଦୁଇଟି ଦେଉଳର ପାର୍ଶ୍ୱ ଦେବତାଗୁଡ଼ିକ ଯଥା ନିୟମରେ ବାହାର ଭିତ୍ତି ଗାତ୍ରରେ ସ୍ଥାପିତ ହୋଇ ଅଛନ୍ତି । ସେ ଯୁଗରେ କଳିଙ୍ଗର ଶିଳ୍ପୀମାନଙ୍କ ମୂର୍ତ୍ତି ଗଠନ କୌଶଳ ସମ୍ବନ୍ଧରେ ଅଧିକ ଗବେଷଣା ଆବଶ୍ୟକ । ତେବେ ଗଣେଶ ଓ କାର୍ତ୍ତିକେୟ ମୂର୍ତ୍ତି ଓଡ଼ିଶା ଶିଳ୍ପର ବୈଶିଷ୍ଟ୍ୟ ଗ୍ରହଣ କରିଥିବା ସ୍ପଷ୍ଟ ଜଣାଯାଏ । ** ଏହି ଦେଉଳର ପଶ୍ଚିମ ପାର୍ଶ୍ୱରେ ଗୋଟିଏ କୂପ ଅଛି । ସେଥିରେ ଏକ ପାର୍ବତୀୟ ଝରଣା ଦିନରେ ପାଣି ଯୋଗାଉଥିବା ଫଳରେ କେବେ ତାହା ଶୁଖେ ନାହିଁ ବରଂ ଯାତ୍ରା-ଉତ୍ସବ କାଳରେ ଉପସ୍ଥିତ ହଜାର ହଜାର ଯାତ୍ରୀଙ୍କୁ ଜଳ ଯୋଗାଇ ଦିଏ । ମହେନ୍ଦ୍ରର ପୂର୍ବ ଓ ପଶ୍ଚିମ ଉଭୟ ଦିଗରୁ ଦୁଇଟି ନଦୀ ପ୍ରବାହିତ ହେଉଛି । ତାହା 'ମହେନ୍ଦ୍ରତନୟା' ନାମରେ ପ୍ରସିଦ୍ଧ । ପ୍ରାଚୀନ ପୁରାଣମାନଙ୍କରେ ମଧ୍ୟ ମହେନ୍ଦ୍ରତନୟା ଏକ ପବିତ୍ର ନଦୀ ରୂପେ ବର୍ଣ୍ଣିତ ହୋଇଅଛି ।

ମହେନ୍ଦ୍ରାଚଳର ଉଚ୍ଚତମ ଶିଖରରେ ଭୀମ ଦେଉଳ ଅବସ୍ଥିତ । ସେଥିର ନିର୍ମାଣ କୌଶଳ ଦୁଇଟି ବା ଯୁଧିଷ୍ଠିର ମନ୍ଦିର ପରି ନୁହେଁ । ତାହା ବୃହତ୍ତ୍ୱଗତ ଏକ କୃତ୍ରିମ ଗଠନ ପ୍ରତୀକ । ତେଣୁ ସେ ମନ୍ଦିରଟି ଓଡ଼ିଶାରେ ମନ୍ଦିର ଇତିହାସର ଆଦିମ ଯୁଗକୁ ନିର୍ଦ୍ଦେଶ କରେ । ତାହା ୭ଟି ମାତ୍ର ବୃହତ୍ ମସୃଣ ପ୍ରସ୍ତରରେ ନିର୍ମିତ ଏକ କ୍ଷୁଦ୍ର ଶିବାଳୟ । ସେଥିରେ ଅନ୍ୟ ମନ୍ଦିରଗୁଡ଼ିକ ପରି କାରୁକାର୍ଯ୍ୟ ଆଦୌ ନାହିଁ କହିଲେ ଚଳେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହିଯେ, ଏତେ ଓଜନର ବିଶାଳ ମସୃଣ ପଥର କିପରି ସେହି ଉଚ୍ଚତମ ଶିଖରକୁ ବୋହି ନିଆଗଲା, ଯେତେବେଳେ ସ୍ଥାନୀୟ ଆଦିବାସୀ ଶବରମାନେ ଶିଳ୍ପ ସମ୍ବନ୍ଧରେ ଆଦୌ ଅଭ୍ୟସ୍ତ ହୋଇ ନଥିଲେ । ତେଣୁ ତାହାପର ଶିଳ୍ପୀମାନଙ୍କୁ ନିଯୁକ୍ତ କରି ତତ୍କାଳୀନ ମାଠର ବଂଶୀୟ ରାଜାମାନେ ସେହି ମନ୍ଦିରଟି ଗଢ଼ାଇଥିବା ସମ୍ଭବ । ପରବର୍ତ୍ତୀ ଯୁଗରେ ଗଙ୍ଗବଂଶୀୟ ରାଜାମାନେ ଅନ୍ୟ ଦୁଇଟି ମନ୍ଦିର ଗଢ଼ାଇବାକୁ ଦାକ୍ଷିଣାତ୍ୟର ଶିଳ୍ପୀମାନଙ୍କୁ ସେହି ସ୍ଥାନରେ ଲଗାଇଥିବା ସମ୍ଭବ ।

କୁନ୍ତୀ ଦେଉଳ ସମ୍ମୁଖରେ ଇତସ୍ତତଃ ପଡ଼ିଥିବା ବିଷ୍ଣୁ, ସୂର୍ଯ୍ୟ, ହନୁମାନ ପ୍ରଭୃତି ଦେବଦେବୀଙ୍କ ପ୍ରସ୍ତର ମୂର୍ତ୍ତିମାନ ଦେଖାଯାଏ । ସେଠାରୁ ଅଳ୍ପ ଉଚ୍ଚରେ ଗୋଟିଏ ଗହ୍ୱର ରହିଛି । ଯାହାକୁ "ଅର୍ଜୁନଗୁମ୍ଫା" ବୋଲି ସ୍ଥାନୀୟ ଲୋକେ କହନ୍ତି । ସେହି ଗୁମ୍ଫାର ପ୍ରବେଶ ପଥଟି ସଂକୀର୍ଣ୍ଣ ହୋଇଥିଲେ ମଧ୍ୟ ଭିତରେ ବହୁଲୋକ ଅବସ୍ଥାନ କରି ପାରିବା ଅନୁମିତ ହୁଏ । ସମ୍ଭବତଃ ସେହି ଗୁମ୍ଫାର ଆୟତନ ବହୁ ଦୂରକୁ ବ୍ୟାପୀ ଥିବ, କାରଣ ମହେନ୍ଦ୍ରଗିରି ପୂର୍ବେ କଳିଙ୍ଗର ଏକ ଶ୍ରେଷ୍ଠ ଗିରି ଦୁର୍ଗ ରୂପେ ବ୍ୟବହୃତ ହେଉଥିଲା । ଶତ୍ରୁ ଆକ୍ରମଣ ବେଳେ କଳିଙ୍ଗର ରାଜା ଓ ରାଜପରିବାର ସେଠାରେ ଆଶ୍ରୟ ନେଉଥିଲେ । ତେଣୁ "କଳିଙ୍ଗ ପୁରାଣି" ନାମକ ଏକ ପ୍ରାଚୀନ ତାମିଲ୍ କାବ୍ୟରେ ବର୍ଣ୍ଣିତ ଅଛି ଯେ, କାଞ୍ଚିର ଚୋଳ ସମ୍ରାଟ ରାଜେନ୍ଦ୍ର ଚୋଳଙ୍କ ପ୍ରେରିତ ସୈନ୍ୟମାନେ ଏକଦା ସେହି ଗିରି ଦୁର୍ଗଟି ଆକ୍ରମଣ କରି କଳିଙ୍ଗରେ ତାଙ୍କ ବିଜୟସ୍ତମ୍ଭ ସ୍ଥାପନ କରିଥିଲେ । **ସେହି କାବ୍ୟର ଐତିହାସିକ ସତ୍ୟତା ଯାହା ହେଉନା କାହିଁକି, ମହେନ୍ଦ୍ରଗିରି ଯେ, କଳିଙ୍ଗର ଏକ ବିରାଟ ଗିରି-ଦୁର୍ଗ ହୋଇଥିଲା ଏବଂ ସେଠାରେ କେବଳ ଧର୍ମ ସୁରକ୍ଷା ପାଇଁ ନୁହେଁ, ବରଂ ରାଜ୍ୟରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଥିଲା, ଏଥିରେ ଆଦୌ ସନ୍ଦେହ ନାହିଁ । ତେଣୁ ଆଦିବାସୀମାନଙ୍କ ବିଶ୍ୱାସ ଅନୁସାରେ ଯେଉଁ ରାଷ୍ଟ୍ରଦେବତାଙ୍କୁ ସେଠାରେ ପ୍ରତିଷ୍ଠା କରାଯାଇଥିଲା, ସେ ନିଶ୍ଚିତ ଭାବରେ ସେହି ଗିରି ଚୂଳରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ (ପୁରୁଷୋତ୍ତମ) ଙ୍କ ପ୍ରତୀକ ପ୍ରସ୍ତର ବିଗ୍ରହ । ଉତ୍କଳଦେଶକୁ ଏଠାରୁ ଦାରୁ ଗଢ଼ା ନେଇ ଏପରି ପଦ-ହୀନ ଜଗନ୍ନାଥଙ୍କ ବିଗ୍ରହମାନ ନିର୍ମାଣ କରି ପ୍ରଥମେ ଶବର ପଲ୍ଲୀମାନଙ୍କରେ ତାହା ପ୍ରତିଷ୍ଠା କରାଯାଇଥିଲା । ପରବର୍ତ୍ତୀ ଯୁଗରେ, ଅର୍ଥାତ୍ ଖ୍ରୀ: ୮ମ ଶତାବ୍ଦୀରେ ଯେତେବେଳେ ଉତ୍କଳ ସାମ୍ରାଜ୍ୟରେ ବୌଦ୍ଧ ରାଜାମାନେ ଆଧିପତ୍ୟ ବିସ୍ତାର କଲେ, ସେତେବେଳେ ତାଙ୍କ ଅଧୀନସ୍ଥ ଶ୍ୱେତକର ଗଙ୍ଗବଂଶୀୟ ମହାରାଜା ଇନ୍ଦ୍ରବର୍ମା * ନୀଳାଚଳ କ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ଦାରୁ ବିଗ୍ରହ ସ୍ଥାପନ କରିଥିବା ଆମର ବିଶ୍ୱାସ ହୁଏ । * ମହାରାଜା ଇନ୍ଦ୍ରବର୍ମାଙ୍କୁ ସମ୍ଭବତଃ ମାଳବର ରାଜା 'ଇନ୍ଦ୍ରଦ୍ୟୁମ୍ନ'** ନାମରେ ପରବର୍ତ୍ତୀ କାଳରେ "ମାଦଳା ପାଞ୍ଜି" ରେ ଉଲ୍ଲେଖ କରାଯାଇ ଥିବା ସମ୍ଭବ । ଏ ସମ୍ବନ୍ଧେ ଭବିଷ୍ୟତରେ ଅଧିକ ଆଲୋଚନା ସ୍ପୃହଣୀୟ ।

---

* Journal of Andhra Historical Research Society.
Vol, Vol I, P-113,
Ind. Ant, Vol. XVIII, P-105,
Ins. Of. Vol. III Pt. I, Nos. 55 ଓ 70

* ଡି. ସି. ସାତପତିଙ୍କ କେଁଣ୍ଡିତାମ୍ର ଶାସନର ଏହି ପାଠ ହିଁ ଶୁଦ୍ଧ ବୋଲି ଗୃହୀତ ହୋଇପାରେ କାରଣ ଡ. ଫିଟଙ୍କ ଉଦ୍ଧାରପାଠର ତାମ୍ର ଶାସନର ଏ ଅଂଶଟି ଠିକ ଭାବେ ପଠିତ ହୋଇ ପାରି ନାହିଁ ।

* ପାରିକୁଦର ସାନ୍ତ ମଧ୍ୟମ ରାଜାଙ୍କ ତାମ୍ରଶାସନ Ep. Ind. Vol. XI, PP. 281-287.

* ଅଭିଲେଖମାନଙ୍କରେ 'ପର୍ବତ' ଅର୍ଥରେ 'ଶିଳା' ଶବ୍ଦ ବ୍ୟବହୃତ ହେଉଥିଲା

* Journal of Kalinga Historical Research Society, Vol. II, Pt. I, PP. 59-65. Inscriptions of Orissa, Vol. I, Pt. II. PP. 191-198.

* ଏଥିସଙ୍ଗେ 'ଦାରୁବ୍ରହ୍ମ'ର ଚିତ୍ର ପ୍ରଦର୍ଶିତ ହେଲା ।

* EP. Ind., Vol. XXIII, PP. 73—78


* Inscriptions of Orissa, Vol. III Pt. I, Nos. 26,81 and 143.

* ଏହି ପ୍ରବନ୍ଧରେ ତାହା ପ୍ରଦର୍ଶିତ ହୋଇଅଛି ।

* ଗଣେଶ ଓ କାର୍ତ୍ତିକଙ୍କ ଛବି ଏଥି ସଙ୍ଗେ ପ୍ରଦର୍ଶିତ ହେଲା ।

* ( Inscription of Orissa, Vol. II ) ଦ୍ରଷ୍ଟବ୍ୟ ।

*ଯେଉଁ ଶ୍ୱେତକ ଗଙ୍ଗ ରାଜବଂଶର ନାମକୁ ଅଦ୍ୟାପି ପୁରୀର ପବିତ୍ର "ଶ୍ୱେତଗଙ୍ଗା" ସ୍ମରଣ କରାଇ ଦେଉଛି, ସେହିବଂଶରେ ହିଁ ମହାରାଜା ଇନ୍ଦ୍ରବର୍ମା ଜନ୍ମ ଗ୍ରହଣ କରିଥିଲେ ।





# ଜଗନ୍ନାଥଙ୍କ ରାଜ୍ୟରେ ଅପାଳକ

**ଶ୍ରୀ ଗଣେଶ ପ୍ରସାଦ ପରିଡା**

**ମ**ଣିମା ! ଗତବର୍ଷ ଠିକ୍ ସମୟରେ ବର୍ଷା ହୋଇଥିଲେ ମଧ୍ୟ ଭାଦ୍ରବମାସରୁ ଆଉ ମୋଟେ ବର୍ଷା ହେଲାନାହିଁ । ଏ ବର୍ଷ ଶ୍ରାବଣ ସରିଗଲା । ଭାଦ୍ରବ ଆରମ୍ଭ ହୋଇ ଗଲାଣି । କିନ୍ତୁ ବର୍ଷା ନାହିଁ । ବର୍ଷା ନ ହେଲେ ବିଲରେ ଫସଲ ହେବ କିପରି; ଲୋକେ ବଞ୍ଚିବେ କିପରି ? ଗତ ବର୍ଷ ଭାଦ୍ରବଠାରୁ ବର୍ଷା ନହେବା ଦେଖି କେତେକ ନଦୀ ନାଳ ବନ୍ଧାଇ କେନାଲ କରିଥିଲେ । ସେଥିରୁ ପାଣି ଉଠାଇ ଯାଇଡାଇ ଭାବେ ଫସଲ କରିଥିଲେ । ମାତ୍ର ଏବର୍ଷ ବିଲରୁ ଲଙ୍ଗଳ ଯାଉନାହିଁ । ଗ୍ରାମର ଲୋକମାନେ ହାହାକାର କରୁଛନ୍ତି । ତେଣୁ ଏବର୍ଷ ପ୍ରଜାଙ୍କଠାରୁ କୌଣସି କର ଆଦାୟ କରିବା ସମ୍ଭବ ନୁହେଁ । ବରଂ ଲୋକଙ୍କ ହିତାର୍ଥେ ରାଜକୋଷରେ ଗଚ୍ଛିତ ଥିବା ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ । ତାହା ନ ହେଲେ ଲୋକମାନେ ଠୋ ଠୋ ହୋଇ ମରିଯିବେ ।


ମେଘ କଣ ସମଗ୍ରରାଜ୍ୟରେ ଅପାଳକ କରିଛି ନା କେତେକାଞ୍ଚଳରେ ଏହିପରି ହୋଇଛି ? ଯଦି ସମଗ୍ର ଅଞ୍ଚଳରେ ହୋଇଥାଏ ତେବେ ଏତେ ଲୋକଙ୍କୁ ବଞ୍ଚାଇବା ତ କଷ୍ଟକର ହୋଇଯିବ । ତାହାହେଲେ ଲୋକମାନେ ବ୍ୟବସାୟ ବାଣିଜ୍ୟରେ ଲାଗି ପଡ଼ିଲେ ଭଲ ହୁଅନ୍ତା । ସେଥିପାଇଁ ରାଜକୋଷରୁ କିଛି କିଛି ଧାର କରଜ ଦେଲେ ଅସୁବିଧା ହୁଅନ୍ତା ନାହିଁ ।


ମଣିମା ! ସମଗ୍ର ଭାରତର ଅବସ୍ଥା ପ୍ରାୟ ଏହିଭଳି । ପୂର୍ବେ ଓଡ଼ିଆ ସାଧବମାନେ ବୋଇତ ଧରି ଦେଶ ବିଦେଶ ବାଣିଜ୍ୟ ବ୍ୟବସାୟ କରିବାକୁ ଯାଉଥିଲେ । ବିଭିନ୍ନ ଦେଶରେ ବ୍ୟବସାୟ କରିବାକୁ ଯାଇ ବହୁ ଓଡ଼ିଆ ଭିନ୍ନ ଭିନ୍ନ ଦେଶରେ ବିବାହ କରି ରହିଯାଇଛନ୍ତି । ମାତ୍ର ଧୀରେ ଧୀରେ ନଦୀର ମୁହାଣ ସବୁ ପୋତି ହୋଇ ପଡ଼ିବାଦ୍ୱାରା ସାଧବମାନେ ବୋଇତ ନେଇ ଯାଇ ପାରିଲେ ନାହିଁ । କାଳକ୍ରମେ ସେମାନେ ମଧ୍ୟ ଭୁଲିଗଲେ ଦେଶବିଦେଶ ଯିବାକୁ । ଦେଶ ବିଦେଶ ନଯାଇ ନିଜ ଦେଶରେ ବେପାର ସେମାନେ କରୁଥିଲେ । ବର୍ତ୍ତମାନ ଯେଉଁ ପାଳକ ହୋଇଛି ସେଥିରେ ଏଦେଶର ହାଟ ବଜାରରେ ବେପାର କରିବା ସମ୍ଭବ ନୁହେଁ । ଯେତେବେଳେ ଦେଶରେ ଫସଲ ନାହିଁ, ସେତେବେଳେ ଲୋକଙ୍କ ଆର୍ଥିକାବସ୍ଥା ଖରାପ ହୋଇଯାଇଛି । ହାଟବଜାରକୁ ବେଶୀ ଲୋକ ଯାଉନାହାନ୍ତି । ଏଥିରେ କିଏ କି ବେପାର କରିବ । ଏହିଭଳି ଅବସ୍ଥାରେ ଛୋଟ ଛୋଟ ବେପାରୀ ଘରେ ବସିଗଲେଣି । ସେମାନଙ୍କ ପାଖରେ ଯାହା ପଇସାଥିଲା ତାହା ସରିଗଲାଣି । ରାଜକୋଷରୁ ଆଉ ଧାର ସୂତ୍ରେ ବା ଋଣ ସୂତ୍ରେ ଧନ ଦେଇପାରୁ । କିନ୍ତୁ ମୋର ମନେ ହେଉଛି ଆମେ ଯାହାଦେବୁ ତାକୁ ସେମାନେ ଖାଇଦେବେ ।

ତୁମେ କ'ଣ କହୁଛ ମହାମନ୍ତ୍ରୀ ସମଗ୍ର ଓଡ଼ିଶାରେ ଏହିଦଶା ! ଗଙ୍ଗାଠାରୁ ଦକ୍ଷିଣସାଗର ପର୍ଯ୍ୟନ୍ତ ଯଦି ଏହିଭଳି ଅବସ୍ଥା ହୋଇଥା ତେବେ ଲୋକଙ୍କୁ ସମ୍ଭାଳି ହେବ ନାହିଁ । ଦକ୍ଷିଣରେ ପୁଣି ପାଣିର ଅଭା ଏତେ ବେଶୀ ନାହିଁ ମହାନଦୀରୁ ପାଣି ମୁହାଁ ଯୋଗାଇବା ଜଷ୍ଟିପି ହେବ ଏ ପରିସ୍ଥିତିରେ ନଦୀମାନଙ୍କୁ ବନ୍ଧାଇ ଦେଲେ ହୁଅନ୍ତା । କିନ୍ତୁ ଦ ଅଞ୍ଚଳରେ ନଦୀ ତ ନାହିଁ । ଯଦି ଆଉ ମେଘ ନହୁଏ ତେବେ ଲୋକ ବଞ୍ଚାଇବା କଷ୍ଟକର ହୋଇପଡ଼ିବ ।

ଗତ ଭାଦ୍ରବମାସଠାରୁ ବର୍ଷା ନ ହେବା ହେତୁ ନଦୀରେ ମଧ୍ୟ ପାଣି ନାହିଁ ମଣିମା ! ଏହି ଆପଣଙ୍କ ଆଖି ଆଗରେ ମହାନଦୀ । ତାକୁ ଦେଖିଲେ କ'ଣ ଜାଣି ପାରୁ ନାହାନ୍ତି ନଦୀମାନଙ୍କର ଅବସ୍ଥା କ'ଣ ହୋଇଥିବ ? ପୂର୍ବଭଳି ସାଧବମାନେ ବେପାର ବାଣିଜ୍ୟ କରିବାକୁ ଯଦି ବିଦେଶ ଯାଉଥାନ୍ତେ ତେବେ କେତେକ ସାଧବ ଏ ଦେଶ ଛାଡ଼ି ପିଲାପିଲିଙ୍କୁ ଧରି ଅନ୍ୟତ୍ର ପଳାଇଯିବାର ବ୍ୟବସ୍ଥା କରି ସାରନ୍ତେଣି । ଯଦି ଏହି ଆଠଦିନ ମଧ୍ୟରେ ବର୍ଷା ନହୁଏ ତେବେ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ହାହାକାର କରିଉଠିବ । ଭୋକରେ ସେମାନେ ଅଖାଦ୍ୟ ଖାଇ ଜାତିପତି ହରାଇବେ ।

ମହାମନ୍ତ୍ରୀ ! ଇନ୍ଦ୍ର ଏଭଳି ଅପାଳକ କରିବାର କାରଣ କଣ ? ଏ ଦେଶର ରାଜା ମୁଁ ନୁହେଁ । ମହାପ୍ରଭୁ ଜଗନ୍ନାଥ ରତ୍ନସିଂହାସନ ଉପରେ ବାହୁ ମେଲାଇ ବସି ଥାଇଁ ଆଉ ଇନ୍ଦ୍ର ଏଭଳି ଅପାଳକ କରିବା କଣ





ଦୁଃସାହସର କଥା ନୁହେଁ । ମୁଁ ଭାବୁଛି ଆମର ଏକମାତ୍ର ଉପାୟ ମହାପ୍ରଭୁଙ୍କୁ ସମସ୍ତ କଥା ଜଣାଇ ଦେବା ଉଚିତ । ଆମ ଆଡୁ ବିଶେଷତଃ ଜଗନ୍ନାଥଙ୍କ ତରଫରୁ ଇନ୍ଦ୍ରଙ୍କୁ ଚିଟାଉ ଦେବା ଦରକାର । ସେ ଯଦି ନ ଶୁଣନ୍ତି ତେବେ ମହାପ୍ରଭୁଙ୍କୁ ବିଧିବଦ୍ଧ ଭାବରେ ଜଣାଇ ଦେବାକୁ ପଡ଼ିବ, ଇନ୍ଦ୍ର ତାଙ୍କ ଆଦେଶକୁ ଅବମାନନା କରୁଛନ୍ତି । ତେଣୁ ଏ ଇନ୍ଦ୍ରଙ୍କୁ ଇନ୍ଦ୍ର ପଦରୁ ଅନ୍ତର କରି ଆଉଜଣେ ଇନ୍ଦ୍ର କରିବା ଆବଶ୍ୟକ । ଇନ୍ଦ୍ର ଯଦି ବର୍ତ୍ତମାନ ବି ମେଘମାନଙ୍କୁ ଜଳବର୍ଷା କରିବାକୁ ଆଦେଶ ଦିଅନ୍ତି ତେବେ ଅନେକ ପରିମାଣରେ ଲୋକେ ଆଶ୍ୱସ୍ତ ହେବେ ।

ରାଜସଭାରେ ବହୁ ବିଦ୍ୱାନ, ରାଜନ୍ୟ ମଣ୍ଡଳୀ, ରାଜକର୍ମଚାରୀ ଉପସ୍ଥିତ ହୋଇଥାନ୍ତି । ସେମାନେ ଓଡ଼ିଶାର ଗଜପତି ମହାରାଜାଙ୍କ କଥା ଶୁଣି ବିସ୍ମିତ ହୋଇଗଲେ । ଇନ୍ଦ୍ରଙ୍କୁ ମେଘ ବର୍ଷିବା ପାଇଁ ଚିଟାଉ ଦିଆଯିବ ଓ ସେ ମେଘ ବର୍ଷିବେ, ଏହା କଣ ସମ୍ଭବ ? ମେଘ ନ ବର୍ଷିଲେ ସତରେ କଣ ମହାପ୍ରଭୁ ତାଙ୍କୁ ଅନ୍ତର କରି ଆଉ ଜଣେ କାହାକୁ ଇନ୍ଦ୍ରପଦରେ ବସାଇବେ ?

ମହାମନ୍ତ୍ରୀ ମହାରାଜ କପିଳେଶ୍ୱର ଦେବଙ୍କୁ କଣ କହିବେ କିଛି ଭାବିପାରୁ ନଥାନ୍ତି । ମହାପ୍ରଭୁ ଜଗନ୍ନାଥଙ୍କୁ ପଣ୍ଡାମାନଙ୍କ ଜରିଆରେ ଜଣାଇ ଦିଆଯାଇ ପାରେ । ମାତ୍ର ଇନ୍ଦ୍ରଙ୍କୁ କିପରି ଜଣାଇ ଦିଆଯିବ ? ଯଜ୍ଞ କରି ଇନ୍ଦ୍ରଙ୍କୁ ଆବାହନ କଲେ ହୁଅନ୍ତା । ମାତ୍ର ତାହା ଏହି କେଇଟା ଦିନ ମଧ୍ୟରେ ସମ୍ଭବ ହେବ ନାହିଁ । ଏଥିରେ ମଧ୍ୟ ବହୁ ଅର୍ଥ ଆବଶ୍ୟକ ପଡ଼ିବ । ମହାରାଜ କହୁଛନ୍ତି ଇନ୍ଦ୍ରଙ୍କୁ ଚିଟାଉ ଦେବାପାଇଁ । ଇନ୍ଦ୍ରଙ୍କ ପାଖକୁ ଚିଟାଉ ଲେଖାଯାଇପାରେ । ହେଲେ ତାଙ୍କ ପାଖରେ ସେ ଚିଟାଉ ପହଞ୍ଚିବ କିପରି ?

ମହାମନ୍ତ୍ରୀଙ୍କ ଚିନ୍ତାରେ ପୂର୍ଣ୍ଣଚ୍ଛେଦ ଟାଣି ଗଜପତି ମହାରାଜା କପିଳେଶ୍ୱର କହିଲେ, ମହାମନ୍ତ୍ରୀ ଏହି ମୁହୂର୍ତ୍ତରେ ଇନ୍ଦ୍ରଙ୍କୁ ଚିଟାଉ ଲେଖାଯାଉ । ଏହି ଚିଟାଉ ବିଶ୍ୱର ମହିମା ଶ୍ରୀଜଗନ୍ନାଥଙ୍କ ତରଫରୁ ମୁଁ ସତ୍ତକ କରିବି । ସମସ୍ତେ ମନେରଖିବା ଦରକାର ଗଙ୍ଗାଠାରୁ ଦକ୍ଷିଣସାଗର ପର୍ଯ୍ୟନ୍ତ ଭୂଖଣ୍ଡର ଅଧିପତି ମହାପ୍ରଭୁ ଜଗନ୍ନାଥ । ତାଙ୍କ ରାଉତ ହେଉଛି ମୁଁ । କେବଳ ମହାପ୍ରଭୁ ଜଗନ୍ନାଥଙ୍କ ନାମନେଇ ମୁଁ ଉତ୍କଳୀୟ ବାହିନୀ ଦ୍ୱାରା ଉତ୍ତର ଦକ୍ଷିଣର ରାଜାମାନଙ୍କୁ ପରାସ୍ତକରି ସେ ସବୁ ରାଜ୍ୟକୁ ଓଡ଼ିଶା ଅନ୍ତର୍ଭୁକ୍ତ କରିଛି । ଆଜି ସେହି ରାଜ୍ୟରେ ଯଦି ଇନ୍ଦ୍ର ଜଳ ବୃଷ୍ଟି ନ କରି ଅପାଳକ କରେ ତେବେ ତାଙ୍କ ବିଚାର ମହାପ୍ରଭୁ କରିବେ । କେବଳ ଦୋଷ ଛଡାଇବା ପାଇଁ ଇନ୍ଦ୍ରଙ୍କୁ ଚିଟାଉ ଦେବା କଥା । ଇନ୍ଦ୍ର ଦେବତାମାନଙ୍କ ମଧ୍ୟରେ ମୁଖ୍ୟ । ଦେବତାମାନଙ୍କ ଭାଷା ସଂସ୍କୃତ । ମୁଁ ଭାବୁଛି ଜଗନ୍ନାଥ ଦେଶର ଭାଷାରେ ଦେବନାଗିରି ଅକ୍ଷରରେ ଇନ୍ଦ୍ରଙ୍କୁ ଚିଟାଉ ଲେଖାଯାଉ । ଦେବତାମାନେ ଦେବଭାଷା ସଂସ୍କୃତ ଛଡା ଅନ୍ୟଭାଷା ବୁଝନ୍ତି ନାହିଁ ଏଭଳି ଧାରଣା ରଖିବା ଭୁଲ । କାହିଁକି ନା ବିଭିନ୍ନ ଦେଶର ଭକ୍ତଗଣ ତାଙ୍କ କଥା ତ ଆଉ ଦେବନାଗିରି ଜାଣନ୍ତି ନାହିଁ—ତଥାପି ଦେବତା ତ ତାଙ୍କ କଥା ଶୁଣନ୍ତି ।

ମହାମନ୍ତ୍ରୀ କାଶୀନାଥ ସନ୍ଧିବିଗ୍ରହକ ମହାପାତ୍ର କପିଳେଶ୍ୱର ଦେବ ମହାରାଜଙ୍କ କଥାରେ କୌଣସି ପ୍ରତିବାଦ କଲେ ନାହିଁ । ମାତ୍ର ଜଣେ ବ୍ରାହ୍ମଣ ଉଠି କହିଲେ, ମହିମା ଚିଟାଉଟି ଯଦି ଦେବନାଗିରି ଲିପିରେ ଲେଖାଯିବ ତେବେ ଦେବନାଗିରି ଭାଷାରେ ଲେଖାଗଲେ କ'ଣ ଅସୁବିଧା ହୁଅନ୍ତା ?

ହଁ ଅସୁବିଧା ହେବ ଜାତୀୟତା ବାଦରେ । ଦେବତାମାନେ ସବୁଭାଷା ଜାଣନ୍ତି କିନ୍ତୁ ଅକ୍ଷର ଜାଣିଥିବେ କି ନାହିଁ ତାହା ସନ୍ଦେହ ରହୁଛି । ସେହି ପରମାତ୍ମାଙ୍କଠାରୁ ପ୍ରତ୍ୟେକର ଆତ୍ମା ଆସି ଦେହରେ ଅବସ୍ଥାନ କରିଛି । ତେଣୁ ପରମାତ୍ମାଙ୍କର ଦିଗପାଳମାନେ ଆତ୍ମୀୟ । ସେଥିପାଇଁ ହୃଦୟର ବାର୍ତ୍ତା ପରମାତ୍ମାଙ୍କୁ ଅଗୋଚର ନୁହେଁ ।

ମହାରାଜ କପିଳେଶ୍ୱରଙ୍କର ଆତ୍ମତତ୍ତ୍ୱ ବିଷୟରେ ସାମାନ୍ୟ ସଂକେତ ଦେଲାପରେ ଆଉ କେହି କିଛି କହିଲେ ନାହିଁ । ମହାରାଜ କହିଲେ ଆଉ ଡେରି ନ କରି ମହାମନ୍ତ୍ରୀ ତୁମେ ଇନ୍ଦ୍ରଙ୍କ ପାଖକୁ ଆଜି ଏହି ମୁହୂର୍ତ୍ତରେ ଚିଟାଉ ଲେଖ । ମନେରଖ ଏ ଦେଶ ଜଗନ୍ନାଥଙ୍କର । ଜଗନ୍ନାଥ ଦେଶର କଲ୍ୟାଣ ପାଇଁ ଯାହା ଆବଶ୍ୟକ ତାହା ଲେଖାଯାଇପାରେ ।

ଚିଟାଉ ଲେଖିବାରେ ମହାମନ୍ତ୍ରୀଙ୍କର କୌଣସି ଆପତ୍ତି ନ ଥିଲା । ସେ କେବଳ ଚିନ୍ତା କରୁଥିଲେ ଚିଟାଉଟି ଇନ୍ଦ୍ରଙ୍କ ପାଖରେ ପହଞ୍ଚିବ କିପରି ? ସେ ବିଷୟରେ କୌଣସି ସିଦ୍ଧାନ୍ତରେ ନ ପହଞ୍ଚିବା ପୂର୍ବରୁ ମହାରାଜଙ୍କର ଆଦେଶ ଆଜିହିଁ ଲେଖାଯିବ ଶୁଣି ସେ ତାଳପତ୍ର ଲେଖନୀ ଧରି ଚିଟାଉଟି ଲେଖିବାକୁ ଆରମ୍ଭ କଲେ ।

ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ଶରଣ ନେଇ ସେ କହିଲେ, ବୀରଶ୍ରୀ ଗୌଡେଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ଅରିରାଏ ଭୁଜ ଭୈରବ ଦୁଃଶାସନ ଦୁଃଶାସନ ଅନିକରାଣେ ରାଉତରାଏ ଅତୁଳବଳ ପରାକ୍ରମ ସଂଗ୍ରାମ ସହସ୍ର ବାହୁ କ୍ଷତ୍ରୀୟକୁଳ ଧୂମକେତୁ ବିରାଧି ବୀରବର ପ୍ରତାପୀ ଶ୍ରୀ ଶ୍ରୀ ଶ୍ରୀ ମହାରାଜ କପିଳେଶ୍ୱର ଦେବ ଯେକି ତ୍ରିଭୁବନର ଈଶ୍ୱର ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଦେଶର ରକ୍ଷାର୍ଥେ ନିୟୋଜିତ ସେ ସ୍ୱର୍ଗର ଦେବତାଶ୍ରେଷ୍ଠ ଇନ୍ଦ୍ରଙ୍କୁ ଯଥା ସମ୍ମାନ କରି ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥ ରାଜ୍ୟର ମଙ୍ଗଳ ନିମନ୍ତେ ଏ ଚିଟାଉ ଲେଖୁଛନ୍ତି । ହେ ଦେବ ଶ୍ରେଷ୍ଠ ଇନ୍ଦ୍ର ଆପଣଙ୍କ ଅବଗତି ନିମିତ୍ତ ଜଣାଉଛି ଯେ ବର୍ଷେ ହେବ ଜମ୍ବୁଦ୍ୱୀପ ଭରତଖଣ୍ଡ ଓଡ଼ରାଷ୍ଟ୍ର ମଣ୍ଡଳ ଯାହାକି ଗଙ୍ଗାଠାରୁ ଦକ୍ଷିଣସାଗର ପର୍ଯ୍ୟନ୍ତ ବ୍ୟାପ୍ତ ସେ ରାଜ୍ୟରେ ବର୍ଷା ହୋଇନାହିଁ । ତୁରନ୍ତ ବର୍ଷା ନ ହେଲେ ଜଗନ୍ନାଥ ଦେଶରେ ଦୁର୍ଭିକ୍ଷ ପଡ଼ିବ ଓ ଲୋକମାନେ ଦେଶାନ୍ତର ଗମନ କରିବେ । ତେଣୁ ମହାପ୍ରଭୁଙ୍କ ତରଫରୁ ଆମେ ଜଣାଉଛୁ ଶୀଘ୍ର ଜଳବୃଷ୍ଟି କରିବାକୁ ମେଘମାନଙ୍କୁ ଆଦେଶ ହେଉ । ଆମେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରାଉତ ମନେରେ କେବଳ ରାଜ୍ୟର ମଙ୍ଗଳ ନିମିତ୍ତ ଏ ଚିଟାଉ ଲେଖିଲୁ ।

ମହାମନ୍ତ୍ରୀ କାଶୀନାଥ ଚିଟାଉଟି ଲେଖିସାରି ମହାରାଜଙ୍କୁ ସତ୍ତକ ନିମିତ୍ତ ତାହା ଦେଲେ । ଗଜପତି ମହାରାଜ କପିଳେଶ୍ୱର ଚିଟାଉଟି ପଢି ସତ୍ତକ କରି ମହାମନ୍ତ୍ରୀଙ୍କ ହାତକୁ ତାଳପତ୍ରଟି ବଢାଇ ଦେଲେ ।

ଏଥର ଚିଟାଉଟି ଇନ୍ଦ୍ରଙ୍କ ପାଖକୁ ପଠାଇଦେବାର କଥା । ମାତ୍ର ପଠାଇବେ କିପରି ? ସ୍ୱର୍ଗର ଇନ୍ଦ୍ରଙ୍କ ପାଖକୁ ଚିଟାଉ ପଠାଇବା ପରେ କାହିଁକି କଷ୍ଟରେ ମଧ୍ୟ ହେବନାହିଁ । ବୈଦିକ କାଳରେ ଯଜ୍ଞମାଧ୍ୟମରେ ଇନ୍ଦ୍ରଙ୍କ ଉପାସନା ହେଉଥିଲା । ବୁଦ୍ଧ ଯଜ୍ଞରେ ପଶୁବଳି ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ବୁଦ୍ଧଙ୍କ ବ୍ୟକ୍ତିତ୍ୱ ସେତେବେଳେ ମହାନ୍ ହେଉଥିଲା ତାଙ୍କ ପ୍ରଚାରିତ ବାର୍ତ୍ତା ଦ୍ୱାରା ବନ୍ଦ ହୋଇଗଲା ଯଜ୍ଞ । ତା'ପରେ ସମାଜରେ ପ୍ରଚଳିତ ହେଲା ପୂଜା । ପୂଜାରେ ଯଜ୍ଞର ଉଦ୍ଦେଶ୍ୟ ରହିଥିଲେ ମଧ୍ୟ ପ୍ରଣାଳୀ ଭିନ୍ନ । ଯଜ୍ଞରେ ଦେବତାଙ୍କର କୌଣସି ମୂର୍ତ୍ତି ଆବଶ୍ୟକ ନ ଥିଲା । ମାତ୍ର ପୂଜାରେ ଦେବତାଙ୍କ ମୂର୍ତ୍ତି ବା ପ୍ରତୀକର ଆବଶ୍ୟକ ନିତ୍ୟାନ୍ତ ବେଶୀ । ଦେବତାଙ୍କୁ ଆହ୍ୱାନ କରି ତାଙ୍କୁ ଯଜମାନର ଅଭିଳାଷ ଜଣାଇବାକୁ ପଡେ । ସେମାନଙ୍କ ତୃପ୍ତି ନିମିତ୍ତ ବିଭିନ୍ନ ଉପଚାର ଦେବାକୁ ହୁଏ । ଦେବତା ସନ୍ତୁଷ୍ଟ ହେଲେ ପ୍ରାର୍ଥୀର ପ୍ରାର୍ଥନା ସେ ପୂରଣ ହୋଇଥାଏ ।

ଏଠାରେ ତାହା ଭିନ୍ନ । ଗଜପତି ମହାରାଜାଙ୍କର ଆଦେଶ ଜଗନ୍ନାଥ ଦେଶର ରକ୍ଷାପାଇଁ କୌଣସି ଦେବତାର ପୂଜା କରିବା ଆବଶ୍ୟକ ନାହିଁ । ଜଗନ୍ନାଥ ସମଗ୍ର ବିଶ୍ୱର ମଣିମା । ଇନ୍ଦ୍ରଙ୍କୁ, ଯମଙ୍କୁ, କୁବେରଙ୍କୁ, ବରୁଣାଦି ଦିଗପାଳଙ୍କୁ ସହ ଦେବତାମାନଙ୍କୁ ସେ ବିଶ୍ୱର ମଙ୍ଗଳପାଇଁ ନିଯୁକ୍ତ କରୁଛନ୍ତି । ସେମାନେ ରାଜ୍ୟର ଓ ରାଜାଙ୍କର ନ୍ୟାୟ ଅନ୍ୟାୟ ଦେଖି ପାଳନ କରିବେ । ଓଡ଼ିଶା ସହିତ ଅନ୍ୟଦେଶକୁ ସଂଯୁକ୍ତ କରିବା ଠିକ୍ ନୁହେଁ । ଓଡ଼ିଶାର ମହାରାଜା ନିଜେ ଜଗନ୍ନାଥ । ଦେଶର ସୁପରିଚାଳନା ନିମନ୍ତେ ସେ ରାଉତ ନିଯୁକ୍ତ କରନ୍ତି । ରାଉତ ଯଦି ଅନ୍ୟାୟ କଲେ ତେବେ ତାହା ମହାପ୍ରଭୁ ବିଚାର କରି ଦଣ୍ଡ ଦିଅନ୍ତି । କପିଳେଶ୍ୱରଙ୍କ ପୂର୍ବରୁ ନିଶଙ୍କ ଭାନୁ ଓଡ଼ିଶାର ରାଜାଥିଲେ । ତାଙ୍କର ଅନୀତି ଦେଖି ତାଙ୍କୁ ପଦଚ୍ୟୁତ କରି ତାଙ୍କ ବଦଳରେ ଯାଗେଶ୍ୱରଙ୍କ ପୁତ୍ର କପିଳେଶ୍ୱରଙ୍କୁ ସେ ନିଯୁକ୍ତ କରିଛନ୍ତି ରାଜ୍ୟ ପରିଚାଳନା ପାଇଁ । ଓଡ଼ିଶାର ପରିଚାଳନା ଭାର କପିଳେଶ୍ୱରଙ୍କ ହାତକୁ ଆସିବାପରେ ସେ ମହାପ୍ରଭୁଙ୍କ ଆଦେଶ ନେଇ ସମଗ୍ର ଦାକ୍ଷିଣାତ୍ୟକୁ ଓଡ଼ିଶା ଅନ୍ତର୍ଭୁକ୍ତ କଲେ । ଗଙ୍ଗାଠାରୁ ଭାରତ ମହାସାଗର ପର୍ଯ୍ୟନ୍ତ ଅଞ୍ଚଳ ବର୍ତ୍ତମାନ ଜଗନ୍ନାଥଙ୍କର ନିଜଭୂମି । ଯଦି ଏହି ଭୂମିରେ ବର୍ଷା ନ ହୁଏ ତେବେ ଅନ୍ୟମାନେ କ'ଣ ? ଅନ୍ୟମାନେ ଯଦି ଜଗନ୍ନାଥଙ୍କୁ ସମାଲୋଚନା କରନ୍ତି ତେବେ ମହାପ୍ରଭୁ ନିଶ୍ଚିତ ଅପମାନିତ ହେବେ ନାହିଁକି ? ସେଥିପାଇଁ ତ କପିଳେଶ୍ୱର ଇନ୍ଦ୍ରଙ୍କୁ ଚିଟାଉ ଲେଖୁଛନ୍ତି । ମାତ୍ର ତାହା ଇନ୍ଦ୍ରଙ୍କ ପାଖରେ ପହଞ୍ଚିବ କିପରି ?

ମହାରାଜ କପିଳେଶ୍ୱର ଚିଟାଉଟିରେ ସନ୍ତକ କରିସାରି ରାଜନବର ଭିତରକୁ ଚାଲିଗଲେ । ଚିଟାଉଟି କିପରି ଇନ୍ଦ୍ରଙ୍କ ପାଖକୁ ଯିବ ସେ କଥା ମହାମନ୍ତ୍ରୀ ବୁଝିବେ । ମହାମନ୍ତ୍ରୀ କ'ଣ କରିବେ ତାହା ଚିନ୍ତା କରି କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ ।

ହେ ମହାପ୍ରଭୁ ଜଗନ୍ନାଥ ତୁ ଏକମାତ୍ର ଭରସା । ତୋହରି ଆଦେଶରେ ବ୍ରାହ୍ମଣ କାଶିଆ କପିଳେଶ୍ୱର ଭଳି ମହାପ୍ରତାପୀ ରାଜାଙ୍କର ମନ୍ତ୍ରୀ ସାଜିଛି । ତୁ ଯଦି ସୁଦୟା ନ କରୁ ତେବେ ଏ ବିପଦରୁ ମୁଁ ଉଦ୍ଧାର ପାଇବି ନାହିଁ ।

ଅରେ ସେ ଏଥିପାଇଁ ଏତେ ବ୍ୟସ୍ତ କାହିଁକି ? ଚିଠି ନେଇ ଠିକଣା ଲୋକକୁ ଦେବା ଡଗରର କାର୍ଯ୍ୟ । ଡ଼ଗର ଇନ୍ଦ୍ରଙ୍କୁ କିପରି ଦେବ ସେ କଥା ସେ ଚିନ୍ତା କରିବ । ଚିଠିଟି ସନ୍ତକ ହେଲାପରେ ଡ଼ଗରାକୁ ଡେକି ଦେବା ତାଙ୍କର ଉଚିତ୍ ।

ଡକାଗଲେ ମହାମନ୍ତ୍ରୀ କାଶୀନାଥ ସନ୍ଧି ବିଗ୍ରହ ମହାପାତ୍ର ଡ଼ଗରାକୁ । ସଙ୍ଗେ ସଙ୍ଗେ ଡ଼ଗର ମହାମନ୍ତ୍ରୀଙ୍କ ନିକଟରେ ଉପସ୍ଥିତ ହେଲା । ମହାମନ୍ତ୍ରୀ ଲେଖନ ଦ୍ୱାରା ତାଳପତ୍ରରେ ଲେଖାହୋଇଥିବା ଚିଟାଉଟି ଡ଼ଗରା ହାତକୁ ବଢ଼ାଇ ଦେଇ କହିଲେ ଶୀଘ୍ର ଏଚିଟାଉଟି ସ୍ୱର୍ଗର ଇନ୍ଦ୍ରଙ୍କୁ ଦେଇ ତାଙ୍କ ଠାରୁ ଫେରନ୍ତା ଆଣିବାକୁ ହେବ । ଏଚିଠି ଲେଖିଛନ୍ତି ପୃଥ୍ୱୀ ଗଜପତି ମହାରାଜା, କପିଳେଶ୍ୱର । ଶୀଘ୍ର ତାଙ୍କ ଆଦେଶ ପାଳନ ନ ହେଲେ ତୋ କାନ୍ଧରେ ତୋହର ମୁଣ୍ଡ ରହିବ ନାହିଁ । ଏକା ତୋର ନୁହେଁ— ତୋ'ର ବଂଶଧରଙ୍କୁ ମଧ୍ୟ ଶାସ୍ତି ଗ୍ରହଣ କରିବାକୁ ପଡ଼ିବ । ହୁଏତ କେହି ଯମ ବା ଯମଗଣଙ୍କୁ ଫାଶିଦେଇ ପାରେ ମାତ୍ର କପିଳେଶ୍ୱରଙ୍କୁ ନୁହେଁ ।

ମୁଣ୍ଡ ନୁଆଁଇ ମହାରାଜାଙ୍କ ଚିଟାଉଟି ମହାମନ୍ତ୍ରୀଙ୍କ ହାତରୁ ଗ୍ରହଣ କଲା । କିନ୍ତୁ ତାହା ଇନ୍ଦ୍ରଙ୍କୁ ଦେବ କିପରି ? ମାନବ ଦେହ ଧରି ଜନ୍ମହୋଇ ପୁଣି ଡ଼ଗର ପାଇଟି କରି ସେ ସ୍ୱର୍ଗକୁ କ'ଣ ଯାଇପାରିବ ? ନଗଲେ ତା'ର ନିସ୍ତାର ନାହିଁ । ମହାରାଜାଙ୍କର ଆଦେଶକୁ ଅବମାନନା କଲେ ତାକୁ କଠିନ ଶାସ୍ତି ଭୋଗ କରିବାକୁ ପଡ଼ିବ । କେବଳ ସେ ଏକା ନୁହେଁ ତା'ର ସବଂଶ ଗଜପତି ମହାରାଜାଙ୍କ ଶାସନ କାଳରେ ପଡ଼ି ମରିଯିବେ । ଏଥିରୁ ସେ ରକ୍ଷା ପାଇବ କିପରି ?

ଆଖିରୁ ଠକ୍ ଠକ୍ ହୋଇ ଲୁହ ବହି ପଡ଼ିଲା ଡ଼ଗରାର । ହେ ମହାପ୍ରଭୁ ଜଗନ୍ନାଥ ତୁ ରତ୍ନବେଦୀ ଉପରେ ବସିଛୁ ବାହୁ ମେଲାଇ । ଯୁଗେ ଯୁଗେ ତୁ ତୋ ଭକ୍ତଙ୍କୁ ବାହୁତଳେ ଆଶ୍ରୟ ଦେଇ ଆସିଛୁ । ମୁଁ ଗଜପତି ମହାରାଜାଙ୍କର ଡ଼ଗରା । ଇନ୍ଦ୍ରଙ୍କ ପାଖରେ ମହାରାଜାଙ୍କର ଏ ଚିଟାଉ କିପରି ପହଞ୍ଚାଇବି ତା'ର ତୁ ଯଦି ବ୍ୟବସ୍ଥା ନ କରିବୁ ତେବେ ମହାରାଜାଙ୍କ କୋପ ଅଗ୍ନିରୁ ଏ ଡ଼ଗରା ଆଉ ତା ବଂଶ କେବେ ବଞ୍ଚିପାରିବେ ନାହିଁ । ହେ ମହାପ୍ରଭୁ ତୁ ମୋର ଏକମାତ୍ର ସହାୟ । ମହାପ୍ରଭୁ ତୁ ହେଉଛୁ ବିଶ୍ୱ । ଏ ସଚରାଚର ଜଗତର ଏକମାତ୍ର ରକ୍ଷାକର୍ତ୍ତା । ତୋହରି ପାଖରେ ତୁଛା । ସୁଭଦ୍ରା ଭାବେ ବସିଛନ୍ତି । ତାଙ୍କ ପାଖକୁ ତୋଭଳି ବାହୁ ମେଲାଇ ବସିଛନ୍ତି ବଳଭଦ୍ର ଭାବେ ରୁଦ୍ର ଦେବତା । ଏ ମର୍ତ୍ତ୍ୟବାସୀଙ୍କ ସମସ୍ତ ଗୁହାରି ଶୁଣି ବ୍ୟବସ୍ଥା କରିବାକୁ ତୁମେ ଭାଇ ଭଉଣୀ ରୂପ ଧରି ବସିରହିଛ । ମୁଁ ତୋ ଦେଶର ଡ଼ଗର । ତୋତେ ଭଜି, ତୋ ନାଁ ଜପକରି ଯଦି ଦୁଃଖରୁ ଉଦ୍ଧାର ନ ପାଇବି ତେବେ ତୋତେ ନିନ୍ଦା ହେବ ନାହିଁକି ? ମୁଁ କିଏ— ଇନ୍ଦ୍ର କିଏ— ତା ପାଖରେ ଚିଟାଉ ପହଞ୍ଚାଇ ଉତ୍ତର ଆଣିବି ବା କିପରି ? ମହାପ୍ରଭୁ! ରକ୍ଷାକର— ଏ ଡଗରାକୁ ରକ୍ଷାକର ।

ମହାରାଜାଙ୍କ ଚିଟାଉଟି ଧରି ଡ଼ଗରା ବୁଲିଥାଏ ଜଗନ୍ନାଥଙ୍କଠାରେ ମନ ପ୍ରାଣ ସମର୍ପଣ କରି । ଏକମାତ୍ର ମହାପ୍ରଭୁ ତା'ର ଭରସା । ସେ ମୃଗୁଣୀକୁ ରକ୍ଷାକରିଛନ୍ତି ମେଘ ପବନ ପଠାଇ । କୁମ୍ଭୀରକୁ ମାରି ସେ ଉଦ୍ଧାର କରିଛନ୍ତି ଗଜକୁ । କୁରୁସଭା ତଳେ ଗୁରୁ ପୁରୁଜନଙ୍କ ଆଗରେ ଦ୍ରୌପଦୀଙ୍କୁ ଯେତେବେଳେ ଉଲଗ୍ନ କରାଯାଉଥିଲା, ସେତେବେଳେ ତୁମେ କୋଟି କୋଟି ବସ୍ତ୍ର ଦେଇ ତାକୁ ଲଜ୍ଜାରୁ ରକ୍ଷା କଲ । ରାବଣକୁ ମାରିବା ପାଇଁ ତୁମରି ଠାରୁ କଳାଏ ଯାଇ ରାମରୂପେ ଅବତୀର୍ଣ୍ଣ ହେଲା । ସେହିଭଳି ତୁମର କଳାନେଇ ଶ୍ରୀକୃଷ୍ଣ ବନ୍ଦିଶାଳାରେ ଜନ୍ମଗ୍ରହଣ କଲେ । ତୁମେ ମହାପ୍ରଭୁ ସଚରାଚରର ଅଧିପତି । ଏଡ଼ଗରକୁ ତୁମେ ରକ୍ଷା ନ କଲେ ଆଉ କେହି ରକ୍ଷା କରି ପାରିବେ ନାହିଁ । ହେ ବିଶ୍ୱର ମଣିମା ରକ୍ଷାକର ତୁମେ ଏ ଡ଼ଗରାକୁ ।

କିରେ ଡ଼ଗରା ! ତୁ କାନ୍ଦି କାନ୍ଦି କାହିଁକି ଯାଉଛୁ— କ'ଣ ହୋଇଛି ତୋର ? ଓଡ଼ିଶା ମୁଲକର ରାଜା କପିଳେଶ୍ୱରର ଡ଼ଗରା ହୋଇ ତୁ ଯଦି କାନ୍ଦିବୁ ତେବେ କାନ୍ଦିବା ଲୋକେ ଯିବେ କୁଆଡେ ?

ଗୁହାରି ହେଉଛି ଗୋସାଇଁ, ଏ ଦୀନ ଦୁଃଖୀ ତୁମକୁ ଗୁହାରି ହେଉଛି । ଗୋସାଇଁ ମୋର ବଂଶ ବୁଡ଼ିବା ଉପରେ । ଏ ଦୁଃଖରୁ କେବଳ କୋଟି ବ୍ରହ୍ମାଣ୍ଡର ଈଶ୍ୱର ସେହି ମହାପ୍ରଭୁ ଜଗନ୍ନାଥ ଯଦି ଉଦ୍ଧାର କରିବେ ତେବେ ଉଦ୍ଧାର ପାଇବି ନ ହେଲେ ମୋ ବଂଶ ବୁଡ଼ିଲା— ମୁଁ ମରିଯିବି ଗୋସାଇଁ ।

ଆରେ କାହା କାନ୍ଧରେ ଦିଟା ମୁଣ୍ଡ ଅଛି ସେ କପିଳେଶ୍ୱର ମହାରାଜାର ଡ଼ଗରାରର ବଂଶ ବୁଡ଼ାଇବ ? ତୁ କ'ଣ ବାଇଆ ହୋଇଗଲୁକି ? ତୁ କ'ଣ ଜାଣି ନାହୁଁ ଏଦେଶର ରାଜା କପିଳେଶ୍ୱର ପ୍ରତାପ । ଆରେ ଦିଲ୍ଲୀର ବାଦଶାହା ଯାହା ନାମ ଶୁଣି ଥରହର ତୁ ସେହି ଉତ୍କଳର ରାଜା କପିଳେଶ୍ୱରର ଡ଼ଗର ହୋଇ କାହାକୁ ଡରୁଛୁ ?

ଆଜ୍ଞା ଗୋସାଇଁ ମୁଁ ସେହି ସବଳ, ପ୍ରତାପୀ କପିଳେଶ୍ୱରଙ୍କୁ ଡରୁଛି । ସେ ମୋ ମୁଣ୍ଡ କାଟି ଦେବେ ଆଉ ବଂଶକୁ ମାରି ନିର୍ବଂଶ କରିଦେବେ । କେବଳ ମହାପ୍ରଭୁ ଜଗନ୍ନାଥଙ୍କ ଛଡା ଆଉ କେହି ତାଙ୍କ ହାତରୁ ମୋତେ ରକ୍ଷା କରି ପାରିବେ ନାହିଁ । ସେ ମୋତେ ଚିଟାଉ ଦେଇ ଦେବରାଜ



ଇନ୍ଦ୍ରଙ୍କ ପାଖକୁ ପଠାଉଛନ୍ତି । ତୁମକୁ ଆଜ୍ଞା ମର୍ତ୍ତ୍ୟର ମୁଁ ଗୋଟାଏ ମଣିଷ ହୋଇ ତାଙ୍କ ପାଖକୁ କିପରି ଯାଇପାରିବି । ପୁଣି କହିଛନ୍ତି ଚିଟାଉଟି ତାଙ୍କୁ ଦେଇ ତାଙ୍କଠାରୁ ଉତ୍ତର ଆଣିବି ।

ଠୋ ଠୋ ହୋଇ ହସିଉଠିଲେ ସେହି ଗୋସାଇଁ । ସେ ହସିଲା ବେଳେ କଳା ମୁହଁରେ ବଧୂଳି ରଙ୍ଗର ନାଲି ଓଠ ଖୁବ୍ ସୁନ୍ଦର ଦିଶୁଥାଏ ଡ଼ଗରାକୁ । ସେହି ଗୋସାଇଁଙ୍କର ଚିକ୍କଣ କଳା ମୁହଁରେ ଦୁଇଟି ଗୋଲାକାର ଚକ୍ଷୁ । ମୁହଁଟି ବେଶ୍ ଚଉଖୁଣିଆ । ଡ଼ଗରାକୁ ମୁହଁଟି କିମିତି ଚିହ୍ନା ଚିହ୍ନା ଲାଗିଲା । ହେଲେ ସେ କିଏ ଓ ତାଙ୍କୁ କେଉଁଠି ଦେଖିଥିଲା ତାହା ଯେତେ ମନେ ପକାଇବାକୁ ସେ ଚେଷ୍ଟା କଲା ମୋଟେ ତା ମନରେ ସେଭଳି ଲୋକ କଥା ଠିକ୍ ରୂପେ ଧାରଣା ହେଲା ନାହିଁ ।

ଗୋସାଇଁ ହସି ହସି କହିଲେ ଆରେ ତୁ ଏତେ ନିର୍ବୁଦ୍ଧିଆଟାଏ । ଇନ୍ଦ୍ରଙ୍କୁ ଚିଟାଉ ଦେବାପାଇଁ ତୁ ସ୍ୱର୍ଗକୁ ଯିବୁ କାହିଁକି ? ଇନ୍ଦ୍ର ପରା ନିତି ଆସୁଛନ୍ତି ଆଉ ସ୍ୱର୍ଗକୁ ଫେରି ଯାଉଛନ୍ତି । ସେ ଯେତେବେଳେ ସ୍ୱର୍ଗରୁ ଆସିବେ ଠିକ୍ ସେହି ସମୟରେ ତାଙ୍କୁ ଚିଟାଉଟି ଧରାଇଦେଲେ ସେ ଉତ୍ତର ଦେବେ ନାହିଁ ? ଏହି କଥାକୁ ତୋ ମୁଣ୍ଡ କଟା ହେବ କାହିଁକି ତୋ ବଂଶ ବା ମରିବେ କାହିଁକି ?

ଡ଼ଗରା ବାବା ହୋଇ ଅନେଇଲା ଗୋସେଇଁଙ୍କ ମୁହଁକୁ । ତା ଅନେଇବା ଧାଞ୍ଚରୁ ଗୋସେଇଁ ଠିକ୍ ବୁଝିଲେ ସେ ତାଙ୍କ କଥାର ଅର୍ଥ ଠିକ୍ ରୂପେ ବୁଝିପାରି ନାହିଁ । ତେଣୁ ସେ ତାକୁ ତାଙ୍କ କଥାକୁ ବୁଝାଇ କହିଲେ, ଆରେ ବୋକା ସବୁଦିନେ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରକୁ ସବୁ ଦେବତା ମାନେ ଦର୍ଶନ କରିବାକୁ ଆସନ୍ତି । ସେତେବେଳକୁ ଜଗନ୍ନାଥଙ୍କର ପହଡ଼ ଫିଟି ନଥାଏ । ଏ କଳମାନବ ଠାକୁରଙ୍କୁ ଦର୍ଶନ କରିବା ପୂର୍ବରୁ ତେତିଶ କୋଟି ଦେବତା ତାଙ୍କୁ ଦର୍ଶନ କରି ଫେରି ଯାଆନ୍ତି । ତୁ ଯଦି ସେତିକିବେଳେ ତାଙ୍କୁ ଚିଠିଟି ଦେଇ ପାରିବୁ ତେବେ ସେ ତାହା ପାଇପାରନ୍ତେ । ଉତ୍ତର ବି ସଙ୍ଗେ ସଙ୍ଗେ ସେ ଦେଇପାରନ୍ତେ ।

ଆରେ ସତରେ ତ । ତା'ର ମୋଟେ ମନେ ନାହିଁ ସକାଳେ ଦିଅଁଙ୍କ ପହଡ଼ ଖୋଲା ହେବା ପୂର୍ବରୁ ଦେବତାମାନେ ଦର୍ଶନକୁ ଆସି ଫେରିଯାଆନ୍ତି ବୋଲି । ଦେବତାମାନେ ସବୁଦିନେ ରାତି ପାହିବା ପୂର୍ବରୁ ଜଗନ୍ନାଥଙ୍କ ଦର୍ଶନକୁ ଆସିବା ନୂଆକଥା ନୁହେଁ । ଏହାତି ଟ ସମସ୍ତେ ଜାଣିଛନ୍ତି । ସେତିକିବେଳେ ଇନ୍ଦ୍ରଙ୍କୁ ଚିଠିଟି ଦେଇଦେଲେ ସେ ତ ପାଇଯିବେ । ହେଲେ ଦିଅଁଙ୍କର ସେତେବେଳକୁ ପହଡ଼ ଫିଟି ନଥିବ ସେ ରତ୍ନସିଂହାସନ ପାଖକୁ ଯିବ କିପରି ? ପହଡ଼ ଫିଟିବା ପୂର୍ବରୁ ଦେବତାମାନେ ମହାପ୍ରଭୁଙ୍କ ଦର୍ଶନକୁ ଆସିଥାନ୍ତି । ପହଡ଼ ଫିଟିଲା ବେଳକୁ ସେମାନେ ଫେରିଯାଇଥାନ୍ତି ସେମାନଙ୍କ ନିଜ ନିଜ ସ୍ଥାନକୁ ।

ଗୋସେଇଁ ! ଆପଣ ସତ କଥା କହିଲେ ଯେ, ହେଲେ ଇନ୍ଦ୍ରଙ୍କୁ ମୁଁ ଦେଖିବି କିପରି ? ସେତେବେଳକୁ ତ ମହାପ୍ରଭୁଙ୍କ ପହଡ଼ ଫିଟି ନଥିବ ।

ଆରେ ବାବୁ ତୁ ମହାରାଜ କପିଳେନ୍ଦ୍ରଙ୍କର ଡ଼ଗରାଟି ? କପିଳେନ୍ଦ୍ରଙ୍କ ଗଙ୍ଗାଠାରୁ ସମଗ୍ର ଦାକ୍ଷିଣାତ୍ୟ ଜୟ କରି ଓଡ଼ିଶା ଅର୍ନ୍ତଭୁକ୍ତ କରିପାରିଛି । ତା'ର ଡ଼ଗରା ତା ଆଦେଶ ଧରି ଆସିଛି, ତାକୁ ମନ୍ଦିର ଭିତରେ ପୁରାଇବେ ନାହିଁ । ନପୂରାଇଲେ ତାଙ୍କରି ମୁଣ୍ଡରେ ସବୁ ଦୋଷ ବାଇଦେବ ମହାରାଜାଙ୍କ ପାଖକୁ ଫେରିଯିବ । ସେତିକି ତୁମକୁ ଯେ ବାଟ ନଛାଡ଼ି ଥିବ ମହାରାଜ ତା କଥା ବୁଝିବେ । ତୁମେ ଚେଷ୍ଟାକର । ...

ଦେଖୁଣୁ ଏମିତି ଲଙ୍ଗଳା ହେଲେ ଚଳିବ କିପରି ?

ଡ଼ଗରା ବୁଝିଲା ଗୋସେଇଁଙ୍କ କଥାକୁ । ସତରେ ଗୋସେଇଁ ଠିକ୍ କଥା କହୁଛନ୍ତି । ମହାରାଜ କପିଳେନ୍ଦ୍ରଙ୍କ ଆଦେଶକୁ ... କର୍ମଚାରୀ, ପଣ୍ଡା, ସେବକେ କ'ଣ ମାନିବେ ନାହିଁ ? ଯଦି ... ତେବେ ସେ ଫେରି ଆସି ମହାମନ୍ତ୍ରୀଙ୍କୁ ଚିଟାଉଟି ଫେରାଇଦେବ ।


ଡ଼ଗରା ଅନାଇଲା ସେହି କାଳିଆ ଗୋସେଇଁଙ୍କ ଆଡ଼କୁ । ... ଗୋସେଇଁ ଗଲେ କୁଆଡେ । ଚଉକଡି ଆଖିବୁଲାଇ ସେ ... ଗୋସେଇଁଙ୍କୁ ଖୋଜିଲା । ଯେତେ ଅନାଇଲେ ମଧ୍ୟ ସେ ... ଦେଖିବାକୁପାଇଲା ନାହିଁ । ସତେ ଯେପରି ସେ ଶୂନ୍ୟରୁ ଆସି ଶୂନ୍ୟରେ ମିଳାଇଗଲେ । ସତରେ ବଡ ଅଦ୍ଭୁତ କଥାଏ । ଏହିଠି ... ପର୍ଯ୍ୟନ୍ତ ଦୁଇଆଡର ସଡ଼କ ଦେଖାଯାଉଛି । ତାଙ୍କ ସହିତ ... ହୋଇ ସେ ଆସୁଥିଲା । ଏହି ଦଣ୍ଡକ ମଧ୍ୟରେ ସେ ତାକୁ ... କହୁଥିଲେ ଅଥଚ୍ ଅନାଉ ଅନାଉ କୁଆଡେ ଚାଲିଗଲେ ?

ଜାବାଡୋଇ ଡ଼ଗରା ସେଇଠି କିଛି ସମୟ ଛିଡ଼ା ହୋଇ ... ତାହାହେଲେ ସେ କଣ ମଣିଷ ନୁହନ୍ତି । ପୁଣି ନିଜେ ନିଜକୁ ... ମଣିଷ ନୁହନ୍ତି ଆଉ କଣ ସେ ଦେବତା ? ହଁ ଦେବତା ହୋଇ ପାରନ୍ତି ... ଦୁଃଖରେ ପଡ଼ି ଯେତେବେଳେ ସେ ମହାପ୍ରଭୁଙ୍କୁ ଡାକୁଥିଲା, ତା ଦୁଃଖ ମୋଚନ ପାଇଁ କେଉଁ ଦେବତାଙ୍କୁ ମହାପ୍ରଭୁ ପଠାଇ ଥାଇ ପାରନ୍ତି । ... ମହାପ୍ରଭୁ ପଠାଇଥାନ୍ତି ତାହାହେଲେ ଆଉ ଅସୁବିଧା କିଛି ହେବ ନାହିଁ ।

କପିଳେନ୍ଦ୍ରଙ୍କ ମହାରାଜାଙ୍କ ଚିଟାଉଟି ଧରି ଏଥର ଡ଼ଗରା ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିଲା । ମନରେ ତା'ର ବହୁତ ବଳ ଆସି ଯାଇଥାଏ । ସତରେ ଇନ୍ଦ୍ରଙ୍କୁ ଚିଠି ଦେବାରେ ଆଉ ତା'ର କିଛି ଅସୁବିଧା ହେବନାହିଁ । କିଛିହେଲେ ମହାରାଜା କପିଳେନ୍ଦ୍ର ବୁଝିବେ । ଯେଉଁ ରାଜା ... ଶୁଣିଲେ ଗର୍ଭିଣୀ ଗାଈ ବାଟ ଛାଡ଼ି ଦେଉଛି, ତା ଚିଠିକୁ ଇନ୍ଦ୍ରଦେବଙ୍କୁ ଦେବାରେ ଯେ ଅସୁବିଧା ସୃଷ୍ଟି କରିବ ସେ କଥା ନିଶ୍ଚୟ ମହାରାଜ ବିଚାର କରିବେ । ମହାରାଜାଙ୍କ ଧାରୁଆ ଖଣ୍ଡା ତା ଗଣ୍ଡିରୁ ମୁଣ୍ଡ ଅଲଗା କରିଦେବ ।

ମନ ଆନନ୍ଦରେ ଡ଼ଗରା ଧାଇଁ ଚାଲିଲା ପୁରୁଷୋତ୍ତମ ଆଡ଼କୁ । ... ହୋଇ କେଇଟି ଖେପାରେ ଜଗନ୍ନାଥ ସଡ଼କ ସେ ଧାଇଁ ଚାଲିଥାଏ । ... ତ ନାହିଁ, ନଈରେ ପାଣି ଆସିବ କୁଆଡୁ । ନଈ ନାଳ ସବୁକୁ ଟପି ସେ ଶ୍ରୀକ୍ଷେତ୍ରରେ ପାଦଦେଲା । ସେତେବେଳକୁ ସଞ୍ଜ ହୋଇ ଯାଇଥାଏ । ସନ୍ଧ୍ୟାବେଳେ ବଡ଼ଦାଣ୍ଡରେ ବେଶୀ ଗହଳ ଚହଳ । ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ଦେଖିବା ପାଇଁ ଲୋକଙ୍କ ମନରେ ପ୍ରବଳ ଆଗ୍ରହ । ଡ଼ଗରା ଗୋଡ଼ ଟିକିଏ ରହି ଆସୁଥାଏ । ବାରାଣସୀ କଟକରୁ ପୁରୁଷୋତ୍ତମ ... ନୁହେଁ । ଏକା ନିଶ୍ୱାସକେ ଧାଇଁ ଆସିଲାପରି ସେ ଧାଇଁ ଆସିଛି । ... ହେଉ ଶୀଘ୍ର ତାକୁ ମନ୍ଦିରରେ ପହଞ୍ଚିବାକୁ ପଡ଼ିବ । ମହାରାଜଙ୍କ ... ଦେଉଳର କର୍ମଚାରୀ କରଣ ସାଆନ୍ତଙ୍କୁ ଦେଖାଇ ବ୍ୟବସ୍ଥା ନ କଲେ ... ଗୋଟିଏ ଦିନ ଡେରି ହୋଇଯିବ । ଡେରିହେଲେ ... ହେବନି କଥା । ହୁଏତ ବିପଦରେ ପଡ଼ିପାରେ ସେ । ଏତେ ବାଟକୁ ... କେଇ ଖେପାରେ ଧାଇଁ ଧାଇଁ ଆସିଛି, ଆଉମାତ୍ର କେଇଟା ଖୋଜ ... ସେ ପଛେଇଯିବ କାହିଁକି ?

ବାଉଶି ପାହାଚ ଆଉ ପାଖରେ ଡ଼ଗରା ଭେଟିଲା ଦେଉଳ କରଣଙ୍କୁ । ତାଙ୍କୁ ନମସ୍କାର କରି ମହାରାଜାଙ୍କ ଚିଟାଉଟି ଦେଖାଇ ସବୁକଥା କହି ... ଦେଉଳ କରଣ ମୁଣ୍ଡ ହଲାଇ କହିଲେ, ହଁ ସବୁଦିନ ଦେବତାମାନେ ...



ପ୍ରକୃତରେ ଆମେ ଶୁଣିଛୁ ଯେ କେବଳ ଇନ୍ଦ୍ର ଚିଟାଉ ପଢି ଉତ୍ତର ଦେବେ ବୋଲି କିନ୍ତୁ ସେ କଥା କହି ହେବ ନାହିଁ । ବଡ଼ସିଂହାର ବେଶ ପରେ ଶ୍ରୀମନ୍ଦିର ଦୁଆର କବାଟ ମୁଦ ମୁଦ୍ରୁଲି ଦିଅନ୍ତି । ତା ଭିତରେ କାହାରିକୁ ରହିବାକୁ ପ୍ରଥା ନାହିଁ । ହଁ ହୋଇପାରେ ମହାରାଜାଙ୍କ ଚିଟାଉଟି ରତ୍ନସିଂହାସନ ପାଖରେ ରଖି ଦିଆଯିବ । ଇନ୍ଦ୍ରଦେବତାଙ୍କ ଆଖିରେ ଯଦି ତାହା ପଡେ ତେବେ ସେ ତାହା ପଢି ଉତ୍ତର ଦେଇ ପାରନ୍ତି ।

ନା ପଣ୍ଡା! ମହାମନ୍ତ୍ରୀଙ୍କର ଆଦେଶ ନିଜେ ମୁଁ ଚିଟାଉଟି ଦେବି । ସେମିତି ରତ୍ନସିଂହାସନ ଉପରେ ରଖି ଦେବା କଥା ନୁହେଁ । ଦେଉଳ କରଣେ କହିଲେ, ହେଉ ତୁମେ ପରିଛାଙ୍କୁ କୁହ । ଯାହା କିଛି କରିବେ ସେ ହିଁ କରିବେ । ମୋର କାହିଁକି ବିଶ୍ୱାସ ହେଉନାହିଁ । ଏଭଳି ପ୍ରଥା ତ କାହିଁ ଶ୍ରୀମନ୍ଦିର ପହୁଡ଼ ପଡ଼ିଲାପରେ ଦେଉଳ ଭିତରେ କେହି ରହିବେ ବୋଲି ।

ସଂଧ୍ୟା ଆଳତି ଦର୍ଶନ ପାଇଁ ପରିଛା ଅପେକ୍ଷା କରିଥାନ୍ତି । ଭକ୍ତମାନେ ପ୍ରଭାତ ସମୟରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ପାଇଁ ଯେଉଁଭଳି ଆକାଂକ୍ଷିତ ସେହିଭଳି ସଂଧ୍ୟା ଆଳତି ଦର୍ଶନ କରିବାକୁ ଉତ୍କଣ୍ଠିତ । ଭୋଗମଣ୍ଡପରେ ନୈବିଦ୍ୟ ଯାହାକୁ ଭଅଣ୍ଡ କହନ୍ତି ସେପରେ ମଧ୍ୟାହ୍ନ ଧୂପ ସରିଯାଇଥାଏ । ମଧ୍ୟାହ୍ନ ଧୂପ ସରିଲାପରେ ଶ୍ରୀର ବଡ଼ଘର ଧୋଇ ଦିଅନ୍ତି । ସିଂହାରୀ ମହାପ୍ରଭୁଙ୍କୁ ବେଶ କରାନ୍ତି । ଏହାପରେ ପହୁଡ଼ ହେଲା । ପହୁଡ ଖୋଲିଲା ପରେ ସଂଧ୍ୟା ଆଳତି । ଶ୍ରୀରବଡୁ ଏକୋଇଶିଟି ବତୀ ଓ ପିଷ୍ଟକ ଆଳତି ସିଂହାରୀଙ୍କୁ ଯୋଗାଇ ଦିଅନ୍ତି । ସେହିଭଳି ମେକାପ ଯୋଗାଇ ଦିଅନ୍ତି କର୍ପୂର ଆଳତି ।

ମନ୍ଦିରର ପରିଚାଳନାଭାର ପରିଛାଙ୍କ ଉପରେ । ତେଣୁ ମହାପ୍ରଭୁଙ୍କର ନୀତିଗୁଡ଼ିକ ଠିକ୍‌ଭାବେ ହେଉଛି ନା ନାହିଁ ତାହା ଦେଖିବା ପରିଛାଙ୍କ କର୍ତ୍ତବ୍ୟ । ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଶା ମୁଲକର ରାଜା । ତାଙ୍କରି ଆଦେଶରେ କପିଳେଶ୍ୱର ଓଡ଼ିଶାର ରାଜାହେଲେ ଓ ଦିଗ୍‌ବିଜୟ କରି ଭାରତର ଦକ୍ଷିଣାଞ୍ଚଳକୁ ଓଡ଼ିଶା ଭୁକ୍ତ କଲେ । ତେଣୁ ଶ୍ରୀଜଗନ୍ନାଥଙ୍କ ନୀତି ଠିକ୍‌ରୂପେ ହେଉଛି ନା ନାହିଁ ତାହା ବୁଝିବା ସମସ୍ତଙ୍କଠାରୁ ବଡ଼କାମ । ତା ନ ହେଲେ ଓଡ଼ିଶାର ମାନ ସମ୍ମାନଠାରୁ ଆରମ୍ଭ କରି ସବୁ କିଛି ବୁଲିଯିବ । ଓଡ଼ିଆ ଜାତିର ଓଡ଼ଣା ଦେଶର ମାନସମ୍ମାନ ଅମର୍ଯ୍ୟାଦାର ଚାବିକାଠି ମହାପ୍ରଭୁ ଜଗନ୍ନାଥଙ୍କ ହାତରେ । କପିଳେଶ୍ୱର ତାଙ୍କ ରାଉତ । ମହାପ୍ରଭୁଙ୍କ ଆଦେଶ ନ ହେଲେ ସେ କିଛି କରିବେ ନାହିଁ । ତେଣୁ ସୁଦକ୍ଷ ଲୋକଙ୍କୁ ମନ୍ଦିର ପରିଚାଳନାଭାର ଦେଇଥାନ୍ତି ।

ଡ଼ଗର ପରିଛାଙ୍କୁ ଗୋଟି ସମସ୍ତ କଥା କହିଲା । ପରିଛା ସବୁ ଶୁଣି କହିଲେ ବଡ଼ସିଂହାର ଧୂପପରେ ମନ୍ଦିର ଭିତରେ କେହି ରହିବା ବିଧି ନାହିଁ । ତେଣୁ ତୁମେ ଇନ୍ଦ୍ରଙ୍କୁ ଚିଟାଉ ଦେବାପାଇଁ ବାହାରେ ଅପେକ୍ଷା କରିପାର ।

ନା ଆଜ୍ଞା ! ତାହା ହୋଇପାରିବ ନାହିଁ । ଇନ୍ଦ୍ରାଦି ଦେବତାମାନେ କେଉଁଆଡ଼େ ପାହାଚ ଦେଇ ଆସୁଥିବେ ବା ଅନ୍ୟ କେଉଁ ବାଟ ଦେଇ ଆସୁଥିବେ ତାହା କିଏ ବା କହିବ ? ମହାପ୍ରଭୁଙ୍କ ଦର୍ଶନ ପାଇଁ ସେମାନେ ରତ୍ନସିଂହାସନ ପାଖକୁ ଯାଉଥିବେ ଏହା ନିଶ୍ଚିତ । ତେଣୁ ମୁଁ ରତ୍ନସିଂହାସନ ପାଖରେ ମହାରାଜାଙ୍କ ଚିଟାଉଟି ଧରି ଅପେକ୍ଷା କରିବି । ଏହାକୁ ନ କଲେ ଇନ୍ଦ୍ର ମହାରାଜାଙ୍କ ଚିଟାଉ ପାଇବେ ନାହିଁ କି ଉତ୍ତର ଦେବେ ନାହିଁ ।

ତେଣୁ ଡ଼ଗର ! ଏହା ବଡ଼ ଅସୁବିଧା କଥା । ବଡ଼ସିଂହାର ଧୂପ ପରେ ମନ୍ଦିର ଭିତରେ କେହି ରହିବା ନିୟମ ନୁହେଁ ,ଆଚ୍ଛା ତୁମେ ଟିକିଏ ଅପେକ୍ଷାକର । ସଂଧ୍ୟା ଆଳତି ପରେ କ'ଣ କରାଯାଇ ପାରେ ଚିନ୍ତା କରିବା । ଯେଣା କିଛି ହେଲେ ମହାପ୍ରଭୁଙ୍କ ଆଦେଶ ନେବା ।

ଡ଼ଗରର ଜୀବନ ମରଣ ସମସ୍ୟା । ଇନ୍ଦ୍ରଙ୍କୁ ଚିଠିଟି ଦେଇ ଉତ୍ତର ନ ନେଲେ ତା ମୁଣ୍ଡ କାନ୍ଧରେ ରହିବ ନାହିଁ । ହେଉ, ସଂଧ୍ୟା ଆଳତି ପରେ ପରିଛା ଚିନ୍ତା କରି କହିବେ । ଏ ମଧ୍ୟରେ ସେ ବି ଜଗନ୍ନାଥଙ୍କୁ ତା ଦୁଃଖ ଜଣାଇ ଦେବ। ମହାପ୍ରଭୁ ଇଚ୍ଛାକଲେ କୌଣସିଟା ଅସୁବିଧା ହେବନାହିଁ ।

ଭକ୍ତମାନଙ୍କ ସହ ଡ଼ଗରା ମହାପ୍ରଭୁଙ୍କ ସଂଧ୍ୟା ଆଳତି ଦର୍ଶନ କଲା । ସିଂହାରୀ ତିନିଜଣ ଆଳତି କଲେ ମହାପ୍ରଭୁମାନଙ୍କୁ । ଏହି ସମୟରେ ଡ଼ଗରା ଆଖିରୁ ଲୁହ ବୁହାଇ ମହାପ୍ରଭୁଙ୍କୁ ଜଣାଇଲା ତା'ର ଦୁଃଖ । ହେ ମହାପ୍ରଭୁ ! ତୋ ରାଜ୍ୟର ମୁଁ ହେଉଛି ଡ଼ଗର । ଜଗନ୍ନାଥ ଦେଶରେ ବର୍ଷେ ହେଲା ବର୍ଷା ନାହିଁ । ସେଥିପାଇଁ ତୋ ତରଫରୁ କପିଳେଶ୍ୱର ଦେବ ଇନ୍ଦ୍ର ପାଖକୁ ଚିଟାଉ ଦେଇଛନ୍ତି । ସେ ଚିଟାଉ ଧରି ମୁଁ ଆସିଛି ଇନ୍ଦ୍ରଙ୍କୁ ଦେବାକୁ । ସବୁଦିନେ ଦେବତାମାନେ ସକାଳ ପୂର୍ବରୁ ତୋ ଦର୍ଶନକୁ ଆସନ୍ତି । ସେତିକିବେଳେ ଚିଟାଉ ନ ଦେଲେ ଦେଇ ହେବ ନାହିଁ । ଦେଉଳ କରଣେ ପରିଛା କହୁଛନ୍ତି ସେଭଳି ନିୟମ ନାହିଁ । ତୁ ସୁଦୟା ନକଲେ ଏ ଡ଼ଗରାର କାନ୍ଧରେ ମୁଣ୍ଡ ରହିବ ନାହିଁ ।

ହଠାତ୍ ମହାପ୍ରଭୁଙ୍କ ବାହୁରେ ଗୁଡ଼ାହୋଇଥିବା ଫୁଲମାଳଟି ଛିଣ୍ଡି ପଡ଼ିଲା । ଡ଼ଗରା ବୁଝିଲା ମହାପ୍ରଭୁ ତା କଥା ଶୁଣି ସାରିଲେଣି । ତାହାରି ନିଦର୍ଶନ ସ୍ୱରୂପ ତାଙ୍କ ହାତରେ ଗୁଡ଼ା ହୋଇଥିବା ଫୁଲମାଳ ଛିଣ୍ଡିପଡ଼ିଛି ।

ସଂଧ୍ୟା ଆଳତି ପରେ ପରିଛାଙ୍କ ପାଖରେ ଡ଼ଗରା ପହଞ୍ଚିଲା । ପରିଛା କହିଲେ, ସେଭଳି ପ୍ରଥା ନାହିଁ । କିନ୍ତୁ ମହାପ୍ରଭୁଙ୍କ ଦେଶପାଇଁ ତୁମେ ଯେତେବେଳେ ଆସିଛ ସେତେବେଳେ ତୁମକୁ ରଖିବାର ବ୍ୟବସ୍ଥା କରାଯିବ । ମୁଁ ଏ ମଧ୍ୟରେ ଜାଣି ଯାଇଛି ମହାପ୍ରଭୁ ତୁମପାଇଁ ସମ୍ମତ ହୋଇଛନ୍ତି ।

ଯାହାହେଉ ଡ଼ଗର ଗୋଟାଏ ଅଡୁଆରୁ ତ୍ରାହି ପାଇଗଲା । ତା'ର ନିଶ୍ୱାସ ଟିକିଏ ସରଳ ହୋଇଗଲା । ଏ ମଧ୍ୟରେ ଜଗନ୍ନାଥଙ୍କ ମହାପ୍ରସାଦ ସେବନ କରି ବଡ଼ସିଂହାର ପୂର୍ବରୁ ପରିଛାଙ୍କ ପାଖରେ ପହଞ୍ଚିଲେ ହେବ । ତେଣୁ ସେ ମହାପ୍ରସାଦ ପାଇଁ ମହାର୍ଦ୍ଦଶାକୁ ବାହାରି ପଡ଼ିଲେ ।

ସମୟ ଧିରେ ଧିରେ ଗୋଟିଏ ପାଦ ପରେ ଆଉ ଗୋଟିଏ ପାଦ ପକାଇ ନିଶବ୍ଦରେ ଆଗେଇ ଚାଲିଥାଏ ଆଗକୁ । ସଂଧ୍ୟା ଆଳତି ପରେ ସଂଜ ଧୂପ ବସିଗଲା । ସଂଜ ଧୂପ ପରେ ବଡ଼ସିଂହାର ବେଶ ଦିଅଁମାନଙ୍କୁ କରାଇବାପାଇଁ ସିଂହାରୀ ସଂଜ ଧୂପ ବେଶମହଲମ (ଓଡ଼ୁଆ) ବଡ଼ସିଂହାର ବେଶ କଲେ । ମହାପ୍ରଭୁମାନଙ୍କୁ ପରିଧାନ କରାଗଲା ଗୀତ ଗୋବିନ୍ଦ ଖଣ୍ଡୁଆ । ଦିଅଁଙ୍କୁ ଲାଗି କରାଗଲା କରପଲ୍ଲବ, ଚନ୍ଦ୍ରିକା ଆଦି । ସାରା ଦିନରେ କେବଳ ଏହି ବଡ଼ସିଂହାର ବେଶରେ ମହାପ୍ରଭୁ ଚନ୍ଦନଲାଗି ହୁଅନ୍ତି। ଚନ୍ଦନଲାଗି କରାଗଲା ଦିଅଁମାନଙ୍କୁ । ଚନ୍ଦନଲାଗି ସମୟରେ ଶାଢ଼ିବନ୍ଧା ସେବକ ଭିତରକାଠ ପାଖରେ ଥାଇ ଗୀତଗୋବିନ୍ଦ ବୋଲିଲେ ।

ବିଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବେଶ । ଶୃଙ୍ଗାରୀ ରସିକମାନେ ଯେଉଁଭଳି ନିଜକୁ ସଜାନ୍ତି ବିଶ୍ୱର ମଣିମା ତା ଠାରୁ ଅଧିକ ବେଶ ହେବେ ସିନା କେବେବି ଊଣା ବେଶ ହେବେନାହିଁ । ବେଶ୍ ସୁନ୍ଦର ଭାବରେ ବାଣା ବାଜି ଉଠିଥାଏ । ସାରା ମନ୍ଦିର ଭିତରେ ବିରହ ମୂର୍ଚ୍ଛନା ତୋଳି । ସତେ



ଯେପରି ବୃନ୍ଦାବନର ବଂଶୀ ଶଣା ହୋଇ ଫେରି ଆସିଛି ଶ୍ରୀମନ୍ଦିର ଭିତରକୁ । ସହସ୍ର ଶିରା ଦେଇ ଉଠିଛି ସହସ୍ରାକୁ । କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇ ପଞ୍ଚମ ଚକ୍ର ଅତିକ୍ରମକରି ଶେଷ ଚକ୍ରରେ ଉପନୀତ । ରୁଦ୍ଧ ହୋଇଥିବା ସୁଷୁମ୍ନା ଦ୍ୱାର ପ୍ରଭାତ ସମୟରେ ଖୋଲି ଯାଇଛି । ଜାଗ୍ରତ ହୋଇଛି ଅନ୍ଧାର ଘେରାରେ ସୁଷୁମ୍ନା ଦ୍ୱାରକୁ ବନ୍ଦ କରି ଶୋଇ ରହିଥିବା କୁଣ୍ଡଳିନୀ । ବର୍ତ୍ତମାନ ସେ ଶେଷ ସ୍ତରରେ ଉପନୀତ । ଷୋଳ ସହସ୍ର ଗୋପୀଙ୍କର ଚତୁଃପାର୍ଶ୍ୱରେ ଘେରି କେଳି ରଚିବେ । ଧାରାରୁ ବ୍ୟତିକ୍ରମ ହେଲେ ସାରା ଦିନଟା ଯାକର ପରିଶ୍ରମ ବ୍ୟର୍ଥ ହେବ ।

ଚନ୍ଦନଲାଗି ସରିଗଲା ପରେ ଭଣ୍ଡାର ମେକାପଠାରୁ ହଡ଼ପ ନାୟକ କିଛି କର୍ପୂର ଓ ବିଡ଼ିଆପାନ ଆଣି ପାର୍ଶ୍ୱ ଦେବତାଙ୍କୁ ଲାଗି କରାଇଲେ, ତିନୋଟି ରୁପା ପରଖ ଓ ଚାରିପଟ ରୁପାଥାଳି ଭଲକରି ଧୋଇ ସୁଆର ବଡୁ ସଜାଇ ରଖିଲେ । ପ୍ରତିହାରୀ ଗଲେ ଭୋଗ ଡ଼ାକିବାକୁ । ସୁଆରେ ପିଠା, କଣ୍ଟାଘିଅ, ଦହିପଖାଳ ଆଦି ତିନିଙ୍କ ଆଗରେ ବାଢ଼ିଦେଲେ । ସବୁ ନୈବେଦ୍ୟ ସାମଗ୍ରୀ ବଢ଼ା ସରିଲା ପରେ ପୂଜାପଣ୍ଡା ପୂଜା କରିବା ଲାଗି ତଳେ ବସି ପଡ଼ିଲେ । ବାଦ୍ୟ ଉଠିଲା ବାଦ୍ୟ ବିଶ୍ୱର ମଣିମାଙ୍କ ରତ୍ନସିଂହାର ଭୋଗଦେବେ ।

ନୈବିଦ୍ୟ ସରିଲାପରେ ସୁଆରମାନେ ନିବେଦିତ ମହାପ୍ରସାଦକୁ ବୋହିନେଲେ । ତାପରେ ବିଡ଼ିଆପାନ ଲାଗି କରାଗଲା । ଭିତରବଡ଼ୁ ଭିତର ବେଢ଼ାକୁ ପରିଷ୍କାର କରିଦେଲେ । ଏଥର ଆରମ୍ଭ ହେଲା ତିନିଙ୍କ ପହୁଡ଼ କାର୍ଯ୍ୟ । ଖଟ ଶେଯ— ମେକାପ ତିନୋଟି ପଲଙ୍କରେ ଶେଯ ପକାଇ ତାହାକୁ ଠିକଣା ସ୍ଥାନରେ ରଖିଲେ । ସଙ୍ଗେ ସଙ୍ଗେ 'ଗରାବଡୁ' ତିନୋଟି ଝରିରେ ଘଣ୍ଟାଜଳ ରଖିଲେ ସେହି ପଲଙ୍କ ପାଖରେ, ଘଣ୍ଟାଜଳକୁ କେହି କେହି ନିଶାଜଳ ମଧ୍ୟ କହନ୍ତି । ବିଶ୍ୱର ମଣିମାଙ୍କର ଭଲଭାବରେ ନିଦହେବା ପାଇଁ ଏହା ରାଜକୀୟ ଆୟୋଜନ । ଗରାବଡୁ ଓ ପୁଷ୍ପାଳକ ଭଣ୍ଡାର ଘରୁ ସୁନାର ଶୟନ ଦେବତାଙ୍କୁ ନେଇ ଆସିଲେ । ତାଙ୍କୁ ବିଜେ କରାଇଲେ ସିଂହାସନ ଉପରେ । ତାଙ୍କ ଉପରେ ଛତରେ ସେବକ ଛତିଧରି ଛିଡ଼ା ହେଲେ । କର୍ପୁରର ଆଳତି ହେଲା ତାଙ୍କ ପାଖରେ । ଆଳତି ସରିଗଲା ଓ ଶୟନ ଦେବତାଙ୍କୁ ନେଇ ଜୟ ବିଜୟ ଦ୍ୱାର ନିକଟକୁ ଆଣି ଜଳାତନାରୁ ଉପରେ ସ୍ଥାପନ କଲେ । ବାଜି ଉଠୁଥାଏ ବୀଣା ଓ ବାସୁଳୀ । ସାରା ମନ୍ଦିର ଭିତରେ ସେ ସ୍ୱରରେ ଲହରୀ ଘୂରି ବୁଲୁଥାଏ । ଜୟ ବିଜୟ ଦ୍ୱାର ନିକଟକୁ ଶୟନ ଦେବତାଙ୍କୁ ଆଣିଲା ବେଳେ ଛତରା ସେବକ ତାଙ୍କ ଉପରେ ଛତି ଟେକି ଟେକି ଆସୁଥାଏ । ଶୟନ ଦେବତା ନାରାୟଣର ମୂର୍ତ୍ତୀ । ସେ ଆଗମନ ନ କଲେ ମହାପ୍ରଭୁ ଶୟନ କରିବେ କିପରି ?

ଭିତରୁ ଗାୟଣୀ ଗାଉଥାଏ ଗୀତଗୋବିନ୍ଦ ସୁଲଳିତ କଣ୍ଠରେ ଜୟ ବିଜୟ ଦ୍ୱାର ନିକଟରେ ଛିଡ଼ା ହୋଇ । ଦେବଙ୍କୁ ସେବା ଗାୟଣୀମାନଙ୍କର ଧାରା ସେହି ଗୀତ ତନ୍ମୟ ହୋଇ ଗାଇ ଉଠୁଥିଲା ବେଳେ ଖାଲି ଆସୁଥାଏ ତା ବକ୍ଷରୁ ବସନାଞ୍ଚଳ । ସେ ଦେବଦାସୀ ତାଂର ମନଧ୍ୟାନ ସବୁ ମହାପ୍ରଭୁଙ୍କ ଉପରେ । ନିଜକୁ ନିଜର ସବୁ ମହାପ୍ରଭୁଙ୍କ [illegible] ନିବେଦିତ କରି ସେ ନିଜକୁ ଧନ୍ୟ ମନେ କରେ । ଦେହ-ମନ-ପ୍ରାଣ ଯଦି ଦେବତାର ତୁଷ୍ଟି ନିମିତ୍ତ ଉତ୍ସର୍ଗୀକୃତ ନ ହେଲା ତେବେ ବଞ୍ଚି ରହିବା ଲାଭ କ'ଣ ? ସେଥିପାଇଁ ତ ଯୋଗୀ ଯୁଗ ଯୁଗ ଧରି ନିଜକୁ ଦେବଙ୍କ ପାଦରେ ଶିର୍ଷ କରି ଧ୍ୟାନ ରତ ।

ଦେଉଳ ଭିତରେ ଦୀପ ଲିଭିଯିବା ପୂର୍ବରୁ ଡ଼ଗରା [illegible] ଆଗେଇଗଲା ସିଂହାସନ ପାଖକୁ । ସେ ପ୍ରାୟ ରତ୍ନସିଂହାସନ [illegible] ପହଞ୍ଚି ପାରିଛି କି ନାହିଁ ସମଗ୍ର ଦେଉଳକୁ ଅନ୍ଧାର କରି ଦୀପ ଲିଭିଗଲା । ତାପରେ ମୁଦୁଲି କବାଟକୁ ବନ୍ଦକରି ତାଲା ଦେଲେ । ତାଲା [illegible] ପରେ ତଳିଛ ମହାପାତ୍ର ତାଲା ପରୀକ୍ଷା କରି ତା ଉପରେ ମଦିର [illegible] ଦେଲେ । ତାହା କାଲି ସକାଳେ ଭିତରଚ୍ଛୁ ପରୀକ୍ଷା କରି [illegible] ଖୋଲିବେ ।


ସମସ୍ତେ ଫେରି ଆସିଲେ ଦେଉଳ ଭିତରୁ ବାହାରକୁ । ସମସ୍ତେ ବାହାରକୁ ଆସି ସାରିଲା ପରେ ବାହାର କବାଟ ଦିଆଗଲା । ତା ପରେ ସବୁ ଶୁନ୍ ଶାନ୍ । ଭିତର ବାହାର ସବୁ ନିଶବ୍ଦ । ମହାପ୍ରଭୁ ସେବକମାନେ ସବୁ ବନ୍ଦବାନ୍ଦ କରି ବାହୁଡ଼ି ଗଲେ ନିଜ ନିଜ ଘରକୁ । ପୁଣି ସେମାନେ ଆସିବେ ଦ୍ୱାର ଖୋଲିବାକୁ ପ୍ରଭାତ ସମୟରେ । ମହାପ୍ରଭୁ ଶୋଇଲା ପରେ ସେମାନେ ବି ବିଶ୍ରାମ ନେବେ ।

ଗମ୍ଭୀରା ଭିତରେ ରହିଗଲା ଏକା ଓଡ଼ିଶାଦେଶର [illegible] କପିଳେଶ୍ୱରଙ୍କ ଡ଼ଗର । ମନ୍ଦିର ଭିତରେ ଅସମ୍ଭବ ଅନ୍ଧକାର । [illegible] ନିବିଡ଼ ଅନ୍ଧାରର ତୁଳନା ନାହିଁ । ଶ୍ରାବଣ ଅମାବାସ୍ୟା [illegible] ମେଘଭରା ଆକାଶ—ନା ତାହାଠାରୁ ବହୁଗୁଣ ନିବିଡ଼ ଅନ୍ଧକାର ମନ୍ଦିର ଭିତରେ ।

[illegible] ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଥାଏ । [illegible] ମହାପ୍ରଭୁ [illegible] ଏକମାତ୍ର ମୋର ସାହା ଭରସା । ତୁ ଦୟା ନ କଲେ [illegible] [illegible] କାନ୍ଧରେ ଆଉ ମୁଣ୍ଡ ରହିବ ନାହିଁ । ଏ ରାଜ୍ୟ ତୋର । [illegible] ଆଦେଶରେ କପିଳେଶ୍ୱର ରାଜ୍ୟ ଶାସନ କରୁଛି । ତୁ ଯଦି [illegible] ତେବେ ଏ [illegible] ଜୀବନ ରହିବ, ତା ନ ହେଲେ ଖାଲି ମୁଁ ନୁହେଁ [illegible] ପିଲା କୁଟୁମ୍ବ ମଧ୍ୟ କପିଳେଶ୍ୱରଙ୍କ ରୋଷାନଳରେ ପୋଡ଼ିଯିବେ । ମହାପ୍ରଭୁ ! ତୁମେ ଘୋର ବନରେ ମୃଗୁଣୀକୁ ତା ଛୁଆ ସହିତ [illegible] ବେଳେ ବ୍ୟାଧ ଆସି ସେହି ମୃଗୁଣୀ ସହିତ ଛୁଆକୁ ମାରିବା ପାଇଁ [illegible] ପାତିଲା । ନିଆଁ ଲଗାଇ ବାଟ ଅବରୋଧ କଲା— ନିଜେ ଧନୁଶର ଧରି କୁକୁର ସହିତ ଜଗି ରହିଲା । ମୃଗୁଣୀ ନିଜକୁ, ତା ଛୁଆକୁ ବଞ୍ଚାଇବାପାଇଁ ଚିନ୍ତାକଲା ତୁମକୁ । ତୁମେ ଯେତେବେଳେ ଜାଣିଲ ମୃଗୁଣୀର [illegible] ସେତେବେଳେ ମେଘ ପବନ ପଠାଇ ବ୍ୟାଧର ଜାଲ ଛିଣ୍ଡାଇ ଦେଲ, [illegible] ଲିଭାଇ ଦେଲ । ମୁଷଳ ଧାରା ମେଘ ବର୍ଷାରେ ଆଉ ଭୟଙ୍କର [illegible] ତିନ୍ତି ବୁଡ଼ି ବ୍ୟାଧ ଆଉ କୁକୁର ଜୀବନ ବଞ୍ଚାଇବାକୁ ପଳାଇଲେ । [illegible] ବିଚରା ମୃଗୁଣୀ ଆଉ ତା'ର ଛୁଆଟି ।

ହେ ମହାପ୍ରଭୁ ଏ ଡ଼ଗର — ତୋ ଦେଶର । ସେ ଆଜି [illegible] ବିପଦରେ ପଡ଼ି ତୋତେ ତୋ ରତ୍ନସିଂହାସନ ତଳେ ରହି ଡ଼ାକୁଛି, ତୁ ଯଦି ନ ଶୁଣିବୁ ତେବେ ଆଉ କିଏ ମୋ ଡାକ ଶୁଣିବ ? ଯୁଗେ ଯୁଗେ ତୁ [illegible] ରକ୍ଷା କରିବା ପାଇଁ ବିଭିନ୍ନ ଅବତାର ହୋଇଛୁ । ସେହି [illegible] ପୁରାଣମାନେ ତୋ ଠାରୁ ବାହାରେ ଦୁଷ୍ଟ ନିବାରି ସନ୍ଥଙ୍କୁ ରକ୍ଷାକରି [illegible] ମଧ୍ୟରେ ଲୀନ ହୋଇ ଯାଇଛନ୍ତି । ତୁ ଏବେ [illegible] ରତ୍ନସିଂହାସନରେ ବାହୁ ମେଲାଇ ବସିରହିଛୁ । ତୁ ମୋ ଡ଼ାକ ନ ଶୁଣିଲେ ମୁଁ ଅରକ୍ଷ ହୋଇଯିବି ମହାପ୍ରଭୁ । ଦୁଃଖୀଜନର ଅରକ୍ଷିତ ତୁ [illegible] ଆଶ୍ରୟଦାତା । ସେଥିପାଇଁ ଯୁଗେ ଯୁଗେ ତୁ ମୁନିଋଷିମାନଙ୍କର ଧ୍ୟେୟହୋଇ ଆସିଛୁ ।

ଆଖିରୁ ଲୁହ ଝରାଇ ଶ୍ରୀଜଗନ୍ନାଥଙ୍କୁ କୋହ ମିଶା [illegible] କହିଚାଲିଥାଏ ଡ଼ଗର ତା ମନର କଥା । ବିଶ୍ୱର ମଣିମାଙ୍କର [illegible]



ଜାଗ୍ରୟ । ଏତେବେଳେ ତାଙ୍କୁ ତାଙ୍କ ରତ୍ନସିଂହାସନ ତଳେ ରହି ନିଦରେ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । କିନ୍ତୁ ଉପାୟ ନାହିଁ ଦଗରର । ମହାପ୍ରଭୁ ତା କଥା ନ ଶୁଣିଲେ ଆଉ କିଏ ଶୁଣିବ ? ଆଉ କିଏ ତାକୁ ରକ୍ଷା କରିବ ରାଜଦଣ୍ଡରୁ ।

ଘିଡ଼ି, ଦଣ୍ଡ, ଘଡ଼ି ହୋଇ ଗଡ଼ିଚାଲିଥାଏ ରାତି । ହାତରେ ଖଣ୍ଡେ ବାଉଁଶ ବାଡ଼ିକୁ ଚିରି ତାହାରି ମଧ୍ୟରେ ଚିଟାଉକୁ ଧରିଥାଏ ଦଗର ! ସତେ କ'ଣ ଇନ୍ଦ୍ରଙ୍କ ଆଖିରେ ତା'ର ଚିଟାଉ ପଡ଼ିବ ଆଉ ଇନ୍ଦ୍ର ତାକୁ ନେଇ ପଢ଼ି ତାର ଉତ୍ତର ତା ହାତରେ ଦେବେ ? ଶ୍ରୀଜଗନ୍ନାଥ ଭରସା । ସେ ଇଚ୍ଛା କଲେ ସବୁ ହୋଇ ପାରିବ । କେଉଁ କାଳରୁ ଲୋକେ ଶୁଣି ଆସିଛନ୍ତି ଇନ୍ଦ୍ରଙ୍କ ସହ ଦେବତାମାନେ ସକାଳ ନ ହେଉଣୁ ଦର୍ଶନ କରିବାକୁ ମହାପ୍ରଭୁଙ୍କ ପାଖକୁ ଆସନ୍ତି । କେହି ଦେଖିଥିବା ପ୍ରମାଣ ଅଛି କି ନାହିଁ ତାହା ଦଗର ଜାଣି ନାହିଁ । ଯଦି ଇନ୍ଦ୍ର ତା ହାତରୁ ଚିଠିଟି ନେଇ ପଢ଼ି ତା'ର ଉତ୍ତର ଦିଅନ୍ତି ତାହାହେଲେ ପ୍ରମାଣିତ ହେବ ଶ୍ରୀଜଗନ୍ନାଥ ବିଶ୍ୱର ମହିମା । ସେ ସବୁର ସ୍ରଷ୍ଟା— ରକ୍ଷାକର୍ତ୍ତା ।

ହଠାତ୍ କ'ଣ ଗୋଟାଏ ଶବ୍ଦ ଶୁଣି ସେ ନୀରବ ହୋଇଗଲା । ଶବ୍ଦଟି ଆଉ କିଛି ନୁହେଁ— କେହି ଶୋଇଥିବା ବଳିଷ୍ଠ ଲୋକର କର ବଦଳାଇବା ଶବ୍ଦ । ସେ ସ୍ପଷ୍ଟ ଶୁଣିପାରିଲା ଶୋଇଲା ଲୋକର ନିଶ୍ୱାସ ପ୍ରଶ୍ୱାସର ଧ୍ୱନି । ତାହାହେଲେ ମହାପ୍ରଭୁ କ'ଣ ଶୋଇଛନ୍ତି ? ଏକା ତ ମହାପ୍ରଭୁ ଜଗନ୍ନାଥ ନୁହନ୍ତି ତାଙ୍କ ସହିତ ମହାଦେବୀ ସୁଭଦ୍ରା, କୋଟିଏ ସିଂହର ବିକ୍ରମ ବଳଦେବ ମଧ୍ୟ ଶୋଇଥିବେ ? ତେବେ ତା ଦୁଃଖ ଶୁଣିବ କିଏ ? କିଏ ତାକୁ ବିପଦରୁ ଉଦ୍ଧାର କରିବେ ।

ହେ ମହାପ୍ରଭୁ ! ମୁଁ ମୂର୍ଖ ଅଜ୍ଞାନ ଦଗର । ତୋର ରାଉତ କପିଳେଶ୍ୱରା ଦେଇ ଧରି ଇନ୍ଦ୍ରଙ୍କୁ, ଦେବା ପାଇଁ ଆସିଛି । ଇନ୍ଦ୍ର ବୃଷ୍ଟି ନକଲେ ଓଡ଼ିଶା ମୂଲକରେ ଦୁର୍ଭିକ୍ଷ ପଡ଼ିବ । ତୋ ଦେଶରେ ଲୋକେ ଯଦି ଦୁର୍ଭିକ୍ଷରେ ମରନ୍ତି ତେବେ ଏ ଲଜ୍ଜା କାହାକୁ ହେବ ମହାପ୍ରଭୁ! ଏଥି ପାଇଁ ଲୋକେ ତୋତେ ନିନ୍ଦା କରିବେ ନାହିଁକି ? ଇନ୍ଦ୍ରଙ୍କର ଉତ୍ତର ନ ନେଲେ ଏ ଦଗର୍, ରାଜାଙ୍କ ହାତରେ ମରିବ । ତ ସଙ୍ଗେ ସଙ୍ଗେ ଲୋପ ହୋଇଯିବ ତୋର ଶରଣ ପଞ୍ଜରର ନାମ ଏ ଜଗତରୁ । ମ୍ଳେଚ୍ଛମାନେ ତୋତେ କହିବେ ତୁ ଖାଲି କାଠଖଣ୍ଡେ ବୋଲି ।

ହୁଁ ଟୀ ଶବ୍ଦ ଶୁଣାଗଲା । ସତେ ଯେପରି କିଏ ଦେଉଳ ଭିତରେ କିଛି ଗୋଟାଏ ବାଜା ବଜାଉଛି । ତା ପରେ ପରେ ଶୁଭିଲା ବହୁ ଅସ୍ପଷ୍ଟ ସ୍ପଷ୍ଟ ସ୍ୱର । ଯେପରି କେତେ ଲୋକ କ'ଣ କଥାବାର୍ତ୍ତା ହେଉଛନ୍ତି । ହଠାତ୍ ତା'ର ମନେହେଲା ତା'ର ବାଉଁଶ ବାଡ଼ିଟାକୁ କିଏ ଟାଣିନେଲା । ଦେଉଳଭିତରେ ପୁରା ଅନ୍ଧାର । କିଛି ଦେଖାଯାଉ ନାହିଁ । ସେ ସେହି ଦଣ୍ଡଟିକୁ ଉଣ୍ଡାଳି ପକାଇଲା । ଆରେ ଏ କ'ଣ ଦଣ୍ଡ ଅଗରେ ଖୋସା ହୋଇଥିବା ମହାରାଜାଙ୍କର ଚିଟାଉ ନାହିଁ । କ'ଣ ହେଲା— କିଏ ନେଲା ସେ ଚିଟାଉଟି ।

ଅବହେଳିତ ହୋଇ ପଡ଼ିଥିବା ପୁରୁଣା ମନ୍ଦିର ଭିତରେ ଚେମେଣିଆ ଥିବାର ସେ ଶୁଣିଛି । ଚେମେଣିଆ କ'ଣ ଆଉ ଏ ମନ୍ଦିର ଭିତରେ ଅଛନ୍ତି–ସେହି ନେଇଗଲେ ଚିଟାଉଟି । ହେଲେ ତ ଅସୁବିଧା । ଆଉ ତା'ର ନିସ୍ତାର ନାହିଁ ।

ଦଗର ଏଣୁ ତେଣୁ ଚିନ୍ତା କରୁ କରୁ କ'ଣ ଗୋଟାଏ ତା ପାଖରେ ଠକ୍ କରି ପଡ଼ିଯିବାର ଶୁଭିଲା । ଅନ୍ଧାରରେ ଉଣ୍ଡାଳି ପକାଇଲା ବିଚରା ଦଗର ଚଉକୁ । ହାତରେ ଗୋଟାଏ କ'ଣ ତା'ର ବାଜିଲା । ଧୀରେ ତାହାକୁ ଗୋଟାଇ ଉଣ୍ଡାଳି ଅନୁଭବ କଲା ତାହା ଯେପରି ତାର ସେହି ଚିଟାଉ । ଶକ୍ତ ଭାବରେ ବାଉଁଶ ଦଣ୍ଡ ମଧ୍ୟରେ ଖୋସା ହୋଇଥିବା ସେହି ତାଳପତ୍ର ଚିଟାଉଟି ଯେପରି ତଳେ ଖସି ପଡ଼ିଛି । ସେ ସେହି ଅନ୍ଧାର ମଧ୍ୟରେ ବାଉଁଶ ଦଣ୍ଡଟିକୁ ଉଣ୍ଡାଳି ସେହି ଚିଟାଉଟିକୁ ପୁଣି ଖୋସି ଭଲ କରି ହାତରେ ଧରିଲା ।

ସେ ଅନୁଭବ କଲା ପୂର୍ବ ଅପେକ୍ଷା ମନ୍ଦିର ଭିତର ଅଳ୍ପ ଆଲୋକ ଯେପରି କେଉଁ ଆଡୁ ଆସିଗଲା । ଶୁଣିଲା କିଏ କହୁଛି, ଦଗର ! ତୁ ଚିଟାଉଟି ନେଇ କାଲି ମହାପ୍ରଭୁଙ୍କ ରାଉତକୁ ଦେବୁ । ମୁଁ ଇନ୍ଦ୍ର ତାଙ୍କ ଚିଟାଉ ପଢ଼ି ଉତ୍ତର ଦେଇଛି ।

ଇନ୍ଦ୍ର ଉତ୍ତର ଦେଇଛନ୍ତି ? ଏହା କ'ଣ ସତ୍ୟ ନା ତାକୁ ଭୁଲ କଥା କିଏ କହୁଛି । ଜାଣିବାର ଉପାୟ ନାହିଁ ତାର । ସେ ଅନ୍ଧକାରରେ ଚିଟାଉଟିକୁ ଦେଖିବା ତା ପକ୍ଷରେ ସମ୍ଭବ ନୁହେଁ । ସକାଳ ହେବା ପର୍ଯ୍ୟନ୍ତ ଏବଂ କବାଟ ଫିଟିବା ଯାଏ ତାକୁ ଅପେକ୍ଷା କରିବାକୁ ପଡ଼ିବ । ଦିନ ଆଲୁଅରେ ସେ ଭଲକରି ଦେଖିବ ବର୍ତ୍ତମାନ ଚିଟାଉଟି ସେ ପୂର୍ବରୁ ଆଣିଥିଲାକି ନାହିଁ

ଏଣେ ସକାଳ ହେଉ ନହେଉଣୁ ଦେଉଳ କରଣ ଶ୍ରୀମନ୍ଦିର ଫିଟିବାର ବ୍ୟବସ୍ଥା ପାଇଁ ପାଇକ ଦ୍ୱାରା ସେବକମାନଙ୍କୁ ଡକାଇ ପଠାଇଲେ । ସେବକଙ୍କ ଡାକରେ ଭିତରଚ୍ଛୁ ମହାପାତ୍ର, ପାଳିଆମେକାପ, ପ୍ରତିହାରୀ, ଅଖଣ୍ଡମେକାପ ସିଂହଦ୍ୱାରରେ ଉପସ୍ଥିତ ହେଲେ । ମୁଦୁଲି ମଧ୍ୟ ଆସିଗଲେ । ପ୍ରଥମେ ମୁଦୁଲି ସିଂହଦ୍ୱାରର ଖୁଚି ଖୋଲିଦେଲେ । ଭିତରଚ୍ଛୁ ମହାପାତ୍ର ଭିତରକୁ ଗଲାପରେ ବାଦ୍ୟକାରମାନେ ବାଜା ବଜାଇବଜାଇ ଭିତରକୁ ଚାଲିଗଲେ । ଗତ ରାତିରେ ତାଳିକୁ ଯେଉଁ ମୁଦ ଦେଇ ଯାଇଥିଲେ ତାହା ଠିକ୍ ଅଛି ନା ନାହିଁ ତାହା ପରୀକ୍ଷା କରି ଦେଖିଲେ ଭିତରଚ୍ଛୁ ମହାପାତ୍ରେ । ଠିକ୍ ଅଛି ଏହା କହିଲାପରେ ମୁଦୁଲି ଜୟ ବିଜୟ ଦ୍ୱାରର ଖୁଚି ଖୋଲିଲେ । ଖୁଚି ଖୋଲା ହେଲା ପରେ ପ୍ରତିହାରୀ ଭିତରକୁ ଯାଇ ଦ୍ୱାର ବନ୍ଦ କରିଦେଲେ ଓ ଭିତରେ ପଶି ଦୀପ ଲଗାଇଲେ ଅଖଣ୍ଡମେକାପ ।

ଦୀପ ଆଲୁଅରେ ଗମ୍ଭୀର ଭିତର ଆଲୋକିତ ହେବାମାତ୍ରେ ଦଗର ରତ୍ନସିଂହାସନ ପାଖରୁ ଧୀରେ ଉଠି ଚାଲି ଆସିଲା । ତା ହାତରେ ବାଉଁଶ ଦଣ୍ଡ ଖଣ୍ଡେ ଓ ସେ ଦଣ୍ଡର ଉପରେ ଗୋଟିଏ ମୁଦ ଚିଟାଉ । ସେ ଯେ ଗତ ରାତିରେ ମନ୍ଦିର ମଧ୍ୟରେ ଥିଲା ଏହା ସେବକମାନଙ୍କୁ ଦେଉଳ କରଣେ କହି ଦେଇଥିଲେ । ତେଣୁ ସେମାନେ ଦେଖିଲେ ଦଗର କେବଳ ସେହି ଚିଟାଉଟି ଧରି ଚାଲି ଯାଉଛି । ଶ୍ରୀମନ୍ଦିରର ଅନ୍ୟ କୌଣସି ଜିନିଷ ସେ ସଙ୍ଗରେ ନେଉ ନାହିଁ ।

ଦଗର ବାହାରକୁ ଆସି ଦେଖିଲା ସେ ଆଣି ଥିବା ଚିଟାଉ ଏ ନୁହେଁ । ସେ ଯେଉଁ ଚିଟାଉ ଆଣିଥିଲା ତାହା ତାଳପତ୍ରର ଥିଲା । ମାତ୍ର ଏ ଚିଟାଉଟି ଭିନ୍ନ ପତ୍ରର । ଖୁବ୍ ସୁନ୍ଦର ଦିଶୁଥାଏ ସେହି ପତ୍ରଟି ତାକୁ ସୂତାଦ୍ୱାରା ସେହି ଚିଟାଉଟି ବନ୍ଧ ରହିଛି । ଚିଟାଉରେ କ'ଣ ଲେଖାଅଛି ତାହା ଦଗରର ଜାଣିବା କୌଣସି ଆବଶ୍ୟକ ନାହିଁ । ଇନ୍ଦ୍ରଙ୍କୁ ଚିଟାଉ ଦେଇ ତା'ର ଉତ୍ତର ଆଣିଛି ଏହା ତା' ପକ୍ଷରେ ଯଥେଷ୍ଟ । ସେ ତା'ର କର୍ତ୍ତବ୍ୟ ସମ୍ପାଦନ କରି ପାରିଛି ଏତିକି ଛଡ଼ା ଅନ୍ୟ କିଛି ଜାଣିବା ଆବଶ୍ୟକ ନାହିଁ ।

ଦଗର ଧାଇଁଲା ଶ୍ରୀକ୍ଷେତ୍ରରୁ ବାରାଣସୀ କଟକ । ଯେଉଁଠାରେ ମହାରାଜ କପିଳେଶ୍ୱର ରହିଛନ୍ତି । ଆସିଲାବେଳେ ସେ ପାଦରେ ଚାଲିକରି ଆସିଥିଲା । ମାତ୍ର ବର୍ତ୍ତମାନ ସେ ଶ୍ରୀକ୍ଷେତ୍ରରୁ ମହାରାଜାଙ୍କର

ଏକ ବେଗଗାମୀ ଘୋଡା ଉପରେ ଚଢି ଚାଲିଲା । ପବନ ବେଗରେ ଧାଇଁ ଥାଏ ଘୋଡା । ଡ଼ଗର ମନରେ ଆନନ୍ଦ ପୁରିଯାଇଥାଏ । ସେ ତା ଜୀବନ ଭିତରେ ମହାପ୍ରଭୁ ଜଗନ୍ନାଥଙ୍କ ଅନୁଗ୍ରହରୁ ବଡ କଥା କରିପାରିଛି । ସ୍ୱର୍ଗର ଇନ୍ଦ୍ରଙ୍କୁ ମହାରାଜାଙ୍କ ଚିଟାଉ ଦେଇ ତାଙ୍କଠାରୁ ଚେଉରା ଆଣିଛି ।

ଗ୍ରାମ, ନାଳ, ନଦୀ ସବୁକୁ ଟପି ଡ଼ଗରର ଘୋଡା ଧାଇଁ ଚାଲିଛି ବାରାଣସୀ କଟକ ଅଭିମୁଖେ । ମଧ୍ୟାହ୍ନ ମଧ୍ୟରେ ସେ ଇନ୍ଦ୍ରଙ୍କ ଚିଟାଉଟିକୁ ମହାମନ୍ତ୍ରୀଙ୍କ ହାତରେ ସମର୍ପଣ କରିବ । ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ଅଭିରାଏ ଭୁତ ଭୈରବ ଦୁଃଶଳ ଦୁଃଶାସନ ଅରିକରଣେ ରାଉରାଏ ଅତୁଳବଳ ପରାକ୍ରମ ସଂଗ୍ରାମେ ସହସ୍ରବାହୁ କ୍ଷତ୍ରିୟ କୁଳ ଧୂମକେତୁ ବିରାଧିବୀରବର ପ୍ରତାପୀ ଶ୍ରୀ ଶ୍ରୀ ଶ୍ରୀ କପିଳେଶ୍ୱର ଦେବ ମହାରାଜା ତାହା ଶ୍ରବଣ କରିବେ ।

ହେଇ ଆଖି ଆଗରେ ବାରାଣସୀ କଟକ ଦେଖାଯାଉଛି । ଆଉ ଅଳ୍ପ ସମୟ । ଖୁବ୍ ଅଳ୍ପ ସମୟ ଭିତରେ ରାଜନଵର ଆଗରେ ପହଞ୍ଚି ଯିବ । ସେତେବେଳକୁ ମହାରାଜା ବିଶ୍ରାମ ଗୃହରେ ଥିବେ ।

ଡ଼ଗର ଯଥାଶୀଘ୍ର ବାରାଣସୀ କଟକରେ ପହଞ୍ଚି ଘୋଡା ଉପରୁ ଓହ୍ଲାଇ ବିଶ୍ରାମ ଗୃହକୁ ଚାଲିଲା । ସେ ମହାରାଜାଙ୍କର ଡ଼ଗର ହେଲେ ମଧ୍ୟ ଖବର ପଠାଇଲା ମହାମନ୍ତ୍ରୀଙ୍କ ପାଖକୁ ସେ ଇନ୍ଦ୍ରଙ୍କ ପାଖରୁ ଫେରି ଆସିଛି ବୋଲି । ସଙ୍ଗେ ସଙ୍ଗେ ମହାମନ୍ତ୍ରୀ ତାଙ୍କୁ ସଭାଗୃହରେ ଉପସ୍ଥିତ ହେବା ପାଇଁ ଅନୁମତି ଦେଲେ । ଅବିଳମ୍ବେ ସେ ସଭାଗୃହରେ ଉପସ୍ଥିତ ହୋଇ ହୋଇ ମହାରାଜା, ମହାମନ୍ତ୍ରୀ ଓ ଅନ୍ୟାନ୍ୟ ପରିଷଦଙ୍କୁ ନମସ୍କାର କରି ଇନ୍ଦ୍ରଙ୍କ ଚିଟାଉଟି ମହାମନ୍ତ୍ରୀଙ୍କ ହାତରେ ଦେଲେ ।

ମହାମନ୍ତ୍ରୀ ଚିଟାଉଟିକୁ ଭଲଭାବରେ ନିରୀକ୍ଷଣ କରି ମୁଦ ଖୋଲିଲେ । ତା ପରେ ମହାରାଜାଙ୍କ ଗୋଚରାର୍ଥେ ଚିଟାଉଟି ଖୋଲି ବଡ ପାଟିରେ ପାଠ କଲେ, ମହାପ୍ରଭୁ ଜଗନ୍ନାଥଙ୍କର ଚରଣ ସେବକ ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ରାଉତରାଏ ଶ୍ରୀ କପିଳେଶ୍ୱର ଜାଣିବେ । ମେଘମାନେ ମହାପ୍ରଭୁଙ୍କ ନିଜ ରାଜ୍ୟରେ ଜଳବର୍ଷା କରି ନାହାନ୍ତି ଏହା ଜାଣି ବିସ୍ମିତ ହେଲି । ଖୁବ୍ ଶୀଘ୍ର ଆଜିରେ ମେଘବର୍ଷା ହେବ ଏ ପ୍ରତିଶ୍ରୁତି ଦେଉଛି । ଇତି । ଦେବରାଜ ଇନ୍ଦ୍ର ।

ଓଡ଼ିଆ ଅକ୍ଷରେ ଓଡ଼ିଆ ଭାଷାରେ ଚିଠିଟି ଲେଖା ହୋଇଛି । ଦେବ ନାଗରୀର ବିନ୍ଦୁ ବିସର୍ଗ ନାହିଁ । ସତେଯେପରି ଇନ୍ଦ୍ର ଜଣାଇ ଦେଇଛନ୍ତି ଦେବତାମାନେ ଭାବଗ୍ରାହୀ ସମସ୍ତ ଅକ୍ଷର ଭାଷା ସେମାନେ ଜାଣନ୍ତି ।

ମହାରାଜା କପିଳେଶ୍ୱର ଦେବ କ'ଣ କହିବାକୁ ଇଚ୍ଛା କରୁଥିଲେ । ଏତିକିବେଳେ ସଭାଗୃହକୁ ଜଣେ ରାଜପରିଷଦ ବାହାରୁ ଧାଇଁ ଆସି କହିଲେ, ସମଗ୍ର ଆକାଶରେ କଳାମେଘ ଘୋଟିଗଲାଣି ଓ ବିଜୁଳିରେ ଆକାଶ ଆଲୋକିତ ହୋଇଉଠୁଛି । ମହାରାଜା କପିଳେଶ୍ୱର ବିସ୍ମିତ ନେତ୍ରରେ ଅନାଇଲେ ସେହି ରାଜ ପାରିଷଦଟି ଆଡକୁ ।

ଖୁବ୍ ଅଳ୍ପ ସମୟ ମଧ୍ୟରେ ଆଉ ଜଣେ ରାଜ ପାରିଷଦ ଅଧୀର ହୋଇ ଆସି କହିଲେ, ମଣିମା ! ମାଠିଆ ମୁହଁରେ ପାଣି ଢାଳିଲା ଭଳି ମେଘ ବର୍ଷି ଚାଲିଛି । ମନେ ହେଉଛି ସବୁମେଘ ଏକାଠି ଆସିଛନ୍ତି ଏ ରାଜ୍ୟକୁ ବର୍ଷା ବର୍ଷିବା ପାଇଁ । ମହାପ୍ରଭୁଙ୍କ ମୁଖର ରଙ୍ଗ ଭଳି ମେଘମାନେ ରୂପଧାରଣ କରି ଧୀରେ ଧୀରେ ଧୂସର ହୋଇଯାଉଛନ୍ତି ।

ସେତେବେଳେ ମହାରାଜା କପିଳେଶ୍ୱରଙ୍କର ମସ୍ତକ ଆପେ ଆପେ ନଇଁ ଆସୁଥିଲା ଦେଶର ମହାରାଜା ସେହି ବିଶ୍ୱର ମଣିମା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ । କେବଳ ମହାରାଜା ନୁହନ୍ତି ମହାମନ୍ତ୍ରୀ ରାଜପରିଷଦ ପ୍ରତ୍ୟେକ ମଥା ନୁଆଁଇ ପ୍ରଣାମ ଜଣାଉ ଥିଲେ ମହାପ୍ରଭୁଙ୍କୁ ।

ବାହାରେ ମେଘ ମାଠିଆ ମୁହଁରେ ବର୍ଷି ଚାଲିଥାଏ । ଘଡ ଘଡ଼ି ନାଦରେ କଂପି ଉଠୁଥାଏ ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟକୋଳବର୍ଗେଶ୍ୱର କପିଳେଶ୍ୱରଙ୍କ ନଵର ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଜ୍ୟ ।

ଏହି ଚିଠିଟି ଐତିହାସିକ ଶ୍ରୀ ସତ୍ୟନାରାୟଣ ରାଜଗୁରୁ ତା ୧୧/୧/୮୬ରେ କହିଥିଲେ । ଚିଠିଟି ଐତିହାସିକ, ସେଟିଏ ସତ୍ୟଘଟଣାକୁ ମୂଳକରି ଗଳ୍ପଟି ରଚନା କରାଯାଇଛି ।

କ୍ୱାଟର ନଂ ୭ ୭, ଟାଇପ-୪
ତେଲ୍ଗୁ କଲୋନି
ଭୁବନେଶ୍ୱର-୧ ୨





# ଶ୍ରୀ ନୀଳଚକ୍ର

ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ

ପବିତ୍ର ଶ୍ରୀକ୍ଷେତ୍ରଧାମକୁ ଆଗତ ଭକ୍ତର ଦୃଷ୍ଟି ପଥରେ ପ୍ରଥମେ ପଥାରୂଢ଼ ହୁଏ ନୀଳଚକ୍ର, ଯାହାକି ଯୋଜନ ଯୋଜନ ଦୂରରୁ ଭକ୍ତର ନୟନ ମନ ସାର୍ଥକ କରେ । ଭକ୍ତ ନୀଳକନ୍ଦରାଧୀଶ ମହାପ୍ରଭୁଙ୍କୁ ଦର୍ଶନ ଲାଭ କରିବା ପୂର୍ବରୁ ଚକ୍ରରାଜ ନୀଳଚକ୍ରଙ୍କର ଦର୍ଶନ ଲାଭ କରିଥାଏ । ପାବନ ତଥା ପାବକତ୍ଵର ମହାନ ପ୍ରତୀକ ନୀଳଚକ୍ରର ଅନ୍ତରାଳରେ ପ୍ରଭୁ ଜଗନ୍ନାଥ ସତେ ଯେପରି ବିରାଜମାନ । ତେଣୁ ଭକ୍ତର ମଥା ଆପେ ଆପେ ନୀଳଚକ୍ରର ସଂଦର୍ଶନରେ ନତ ହୋଇ ପଡ଼େ । ଚକ୍ରର ଧ୍ଵଜ ଦଣ୍ଡରେ ଉଡ୍ଡୀୟମାନ ଚିରହିଲ୍ଲୋଳିତ ପତାକା ପତିତପାବନବାନା ନାମରେ ଖ୍ୟାତ । ଧନ୍ୟ ସେହି ବିଶ୍ଵକର୍ମା, ଯାହାର ଏ ଅଦ୍ଭୁତ ପରିକଳ୍ପନା ।

ଶ୍ରୀମନ୍ଦିରର ନିର୍ମାଣ ଇତିହାସ ଖୁବ୍; ଅନ୍ଧକାରାଛନ୍ନ । ତଥାପି ପୁରାଣର ବର୍ଣ୍ଣନାନୁଯାୟୀ ପରମ ବିଷ୍ଣୁଭକ୍ତ ମହାରାଜ ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କ ପାଇଁ ଏକ ହଜାର ହାତ ଉଚ୍ଚତାର ମନ୍ଦିର ନିର୍ମାଣ କରିଥିଲେ ଏବଂ ଏହି ମନ୍ଦିରର ପୋତା ଓ ଗଡ଼ା ସମାନ ଥିଲା କିନ୍ତୁ ଏ ମନ୍ଦିର ଭାଙ୍ଗିଗଲା । ପୁନଶ୍ଚ ଗୁପ୍ତବଂଶର ରାଜୁତି କାଳରେ ଯଯାତିକେଶରୀ ମନ୍ଦିର ନିର୍ମାଣ କରାଇ ପରମେଶ୍ଵରଙ୍କୁ ବିଜେ କରାଇଥିଲେ ମାତ୍ର ଯଯାତିଙ୍କ ନିର୍ମିତ ମନ୍ଦିର ସମୁଦ୍ର ଗର୍ଭରେ ଲୀନ ହୋଇଗଲା । ତାଙ୍କପରେ ଏକ ଳତା କାମଦେବ ମଧୁପୁର ଯାବନିକ କ୍ଷେତ୍ରରେ ମନ୍ଦିର ନିର୍ମାଣ କରି ପ୍ରଭୁଙ୍କୁ ପ୍ରତିଷ୍ଠା କଲେ । ସେଥିରେ ରାଜାଙ୍କୁ ଅପନିନ୍ଦା ହେଲା ଓ ମନ୍ଦିର ମଧ୍ୟ ଭାଙ୍ଗିଗଲା । ମାଦଳା ପାଞ୍ଜିର ବିବରଣୀ ଅନୁଯାୟୀ ସମ୍ଭବତଃ ଖ୍ରୀଷ୍ଟୀୟ ଦ୍ଵାଦଶ ଶତାବ୍ଦୀରେ ଗଙ୍ଗବଂଶର ରାଜା ଚୋଡ଼ଗଙ୍ଗଦେବ ମନ୍ଦିର ନିର୍ମାଣ କଲେ ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ମନ୍ଦିରଟି ଜୀର୍ଣ୍ଣ ହୋଇ ଯିବାରୁ ରାଜରାଜଙ୍କ ପୁତ୍ର ଅନଙ୍ଗ ଭୀମଦେବ ୧୧୯୭ ଖ୍ରୀଷ୍ଟାବ୍ଦରେ ବର୍ତ୍ତମାନର ମନ୍ଦିର ନିର୍ମାଣ କରିଥିବା ପ୍ରସଙ୍ଗ ଇତିହାସରୁ ପ୍ରତିପାଦିତ ହୁଏ ।

ଏତଦ୍‌ବ୍ୟତୀତ ଜଗନ୍ନାଥ ମନ୍ଦିର ବିଭିନ୍ନ ସମୟରେ ବାରମ୍ବାର ବହିଃଶତ୍ରୁ ଆକ୍ରମଣର ସମ୍ମୁଖୀନ ହୋଇଛି । ଫଳତଃ ମନ୍ଦିରର ଗଠନ ଶୈଳୀ ବିଭିନ୍ନ ସମୟରେ ପରିବର୍ତ୍ତିତ ହୋଇଥିବା ଖୁବ୍ ସ୍ଵାଭାବିକ; କିନ୍ତୁ ଏ କଥା ସତ୍ୟ ଯେ ଯୁଗେ ଯୁଗେ ପ୍ରଭୁଙ୍କର ଯଶୋଗାଥାକୁ ବିଘୋଷିତ କରି ମହା ପାବନର ମହାନ୍ ପ୍ରତୀକ ରୂପେ ନୀଳଚକ୍ର ଓ ତାର ଧ୍ଵଜ ଦଣ୍ଡରେ ନାଦବିନ୍ଦୁ ଚିହ୍ନିତ ପତିତପାବନ ପତାକା ଉଡ଼ିଆସିଛି । ଏହି ନୀଳଚକ୍ରର ଇତିହାସ ମନ୍ଦିର ନିର୍ମାଣ ଇତିହାସ ସହିତ ଓତଃପ୍ରୋତ ଭାବେ ଜଡ଼ିତ । କାରଣ ଏହି ଚକ୍ରହିଁ ବିଷ୍ଣୁଙ୍କର ଦିବ୍ୟାୟୁଧ । କୌଣସି ବିଷ୍ଣୁ ମନ୍ଦିର ଚକ୍ରାୟୁଧ ନୀଳଚକ୍ରଙ୍କ ପ୍ରତିଷ୍ଠା ବିନା ସଂପୂର୍ଣ୍ଣ ନୁହେଁ । ଯଦି ବର୍ତ୍ତମାନର ମନ୍ଦିର ରାଜା ଅନଙ୍ଗ ଭୀମଦେବଙ୍କ ସମୟରେ ନିର୍ମିତ ହୋଇଥାଏ, ତା'ହେଲେ ମନ୍ଦିରର ଦଧିନଉତି ଓ ତଦୁପରି ଯେଉଁ ନୀଳଚକ୍ରର ପ୍ରତିଷ୍ଠା କରାଯାଇଥିଲା ସେ ସମ୍ପର୍କୀୟ ଏକ ସଂକ୍ଷିପ୍ତ ବିବରଣୀ ତତ୍‌କାଳୀନ ଜନୈକ ମନ୍ଦିର ଶିଳ୍ପୀ ଯୋଗୀ ମହାପାତ୍ରଙ୍କ କୃତ 'ଶିଳ୍ପ ଚନ୍ଦ୍ରିକା' ଶାସ୍ତ୍ରରୁ ମିଳୁଅଛି, ଏଥିରେ ଉଲ୍ଲେଖ ଅଛି—



ପୁଣି ରାଜାଜ୍ଞା ଶୁଣିକରି । ବିଶେଷ ଭୀତ ହୋଇକରି ।।
ସରବେ ଯାଇ ହେଲୁ ଠୁଳ । ଦଧି ନଉତି କରି ମୂଳ ।।
ସୁନିଆଁ ତିନିଶ ଭରିରୁ । ଚଉଦ ହୀରା ଥାନ କଲୁ ।।
ନୀଳା ରହିଲା ସାତଥାନ । ମାଣିକ ବାରେକ ବିଧାନ ।
ତୁଳ ଚଉଦ ପ୍ରବେଶିଲା । ଦଧି ନଉତି ମୁଦାହେଲା ।।

* * * *


ଶ୍ରାବଣ ଏକାଦଶୀ ସାର । ସରବେ କରିଲେ ବିଚ୍ଚାର ।।
ସେଦିନ ଚକ୍ରହିଁ ଉଠିବ । ନେତ ଉଠିବେ ନେତ ଦେବ ।।
ଏମନ୍ତ ସେଦିନ ହୋଇଲା । ଯଜ୍ଞ ଆଚର ସମାଦିଲା ।।
ନୃପତି ସରବେ ମିଳିଲେ । ଗହଣ ବିଜେ ଯେ କରିଲେ ।।
ଚକ୍ର ଆବର ନରସିଂହ । ବିମାନେ ହୋଇଣ ବିଜୟ ।।
ନଗ୍ରେ ବୁଲିଲେ ନିଶାଯୋଗେ । ଉତ୍ସବ ଯେସନକ ଭାବେ ।।
ସରବେ ହେଲେ ପାଗୁଆର । ଶେଷ ହୋଇଲା ପଟୁଆର ।।
ଦ୍ୱାଦଶୀ ଅଶୁଭେ ରହିଲା । ଶୁଭ ତ୍ରିଦୋଶୀ ପ୍ରବେଶିଲା ।।
ସେ ଦିନ ପ୍ରଭାତ କାଳରୁ । ଚକ୍ର ସ୍ଥାପନ ହେଲା ଗୁରୁ ।।
ଅଷ୍ଟ ଧାତୁରେ ସୁଦର୍ଶନ । ଭଣ୍ଡାରେ ସେହୁ ଉତ୍ତଚନ ।।
ନେତ ଯେ ତହିଁରେ ଉଡ଼ିଲା । ଆମ୍ଭର କାରଜ ସରିଲା ।।

ମାତ୍ର ଅନଙ୍ଗ ଭୀମଦେବଙ୍କ ସମୟର ନିର୍ମିତ ମନ୍ଦିରର ଦକ୍ଷିଣଭିତି ଓ ନୀଳଚକ୍ର ପରବର୍ତ୍ତୀ କାଳରେ ବହୁବାର ବିଦେଶୀ ଆକ୍ରମଣ କିମ୍ବା ପ୍ରାକୃତିକ ଦୁର୍ବିପାକ ଫଳରେ ନିଶ୍ଚିତ ନଷ୍ଟ ବିନଷ୍ଟ ହୋଇଥିବ, ଏଥିରେ ସନ୍ଦେହ ନାହିଁ । ମନ୍ଦିରର ଇତିହାସ ସ୍ପଷ୍ଟ ଭାବରେ ମିଳୁ ନ ଥିଲେ ହେଁ ଏ କଥା ସତ୍ୟ ଯେ ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କଠାରୁ ଆରମ୍ଭକରି ଆଜି ପର୍ଯ୍ୟନ୍ତ ମନ୍ଦିରର ଶିରୋଭାଗରେ ଯେଉଁ ନୀଳଚକ୍ର ପ୍ରତିଷ୍ଠିତ ହୋଇଛନ୍ତି ତାଙ୍କର ଉତ୍ଥାନ ପତନ ବିଭିନ୍ନ ସମୟରେ ଘଟି ଆସିଅଛି । ମାଦଳ ପାଞ୍ଜିର ଉଲ୍ଲେଖ ଅନୁଯାୟୀ ୧୫୯୫ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ରାଜା ରାମଚନ୍ଦ୍ରଦେବଙ୍କ ୩୪ ଅଙ୍କରେ ଶ୍ରୀ ଦାମୋଦର ତମ୍ପରିରାୟ ମନ୍ଦିର ଉପରେ ଶ୍ରୀନୀଳଚକ୍ରଙ୍କ ପ୍ରତିଷ୍ଠା କରିଥିଲେ ଏବଂ ଏହି ଚକ୍ର ଦ୍ୱିତୀୟ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ଅର୍ଥାତ୍ ୧୬୯୩ ଖ୍ରୀଷ୍ଟାବ୍ଦରେ ପ୍ରବଳ ଝଡ଼ ତୋଫାନରେ ଦକ୍ଷିଣଭିତିରୁ ଭାଙ୍ଗିଯାଇ ଶ୍ରୀମନ୍ଦିରର ପଶ୍ଚିମ ପଟରୁ ଥିବା ଭଣ୍ଡ ଗଣେଶଙ୍କ ନିକଟରେ ପଡ଼ିଥିଲା ଏବଂ ପରବର୍ତ୍ତୀ କାଳରେ ରାଜା ଦିବ୍ୟସିଂହ ମହାରାଜାଙ୍କ ୩୩ ଅଙ୍କ ମକର ୨୮ ଦିନ ପୁନଃ ପ୍ରତିଷ୍ଠିତ ହୋଇଥିବା ଅନୁମାନ କରାଯାଏ । କାରଣ ବର୍ତ୍ତମାନ ଶ୍ରୀମନ୍ଦିରର ଶୀର୍ଷ ଦେଶରେ ପ୍ରତିଷ୍ଠିତ ଥିବା ଶ୍ରୀନୀଳଚକ୍ରଙ୍କ ବିଗ୍ରହରେ ଖୋଦିତ ହୋଇଥିବା ଲେଖାରୁ ଏହା ପ୍ରମାଣିତ ହୁଏ । ଶ୍ରୀଚକ୍ରଙ୍କର ଗୋଲକାର କ୍ଷେତ୍ର ଅର୍ଥାତ୍ ବଡ଼ଦାଣ୍ଡ ପଟରୁ ସମ୍ମୁଖୀନ ହେବା ପାର୍ଶ୍ୱରେ ଉଲ୍ଲେଖ ରହିଛି ଯେ, "ଦିବ୍ୟସିଂହ ମହାରାଜାଙ୍କ ୩୩ ଅଙ୍କ ମକର ୨୮ଦିନେ ନୀଳଚକ୍ର ତିଆରି ହୋଇଣ ବଡ଼ ଦେଉଳେ ଖଞ୍ଜେ ହୋଇଲେ" । ଏହି ଲେଖାରୁ ନିମ୍ନରୁ "ପରମାନନ୍ଦ ମହାରଣା, ଧରମ ଶରଣ ରାଉତ ଜଗନ୍ନାଥ ବିଦ୍ୟାଧର" ଏବଂ ଏହାର ନିମ୍ନ ଭାଗରେ "ଗୁମାସ୍ତା ରଘୁ ମହାନ୍ତି"ଙ୍କ ନାମ ଦେଖିବାକୁ ମିଳେ । ଏଥିରୁ ସୂଚନା ମିଳେ ଯେ, 'ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ୩୩ ଅଙ୍କ ମକର ୨୮ ଦିନ ଏହି ନୀଳଚକ୍ର ପରମାନନ୍ଦ ମହାରଣାଙ୍କ ଦ୍ୱାରା ନିର୍ମିତ ହୋଇ ତତ୍କାଳୀନ ରାଜ ଗୁମାସ୍ତା ରଘୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା କରାଯାଇଥିଲା ।

ଏ ସମ୍ପର୍କରେ ଓଡ଼ିଶାର ଅନ୍ୟତମ ଐତିହାସିକ ତଥା ଉତ୍କଳ ଇତିହାସର ଅତୀତ ଅଧ୍ୟାୟର ଲେଖକ ଚକ୍ରଧର ମହାପାତ୍ର ଉଲ୍ଲେଖ କରନ୍ତି ଯେ, ୧୭୧୩ ଖ୍ରୀଷ୍ଟାବ୍ଦରେ ବନ୍ଧରା ବଂଶୀୟ ରାଜଗୁରୁ ଭାନୁଦେବଙ୍କ ନିର୍ଦ୍ଦେଶରେ ଶ୍ରୀନୀଳଚକ୍ର ନୂତନ ଭାବେ ନିର୍ମିତ ହୋଇ ଶ୍ରୀମନ୍ଦିରର ଚୂଡ଼ା ମଣ୍ଡନ କରିଥିଲେ ଓ ଏହି ସମୟକୁ ଦିବ୍ୟସିଂହ ଦେବ ପ୍ରଥମ ଉତ୍କଳର ଗଜପତି ଥିଲେ । ଉପରୋକ୍ତ ଲେଖ ବିବରଣୀରୁ ଅନୁମାନ କରାଯାଉଛି ଯେ ୧୬୯୩ ଖ୍ରୀଷ୍ଟାବ୍ଦରେ ଝଡ଼ ବାତ୍ୟାରେ ନଷ୍ଟ ବିନଷ୍ଟ ହୋଇ ଭଣ୍ଡ ଗଣେଶଙ୍କ ନିକଟରେ ଖସି ପଡ଼ିଥିବା ନୀଳଚକ୍ର ପରେ ଭାନୁଦେବଙ୍କ ନିର୍ଦ୍ଦେଶରେ ନିର୍ମିତ ହୋଇ ଗଜପତି ଦିବ୍ୟସିଂହ ଦେବ ପ୍ରଥମ ରାଜତ୍ୱ କାଳରେ ପ୍ରତିଷ୍ଠା ହେଲେ । ଏତଦ୍ବ୍ୟତୀତ ଶ୍ରୀନୀଳଚକ୍ରର ଗୋଲକାର କ୍ଷେତ୍ରର ବିପରୀତ ଭାଗରେ ଅର୍ଥାତ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ପଟରୁ ଥିବା ଫଳକରେ ଆଉ ଏକ ଲେଖ ଦେଖିବାକୁ ମିଳେ । ଏଥିରେ ଉଲ୍ଲେଖ ରହିଛି ଯେ, "ଶ୍ରୀ ମୁକୁନ୍ଦ ଦେବ ମହାରାଜାଙ୍କ ୧୩ ଅଙ୍କ ସନ ୧୨୯୯ ସାଲ ଧନୁ ୧୪ ଦିନ ମରାମତି ହେଲା" "ସରସ୍ୱତୀ କରିଥିବା କାରିଗର ଶ୍ରୀପୁରୁଷୋତ୍ତମ ଗୋବିନ୍ଦ ମହାରଣା ପଥୁରିଆ ସାହି" ଉପରୋକ୍ତ ଲେଖରୁ ଅନୁମାନ କରାଯାଏ କୌଣସି କାରଣ ବଶତଃ ଏହି ନୀଳଚକ୍ର ଭାଙ୍ଗି ଯିବାରୁ ଗଜପତି ମୁକୁନ୍ଦ ଦେବଙ୍କ ସମୟରେ ପୁରୀ ପଥୁରିଆ ସାହି ନିବାସୀ ଗୋବିନ୍ଦ ମହାରଣା ନାମକ ଶିଳ୍ପୀଙ୍କ ଦ୍ୱାରା ମରାମତି କାର୍ଯ୍ୟ ସଂପାଦିତ ହୋଇଥିଲା ।

ବର୍ତ୍ତମାନ ଶ୍ରୀମନ୍ଦିରର ଶୀର୍ଷ ଦେଶରେ ପ୍ରତିଷ୍ଠିତ ଥିବା ଶ୍ରୀନୀଳଚକ୍ରଙ୍କ ଗଠନ ବିଷୟ ଚିନ୍ତା କରାଯାଉ ।

ଏହି ନୀଳଚକ୍ର ଗଠନ ସଂପର୍କରେ ଏକ ବିସ୍ତୃତ ବିବରଣୀ ମନ୍ଦିର (Records of Right) ରୁ ମିଳିଥାଏ । ଏଥିରେ ଉଲ୍ଲେଖ ଅଛିଯେ ବଡ଼ ଦାଣ୍ଡରୁ ମନ୍ଦିରର ଉଚ୍ଚତା ୨୧୪ ଫୁଟ ଏବଂ ଅନ୍ତର୍ବେଦୀରୁ ୧୮୧ ଫୁଟ । କାରଣ ବଡ ଦାଣ୍ଡରୁ ଅନ୍ତର୍ବେଦୀର ଉଚ୍ଚତା ୩୩ ଫୁଟ । ତେଣୁ ୨୧୪ ଫୁଟ ଉଚ୍ଚ ମନ୍ଦିର ଦଧିନଉତିର ବଇଠି ବା ଆୟୁଧାଧାର ଉପରେ ଚକ୍ରଟି ଅଧିଷ୍ଠିତ । ଏହି ଚକ୍ରର ଉଚ୍ଚତା ୧୧ ଫୁଟ ୮ ଇଞ୍ଚ, ବ୍ୟାସ ୭ ଫୁଟ ୬ ଇଞ୍ଚ ପରିଧି ଫଳକର ବେଧ ୨ ଇଞ୍ଚ, ପରିଧିର ଓସାର ୯ ଇଞ୍ଚ । ଚକ୍ରର କେନ୍ଦ୍ରସ୍ଥିତ ବୃତ୍ତାକାର କ୍ଷେତ୍ରର ବ୍ୟାସ ୨ ଫୁଟ ଅଟେ ଓ ଏବଂ ଏଥିରେ ଆଠ ଗୋଟି ଅର ଅଛି । ପ୍ରତ୍ୟେକ ଅରର



ଦୈର୍ଘ୍ୟ ୧ ଫୁଟ ୧୦ ଇଞ୍ଚ । ଏହି ଅରଗୁଡିକର ପଶ୍ଚାତ ଭାଗରେ ଏକଠାରୁ ଆଠ ପର୍ଯ୍ୟନ୍ତ କ୍ରମିକ ସଂଖ୍ୟା ପ୍ରଦତ୍ତ ହୋଇଛି ଚକ୍ରଟିର ଓଜନ ଦେଢଶହ କୁଇଣ୍ଟାଲରୁ ଅଧିକ ଏବଂ ଏହା ଅଷ୍ଟଧାତୁ ନିର୍ମିତ ଏଥିରେ ଅଧା ଲୁହା, ପାଏ ତମ୍ବା ଏହାଛଡା ସୁନା, ରୁପା, ରଙ୍ଗ, ଦସ୍ତା, ସୀସା ଓ ପାରା ଆଦି ଛଅଟି ଧାତୁର ପାଏ ଲେଖାଏଁ ଭାଗ ରହିଛି । ଶ୍ରୀଚକ୍ରଙ୍କର ଉପରୋକ୍ତ ବାହ୍ୟ ଗଠନ ବ୍ୟତୀତ କେହି କେହି ଗବେଷକ ଏହାକୁ ବିଷ୍ଣୁଙ୍କର ଆୟୁଧ ତଥା ରତ୍ନ ସିଂହାସନାରୂଢ଼ ସୁଦର୍ଶନଙ୍କର ପ୍ରତୀକ ଭାବରେ ଗ୍ରହଣ କରି ଏହାର ବିଭିନ୍ନ ଅଂଶର ତାତ୍ତ୍ୱିକ ନାମ କରଣ ପ୍ରଦାନ କରନ୍ତି । ସମୁଦାୟ ଚକ୍ରଟି ଜଗନ୍ନାଥଙ୍କର ଆୟୁଧ ସୁଦର୍ଶନ ଚକ୍ର ହୋଇଥିବାରୁ ଏହାର ଭେତ୍ର ଅଂଶକୁ ନେମି ବା ଜ୍ୱାଳା ପିଣ୍ଡି, ଅରଗୁଡ଼ିକୁ ଶିଖା ବା ଜ୍ୱାଳା ଏବଂ ଚକ୍ରର ଶୀର୍ଷ ଦେଶକୁ କର୍ଣ୍ଣିକା ବୋଲି କହିଥାନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ନୀଳଚକ୍ରଙ୍କ ପୂଜା ଉପାସନା ପଦ୍ଧତି ବଡ଼ ରହସ୍ୟ ପୂର୍ଣ୍ଣ—ଏହାଙ୍କର ପରମ ସେବକ ହେଉଛନ୍ତି ଶ୍ରୀମନ୍ଦିରର ଅସ୍ପୃଶ୍ୟ ଇଷ୍ଟଦେବ ବିନତା ନନ୍ଦନ ଗରୁଡଙ୍କର ସେବକବୃନ୍ଦ ସେମାନେ ଚୁନରା ସେବକ ଭାବରେ ମଧ୍ୟ ପରିଚିତ । ଏହି ସେବକମାନେ ଦୈନନ୍ଦିନ ନୀଳଚକ୍ରରେ ଧ୍ୱଜା ବାନ୍ଧିବା କାର୍ଯ୍ୟ କରିଥାନ୍ତି । ଯଦି କୌଣସି କାରଣରୁ ନୀଳଚକ୍ରରେ ଧ୍ୱଜା ନଥାଏ ଠାକୁରଙ୍କୁ ଭୋଗ ସମର୍ପିତ ହୋଇ ପାରେ ନାହିଁ ଏଣୁ ଧ୍ୱଜା ବନ୍ଧନ କାର୍ଯ୍ୟ ଏହି ସେବକମାନଙ୍କ ଦ୍ୱାରା ହିଁ ସବୁ ସମୟରେ ସଂପନ୍ନ ହୋଇଥାଏ । ତାଛଡା ପ୍ରତି ଏକାଦଶୀର ପବିତ୍ର ନିଶାର୍ଦ୍ଧରେ ଶ୍ରୀନୀଳଚକ୍ରଙ୍କ ସମୀପରେ ମହାଦୀପ ପ୍ରଜ୍ୱଳିତ କରି ସେମାନେ ଉଚ୍ଚ ସ୍ୱରରେ କହିଥାନ୍ତି—

"ହରିବୋଲି ବୋଲ ହେ, ହରିବୋଲି ବୋଲହେ, ହରି ବୋଲି ବୋଲହେ ମହାପ୍ରଭୁ............ଶ୍ରୀ ଶ୍ରୀ ବୀର ଶ୍ରୀ ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟୋ ଉତ୍କଳ ବୀରାଧି ବୀରବର ପ୍ରତ ବୈଭବ ସାଧୁ ଶାରନୋରାର୍ଣ୍ଣ, ଭାରତରାଜ ଅତୁଳ ବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ, କ୍ଷତ୍ରିୟ କୁଳ ଧୂମକେତୁ ମହାରାଜାଧିରାଜ, ଦିବ୍ୟ ସିଂହଦେବ ମହାରାଜାଙ୍କ ଶିଂଖେଗୁରାତ୍ ଚକ୍ର ଆବୁଆଳ କରିବା ପାଇଁ ଆଜ୍ଞା ହେଉ"

ହରିବୋଲି ବୋଲହେ. ହରିବୋଲି ବୋଲହେ..

ଏସବୁ ସତ୍ତ୍ୱେ ଶ୍ରୀଜଗନ୍ନାଥଙ୍କ ପୂଜା ଉପାସନାରେ ସୁଦର୍ଶନଙ୍କ ସହ ଶ୍ରୀନୀଳଚକ୍ରଙ୍କ ସଂପର୍କଥିବାରୁ ମନରେ ସ୍ୱତଃ ପ୍ରଶ୍ନ ହୁଏ ଶ୍ରୀ ମନ୍ଦିରର ଶୀର୍ଷଦେଶରେ ଅଧିଷ୍ଠିତ ନୀଳଚକ୍ର ରତ୍ନ ସିଂହାସନାରୂଢ ସ୍ତମ୍ଭାକୃତି ସୁଦର୍ଶନଙ୍କର ପ୍ରତୀକ କି ? ମୂର୍ତ୍ତିତତ୍ତ୍ୱ ବିଗ୍ରହରେ ଜଗନ୍ନାଥ ପ୍ରତୀକରୂପୀ ଓଁ କାର, ବଳଦେବ 'ଅ' କାର, ସୁଭଦ୍ରା 'ଉ' କାର ଓ ସୁଦର୍ଶନ ଅର୍ଦ୍ଧମାତ୍ରା ଭାବରେ ସ୍ୱୀକୃତ । ପୁଣି କେତେକଙ୍କ ମତରେ ବଳଭଦ୍ର ଶେଷାବତାର, ଜଗନ୍ନାଥ ବିଷ୍ଣୁ, ସୁଭଦ୍ରା ଶକ୍ତି ଓ ସୁଦର୍ଶନ ଆୟୁଧ ଦେବତା ଭାବରେ ଉପାସିତ । ଉଭୟ ଉପାସନାର ବିଗ୍ରହ ଧାରାରେ ସୁଦର୍ଶନ ଯଦି ଅର୍ଦ୍ଧମାତ୍ରା ଓ ଆୟୁଧ ଦେବତା ଭାବରେ ଗୃହୀତ ହୁଅନ୍ତି ତାହେଲେ ନୀଳଚକ୍ର ହେଉଛନ୍ତି ବିଷ୍ଣୁଙ୍କର ଆୟୁଧ ଓ ଏହି ଚକ୍ରର ଧ୍ୱଜ ଦଣ୍ଡରେ ଚିର ଉଡ୍‌ଡୀୟମାନ ପତାକାରେ ଚିହ୍ନିତ ଅର୍ଦ୍ଧମାତ୍ରା ବା ନାଦବିନ୍ଦୁ ସୁଦର୍ଶନଙ୍କର ପ୍ରତୀକ ବ୍ୟତୀତ ଅନ୍ୟ କିଛି ନୁହଁନ୍ତି । ତାଛଡ଼ା ଏଭଳି ଏକ ଜଟିଳ ପ୍ରଶ୍ନର ମୀମାଂସା କରିବା ସମୟରେ ରତ୍ନସିଂହାସନାରୂଢ ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱରେ ଶ୍ରୀସୁଦର୍ଶନଙ୍କର ବୈଶିଷ୍ଟ୍ୟ କଣ ତାହା ବୁଝିବା ଉଚିତ । କାରଣ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବ୍ୟତୀତ ଏ ଶେଷ ବିଗ୍ରହ ସୁଦର୍ଶନଙ୍କର ସ୍ଥିତି ଓ ଆବିର୍ଭାବର ରହସ୍ୟ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ପୁରାଣରେ ବର୍ଣ୍ଣିତ ସୁଦର୍ଶନ ଚକ୍ର ବିଷ୍ଣୁଙ୍କର ଆୟୁଧ ସ୍ୱରୂପ । କିନ୍ତୁ ରତ୍ନବେଦୀରେ ଜଗନ୍ନାଥ ବାମ ଭାଗରେ ସୁଦର୍ଶନ ସଦା ଆସୀନ । ପ୍ରତିମା ବିଗ୍ରହରେ ସୁଦର୍ଶନଙ୍କ ସ୍ଥିତି ପରିବର୍ତ୍ତନୀୟ । କାରଣ ଯଦି ସୁଦର୍ଶନଙ୍କୁ ବିଷ୍ଣୁଙ୍କର ଆୟୁଧ ରୂପେ ଗ୍ରହଣ କରାଯାଏ ତା'ହେଲେ ମୁଖ୍ୟତଃ କୃଷ୍ଣାବତାରରେ ବିଷ୍ଣୁଙ୍କର ଦକ୍ଷିଣ ଭାଗରେ ଏହାଙ୍କର ସ୍ଥିତି ଖୁବ ପ୍ରାସଙ୍ଗିକ । ମାତ୍ର ଶ୍ରୀମନ୍ଦିରର ରତ୍ନବେଦୀରେ ଆସୀନ ସୁଦର୍ଶନ ହେଉଛନ୍ତି ଏହାର ବ୍ୟତିକ୍ରମ । ସେ ରହିଛନ୍ତି ଜଗନ୍ନାଥଙ୍କ ବାମପାର୍ଶ୍ୱରେ, ଏ କ୍ଷେତ୍ରରେ କୁହାଯାଇଛି—

ଦକ୍ଷିଣେନ ଗଦାପଦ୍ମଂ ବାସୁଦେବସ୍ୟ କାରୟେତ

ବାମତଃ ଶଂଖ ଚକ୍ରେଚ କର୍ତ୍ତବ୍ୟେ ଇତି ନିଶ୍ଚିତା"

ସୁଦର୍ଶନଙ୍କର ଏହି ସ୍ଥିତି ବିଗ୍ରହରେ ଜଗନ୍ନାଥ ହେଉଛନ୍ତି ବାସୁଦେବ କିନ୍ତୁ ମୂର୍ତ୍ତି ନିର୍ମାଣର ଶୈଳୀ ଦୃଷ୍ଟିରୁ ସ୍ତମ୍ଭାକାର ବା ଯୂପାକାର ଦାରୁ ବିଗ୍ରହ ସୁଦର୍ଶନଙ୍କର ମାହାତ୍ମ୍ୟ ସଂପର୍କରେ ପଞ୍ଚରାତ୍ର ଉପାସନାରେ ଯେଉଁ ବର୍ଣ୍ଣନା ପ୍ରଦତ୍ତ ହୋଇଛି ସେଥିରୁ ମନେହୁଏ ରତ୍ନବେଦୀ ଅଧିଷ୍ଠିତ ଏହି ସୁଦର୍ଶନ ପରବର୍ତ୍ତୀ କାଳରେ ସୁଦର୍ଶନ ଚକ୍ର ରୂପରେ ରୂପାନ୍ତରିତ ହୋଇଛନ୍ତି । ସୁଦର୍ଶନଙ୍କ ଧ୍ୟାନ ମନ୍ତ୍ରରେ କୁହାଯାଇଛି–

"ଲକ୍ଷାଦିତ୍ୟ ସମପ୍ରଭଂ ତ୍ରିଜ୍ୟଗତାଂ ଶକ୍ତି ସ୍ୱରୂପଂପରଂ

ନାନାଦୈତ୍ୟ ବିନାଶନୈକ ନିପୁଣଂ ବିଦ୍ୟୋତିତଂ ତେଜସା

ସ୍ତମ୍ଭାକାରମ ପୂର୍ବମାକୃତି ଧରଂ ଭକ୍ତୈଃସଦା ସେବିତଂ

ଧ୍ୟାୟେତ ଚକ୍ର ସୁଦର୍ଶନଂ ପ୍ରଭୁ ଜଗନ୍ନାଥସ୍ୟ ଦିବ୍ୟାୟୁଧମ ॥"

ସ୍ତୋତ୍ର ଧ୍ୟାନ ମନ୍ତ୍ରରୁ ଏହା ସୁସ୍ପଷ୍ଟ ଯେ ସୁଦର୍ଶନ ହେଉଛନ୍ତି ଚତୁର୍ଭୁଜର ପ୍ରତୀକ । ମତ୍ସ୍ୟ ଓ ବାମନ ପୁରାଣରେ ଏହି ସୁଦର୍ଶନ ଚକ୍ରର ଉତ୍ପତ୍ତି ସମ୍ବନ୍ଧୀୟ ବିବରଣ ଭିନ୍ନଭିନ୍ନ ଭାବରେ ପ୍ରଦତ୍ତ ହୋଇଛି । ମତ୍ସ୍ୟ ପୁରାଣର ବର୍ଣ୍ଣନାନୁଯାୟୀ ସୂର୍ଯ୍ୟଙ୍କର ଆଦି ଦେବତା ସୂର୍ଯ୍ୟ ସ୍ୱୀୟ ତେଜର ପ୍ରଶମନପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ସୂର୍ଯ୍ୟଙ୍କର ଏହି ପ୍ରାର୍ଥନାନୁଯାୟୀ ବ୍ରହ୍ମମୟ

ବିଷ୍ଣୁ ପରି ଘୂର୍ଣ୍ଣାୟମାନ ତେଜରାଶିକୁ ତିନି ଭାଗରେ ବିଭକ୍ତ କରିଥିଲେ । ସେଥିମଧ୍ୟରୁ ବିଷ୍ଣୁଙ୍କର ସୁଦର୍ଶନଚକ୍ର, ରୁଦ୍ରଙ୍କର ତ୍ରିଶୂଳ ଓ ଇନ୍ଦ୍ରଙ୍କର ବଜ୍ର ଉଦ୍ଭବ ହୋଇଥିଲା । ମାତ୍ର ବାମନ ପୁରାଣରେ ବର୍ଣ୍ଣିତ ଅଛି ଯେ ଦୁର୍ଦ୍ଦାନ୍ତ ଅସୁରମାନଙ୍କର ନିଧନ ନିମିତ୍ତ ଜଗତର ସକଳ ଦେବ ଦେବୀଙ୍କର ତେଜର ସମନ୍ୱୟରୁ ସମ୍ଭୂତ ସୁଦର୍ଶନ ଚକ୍ର ବିଷ୍ଣୁଙ୍କର ମୁଖ୍ୟ ଆୟୁଧ ରୂପେ ସୃଷ୍ଟି ହୋଇଥିଲା । ଚକ୍ର ରୂପୀ ସୁଦର୍ଶନଙ୍କର ଆଦିରୂପ ଶିଖାମୟ ଷଟ୍କୋଣାକାର ସୂର୍ଯ୍ୟାଗ୍ନିର ପ୍ରତୀକ ଭାବରେ ପ୍ରତିପାଦିତ ଓ ଅଜ୍ଞାନର ଅନ୍ଧକାରରେ ଜ୍ଞାନର ଦିବ୍ୟ ଆଲୋକ ଦେଇ ମୋକ୍ଷର ସହାୟ ପାଇଁ ସମର୍ଥ । ଏଣୁ ତାନ୍ତ୍ରିକ ବିଗ୍ରହରେ ରତ୍ନସିଂହାସନାରୂଢ଼ ଏହି ସୁଦର୍ଶନ ଶ୍ରୀମନ୍ଦିରର ଶୀର୍ଷ ଭାଗରେ ପ୍ରତିଷ୍ଠିତ ଚକ୍ର-ନାରାୟଣ ବା ନୀଳଚକ୍ରଙ୍କର ବାସ୍ତବ ଚକ୍ରଟି ବିଗ୍ରହ ବୋଲି ମନେ ହୁଅନ୍ତି କାରଣ ସେ ହିଁ ବିଷ୍ଣୁଙ୍କର ପରମ ଆୟୁଧ । ଏ ସଂପର୍କରେ ଯଦି ଆହୁରି ଅନୁଧ୍ୟାନ କରାଯାଏ ତେବେ ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମକୁ ଅବସ୍ଥିତ ଚକ୍ରନାରାୟଣ ମନ୍ଦିରରେ ଯେଉଁ ମୁଗୁନି ପଥର ନିର୍ମିତ ସୁଦର୍ଶନ ଚକ୍ରର ମୂର୍ତ୍ତି ଦେଖିବାକୁ ମିଳେ ସେଥିରେ ଚକ୍ରମଧ୍ୟରେ ନାରାୟଣଙ୍କ ସ୍ଥିତି ଓ ଏହାର ଦକ୍ଷିଣକୁ ଖୋଦିତ ଚକ୍ର ଯନ୍ତ୍ରର ଆକାର ନୀଳଚକ୍ର ପରି ହୋଇଥିବାରୁ ଅନୁମାନ ହୁଏ ଏହି ଚକ୍ର ନାରାୟଣ ହିଁ ନୀଳ ଚକ୍ର । ଏହି ଚକ୍ର ଯନ୍ତ୍ର ମଧ୍ୟରେ କର୍ଣ୍ଣିକା, ପିଣ୍ଡି ଜ୍ୟୋତିର୍ଲିଙ୍ଗାକାର ଚିହ୍ନ ଖୁବ ସୁସ୍ପଷ୍ଟ । ଶିଳ୍ପ ରତ୍ନକୋଷରେ ପ୍ରଦତ୍ତ ନୀଳଚକ୍ରର ବର୍ଣ୍ଣନା ସହିତ ଏହାର ସାଦୃଶ୍ୟ ପରିଦୃଷ୍ଟ ହୋଇଥାଏ । ନୀଳଚକ୍ରର ବର୍ଣ୍ଣନା ଶିଳ୍ପ ରତ୍ନ କୋଷରେ ନିମ୍ନୋକ୍ତ ପ୍ରଦତ୍ତ ହୋଇଛି —

"ତ୍ରିବଳିମଣ୍ଡାରଶ୍ଚୈବ କର୍ଣ୍ଣିକ ସୁମନୋହରଂ
ଶତ ଜ୍ୱାଳା ପିଣ୍ଡି ସଂଯୁକ୍ତଂ ନୀଳ ଚକ୍ରଂ ବରପ୍ରଦମ୍" ।


ଶ୍ରୀମନ୍ଦିର ନୀଳ ଚକ୍ରରେ ଏହି ସବୁ ଲକ୍ଷଣ ବିଦ୍ୟମାନ ଥିବାରୁ ଏହି ଚକ୍ରରାଜ ସୁଦର୍ଶନ ପରବର୍ତ୍ତୀ କାଳରେ ଶ୍ରୀମନ୍ଦିରର ଶୀର୍ଷ ଦେଶରେ ସ୍ଥାନ ପାଇଥିବା ଅନୁମାନ ହୁଏ । ପଦ୍ମ ପୁରାଣର ବୈକୁଣ୍ଠ ଚତୁର୍ଦ୍ଦଶୀ ବ୍ରତର ଉପାଖ୍ୟାନରେ କୁହାଯାଉଛି ଯେ କଳିଯୁଗରେ ପ୍ରଭୁ ପୁରୁଷୋତ୍ତମ ଯେତେବେଳେ ହସ୍ତ ପଦ ଶୂନ୍ୟ ହୋଇ ତାଙ୍କର ଲୀଳା ଆଚରଣ କରିବାକୁ ନୀଳକନ୍ଦରରେ ଆବିର୍ଭୂତ ହେଲେ ସେତେବେଳେ ସେ ତାଙ୍କର ଚକ୍ରାଦି ଆୟୁଧମାନଙ୍କୁ ତ୍ୟାଗ କରିଥିଲେ । ଏଥିରେ ଚକ୍ର ଦେବତା ସୁଦର୍ଶନଙ୍କ କ୍ରୋଧ ଜାତ ହେଲା । ପ୍ରଭୁ ସୁଦର୍ଶନଙ୍କୁ ଡକାଇ ଆଣିବାକୁ ଭକ୍ତ ହନୁମାନଙ୍କୁ ପଠାଇଲେ । ଏଥିରେ ସୁଦର୍ଶନଙ୍କର କ୍ରୋଧ ବଢ଼ିଗଲା ସୁଦର୍ଶନଙ୍କର ଅଭିମାନ ଓ କ୍ରୋଧ ଦେଖି ତାଙ୍କୁ ହନୁମାନ ସଂଗିକ୍ଷଣ କରି ଭାଙ୍ଗ ଦେଇ ବିଷ୍ଣୁଙ୍କ ନିକଟରେ ପହଞ୍ଚିଲେ । ହନୁମାନ ବିଷ୍ଣୁଙ୍କୁ କହିଲେ ଆପଣ ଯଦି ଏଭଳି ଅହଂ ଭାବ ସର୍ବସ୍ୱ କ୍ରୋଧ ତେଜୋମୟ ଚକ୍ରକୁ ତ୍ୟାଗ ନକରନ୍ତି ତାହେଲେ ଭକ୍ତମାନେ ଭୟରେ ଆପଣଙ୍କ ନିକଟକୁ ନିଜର ଦୁଃଖ ଜଣାଇବାକୁ ଆସିବେ ନାହିଁ । ଏଣୁ ଭଗବାନ ପୁରୁଷୋତ୍ତମ ଏହି ଅହଂ କ୍ରୋଧ ତେଜୋମୟ ଚକ୍ରକୁ ସ୍ତମ୍ଭରେ ପରିଣତ କରି ନିଜର ବାମାଂଶରେ ଲକ୍ଷ୍ମୀ ଓ ମାଧବଙ୍କ ମଧ୍ୟରେ ରଖାଇଥିଲେ । କେତେକଙ୍କ ମତରେ ଏହି ତେଜୋମୟ ଅହଂଭାବାପନ୍ନ ସୁଦର୍ଶନ ଚକ୍ର ଅସ୍ମାତାନ୍ତ ତେଜରୁ ବିଚ୍ଛିନ୍ନ ହୋଇ ଶ୍ରୀମନ୍ଦିର ଉତ୍ତର ଦ୍ୱାରର ପଶ୍ଚିମକୁ ଚକ୍ରନାରାୟଣ ଭାବରେ ବିଦ୍ୟମାନ ହେଲେ ଏବଂ ପରେ ସେ ନିଜର ଅହଂଭାବ ପାଇଁ ଦୁଃଖ ଅନୁତାପ କରନ୍ତେ ପ୍ରଭୁ ତାଙ୍କୁ ପ୍ରାସାଦର ଶୀର୍ଷ ଦେଶରେ ସ୍ଥାନ ଦେଇ ସଂସାରର ପାପ, ତାପହାରକର ମାନ୍ୟତା ପ୍ରଦାନ କରିଥିଲେ । ଏଣୁ ସିଂହାସନସ୍ଥ ସୁଦର୍ଶନ ପରବର୍ତ୍ତୀ କାଳରେ ଚକ୍ରରାଜ ନୀଳଚକ୍ରର ଆଖ୍ୟା ଲାଭ କରିଛନ୍ତି ବୋଲି ଅନୁମାନ କରାଯାଏ ।


ସର୍ବୋପରି ଶ୍ରୀମନ୍ଦିରର ଶୀର୍ଷ ଦେଶରେ ପ୍ରତିଷ୍ଠିତ ଏହି ଦେବାୟୁଧ ନୀଳଚକ୍ର ସଂସାରର ଦୁଃଖହାରକ ଓ ମୋକ୍ଷ ଦାୟକ । ଏହାଙ୍କର ଧ୍ୱଜଦଣ୍ଡରେ ସାର୍ବଜନୀନ ସର୍ବସଂପ୍ରଦାୟ ସମର୍ଥିତ ଜଗନ୍ନାଥଙ୍କର ଧ୍ୱଜା—ଯାହା ପତିତପାବନ ନାମରେ ଖ୍ୟାତ । ସେ ପାବନ ଓ ପାବକତ୍ୱର ମହାମହିମାରେ ମହିମାନ୍ୱିତ । ତେଣୁ ନୀଳଚକ୍ର ମହାପାବନାବତାର ପ୍ରତୀକ । ସେହି ଚକ୍ରର ଅଧଦେଶରେ ପ୍ରଭୁ ଜଗନ୍ନାଥ ସତେ ଯେପରି ବିରାଜିତ ଅଛନ୍ତି । ଯୋଜନ ଯୋଜନ ଦୂରରୁ ଆସୁଥିବା ଭକ୍ତ ପ୍ରଥମେ ସେହି ଚକ୍ର ପ୍ରତି ଅନ୍ତରର ଭକ୍ତିପୂର୍ଣ୍ଣ ନୈବେଦ୍ୟ ଅର୍ପଣ କରେ—ସେ ଚକ୍ର ନାରାୟଣ—ସେହିଁ ମହାଜ୍ୟୋତିର୍ମୟ ସୁଦର୍ଶନ । ମନ୍ଦିରରେ ବିଗ୍ରହ ନଥିଲେ କିମ୍ବା ଅନ୍ୟ କୌଣସି କାରଣରୁ ଠାକୁରଙ୍କୁ ଭୋଗ ସମର୍ପିତ ହୋଇ ନପାରିଲେ—ପୂଜକ ଏହି ଚକ୍ରନାରାୟଣଙ୍କୁ ଅର୍ପଣକରେ । ସେ ହିଁ ସତେ ଯେପରି ସାକ୍ଷାତ ଜଗନ୍ନାଥ, ଜଗତର ରକ୍ଷାକର୍ତ୍ତା—ମନ୍ଦିରର ଶିରୋ ଭାଗରେ ଅଧିଷ୍ଠିତ ହୋଇ ସମସ୍ତ ଭେଦାଭାବ ସଂକୀର୍ଣ୍ଣତାର ବହୁ ଉର୍ଦ୍ଧ୍ୱରେ ସାମ୍ୟ ମୈତ୍ରୀ, ସଂହତିର ଧ୍ୱଜା ପତିତପାବନ ନେତ ଉଡ଼ାଉଛନ୍ତି । ତେଣୁ ସେହି ପରମ ବିଷ୍ଣୁ ଦିବ୍ୟାୟୁଧ ନୀଳଚକ୍ରଙ୍କୁ ଦର୍ଶନ କଲେ ଅକ୍ଷୟ ପୁଣ୍ୟର ଅଧିକାରୀ ହୋଇଥାଏ—ଏବଂ ସଂସାରର ସମସ୍ତ ପାପ, ତାପ କଳୁଷରୁ ମୁକ୍ତି ଲାଭ କରେ । ତେଣୁ ଯଥାର୍ଥରେ କୁହାଯାଇଛି—

ଚକ୍ରଂ ଦୃଷ୍ଟ୍ୱା ହରେ ଦୂରାତ ପ୍ରାସାଦୋପରି ସଂସ୍ଥିତମ୍
ସହସା ମୁଚ୍ୟତେ ପାପାନ୍ନରୋଭକ୍ତ୍ୟା ପ୍ରଣମ୍ୟତମ୍ ॥

---

ଭାରତୀମଠ ଲେନ୍
ପୁରୀ ।





# ଅନ୍ନବ୍ରହ୍ମ

• ଶ୍ରୀ ନରହରି ଉପାଧ୍ୟାୟ

'ଓଁ ତତ୍‌ସତ୍‌'—ଭଗବଦ୍ ନିଃଶ୍ୱାସପ୍ରସୂତ ଏହ ତ୍ରିଧା ବିଭକ୍ତ ଶବ୍ଦବ୍ରହ୍ମକୁ ଆଶ୍ରୟ କରି ପ୍ରଜାପତି ବ୍ରହ୍ମା ଦିବ୍ୟ-ପ୍ରପଞ୍ଚାଦି ଯେଉଁ ନିଖିଳ ଭାବମୟ ସୃଷ୍ଟି ସର୍ଜନା କଲେ, ବେଦ-ଉପନିଷଦ୍‌ର ମନ୍ତ୍ରଦ୍ରଷ୍ଟା ଋଷିଗଣ ତା'ର ବ୍ରହ୍ମମୟତା ଉପଲବ୍ଧି କରି ବିଶ୍ୱତାଦାତ୍ମ୍ୟ ସିଦ୍ଧାନ୍ତକୁ ଶାସ୍ତ୍ରମର୍ଯ୍ୟାଦାରେ ମହିମାନ୍ୱିତ କରିଦେଲେ । ବ୍ରହ୍ମସତ୍ତାର ବ୍ୟାପକତା ଅପରିମିତ । ଜମ୍ବୁଦ୍ୱୀପ—ଭରତଖଣ୍ଡ—ଭାରତବର୍ଷ—ଉତ୍କଳ ଦେଶର ଲବଣଜଳଧି କୂଳମଣ୍ଡନ ନୀଳାଚଳ ଦାରବଲୀଳାଧାମ ସେହି ବ୍ରହ୍ମମୟ ସୃଷ୍ଟିର ଏକ ପୂର୍ଣ୍ଣତମ ଅଭିବ୍ୟକ୍ତି, ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ କୃତ୍ସ୍ନ ବିଶ୍ୱର ଆଧାରଭୂତ ସ୍ୱୟଂ ଜ୍ୟୋତିଃସ୍ୱରୂପ ନିରାକାର ବ୍ରହ୍ମ ଏଠାରେ ଅନୁଭୂତ । ମାନବଲୀଳାର ସମ୍ୟକ୍ ପରିପ୍ରକାଶ ନିମିତ୍ତ ସେହି ଏକବ୍ରହ୍ମ ପ୍ରାପଞ୍ଚିକ ବିକାରଯୁକ୍ତ ସାକାର ଭୂତପୁଞ୍ଜ ବିଗ୍ରହ ପରିଗ୍ରହପୂର୍ବକ ଚତୁର୍ଦ୍ଧାମୂର୍ତ୍ତି ରୂପରେ ପ୍ରକଟିତ ହୋଇଛନ୍ତି । କାଳାତୀତ ବ୍ରହ୍ମସତ୍ତାର ଉଦ୍‌ଭବ-ବିଲୟ କାଳସୀମା ନିର୍ଣ୍ଣୟ ପ୍ରଶ୍ନ ଚିନ୍ତା-ଚେତନାର ଅତୀତ । ସେହିପରି ପ୍ରୋକ୍ତ ବ୍ରହ୍ମମୟ ସୃଷ୍ଟିର ରହସ୍ୟମୟତା ଦେବଦୃଷ୍ଟିର ଅଗୋଚରରହିଲେ, କ୍ଷୁଦ୍ରବୁଦ୍ଧି ମାନବର ବୋଧଶକ୍ତି କିବା ଛାର । ଅର୍ଣ୍ଣବେର ଜଗନ୍ନାଥଙ୍କୁ କେନ୍ଦ୍ରକରି ବ୍ରହ୍ମଚର୍ଚ୍ଚା ଏକ ଗହନ ବ୍ୟାପାର ହୋଇଲେ ହେଁ, ଉଦ୍ୟମର ବିରତି ନାହିଁ ।

ଦାରୁବ୍ରହ୍ମ, ଶବ୍ଦବ୍ରହ୍ମ ଓ ଅନ୍ନବ୍ରହ୍ମ—ଏହି ତ୍ରିବ୍ରହ୍ମର ସମନ୍ୱୟ ଶ୍ରୀଧାମ ନୀଳାଚଳକୁ ପଞ୍ଚମ ପବିତ୍ର କ୍ଷେତ୍ର ମର୍ଯ୍ୟାଦାରେ ମହିମାନ୍ୱିତ କରିଛି । ଅତ୍ରତ୍ୟ ଆଲୋଚନାର ଉପଜୀବ୍ୟ ବସ୍ତୁ 'ଅନ୍ନବ୍ରହ୍ମ' । ଏହାର ଶାସ୍ତ୍ରୀୟ ମର୍ଯ୍ୟାଦା ଓ ମାହାତ୍ମ୍ୟ ବିମୃଶ୍ୟ ।


ଅବନ୍ତୀନୃପତି ଇନ୍ଦ୍ରଦ୍ୟୁମ୍ନଙ୍କର କୁଳପୁରୋହିତ ଶ୍ରୀବିଦ୍ୟାପତି ରାଜନିର୍ଦ୍ଦେଶ ଶିରୋଧାର୍ଯ୍ୟପୂର୍ବକ ପରମବିଷ୍ଣୁଙ୍କର ସାକାରସ୍ଥିତି ସନ୍ଧାନ କରିବାକୁ ମରବୈକୁଣ୍ଠଖ୍ୟାତ ନୀଳାଚଳଧାମକୁ ଆଗମନ କରିଥିଲେ । ଉଦ୍ୟମରେ କୃତକାର୍ଯ୍ୟ ହୋଇ ଅବନ୍ତୀକୁ ପ୍ରତ୍ୟାବର୍ତ୍ତନ କଲାପରେ, ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସାଗ୍ରହ ଅନୁରୋଧକ୍ରମେ, ନୀଳପର୍ବତରେ ନୀଳେନ୍ଦ୍ରମଣିମୟ ନୀଳମାଧବ ମୂର୍ତ୍ତିଦର୍ଶନ ସାଫଲ୍ୟଠାରୁ ଆରମ୍ଭକରି ସମୁଦ୍ରସ୍ନାନ, ରଥାରୋହଣ ପର୍ଯ୍ୟନ୍ତ ସମସ୍ତ ବିବରଣୀ ରାଜ-ସମକ୍ଷରେ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଗଲେ । ଶାସ୍ତ୍ରୋକ୍ତ ପ୍ରଦତ୍ତ ବିବରଣୀର ଏକ ବିଶେଷ ବକ୍ତବ୍ୟ ଆଲୋଚନା ପରିପ୍ରେକ୍ଷୀରେ ଆମର ଜିଜ୍ଞାସୁ ଦୃଷ୍ଟି ଆକର୍ଷଣ କରେ, ଯଥା—

"ଭୁକ୍ତିମୁକ୍ତିଶ୍ଚ ତେ ତତ୍ର
ରାଜେନ୍ଦ୍ର ଯୁଗପତ୍ ସ୍ଥିତେ"

(ସ୍କ.ପୁ:୯/୬୭) ।

ଏହି ତାତ୍ପର୍ଯ୍ୟପୂର୍ଣ୍ଣ ଉକ୍ତିଟି ଏପରି ଏକ ଦିବ୍ୟ ବସ୍ତୁର ସନ୍ଧାନ ଦିଏ, ଯାହାକି ଏକକାଳୀନ ଭୋଗ ଓ ମୋକ୍ଷରୂପକ ପ୍ରେୟ-ଶ୍ରେୟଃବାଚୀ ଦୁଇଟି ପରସ୍ପର ବିପରୀତମୁଖୀ ବାଞ୍ଛିତ ଫଳ ପ୍ରଦାନ କରିଥାଏ । କେବଳ ଏତିକି ନୁହେଁ, ତାହା ସର୍ବପାପହର, ଶରୀର-ତେଜୋଦୀପ୍ତକାରୀ, ଏକ ସ୍ୱାଦଯୁକ୍ତ ଖାଦ୍ୟ । ଥରେ ଭୋଜନ କଲେ, ଶକ୍ତି କ୍ଷୟ ହୁଏ ନାହିଁ କିମ୍ବା କ୍ଷୁଧାତୃଷ୍ଣା କବଳିତ କରେ ନାହିଁ । ଦର୍ଶନମାତ୍ରେ ଶୁଭମୟ ଭାଗ୍ୟୋଦୟ ହୁଏ । ଜରାବ୍ୟାଧି, ଶୋକଦୁଃଖ ଦୂରୀଭୂତ ହୋଇଯାଏ । ଏବଂଭୂତ ଅଲୌକିକ ଦେବଦୁର୍ଲ୍ଲଭ ଭକ୍ଷବସ୍ତୁଟିର ସ୍ୱରୂପ ଅବଗତି ପାଇଁ ଯେ କୌଣସି ଆଧ୍ୟାତ୍ମ ତତ୍ତ୍ୱସନ୍ଧାନୀର ଜିଜ୍ଞାସା ବଳବତ୍ତର ହୋଇଉଠିବା ସ୍ୱାଭାବିକ । ଶାସ୍ତ୍ରୀୟ ଆଲୋଚନା, ଶ୍ରୀମନ୍ଦିର ପ୍ରତିଷ୍ଠିତ ସଂସ୍କୃତି ଭୋଗ ପରମ୍ପରା ତଥା ଆମ ଲୌକିକ ବିଶ୍ୱାସ ଦୃଢତା ଓ ଭକ୍ତିକତାକୁ ଅନୁଧ୍ୟାନ କଲେ ସାଧାରଣରେ ଅଭଡା, ନିର୍ମାଲ୍ୟ, କୈବଲ୍ୟ, ପ୍ରସାଦ, ମାହାର୍ଦ୍ଦ ବା ମହାପ୍ରସାଦ କଥିତ 'ଅନ୍ନବ୍ରହ୍ମ'ରେ ହିଁ ସେହି ଭୁକ୍ତିମୁକ୍ତି ପ୍ରଦାୟିକ ଏକମେ ପରମେଶ୍ୱରର ସନ୍ଧାନ ଆମେ ପାଉଥାଉଁ ।

ଏଥିରୁ ଏକ କୌତୁହଳପୂର୍ଣ୍ଣ ପ୍ରଶ୍ନର ଅବକାଶ ଘଟେ । ଜୈବକ୍ଷୁଧା ନିବାରଣ ପାଇଁ ଉଦ୍ଦିଷ୍ଟ ଗୋଟିଏ, ସାଧାରଣ ଭକ୍ଷବସ୍ତୁ ଅନ୍ନରେ ବ୍ରହ୍ମତ୍ୱ ଆରୋପର ପ୍ରକୃତ ତାତ୍ପର୍ଯ୍ୟ କଣ ? ପ୍ରଥମେ ଏ ପ୍ରଶ୍ନର ସମାଧାନ କରାଯାଉ ।



ଅନ୍ନ ଓ ଅନ୍ନଭୁକ୍ ପ୍ରାଣୀମାନଙ୍କର ଉଦ୍‌ଭବତତ୍ତ୍ୱ ବୟାନ କରି ଶ୍ରୀମଦ୍ ଗୀତା କହିଛନ୍ତି–

"ଅନ୍ନାଦ୍ ଭବନ୍ତି ଭୂତାନି
ପର୍ଜନ୍ୟାଦନ୍ନ ସମ୍ଭବଃ" (୩/୧୪) ।

ପରମକଲ୍ୟାଣକର ଯଜ୍ଞ କର୍ମାନୁଷ୍ଠାନର ଉପାଦେୟତା ପ୍ରସଙ୍ଗରେ କୁହାଯାଇଛି, କର୍ମସମୁଦ୍‌ଭବ ଯଜ୍ଞ ହିଁ ଅନ୍ନ ତଥା ପ୍ରଜାସୃଷ୍ଟିର ମୌଳିକ ତତ୍ତ୍ୱ । ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଅନ୍ନ ଏବଂ ଅନ୍ନରୁ ଭୌତିକ ଶରୀରଧାରୀ ପ୍ରାଣୀଜଗତ୍‌ର ଉଦ୍‌ଭବ ହୋଇଛି । ଯଜ୍ଞରୁ ଉତ୍‌ଥିତ ଧୂମକୁଣ୍ଡଳୀ ଘନୀଭୂତ ହୋଇ ଆକାଶରେ ମେଘ ସୃଷ୍ଟି କରେ; ମେଘରୁ ଜଳବୃଷ୍ଟି ହୋଇ ଭୂପୃଷ୍ଠରେ ଅନ୍ନବୀଜ ଉଦ୍‌ଗତ କରେ । ଅନ୍ନ ହିଁ ସମଗ୍ର ପ୍ରଜାସୃଷ୍ଟିର ଜୀବନ । ଅନ୍ନ ବିନା ଜୀବନୀଶକ୍ତି ଓ ଜୀବନଯାତ୍ରା ଅଭାବନୀୟ । ଓଡ଼ିଆ ଭାଗବତୋକ୍ତିରେ–"ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବି କାହ ଘେନି" । ପ୍ରାଣୀ ଶରୀରର ସ୍ୱାଭାବିକ ପରିପାକ କ୍ରିୟାରୁ ଭୁକ୍ତାନ୍ନର ଯେଉଁ ସୂକ୍ଷ୍ମ ନିର୍ଯାସ ବିନ୍ଦୁ ସୃଷ୍ଟି ହୁଏ, ତାହା 'ରେତଃ' ବା ଶୁକ୍ର ସଂଜ୍ଞା ଦ୍ୱାରା ଅଭିହିତ । ଶାସ୍ତ୍ର ଏହାକୁ ବ୍ରହ୍ମବିନ୍ଦୁ ରୂପେ ଅଭିହିତ କରନ୍ତି । ଏହି ବ୍ରହ୍ମବିନ୍ଦୁ ହିଁ ପ୍ରାଣକେନ୍ଦ୍ର । ଏହାର ଅପକ୍ଷୟ ଘଟିଲେ ଭୂତାଙ୍ଗର ଅବକ୍ଷୟ ଘଟେ । ତେଣୁ ଆର୍ଷୋକ୍ତିରେ ଚେତାବନୀ ଦିଆଯାଇଛି–

"ମରଣଂ ବିନ୍ଦୁପାତେନ
ଜୀବନଂ ବିନ୍ଦୁଧାରଣାତ୍" ।

ଅବାଞ୍ଛିତ ଅସଂଯତ ବିନ୍ଦୁପାତକୁ ଆୟୁର୍ବେଦାଦି ଶରୀରବିଜ୍ଞାନ ଶାସ୍ତ୍ରରେ ଆତ୍ମହତ୍ୟା, ନୀତିଶାସ୍ତ୍ରରେ ଜଘନ୍ୟ ଅପରାଧ ଏବଂ ଆଧ୍ୟାତ୍ମ ଶାସ୍ତ୍ରରେ ମହାପାତକ ରୂପେ ସିଦ୍ଧାନ୍ତ କରାଯାଇଛି ।

କୈବଶରୀର–ପୁଷ୍ଟିସାଧକ ଅନ୍ନ କର୍ମ ଚେଷ୍ଟାବିରହିତ କାଷ୍ଠପାଷାଣ–ମୃଣ୍ମୟାଦି ଅର୍ଚ୍ଚା ଦେବବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାର ବିଧି-ପରମ୍ପରା ପ୍ରଚଳନର ମୂଳସୂତ୍ର ନିର୍ଣ୍ଣୟ କରିବା କଠିନ, ମାତ୍ର ଗୀତାସୂତ୍ରରୁ ଏ ବିଷୟରେ କିଞ୍ଚିତ୍ ଆଲୋକପାତ କରାଯାଇପାରେ । କର୍ମଯୋଗନାମକ ଗୀତାର ତୃତୀୟ ଅଧ୍ୟାୟରେ କୁହାଯାଇଛି, ତୁମେ ଯଜ୍ଞ ଦ୍ୱାରା ଦେବତାମାନଙ୍କର ପରିତୃପ୍ତି ସାଧନ କର, ତାହା ହେଲେ ସେମାନେ ମଧ୍ୟ ତୁମ ପାଇଁ କଲ୍ୟାଣକାରୀ ହେବେ । ବିନା ଯାଚନାରେ ଦେବତାମାନେ ତୁମକୁ ପ୍ରିୟ ଭୋଗବସ୍ତୁ ପ୍ରଦାନ କରିଥାନ୍ତି । ଯେଉଁ ବ୍ୟକ୍ତି ଦେବଦତ୍ତ ଭୋଗବସ୍ତୁକୁ ଦେବାର୍ପଣ ବିନା ଆତ୍ମତୁଷ୍ଟି ପାଇଁ ଭୋଗ କରେ, ସେ ଚୌର୍ଯ୍ୟ ଅପରାଧୀ ରୂପେ ଗଣ୍ୟ ହୁଏ । ତେଣୁ କୁହାଯାଇଛି, ଯଜ୍ଞାଗ୍ନିଦ୍ୱାରା ପାକସିଦ୍ଧ ଅନ୍ନକୁ ଯେ ସେବନ କରେ, ସେ ଶ୍ରେଷ୍ଠ ପୁରୁଷ ଏବଂ ସେ ସମସ୍ତ ପାପରୁ ମୁକ୍ତି ଲାଭ କରେ । ବିପରୀତ ପକ୍ଷେ ନିଜର ଶରୀର ପୋଷଣ ନିମିତ୍ତ ଯେ ଅନ୍ନ ପାଚନ କରେ, ସେ ପାପୀ ଏବଂ ପାପକୁ ହିଁ ଆତ୍ମସାତ୍ କରେ । ଜନକଲ୍ୟାଣ ନିମିତ୍ତ ଜ୍ଞାନକର୍ମସଂନ୍ୟାସ ଯୋଗରେ ଭଗବଦୋକ୍ତ ବ୍ରହ୍ମାର୍ପଣ ତତ୍ତ୍ୱର ବାଖ୍ୟା କରାଯାଇଛି, ଯଥା–

"ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ।" (୪/୨୪)

ଏହାର ତାତ୍ପର୍ଯ୍ୟ ହେଲା, ଅର୍ପଣ ହିଁ ବ୍ରହ୍ମ । ହବନଯୋଗ୍ୟ ଦ୍ରବ୍ୟାଦି ମଧ୍ୟ ବ୍ରହ୍ମ; ବ୍ରହ୍ମରୂପ ଅଗ୍ନିରେ ବ୍ରହ୍ମରୂପ କର୍ତ୍ତାଦ୍ୱାରା ଯେଉଁ ହବନକ୍ରିୟା ସମ୍ପାଦିତ ହୁଏ, ତାହା ମଧ୍ୟ ବ୍ରହ୍ମ; ଏଥି ନିମିତ୍ତ ବ୍ରହ୍ମରୂପ କର୍ମରେ ସମାଧିସ୍ଥ ପୁରୁଷର ଯାହା କିଛି ପ୍ରାପ୍ତଯୋଗ୍ୟ, ସେ ସମସ୍ତ ବ୍ରହ୍ମ । ଏହି ବ୍ରହ୍ମତତ୍ତ୍ୱର ସାରଗ୍ରାହୀ ସନ୍ଥ-ସାଧକମଣ୍ଡଳୀ ଅଦ୍ୟାବଧି ଭୋଜନ ଅବସରରେ ପୂର୍ବୋକ୍ତ ଭଗବଦୁକ୍ତିକୁ ମନ୍ତ୍ରରୂପେ ପାଠ କରି ବ୍ରହ୍ମାର୍ପଣ ବିଧି ସମ୍ପାଦନ କରିଥାନ୍ତି । ସମସ୍ତଙ୍କ ପକ୍ଷରେ ମଧ୍ୟ ଏହା ଅନୁକରଣୀୟ । ଭୋଜନ ପୂର୍ବରୁ ଭକ୍ଷ ବସ୍ତୁକୁ ସ୍ୱ ସ୍ୱ ଗୁରୁବ୍ରହ୍ମ ବା ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ସମର୍ପଣପୂର୍ବକ ସେବନ କରିବା ବିଧେୟ ।

ପୂର୍ବାଲୋଚିତ ବିଦ୍ୟାପତିଙ୍କ ପ୍ରଦତ୍ତ ବିବରଣୀରୁ ଯାହା ଜଣାଯାଏ, ନୀଳାଚଳ ଠାକୁରଙ୍କର ଅନ୍ନ-ପ୍ରସାଦ ସେବା ବ୍ୟବସ୍ଥା ବହୁ ପ୍ରାଚୀନ । ଦାରୁବ୍ରହ୍ମଦେବ ଆଦିନୀଳମାଧବଦେବଙ୍କ ପ୍ରକାଶିତ ହେବା ପୂର୍ବରୁ ହୁଏତ ଭୁକ୍ତିମୁକ୍ତିପ୍ରଦ ସେହି ଅନ୍ନପ୍ରସାଦ ସେବାର ପରମ୍ପରା ଅନାଦି କାଳରୁ ଚଳିଆସିଛି । ମହାତ୍ମା ବିଦ୍ୟାପତି ପ୍ରସାଦ ବା ମହାପ୍ରସାଦର ନାମୋଲ୍ଲେଖ କରି ନାହାଁନ୍ତି, କେବଳ ତା'ର ମହାତ୍ମ୍ୟ ବୟାନ କରିଛନ୍ତି । ଶାସ୍ତ୍ରୀୟ ଷଡଙ୍ଗ ସଂସ୍କାର ବିଧିରେ ଦାରୁବ୍ରହ୍ମଙ୍କୁ ନିବେଦ୍ୟ ଅନ୍ନରେ ବ୍ରହ୍ମତ୍ୱ ଆରୋପଣ ଏବଂ ସଂସ୍କୃତ ଅନ୍ନବ୍ରହ୍ମର ମହାପ୍ରସାଦ ବା କୈବଲ୍ୟ ନାମକରଣ ହୁଏତ ଉପସ୍ଥିତ ଶ୍ରୀ ମନ୍ଦିରର ବିଧି-ପରମ୍ପରା କ୍ରମବିକାଶ ପର୍ଯ୍ୟାୟରେ ଏକ ପରବର୍ତ୍ତୀ ଆକର୍ଷଣୀୟ ବିଶ୍ୱାସମୂଳ ଅନୁଷ୍ଠାନ ହୋଇପାରେ ।

ଜନୈକ ଆଲୋଚକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ବୟାନମତେ, ପୂର୍ବୋକ୍ତ ଷଡଙ୍ଗ ସଂସ୍କାର ହେଉଛି–(୧) ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ଶାକ-ତଣ୍ଡୁଳାଦିର ପଚନ, (୨) ଶ୍ରୀଯନ୍ତ୍ର ରୂପକ ଠାଆ ମୁକୁନ୍ଦଙ୍କ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣମୟ ପାତ୍ରରେ ପରିବେଷଣ, (୩) ମନ୍ତ୍ରରେ ଦ୍ୱାବିଂଶାକ୍ଷରୀ ନୃସିଂହ ତାପନୀୟ ପାତାଳ ନୃସିଂହ ମନ୍ତ୍ରରେ ପ୍ରୋକ୍ଷିତ, (୪) ଗୋବିନ୍ଦ ଅଷ୍ଟାଦଶାକ୍ଷର ଗୋପାଳମନ୍ତ୍ରରେ ନିବେଦିତ, (୫) ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବି ବିମଳାଙ୍କୁ ସମର୍ପଣ ଏବଂ (୬) ବିଷ୍ୱକ୍‌ସେନ, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ବୈନତେୟ, ଦେବଳ ଓ ଉଦ୍ଧବାଦି ପ୍ରସିଦ୍ଧ ଅଷ୍ଟ ସାତ୍ତ୍ୱିକ ବୈଷ୍ଣବଙ୍କୁ ଅବଶେଷ ଅନ୍ନବଳୀ ପ୍ରଦାନ...ଇତ୍ୟାଦି । ଏହିପରି ବିଧିସଙ୍ଗତ ସଂସ୍କାର ପ୍ରକ୍ରିୟା ଦ୍ୱାରା ଅନ୍ନତ୍ୱର ବିଲୋପ ଓ ବ୍ରହ୍ମତ୍ୱର ଆରୋପ କରାଯାଇ 'ଅନ୍ନବ୍ରହ୍ମ' ସିଦ୍ଧ ହୁଏ । ଦାରୁବ୍ରହ୍ମ ସମର୍ପିତ ଅନ୍ନବ୍ରହ୍ମ ମହାପ୍ରସାଦରେ ପରିଣତ ହେବା ପାଇଁ ଅନ୍ତିମ ଗୋଟିଏ ବୈଧାନିକ କର୍ମ ସଂପାଦିତ ହୁଏ । ରତ୍ନ ସିଂହାସନ ତଳେ ଭୈରବୀ ଚକ୍ରରେ, ବଡଠାକୁର ବଳଭଦ୍ରଙ୍କୁ ମୂଳ କରି ତିନିବାଡ ଠାକୁରଙ୍କୁ ସମର୍ପିତ ଅନ୍ନବ୍ରହ୍ମ, ଶକ୍ତିବ୍ରହ୍ମର ମୂର୍ତ୍ତିମତୀ ଦେବୀ ବିମଳାଙ୍କୁ ପୁନଃସମର୍ପିତ ହେଲା ପରେ ଯାଇ ମହାପ୍ରସାଦତ୍ୱ ପ୍ରାପ୍ତ ହୁଏ । ଅତଏବ ତ୍ରିବ୍ରହ୍ମ ସମନ୍ୱୟର ଭୁକ୍ତିମୁକ୍ତି ପ୍ରଦାୟକ ଦିବ୍ୟାମୃତ ହେଉଛି ମହାପ୍ରସାଦ ।

ଆମର ପ୍ରାଚୀନ କବି ଦିବାକର ଦାସ ତଦୀୟ "ଜଗନ୍ନାଥ ଚରିତାମୃତ" କାବ୍ୟରେ ମହାପ୍ରସାଦ ହେବା ରୀତି ସମ୍ପର୍କରେ ଅନ୍ୟ ଗୋଟିଏ ତଥ୍ୟର ଅବତାରଣା କରିଛନ୍ତି, ଯଥା–

"ଯେ ଦ୍ରବ୍ୟ ଅମଣୋହି ହେବ
ତା ବଳଦେବେ ସମର୍ପିବ
ସେଦେବେ ସୁଭଦ୍ରାଙ୍କ ପାଖେ
ସେଦେବେ ଜଗନ୍ନାଥ ମୁଖେ
ଏ ଭାବେ ପ୍ରଭୁଙ୍କ ଆସ୍ୱାଦ
ଶେଷେ ହୁଏ ମହାପ୍ରସାଦ ।"

ଏହାର ଉତ୍ତରୋତ୍ତର ବାଖ୍ୟା ଅନାବଶ୍ୟକ ।



ସନାତନ ଧର୍ମ ଜଗତରେ ପୁରୁଷୋତ୍ତମ କ୍ଷେତ୍ରର ମର୍ଯ୍ୟାଦା ସର୍ବୋପରି । ପ୍ରତ୍ୟେକ ହିନ୍ଦୁ ଜୀବନରେ ଥରେ ହେଲେ ପୁରୀଧାମ ଦର୍ଶନକୁ ମହତୀ ଆକାଂକ୍ଷା ପୋଷଣ କରିଥାଏ । ଜଗନ୍ନାଥଙ୍କ ଦର୍ଶନ, ଶ୍ରୀକ୍ଷେତ୍ରରେ ମରଣ, ସମୁଦ୍ରରେ ସ୍ନାନ ଏ ତିନୋଟି ଅତ୍ୟନ୍ତ ଦୁର୍ଲଭ ଏବଂ ପ୍ରତ୍ୟେକ ମୁକ୍ତିର ସାଧକ । ଶ୍ରୀକ୍ଷେତ୍ରରେ ଯେଉଁ ବ୍ୟକ୍ତି, ଯେ କୌଣସି ବିଷୟରେ ଭକ୍ତି ସହିତ ବିଶ୍ୱାସ କରେ, ତାହାର ମୁକ୍ତିଲାଭ ହୁଏ । ଦୃଢ଼ ବିଶ୍ୱାସର ବଶବର୍ତ୍ତୀ ମୁକ୍ତିକାମୀ ଜନତା କଣିକାଏ ମହାପ୍ରସାଦ ପ୍ରାପ୍ତି କାମନାରେ ଆତ୍ମହରା ହୋଇଉଠେ । ଶ୍ରୀକ୍ଷେତ୍ର ମାହାତ୍ମ୍ୟ ବର୍ଣ୍ଣନାକ୍ରମରେ ବଙ୍ଗିକବି ବୃନ୍ଦାବନ ଦାସ ଚୈତନ୍ୟ ଭାଗବତରେ ଉଲ୍ଲେଖ କରିଛନ୍ତି—

"ହେନ ସେ କ୍ଷେତ୍ରରେ ଅତି ପ୍ରଭାବ ନିର୍ମଳ
ମତ୍ସ୍ୟ ଖାଇଲେ ଓ ପାୟ ହବିଷ୍ୟେର ଫଳ ।"

ଭକ୍ତିଭାବ ଓ ବିଶ୍ୱାସ ଦୃଢ଼ତାର ଏ ଗୋଟିଏ ପ୍ରକୃଷ୍ଟ ଦୃଷ୍ଟାନ୍ତ । ମତ୍ସ୍ୟଭୋଜନକୁ ଯେଉଁଠି ହବିଷ୍ୟାନ୍ନ ଜ୍ଞାନ କରାଯାଇପାରେ, ପରମପାବନ ଅନ୍ନବ୍ରହ୍ମମହାପ୍ରସାଦର କଥା ବା କଣ କହିବା ?

ଜଗନ୍ନାଥଙ୍କ ଅନ୍ନର ମହିମା ଅପାର । ଏହାର ଶାସ୍ତ୍ରୀୟ ତଥା ଲୌକିକ ମର୍ଯ୍ୟାଦା ଅନୁପମ । ସ୍ୱୟଂ ଜଗନ୍ନାଥଙ୍କୁ ସମର୍ପିତ ଲୋକମାତାଙ୍କ ପାତରନ୍ଧା ଭାତରୁ ମୁଠିଏ ପାଇବା କମ୍ ସୌଭାଗ୍ୟର କଥା ନୁହେଁ । କପିଳା ସଂହିତା କହନ୍ତି, କୋଟିଏ କପିଳା ଧେନୁ ଦାନରୁ ଯେଉଁ ପୁଣ୍ୟଫଳ ଲାଭ ହୁଏ, ମହାପାତକନାଶନ ଅନ୍ନ—ପିଷ୍ଟକାଦି ଜଗନ୍ନାଥ ନିର୍ମାଲ୍ୟଭକ୍ଷଣରୁ ତଦ୍ରୂପ ଫଳଲାଭ ହୁଏ । ଏପରି କୌଣସି ପାତକ ନାହିଁ, ଯାହା କି ଅନ୍ନବ୍ରହ୍ମଦ୍ୱାରା ଧ୍ୱଂସ ନ ହୁଏ । ଜଗନ୍ନାଥ ଦର୍ଶନ ଓ ତଦୀୟ ଅନ୍ନଭୋଜନର ସମଫଳ ପ୍ରାପ୍ତିକୁ ପ୍ରମାଣ କରି ଶାସ୍ତ୍ର କହନ୍ତି—

"ଜଗନ୍ନାଥୋ ଯଥା ସାକ୍ଷାତ୍
ଦର୍ଶନାନ୍ମୁକ୍ତି ଦୋ ଧ୍ରୁବଂ
ତଥୈବ ମୁକ୍ତିଦଂହ୍ୟନ୍ନଂ
ଜଗନ୍ନାଥସ୍ୟ ଭୋ ଦ୍ୱିଜାଃ" (କ:ସଂ) ।

ତାତ୍ପର୍ଯ୍ୟ ହେଲା, ଜଗନ୍ନାଥ ଦର୍ଶନ ଦ୍ୱାରା ଜୀବନ୍ମୁକ୍ତି ଯେପରି ନିଶ୍ଚିତ, ଜଗନ୍ନାଥଙ୍କ ଅନ୍ନ ତାଦୃଶ ମୁକ୍ତିଦା ଏଥିରୁ ଅଶ୍ୱମେଧ, ରାଜସୂୟାଦି ଯଜ୍ଞଫଳଲାଭ ହୁଏ । ତନ୍ତ୍ରଚୂଡ଼ାମଣି ଗ୍ରନ୍ଥ ପ୍ରମାଣ କରନ୍ତି, ସାଗରେ ସ୍ନାନ କରି, ନ୍ୟଗ୍ରୋଧ ବା ଅଶ୍ୱତ୍ଥ ବୃକ୍ଷ ସ୍ପର୍ଶପୂର୍ବକ କଳ୍ପବଟ ଓ ସାଗର ମଧ୍ୟବର୍ତ୍ତୀ ତୀର୍ଥାଞ୍ଚଳରେ ପିତୃଲୋକଙ୍କୁ କୈବଲ୍ୟପିଣ୍ଡ ସମର୍ପଣ କଲେ, ସେମାନେ ପିତୃଲୋକରୁ ଉନ୍ନୀତ ହୋଇ ପରମଗତି ପ୍ରାପ୍ତ ହୁଅନ୍ତି । ଏହି କାରଣରୁ ଯେ କୌଣସି ଶୁଭକାର୍ଯ୍ୟ ବା ପିତୃକ୍ରିୟାଦି କର୍ମରେ ମହାପ୍ରସାଦ ସେବା କରାଇବା ନିମିତ୍ତ ସନାତନ ଧର୍ମ ବିଶ୍ୱାସ ଓ ଐତିହ୍ୟ-ପରମ୍ପରାର ଅନୁବର୍ତ୍ତୀ ଜନସାଧାରଣ ବହୁ ଦୂରଦୂରାନ୍ତରକୁ ମହାପ୍ରସାଦ ସଂଗ୍ରହ କରିନେଇଥାନ୍ତି । ସେଥିରେ ଅଳ୍ପ ବହୁତ ବିଚାର ନ ଥାଏ । ବାଟରେ ପଚିସଢ଼ି ଗଲେ ମଧ୍ୟ ତାକୁ ନଷ୍ଟ କରିଦେବା କଥା କେହି ଚିନ୍ତା କରିପାରେ ନାହିଁ । ମହାପ୍ରସାଦ ସର୍ବଦା ପଚା-ସଢ଼ା, ଭଲ-ମନ୍ଦ, ପବିତ୍ର-ଅପବିତ୍ର ବିଚାର ଊର୍ଦ୍ଧ୍ୱରେ । ଶ୍ୱାନମୁଖଭ୍ରଷ୍ଟ ମହାପ୍ରସାଦ ବି ପବିତ୍ର ଭାବରେ ସାଦରେ ଗ୍ରହଣୀୟ । ଏ ପ୍ରସଙ୍ଗରେ ଶାସ୍ତ୍ରୋକ୍ତ ଭଗବଦୁକ୍ତିକୁ ଲକ୍ଷ୍ୟ କରାଯାଉ—

"କୁକ୍କୁରସ୍ୟ ମୁଖାଦ୍ଭ୍ରଷ୍ଟଂ
ମଦନ୍ନଂ ଯଦି ଜାୟତେ
ଇନ୍ଦ୍ରାଦୀନାଂ ତୁ ତଦ୍ଭକ୍ଷ୍ୟଂ
ଭାଗ୍ୟତୋ ଯଦି ଲଭ୍ୟତେ" । (ବ୍ରହ୍ମ ପୁଃ)

ଶ୍ୱାନମୁଖଭ୍ରଷ୍ଟ କୈବଲ୍ୟ କଣିକାଏ ଭାଗ୍ୟକୁ ମିଳିଲେ, ଇନ୍ଦ୍ରାଦି ଦେବଗଣ ମଧ୍ୟ ତାକୁ ସାଦରେ ସେବନ କରନ୍ତି । ତେଣୁ ଏକ ସିଦ୍ଧାନ୍ତ ବାକ୍ୟରେ କୁହାଯାଇଛି—"ପ୍ରାପ୍ତିମାତ୍ରେଣ ଭୋକ୍ତବ୍ୟଂ" । ମହାପ୍ରସାଦ ସେବାରେ କାଳବେଳ, ବିଚାର— ବିତର୍କର ସ୍ଥାନ ନାହିଁ । ଖାଦ୍ୟୋପଯୋଗୀ ମହାପ୍ରସାଦ ସର୍ବଦା, ସବୁସ୍ଥାନରେ ସୁଲଭ ନୁହେଁ । ତେଣୁ ଘରେ ଘରେ କିଛି ଶୁଷ୍କ ନିର୍ମାଲ୍ୟ ସାଇତି ରଖାଯାଇଥାଏ । ସ୍ନାନ ପରେ ଓ ଭୋଜନ ପୂର୍ବରୁ ସେଥିରୁ କଣିକାଏ ପାଇବା ଆମ ସମାଜରେ ଏକ ନିତ୍ୟନୈମିତ୍ତିକ ବିଧିରୂପେ ପ୍ରଚଳି । ମୁମୂର୍ଷୁ ପ୍ରାଣୀ ନିର୍ମାଲ୍ୟ ପାଣି ଟୋପାଏ ଦେଇଦେଲେ ତାର କାୟା ପ ତ୍ର ଏବଂ ଜୀବର ମୁକ୍ତି ହୋଇଯାଏ ବୋଲି ଆମର ବିଶ୍ୱାସ ଦୃଢମୂଳ ।

ଜଣେକ ପଶ୍ଚିମାଞ୍ଚଳ କବି ଭ ଏବିଭୋର ହୋଇ ଗାଇଛନ୍ତି—

"ବନ୍ଦି ଠାକୁର୍ ଜଗନ୍ନାଥ୍,
ଭେଦ ନାଇ ବିଚାର୍ ନାଇ
ବାଜାରେ ବିକାଏ ଭାତ୍ ।"


ଆମର ଉତ୍କଳୀୟ କବି ବ୍ରଜାନନ୍ଦ ଦାସ ଠିକ୍ ଏହିପରି ଏକ ମନ୍ତବ୍ୟ କରିଛନ୍ତି—

"ବିକାଇଲେ ଅନ୍ନ ନେଲେ ଜାତିଧର୍ମ
କେହି ନ ଖୋଜଇ କାହା ଧର୍ମକୁ" ।

ଏ ସବୁ ଗୋଟିଏ ଗୋଟିଏ ଯଥାର୍ଥ ଉକ୍ତି । ଜଗନ୍ନାଥଙ୍କ ରୋଷଶାଳାକୁ ପୃଥିବୀର ବଡ଼ ହୋଟେଲ୍ ବୋଲି ମନ୍ତବ୍ୟ କରାଯାଇଥାଏ । ଆନନ୍ଦବଜାର ପରି ମୁକ୍ତ ଭୋଜନଶାଳା ଅନ୍ୟତ୍ର ବିରଳ । ପୂର୍ବେ ବାଇଶି ପାବଚ୍ଛରେ ମହାପ୍ରସାଦ ବିକ୍ରୟ-ବିତରଣ ହେଉଥିଲା; ଏବେ ହେଉଛି ଆନନ୍ଦ-ବଜାରରେ । 'ଆନନ୍ଦବଜାର' ନାମର ସାର୍ଥକତା ଏଠା ପ୍ରତ୍ୟକ୍ଷଦର୍ଶୀ ହିଁ ବୁଝେ । ଜଗନ୍ନାଥଙ୍କ ଅପାର ମହିମାରୁ କି ନିତ୍ୟାନନ୍ଦ ମେଳା ସେଠାରେ ନ ଲାଗିଛି! ସହସ୍ର ସହସ୍ର ଜନତା ଯେ ଯେଉଁଠିପାରେ ବିନା ଆସନରେ ତଳେ ବସିଛନ୍ତି; ମାଛି ଭଣଭଣ, ପାଟି ଫଣଫଣ, ମାଗ-ମାଗୁଣା ପଣପଣ, ତାଂରି ଭିତରେ କିଏ ତଳେ କଦଳୀ-ପତ୍ର ଖଣ୍ଡେ ପାରି ଦେଇ ବା କେହି ଭଙ୍ଗା ଛେଲୁଆ ଖଣ୍ଡକରେ ମହାପ୍ରସାଦ ସେବାରେ ଆତ୍ମବିଭୋର । ନାହିଁ ବିକାର-ବିରକ୍ତି, ନାହିଁ ଭେଦ-ଭାବ, ଜାତି-ନୀତି, ବ୍ରାହ୍ମଣ-ଚଣ୍ଡାଳ ସେଠି ଏକାକାର; ପରସ୍ପର ମଧ୍ୟରେ ଛୁଆଁ ଖୋଇ, ମୁଖରେ ହାତ ତୋଳାତୋଳି କରି ଯେଉଁ ପରମାନନ୍ଦରେ ଭୋଜ ହୋଇଥାନ୍ତି, ଅନୁଭବ ବିନା ଅନ୍ୟ ପକ୍ଷରେ ସେ ଦୃଶ୍ୟ, ସେ ଭାବାବେଗକୁ ହୃଦୟଙ୍ଗମ କରିବା ସମ୍ଭବ ନୁହେଁ । କୈବଲ୍ୟ-କଣିକାଟିଏ ପାଇଲେ ଲୋକ ନିଜକୁ କୃତାର୍ଥ ମନେକରେ । ତେଣୁ ତଳେ ଅପବାରେ ପଡ଼ିଥିବା ପ୍ରସାଦ କଣିକାଟିଏ ଦୃଷ୍ଟିରେ ପଡ଼ିଲେ ଲୋକେ ତାକୁ ମହାନନ୍ଦରେ ଗୋଟାଇ ନିଅ ।

ଅନ୍ନବ୍ରହ୍ମ ମହାପ୍ରସାଦର ଅନୁପମ ମାହାତ୍ମ୍ୟ ଏ ଜାତି .କଣ୍ଠରେ ତୋଳିଛି କଣିକାପ୍ରାପ୍ତି ଆକାଂକ୍ଷାର ଆତୁର-କାତର ବାଣ ଉପେନ୍ଦ୍ରଭଞ୍ଜ ଗାଇଛନ୍ତି—

"ଶ୍ରୀ ମହାପ୍ରସାଦ ଶବ୍ଦପଦ ଘଣ୍ଟଘୋଷ
ଭକ୍ଷଣେ ଶ୍ରବଣେ ଯେ କିଲ୍ୱିଷ ବିନାଶ"
(କୋ:ବ୍ର:ସ୍ତୁ) ।



ଯବନକବି ସାଲବେଗ ଟଙ୍କ ତୋରାଣି ତୋପାଏ ପାଇଁ କି ବ୍ୟାକୁଳ! ତାଙ୍କର ପ୍ରଖ୍ୟାତ 'ଆହେ ନୀଳଗିରି' ଭଜନରେ ସେ ଗାଇଛନ୍ତି–"କ୍ଷୀରି ଖେଚେଡ଼ିରେ ମନ ନ ବୋଧଇ ଟଙ୍କ ତୋରାଣିରେ ମନ ତୋଷ" । ଯବନ ଆକ୍ରମଣ ବେଳେ ଜଗନ୍ନାଥଙ୍କୁ ଯେତେବେଳେ ଶଗଡ଼ରେ ବସାଇ ବଡ଼ ଦେଉଳରୁ ବାହାର କରି ନିଆଗଲା, ନିତ୍ୟ-ନିର୍ମାଲ୍ୟଲୋଭୀ ଯବନକବି ତାଙ୍କର ମର୍ମବେଦନାକୁ କିପରି ପ୍ରାଣସ୍ପର୍ଶୀ ଭାଷାରେ ପ୍ରକାଶ କରିଥିଲେ ତାହା ଦେଖିବାର କଥା– "କହଇ ସାଲବେଗ, ନିର୍ମାଲ୍ୟ କାହୁଁ ହେବ, ଧିକ ଧିକ ଆମ ଜୀବନକୁ ।

ନୀଳାଚଳ ଯାଇ ଚକାନୟନଙ୍କୁ ଦେଖିବା ପାଇଁ ଥକାମନକୁ ପ୍ରବୋଧନା ଦେଇ କବି ସାଗିଆଲିକ ଗାଇଛନ୍ତି–

"ବାଇଶି ପାବଚ୍ଛେ ବିକା
ହେଉଛି କୈବଲ୍ୟଟଙ୍କା
ହାଣ୍ଡିକେ ପଡ଼େ ସାଉକା
ମନରଙ୍କା ଉଡ଼ାଇବା" ।

ଶେଷରେ ନାଟୁଆ କବି ବୈଷ୍ଣବ ପାଣି, ଦିନେ ଯାହାଙ୍କୁ ସମାଜରେ ଜାତିଧର୍ମଛଡ଼ା ବୋଲି ଅପାଂକ୍ତେୟ କରାଯାଉଥିଲା, ମହାପ୍ରସାଦ ମାହାତ୍ମ୍ୟ ପ୍ରକାଶରେ ତାଙ୍କର ଭକ୍ତିଭାବପୂର୍ଣ୍ଣ ରଚନା ପରିପାଟି ଉଲ୍ଲେଖଯୋଗ୍ୟ–


"ଅଟିକାକୁ ଗୁଟି ଟିକାଏ ପାଇଲେ
ଯମ ତାଟି କରେ ଚୂନା" ।

ଅନ୍ନବ୍ରହ୍ମ ମହାପ୍ରସାଦର ବିବିଧ ସାମଗ୍ରୀ ଅସ୍ମଦେଶୀୟ ତଣ୍ଡୁଳାଦି ବିବିଧ ଶସ୍ୟ ଏବଂ ଶାକ-ସବଜି ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପାରମ୍ପରିକ ପ୍ରଣାଳୀରେ ଶହଶହ ବର୍ଷଧରି ପ୍ରସ୍ତୁତ ହୋଇ ଆସୁଛି । ବିଦେଶରୁ ଆନୀତ ବା ବିଦେଶୀନାମଯୁକ୍ତ ସାମଗ୍ରୀ, ଯଥା–କୋବି, ବିଲାତିଆଳୁ, ବିଲାତି ବାଇଗଣ ଭଳି ପରିବା ମହାପ୍ରସାଦ ପାଇଁ ଏକାବେଳେ ନିଷିଦ୍ଧ । ଏବେ କେତେକ ଅତ୍ୟାବଶ୍ୟକ ଉପକରଣର ଅଭାବରୁ ଗୁଣାତ୍ମକ ପରିବର୍ତ୍ତନ କେତେକାଂଶରେ ଅନୁଭୂତ ହେଉଥିଲେ ହେଁ, ନିତ୍ୟ ନୈମିତ୍ତିକ ଧାରା ପ୍ରାୟ ସ୍ଥିରିଛି ।

ଭୁକ୍ତିମୁକ୍ତି ପ୍ରଦାୟକ ଅନ୍ନବ୍ରହ୍ମ, ଦାରୁବ୍ରହ୍ମଙ୍କ ପରି ନିତ୍ୟ-ସତ୍ୟ ସନାତନ ।

---

ପ୍ଲଟ୍ ନଂ–୪୨୪, ଶହୀଦ୍ ନଗର, ଭୁବନେଶ୍ୱର





# ଶ୍ରୀଜଗନ୍ନାଥଙ୍କ ବେଶ

● ଅଧ୍ୟାପକ ଶ୍ରୀନିବାସ ପାଣି

ବେଶ, ଆଭରଣ, ପୋଷାକ, ଅଙ୍ଗବସ୍ତ୍ର ଏବଂ ଅଳଙ୍କାର– ଏ ସମସ୍ତ ସମପର୍ଯ୍ୟାୟବାଚୀ । ବାହ୍ୟ ଶରୀରର ଆଭୂଷଣରେ ଚକ୍ଷୁବିମୋହନପୂର୍ବକ ଅନ୍ତରାତ୍ମାକୁ ସ୍ପର୍ଶ କରିବାରେ ହିଁ 'ବେଶ'ର ମହାତ୍ମ୍ୟ ସନ୍ନିହିତ ।

ଶ୍ରୀଜଗନ୍ନାଥ ସକଳ ରୂପଅରୂପର ଆଧାର । ତାଙ୍କର ବେଶ ମଧ୍ୟ ବୈଚିତ୍ର୍ୟ ତଥା ବିଭିନ୍ନତାରେ ପରିପୂର୍ଣ୍ଣ । ବାରମାସରେ ତେର ପ୍ରଧାନ ପର୍ବ ସମେତ ଅନ୍ୟାନ୍ୟ ବହୁ ପର୍ବପର୍ବାଣୀ ନୀତିକାନ୍ତିର ସମାହାରରେ ଶ୍ରୀମନ୍ଦିର ସେବେର୍ବେ ମୁଖରିତ । ପର୍ବପର୍ବାଣୀର ମୁଖ୍ୟ ଆକର୍ଷଣ ମହାପ୍ରଭୁଙ୍କର ବେଶ ।

ବେଶ ହିଁ ଶୃଙ୍ଗାର । ଅପଭ୍ରଂଶରେ ଏହା ସିଂହାର ବା ସିଙ୍ଗାର । ଶ୍ରୀଜଗନ୍ନାଥଙ୍କର ଦୈନିକ ନୀତି ଯଥା କବାଟଫିଟା, ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ବଡ଼ସିଂହାର ଓ ପହୁଡ ମଧ୍ୟ ଦେଇ ମୁଖ୍ୟତଃ ତିନିପ୍ରକାର ନିତ୍ୟନୈମିତିକ ବେଶ ବା ଶୃଙ୍ଗାର ହୋଇଥାଏ । ସେଗୁଡ଼ିକ ଯଥାକ୍ରମେ ବସ୍ତ୍ର, ଭୂଷଣ ଓ ପୁଷ୍ପ ଶୃଙ୍ଗାର ନାମରେ ଅଭିହିତ ।

ପ୍ରଥମତଃ ବସ୍ତ୍ର ଶୃଙ୍ଗାର । ସପ୍ତାହର ପ୍ରତ୍ୟେକ ଦିବସ ପାଇଁ ମହାପ୍ରଭୁ ଭିନ୍ନଭିନ୍ନ ବସ୍ତ୍ର ପରିଧାନ କରିଥାଆନ୍ତି । ରଙ୍ଗ ଓ ବର୍ଣ୍ଣ ଭେଦରେ ଏହା କରାଯାଇଥାଏ । ବ୍ୟବହୃତ ସମସ୍ତ ମୁଖ୍ୟ ରଙ୍ଗର ଉପସ୍ଥିତି ଏହି ପରିପ୍ରେକ୍ଷାରେ ପରିଦୃଶ୍ୟ ।

ନିମ୍ନମତେ ବସ୍ତ୍ର ଶୃଙ୍ଗାରର ବିଭାଗୀକରଣ କରାଯାଇଥାଏ– ରବିବାର–ଲାଲବସ୍ତ୍ର; ସୋମବାର– କଳାଛିଟ ମିଶା ଧଳାବସ୍ତ୍ର; ମଙ୍ଗଳବାର– ବାରପଟିଆ (ପାଞ୍ଚରଙ୍ଗୀ) ବସ୍ତ୍ର; ବୁଧବାର– ନୀଳବସ୍ତ୍ର; ଗୁରୁବାର– ବସନ୍ତ (ପୀତରଙ୍ଗ) ବସ୍ତ୍ର; ଶୁକ୍ରବାର– ଶୁକ୍ଳ ବସ୍ତ୍ର; ଓ ଶନିବାର– କୃଷ୍ଣ ବସ୍ତ୍ର ।

ଦ୍ୱିତୀୟତଃ ଭୂଷଣ ଶୃଙ୍ଗାର । ରତ୍ନ, ମଣିମାଣିକ୍ୟ ଓ ସୁବର୍ଣ୍ଣାଦ ଏହ ବେଶରେ ଆବଶ୍ୟକତା ତଥା ପାରମ୍ପରିକ ରୀତିନୀତି ଅନୁଯାୟୀ ବ୍ୟବହାର କରାଯାଏ । ଏହା ସାଧାରଣ ଭାବରେ ପ୍ରତ୍ୟହ, ପୂର୍ବାହ୍ନ ପୂଜା ଓ ସ୍ନାନାଦି କର୍ମ ପରେ ବ୍ୟବହୃତ ହୋଇଥାଏ ।

ଶେଷରେ ପୁଷ୍ପ ଶୃଙ୍ଗାର । ଏହା ପ୍ରାୟତଃ ବଡ଼ଶୃଙ୍ଗାର ବା ଶୟନକାଳୀନ ବେଶ ଭାବରେ ପରିଗଣିତ । ଏହି ବେଶରେ ଅନ୍ତର୍ଗତ ତୁଳସୀ, ପୁଷ୍ପ, ଚନ୍ଦନ ଓ ଚିତା ଅତ୍ୟନ୍ତ ମନୋହାରୀ ଓ ଶାନ୍ତିପ୍ରଦ ।

ଦୈନିକ ବେଶ ବ୍ୟତୀତ ଅନେକ ବିଶେଷ ଓ ବିଶିଷ୍ଟ ବେଶରେ ମହାପ୍ରଭୁ ସ୍ୱୀୟ ରୂପମାଧୁର୍ଯ୍ୟ ପ୍ରକଟ କରି ଭକ୍ତ ପ୍ରାଣର ପିପାସା ମେଣ୍ଟାଇବାରେ ସଦା ଚେଷ୍ଟିତ । ଏହି ସକଳ ପ୍ରକାର ବେଶ ସହିତ ଅନେକ ବ୍ରାହ୍ମଣ, ଅବ୍ରାହ୍ମଣ ଓ ସେବକ ନିୟୋଜିତ । ବେଶର ସଂଯୋଜନା, ପ୍ରଯୋଜନା ତଥା ସଜ୍ଜିକରଣରେ ବିଶ୍ୱକର୍ମା, ନିଯୋଗ, ରୂପକାର, ରଙ୍ଗଦା, ପାଟରା, ଫୁଲଦାସୀ, ପାଳିଆଖୁଣ୍ଟିଆ, ସିଂହାରୀ ଓ ଭଣ୍ଡାର ମେକାପ ପ୍ରଭୃତି ଅନେକ ସେବାୟତ ବଂଶାନୁକ୍ରମିକ କର୍ମରତ ।

ବୈଶାଖ ମାସ ଅକ୍ଷୟ ତୃତୀୟାଠାରୁ ବୟାଳିଶ ଦିନ ଯାଏ ଶ୍ରୀଜଗନ୍ନାଥଙ୍କର ଚନ୍ଦନବେଶ ବା ଚନ୍ଦନଲାଗି ବେଶ ହୋଇଥାଏ । ଭୋଗ ଲାଗିସାରିବା ପରେ ଅପରାହ୍ନରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ସିଂହାସନ ସାମ୍ନାରେ କାଠଘୋଡ଼ିଆ ପକାଇ ଅଲଟ କରାଯାଏ । ତତ୍ପର ପୁଷ୍ପାଳକ ମହାପ୍ରଭୁଙ୍କୁ ଶ୍ରୀଚନ୍ଦନ, କେଶର ଓ କର୍ପୂରଲାଗି କରାନ୍ତି । ଚଉସରି ଗନ୍ଧପୁଷ୍ପ ମଧ୍ୟ ଅର୍ପଣ କରାଯାଏ । ତା'ପରେ ଅଳକା ଲାଗିହୁଏ । ଚନ୍ଦ୍ରିକାଚୂଳ ମସ୍ତକରେ ଶୋଭା ପାଇଥାଏ । ସୁବର୍ଣ୍ଣବେଢ ଗୋସ୍ୱାମୀ ଓ ଫୁଲଦାସୀ ଯଥାଯୋଗ୍ୟ ପୁଷ୍ପାଳକଙ୍କାର ଏହି ଅବସରରେ ଭେଟି ଦେଇ ଥାଆନ୍ତି ।

ଜ୍ୟେଷ୍ଠ ପୂର୍ଣ୍ଣିମାଦିନ ଶ୍ରୀଜଗନ୍ନାଥଙ୍କର ହାତୀବେଶ ବା ଗଣେଶ ଅତ୍ୟନ୍ତ ଚିତ୍ତାକର୍ଷକ । ଶ୍ରୀମନ୍ଦିରର ପବିତ୍ର ସ୍ନାନମଣ୍ଡପ



ମହାପ୍ରଭୁଙ୍କର ଏହି ବେଶ ସଂଘଟିତ । ସ୍ମାର୍ତ୍ତ ମତରେ ଜଗନ୍ନାଥଙ୍କର ଗଣେଶ ବେଶ ଧାରଣ ଗଣପତ୍ୟ ସମ୍ପ୍ରଦାୟର ଉତ୍ସବ । ଏହି ଦିବସରେ ଗାଣପତ୍ୟମାନେ ଶ୍ରୀଜୀଉଙ୍କୁ ଗଣେଶ ରୂପରେ ଆରାଧନା କରନ୍ତି । ପରମ୍ପରା କ୍ରମେ ପୁରୀର ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ଗଜାନନ ବେଶର ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥାଆନ୍ତି । ମସ୍ତକରେ ମୁକୁଟ, ଗଳାରେ ହାର, ହସ୍ତୀ କର ଓ ଦନ୍ତ ଅପରୂପ ଶୋଭା ବିଚ୍ଛୁରିତ । ସୋଲ, କରିମ୍ଭୁରା, କଦଳୀ ପଟରେ ତୋରସବୁଳ, କରପଲ୍ଲବ ଓ ପୁଷ୍ପମାଲ୍ୟ ଏହି ବେଶର ମୁଖ୍ୟ ଉପାଦାନ ।

ଆଷାଢ଼ ଶୁକ୍ଳ ଏକାଦଶୀରେ ନବଦିନ ବ୍ୟାପୀ ସୁପ୍ରସିଦ୍ଧ ରଥଯାତ୍ରାର ସମାପ୍ତିରେ ଏବଂ ରଥାରୂଢ଼ ଅବସ୍ଥାରେ ତିନି ଠାକୁରଙ୍କର ସୁନାବେଶ କରାଯାଇଥାଏ । ଏହା ମହାପ୍ରଭୁଙ୍କର ବଡ଼ତଡ଼ଉ ବେଶ, ରାଜରାଜେଶ୍ୱରବେଶ ବା ରାଜବେଶ ଭାବରେ ମଧ୍ୟ ନାମିତ । ବର୍ଷର ଅନ୍ୟାନ୍ୟ ଦିନମାନଙ୍କରେ ଯଥା ସୁନିଆ, ପୁଷ୍ୟାଭିଷେକ, ଦୋଳପୂର୍ଣ୍ଣିମା, ଦଶହରା ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ ମଧ୍ୟ ରତ୍ନ ସିଂହାସନାସୀନ ଅବସ୍ଥାରେ ସୁନାବେଶ ହୋଇଥାଏ । ଏ ଜାତିର ଅଧୀଶ୍ୱର ଭାବରେ ଓ ସକଳ ଐଶ୍ୱର୍ଯ୍ୟର ଅଧିକାରୀ ଭାବରେ ଶ୍ରୀଜୀଉ ଏ ସୁନାବେଶ ଲାଗି ହୁଅନ୍ତି ।

ସୁବର୍ଣ୍ଣ ଅଳଙ୍କାର, ହସ୍ତପଦ ଖଚିତ ଅନୁପମ ମୂର୍ତ୍ତିତ୍ରୟ ରତ୍ନଖଚିତ ମୁକୁଟ ଓ ମଣିମାଣିକ୍ୟ ଶ୍ରୀଅଙ୍ଗରେ ଧାରଣ କରି 'ସମଗ୍ର ସନାତନୀ ସମାଜର ମହାସମ୍ରାଟ' ଉକ୍ତିର ସାର୍ଥକତା ପ୍ରତିପାଦନ କରିଥାଆନ୍ତି ।

ଶ୍ରାବଣ/ଭାଦ୍ରବ ମାସରେ ଦଶମୀଠାରୁ ପ୍ରତିପଦା ପର୍ଯ୍ୟନ୍ତ ସପ୍ତଦିବସ ବ୍ୟାପୀ ଝୁଲଣ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କର ଝୁଲଣବେଶ ଅନୁଷ୍ଠିତ ହୁଏ । ତୁଳସୀ, ପୁଷ୍ପ, ଚନ୍ଦନ, ଚିତା ଓ କର୍ପୂର ସହିତ ଅଳ୍ପ ପରିମାଣର ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଏ । ସବୁବେଶପରି ଏ ବେଶ ଦାୟିତ୍ୱରେ ପାଳିଆ, ଖୁଣ୍ଟିଆ, ସିଂହାରୀ ଓ ଭଣ୍ଡାର ମେକାପ ଆଦି ସେବକ ନିୟୋଜିତ । ବେଶରେ ଥାଇ ମହାପ୍ରଭୁ ଆଳତି ଓ ଦୈନନ୍ଦିନ ଧୂପ ଗ୍ରହଣ କରିସାରିବା ପରେ ହିଁ ବେଶ 'ଉଲାଗି' ହୋଇଥାଏ ।

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପରେ ଭାଦ୍ରବ ମାସ କୃଷ୍ଣ ଦଶମୀ ଦିନ ଶ୍ରୀଜଗନ୍ନାଥଙ୍କର ବଣଭୋଜି ବେଶ ହୋଇଥାଏ । ଏହା କୃଷ୍ଣଲୀଳା ଓ ଗୋଷ୍ଠବିଜୟ ସ୍ମୃତି ଓ ସ୍ମୃତିର ସ୍ୱାକ୍ଷର ବହନକାରୀ । ବଳରାମ–ବଳଭଦ୍ରଙ୍କର ଦୁଇ ହାତରେ ଶିଙ୍ଗା ଓ କ୍ଷୀରଶିଳା ତଥା କୃଷ୍ଣ–ଜଗନ୍ନାଥଙ୍କ ଦୁଇ ହାତରେ ବଂଶୀ ଓ ଲଉଡ଼ି ଧରାଯାଇଥାଏ । ବଣଭୋଜି ବେଶରେ ମହାପ୍ରଭୁ ଓଡ଼ିଶାର ଯାଦବ କୁଳ ଓ ମହାଭୋଇମାନଙ୍କର ଅତିନିକଟତର ହୋଇଯାଆନ୍ତି । ଏହିବେଶ ଓଡ଼ିଆ କୃଷ୍ଣପ୍ରାଣତାର ପରିଚାୟକ ।

ଭାଦ୍ରବ କୃଷ୍ଣ ଏକାଦଶୀ ଦିନ କାଳୀୟଦଳନ ବେଶରେ ଶ୍ରୀଜଗନ୍ନାଥଙ୍କର ସମଗ୍ର ଶରୀରକୁ ଏକ ବିରାଟ କାଳୀନାଗ ଘେରି ରହିଥାଏ । ବିଶେଷ ଭାବରେ ସଂପୃକ୍ତ ଶ୍ରୀପୟର ସପ୍ତଫଣାଯୁକ୍ତ ଏହି ନାଗର ମସ୍ତକ ଉପରେ ରହିଥାଏ । ବାମହାତରେ ପ୍ରଭୁ କାଳୀୟପୁଚ୍ଛ, ପଦ୍ମନଳିକା ଓ ଡାହାଣହାତରେ ଅମୃତକଳସ ଧାରଣ କରିଥାଆନ୍ତି । ବଡଠାକୁର ଓ ସୁଭଦ୍ରା ବଣଭୋଜି ବେଶ କିମ୍ବା ସାଧାରଣ ବେଶରେ ଥାଆନ୍ତି । ଏହିବେଶ ସମୟରେ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ ପାଲିଙ୍କିରେ ବିଜେ ହୋଇ ମାର୍କଣ୍ଡ ସରୋବରକୁ ଯାଇଥାଆନ୍ତି । ସେଠା ଦୀପଦାଣ୍ଡି ମଣ୍ଡପରେ ଥିବା କାଳୀୟନାଗକୁ ଦଳନ କରନ୍ତି । ଉଭୟ ଶ୍ରୀଜଗନ୍ନାଥ ଓ ମଦନମୋହନଙ୍କୁ ଏହି ବେଶ ସମୟରେ ଅମୃତକଳସ ଭୋଗ କରାଯାଏ । ବିଶ୍ୱାସ କରାଯାଏ ଯେ ଏହି ବେଶ ଦେଖିଲେ ସର୍ପଦଂଶନ ଯୋଗ କଟିଯାଏ ।

ଭାଦ୍ରବମାସ କୃଷ୍ଣ ଦ୍ୱାଦଶୀଦିନ ପ୍ରଳମ୍ବାସୁର ବଧ ବେଶ ସମାହିତ ହୋଇଥାଏ । ଏହା ମୁଖ୍ୟତଃ ପ୍ରଭୁ ବଳଭଦ୍ରଙ୍କର ବେଶ । ହଳ ମୂଷଳ ହାତରେ ଧରିଥିବା ବଳରାମଙ୍କୁ ପ୍ରଳମ୍ବାସୁର ବହନ କରିନେବା ଏହି ବେଶର ମୁଖ୍ୟ ଆଧାରବସ୍ତୁ । ଏହି ବେଶ ସମୟରେ ଜଗନ୍ନାଥ ଓ ସୁଭଦ୍ରା ସାଧାରଣ ବେଶରେ ଥାଆନ୍ତି । ଏହି ବେଶ ମଧ୍ୟରାତ୍ରି କାଳର ବେଶ ।

ଭାଦ୍ରବମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ କୃଷ୍ଣବଳରାମ ବେଶ ପୂର୍ବପ୍ରଚଳିତ ଗିରିଗୋବର୍ଦ୍ଧନ ବେଶର ସ୍ଥାନ ଗ୍ରହଣ କରିଅଛି । ଏହିବେଶ ଖଣ୍ଡସାହି ଜମିଦାରଙ୍କର ଯଜମାନୀ ବେଶ । ବଡ ଓଡ଼ିଆ ମଠ ଦ୍ୱାରା ଏହି ବେଶର ସାମଗ୍ରୀ ଉପଲବ୍ଧ । ଏହି ବେଶ ସମୟରେ ସୁଭଦ୍ରା ଏକ ଗାଦିରେ ଆସୀନା ହୋଇଥାଆନ୍ତି । ଏହି ବେଶ ସମୟରେ କଦମ୍ବ ବୃକ୍ଷ ପୁଷ୍ପ, ଗୋ-ମାତା, ଯଶୋଦା, ଦେବକୀ ଓ ବସୁଦେବଙ୍କର ପରିକଳ୍ପନା କରାଯାଇଥାଏ ।

ଶ୍ରୀଜଗନ୍ନାଥଙ୍କର ବଳିବାମନ ବେଶ ଭାଦ୍ରବମାସ ଶୁକ୍ଳ ଦ୍ୱାଦଶୀଦିନ ଅନୁଷ୍ଠିତ ହୋଇଥାଏ । ଏହା ବାମନରୂପୀ ନାରାୟଣଙ୍କର ବଳିପୁରକୁ ଗମନର ସ୍ମୃତିସ୍ମରଣ କରେ । ବଳଦେବ ରାଜବେଶରେ ସଜିତ ଥିବାବେଳେ ଏହିବେଶରେ ଜଗନ୍ନାଥ ମହାପ୍ରଭୁ ଉପବୀତ, କମଣ୍ଡଳୁ ଓ ଛତ୍ରଧାରୀ ଏକ ବ୍ରାହ୍ମଣ ବେଶ ଧାରଣ କରିଥାଆନ୍ତି । ମଧ୍ୟାହ୍ନରେ ବାମନଜନ୍ମ ବିଧି ପାଳିତ ହୋଇ ଦ୍ୱିପ୍ରହର ଧୂପର ପରବର୍ତ୍ତୀ କ୍ଷଣରେ ସମାହିତ ହୋଇଥାଏ ।

ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ କରି କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟହ ଶ୍ରୀଜଗନ୍ନାଥ 'ରାଧା–ଦାମୋଦର ବେଶ' ଲାଗି ହୁଅନ୍ତି । ଅକ୍ରୁର ମଥୁରାକୁ ଯିବା ସମୟରେ ଯମୁନାରେ ବୁଡ଼ି ସ୍ନାନ କରୁଥିଲେ । ସେହିକାଳରେ ସେ ଜଳ ମଧ୍ୟରେ ବ୍ରଜେନ୍ଦ୍ରନନ୍ଦନଙ୍କୁ ଦାମୋଦର ରୂପରେ ଦେଖିଥିଲେ ।

କାର୍ତ୍ତିକ ମାସରେ ସେହିପରି ଭକ୍ତମାନେ ଏହି ବିଗ୍ରହଙ୍କୁ ଜଳମଧ୍ୟରେ ସ୍ମରଣ କରିବାର କଥା । ସକାଳ ଧୂପ ପୂର୍ବରୁ ଏହି ବେଶ ଲାଗି ହୁଅନ୍ତି । ଏହି ବେଶରେ ମହାପ୍ରଭୁ ତ୍ରିକଚ୍ଛ ପିନ୍ଧି ଥାଆନ୍ତି । ହସ୍ତରେ ନଳିଭୁଜ, ତ୍ରିମୁଣ୍ଡି ଚୂଳ ଉପରେ ଚନ୍ଦ୍ରିକା କୁଣ୍ଡଳ ଓ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି ହୁଅନ୍ତି ।

ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ କାର୍ତ୍ତିକମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ସମାହିତ ହୋଇଥାଏ । ନାନାଦି ଅଳଙ୍କାର, ସ୍ୱର୍ଣ୍ଣ ହସ୍ତ ପଦ ଯୁଗଳ, ଶଙ୍ଖ, ଚକ୍ର ଆଦି ପ୍ରଭୁଙ୍କ ଶ୍ରୀଅଙ୍ଗରେ ଆରୋପଣ କରାଯାଏ । ଏହି ବେଶ ବିଶିଷ୍ଟାଦ୍ୱୈତ ସମ୍ପ୍ରଦାୟର ପ୍ରିୟତମ ବେଶ । ଏହି ବେଶକୁ ରାମାନୁଜାଚାର୍ଯ୍ୟଙ୍କ ଅନୁଗାମୀ ଶ୍ରୀସମ୍ପ୍ରଦାୟଭୁକ୍ତ ଶ୍ରୀନିବାସ କୋଟ, ଏମାର ମଠ, ଶ୍ରୀରାମ ଦାସ ତଥା ଉତ୍ତରପାର୍ଶ୍ୱ ମଠାଦି ଅନ୍ତର୍ଗତ ଅନୁଗାମୀ ଭକ୍ତଗଣ ସଂଦର୍ଶନ କରି ଶ୍ରୀମନ୍ ନାରାୟଣ ସ୍ତୋତ୍ର ପାଠ କରିଥାଆନ୍ତି ।

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଦିବସରେ ବାମନ ବା ବାଙ୍କଚୂଡ ବେଶ ଲାଗି ହୋଇ ମହାପ୍ରଭୁ ସ୍ମାର୍ତ୍ତମାନଙ୍କର ଅତିପ୍ରିୟ ହୋଇଥାଆନ୍ତି । ବାଲ୍ୟଧୂପ ସରି ସାରିବା ପରେ ଏହି ବେଶ ଉଲାଗି ହୋଇଥାଏ । କାର୍ତ୍ତିକ ମାସ ପଞ୍ଚୁକ ପାଞ୍ଚଦିନ ଜଗନ୍ନାଥ ଯଥାକ୍ରମେ ଲକ୍ଷ୍ମୀନାରାୟଣ, ବାମନ, ତ୍ରିବିକ୍ରମ, ନୃସିଂହ ଓ ରାଜରାଜେଶ୍ୱର ରୂପରେ ବେଶ ହୋଇଥାଆନ୍ତି ।

ସେହି ଅନୁକ୍ରମରେ କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଦିନ ତ୍ରିବିକ୍ରମ ବା ଅଢ଼େଇପାହୁଲିଆ ବେଶରେ ମହାପ୍ରଭୁ ଜଗନ୍ନାଥ ଓଡ଼ିଶାର ଅତିବଡ଼ୀ ସମ୍ପ୍ରଦାୟର ମନସ୍କାମନା ପୂରଣ କରିଥାଆନ୍ତି । 'ପଞ୍ଚସଖା' ବା 'ପଞ୍ଚଶାଖା' ବାଦୀଗଣ ଏହି ଦିବସରେ ବେଶ ଦର୍ଶନ ପରିପ୍ରେକ୍ଷୀରେ ଜଗନ୍ନାଥଙ୍କର ମହାନ୍ ପ୍ରେମାଳର ପରିକଳ୍ପନା କରିଥାଆନ୍ତି । ମହାପ୍ରଭୁଙ୍କର ଶ୍ରୀକରରେ ସେଦିନ ଶଙ୍ଖ-ଚକ୍ର ଶୋଭାପାଏ । ମସ୍ତକରେ କିରୀଟ ଓ ପଦଯୁଗଳରେ ସ୍ୱର୍ଣ୍ଣରେ ଲାଳିତ୍ୟ ବାସ୍ତବିକ ଅନୁପମ ଶୋଭା ବିମଣ୍ଡିତ ।

କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ମହାପ୍ରଭୁ ନୃସିଂହ ବା ଡାଳିକିଆ ବେଶ କରି ହୋଇଥାଆନ୍ତି । ଏହି ବେଶରେ ଗନ୍ଧପୁଷ୍ପ ଓ ଭଣ୍ଡାରୁଳ ଲାଗି ହୋଇଥାଏ । ପୁଣି ଦଶାବତାର ମାଳି, ପଦକମାଳୀ ଓ ଅନ୍ୟାନ୍ୟ ସ୍ୱର୍ଣ୍ଣମାଳି ମଧ୍ୟ ବ୍ୟବହୃତ ହୋଇଥାଏ । ଏହି ବେଶରେ ନେପାଳର ରାଜଧୂଳାଇ, ଶ୍ରୀରାମଦାସ ମଠ ତଥା ବଡ଼ଛତା ମଠର ମଠାଧୀଶ ସ୍ୱୀୟ ସାହାଯ୍ୟ ଅନୁଦାନ ତଥା ଭେଟି ଦେଇଥାଆନ୍ତି ।

କାର୍ତ୍ତିକ ଶୁକ୍ଳ ପୂର୍ଣ୍ଣିମା ଦିନ ରାଜରାଜେଶ୍ୱର ବେଶ ସଂଘଟିତ ହୋଇଥାଏ । ଏହା ଉତ୍କଳରେ ରାଜା ଓ ସାମନ୍ତରାଜାମାନଙ୍କ ପାଇଁ ଅତି ପବିତ୍ର ଦର୍ଶନୀୟ ବେଶ ଭାବରେ ପୂର୍ବରୁ ପରିଗଣିତ ହେଉଥିଲା । ଏହା ସୁନାବେଶର ରୂପାନ୍ତର ମାତ୍ର । ଏହି ବେଶରେ ସୁନାବେଶର ଉପକରଣ ବ୍ୟତୀତ ଦଶଅବତାର ପଦକମାଳା ଅଧିକ ଲାଗି ହୁଏ ।

ପଞ୍ଚୁକ ଛଅଦିନ ପଡ଼ିଲେ ପୂର୍ଣ୍ଣିମା ପୂର୍ବଦିନ ନାଗାର୍ଜ୍ଜୁନ ବେଶ ହୋଇଥାଏ । ଏହା ଏକ ସାମରିକ ବେଶ । ମସ୍ତକରେ ବିଶାଳ ପୁଷ୍ପ ଚନ୍ଦ୍ରିକା, ବକ୍ଷଦେଶରେ କାଣ୍ଡଧନୁ, ଶରଯୁକ୍ତି, ହସ୍ତରେ ଓକିମାଳ, କଟିରେ କଟିହାଲ ଓ ଶରୀରରେ ନାନା ମାଳ-ହାରର ସମାହାର ଏହି ବେଶରେ ଦର୍ଶନୀୟ । ଏହା ସୌନ୍ଦର୍ଯ୍ୟ ସଙ୍ଗେ ଶୌର୍ଯ୍ୟର ସମ୍ମିଶ୍ରଣର ପ୍ରତୀକ ।

ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଘୋଡ଼ଲାଗି ବେଶ ଅନୁଷ୍ଠିତ ହୁଏ । ଏହିକାଳରେ ଜଗନ୍ନାଥ ମହାପ୍ରଭୁଙ୍କୁ ଶୀତବସ୍ତ୍ର ଲାଗି ହୋଇଥାଏ । ବିଭିନ୍ନ ରଙ୍ଗର ଘୋଡ଼ ମଧ୍ୟରୁ କଳା ଘୋଡ଼ ହିଁ ମହାପ୍ରଭୁଙ୍କୁ ପ୍ରିୟ ଲାଗନ୍ତି । ମକର ସଂକ୍ରାନ୍ତି ଦିବସରେ ମକର ଚୂଳ ଲାଗି ଏହି ବେଶକୁ ଅଧିକ ମନୋରମ କରିଥାଏ ।

ପୌଷ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କର ରାଜବେଶ ସମ୍ପନ୍ନ ହୋଇଥାଏ । ଏହା ସୁନାବେଶ ସହ ପ୍ରାୟତଃ ସମାନ । ଏହି ବେଶରେ ପାରମ୍ପରିକ ସ୍ୱର୍ଣ୍ଣ ଅଳଙ୍କାର, ଗନ୍ଧପୁଷ୍ପ ଓ କର୍ପୂର ଲାଗି କରାଯାଏ । ଦୈନିକ ରୀତି ଅନୁଯାୟୀ ମହାପ୍ରଭୁ ଉପଯୁକ୍ତ ରଙ୍ଗର ବସ୍ତ୍ରାଦି ପରିଧାନ କରିଥାଆନ୍ତି ।

ମାଘ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର ଅଥବା ଶନିବାର ଦିନ ଦିବ୍ୟ ପଦ୍ମବେଶ ବା ପଦ୍ମମୁଖୀ ବେଶ ସଂଯୋଜିତ ହୋଇଥାଏ । ଏହି ଋତୁରେ ପଦ୍ମପୁଷ୍ପ ସହଜଲଭ୍ୟ ନୁହେଁ । ମାତ୍ର ଉକ୍ତ ସ୍ଥବିର ସାଧୁ ସୁନ୍ଦରଦାସଙ୍କ ଜଗନ୍ନାଥଙ୍କୁ ପଦ୍ମପୁଷ୍ପ ପ୍ରଦାନର କିମ୍ବଦନ୍ତୀ ମୂଳକ ଆଖ୍ୟାନ ଅନୁକ୍ରମରେ ଏହି ବେଶ ଅଦ୍ୟାବଧି କରାହୋଇ ଆସୁଅଛି । ସୋଲ, କରିଜମୁରା ଓ ଫୁଲକସ୍ତୁରୀ ଇତ୍ୟାଦି ସାହାଯ୍ୟରେ ଏହି ବେଶର ଉପକରଣମାନ ପ୍ରସ୍ତୁତ କରାଯାଇଥାଏ ।


ଏହିବେଶରେ ପଦ୍ମପୁଷ୍ପରାଜିରେ ସୁଶୋଭିତ ଜଗନ୍ନାଥ ମହାପ୍ରଭୁ ଜଳାଶୟ ମଧ୍ୟରେ ସଂସ୍ଥାପିତ ହେବାଭଳି ପ୍ରତୀୟମାନ ହୋଇଥାଆନ୍ତି । ଏହି ବେଶରେ ଅନ୍ୟ କୌଣସି ଅଳଙ୍କାର ଲାଗି ହୁଅନ୍ତି ନାହିଁ । ବର୍ଷକ ମଧ୍ୟରେ ଏହି କେବଳ ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପଦ୍ମରୂ ଯାଆନ୍ତି । ବଡ଼ସିଂହାର ବେଶ ହୁଅନ୍ତି ନାହିଁ । ଏହି ବେଶକୁ ମହାବିଷ୍ଣୁ ଜଗନ୍ନାଥଙ୍କର ଅନନ୍ତଶୟନ କାଳର ପଦ୍ମବିକାଶ ସ୍ମାରକୀ କହିଲେ ଅତ୍ୟୁକ୍ତି ହେବନାହିଁ ।

ମାଘ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଗଜଉଦ୍ଧାରଣ ବେଶ ଲାଗି ହୁଅନ୍ତି । ଏହିଦିନ ପ୍ରଭୁ ଗରୁଡ଼ ଉପରେ ଆସୀନ ହୋଇ ବେଶଧାରଣ କରିଥାଆନ୍ତି । ଏହା ଲୋକମୁଖରେ ରାଘବଦାସ ବେଶ ନାମରେ ମଧ୍ୟ ଖ୍ୟାତ । ଜଗନ୍ନାଥ ଗଦା, ପଦ୍ମ, ଶଙ୍ଖ, ଚକ୍ର ଧରି ଥାଆନ୍ତି ଓ ତାଙ୍କ କୋଳରେ ମହାଲକ୍ଷ୍ମୀ ଅବସ୍ଥାପିତ ହୋଇଥାଆନ୍ତି । ବଳଭଦ୍ର ବାସୁଦେବ ରୂପରେ ଓ ସୁଭଦ୍ରା ଛଦପାଦରେ ପଦ୍ମକଳିକା ଧରି ଠିଆ ହୋଇଥାଆନ୍ତି । ଦୁଇଟି ଗଜ ସିଂହାସନ ସମ୍ମୁଖଭାଗରେ ସ୍ଥାପିତ ହେବାପରେ ଏହି ବେଶ ଅବସରରେ ଗଜେନ୍ଦ୍ର ସ୍ତୋତ୍ର ପାଠ କରାଯାଏ ।

ପରିଶେଷରେ ସ୍ୱଚେରୀ ବା ସ୍ୱର୍ଗଗୀ ବେଶ । ସ୍ୱର୍ଗଗୀ ଶବ୍ଦର ଅର୍ଥ ସୌଭାଗ୍ୟୋତ୍ସବ । ଶ୍ରୀମନ୍ଦିରର ଶୀତକାଳୀନ ଶୃଙ୍ଗାର ବସନ୍ତ ପଞ୍ଚମୀ ପୂର୍ବାହ୍ଣରେ ଶେଷ ହୋଇ ବସନ୍ତ ମନ୍ତ୍ରୋଦିନ ବାସନ୍ତିକ ଦୋଳ ଉତ୍ସବ ଆରମ୍ଭ ହୁଏ । ଉପଘୋଡ଼, ଅଙ୍ଗାଭରଣ, ନବିଗୁଞ୍ଜ, ଓଢ଼ଣୀ, ଆଡ଼କାନି, ତଡ଼କିଆଦି ବସନ୍ତୋତ୍ସବ ସୁଲଭ ଅଳଙ୍କାର ଫାଲ୍‌ଗୁନ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ମହାପ୍ରଭୁ ଲାଗି ହୋଇଥାଆନ୍ତି । ଜଗତରେ ବାସନ୍ତିକ ଆନନ୍ଦ ବିତରଣ ନିମନ୍ତେ କୁନ୍ଦାଦି ସୌରଭ କୁସୁମ ଭୂଷିତ ହୋଇ ଏହି ଦିବସଠାରୁ ଶ୍ରୀକୀର ଜ୍ଞାନଶକ୍ତି କୌଦୀ (ସରସ୍ୱତୀ) ଏବଂ ଇଚ୍ଛାଶକ୍ତି ଶ୍ରୀଦେବୀଙ୍କ ସଙ୍ଗରେ ବସନ୍ତ ବିହାର କରିବାର ଶୃଙ୍ଗାର ହିଁ ସ୍ୱଚେରୀ ବେଶ ନାମରେ ଅଭିହିତ । ଏହା ପ୍ରେମ, ଭକ୍ତି, ଆତ୍ମସମର୍ପଣ, ସୌନ୍ଦର୍ଯ୍ୟବୋଧ ଓ ଶାନ୍ତିର ପ୍ରତୀକାତ୍ମକ ଅଭିବ୍ୟକ୍ତି ।

ଆଲୋଚ୍ୟ ଶୃଙ୍ଗାର ବା ବେଶଗୁଡ଼ିକ ବ୍ୟତୀତ ଶ୍ରୀଜଗନ୍ନାଥ ମହାପ୍ରଭୁ ଅନ୍ୟାନ୍ୟ ଅନେକ ବେଶ ଦ୍ୱାରା ଭକ୍ତ ପ୍ରାଣକୁ ବିମୋହିତ କରିଥାଆନ୍ତି । ସେ ସମସ୍ତ ବେଶର ରୀତିନୀତି, ପ୍ରକୃତି-ଆକୃତି ଗବେଷଣା ସାପେକ୍ଷ । ଲୀଳାମୟଙ୍କର ଲୀଳାର ମହିମା ଅପାର । ବେଶ ଥାଉ ବା ନ ଥାଉ ଚକାଆଖି ଆଉ କଳା ଶ୍ରୀମୁଖ ସକଳ ସୌନ୍ଦର୍ଯ୍ୟର ଆଧାର ସ୍ୱରୂପ ଏ ଜାତିର ଯଥାର୍ଥ ବିମୋହକ । "ଜୟ ଜଗନ୍ନାଥ"

ଦୋଳମଣ୍ଡପ ସାହି, ପୁରୀ-୭୫୨୦୦୧ ।



# ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼

## ଭୁବନେଶ୍ୱର

ଗ୍ରାମଗୁଡ଼ିକର ଅଧିକ ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳ ଦିଗରେ ମହାତ୍ମା ଗାନ୍ଧୀ ଖଦୀ ଓ ଗ୍ରାମ୍ୟ ଶିଳ୍ପର ପ୍ରସାର ଉପ... ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଗାନ୍ଧିଜୀଙ୍କ ସେହି ପରିକଳ୍ପନା ଓ ନୀତିକୁ ବାସ୍ତବ ରୂ... ଦେବା ପାଇଁ ବଦ୍ଧପରିକର ।

ଆମର ଲକ୍ଷ୍ୟ—

- ✻ ଗ୍ରାମାଞ୍ଚଳରେ ମିଳୁଥିବା କଞ୍ଚାମାଲର ସଦ୍‌ବ୍ୟବହାର
- ✻ ଗ୍ରାମାଞ୍ଚଳରେ ଅଧିକ କର୍ମସଂସ୍ଥାନ
- ✻ ଗ୍ରାମ୍ୟ କାରିଗରୀ ଶିଳ୍ପର ପୁନରୁଦ୍ଧାର

ଆମର ବ୍ୟବସ୍ଥା –

କାର୍ପାସ ଖଦୀ

ସିଲ୍‌କ ଖଦୀ

ଗ୍ରାମ୍ୟ ଶିଳ୍ପ ଯଥା : ମହୁଶିଳ୍ପ, ଶସ୍ୟ ଓ ଡ଼ାଲି ପ୍ରଶୋଧନ, ଦିଆସିଲି ଶିଳ୍ପ, ଗ୍ରାମ୍ୟ ଚମଡ଼ା ଶିଳ୍ପ, କାଠ... ଲୁହା ଶିଳ୍ପ, ଗ୍ରାମ୍ୟ ତେଲ ଶିଳ୍ପ, ତାଳଗୁଡ଼, ସାବୁନ, ହାତ ତିଆରି କାଗଜ ବେତ ଓ ବାଉଁଶ, ଚୁଣ... ଇତ୍ୟାଦି, ପଲ୍ଲୀବସ୍ତ୍ର ।

କାର୍ଯ୍ୟକାରୀତା —

ଏହିସବୁ ଯୋଜନା ରାଜ୍ୟର ୧୭୫୯ ଗୋଟି ସମବାୟ ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଛି ।

୧୯୮୪-୮୫ରେ—

୬୭·୪୪ ଲକ୍ଷ ଟଙ୍କା ଋଣ ଓ ୨୦·୪୯ ଲକ୍ଷ ଟଙ୍କା ଅନୁଦାନ

ଓ

୧୯୮୫-୮୬ରେ—

୧୮୪·୧୩ ଲକ୍ଷ ଟଙ୍କା ଋଣ ଓ ଅନୁଦାନ ଏହିସବୁ ସମିତି ଓ ବ୍ୟକ୍ତିଗତ ଉଦ୍ୟୋଗୀଙ୍କୁ ଦିଆଯାଇଛି ।

୧୯୮୪-୮୫ରେ—

ଏହିସବୁ ପ୍ରକଳ୍ପରେ ୬୪୦୮୧ ଜଣ ବ୍ୟକ୍ତି କାର୍ଯ୍ୟକରି ୫୩୬·୪୫ ଲକ୍ଷ ଟଙ୍କା ମଜୁରୀ ପାଉଛନ୍ତି ।

ଖଦୀ ଓ ଗ୍ରାମୋଦ୍ୟୋଗ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ବର୍ତ୍ତମାନ ରାଜ୍ୟର କଟକ, ପୁରୀ, ଗଞ୍ଜାମ, କୋରାପୁଟ, ବଲାଙ୍ଗୀର, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରେ ବୋର୍ଡ଼ର ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଖୋଲାଯାଇଛି ।

**ଶ୍ରୀ ନରେଶ ଚନ୍ଦ୍ର ଦତ୍ତ**
ସଚିବ, ଓଡ଼ିଶା ଖଦୀ ଓ
ଗ୍ରାମୋଦ୍ୟୋଗ ବୋର୍ଡ଼

**ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର**
ସଭାପତି,
ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼




**୧୯୮୦ ଶିଳ୍ପ ନୀତିର ସାଫଲ୍ୟ:**

୧୯୮୦ ମସିହା ଶିଳ୍ପ ନୀତି ଓଡ଼ିଶାରେ ଶିଳ୍ପ ପ୍ରସାରର ଏକ ନୂଆ ବାତାବରଣ ସୃଷ୍ଟି କରିଛି । ୧୯୮୦ ପୂର୍ବରୁ ରାଜ୍ୟରେ ୫୯ ଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ଥିଲା । ୧୯୮୦ ପରେ ୧୦୬ଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ଉତ୍ପାଦନକ୍ଷମ ହେଲାଣି ଏବଂ ଏଗୁଡ଼ିକ ୧୧୦ଟି ବେଶ୍ରୀ ଅଧିକ ଶିଳ୍ପ କାର୍ଯ୍ୟକାରୀ ହେଉଛି । ୧୯୮୦ ପୂର୍ବରୁ ୯୧୧୯ଟି କ୍ଷୁଦ୍ର ଶିଳ୍ପ ଥିଲା । ଷଷ୍ଠ ଯୋଜନାରେ ଆହୁରି ୧୪,୩୧୮ଟି ନୂଆ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହୋଇଛି । ୧୯୮୧ ଠାରୁ କ୍ରମାଗତ ଚାରି ବର୍ଷ ଧରି ଓଡ଼ିଶାର ସଫଳତା ଭାରତ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ର ପିଛା କ୍ଷୁଦ୍ର ଶିଳ୍ପ ଓ କାରିଗରୀ ଶିଳ୍ପ ସଂସ୍ଥା ତଥା ନୂତନ ନିଯୁକ୍ତି ପାଇଁ ସୁଯୋଗ ସୁବିଧା କ୍ଷେତ୍ରରେ ଓଡ଼ିଶା ଅନେକ ବର୍ଷ ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଆଇ.ଡ଼ି.ବି.ଆଇ. ୧୯୬୪ ରୁ ୧୯୮୫ ମଧ୍ୟରେ ଓଡ଼ିଶାକୁ ୨୨୫.୮୭ କୋଟି ଟଙ୍କା ମଂଜୁର କରିଥିବା ସ୍ଥଳେ କେବଳ ଷଷ୍ଠ ଯୋଜନାର ପାଞ୍ଚ ବର୍ଷ ମଧ୍ୟରେ ଏଥିମଧ୍ୟରୁ ୪୩୭.୨୫ କୋଟି ଟଙ୍କା ମଂଜୁର କରିଛନ୍ତି । ୧୯୮୪-୮୫ ମସିହାରେ ଆଇ.ଡ଼ି.ବି.ଆଇ. ସାରା ଦେଶର ବିଭିନ୍ନ ଶିଳ୍ପକୁ ସିଧା ସଳଖ ମଂଜୁର କରିଥିବା ଋଣର ଶତକଡ଼ା ୧୧ ଭାଗ ଓଡ଼ିଶାକୁ ଦିଆଯାଇଛି ଯାହାକି ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ପରେ ତୃତୀୟ ବୃହତ୍ ମଂଜୁରୀ ।

ଗତ ପାଞ୍ଚ ବର୍ଷର ଅଭିଜ୍ଞତା ତଥା ଦେଶର ଶିଳ୍ପ ନୀତିକୁ ଭିତ୍ତିରେ ନୂତନ ଶିଳ୍ପ ନୀତି ୧୯୮୬ ପ୍ରସ୍ତୁତ କରାଯାଇଅଛି ।

**ନୂତନ ଶିଳ୍ପ ନୀତିର ବିଭିନ୍ନ ଦିଗ:**


(କ) ସଂପୂର୍ଣ୍ଣ ଘରୋଇ ଉଦ୍ୟୋଗ ତଥା ଅଳ୍ପ ସରକାରୀ ସାହାଯ୍ୟ ପ୍ରାପ୍ତ ଘରୋଇ ଉଦ୍ୟୋଗର ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦିଆଯିବ ଏବଂ ଯୁଗ୍ମ ଉଦ୍ୟୋଗ ଓ ସରକାରୀ ଉଦ୍ୟୋଗ ଉପରେ ଅପେକ୍ଷାକୃତ କମ୍ ଗୁରୁତ୍ୱ ଦିଆଯିବ ଯେପରି କି ଶିଳ୍ପ ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥ ବିନିଯୋଗରେ ବେଶୀସଂଖ୍ୟକ ଶିଳ୍ପ ପ୍ରତିଷ୍ଠା ହୋଇ ପାରିବ ।

(ଖ) ଅଧିକ ବିଦ୍ୟୁତ୍ ଉପଯୋଗ କରୁଥିବା କିମ୍ବା ଜଙ୍ଗଲର କାଠ ଉପରେ ନିର୍ଭର କରୁଥିବା ଶିଳ୍ପ ଉପରେ କମ୍ ଗୁରୁତ୍ୱ ଦିଆଯିବ । ଅଧିକ ବିଦ୍ୟୁତ୍ ଶକ୍ତି ଦରକାର କରୁଥିବା ଶିଳ୍ପକୁ ନିଜର ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ସୁବିଧା ଓ ସୁଯୋଗ ଦିଆଯିବ । ସେହିପରି ଜଙ୍ଗଲର କାଠ ଉପରେ ନିର୍ଭର କରୁଥିବା ଶିଳ୍ପକୁ ସରକାରଙ୍କ ବନୀକରଣ (**Plantation**) ନୀତି ଅନୁଯାୟୀ ନିଜର ବ୍ୟବହାର ପାଇଁ ଗଛ ଲଗାଇବାକୁ ସୁବିଧା ଓ ସୁଯୋଗ ଯୋଗାଇ ଦିଆଯିବ ଏବଂ ବାହାରୁ କାଠ ଆମଦାନୀ କରୁଥିବା ଶିଳ୍ପକୁ ପ୍ରୋତ୍ସାହନ ଦିଆଯିବ ।

(ଗ) କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ ଏବଂ କ୍ୟାପ୍‌ଟିଭ୍ ଡିଜେଲ ଜେନେରେଟିଙ୍ଗ ସେଟ୍ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦିଆଯିବ ।

(ଘ) ନୂତନ ଧରଣର ଶିଳ୍ପ, ଉଚ୍ଚ ବୈଷୟିକ ମାନର ଶିଳ୍ପ, ଇଲେକ୍ଟ୍ରୋନିକସ୍ ଓ କଂପ୍ୟୁଟର ଶିଳ୍ପ ଉଦ୍ୟୋଗ ଉପରେ ଗୁରୁତ୍ୱ ଦିଆଯିବ । ଇଂଜିନିୟରିଂ ଶିଳ୍ପ ଯାହାକି କମ୍ ବିଦ୍ୟୁତ ବ୍ୟବହାର କରି ବେଶୀ ଲୋକଙ୍କୁ ନିଯୁକ୍ତି ଦେଇ ପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ ।

(ଙ) ଖଦୀ ଓ ଗ୍ରାମ୍ୟ ଶିଳ୍ପ, କୁଟୀର ଶିଳ୍ପ ଏବଂ ହସ୍ତ ଶିଳ୍ପକୁ ସୁବିଧା ଓ ସୁଯୋଗ ଯୋଗାଇ ଦେଇ ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତିର ସୁବିଧା କରାଯିବ ।



(ଚ) ମହିଳା ଶିଳ୍ପ ଉଦ୍ୟୋଗୀ, ହରିଜନ ଆଦିବାସୀ ଶିଳ୍ପ ଉଦ୍ୟୋଗୀ ଏବଂ ମହିଳା ଓ କରିଗରମାନଙ୍କର ସମବାୟ ସମିତି ଦ୍ବାରା ପ୍ରତିଷ୍ଠା କରାଯାଉଥିବା ଶିଳ୍ପକୁ ସୁବିଧା ଓ ସୁଯୋଗ ଦିଆଯିବ ।

(ଛ) ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏକାଧରଣର ଶିଳ୍ପ ପାଇଁ ଶିଳ୍ପାଞ୍ଚଳ ସୃଷ୍ଟି କରାଯିବ ଯେପରିକି ଇଲେକ୍ଟ୍ରୋନିକସ୍ ଓ କଂପ୍ୟୁଟର, ଇଲେକ୍ଟ୍ରିକାଲ ଯନ୍ତ୍ରପାତି, ପ୍ଲାଷ୍ଟିକ୍ ଓ ପଲିମର, ଚମଡା, ଚିନାମାଟି ଶିଳ୍ପ, ରାସାୟନିକ ଶିଳ୍ପ ଇତ୍ୟାଦି ପୁଞ୍ଜିଭୂତ ଭାବେ ଗଢି ଉଠିବେ ।

(ଜ) ବଲାଙ୍ଗୀର, ଫୁଲବାଣୀ, କଳାହାଣ୍ଡି ଆଦି ଅନୁନ୍ନତ ଜିଲ୍ଲାମାନଙ୍କରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଶେଷ ଗୁରୁତ୍ୱ ଦିଆଯିବ ।

(ଝ) ସ୍ଥାନୀୟ ଶିଳ୍ପ ଦ୍ବାରା ପ୍ରସ୍ତୁତ ଜିନିଷର ବିକ୍ରୟ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବ ।

(ଟ) ରାଜ୍ୟରେ ମିଳୁଥିବା କଞ୍ଚାମାଲ ତଥା ରାଜ୍ୟର ବିଭିନ୍ନ ସରକାରୀ ସଂସ୍ଥା ତଥା ଅନ୍ୟାନ୍ୟ ଶିଳ୍ପ ସଂସ୍ଥାର By-Product & waste Product ଯେପରି ସ୍ଥାନୀୟ ଶିଳ୍ପମାନ ପାଇ ପାରିବେ ସେଥିପାଇଁ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରାଯିବ ।

(ଠ) ଜିଲ୍ଲା ଏବଂ ରାଜ୍ୟସ୍ତରରେ ଶିଳ୍ପ ଉଦ୍ୟୋଗୀମାନଙ୍କର ସମସ୍ୟାକୁ ସମାଧାନ କରିବା ଓ ଗୋଟିଏ ସ୍ଥାନରେ ସେମାନଙ୍କର ଦରକାରୀ ସୁବିଧା ଯୋଗାଇ ଦେବା ପାଇଁ ସୁଦୃଢ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରାଯିବ ।

(ଡ) ରାଜ୍ୟର ବୃହତ ଓ ମଧ୍ୟମ ଧରଣର ଶିଳ୍ପର ଆଖପାଖ ଅଞ୍ଚଳରେ ସହାୟକ ଓ ଅନୁକୂଳ ancillary & down Stream ଶିଳ୍ପର ବିକାଶ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବ ।

(ଢ) ଏକା ଧରଣର ଅନେକ ଗୁଡିଏ ଶିଳ୍ପ ପ୍ରତିଷ୍ଠାନ ରୋକିବା ତଥା ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଏସବୁ ଶିଳ୍ପକୁ ଚିହ୍ନଟ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ କରାଯିବ ।

## ନୂତନ ଶିଳ୍ପ ନୀତିର ପରିସର:

୧୯୮୬ ର ନୂତନ ଶିଳ୍ପନୀତି ନୂତନ ଶିଳ୍ପ ପାଇଁ ପ୍ରଯୋଜ୍ୟ । ବର୍ତ୍ତମାନ କାର୍ଯ୍ୟକାରୀ ଶିଳ୍ପ ଯେଉଁମାନେ ଏ ନୂତନ ନୀତି ପୂର୍ବରୁ କୌଣସି ପୁଞ୍ଜିଲଗାଣ କରିଛନ୍ତି କିମ୍ବା ୧୯୮୦ ନୀତି ଅନୁଯାୟୀ କୌଣସି ସୁବିଧା ବା ସୁଯୋଗ ନେଇଛନ୍ତି ସେମାନେ ୧୯୮୬ ଶିଳ୍ପ ନୀତିର ପରିସରଭୁକ୍ତ ହେବେ ନାହିଁ । ସରକାରୀ ଉଦ୍ୟୋଗ ମଧ୍ୟ ଏ ନୀତିର ପରିସରଭୁକ୍ତ ହେବେ ନାହିଁ ।

## ପ୍ରଶାସନିକ ବ୍ୟବସ୍ଥା:

(କ) ରାଜ୍ୟ ସ୍ତରୀୟ ନୋଡାଲ୍(Nodal) କମିଟି:

ମୁଖ୍ୟଶାସନ ସଚିବ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ପ୍ରତ୍ୟେକ ଦୁଇମାସରେ ଥରେ ବସି ଶିଳ୍ପମାନଙ୍କର ଜମି, ଜଳ, ବିଦ୍ୟୁତଶକ୍ତି ଯୋଗାଣ, କଞ୍ଚାମାଲ ଯୋଗାଣ, ପଣ୍ୟକର, ବିକ୍ରିକର ସଂପର୍କୀୟ ସମସ୍ତ ସମସ୍ୟା ତଥା ଏ ବିଷୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ବୟ ସମସ୍ୟାର ସମାଧାନ କରିବେ । ସ୍ଥାନୀୟ ଶିଳ୍ପମାନଙ୍କର ବିଭିନ୍ନ ବିଭାଗ ତଥା ସରକାରୀ ସଂସ୍ଥା ଉପରେ ରହିଥିବା ବକେୟା ପ୍ରାପ୍ୟ ଶୀଘ୍ର ଦେବାର ମଧ୍ୟ ବ୍ୟବସ୍ଥା କରିବେ ।

ଭାରତ ବାହାରେ ବସବାସ କରୁଥିବା ଭାରତୀୟମାନେ ରାଜ୍ୟରେ କରୁଥିବା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ତଥା ସେମାନଙ୍କର ସମସ୍ୟା ସମାଧାନ କରିବା ପାଇଁ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନ ଗୋଟିଏ କମିଟି ଗଠିତ ହେବ ।

(ଖ) ଜିଲ୍ଲାସ୍ତରୀୟ ନୋଡାଲ (Nodal) କମିଟି:

ପ୍ରତ୍ୟେକ ଜିଲ୍ଲାରେ ରାଜସ୍ବ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ନୋଡାଲ କମିଟି ଗଠନ କରାଯିବ । ସେଥିରେ ଜିଲ୍ଲାପାଳ, ଲିଡ୍‌ବ୍ୟାଙ୍କ୍ ଅଫିସର, ସ୍ଥାନୀୟ ବିଦ୍ୟୁତ ବୋର୍ଡର ଯନ୍ତ୍ରୀ, ରାଜ୍ୟ ଅର୍ଥନିଗମ ଏବଂ ଇଡ଼ିକୋର ପ୍ରତିନିଧି ସଦସ୍ୟ ରହିବେ । ଜିଲ୍ଲା ଶିଳ୍ପ କେନ୍ଦ୍ର ଜେନେରାଲ ମାନେଜର ଏହାର ଆବାହକ ରହିବେ । ଏହି କମିଟି ଦୁଇମାସରେ ଥରେ ବସି ସ୍ଥାନୀୟ ଶିଳ୍ପମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବେ ।

(ଗ) ଉଦ୍ୟୋଗୀ ସହାୟକ ପ୍ରକୋଷ୍ଠ:

ଶିଳ୍ପ ବିଭାଗ, ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ରପ୍ତାନୀ ତଥା ବାଣିଜ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଇପିକଲ, ରାଜ୍ୟ ଅର୍ଥ ନିଗମ, ଇଡ଼ିକୋ ଏବଂ ରାଜ୍ୟ ଇଲେକ୍ଟ୍ରୋନିକ୍ସ ବିକାଶ ନିଗମରେ ଉଦ୍ୟୋଗୀ ସହାୟକ ପ୍ରକୋଷ୍ଠ ପ୍ରତିଷ୍ଠା କରାଯିବ । ଜଣେ ଜଣେ ଅଧିକାରୀ ଏହି ପ୍ରକୋଷ୍ଠ ଦାୟିତ୍ୱରେ ରହିବେ ଏବଂ ଅନୁଷ୍ଠାନର ମୁଖ୍ୟଙ୍କୁ ଉଦ୍ୟୋଗୀମାନଙ୍କର ଅସୁବିଧା ସମ୍ପର୍କରେ ଅବଗତ କରାଇ ତାଙ୍କ ସମସ୍ୟାର ଆଶୁ ସମାଧାନର ବ୍ୟବସ୍ଥା କରିବେ ।

(ଘ) କ୍ଷମତା ବିକେନ୍ଦ୍ରୀକରଣ:

ଜିଲ୍ଲାସ୍ତରରେ ଓ ଆଞ୍ଚଳିକସ୍ତରରେ ଥିବା ଅଧିକାରୀମାନଙ୍କୁ ଜମି ଶିଳ୍ପ ଗୃହ ଯୋଗାଣ, ବିଦ୍ୟୁତ ଯୋଗାଣ, ଋଣ ମଂଜୁରୀ ଏବଂ ଶିଳ୍ପ ନେଇ ବିଭିନ୍ନ ସୁବିଧା ପ୍ରଦାନ ପାଇଁ ଅଧିକ କ୍ଷମତା ଦିଆଯିବ ।


(ଙ) ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟର ଉପଯୁକ୍ତ ତଦାରଖ ଓ ସମୀକ୍ଷା:

ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ-ମ୍ୟାନେଜର ପ୍ରତି ତିନିମାସରେ ତାଙ୍କ ଜିଲ୍ଲାର ପ୍ରତ୍ୟେକ କ୍ଷୁଦ୍ର ଶିଳ୍ପ ପରିଦର୍ଶନ କରି ପ୍ରତ୍ୟେକର କାର୍ଯ୍ୟ, ସମସ୍ୟା ତଥା ସରକାରୀ ସୁବିଧା ସୁଯୋଗ ଓ ଋଣର ସଦୁପଯୋଗ ବିଷୟରେ ସମୀକ୍ଷା କରିବେ । ରାଜ୍ୟ ଅର୍ଥ ନିଗମ, ଇପିକଲ ଆଦି ସଂସ୍ଥା ମଧ୍ୟ ତାଙ୍କଠାରୁ ଋଣ ଇତ୍ୟାଦି ପାଇଥିବା ଶିଳ୍ପ ଏଭଳି ପରିଦର୍ଶନ ଓ ସମୀକ୍ଷା କରିବେ ।

## ନୂତନ ଶିଳ୍ପ ନୀତିରେ ବିଭିନ୍ନ ସୁବିଧା ଓ ସୁଯୋଗ:

(କ) ବିଭିନ୍ନ ଜିଲ୍ଲାର ଶ୍ରେଣୀ ବିଭାଗ:

ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଶିଳ୍ପର ଅନଗ୍ରସରତା ଦୃଷ୍ଟିରୁ 'କ', 'ଖ' ଏବଂ 'ଗ' ଅଞ୍ଚଳରେ ବିଭକ୍ତ କରାଯାଇଛି । ଶିଳ୍ପ କ୍ଷେତ୍ରରେ ସବୁଠାରୁ ଅନଗ୍ରସର 'କ' ଅଞ୍ଚଳରେ ଫୁଲବାଣୀ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ରହିଛନ୍ତି, 'ଖ' ଅଞ୍ଚଳରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ଗଞ୍ଜାମ ଓ ବାଲେଶ୍ବର ଜିଲ୍ଲା ଅନ୍ତର୍ଭୁକ୍ତ, 'ଗ' ଅଞ୍ଚଳରେ କଟକ, ପୁରୀ, ସୁନ୍ଦରଗଡ ଓ ସମ୍ବଲପୁର ଜିଲ୍ଲା ରହିବେ । କଳାହାଣ୍ଡି ଜିଲ୍ଲାକୁ ଭାରତ ସରକାର ଶିଳ୍ପ ବିହୀନ ହିସାବରେ ଘୋଷଣା କରି ନଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଶିଳ୍ପ ବିହୀନ ଜିଲ୍ଲା ଫୁଲବାଣୀ ଓ ବଲାଙ୍ଗୀର ସହିତ ସମାନ ସ୍ଥାନ ଦେଇ ରାଜ୍ୟ ସରକାରଙ୍କର ସର୍ବାଧିକ ସୁବିଧା



ସୁଯୋଗ ଦେବେ । ବାଲେଶ୍ୱର ଜିଲ୍ଲାକୁ 'ଖ' ଅଞ୍ଚଳ ଅର୍ଥାତ୍ ଭାରତ ସରକାରଙ୍କର ଘୋଷିତ ଶିଳ୍ପ କ୍ଷେତ୍ରରେ ଅନଗ୍ରସର ଅଞ୍ଚଳ ହିସାବରେ ରଖାଯାଇଥିଲେ ମଧ୍ୟ ଏହା ଶିଳ୍ପ ବିହୀନ ଜିଲ୍ଲା ହୋଇଥିବାରୁ କେନ୍ଦ୍ରୀୟ ରିହାତି ଏବଂ ଅନ୍ୟାନ୍ୟ ସାହାଯ୍ୟ ପାଇବ । ତେବେ ରାଜ୍ୟ ସରକାରଙ୍କର ରିହାତି ଓ ସୁବିଧା 'ଖ' ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ହାର୍‌ରେ ପାଇବ ।

'କ' ଅଞ୍ଚଳରେ ଥିବା ଶିଳ୍ପମାନେ ଶତକଡା ୨୫ ଭାଗ ହାରରେ ସର୍ବୋଚ୍ଚ ସୀମା ୨୫ ଲକ୍ଷ ପୁଞ୍ଜି ଲଗାଣ ରିହାତି ପାଇବେ ; ଯେଉଁଠି କି ଏହି ରିହାତି କେନ୍ଦ୍ର ସରକାରଙ୍କଠାରୁ ଶତକଡା ୧୫ ଭାଗ ପାଉଥିଲେ ମଧ୍ୟ ଅଧିକା ଶତକଡା ୧୦ ଭାଗ ରାଜ୍ୟ ସରକାରଙ୍କଠାରୁ ପାଇବ । 'ଖ' ଅଞ୍ଚଳରେ ଶିଳ୍ପମାନେ ଏହି ରିହାତି ଭାରତ ସରକାରଙ୍କଠାରୁ ଶତକଡା ୧୫ ଭାଗ ( ସର୍ବୋଚ୍ଚ ସୀମା ୧୫ ଲକ୍ଷ) ହାରରେ ପାଇବେ । ଗଞ୍ଜାମ ଜିଲ୍ଲାରେ ଓଡ଼ିଶା ସରକାର ଶତକଡା ୧୫ ଭାଗ ରିହାତି ଦେବେ । ବାଲେଶ୍ୱର ଜିଲ୍ଲାକୁ ଏହା ଶତକଡା ୨୫ ଭାଗ ହାରରେ କେନ୍ଦ୍ର ସରକାରଙ୍କଠାରୁ ମିଳିବ । 'ଗ' ଅଞ୍ଚଳରେ ଥିବା ଶିଳ୍ପମାନେ ଯେଉଁମାନେକି ୧୯୮୦ ଶିଳ୍ପ ନୀତିରେ ଶତକଡା ୧୫ ଭାଗ ହାରରେ ପାଉଥିଲେ, ନୂତନ ଶିଳ୍ପ ନୀତି ଅନୁଯାୟୀ ଶତକଡା ୧୦ ଭାଗ (ସର୍ବୋଚ୍ଚ ସୀମା ୧୦ ଲକ୍ଷ) ହାରରେ ପାଇବେ । ଏହାଫଳରେ ଶିଳ୍ପ କ୍ଷେତ୍ରରେ ଅନଗ୍ରସର ଅଞ୍ଚଳକୁ ଅଧିକ ଶିଳ୍ପ ଯିବା ପାଇଁ ଆକୃଷ୍ଟ ହେବେ ।

ଇଲେକ୍ଟ୍ରୋନିକସ୍ ଶିଳ୍ପକୁ ଉତ୍ସାହ ଦେବା ପାଇଁ ଏହି ରିହାତି ଆହୁରି ଅଧିକ ୫% ରାଜ୍ୟ ସରକାରଙ୍କ ତରଫରୁ ଦିଆଯିବ ।

'କ' ଅଞ୍ଚଳରେ ସ୍ଥାପିତ ଶିଳ୍ପ ଅନ୍ୟାନ୍ୟ ରିହାତି ଓ ସୁଯୋଗ, ଯଥା: ବିକ୍ରୀକର ଛାଡ, ଆଦାୟ କରିଥିବା ବିକ୍ରୀକରକୁ କିଛି ବର୍ଷ ପରେ ପରିଶୋଧ କରିବାର ସୁବିଧା ତଥା ବିଦ୍ୟୁତ ଶୁଳ୍କ ରିହାତି, ଇତ୍ୟାଦି ଅଧିକ ହାରରେ ପାଇବେ । ଏହା ଫଳରେ ସେହି ଅଞ୍ଚଳରେ ଦ୍ରୁତ ଶିଳ୍ପ ବିକାଶ ସମ୍ଭବ ହୋଇ ପାରିବ ।

(ଖ) ସ୍ୱତନ୍ତ୍ର ସୁବିଧା ପାଉଥିବା ଶିଳ୍ପୋଦ୍ୟୋଗୀ: ବୈଷୟିକ ତାଲିମପ୍ରାପ୍ତ ହରିଜନ ଓ ଆଦିବାସୀ ଏବଂ ମହିଳା ଉଦ୍ୟୋଗୀ, ମହିଳା ଏବଂ କାରିଗରମାନଙ୍କର ସମବାୟ ସମିତିକୁ ମିଆଦି ଋଣ ଉପରେ ୧% ସୁଧ ରିହାତି ପାଇଁ ସ୍ୱତନ୍ତ୍ର ସୁବିଧା ଦିଆଯିବ ।

(ଗ) ସମ୍ଭାବ୍ୟ ରିପୋର୍ଟ: କ୍ଷୁଦ୍ର ଶିଳ୍ପ ପାଇଁ ସମ୍ଭାବ୍ୟ ରିପୋର୍ଟ ଉପରେ ରିହାତି ପୂର୍ବରୁ ୧% ଥିଲା । ବର୍ତ୍ତମାନ ତାହାକୁ ୫ ଲକ୍ଷ ଟଙ୍କା ପୁଞ୍ଜି ଲଗାଣ ହୋଇଥିବା ଶିଳ୍ପ ପାଇଁ ୨% ଓ ୧୦ ଲକ୍ଷ ଟଙ୍କା ପୁଞ୍ଜି ଲଗାଣ ହୋଇଥିବା ଶିଳ୍ପ ପାଇଁ ୧.୫%କୁ ବୃଦ୍ଧି କରାଗଲା ।

(ଘ) ପୂର୍ବ ଶିଳ୍ପ ନୀତିରେ ବୈଷୟିକ କୌଶଳ ଆହରଣ କରିବା ପାଇଁ ରିହାତି ପରିମାଣ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଥିଲା, ବର୍ତ୍ତମାନ ତାହାକୁ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା । ଆଗରୁ ବୈଦେଶିକ ବୈଷୟିକ କୌଶଳ ପାଇଁ ଏ ରିହାତି ନଥିଲା, ବର୍ତ୍ତମାନ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏ ରିହାତି ଏଥିପାଇଁ ଦିଆଯିବ ।

(ଙ) ବିକ୍ରୀକର ସମ୍ପର୍କୀୟ ସୁବିଧା: (i) କଞ୍ଚାମାଲ ଉପରେ ବିକ୍ରୀକର ଛାଡ: ଆଗରୁ ନୂଆ ଗ୍ରାମ୍ୟ କୁଟୀର ଓ କ୍ଷୁଦ୍ର ଶିଳ୍ପ ବ୍ୟବହାର କରୁଥିବା କଞ୍ଚାମାଲ ଉପରେ ୫ ବର୍ଷ ପାଇଁ ବିକ୍ରୀକର ଛାଡ ଦିଆଯାଉଥିଲା । ବର୍ତ୍ତମାନ ମଧ୍ୟ ଏହା ରହିଲା ! ଆଗରୁ ବୃହତ ଓ ମଧ୍ୟମ ଧରଣର ଶିଳ୍ପ ଏ ସୁବିଧା ପାଉ ନଥିଲେ, କିନ୍ତୁ ସେମାନଙ୍କୁ କିଛି ଋଣ ଏ ବାବଦରେ ଦିଆଯାଉଥିଲା । ବର୍ତ୍ତମାନ ସେମାନେ ମଧ୍ୟ ବ୍ୟବହାର କରୁଥିବା କଞ୍ଚାମାଲ ଉପରେ 'କ' ଅଞ୍ଚଳରେ ୫ ବର୍ଷ ଏବଂ 'ଖ' ଓ 'ଗ' ଅଞ୍ଚଳରେ ୩ ବର୍ଷ ପାଇଁ ଏହି ବିକ୍ରୀକର ରିହାତି ପାଇବେ ।

(ii) ଉତ୍ପନ୍ନ ଦ୍ରବ୍ୟ ଉପରେ ବିକ୍ରୀକର ଛାଡ: ରାଜ୍ୟର ସମସ୍ତ ପୁରୁଣା ଏବଂ ନୂଆ ଖଦୀ, କୁଟୀର ତଥା ଗ୍ରାମ୍ୟ ଶିଳ୍ପ ଓ ହସ୍ତଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସରକାରୀ ଅନୁମୋଦିତ ସଂସ୍ଥା ଦ୍ୱାରା ବିକ୍ରୀ ହେଲେ ଏହା ଉପରେ ବିକ୍ରୀକର ଲାଗୁ ହେବନାହିଁ । ସେହିପରି ରାଜ୍ୟର ସମସ୍ତ ନୂଆ ଓ ପୁରୁଣା ଇଲେକ୍ଟ୍ରୋନିକସ୍ ଶିଳ୍ପଜାତ ପଦାର୍ଥ ଉପରେ ମଧ୍ୟ ବିକ୍ରୀକର ଲାଗୁ ହେବ ନାହିଁ । ନୂତନ ଶିଳ୍ପନୀତିରେ ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଇଲେକ୍ଟ୍ରୋନିକସ୍ ଶିଳ୍ପର ଦ୍ରୁତ ବିକାଶ ଘଟିବ ଏବଂ ଖଦୀ, ଗ୍ରାମ୍ୟ ଶିଳ୍ପ ତଥା ହସ୍ତଶିଳ୍ପର ଅଭିବୃଦ୍ଧି ହେବ ।

ପୂର୍ବ ଶିଳ୍ପନୀତିରେ କ୍ଷୁଦ୍ର ଶିଳ୍ପମାନେ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ଉପରେ ଦେଉଥିବା ବିକ୍ରୀକର ଉପରେ ଏକ ଲକ୍ଷ ଟଙ୍କାଯାଏ ଋଣ ପାଇବାର ବ୍ୟବସ୍ଥା ଥିଲା । ନୂତନ ଶିଳ୍ପନୀତିରେ ଏ ବ୍ୟବସ୍ଥା ପରିବର୍ତ୍ତେ ୫ ବର୍ଷ ପାଇଁ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ଉପରୁ ବିକ୍ରୀକର ଛାଡ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାଦ୍ୱାରା କ୍ଷୁଦ୍ରଶିଳ୍ପମାନେ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରୀ କରି ଲାଭବାନ ହୋଇପାରିବେ ।

ପୂର୍ବରୁ ବୃହତ ଓ ମଧ୍ୟମ ଧରଣର ଶିଳ୍ପ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ଉପରେ ଦେଉଥିବା ବିକ୍ରୀକର ଉପରେ ୫ ବର୍ଷ ପାଇଁ ବର୍ଷକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇବାର ବ୍ୟବସ୍ଥା ଥିଲା । ନୂତନ ଶିଳ୍ପନୀତିରେ ଏ ବ୍ୟବସ୍ଥା ପରିବର୍ତ୍ତେ ବିକ୍ରୀକର ଛାଡ ଅଥବା ସଂଗ୍ରହ କରିଥିବା ବିକ୍ରୀକରକୁ କିଛି ବର୍ଷ ପରେ ପରିଶୋଧ କରିବାପାଇଁ ବ୍ୟବସ୍ଥା ରଖାଯାଇଛି । ଏହି ନିଷ୍ପତ୍ତି ଅନୁଯାୟୀ 'କ' ଅଞ୍ଚଳରେ ଥିବା ଶିଳ୍ପମାନେ ୫ ବର୍ଷ ପାଇଁ ଏବଂ 'ଖ' ଓ 'ଗ' ଅଞ୍ଚଳରେ ଥିବା ଶିଳ୍ପମାନେ ୩ ବର୍ଷ ପାଇଁ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ଉପରେ ବିକ୍ରୀକର ଛାଡ ପାଇବେ ଅଥବା କୌଣସି ଶିଳ୍ପ ଚାହିଁଲେ ସଂଗ୍ରହ କରିଥିବା ବିକ୍ରୀକର 'କ' ଅଞ୍ଚଳରେ ସାତବର୍ଷ ପାଇଁ, 'ଖ' ଅଞ୍ଚଳରେ ଓ 'ଗ' ଅଞ୍ଚଳରେ ପାଂଚ ବର୍ଷ ପାଇଁ ନିଜ ପାଖରେ ରଖିପାରିବେ ଏବଂ ଏହି ସମୟ ସୀମା ପରେ ଯଥାକ୍ରମେ ସାତ ବର୍ଷ ବା ପାଞ୍ଚ ବର୍ଷରେ ବାର୍ଷିକ କିସ୍ତିରେ ପରିଶୋଧ କରିପାରିବେ ।

ବିକ୍ରୀକର ଋଣ ଯୋଜନା ପରିବର୍ତ୍ତେ ବିକ୍ରୀକର ଛାଡ ବା ବିକ୍ରୀକର ବକେୟା ରଖିବା ଯୋଜନା ଶିଳ୍ପମାନଙ୍କ ପାଇଁ ଯଥେଷ୍ଟ ଅନୁକୂଳ । ପ୍ରଥମତଃ ନୂତନ ଯୋଜନାରେ କୌଣସି ସର୍ବୋଚ୍ଚ ସୀମା ନାହିଁ ଏବଂ ଏଥି ପାଇଁ ସେମାନଙ୍କୁ ସରକାରୀ ବଜେଟରେ ଆବଶ୍ୟକ ଅନୁଦାନର ବ୍ୟବସ୍ଥା କରିବାପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବା ବିଭିନ୍ନ ଅଫିସକୁ ଯିବାକୁ ପଡ଼ିବ ନାହିଁ ।

(ଚ) ପ୍ରଦୂଷଣ ନିରାକରଣ ପାଇଁ ପ୍ରୋତ୍ସାହନ: ଶିଳ୍ପମାନେ ପ୍ରଦୂଷଣ ନିରାକରଣ ଯନ୍ତ୍ରପାତି କିଣି ବସାଇବା ପାଇଁ ୧୦% ହାରରେ ଅଧିକ ରିହାତି ପାଇବେ । ସର୍ବୋଚ୍ଚ ସୀମା ୧୦ ଲକ୍ଷ ଟଙ୍କା ରହିବ ।

(ଛ) ନୂଆ ସିନେମା ଗୃହପାଇଁ ମନୋରଂଜନ ଶୁଳ୍କ : ନୂଆ ସିନେମା ଗୃହ ପାଇଁ ପ୍ରଥମ ତୃତୀୟବର୍ଷ ମନୋରଞ୍ଜନ ଶୁଳ୍କ ବାକୀ ରଖିବାକୁ ସୁଯୋଗ

ମିଳିବ । ଏହାଦ୍ୱାରା ନୂତନ ସିନେମା ଗୃହ ନିର୍ମାଣ କରିବାପାଇଁ ଅଧିକ ପ୍ରୋତ୍ସାହନ ମିଳିବ ।

(ଡ) ସିନେମା ଗୃହ ତିଆରି, ଚଳଚ୍ଚିତ୍ର ନିର୍ମାଣ ଏବଂ ହୋଟେଲ ଶିଳ୍ପକୁ ନୂତନ ଶିଳ୍ପ ନୀତିର ସବୁପ୍ରକାର ସୁବିଧା ସୁଯୋଗ ମିଳିବ ।

(ଢ) ଛୋଟ ଖଣି ଲିଜ୍ ନେଇଥିବା ଉଦ୍ୟୋଗୀମାନଙ୍କ ପାଇଁ ସରକାର ସର୍ଭେ, ଅନୁସଂଧାନ ଏବଂ ଖଣିଜ ପଦାର୍ଥର ପରୀକ୍ଷା କାର୍ଯ୍ୟ ଶତକଡା ୫୦ ଭାଗ ଖର୍ଚ୍ଚରେ କରିବେ । ଏହାର ସର୍ବୋଚ୍ଚ ସୀମା ଏକ ଲକ୍ଷ ଟଙ୍କା ରହିବ ।

(ଣ) ଷ୍ଟାମ୍ପ ଓ ରେଜିଷ୍ଟ୍ରି ବାବଦ ରିହାତି : ପୂର୍ବରୁ କେବଳ ସରକାରୀ ଜମି ଓ ସେଡ୍ ଶିଳ୍ପମାନଙ୍କୁ ହସ୍ତାନ୍ତର କରିବା ବେଳେ ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଖର୍ଚ୍ଚ ଦେବାକୁ ପଡୁନଥିଲା । ବର୍ତ୍ତମାନ ନିଷ୍ପତ୍ତି ଗ୍ରହଣ କରାଗଲା ଯେ ସରକାରୀ ଜମି, ଇଡ୍‌କୋକୁ ହସ୍ତାନ୍ତର କରିବା, ଇଡ୍‌କୋ ଜମି ଓ ସେଡ୍ ଶିଳ୍ପୋଦ୍ୟୋଗୀମାନଙ୍କୁ ହସ୍ତାନ୍ତର କରିବା ଏବଂ ଶିଳ୍ପପାଇଁ ଆହରଣ କରାଯାଇଥିବା ଘରୋଇ ଜମି ହସ୍ତାନ୍ତର କରିବା କ୍ଷେତ୍ରରେ ମଧ୍ୟ ଏ ସୁବିଧା ମିଳିବ ।

(ତ) ବିଦ୍ୟୁତ୍ ଶୁଳ୍କ ରିହାତି : ପୂର୍ବରୁ ୧୧୦ କେ.ଭି.ଏ. ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବା ଶିଳ୍ପଗୁଡ଼ିକୁ ୫ ବର୍ଷ ପାଇଁ ବିଦ୍ୟୁତ ଶୁଳ୍କ ରିହାତି ମିଳୁଥିଲା ଏବଂ ୨୦ କିଲୋୱାଟ ବିଦ୍ୟୁତ ଶକ୍ତି ବ୍ୟବହାର କରୁଥିବା ଶିଳ୍ପମାନଙ୍କ ଉପରେ ୩ ବର୍ଷ ପାଇଁ ସର୍ବନିମ୍ନ ଚାର୍ଜ ପଡୁ ନଥିଲା । ବର୍ତ୍ତମାନ ଏହି ଦୁଇ ପ୍ରକାର ସୁବିଧା ୫୦୦ କେ.ଭି.ଏ. ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ବ୍ୟବହାର କରୁଥିବା ଶିଳ୍ପମାନଙ୍କୁ ଲାଗୁହେବ । ପୂର୍ବରୁ ୧୧୦ କେ.ଭି.ଏ. ଠାରୁ ୫୦୦୦ କେ.ଭି.ଏ. ଭିତରେ ବିଦ୍ୟୁତ ଶକ୍ତି ବ୍ୟବହାର କରୁଥିବା ଶିଳ୍ପମାନଙ୍କୁ ବିଦ୍ୟୁତ ଶୁଳ୍କ ଋଣ ମିଳୁଥିଲା । ଏହା ପରିବର୍ତ୍ତେ ନୂତନ ଶିଳ୍ପନୀତିରେ ୫୦୦ କେ.ଭି.ଏ. ଠାରୁ ୫୦୦୦ କେ.ଭି.ଏ. ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ବ୍ୟବହାର କରୁଥିବା ଶିଳ୍ପମାନଙ୍କୁ 'କ' ଅଞ୍ଚଳରେ ୭୫% ବିଦ୍ୟୁତ ଶୁଳ୍କ ରିହାତି ଏବଂ 'ଖ' ଅଞ୍ଚଳରେ ୨୫% ରିହାତି ମିଳିବ । ୫୦୦୦ କେ.ଭି.ଏ. ଠାରୁ ୧୦ ହଜାର କେ.ଭି.ଏ. ମଧ୍ୟରେ 'କ' ଅଞ୍ଚଳରେ ୫୦% ରିହାତି ମିଳିବ । ଏସବୁ ସୁବିଧା ୫ ବର୍ଷପାଇଁ ମିଳିବ ।

ବିଦ୍ୟୁତ୍ ଶୁଳ୍କ ଋଣ ଯୋଜନା ପରିବର୍ତ୍ତେ ବିଦ୍ୟୁତ୍ ଶୁଳ୍କ ଛାଡ ବା ରିହାତି ଯୋଜନା ବିଶେଷ ସୁବିଧାଜନକ ହେବ ଏବଂ ଏଥିଯୋଗୁଁ ଶିଳ୍ପୋଦ୍ୟୋଗୀମାନଙ୍କୁ ସରକାରୀ ବଜେଟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ କିମ୍ବା ବିଭିନ୍ନ ଅଫିସକୁ ଋଣ ପାଇବାପାଇଁ ଯିବାକୁ ପଡ଼ିବ ନାହିଁ । ୫୦୦ କେ.ଭି.ଏ. ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ ସୁବିଧା ରାଜ୍ୟର ବହୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ବିଶେଷ ଉପକୃତ କରିବ ।

(ଥ) ନିଜସ୍ୱ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ସୁବିଧା : ୩୦ ଏମ୍.ଭି.ଏ. ଉତ୍ପାଦନକ୍ଷମ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ସ୍ଥାପନ ପାଇଁ ବିଦ୍ୟୁତ ଶୁଳ୍କ ୧୦ ବର୍ଷ ପାଇଁ ଛାଡ କରାଯିବ । ଏହି ସୁବିଧା ୧୨୦ ଏମ୍.ଭି.ଏ. ପାଇଁ ୭୫% ଏବଂ ତାହା ଉପରକୁ ୫୦% ହାରରେ ମିଳିବ ।

(ଦ) ୧୦ କିଲୋୱାଟ ବା ତହିଁରୁ ଉପର ଜେନେରେଟିଂ ସେଟ୍ ବସାଇବା ପାଇଁ ନୂଆ ଓ ପୁରୁଣା ଶିଳ୍ପକୁ ଶତକଡା ୨୫ ଭାଗ ରିହାତି (ସର୍ବୋଚ୍ଚ ସୀମା ଦୁଇ ଲକ୍ଷ) ମିଳିବ । ଏହାଦ୍ୱାରା ବହୁଶିଳ୍ପ ନିଜ ଜେନେରେଟିଂ ସେଟ୍ ବସାଇ ପାରିବେ ।

(ଧ) ଜମିର ଦର : ପୂର୍ବ ଶିଳ୍ପନୀତିରେ ଶିଳ୍ପ ପାଇଁ ଦିଆଯାଉଥିବା ସରକାରୀ ଜମି ଏକର ପ୍ରତି ୬୨୫ ଟଙ୍କାରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ହାରରେ ଦିଆଯାଉଥିଲା । ସାଧାରଣ ମୂଲ୍ୟ ବୃଦ୍ଧିକୁ ଆଖିରେ ରଖି ତଥା ଜମିର ପରିମାଣ ଆବଶ୍ୟକତା ଅନୁଯାୟୀ ସୀମାବଦ୍ଧ ରଖିବା ପାଇଁ ଏହି ଦର ନୂତନ ଶିଳ୍ପ ନୀତିରେ-ଏକର ପ୍ରତି ୫ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି । କିନ୍ତୁ ବାର୍ଷିକ ଖଜଣା ଆଗରୁଥିବା ୧୦% ରୁ ୧% କୁ କମାଇ ଦିଆଯାଇଛି । ଇଡ୍‌କୋ ଦ୍ୱାରା ନିର୍ମିତ ସେଡ୍ ସିଧା ସଳଖ ବିକ୍ରି କରାଗଲେ 'କ', 'ଖ' ଓ 'ଗ' ଅଞ୍ଚଳ ପାଇଁ ଯଥାକ୍ରମେ ୩୦%, ୨୫% ଓ ୨୦% ରିହାତି ମିଳିବ । ଆଗରୁ ସବୁ ଅଞ୍ଚଳରେ କେବଳ ୨୦% ରିହାତି ମିଳୁଥିଲା ।

ନୂତନ ଶିଳ୍ପ ନୀତିର ଅନ୍ୟାନ୍ୟ ଦିଗ:

(କ) ପୂର୍ବ ଶିଳ୍ପ ନୀତି ପ୍ରକାରରେ ନୂତନ ଶିଳ୍ପ ନୀତିରେ ମଧ୍ୟ ନୂଆ ଶିଳ୍ପ ବ୍ୟବହାର କରୁଥିବା ଯନ୍ତ୍ରପାତି, କଳକବ୍‌ଜା, କଞ୍ଚାମାଲ ଇତ୍ୟାଦି ଉପରେ ପଣ୍ୟକର ଲାଗିବ ନାହିଁ ।


(ଖ) ପ୍ରାକୃତିକ ଜଳାଧାରରୁ ବା ସରକାରୀ ଜଳଭଣ୍ଡାରରୁ ନୂତନ ଶିଳ୍ପକୁ ଜଳ ଯୋଗାଇବା ପାଇଁ ପୁରୁଣା ନୀତିରେ ଥିବା ରିହାତି ବ୍ୟବସ୍ଥା ମଧ୍ୟ ନୂତନ ନୀତିରେ ରହିଛି ।

(ଗ) ସ୍ଥାନୀୟ ଶିଳ୍ପ ପ୍ରସ୍ତୁତ କରୁଥିବା ସାମଗ୍ରୀ ସରକାରୀ ବିଭାଗ ବା ସରକାରୀ ସଂସ୍ଥା ଯେଉଁଭଳି କିଣିବେ ଏବଂ ସେଥିପାଇଁ ଠିକ୍ ସମୟରେ ପ୍ରାପ୍ୟ ପାଇବେ ସେ ବିଷୟରେ କଡାକଡ଼ି ବ୍ୟବସ୍ଥା ଗ୍ରହଣ କରାଯିବ । ୧୯୮୦ ଶିଳ୍ପ ନୀତିରେ ଥିବା ବ୍ୟବସ୍ଥା ଯଥା : Earnest Money ନଦେବା, Security Deposit ରୁ ରିହାତି ୧୫% Price Preference, ISI certificate ପାଇଁ ଆହୁରି ଅଧିକ Price Preference ଜିନିଷ ଯୋଗାଇ ଦେବାର ୩୦ ଦିନ ଭିତରେ ୯୦% ପ୍ରାପ୍ୟ ଦେବା ଏବଂ ବାକି ୧୦% ୬୦ ଦିନ ମଧ୍ୟରେ ଦେବା ଇତ୍ୟାଦି ବ୍ୟବସ୍ଥା କଡାକଡ଼ି ଭାବରେ ଲାଗୁ କରାଯିବ ଏବଂ ଏ ସମ୍ପର୍କୀୟ ଅଭିଯୋଗ ଜିଲ୍ଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ କମିଟିରେ ଆଲୋଚନା ହୋଇ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବ । Rate Contract କରିବା ପାଇଁ D.G.S&D. ପଦ୍ଧତି ଅନୁସରଣ କରାଯିବ ଯେପରିକି ସ୍ଥିର କରାଯାଇଥିବା ମୂଲ୍ୟ ବଜାର ଦର ଅପେକ୍ଷା ବିଶେଷ ଅଧିକ ହେବନାହିଁ ।

(ଘ) ବିଭିନ୍ନ ଶିଳ୍ପରେ କାର୍ଯ୍ୟ କରୁଥିବା କାରିଗରମାନଙ୍କ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାଲିମ କେନ୍ଦ୍ରମାନ ଖୋଲାଯିବ ।

(ଙ) ସ୍ଥାନୀୟ ଶିଳ୍ପମାନଙ୍କ ପାଇଁ ପ୍ରତି ବର୍ଷ ପୁରସ୍କାରର ବ୍ୟବସ୍ଥା କରାଯିବ । ଏହି ପୁରସ୍କାର ଅଧିକ ଉତ୍ପାଦନ, ପ୍ରସ୍ତୁତ ଜିନିଷ ରାଜ୍ୟ ବାହାରେ ବିକ୍ରୟ ତଥା ବିଦେଶକୁ ରପ୍ତାନୀ କରିବା ଭିତ୍ତିରେ ଦିଆଯିବ ।





# ସଫଳ କାହାଣୀ

## ଟିକାବାଲି ମାଲ ବାଣିଜ୍ୟ ସମବାୟ ସମିତି

ଶ୍ରୀ ଗୁରୁ ପ୍ରସାଦ ମହାପାତ୍ର

ଓଡ଼ିଶାର ଫୁଲବାଣୀ ଜିଲ୍ଲା ବସ୍ତୁତଃ ଏକ ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଞ୍ଚଳ । ଏହି ଅଞ୍ଚଳରେ ଜନସାଧାରଣ ସାଧାରଣତଃ ପାରମ୍ପରିକ ପ୍ରଣାଳୀରେ କୃଷି ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । ବିଂଶ ଶତାବ୍ଦୀର ତ୍ରିଂଶ ଦଶକର ଶେଷ ଆଡ଼କୁ, ହଳଦୀ ମୁଖ୍ୟତଃ ଏହି ଅଞ୍ଚଳର ଆଦିବାସୀ (କନ୍ଧ) ଓ ହରିଜନ (ପାଣ) ମାନଙ୍କର କୃଷିଜାତ ଦ୍ରବ୍ୟ ବୋଲି ପରିଗଣିତ ହେଉଥିଲା । ଏହି କୃଷିଜାତ ଦ୍ରବ୍ୟ ବିକ୍ରୟ ଓ ସଂଗ୍ରହ କରିବାରେ ସେମାନେ ସ୍ଥାନୀୟ ମହାଜନମାନଙ୍କ ଦ୍ୱାରା ବିଶେଷ ଭାବରେ ଶୋଷିତ ହେଉଥିଲେ । ଏହି ମହାଜନମାନେ ମନମୁଖୀ ଭାବରେ ହଳଦୀ କ୍ରୟ କରୁଥିଲେ ଏବଂ କ୍ରୟ ସମୟରେ ଓଜନରେ ଠକିବା, ସାଧାରଣ ବଜାର ଦରଠାରୁ କମ୍ ମୂଲ୍ୟ ଦେବା ଓ ସମସ୍ତ କ୍ରୟମୂଲ୍ୟ ଏକାବେଳେ ନଦେଇ ବିଭିନ୍ନ କିସ୍ତିରେ ଦେବା ଇତ୍ୟାଦି ଅବାଞ୍ଛିତ କୌଶଳମାନ ପ୍ରୟୋଗ କରୁଥିଲେ । ଅଧିକନ୍ତୁ ସେମାନେ ସ୍ଥାନୀୟ ଆଦିବାସୀମାନଙ୍କୁ ଖାଉଟି ଦ୍ରବ୍ୟ ଚଢ଼ାଦରରେ ବିକ୍ରୀ କରି ଏକ ପ୍ରକାର ଶୋଷଣ କରୁଥିଲେ ।

ଭାରତ ସ୍ୱାଧୀନତାର ଠିକ୍ ପରେ ଏହି ଅଞ୍ଚଳର ଆଦିବାସୀ ଓ ହରିଜନମାନଙ୍କର କରୁଣ କାହାଣୀ ସ୍ଥାନୀୟ ନେତୃବୃନ୍ଦ ଓ ସମବାୟ ବିଭାଗର ଉନ୍ନତିକାମୀ ଅଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ତତ୍କାଳୀନ ବିଭାଗୀୟ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ ଅନୁସାରେ ହଳଦୀର ସଂଗ୍ରହ ଓ ବିକ୍ରୟ ନିମନ୍ତେ ୧୯୪୭ ମସିହା ନଭେମ୍ବର ୧୯ ତାରିଖ ଦିନ ଟିକାବାଲିଠାରେ ହଳଦୀ ଉତ୍ପାଦନ ବାଣିଜ୍ୟ ସହଯୋଗ ସମିତି ନାମରେ ଏକ ସମିତି ଗଠନ କରାଗଲା । ଜି.ଉଦୟଗିରିର ତତ୍କାଳୀନ ଡେପୁଟି ତହସିଲଦାର ସମିତିର ପ୍ରଥମ ମନୋନୀତ ସଭାପତି ଥିଲେ । ପରବର୍ତ୍ତୀ ସମୟରେ ସ୍ୱର୍ଗୀୟ ଦୀନବନ୍ଧୁ ପ୍ରଧାନ ନିର୍ବାଚିତ ସଭାପତି ହୋଇଥିଲେ ।

ପ୍ରାରମ୍ଭିକ ବର୍ଷମାନଙ୍କରେ ହଳଦୀ କିଣାବିକା ସମିତିର ମୁଖ୍ୟ କାର୍ଯ୍ୟ ଥିଲା । ୧୯୪୯ ମସିହାରେ ଜଙ୍ଗଲ ସବୁ ଲିଜ୍ ନିଆଯାଇ ତହିଁରୁ ବନଜ ସଂପଦ ସଂଗ୍ରହ ନିମିତ୍ତ ଉଦ୍ୟମ କରାଗଲା । ବର୍ତ୍ତମାନ ଉକ୍ତ ସମିତି ବନଜ ଲଘୁଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟର ଏକ ଅଗ୍ରଗାମୀ ଅନୁଷ୍ଠାନ । ବର୍ତ୍ତମାନ ସମିତିର ମୋଟ୍ ସଭ୍ୟସଂଖ୍ୟା ୨୩,୨୪୫ । ୧୯୮୪-୮୫ ବର୍ଷରେ ସମିତି ପ୍ରାୟ ୮ ଲକ୍ଷ ଟଙ୍କାର କୃଷିଜାତ ଦ୍ରବ୍ୟ ଓ ୭୫.୮୦ ଲକ୍ଷ ଟଙ୍କାର ଲଘୁଜାତ ଦ୍ରବ୍ୟ ସଂଗ୍ରହ କରିପାରିଛନ୍ତି ।

ବର୍ତ୍ତମାନ ସମିତିର ମୁଖ୍ୟ କାର୍ଯ୍ୟାଳୟ ଟିକାବାଲି ଓ ଶାଖା କାର୍ଯ୍ୟାଳୟମାନ ବ୍ରହ୍ମପୁର, ବମ୍ବେ ଓ ଅନ୍ୟାନ୍ୟ ସ୍ଥାନରେ ଖୋଲାଯାଇଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ୧୯୭୯-୮୦ ବର୍ଷଠାରୁ ସମିତି ପ୍ରତିବର୍ଷ ଲାଭ କରି ଆସିଛି । ଅର୍ଜନ କରିଥିବା ଲାଭ ମଧ୍ୟରୁ ସମିତି ତା'ର ସଭ୍ୟମାନଙ୍କୁ ମୋଟ୍ ୩.୩୮ ଲକ୍ଷ ଟଙ୍କା ବୋନସ୍ ହିସାବରେ ବଣ୍ଟନ କରିଛି । ଏହା ୧୯୭୯-୮୦ ଓ ୧୯୮୦-୮୧ ବର୍ଷର ଅର୍ଜିତ ନିଟ୍ ଲାଭର ଶତକଡ଼ା ୩୦ ଭାଗ ଅଟେ । ବର୍ତ୍ତମାନ ସମିତି ତରଫରୁ ଉନ୍ନତ ଧରଣର ଶିଆଳି ପତ୍ରର ଥାଳି ଓ ତେନ୍ତୁଳି ମଣ୍ଡ ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଯାଉଛି । ଆଦିବାସୀମାନଙ୍କୁ ଶିଆଳି ଥାଳି ସିଲାଇ କୌଶଳ ଶିକ୍ଷା ଦିଆଯାଉଛି ।

ସଫଳତାର ଅନେକ ଦିଗମାନଙ୍କ ମଧ୍ୟରୁ ଗୋଟିଏ ବିଶିଷ୍ଟ ଦିଗ ହେଉଛି ଯେ ସମିତି ସବୁ ସମୟରେ ବିଜ୍ଞ ଓ ପ୍ରଗତିଶୀଳ ନେତୃତ୍ୱ ଗ୍ରହଣ କରିଆସୁଛି । ସମିତିର ପରିଚାଳନା ମଣ୍ଡଳୀ କେବେ ହେଁ ବରଖାସ୍ତ ହୋଇ ନାହାଁନ୍ତି । ବିଶେଷତଃ ବର୍ତ୍ତମାନ ସମିତିର ସଭାପତି ଶ୍ରୀ ନାଗାର୍ଜୁନ ପ୍ରଧାନଙ୍କର ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱ ଯୋଗୁଁ ସମିତିର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରିଛି ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର ।



# ପୂର୍ଣ୍ଣ ସତନାମୀର ସଂସାର

ଶ୍ରୀ ଗୁରୁପ୍ରସାଦ ମହାପାତ୍ର

କଳାହାଣ୍ଡି ଜିଲା ବୋଡେନ୍ ବ୍ଲକ୍ ଅନ୍ତର୍ଗତ ବୋଡେନ୍ ଗ୍ରାମରେ ପୂର୍ଣ୍ଣ ସତନାମୀଙ୍କ ଘର । ସେ ବେକାର ଭାବେ ବସି ଦିନ କାଟୁଥିଲେ । ପରେ ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ସେ ଅନ୍ତର୍ଭୁକ୍ତ ହୋଇ ଋଣ ନେଲେ ଏବଂ ଏହି ଋଣ ଟଙ୍କାକୁ ଖଟାଇ ଗୋଟିଏ ସାଇକେଲ ଦୋକାନ ଦେଲେ । ବର୍ତ୍ତମାନ ସେ ଅତି ଆନନ୍ଦରେ ଦିନ କାଟୁଛନ୍ତି । ତାଙ୍କ ନିଜ କଥା କହିବାକୁ ଯାଇ ଶ୍ରୀ ସତନାମୀ କହନ୍ତି:—

"ସେ ଦିନ ମୁଁ ଏମିତି ନ ଥିଲି । ନିକମା ହୋଇ ବସିବାକୁ ମୁଁ ପେଶା କରିଥିଲି । ବାପା ରାଗନ୍ତି । ମା' ଏଣୁତେଣୁ କେତେ କଥା କହନ୍ତି, ଘରଣୀ ମୁହଁ ଫୁଲାଇଥାଏ । ସତେ ଯେମିତି ମୁଁ ସବୁ ଭୁଲର ଗନ୍ତାଘର । ମନଟା ଭାରି ଗୋଳିଆ ହୋଇଯାଏ । ମୋ' ଦୋଷ ମୁଁ ଭଲ ରୋଜଗାର କରିପାରୁ ନାହିଁ । କରିବି ବା କେମିତି ? କାମ କାହିଁ ? କାମ କଲେ ବି ମୋ' ଭୂତି କେତେ ? ହେଇହେଇ ଛଅ ଟଙ୍କା ବା ସରକାରୀ କାମରେ ସାତଟଙ୍କା ପଚିଶ ପଇସା । ଏଇତ ? ମହରଗ ବଜାରରେ ପାଞ୍ଚପ୍ରାଣୀ କୁଟୁମ୍ବ କ'ଣ ଏଥିରେ ବଞ୍ଚିବେ ? ବୁଦ୍ଧି ପାଞ୍ଚୁଲେ କାମକୁ ଆସେନି । ହଠାତ୍ ମୋର କାନରେ ପଡ଼ିଲା, ସଭାଟିଏ ହେବ । ବ୍ଲକ୍‌ବାଲା ଆସିବେ । ଗରିବ ଲୋକଙ୍କୁ ବଛାଯିବ ଋଣ ଦେବା ପାଇଁ । ଋଣ ନାଆଁ ଶୁଣିଲେ ଆମ ପରିବାରର ଭାରି ଡର । ଋଣ କଲେ ତ ଖାଲି ହେବନି, ଶୁଝିବାକୁ ପଡ଼ିବ । ବଡ ବୋହୋ ପାଞ୍ଚ ହୋଇ ସଭା ପାଖକୁ ଗଲି । କେତେ କଥା ଆଲୋଚନା ହେଲା । ଯାହା ଶୁଣିଲି, ମନରେ ସାହସ ହେଲା ଏଇ ଯୋଜନାରେ କିଛି ରୋଜଗାର କରିହେବ । ଅନ୍ୟମାନେ କିଏ କ'ଣ ଋଣ ନେବେ, ସେଥିପ୍ରତି ମୋର ନିଘା ନଥିଲା । ମୋ' ପାଳି ପଡ଼ିଲା । ମୁଁ ବଛା ହେଲି ସାଇକେଲ ମରାମତି ଦୋକାନ ପାଇଁ । ଏଥିପାଇଁ ମୋତେ ତାଲିମ୍ ଦିଆଯିବ । ବ୍ଲକ୍ ଅଧିକାରୀ ମୋତେ ବୁଝାଇଲେ । ତାଲିମ ଦେଲା ବେଳେ କିଛି ତ ରୋଜଗାର କରିପାରିବିନି, ପିଲାମାନେ କେମିତି ବଞ୍ଚିବେ ? ଏମିତି ଭାବୁଁ ଭାବୁ ବାବୁମାନେ ପରିଷ୍କାର କରିଦେଲେ ଯେ ତାଲିମ ସମୟରେ ଷ୍ଟାଇପେଣ୍ଡ ମିଳିବ । କେତେଦିନ ପରେ ତାଲିମ ଆରମ୍ଭ ହେଲା । ମୁଁ ତାଲିମ ନେଲି ତିନିମାସ ପାଇଁ । ତା'ପରେ ଋଣ ମଞ୍ଜୁର ହେଲା, ଛାଡ଼ ଟଙ୍କା ମିଳିଲା । ସାଇକେଲ ମରାମତି ପାଇଁ ସବୁ ଉପକରଣ ଓ କିଛି ବଳକା ଉପକରଣ ଦିଆଗଲା । ମୋ' ଦୋକାନ ଖୋଲିଲା । ଦିନକୁଦିନ ଗରାଖଙ୍କ ଭିଡ ଜମିଲା । ଭଲ ଦି'ପଇସା ରୋଜଗାର ହେଲା । ସବୁରି ମୁହଁରେ ମୋ' ଦୋକାନର ନାଆଁ । ପୂର୍ଣ୍ଣ ଦୋକାନକୁ ଚାଲ । ମୁଁ ବକେୟା ଋଣ ସତୁରୀ ଭାଗ ଶୁଝିଦେଲିଣି । ପୁଣି ଥରେ ମୋତେ ଋଣ ଦିଆଯିବ, ଗ୍ରାମସେବକ ବାବୁ କହିଲେଣି । ଆଜି କେବେକେବେ ପିଛିଲା କଥା ଭାବେ । ସେଇ ବାପା ମାଆ ରାଗୁଥିଲେ । ଘରଣୀ ମୁହଁ ଫୁଲାଉଥିଲା । ଆଜି ଦି ପଇସା ହାତରେ ଦେଖିବାକୁ ଘରର ଖାଇବା ପିଇବା ସବୁ ବଦଳି ଯାଉଛି । ମୋର ବି ଖାତିର ବଢ଼ିଛି — ଘରେ, ବାହାରେ ସବୁଠି । ବାପା ମାଆ ସମସ୍ତଙ୍କଠାରୁ ଡାଗିଦା—ଏବେ କାହିଁକି ଖରୁଛୁ ଦିହକୁ ନଜର ଦେ । ଘରଣୀ ଗେହ୍ଲେଇ ହୋଇ କହନ୍ତି—କେତେ କାମରେ ଲାଗିଛି ମ. ଗାଁ ରେ ଭି.ଡ଼ି.ଓ ଲାଗିଛି—ଥରେ ଦି ଥର ବୁଲି ଆସନ୍ତ କି ? ସବୁଠୁଁ ମଜା ହେଲା ପାଗଳା ଲକ୍ଷ୍ମୀକାନ୍ତ ସେ-ଏ ଦାଦା ତୁ ମୋତେ ଫକି (ପାଞ୍ଚଟଙ୍କା) ଗୋଟେ ଦେ, ତୁ ଦେବୁ ବାଉଣ୍ଡ, ମୁଁ ନେବାକୁ ବାଉଣ୍ଡ ।


"ଏବେ ବି ମୋ 'ଦୋକାନ ସାଇନ୍ ବୋର୍ଡ ଗ୍ରାମ୍ୟ ଦରିଦ୍ର ଅର୍ଥନୈତିକ ଥଇଥାନ ଯୋଜନାରେ ସାଇକେଲ ମରାମ ଦୋକାନ'—ଝୁଲୁଛି ।"

ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ,
ଭୁବନେଶ୍ୱର

# ଅରକ୍ଷିତଙ୍କୁ ଦଇବ ସାହା

ଶ୍ରୀ କିଶୋର ଚନ୍ଦ୍ର ...

ତାଳଚେର ସହର ଠାରୁ ମାତ୍ର ୯ କି.ମି. ଦୂରରେ ପଡ଼ିଥାଏ ଗ୍ରାମ । ସେହି ଗ୍ରାମରେ ଗୋଟିଏ ଦରିଦ୍ର ପରିବାରରେ ଜଗବନ୍ଧୁର ଜନ୍ମ । ପିତାଙ୍କର ନାମ ଶୁକଦେବ ସାହୁ । ଶୁକଦେବ ମୂଲ ଲାଗିଲେ ଚୁଲିରେ ହାଣ୍ଡି ବସେ । ଅନେକ ସମୟରେ ମଧ୍ୟ ଭୋକ ଉପାସରେ ଦିନ କଟେଇବାକୁ ପଡ଼ିଥାଏ । ଜଗବନ୍ଧୁ ତଳକୁ ଆହୁରି ତିନୋଟି ପୁଅଝିଅ । ସେମାନଙ୍କୁ ଭରଣ ପୋଷଣ କରି ସ୍କୁଲରେ ପାଠ ପଢ଼ାଇବା ପକ୍ଷେ ... ହୋଇ ପଡ଼ିଲା । ତେଣୁ ଅଷ୍ଟମ ଶ୍ରେଣୀରୁ ଜଗବନ୍ଧୁର ପଢ଼ାରେ ... ବନ୍ଦ ହେଲା । ସେତେବେଳକୁ ତା'ର ବୟସ ପନ୍ଦର ବର୍ଷ । ସେ ନିକଟସ୍ଥ ଥର୍ମାଲ ଅଞ୍ଚଳରେ କୌଣସି ଏକ ଜଳଖିଆ ଦୋକାନରେ କିଛି ଦିନ ସକାଳେ କାମକଲା । ସେଥିରେ ତା'ର ମନ ନ ମାନିବାରୁ ନିଜେ ଗୁର୍ଣ୍ଣିପାଳ ବଜାରରେ ଗୋଟିଏ ଛୋଟ ଧରଣର ଜଳଖିଆ ଦୋକାନ ଖୋଲିଲା । ପିଲାଦିନରୁ ଜଗବନ୍ଧୁ ଅତ୍ୟନ୍ତ ବିନୟୀ ଓ ନମ୍ର । ସେଥିପାଇଁ ସମସ୍ତେ ତାକୁ ସ୍ନେହ ଓ ଆଦର କରୁଥିଲେ ଓ ଦୋକାନ ... କରାଇବା ନିମନ୍ତେ ଯଥାସାଧ୍ୟ ସାହାଯ୍ୟ କଲେ । ଦୋକାନଟି ଛୋଟ ହେଲେ ମଧ୍ୟ ସେଥିରୁ ଯାହାକି ଲାଭ ମିଳୁଥିଲା ତାହା ପରିବାରକୁ ଚଳାଇବାରେ ପିତାମାତାଙ୍କୁ ଯଥେଷ୍ଟ ସାହାଯ୍ୟ କରୁଥିଲା । ବୟସ ହେବା ପରେ ପିତାମାତାଙ୍କ କଥାରେ ସନ୍ଧିତି ଦେଇ ଜଗବନ୍ଧୁ ବିବାହ କଲା; କିନ୍ତୁ ପରିବାର ନିୟନ୍ତ୍ରଣ ଯୋଜନା ପ୍ରତି ତାର ନଜର ନାହିଁ । ତେଣୁ କେତୋଟି ବର୍ଷ ମଧ୍ୟରେ ସେ ପାଞ୍ଚଗୋଟି ସନ୍ତାନଙ୍କର ଜନକ ହୋଇ ବସିଲା । ଘରେ ପିତାମାତା, ଭାଇଭଉଣୀ ଓ ନିଜ ପିଲାମାନଙ୍କୁ ନେଇ ବାରଜଣ କୁଟୁମ୍ବ । ଜମିବାଡ଼ିରୁ ଯାହାକି ଫସଲ ଉତ୍ପାଦନ ହୁଏ ତାହା ... ନୁହେଁ । ପରିବାରର ଯାହାକି ଆୟ ସେଥିରେ ସଂସାର ଚଳାଇବା ... କଷ୍ଟସାଧ୍ୟ ହୋଇ ପଡ଼ିଲା । ଅରକ୍ଷିତଙ୍କୁ ଦଇବ ସାହା ହେଲା । ୧୯୮୩-୮୪ ମସିହାରେ ତାଳଚେର ବ୍ଲକ ଉନ୍ନୟନ ଅଧିକାରୀଙ୍କ ଉଦ୍ୟମକ୍ରମେ ସେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାର ଅନ୍ତର୍ଭୁକ୍ତ ହେଲା । ତାଳଚେର ୟୁନାଇଟେଡ୍ କମର୍ସିଆଲ ବ୍ୟାଙ୍କରୁ ତିନିହଜାର ଟଙ୍କା ଋଣ ନେଲା । ସେହି ଅର୍ଥରେ ତା' ଛୋଟ ଦୋକାନର କଳେବର ବୃଦ୍ଧି କଲା । ବରା ପକୁଡ଼ି ସାଙ୍ଗକୁ ରସଗୋଲା, ପେଡା ପ୍ରଭୃତି ତିଆରି କରି ବିକ୍ରି କଲା । ଜଗବନ୍ଧୁର ବରା ଭାରି ମିଠା । ଥରେ ଯାହାର ପାଟିରେ ଲାଗିଲା ସେ କେବେ ହେଲେ ଭୁଲି ପାରିଲା ନାହିଁ । ଫଳରେ ବ୍ୟବସାୟ ଅଧିକ ବୃଦ୍ଧି ପାଇବାରେ ଲାଗିଲା ।



ନିକଟସ୍ଥରେ ସାମାନ୍ୟ କିଛି ଜମିବାଡ଼ି ଅଛି । ପ୍ରତିଦିନ ସକାଳ ବେଳା ସେ ନିଜ ଜମିବାଡ଼ିରେ କାମ କରେ । କମ୍ ଜମି ହେଲେ ମଧ୍ୟ ସ୍ଥାନୀୟ କୃଷି କର୍ମଚାରୀଙ୍କଠାରୁ ଉପଦେଶ ନେଇ ବୈଜ୍ଞାନିକ ପ୍ରଣାଳୀରେ ଚାଷକରି ଭଲ ଫସଲ ଉଠାଇ ଥାଏ । ଜମିରୁ ଯାହାକି ଉତ୍ପାଦନ ହୁଏ ପ୍ରାୟ ବର୍ଷର ଅଧେ ସମୟ ଚଳିଯାଉଛି । ଦ୍ୱିପହରେ କାମରୁ ଫେରି ଖାଇବା ପରେ ସେ ଅଳ୍ପ ସମୟ ସକାଶେ ବିଶ୍ରାମ ନେଇ ଦୋକାନ ସକାଶେ ମିଠା ତିଆରି କରେ । ପ୍ରାୟ ଅପରାହ୍ନ ୪ଟା ବେଳକୁ ଦୋକାନ ଖୋଲେ । ତା ଦୋକାନର ଜିନିଷ ପ୍ରତି ସମସ୍ତଙ୍କର ଲୋଭ । ସମୟେ ସମୟେ ଦୋକାନ ଖୋଲିବା ପୂର୍ବରୁ ମଧ୍ୟ କେହି କେହି ଆସି ନିରାଶ ହୋଇ ଫେରିଯିବାର ଦୃଷ୍ଟାନ୍ତ ଦେଖାଯାଏ । ଅପରାହ୍ନ ୪ ଟା ଠାରୁ ରାତି ୮ ଟା ମଧ୍ୟରେ ସେ ପ୍ରାୟ ଶତାଧିକ ଟଙ୍କାର କାରବାର କରୁଛି । ବାକି କାଳି କିଛି ଗଲେ ମଧ୍ୟ ଯାହାକି ଲାଭ ମିଳୁଛି ସେଥିରେ ପରିବାର ଚଳାଇବାକୁ ଆଉ ବିଶେଷ ଅସୁବିଧା ହେଉନାହିଁ । ଏଥି ଭିତରେ ସେ ବ୍ୟାଙ୍କର ସମସ୍ତ ଋଣ ପରିଶୋଧ କରିଦେଇଛି । ୨୫ ଡେସିମିଲ ଚାଷଜମି କିଣି ପାରିଛି । ତିନୋଟି ପିଲାଙ୍କର ପାଠ ଖର୍ଚ୍ଚ ଯୋଗାଇ ସ୍କୁଲକୁ ପଠାଉଛି । ନିକଟସ୍ଥ ଡାକଘରେ ମଧ୍ୟ କିଛି ସଞ୍ଚୟ କରି ଭବିଷ୍ୟତ ପାଇଁ ରଖୁଛି । ସବୁବେଳେ ହସ ହସ ମୁହଁ । ସତେ ଯେପରି ସେ ଅଞ୍ଚଳର ସମସ୍ତଙ୍କୁ, ନିଜର କରି ରଖିପାରିଛି । ସରକାରଙ୍କ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାକୁ ତା'ର ବହୁତ ପ୍ରଶଂସା । ତା'ର ଜୀବନର ଉନ୍ନତି ସମ୍ବନ୍ଧରେ ପଚାରିଲେ ସେ କହେ "ଅରକ୍ଷିତକୁ ଦଇବ ସାହା" ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ତାଳଚେର

# ଭୀମର ଦୁଃଖ ଯାଇଛି

ଶ୍ରୀ ଆକୁଳି ଚରଣ ପ୍ରଧାନ

ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମର ଶ୍ରୀଭୀମ ଦେହୁରୀ ଜଣେ ଗରିବ ଆଦିବାସୀ । ପରିବାରର ୩ ଜଣ ବ୍ୟକ୍ତି କଷ୍ଟରେ କାଳ କାଟନ୍ତି । ଦିନ ମଜୁରୀ ଲାଗି ଯାହା ଆଣନ୍ତି, ତହିଁରେ ନିଜର ଗୁଜୁରାଣ ମେଣ୍ଟାନ୍ତି ଅତି କଷ୍ଟରେ । ଭବିଷ୍ୟତରେ କେମିତି ଚଳିବେ ସେହି ଚିନ୍ତାରେ ସେ ଭାଙ୍ଗି ପଡନ୍ତି । ଠିକ୍ ଏହି ସମୟରେ ଗ୍ରାମର ସର୍ବନିମ୍ନ ୧୦ ଜଣ ଗରିବ ପରିବାର ମଧ୍ୟରେ ସେ ଅନ୍ତର୍ଭୁକ୍ତ ହୁଅନ୍ତି ଓ ବି.ଡି.ଓ ତାଙ୍କୁ ସରକାରୀ ଯୋଜନା ସଂପର୍କରେ ସୂଚନା ଦିଅନ୍ତି । ତହିଁରେ ସେ ଜୀବନରେ କ୍ଷୀଣ ଆଲୋକର ସନ୍ଧାନ ପାଆନ୍ତି । ୧୯୮୧-୮୨ ବର୍ଷରେ ତାଙ୍କୁ ଛାଗ ପାଳନ ସକାଶେ ୧୮୦୦ ଟଙ୍କା ଋଣ ମିଳେ ଯେଉଁଥିରୁ ସେ ୯୦୦ ଟଙ୍କା ରିହାତି ପାଆନ୍ତି । ସେହି ଟଙ୍କାରେ ତାଙ୍କୁ ମିଳିଥିବା ୧୦ଟି ଛେଳିରୁ ବଂଶବୃଦ୍ଧି କରାଇ ସେ ୨୦ଟି ଛେଳି ବିକ୍ରୀ କରି ପାରିଛନ୍ତି ଏବଂ ବର୍ତ୍ତମାନ ତାଙ୍କ ନିକଟରେ ଆହୁରି ୬ଟି ଛେଳି ଅଛନ୍ତି । ବିକ୍ରୟ କରିଥିବା ଛେଳିର ଦାମରେ ସେ ତାଙ୍କର ସମସ୍ତ ଋଣ ପରିଶୋଧ କରି ବର୍ତ୍ତମାନ ଖୁବ୍ ଭଲରେ ଚଳୁଛନ୍ତି । ଦୁଇଓଳି ଭଲକରି ପେଟ ପୂରାଇ ଖଣ୍ଡେ ଖାଇବାକୁ ପାଉଛନ୍ତି । ଆଗଭଳି ଖରାବର୍ଷାରେ ତାଙ୍କୁ ମୂଲ ପାଇଁ ଖଟିବାକୁ ପଡୁ ନାହିଁ । ସେ ଦିନର ଦୁଃଖ ଆସ୍ତେ ଆସ୍ତେ ଭୁଲି ଯାଉଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର

# ଗୋସେବାରେ ବୈଷ୍ଣବ

ଶ୍ରୀଜଗଜୀବନ ନାୟକ

**ଶ୍ରୀ** ବୈଷ୍ଣବ ସାହୁ ଦୀର୍ଘ ୨୩ ବର୍ଷ ହେଲା ଆସି ପାଲଲହଡ଼ାରେ ବସବାସ କରୁଛନ୍ତି । ନିଜର ଚାଷ ଜମି ନାହିଁ । କେବଳ ଘର ଖଣ୍ଡିଏ କରି ୮ ପ୍ରାଣୀ ରହୁଛନ୍ତି ଗୋଟିଏ ଛୋଟିଏ ଘରେ । ସ୍ଥାନୀୟ ଡାକ୍ତରଖାନା ପାଖରେ ହୋଟେଲଟିଏ କରିଛନ୍ତି । ଡାକ୍ତରଖାନା ରୋଗୀଙ୍କ ସେବାକାରୀ ଓ କେତେକ ଜନସାଧାରଣ ତଥା ସରକାରୀ କର୍ମଚାରୀ ତାଙ୍କ ହୋଟେଲର ଗରାଖ । ଏଣୁ ସଂସାର ଚଳାଇବା ବହୁତ କଷ୍ଟ । ୮ ଜଣ ପ୍ରାଣୀଙ୍କ ମୁହଁରେ ଦାନାପାଣି ଓ ପିନ୍ଧିବାକୁ ଖଣ୍ଡେ ଲୁଗା ଦେବା ପାଇଁ ଉପାର୍ଜନ ନିଅଣ୍ଟ । ସରକାର ଋଣ ଦେଉଥିବା ବିଷୟ ସେ ଗାଁ ଲୋକଙ୍କଠାରୁ ଶୁଣିଲେ । ତେଣୁ ସେ ଦରଖାସ୍ତ ଖଣ୍ଡିଏ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦେଲେ ଓ ଗରିବ ଲୋକଙ୍କ ଅର୍ଥନୈତିକ ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ ହେଲେ ।


ଏହା ଫଳରେ ପାଲଲହଡା ୟୁନାଇଟେଡ୍ କମର୍ସିଆଲ ବ୍ୟାଙ୍କରୁ ୪୦୦୦ ଟଙ୍କା ଋଣ ତା ୩.୩.୧୯୮୩ ରିଖରେ ତାଙ୍କୁ ମିଳିଲା ଓ ୩୦୦୦ଟଙ୍କା ଛାଡ ମଧ୍ୟ ମିଳିଲା ।ସେହି ଟଙ୍କାରେ ସେ ଗୋଟିଏ ହରିଆନା ଗାଈ ଓ ମାଈ ବାଛୁରୀ ହଳେ କିଣି ପାଳନ କଲେ । ସେମାନଙ୍କର ତତ୍ତ୍ୱ ନେଇ ଦୈନିକ ୩ ରୁ ୪ ଲିଟର କ୍ଷୀର ପାଇଲେ ଓ ତାହା ବିକ୍ରୀକରି ୧୬ ଟଙ୍କା ପର୍ଯ୍ୟନ୍ତ ପାଇଲେ । ଏହି ଟଙ୍କାରେ ହୋଟେଲର କାରବାର ମଧ୍ୟ ବଢିଲା । ପରେ ମାଈ ବାଛୁରୀ ଗୋଟିଏ ଗାଈ ହେଲା ଏବଂ ଦୈନିକ ୭ ଲିଟର କ୍ଷୀର ମଧ୍ୟ ପାଇଲେ । ଏହା ଫଳରେ ଦିନକୁ କ୍ଷୀର ବାବଦକୁ ୨୮ ଟଙ୍କା ଲେଖାଏଁ ପାଇଲେ । ସେ ବଳେୟା ଥିବା ୧୦୦୦ ଟଙ୍କା ଋଣ ଅନେକ ଦିନରୁ ଶୁଝି ସାରିଲେଣି । ବର୍ତ୍ତମାନ ହୋଟେଲରୁ ମଧ୍ୟ ଦୈନିକ ୬୦ ଟଙ୍କା ରୁ ୭୦ ଟଙ୍କା ମିଳୁଛି । ବିଲ୍ଲାଳକୁ ଟଙ୍କାରେ ସେ ଗୋଟିଏ ଝିଅ ଓ ଗୋଟିଏ ପୁଅ ବାହାଘର କରି ସାରିଛନ୍ତି । ବର୍ତ୍ତମାନ ତାଙ୍କର ଆର୍ଥିକ ଅବସ୍ଥାରେ ସ୍ୱଚ୍ଛଳତା ଆସିଛି ଓ ସେ ସୁଖଦୁଃଖରେ ତାଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ
ପାଲଲହଡ଼ା

# ଭାଗ୍ୟ ପରିବର୍ତ୍ତନ

ଶ୍ରୀ ରବିନାରାୟଣ ମହାନ୍ତି

**ଭ**ଗାମୁଣ୍ଡା ଗ୍ରାମଟି ହରିଚନ୍ଦନପୁର ବ୍ଲକ୍‌ରେ ଅବସ୍ଥିତ । ଶ୍ରୀବାଞ୍ଛାନିଧି ମିଶ୍ର ଏହି ଗ୍ରାମର ଜଣେ ଗରିବ ଲୋକ । ସମ୍ବଳ ଅଭାବରୁ ସ୍ତ୍ରୀ ସହିତ ୪ଟି ଛୋଟ ପିଲାଙ୍କୁ ଚଳାଇବା କଷ୍ଟକର ହୁଏ । ଯେତେ ମୂଲ ଲାଗିଲେ ମଧ୍ୟ ସଂସାର ଚଳାଇ ହୁଏନି । କେତେ ଆଉ



ଖଟିବେ । ମିଶ୍ରେ ଆପଣେ ଅଙ୍କା ମାରି ବସି ଯାଆନ୍ତି ଭବିଷ୍ୟତ ବିଷୟ ଚିନ୍ତାକରି । ଏ ସଂସାର ତାଙ୍କର ଗୁଳିବ କେମିତି ? ଓଳିଏ ଖାଇଲେ ଆର ଓଳିକୁ ମୁଠାଏ ଦାନା ନାହିଁ ପିଲାଙ୍କ ପାଟିରେ ଦେବାକୁ । ଦୁଃଖ ଓ ନିର୍ଯ୍ୟାତନାର କଶାଘାତରେ ସେ ଜର୍ଜରିତ ହୋଇ ପଡନ୍ତି । ଅମାବାସ୍ୟାର ଘୋର ଅନ୍ଧାର ମଧ୍ୟରେ ନିଜର ରାହା ଖୋଜିବା ବେଳକୁ ସେ ବଛାହୋଇ ଯାଆନ୍ତି ଗ୍ରାମର ସର୍ବନିମ୍ନ ଦରିଦ୍ରତମ ପରିବାରଙ୍କ ନାମ ତାଲିକାରେ । ଈଶ୍ୱରଙ୍କ ବର ସ୍ୱରୂପ ସରକାରଙ୍କ ସାହାଯ୍ୟ ସହାନୁଭୂତି ତାଙ୍କ ନିକଟରେ ପହଞ୍ଚେ । ସେ ବୈତରଣୀ ଗ୍ରାମ୍ୟ ବ୍ୟାଙ୍କରୁ ୩୦୦୦ ଟଙ୍କା ଋଣ ପାଆନ୍ତି ତେଜରାତି ଦୋକାନ କରିବା ପାଇଁ । ଏହି ଋଣରୁ ସେ ୨୨୫୦ ଟଙ୍କା ଛାଡ ପାଇବେ ଏବଂ ତାଙ୍କୁ ୭୫୦ ଟଙ୍କା ପରିଶୋଧ କରିବାକୁ ପଡ଼ିବ । ଗାଁ ଦାଣ୍ଡରେ ମିଶ୍ରେ ଆପଣେ ଗୋଟିଏ ତେଜରାତି ଦୋକାନ କରି ବ୍ୟବସାୟ ଆରମ୍ଭ କରିଦେଲେ ଏବଂ ତେଜରାତି ଦୋକାନରୁ ଯେଉଁ ଲାଭ ପାଇଲେ ସେଥିରେ ତାଙ୍କର ସମସ୍ତ ଋଣ ପରିଶୋଧ କରି ୧୯୮୩-୮୪ ବର୍ଷରେ ପୁଣି ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା (IRDp) ରେ ୧୦୦୦ ଟଙ୍କା ଋଣ ନେଲେ । ସେ ଋଣରୁ ମଧ୍ୟ ବର୍ତ୍ତମାନ ସୁଦ୍ଧା ୬୬୭ ଟଙ୍କା ପରିଶୋଧ କରି ସାରିଲେଣି । ତାଙ୍କ ଦୋକାନରୁ ଦୈନିକ ୧୫ ଟଙ୍କା ଲାଭ ମିଳୁଛି ଏବଂ ହାଟ ଦିନ ୩୫ ଟଙ୍କା ଯାଏ ଲାଭ ମିଳେ । ତାଙ୍କର ଗୁଳିଚଳନ ସଂପୂର୍ଣ୍ଣ ଭାବେ ବଦଳି ଯାଇଛି । ତାଙ୍କର ଭବିଷ୍ୟତ ପାଇଁ ଆଶାର ସଂଗ୍ରହ ହୋଇଛି । ଏହି ବ୍ୟବସାୟରୁ ପାଉଥିବା ଟଙ୍କାରେ ଗଣ୍ଡାଏ ପେଟ ପୁରାଇ ଖାଇବା ସଙ୍ଗେ ସଙ୍ଗେ ଉଷାବାରରେ ପିଲାମାନଙ୍କୁ ନୂଆ ଲୁଗା ପଟା ପିନ୍ଧାଇ ପାରୁଛନ୍ତି । କେବଳ ସେତିକି ନୁହେଁ ତାଙ୍କର ଗୋଟିଏ ପୁଅ କଲେଜରେ ପାଠ ପଢୁଛି ଏବଂ ଅନ୍ୟ ତିନୋଟି ପିଲାଙ୍କୁ ସ୍କୁଲରେ ପଢାଉଛନ୍ତି । ପିଲାମାନଙ୍କୁ ପୁଷ୍ଟିସାର ଖାଦ୍ୟ ଯୋଗାଇ ଦେବା ଏବଂ ଆର୍ଥିକ ଅବସ୍ଥାକୁ ସହାୟକ ହେବା ପାଇଁ ସେ ଗୋଟିଏ ଦୁଧିଆଳି ଗାଈ ଓ ୨ଟି ବାଛୁରୀ କିଣି ପାରିଛନ୍ତି ।

## ଆଜିର ଆଶ୍ୱାସନା

ଶ୍ରୀ ରବିନାରାୟଣ ମହାନ୍ତି

କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ସିରିସ ପାଳ ଗ୍ରାମର ଅଧିବାସୀ ଶ୍ରୀ ଶଙ୍କର୍ଷଣ ମହାନ୍ତି । ବାପା ମା ତାଙ୍କର ବହୁ ଦିନରୁ ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ପରିବାରରେ ସ୍ୱାମୀ ସ୍ତ୍ରୀଙ୍କ ଛଡ଼ା ପୁଅ ଝିଅ ଦୁଇଟି । ଜମିବାଡ଼ି ନଥିବାରୁ ସେ ବହୁତ କଷ୍ଟରେ ଦିନ କାଟନ୍ତି । ଭୋକ ଉପାସରେ ଦିନ କଟେ । ମୂଲ ଲାଗି ଯାହା ମିଳେ ସେଥିରେ ତାଙ୍କର ତେଲଲୁଣ ସଂସାରକୁ ସେ ବହୁତ ଦୁଃଖେ କଷ୍ଟେ ଚଳାନ୍ତି । ଭବିଷ୍ୟତରେ କିମିତି ଚଳିବେ ସେହି ଆଶଙ୍କାରେ ସେ ଥରି ଉଠନ୍ତି । ଶେଷରେ ଈଶ୍ୱରଙ୍କ କୃପା ସ୍ୱରୂପ ସରକାରଙ୍କ ସାହାଯ୍ୟ ଓ ସହାନୁଭୂତି ତାଙ୍କ ପାଖରେ ପହଞ୍ଚେ । ସେ କହନ୍ତି — ୧୯୮୩ ମସିହାରେ ଷ୍ଟେଟ ବ୍ୟାଙ୍କରୁ ୪୦୦୦ ଟଙ୍କା ଋଣ ପାଆନ୍ତି, ଯେଉଁଥିରୁ କି ତାଙ୍କୁ ୧୨୦୦ ଟଙ୍କା ପରିଶୋଧ କରିବାକୁ ପଡ଼ିବ । ସେହି ଟଙ୍କାରେ ସେ ଗୋଟିଏ ଗାଈ ଆଣନ୍ତି । ଗାଈଟି ବର୍ତ୍ତମାନ ୪ ଲିଟର କ୍ଷୀର ଦେଉଛି, ଯେଉଁଥିରୁ କି ସେ ୨ ଲିଟର ବିକ୍ରୀ କରି ଦୈନିକ ୬ ଟଙ୍କା ପାଆନ୍ତି ଏବଂ ଆଉ ୨ ଲିଟରରେ ଟଙ୍କାରେ ଗାଈର ଭରଣ ପୋଷଣର ବ୍ୟବସ୍ଥା କରାନ୍ତି । ବର୍ତ୍ତମାନ ସେ ଖୁବ୍ ଭଲରେ ଚଳୁଛନ୍ତି । ଝିଅଟିକୁ ମଧ୍ୟ ବାହା କରି ଦେଇ ସାରିଛନ୍ତି । ଋଣ ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ୪୦୦ ଟଙ୍କା ପରିଶୋଧ କରି ସାରିଲେଣି । ଅବଶିଷ୍ଟ ଟଙ୍କା ଯଥା ସମୟରେ ସଇଠ କରି ପାରିବେ ବୋଲି କୁହନ୍ତି । ସରକାରୀ ସାହାଯ୍ୟ ପାଇ ସେ ଆଶ୍ୱାସନା ପାଇଛନ୍ତି ଓ ଭବିଷ୍ୟତକୁ ଅପେକ୍ଷା କରି ରହିଛନ୍ତି ।


ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ,
କେନ୍ଦୁଝର ।

## ପଙ୍ଗୁ ହେଲେବି ଚମ୍ପାଇ ବଞ୍ଚିଛି

ଶ୍ରୀ ସର୍ବେଶ୍ୱର ନାଏକ

ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ପଞ୍ଚାୟତ ସମିତି ଅନ୍ତର୍ଗତ ନରଶପୁର ଗ୍ରାମରେ ଶ୍ରୀ ଚମ୍ପାଇ ହେମ୍ବ୍ରମଙ୍କ ଜନ୍ମ । ପିତାଙ୍କ ନାମ ଶ୍ରୀ ସିଦ ହେମ୍ବ୍ରମ । ଜାତିରେ ସାନ୍ତାଳ । ଚାଷ ଜମି କହିଲେ ମାତ୍ର ଏକ ଏକର । ଜଳସେଚନର ବ୍ୟବସ୍ଥା ନ ଥିବା ହେତୁ, ପ୍ରତିବର୍ଷ ମରୁଡ଼ି ଇତ୍ୟାଦି ଦ୍ୱାରା ଫସଲ ନଷ୍ଟ ହୋଇଯାଏ । ତେଣୁ ଏପରି ଜଣ ବିଶିଷ୍ଟ ପରିବାରକୁ ଚଳାଇବା ପାଇଁ ଚମ୍ପାଇ ପକ୍ଷରେ ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇପଡ଼ିଲା । ନିଜେ ପିଲାଛୁଆଙ୍କୁ ଗଣ୍ଡିଏ ଖାଇବାକୁ ଦେଇ ନପାରି ସେ ବାଧ୍ୟ ହେଲା ତା'ର ଦୀର୍ଘ ଦିନର ଜନ୍ମଭୂମି ଛାଡ଼ିବାକୁ । କାମଧନ୍ଦା କରିବା ଆଶାରେ ସେ ବିହାର ରାଜ୍ୟର ବୋକାରୋ ସହରକୁ ଗ୍ରଲିଗଲା ନିଜର ପିଲାଛୁଆଙ୍କ ସଙ୍ଗରେ ଧରି । ବହୁ କଷ୍ଟରେ ସେ ସେଠାରେ କାଳାତିପାତ କଲା । ଦିନେ ଚମ୍ପାଇ କାମ କରିବା ପାଇଁ ବଜାରକୁ ଯାଉଥିଲା । ହଠାତ୍ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇ ତା'ର ଦୁଇ ଗୋଡ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଗଲା । ତାଙ୍କର ସ୍ୱପ୍ନ ନିମିଷକ ମାତ୍ରେ ଚୂରମାର ହୋଇଗଲା । ସେ ପଙ୍ଗୁ ହେବାଦ୍ୱାରା ପରିଶ୍ରମ କରି ସହରରେ ନିଜ ପରିବାରକୁ ଚଳାଇବା କଷ୍ଟକର ହୋଇପଡ଼ିଲା । ତେଣୁ ସେ ବାଧ୍ୟ ହେଲା ନିଜ ଗ୍ରାମକୁ ଫେରି ଆସିବାକୁ । ଫେରି ଆସି ସେ ସ୍ୱଳ୍ପ ସାମାନ୍ୟ ଉପାର୍ଜନରେ ଦିନ କାଟିଲା । ଦୁନିଆ ପରିବର୍ତ୍ତନଶୀଳ । ଦିନେ ଚମ୍ପାଇ ମନ ଦୁଃଖରେ ଘରେ ବସିଥାଏ । ଏତିକିବେଳେ ତିରିଙ୍ଗ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାନସରଞ୍ଜନ ମହାପାତ୍ର ଚମ୍ପାଇ ଘରେ ପହଞ୍ଚିଲେ । ଚମ୍ପାଇ ବି.ଡ଼ି.ଓ. ସାହେବଙ୍କ ନିକଟରେ ନିଜର ସ୍ପୃହା ଜଣାଇଲା । ଚମ୍ପାଇ ଜଣେ ବିକଳାଙ୍ଗ ବ୍ୟକ୍ତି ଓ ନାମମାତ୍ର ଚାଷୀ । ତାଙ୍କର ଆଗ୍ରହ ଦେଖି ବି.ଡ଼ି.ଓ. ମହୋଦୟ ତାଙ୍କୁ ସରକାରଙ୍କର ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ( ) ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଗୁ ଓ ଜଳଖିଆ ଦୋକାନ ପାଇଁ କିଛି ଅର୍ଥ ଋଣ ଆକାରରେ ମଞ୍ଜୁର କରିବା ସକାଶେ ସୁପାରିଶ କଲେ । ସରକାର ଚମ୍ପାଇଙ୍କୁ ଉଚିତ ଲୋକ ବିବେଚନା କରି ଋଣ ମଞ୍ଜୁର କଲେ । ନୂଆ ଗାଁ ଶାଖାର ବ୍ୟାଙ୍କ ୧୯୮୪ ଅଗଷ୍ଟ ୨ ତାରିଖରେ ତାଙ୍କୁ ୩୦୦୦ ଟଙ୍କା ଋଣ ପ୍ରଦାନ କରିଅଛି । ସେହି ଋଣ ମଧ୍ୟରୁ ୨୨୫୦ ଟଙ୍କା ରିହାତି (ସବସିଡ଼ି) ଦେଇଛନ୍ତି । ଦୋକାନ କରି ଚମ୍ପାଇ ନିଜ ପରିବାରର ଦୈନନ୍ଦିନ ଅବସ୍ଥାର ପରିବର୍ତ୍ତନ ଆଣିପାରିଛନ୍ତି । ପଙ୍ଗୁ ହେଲେ ବି ତାଙ୍କୁ ଆଉ ଭୋକ ଉପବାସରେ ରହିବାକୁ ପଡୁନାହିଁ ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ମୟୂରଭଞ୍ଜ



# ଝାଙ୍କୁଲଙ୍କ ମିଠା ଦୋକାନ

ଶ୍ରୀ ବିନୋଦଲାଲ ପାତ୍ର

ସୁନ୍ଦରଗଡ ଜିଲ୍ଲା ସଦର ସବ୍‌ଡିଭିଜନ ଅନ୍ତର୍ଗତ ସବ୍‌ଡେଗା ଗ୍ରାମର ଝାଙ୍କୁଲ ଗଉଡିଆ ଜଣେ ଭୂମିହୀନ କୃଷି ଶ୍ରମିକ । ଖିଅଏ ଘରଡ଼ିହ ଛଡ଼ା ସ୍ୱତନ୍ତ୍ରମି କିଛି ନଥିଲା ତାଙ୍କର । ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ । ସେ, ତାଙ୍କ ସ୍ତ୍ରୀ ଏବଂ ତିନୋଟି ଛୁଆ-ବୟସ ୧୦ ବର୍ଷ, ୭ ବର୍ଷ ଓ ୫ ବର୍ଷ । ଦୁଇ ଓଳି ସେ ମଜୁରୀ ଲାଗି ବି ପେଟ ପୂରେନି କାହାରି । ଅତି ଦୁଃଖରେ ଦିନଗୁଡ଼ିକ କଟି ଯାଏ ।


ଦିନ ଆସିଲା । ଝାଙ୍କୁଲ ୧୯୮୧-୮୨ ମସିହାର ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ଚିହ୍ନଟ ହେଲା । ସରକାରଙ୍କ ତରଫରୁ ତାକୁ ୩୦୦୦ ଟଙ୍କା ଋଣ ମିଳିଲା । ଶତକଡା ୭୫% ରିହାତି । ବହୁ ଆଗରୁ ସେ ବିଭିନ୍ନ କିସମର ମିଠା ଜିନିଷ ତିଆରି କରିବା ଜାଣିଥିଲା । ସବ୍‌ଡେଗା ଗୋଟିଏ ବ୍ଲକର ସଦର ମହକୁମା । ବଡ ଗାଁ ଟିଏ । ବହୁତ ଲୋକ । ଅଧିକାଂଶ ଭଲ ଚାଷୀ । ଆର୍ଥିକ ପରିସ୍ଥିତି ଭଲ । ପ୍ରତି ବୁଧବାର ବଡ ହାଟଟିଏ ହୁଏ ଏଠାରେ । କେବଳ ଅଭାବ ଥିଲା ଗୋଟିଏ ଭଲ ମିଠା ଦୋକାନ । ଝାଙ୍କୁଲ ଏହାର ସୁଯୋଗ ନେଲା । ନଭେମ୍ବର ୨୨ ତାରିଖରେ ପାଇଥିବା ଋଣ ଟଙ୍କାରେ ସେ ମିଠା ଦୋକାନଟିଏ ଆରମ୍ଭ କଲା । ଦୋକାନ ଭିତରେ ରଙ୍ଗ ବେରଙ୍ଗର ମିଠେଇ ସବୁ ସଜାଡ଼ି ଦେଲା ସେ । ଆସ୍ତେ ଆସ୍ତେ ଲୋକଙ୍କର ଭିଡ ଜମିଲା ସେଠି । ଦିନକୁ ଅତି ଖୁସିରେ ସେ ପ୍ରାୟ ୧୫୦ ଟଙ୍କାର ମିଠା ବିକ୍ରି କରି ସବୁ ଖର୍ଚ୍ଚ ପରେ ହାରାହାରି ଦିନକୁ ୨୦ ଟଙ୍କା ରୋଜଗାର କଲା ।

ଯାହା ଭିତରେ ଝାଙ୍କୁଲ ୫୦୦ ଟଙ୍କା ଖର୍ଚ୍ଚରେ ଘରଟିଏ ତିଆରି କଲାଣି । ୩୦୦ ଟଙ୍କାରେ ତିନୋଟି ଛେଳି କିଣି ତାଙ୍କର ଯତ୍ନ ନେଉଛି । ମିଠା ଦୋକାନର ଦରକାରୀ ସଉଦାପତ୍ର ଆଣିବା ପାଇଁ ୭୦୦ ଟଙ୍କାରେ ସାଇକେଲଟିଏ କିଣିଛି । ଘର ଚଳେଇବା ପରେ ବି ପିଲାଙ୍କର ପୋଷାକ ଇତ୍ୟାଦିରେ ୪୦୦ ଟଙ୍କା ଖର୍ଚ୍ଚ କରିବାର ହିସାବ ରଖିଛି । ସରକାରୀ ଋଣ ସବୁ ଶୁଝି ସାରିଲେଣି । ଏ ସବୁପରେବି ବ୍ୟାଙ୍କରେ ଏବେ ୧୦୦୦ ଟଙ୍କା ଜମା ରଖିଛି ।

ଏବେ ଆଉ ସେ ଦୁଃଖ ନାହିଁ । ତା'ର ପିଲା ଛୁଆଙ୍କ ସହିତ ବହୁତ ଖୁସିରେ ଦିନ କାଟୁଛି ସେ । ରାତିରେ ଦୋକାନ କାମ ସାରି ଝାଙ୍କୁଲ ଯେତେବେଳେ ଘରକୁ ଫେରେ, ସ୍ତ୍ରୀ ଖୁସି ତା'ର କହିଲେ ନସରେ ।

କେବଳ ଝାଙ୍କୁଲର ପରିବାର ନୁହେଁ, ଗ୍ରାମାଞ୍ଚଳ ଦରିଦ୍ରଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ବହୁତ ପରିବାରର ଏହି ପ୍ରକାରର ପରିବର୍ତ୍ତନ ଆଜି ପରିଲକ୍ଷିତ ହେଉଛି ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ସୁନ୍ଦରଗଡ




# ମୁରଲୀଙ୍କ ହସିଲା ସଂସାର

ଶ୍ରୀ ହରମୋହନ ଜେନା

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକର କରଲିଆ ଗ୍ରାମର ଗୋଟିଏ ଛୋଟ ଚାଷୀ ପରିବାରରେ ମୁରଲୀ ମେହେରଙ୍କ ଜନ୍ମ । ଅର୍ଥାଭାବରୁ ସେ ବେଶୀ ପାଠପଢ଼ି ନଥିଲା କିନ୍ତୁ ସେ ବହୁତ ପରିଶ୍ରମ କରି ପାରୁଥିଲା । ୪୫ ବର୍ଷ ବୟସରେ ପରିବାରର ୧୦ ଜଣଙ୍କୁ ନେଇ ଚଳିବା ତା' ପକ୍ଷରେ ବହୁତ କଷ୍ଟକର ହୋଇପଡୁଥିଲା । କମ୍ ଜମିରେ କିପରି ସେ ବେଶୀ ଶସ୍ୟ ଉତ୍ପନ୍ନ କରି ପାରିବ ସେଥିପାଇଁ ସେ ଚେଷ୍ଟାକଲା । ଏହି ଜିଲ୍ଲାରେ ସବୁବେଳେ ଜଳାଭାବ ଦେଖାଯାଏ । ସେ ଭାବିଲା ଗୋଟିଏ ପାଣିପମ୍ପ ହେଲେ ସୁବିଧାରେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇ ପାରିବ । ତା'ର ଭାଗ୍ୟର ପରିବର୍ତ୍ତନ ଘଟିଲା । ବି.ଡ଼ି.ଓ ତା'ର ଗୁହାରି ଶୁଣି ତାଙ୍କୁ ଆର୍.ଆର୍.ଡ଼ି ଯୋଜନାରେ ସ୍ଥାନ ଦେଲେ । ସେ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରୁ ୬,୨୪୫ ଟଙ୍କା ଋଣ ନେଇ ଗୋଟିଏ ପମ୍ପସେଟ୍ କିଣିଲା । ତା'ର ଜମିକୁ ବର୍ଷକୁ ବାରମାସ ଶସ୍ୟଶ୍ୟାମଳ କରି ତହିଁରୁ ସେ ଜୀବନର ସବୁଠାରୁ ବଡ ଆତ୍ମ ତୃପ୍ତି ପାଇଲା ।

ତଟକା ପନିପରିବାକୁ ସେ ହାଟରେ ବିକ୍ରୟ କରି ପ୍ରଚୁର ପଇସା ରୋଜଗାର କଲା । ତା'ର ପିଲାମାନେ ନୂଆ ପୋଷାକ ପିନ୍ଧି ମନ ଆନନ୍ଦରେ ସ୍କୁଲ ଗଲେ ଓ ଛୁଟି ଦିନରେ ବାପାଙ୍କ ଚାଷରେ ସାହାଯ୍ୟ କଲେ । ଦୁଃଖର ସଂସାର ତାର ସୁଖରେ ହସିଉଠିଲା । ସେ ବ୍ୟାଙ୍କ ଋଣରୁ ୧,୫୬୧ ଟଙ୍କା ଛାଡ ପାଇଲେ । ଇତି ମଧ୍ୟରେ ସେ ୫,୭୪୧ ଟଙ୍କା ଋଣ ପରିଶୋଧ କରି ସାରିଲେଣି । ଆଗରୁ ତାଙ୍କର ପନିପରିବା ଚାଷରୁ ମାସିକ ୩୦୦ ଟଙ୍କା ଆୟ ହେଉଥିଲା ମାତ୍ର ବର୍ତ୍ତମାନ ସେ ମାସିକ ୭୦୦ ଟଙ୍କାରୁ ଅଧିକ ଆୟ କରି ପାରୁଛନ୍ତି । ସେ କହନ୍ତି—'ଗାଁର ଗରିବ ଲୋକ ସୁହିତେ ଉନ୍ନତ କୃଷି ପ୍ରଣାଳୀ ଅନୁସରଣ କରି ନିଜର ଆର୍ଥିକ ଉନ୍ନତି ସହିତ ଲୋକମାନଙ୍କୁ ତଟକା ପନିପରିବା ଯୋଗାଇ ପାରିବେ ।

ଅନୁବିଭାଗୀୟ ସୂଚନା ଓ ଲୋକସଂପର୍କ ଅଧିକାରୀ
ପାଟଣାଗଡ଼, ବଲାଙ୍ଗୀର



# ସେଇ ହସ ପରିଶ୍ରମର

ଶ୍ରୀ ବିନୋଦଲାଲ ପାତ୍ରୀ

ସୁନ୍ଦରଗଡ ପଞ୍ଚାୟତ ସମିତି ଅନ୍ତର୍ଗତ ଭୁମିଡ଼ିହି ଗାଁର ୪୮ ବର୍ଷର ଆଦିବାସୀ । ନା ତା'ର ଯାଦବ ଗଣ୍ଡ । ପୋଖରୀ ହୁଡାର ଛୋଟ ଏକ କୁଡ଼ିଆ ମୁହଁରେ ଜଗି ବସିଥାଏ, କାହାରେ କେଉଁଠି କ'ଣ ଘଟିଗଲା ସେଥି ପାଇଁ ତା'ର ନିଘା ନଥାଏ । ତା' ପୋଖରୀ, ତା ବଗିଚା, ତା'ର ଜୀବନ । ଯଦି କେହି କେବେ ତାକୁ ଭେଟିବାକୁ ଯାଏ, ସେ କଇଁଫୁଲିଆ ହସଟିଏ ହସିଦିଏ । ଆଉ କହି ବସିଲେ ତା ଜୀବନ କାହାଣୀ । ତିନୋଟି ପିଲାର ବାପା ସେ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଖଟି ଖାଉଥିଲା । ହେଲେ ସବୁଦିନ ମଜୁରୀ ମିଳୁଛି କାହିଁ ? ବର୍ଷରେ ଅତି କମ୍‌ରେ ୧୦୦ ଦିନ କାମ କରି ଖାଇ ପାରେ କି ଦି ଓଳି ପେଟ ପୁରେଇ । ପିଲାମାନଙ୍କର ଶୁଖିଲା ମୁହଁକୁ ଦେଖି ମନ ତା'ର ମରିଯାଏ । ହାତ ଯୋଡ଼ି ଭଗବାନଙ୍କୁ କୁହେ, "ପ୍ରଭୁ ହେ! କେବେ ଘୁଞ୍ଚିବ ଏ ଦୁଃଖ ତା'ର" ? ସତକୁ ସତ ଯାଦବ ପାଇଁ ସୁଦିନ ଆସିଲା । ୧୯୮୧-୮୨ ମସିହାରେ ଗ୍ରାମାଞ୍ଚଳ ଗରିବ ଲୋକମାନଙ୍କ ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମରେ ସେ ଚିହ୍ନଟ ହେଲା । ଗ୍ରାମ ପଞ୍ଚାୟତର ପୋଖରୀ ୧୦ ବର୍ଷ ପାଇଁ ତାକୁ ଠିକା ମିଳିଲା । ପୋଖରୀ ଖୋଳା, ମାଛ ଛାଡ଼ିବା, ପୋଖରୀ ହୁଡାରେ ବଗିଚା ଠିକା ବାବଦକୁ ସରକାରଙ୍କ ତରଫରୁ ୩୭୪୫ ଟଙ୍କା ୯୪ ପଇସା ପାଇଲା । ସେଥିରେ ପୁଣି ଶତକଡା ଶହେ ପଣେ ରିହାତି । ଲାଗି ପଡ଼ିଲା ସେ । ଖାଇବା ପିଇବା ଭୁଲି ସେ ମେହେନତ୍ କଲା । ବଦଳି ଗଲା ତା'ର ଭାଗ୍ୟ । ପୋଖରୀରେ ପୋଖରୀଏ ମାଛ । ହୁଡାରେ ବାରମାସି ପରିବା । ପ୍ରତି ବର୍ଷରେ ମାଛ, ଅମୃତ ଭଣ୍ଡା, ଶାଗ, ଲଙ୍କାମରିଚ, ପନିପରିବା ଏସବୁକୁ ବିକ୍ରୀ କରି ଅତିକମ୍‌ରେ ୭୦୦୦ ଟଙ୍କା ପାଉଛି । ରୋଜଗାର ସବୁକୁ ଏବେ ସେ ସଞ୍ଚୟ ଜମାରେ ଥୁଳ କରୁଛି । ଏହାଭିତରେ ୪୦୦୦ ଟଙ୍କାର ଘରଡ଼ିହ ଖଣ୍ଡେ କିଣିଛି । ବଡ ଝିଅର ବାହାଘର ପାଇଁ ବେଶ ସାହସ ଆଣିଲାଣି । ଦଶ ବର୍ଷର ସାନ ଝିଅ, ଆଠ ବର୍ଷର ପୁଅ ତା'ର ପାଠ ପଢାରେ ବ୍ୟସ୍ତ । ଏକା ନିଶ୍ୱାସରେ ଏସବୁ କହିସାରିଲା ପରେ ପୁଣି ଯାଦବ ମୁହଁରେ ସେ ହସ ଟିକକ । ଭେଟିଥିବା ଲୋକ ବୁଝି ନିଏ ସେ ହସ ତା'ର ପରିଶ୍ରମର ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ସୁନ୍ଦରଗଡ

# ଆଶା ନୁହେଁ ମରିଚିକା

ଶ୍ରୀ ଖଗେଶ୍ୱର ରାଉତ


ବଲାଙ୍ଗୀର ଜିଲ୍ଲାର ସୋନପୁର ସବ୍‌ଡିଭିଜନ ଅନ୍ତର୍ଗତ ଡୁଙ୍ଗୁରିପାଲି ବ୍ଲକର ଶୁଖା ବୋଲି ଗାଁଟିଏ । ଏହି ଗ୍ରାମର ଏକ ଦରିଦ୍ର ପରିବାରରେ ସୁଗ୍ରୀବାବୁ ପାଣିଗ୍ରାହୀଙ୍କ ଜନ୍ମ । ତାଙ୍କର ପରିବାର କହିଲେ ୩ ପୁଅ, ଝିଅଟିଏ ଓ ସ୍ୱାମୀ ସ୍ତ୍ରୀ ଏପରି ୬ ଜଣ । ପରିବାରର ଭରଣ ପୋଷଣର ଗୁରୁ ଦାୟିତ୍ୱ ତାଙ୍କ ଉପରେ । ଏହି ପରିବାରଟି ସାଧାରଣ ... ଧାରଣ କରି ବଂଚି ରହିବା ପାଇଁ ନିଜର ଚାଷ ଜମି ଉପରେ ନିର୍ଭର କରି ଥାଆନ୍ତି । ତାଙ୍କର ମୋଟ ସଂଖ୍ୟା କହିଲେ ଘରବାଡ଼ି ମିଶି ଦୁଇ ଏକର ... କିନ୍ତୁ ସେହି ସବୁ ଜମିରେ ଜଳସେଚନର ସୁବିଧା ନାହିଁ । ପ୍ରାୟ ଅଧି... ବେଶୀ ଜମିରେ ଜଳସେଚନ ହୋଇପାରେ ନାହିଁ । ଧାନ ଚାଷ କରିବା ତାଙ୍କର ମୁଖ୍ୟ ଚାଷ । କାରଣ ଧାନ ଚାଷ ଯଦି ଭଲ ଭାବରେ ନ କରୁଛନ୍ତି, ତେବେ ପରିବାରଟିକୁ ବର୍ଷକର ଆହାର ଯୋଗାଇବା ତାଙ୍କ ଦ୍ୱାରା ସମ୍ଭବ ହୋଇ ପାରିବ ନାହିଁ, କିନ୍ତୁ ଏହି ଧାନ ଚାଷ କରିବା ପାଇଁ ସେ ସଂପୂର୍ଣ୍ଣ ଭାବରେ ବର୍ଷା ଜଳ ଉପରେ ନିର୍ଭର କରନ୍ତି । ଖରିଫ୍ ଧାନଚାଷ ଯଦ... ହେଉ ବର୍ଷା ପାଣି ଯୋଗୁଁ କିଛିଟା ମିଳିଥାଏ । ଏହା ପୁଣି ଅନିଶ୍ଚିତ କେଉଁ ବର୍ଷ ହେଲାତ, କେଉଁବର୍ଷ ବର୍ଷାଭାବରୁ ମରୁଡ଼ି ହେଲାଣି । ରବି ଧାନ ଚାଷ ପାଇଁ ମୁଖ୍ୟତଃ ସେ ଜଳସେଚନ ଉପରେ ନିର୍ଭର କରିଥାଆନ୍ତି । ସୁଗ୍ରୀବାବୁଙ୍କ ଜମିରେ ଜଳସେଚନର ପ୍ରାୟ ସୁବିଧା ନା...


ଏହି ଦୁଃଖର ଅବସାନ ଦିନ ପାଖେଇ ଆସିଲା । ଦିନେ ବଲାଙ୍ଗୀର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଓ ତାଙ୍କ କର୍ମକର୍ତ୍ତାମାନେ ଗ୍ରାମ... ଆସି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାମାନ କିପରି ଗରିବ ନାମ ମାତ୍ର ତଥା କ୍ଷୁଦ୍ର ଚାଷୀମାନଙ୍କ ପାଇଁ କାର୍ଯ୍ୟ କରୁଛି ସେ ସମ୍ବନ୍ଧେ ବୁଝାଇଲେ । ଏମାନଙ୍କୁ କିପରି ଚାଷୋପକରଣ, ପାଣିପମ୍ପ ତଥା ବିଭିନ୍ନ ପ୍ରକାର ଔଷଧ ପ୍ରଭୃତି ଋଣ ଆକାରରେ ଯୋଗାଇ ଦିଆ ଯାଉଛି ତା ବୁଝାଇଲେ । ଏହା ଶୁଣି ତାଙ୍କ ମନରେ ଟିକିଏ ଆଶାର ସଞ୍ଚାର ହେଲା ସେ କିପରି ଗୋଟିଏ ପାଣି ପମ୍ପ ଋଣରେ ପାଇ ପାରିବେ ଓ ନିଜ ... ଜମିରେ ଧାନ ଚାଷ କରିପାରିବେ ସେଥିପାଇଁ ଲାଗି ପଡ଼ିଲେ । ଏଥି... ସେ ଡୁଙ୍ଗୁରିପାଲି ବ୍ଲକ୍‌ର ବି.ଡ଼ି.ଓଙ୍କୁ ସାକ୍ଷାତ୍ କରି ନିଜ ଦୁଃଖ କ... କହିଲେ ଓ ତାଙ୍କ ଉପଦେଶରେ ସୁଗ୍ରୀବାବୁ ବଲାଙ୍ଗୀର ଆଞ୍ଚଳିକ ଗ୍ରା... ବ୍ୟାଙ୍କ୍‌ର ଶାଖାର ପରିଚାଳକଙ୍କ ସହ ପରାମର୍ଶ କଲେ । ଯା' ପର... ସେ ସେହି ଶାଖା, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କରୁ କ୍ଷୁଦ୍ର ଚାଷୀ ହିସାବରେ ଗୋ... ପାଣିପମ୍ପ ପାଇଁ ଋଣ ଆବେଦନ କଲେ ।

ତାଙ୍କର ସମସ୍ତ ଜମିବାଡ଼ିର କାଗଜପତ୍ର ବି.ଡ଼ି.ଓ, ସୋନପୁର ସବ୍‌ରେଜିଷ୍ଟ୍ରରଙ୍କ ଦ୍ୱାରା ତନଖି କରାଯାଇ ତାଙ୍କୁ କ୍ଷୁଦ୍ରଚାଷୀ ଭାବ... ପ୍ରମାଣ ପତ୍ର ଦିଆଗଲା । ଏହି ସମଗ୍ର କାଗଜପତ୍ର ବ୍ୟାଙ୍କ୍‌ରେ ଦାଖ... କରିବା ପରେ, ସରକାରଙ୍କ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଯୋଜନାରେ ... ୧୯୮୫ ଜାନୁଆରୀ ମାସରେ ସମୁଦାୟ ୮୦୦୦ ଟଙ୍କା (ଆଠ ହଜାର ଟଙ୍କା) ର ଗୋଟିଏ ୫ ଅଶ୍ୱଶକ୍ତିବିଶିଷ୍ଟ କିର୍ଲୋସ୍କର ପାଣି ପମ୍ପ କିଣି... ପାଇଁ ଋଣ ଦିଆଗଲା । ବ୍ୟାଙ୍କ୍ ଏହି ପମ୍ପଟି କିଣି ତାଙ୍କ ଗ୍ରାମରେ ପୋଛ... ଦେଲେ । ଏହି ଋଣ ସେ ମଧ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କ୍ଷୁ... ଚାଷୀ ହିସାବରେ ଶତକଡା ୨୫% ଭାଗ ଋଣ ରିହାତି ପାଇଲେ ।

ପାଣି ପମ୍ପଟି କିଣିବା ପାଇଁ ତାଙ୍କ ମନରେ ଯେଉଁ ଆଶା ଥିଲା, ତା ପୂରଣ ହେଲା । ତା ପରେ ସେ କିପରି ଏହି ପମ୍ପ ସାହାଯ୍ୟରେ ନିଜ ପରିବାରର ଅବସ୍ଥା ବଦଳାଇବେ ସେଥିପାଇଁ ଲାଗି ପଡ଼ିଲେ । ... ଦ୍ୱାରା ଯେଉଁ ଜମିରେ ଧାନ ଚାଷ ପାଣି ଅଭାବରୁ କରି ହେଉ ନ ଥି... ତହିଁରେ ସେ ଏହିବର୍ଷ ତାନୁଆ ଧାନଚାଷ କରିବାକୁ ସକ୍ଷମ ହେଲେ...

ବର୍ତ୍ତମାନ ପରିବାରର ସେହି ଦୟନୀୟ ଅବସ୍ଥା ଆଉ ନାହିଁ ... ସେମାନଙ୍କର ଅବସ୍ଥାର ଦ୍ରୁତଗତିରେ ଉନ୍ନତି ହେବାରେ ଲାଗିଛି ... କର୍ତ୍ତବ୍ୟବସରରେ ସେ ମଧ୍ୟ ତାଙ୍କ ... ଶୁଣିବା ପରି, ଆରମ୍ଭ କରିଛନ୍ତି ... ବାହାରିକ ସରକାରଙ୍କ ଏହି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉନ୍ନତି ପାଇଁ ଯୋଜନାରେ ସେ ପାଣି ପମ୍ପଟି ପାଇ ... ଓ ଏଥିପାଇଁ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛନ୍ତି






## ପ୍ରୌଢ଼ଶିକ୍ଷା କମଣ୍ଡେଣ୍ଟ ପ୍ରୋଗ୍ରାମ ଅଫିସରଙ୍କୁ ତାଲିମ

ଜାତୀୟ ସେବା ସଂଘର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରାଜ୍ୟର ୬୦ ହଜାର ନିରକ୍ଷରଙ୍କୁ ସାକ୍ଷର କରିବା କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରୋଗ୍ରାମ ଅଫିସରମାନଙ୍କ ତାଲିମ କାର୍ଯ୍ୟକ୍ରମ ଗତ ମଇ ୪ତାରିଖ ଠାରୁ ଆରମ୍ଭ ହୋଇ ମଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ତାଲିମ ସମୟରେ ବିଭିନ୍ନ କଲେଜର ପ୍ରୋଗ୍ରାମ ଅଫିସରମାନଙ୍କୁ ପ୍ରୌଢ଼ ଶିକ୍ଷା ସଂପର୍କରେ ତାଲିମ ଦିଆଯିବା ସଂଗେ ସଂଗେ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଆବଶ୍ୟକୀୟ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ସରଂଜାମ ଯୋଗାଇ ଦିଆଯାଇଛି । ଏହି ତାଲିମ କାର୍ଯ୍ୟକ୍ରମ ଶେଷହେବା ପରେ ପ୍ରୋଗ୍ରାମ ଅଫିସରମାନେ ତାଂକ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀମାନଂକୁ ତାଲିମ ଦେବେ ।

ଏଠାରେ ଉଲ୍ଲେଖ କରଯାଇ ପାରେ ଯେ ଗତ ଏପ୍ରିଲ ମାସରେ ରାଜ୍ୟର ବିଭିନ୍ନ କଲେଜରୁ ବଛାଯାଇ ଏନ୍. ଏସ୍. ଏସ. ପ୍ରୋଗ୍ରାମ ଅଫିସରମାନଂକୁ ତାଲିମ ଦିଆଯାଇଥିଲା । ବର୍ତ୍ତମାନ ଏହି ମାଷ୍ଟର ତାଲିମ ପାଇଥିବା ଅଫିସରମାନେ ଅନ୍ୟ ସମସ୍ତ ପ୍ରୋଗ୍ରାମ ଅଫିସରଂକୁ ତାଲିମ ଦେଉଛନ୍ତି ।

## ଗେଜେଟିୟର ପ୍ରକାଶନ

ରାଜସ୍ୱ ବିଭାଗ ଅନ୍ତର୍ଗତ ରାଜ୍ୟ ଗେଜେଟିୟର ସଂସ୍ଥା ତରଫରୁ ଅଦ୍ୟାବଧି ୨ଗୋଟି ଜିଲ୍ଲାର ଗେଜେଟିୟର ପ୍ରକାଶିତ ହୋଇସାରିଛି । ଯେଉଁ ଜିଲ୍ଲାଗୁଡ଼ିକର ଗେଜେଟିୟର ପ୍ରକାଶିତ ହୋଇଗଲଣି, ସେଗୁଡ଼ିକ ହେଲ :—କୋରାପୁଟ, ମୟୂରଭଂଜ, ବଲାଂଗୀର, ସମ୍ବଲପୁର, ଢେଂକାନାଳ, ସୁନ୍ଦରଗଡ଼, ପୁରୀ, କଳାହାଣ୍ଡି ଓ ବୌଦ୍ଧ-କନ୍ଧମାଳ । ବର୍ତ୍ତମାନ କେଂଦୁଝର ଜିଲ୍ଲାର ଗେଜେଟିୟର ମୁଦ୍ରଣକାର୍ଯ୍ୟ ଚାଲୁଛି । ବାଲେଶ୍ୱର ଜିଲ୍ଲାରେ ଗେଜେଟିୟର ସଂକଳନ କାର୍ଯ୍ୟ ପ୍ରାୟ ଶେଷ ହୋଇଗଲଣି । କଟକ ଓ ଗଂଜାମ ଜିଲ୍ଲାର କାର୍ଯ୍ୟ ଚାଲିଛି ।

ଏତଦ୍‌ବ୍ୟତୀତ କୋରାପୁଟ ଜିଲ୍ଲାର ଦଶ-ବାର୍ଷିକ ଅନୁପୂରକ ଗେଜେଟିୟର ପ୍ରକାଶିତ ହୋଇଛି । ବିଭିନ୍ନ ଗେଜେଟିୟରଗୁଡ଼ିକର ଓଡ଼ିଆ ଭାଷାନ୍ତର ପରିକଳ୍ପନା ଅନୁଯାଇ ଢେଂକାନାଳ ଜିଲ୍ଲା ଗେଜେଟିୟର ଓଡ଼ିଆ ଭାଷାରେ ପ୍ରକାଶ ପାଇଛି । ସୁଂଦରଗଡ଼ ଓ ପୁରୀଜିଲ୍ଲା ଗେଜେଟିୟର ଓଡ଼ିଆ ଭାଷାରେ ଅନୁବାଦ ହୋଇସାରିଲଣି ଓ ଖୁବ୍‌ଶୀଘ୍ର ଏହାର ମୁଦ୍ରଣ କରାଯିବ । ବୌଦ୍ଧ-କଂଧମାଳ ଜିଲ୍ଲାର ଗେଜେଟିୟରର ବର୍ତ୍ତମାନ ଓଡ଼ିଆ ଅନୁବାଦ ଚାଲିଛି ।

ଏଠାରେ ସ୍ମରଣ କରାଯାଇପାରେ ଯେ ରାଜ୍ୟ ଗେଜେଟିୟର ସଂସ୍ଥା କେଂଦ୍ର ସରକାରଂକ ପୃଷ୍ଠପୋଷକତାରେ ଏକ ଯୋଜନାଭୁକ୍ତ ପରିକଳ୍ପନା ଭାବରେ ୧୯୫୭-୫୮ରୁ ରାଜସ୍ୱ ବିଭାଗ ଅଧୀନରେ କାର୍ଯ୍ୟ କରିଆସୁଥିଲା ଏବଂ ସଂପ୍ରତି ଏହା ରାଜ୍ୟ ସରକାରଂକ ଅଣ-ଯୋଜନାଭୁକ୍ତ ହୋଇ କାର୍ଯ୍ୟ କରୁଛି ।

—

## ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ପଶୁପାଳନ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଜରିଆରେ ଦରିଦ୍ରତମ ପରିବାରଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି । ଉକ୍ତ ପରିବାରମାନଙ୍କର ରୋଜଗାର ସୀମା ବାର୍ଷିକ ୧,୫୦୦ ଟଙ୍କାରୁ ୨ ହଜାରକୁ ବୃଦ୍ଧି କରିବା ପାଇଁ ସେମାନଙ୍କୁ ଦୁହାଁଳିଆ ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ, ଘୁଷୁରି ଇତ୍ୟାଦି ପାଳନ ସକାଶେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ୧୯୮୪-୮୫ ବର୍ଷ ଶେଷ ସୁଦ୍ଧା ଗ୍ରାମାଂଚଳ ଦରିଦ୍ର ଲୋକଙ୍କ ଆର୍ଥିକ ଥଇଥାନ ଯୋଜନାରେ ୭୫,୫୯୫ଟି ପରିବାର ଓ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ୧ ଲକ୍ଷ ୪୨ ହଜାର ୬୮୭ଟି ପରିବାର ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇ ଉପକୃତ ହୋଇଥିବା ସ୍ଥଳେ ୧୯୮୫-୮୬ରେ ଏହି ଦୁଇଟି ଯୋଜନାରେ ଯଥାକ୍ରମେ ୧,୦୨୨ ଓ ୨,୦୬୯ଟି ପରିବାର ଉପକୃତ ହୋଇଛନ୍ତି । ଗତ ବର୍ଷ ଉକ୍ତ ପରିବାରଙ୍କୁ ୨,୩୨୮ଟି ଦୁଗ୍ଧଶାଳାଗାର, ୫,୪୪୮ଟି ଛେଳି ପାଳନ ୟୁନିଟ୍, ୩୬୧ଟି ଘୁଷୁରିପାଳନ ୟୁନିଟ୍ ଓ ୧୦୯ଟି କୁକୁଡ଼ା ଓ ବତକ ପାଳନ ୟୁନିଟ୍ ଯୋଗାଇ ଦିଆଯାଇଛି ।

---

## ପର୍ଯ୍ୟଟନ ନିଗମ ହାତରେ ଟ୍ରାଭେଲର୍ସ ଲଜ୍

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ କୋଣାର୍କଠାରେ ଥିବା ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମଙ୍କ ଟ୍ରାଭେଲର୍ସ ଲଜ୍‌ର ପରିଚାଳନା ଦାୟିତ୍ୱ ଗତ ଏପ୍ରିଲ୍ ଏକ ତାରିଖଠାରୁ ଗ୍ରହଣ କରିଛନ୍ତି । ଏହି ଲଜ୍‌ର ଦୈନିକ କୋଠରୀ ଭଡ଼ା ୧୦୦ ଟଙ୍କାରୁ ୬୦ ଟଙ୍କାକୁ କମାଇ ଦିଆଯାଇଛି । ଟ୍ରାଭେଲର୍ସ ଲଜ୍ ପାନ୍ଥନିବାସରେ ମିଶିବା ଫଳରେ ଦଳରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ୩୦ଟି ଶଯ୍ୟା ଯୋଗାଇ ଦେବାକୁ ବର୍ତ୍ତମାନ ଓ. ଟି. ଡି. ସି. ସକ୍ଷମ ହୋଇ ପାରିଛି । ଇତିମଧ୍ୟରେ ତପ୍ତପାଣିର ଉଷ୍ମ ପ୍ରସ୍ରବଣ ପାଖରେ ଥିବା ପାନ୍ଥନିବାସର ୨ଟି କୋଠରୀକୁ ଶୀତତାପ ନିୟନ୍ତ୍ରଣ କରାଯାଇଛି । ବିଦ୍ୟୁତ୍‌ଶକ୍ତିର ଅଭାବ ପୂରଣ କରିବା ପାଇଁ ପାନ୍ଥନିବାସମାନଙ୍କରେ ଜେନେରେଟରର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱରଠାରେ ଥିବା ୭୬ଟି କୋଠରୀ ବିଶିଷ୍ଟ ପାନ୍ଥନିବାସ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । କୋଠରୀ ସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱର ପାନ୍ଥନିବାସ ସହରର ସବୁଠାରୁ ବଡ଼ ହୋଟେଲ । ଗତ ମାର୍ଚ୍ଚ ମାସରେ ସରିଥିବା ୩ ମାସ ମଧ୍ୟରେ ଭୁବନେଶ୍ୱର ପାନ୍ଥନିବାସ ମୋଟ୍ କୋଠରୀର ଶତକଡ଼ା ୬୨ ଭାଗ କୋଠରୀରେ ପର୍ଯ୍ୟଟକମାନେ ରହିଥିବାର ଜଣାଯାଇଛି । ପର୍ଯ୍ୟଟକମାନଙ୍କ ପାଇଁ ଏହି ହୋଟେଲରେ ଗୁଜରାଟିକ୍ ଖାଦ୍ୟ ପରିବେଷଣ ନିମନ୍ତେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

---

## ତ୍ରୁଟିପୂର୍ଣ୍ଣ ମାପ ଓ ଓଜନ ବ୍ୟବହାରକାରୀ ଦଣ୍ଡିତ

୧୯୮୫-୮୬ ଆର୍ଥିକ ବର୍ଷରେ ପୁରୀ ମାପ ଓ ଓଜନ ମଣ୍ଡଳ ଅଧୀନରେ ଥିବା ୧୭୫ ଜଣ ଅସାଧୁ ବ୍ୟବସାୟୀ ତ୍ରୁଟିପୂର୍ଣ୍ଣ ମାପ ଓ ଓଜନ ବ୍ୟବହାର କରୁଥିବା ଅଭିଯୋଗରେ ଭ୍ରାମ୍ୟମାଣ ଅଦାଲତ ଓ ସାଧାରଣ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି । ମଣ୍ଡଳର ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ଅଦାଲତ ୩୩ ଜଣ ବ୍ୟବସାୟୀଙ୍କୁ ଦୋଷୀ ସାବ୍ୟସ୍ତ କରି ଘଟଣା ସ୍ଥଳରେ ଜୋରିମାନା ବାବଦରେ ୬,୫୭୦ ଟଙ୍କା ଆଦାୟ କରିଛନ୍ତି ।

ଗତ ଆର୍ଥିକ ବର୍ଷରେ ଏହି ମଣ୍ଡଳର କ୍ଷେତ୍ର କର୍ମଚାରୀମାନେ ୧୮,୫୧୧ ଜଣ ବ୍ୟବସାୟୀଙ୍କୁ ମାପ ଓ ଓଜନ ଡାଙ୍ଗି ଭଡ଼ା ଫିସ୍ ବାବଦକୁ ୬·୨୨ ଲକ୍ଷ ଟଙ୍କା ଆଦାୟ କରି ଧାର୍ଯ୍ୟ ଲକ୍ଷ୍ୟଠାରୁ ବଳକା ୦·୪୧ ଲକ୍ଷ ଟଙ୍କା ଫିସ୍ ଆଦାୟ କରିପାରିଛନ୍ତି ।

ଏହି ବର୍ଷରେ ମଣ୍ଡଳର ୧୫୫ଟି ଡାକଘର ଓ ୧୮ଟି ରେଲ ଷ୍ଟେସନରେ ବ୍ୟବହୃତ ହେଉଥିବା ମାପ ଓ ଓଜନ ଯାଞ୍ଚ କରି ମୋହର ଦିଆଯାଇଛି ।

---

## ବୈଦ୍ୟୁତିକ ଯନ୍ତ୍ରପାତି ପାଇଁ ମାନ ନିର୍ଦ୍ଧାରଣ

ଘରୋଇ ବ୍ୟବହାରରେ ଲାଗୁଥିବା ବୈଦ୍ୟୁତିକ ସରଞ୍ଜାମ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟିର ସମ୍ଭାବନାକୁ ଏଡ଼ାଇବା ପାଇଁ ଏହାର ଉତ୍ପାଦନକାରୀମାନଙ୍କୁ ଆଇ. ଏସ୍. ଆଇ. (ଭାରତୀୟ ମାନ ନିର୍ଦ୍ଧାରଣ ପ୍ରତିଷ୍ଠାନ) ପାଖରୁ ପ୍ରମାଣ ପତ୍ର ପାଇବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶ ଅଛି । ୧୯୮୧ ମସିହା କ୍ୱାଲିଟି କଣ୍ଟ୍ରୋଲ ଅର୍ଡର ଅନୁଯାୟୀ ଏପରି ଜିନିଷର ଉତ୍ପାଦନକାରୀମାନେ ଖାଉଟିମାନଙ୍କ ସଂପୂର୍ଣ୍ଣ ନିରାପତ୍ତା ପାଇଁ ଏହି ଆଦେଶ ମାନି ଚଳିବାକୁ ଉକ୍ତ ଅର୍ଡରରେ କୁହାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ରାଜ୍ୟ ଶିଳ୍ପ ତଥା ବାଣିଜ୍ୟ ନିର୍ଦ୍ଦେଶକ (ଇ. ପି. ଏମ୍. ଡାଇରେକ୍ଟରଙ୍କୁ ଉପରୋକ୍ତ ଆଇନ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷମତା ପ୍ରଦାନ କରାଯାଇଛି । ଏହା ଫଳରେ ଘରୋଇ ବ୍ୟବହାରରେ ଲାଗୁଥିବା ବୈଦ୍ୟୁତିକ ସରଞ୍ଜାମର

ଉତ୍ପାଦନକାରୀମାନେ ଇ. ପି- ଏମ୍. ଡାଇରେକ୍ଟରଙ୍କ ନିକଟରୁ ପ୍ରମାଣପତ୍ର ସଂଗ୍ରହ କରିବା ଆବଶ୍ୟକ । ଅବଶ୍ୟ ଆଇ. ଏସ୍. ଆଇ. ଙ୍କ ନିକଟରୁ ଅନୁମତି ପାଇଥିବା ଉତ୍ପାଦନକାରୀମାନଙ୍କୁ ଏପରି ପ୍ରମାଣପତ୍ର ଆଉଥରେ ଇ. ପି. ଏମ୍. ନିର୍ଦ୍ଦେଶଙ୍କ ନିକଟରୁ ଆଣିବା ଦରକାର ହେବନାହିଁ । କେବଳ ଉପଯୁକ୍ତ ପ୍ରମାଣପତ୍ର ଥିବା ଘରୋଇ ବୈଦ୍ୟୁତିକ ଯନ୍ତ୍ରପାତି ବିକ୍ରୀ କିମ୍ବା ମହଜୁଦ କରାଯାଇପାରିବ । ନିର୍ଦ୍ଧାରିତ ମାନଠାରୁ କମ୍ ମାନର କିମ୍ବା ତ୍ରୁଟିପୂର୍ଣ୍ଣ ବୈଦ୍ୟୁତିକ ସରଞ୍ଜାମକୁ ବିକ୍ରୀ କିମ୍ବା ମହଜୁଦ କରାଯାଇ ପାରିବ ନାହିଁ । ତ୍ରୁଟି ସଂଶୋଧନ ଅସମ୍ଭବ ହେଲେ, ଏସବୁ ଜିନିଷକୁ ବଜାରରୁ ଅପସାରଣ କରିନେବା ପାଇଁ ଇ. ପି. ଏମ୍. ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇ ପାରିବେ ।

---

## ନୂତନ ଶିଳ୍ପ ନୀତିର ପରିସର ଏବଂ ଏହାର ଅନ୍ୟାନ୍ୟ ଦିଗ

ଓଡ଼ିଶାର ନୂତନ ଶିଳ୍ପ ନୀତି (୧୯୮୬) ରାଜ୍ୟରେ ନୂଆ ଭାବରେ ପ୍ରତିଷ୍ଠିତ ହେବାକୁ ଥିବା ଶିଳ୍ପ ପାଇଁ ପ୍ରଯୁଜ୍ୟ । ୧୯୮୦ ମସିହା ଶିଳ୍ପ ନୀତି ଅନୁଯାୟୀ ଯେଉଁ ଶିଳ୍ପ ସଂସ୍ଥାଗୁଡ଼ିକ ସୁବିଧା ସୁଯୋଗ ପାଉଛନ୍ତି, ସେହି ଶିଳ୍ପ ସଂସ୍ଥା ୧୯୮୬ ମସିହା ନୂତନ ଶିଳ୍ପ ନୀତି ପରିସରଭୁକ୍ତ ହେବେ ନାହିଁ । ସରକାରୀ ଉଦ୍ୟୋଗଗୁଡ଼ିକ ମଧ୍ୟ ଏହି ନୀତିର ପରିସରଭୁକ୍ତ ହେବେ ନାହିଁ । ଏହି ଶିଳ୍ପ ନୀତିର ଅନ୍ୟାନ୍ୟ ଦିଗଗୁଡ଼ିକ ହେଲା :—

(କ) ପୂର୍ବ ଶିଳ୍ପ ନୀତି ଭଳି ନୂତନ ଶିଳ୍ପ ନୀତିରେ ମଧ୍ୟ ସଂସ୍ଥାଗୁଡ଼ିକ ବ୍ୟବହାର କରୁଥିବା ଯନ୍ତ୍ରପାତି, କଳକବ୍ଜା, କଞ୍ଚାମାଲ ଇତ୍ୟାଦି ଉପରେ ପଣ୍ୟ କର ଲାଗିବ ନାହିଁ ।

(ଖ) ପ୍ରାକୃତିକ ଜଳାଧାରରୁ ବା ସରକାରୀ ଜଳଭଣ୍ଡାରରୁ ନୂତନ ଶିଳ୍ପକୁ ଜଳ ଯୋଗାଇବା ପାଇଁ ପୁରୁଣା ନୀତିରେ ଥିବା ରିହାତି ବ୍ୟବସ୍ଥା ମଧ୍ୟ ନୂତନ ଶିଳ୍ପ ନୀତିରେ ରହିଛି ।

(ଗ) ସ୍ଥାନୀୟ ଶିଳ୍ପପ୍ରତିଷ୍ଠାନଗୁଡ଼ିକ ଉତ୍ପାଦନ କରୁଥିବା ସାମଗ୍ରୀକୁ ସରକାରୀ ବା ସରକାରୀ ପରିଚାଳିତ ସଂସ୍ଥା କିଣିବା ଏବଂ ଠିକ୍ ସମୟରେ ପ୍ରାପ୍ୟ ଦେବା ପାଇଁ କଡ଼ାକଡ଼ି ବ୍ୟବସ୍ଥା ଗ୍ରହଣ କରାଯିବ ।

(ଘ) ବିଭିନ୍ନ ଶିଳ୍ପାନୁଷ୍ଠାନରେ ନିଯୁକ୍ତ କାରିଗରମାନଙ୍କ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ତାଲିମ କେନ୍ଦ୍ରମାନ ଖୋଲା ଯିବ ।

(ଙ) ସ୍ଥାନୀୟ ଶିଳ୍ପ ପାଇଁ ପ୍ରତି ବର୍ଷ ପୁରସ୍କାର ବ୍ୟବସ୍ଥା କରାଯିବ । ଏହି ପୁରସ୍କାର ଅଧିକ ଉତ୍ପାଦନ, ଉତ୍ପାଦିତ ସାମଗ୍ରୀର ରାଜ୍ୟ ବାହାରେ ବିକ୍ରୀ ତଥା ବିଦେଶକୁ ରପ୍ତାନୀ କରିବା ଭିତ୍ତିରେ ଦିଆଯିବ ।

---

## ଫୁଲବାଣୀ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଆର୍ଥିକ ବର୍ଷରେ ଫେବୃୟାରୀ ଶେଷସୁଦ୍ଧା ଫୁଲବାଣୀ ଜିଲ୍ଲାରେ ୧,୮୩୨ ଜଣ ଉପକୃତ ହୋଇଛନ୍ତି । ଏ ମଧ୍ୟରେ ୬୩୬ ଜଣ ତଫସିଲଭୁକ୍ତ ଜାତି ଓ ୬୩୩ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅଛନ୍ତି ।

ଏ ବାବଦରେ ମୋଟ୍ ୪୨ ଲକ୍ଷ ୬୧ ହଜାର ଟଙ୍କା ବିନିଯୋଗ କରାଯାଇଥିବା ବେଳେ ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ୫୧ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

---

## ଢେଙ୍କାନାଳ ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ଗତ ଆର୍ଥିକ ବର୍ଷ ଶେଷସୁଦ୍ଧା ଢେଙ୍କାନାଳ ଜିଲ୍ଲାରେ ୧,୨୨୫ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୪୦୯ ଜଣ ତଫସିଲଭୁକ୍ତ ଜାତି ଓ ୪୬୯ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ୩୫ ଲକ୍ଷ ୭୮ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଗତ ଆର୍ଥିକ ବର୍ଷରେ ୨୨ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟରେ ଜିଲ୍ଲାରେ ୧୯୦ ଜଣ ତଫସିଲଭୁକ୍ତ ଜାତି ଓ ୧୨୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ୪୮୧ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

---

## ବୈଜ୍ଞାନିକ ପ୍ରଣାଳୀରେ ଶସ୍ୟ ସଂରକ୍ଷଣ

କେନ୍ଦ୍ର ଖାଦ୍ୟ ବିଭାଗର ଭୁବନେଶ୍ୱରସ୍ଥ ଶସ୍ୟ ସଂରକ୍ଷଣ ଅଭିଯାନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ୨୧-ଦିନିଆ ବୈଜ୍ଞାନିକ ପ୍ରଣାଳୀରେ ଶସ୍ୟ ସଂରକ୍ଷଣ ତାଲିମ ଶିବିର ଫୁଲବାଣୀ ବ୍ଲକ୍ ଅନ୍ତର୍ଗତ ଗୁମାଗଡ଼ ଗ୍ରାମଠାରେ ଗତ ମଇ ୯ ତାରିଖଠାରୁ ଆରମ୍ଭ ହୋଇଛି । ଗୁମାଗଡ଼ ଓ ଆଖପାଖ ଗ୍ରାମରୁ ୫୦ ଜଣ ଆଦିବାସୀ ଯୁବ କୃଷୀ ବଛାଯାଇ ଏହି ଶିବିରରେ ଯୋଗ ଦେଇଛନ୍ତି । ଏହି କୃଷୀମାନଙ୍କୁ ଶ୍ରେଣୀରେ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଶସ୍ୟକୋଠିରେ ପୋକ ଦମନ, ଘରେ ଓ ଜମିରେ ମୂଷା ଦମନ, ପୁରାତନ ଶସ୍ୟାଗାରର ଆଧୁନିକୀକରଣ, ଧାତବ ଶସ୍ୟ କୋଠିର ବ୍ୟବହାରକୁ ଲୋକପ୍ରିୟ କରାଇବା ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଇଛି ।

ଗତ ମଇ ୯ ତାରିଖ ଦିନ ଫୁଲବାଣୀ ଜିଲ୍ଲା କୃଷି ଅଧିକାରୀ ଏହି ଶିବିରକୁ ଉଦ୍‌ଘାଟନ କରି ତାଲିମ ପାଉଥିବା ଚାଷୀମାନେ ଅଧିକ ଅମଳ ପାଇଁ ଆଧୁନିକ ପ୍ରଣାଳୀରେ ଚାଷ ଏବଂ ଶସ୍ୟ ସଂରକ୍ଷଣ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶସ୍ୟ ସଂରକ୍ଷଣ ଅଭିଯାନର ସହକାରୀ ନିର୍ଦ୍ଦେଶକ ଶ୍ରୀ ବି. କେ. ରାଉତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ।

---

## କୃଷି ଶ୍ରମିକଙ୍କୁ ନିର୍ଦ୍ଧାରିତ ମଜୁରୀ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ କୃଷି ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଦେବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥି ପାଇଁ ଶ୍ରମ ବିଭାଗର ପରିଦର୍ଶନକାରୀ ଅଫିସରମାନେ ୧୯୮୫-୮୬ ଆର୍ଥିକ ବର୍ଷରେ ସର୍ବନିମ୍ନ ମଜୁରୀଠାରୁ କମ୍ ଦିଆଯାଉଥିବା କ୍ଷେତ୍ରରେ ୧'୧୦ ଲକ୍ଷ ଟଙ୍କା ନିଯୁକ୍ତିକାରୀଙ୍କଠାରୁ ଆଦାୟ କରି ଘଟଣା ସ୍ଥଳରେ ଶ୍ରମିକମାନଙ୍କୁ ଦେଇଛନ୍ତି । ଏହି ବର୍ଷ ଶ୍ରମ ବିଭାଗର ପରିଦର୍ଶନକାରୀ ଅଫିସରମାନେ ୧୭,୫୯୩ଟି ତଦାରଖ କରିଥିଲେ ଓ ସେଥିମଧ୍ୟରୁ ୧୪,୧୩୨ଟି କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ଖିଲାପ ହୋଇଥିବା ଘଟଣା ଧରାପଡ଼ିଥିଲା ।

---

## ସହର ଓ ଶିଳ୍ପାଞ୍ଚଳରେ ସବୁଜ ବଳୟ

ରାଜ୍ୟର ମୁଖ୍ୟ ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ଚତୁର୍ଦ୍ଦିଗରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ କେତେକ କାର୍ଯ୍ୟକ୍ରମର ଚିଠା ଚୂଡ଼ାନ୍ତ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ହେନ୍ତାଳ ଭଳି ବିପଦାପନ୍ନ ବୃକ୍ଷ ଓ ରାଜ୍ୟର ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନୟନ ଇତ୍ୟାଦି କରାଯିବାର ସ୍ଥିର ହୋଇଛି ।

ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା ପରିବେଶ ସମିତି ଗଠନ କରାଯାଇ ସାରିଛି । ଗତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ଜନ ଜାଗରଣ କାର୍ଯ୍ୟକ୍ରମର ଆୟୋଜନ କରିବାରେ ମୋଟ ୩ ଲକ୍ଷ ୪୧ ହଜାର ଟଙ୍କା ବ୍ୟୟ କରାଯାଇଛି ।

---

## ଜଳାଭାବ ସହରଗୁଡ଼ିକ ପାଇଁ ନଳକୂପ

ରାଜ୍ୟର ସବୁ ଜିଲ୍ଲା ଅନ୍ତର୍ଗତ ପାନୀୟ ଜଳାଭାବ ଥିବା ୬୨ଟି ସହରରେ ଚଳିତ ଆର୍ଥିକ ବର୍ଷ ୯୦ଟି ନଳକୂପ ବସାଇବା ଲାଗି ସରକାର ମଞ୍ଜୁର କରିଛନ୍ତି । ଏ ସଂପର୍କରେ ସଂପ୍ରତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଜିଲ୍ଲାପାଳମାନଙ୍କୁ ନଳକୂପର ଜିଲ୍ଲା ଓ ସହରଓ୍ୱାରୀ ତାଲିକା ପଠାଯାଇଛି । ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସହରର କେଉଁ ସ୍ଥାନରେ ନଳକୂପ ଖନନ କରାଯିବ, ସଂପୃକ୍ତ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ତାହାର ସ୍ଥାନ ନିରୂପଣ କରି ଯଥାଶୀଘ୍ର ସଂପୃକ୍ତ ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇବେ ।

ମଞ୍ଜୁର ହୋଇଥିବା ସେହିସବୁ ନଳକୂପ ମଧ୍ୟରୁ ନୀଳଗିରି ପୌରାଞ୍ଚଳରେ ୩ଟି, ବଲାଙ୍ଗୀର ଜିଲ୍ଲାର ୬ଟି ସହରରେ ୧୦ଟି, କଟକର ୬ଟି ସହରରେ ୯ଟି, ଢେଙ୍କାନାଳର ୫ଟି ସହରରେ ୮ଟି, ଗଞ୍ଜାମର ୧୧ଟି ସହରରେ ୧୧ଟି, କଳାହାଣ୍ଡିର ୪ଟି ସହରରେ ୭ଟି, କେନ୍ଦୁଝରର ୨ଟି ସହରରେ ୩ଟି, କୋରାପୁଟର ୭ଟି ସହରରେ ୧୧ଟି, ମୟୂରଭଞ୍ଜର ୪ଟି ସହରରେ ୮ଟି ନଳକୂପ ବସାଯିବ । ସେହିପରି ଫୁଲବାଣୀ ଜିଲ୍ଲାର ୩ଟି ସହରରେ ୩ଟି, ପୁରୀର ୫ଟି ସହରରେ ୬ଟି, ସମ୍ବଲପୁରର ୫ଟି ସହରରେ ୭ଟି ଏବଂ ସୁନ୍ଦରଗଡ଼ର ୩ଟି ସହରରେ ୪ଟି ନଳକୂପ ବସାଯିବ ବୋଲି ନିଷ୍ପତ୍ତି କରାଯାଇଛି ।

---

## ଶସ୍ୟ ସଂରକ୍ଷଣ ସମ୍ପର୍କରେ ତାଲିମ

କେନ୍ଦ୍ର ଖାଦ୍ୟ ବିଭାଗର ଭୁବନେଶ୍ୱରସ୍ଥ ଶସ୍ୟ ସଂରକ୍ଷଣ ଅଭିଯାନ ସଂସ୍ଥା ପକ୍ଷରୁ ଏକ ୨୧ ଦିନିଆ ବୈଜ୍ଞାନିକ ପ୍ରଣାଳୀରେ ଶସ୍ୟ ସଂରକ୍ଷଣ ତାଲିମ ଶିବିର ଗଞ୍ଜାମ ଜିଲ୍ଲାର ମୋହନା ବ୍ଲକ୍ ଅନ୍ତର୍ଗତ ଗୁଡ଼ିପୁର ଗ୍ରାମରେ ଗତ ଏପ୍ରିଲ ମାସ ୮ ତାରିଖ ଦିନ ଆରମ୍ଭ ହୋଇଥିଲା । ମୋହନା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ୪୭ ଜଣ ଆଦିବାସୀ ଓ ୩ ଜଣ ହରିଜନ ଯୁବଚାଷୀ ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ । ଏହି ଚାଷୀମାନଙ୍କୁ ଶ୍ରେଣୀରେ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଶସ୍ୟକୋଠିରେ ପୋକ ଦମନ, ଘରେ ଓ ଜମିରେ ମୂଷା ଦମନ, ପୁରାତନ ଶସ୍ୟାଗାରର ଆଧୁନିକୀକରଣ, ଧାତବ ଶସ୍ୟକୋଠିର ବ୍ୟବହାରକୁ ଲୋକପ୍ରିୟ କରାଇବା ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଇଥିଲା ।

ଏହି ଶିବିରରେ ପ୍ରତ୍ୟେକ ଶିକ୍ଷାର୍ଥୀ ସେମାନଙ୍କ ବୃତ୍ତି ଅର୍ଥ ୧୦୦ ଟଙ୍କା ବଦଳରେ ଧାତବ ଶସ୍ୟକୋଠି ଆଉ ଅଧିକା କିଛି ଟଙ୍କା ଦେଇ କିଣିଥିଲେ ।

---

## କଟକ ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପ

୧୯୮୫-୮୬ ଆର୍ଥିକ ବର୍ଷର ଗତ ଫେବୃଆରୀ ସୁଦ୍ଧା କଟକ ଜିଲ୍ଲାରେ ୫୭୬ଟି କ୍ଷୁଦ୍ରଶିଳ୍ପ ଏବଂ ୭,୯୨୮ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ସର୍ବମୋଟ ୧୯,୩୯୧ ଜଣ



ବ୍ୟକ୍ତିଙ୍କୁ କର୍ମ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଛି । କ୍ଷୁଦ୍ରଶିଳ୍ପ ବାବଦରେ ୫ କୋଟି ୮୩ ଲକ୍ଷ ୮୪ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ବାବଦରେ ୨ କୋଟି ୧୨ ଲକ୍ଷ ୨୪ ହଜାର ଟଙ୍କା ବିନିଯୋଗ କରାଯାଇଛି ।

---

## ସରକାରୀ କର୍ମଚାରୀଙ୍କ ଭବିଷ୍ୟନିଧି ଜମାର ହିସାବ

ରାଜ୍ୟ ସରକାରଙ୍କ ଉଭୟ ଗେଜେଟେଡ଼ ଓ ଅଣ-ଗେଜେଟେଡ଼ କର୍ମଚାରୀମାନଙ୍କର ୧୯୮୪-୮୫ ମସିହା ପାଇଁ ଭବିଷ୍ୟନିଧି ଜମାର ବାର୍ଷିକ ହିସାବ ସଂପୃକ୍ତ ଡ୍ରଇଂ ଅଫିସରମାନଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି ଏକାଉଣ୍ଟାଣ୍ଟ ଜେନେରାଲଙ୍କ ଅଫିସ ସୂତ୍ରରୁ ପ୍ରକାଶ ପାଇଛି । ମାର୍ଚ୍ଚ ୩୧ ତାରିଖ ଶେଷ ସୁଦ୍ଧା ଯେଉଁ ସରକାରୀ କର୍ମଚାରୀମାନେ ଯେଉଁଠି କାର୍ଯ୍ୟ କରୁଥିଲେ, ସେମାନେ ସେଠିକାର ସଂପୃକ୍ତ ଡ୍ରଇଂ ଅଫିସରଙ୍କଠାରୁ ଏହା ପାଇପାରିବେ । ଯଦି କୌଣସି କର୍ମଚାରୀ ତାଙ୍କର ବାର୍ଷିକ ଭବିଷ୍ୟନିଧିର ହିସାବ ଏପର୍ଯ୍ୟନ୍ତ ପାଇ ନାହାନ୍ତି, ତେବେ ସେମାନେ ସେମାନଙ୍କର ଡ୍ରଇଂ ଅଫିସରଙ୍କ ଜରିଆରେ, ଏ. ଜି. କୁ ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି । ଯେଉଁ କର୍ମଚାରୀ ୭ । ୮ ମାସ ମଧ୍ୟରେ ତାଙ୍କ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତରୀତ ହୋଇଛନ୍ତି, ସେ ତାଙ୍କର ହିସାବ ବିବରଣୀ ତାଙ୍କ ପୂର୍ବ ଡ୍ରଇଂ ଅଫିସରଙ୍କଠାରୁ ନେଇପାରିବେ ।

ଭାରତୀୟ ପ୍ରଶାସନିକ ସେବା ସଂସ୍ଥା, ଭାରତୀୟ ପୋଲିସ ସେବା ସଂସ୍ଥା, ଭାରତୀୟ ଜଙ୍ଗଲ ସେବା ସଂସ୍ଥା ଏବଂ ଓଡିଶା ଅର୍ଥ ସେବା ସଂସ୍ଥାର କର୍ମଚାରୀମାନଙ୍କ ଭବିଷ୍ୟନିଧିର ହିସାବ ବିବରଣୀ ଯଥାକ୍ରମେ ରାଜ୍ୟ ସାଧାରଣ ପ୍ରଶାସନ, ସ୍ୱରାଷ୍ଟ୍ର, ଜଙ୍ଗଲ ଓ ଅର୍ଥ ବିଭାଗ ଶାସନ ସଚିବମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।

---

## ହିନ୍ଦୋଳ ସବ୍‌ଡ଼ିଭିଜନରେ ନଳକୂପ

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସବ୍‌ଡିଭିଜନର ମୋଟ ୧୮୦ଟି ଜନବସତି ଗ୍ରାମ ମଧ୍ୟରୁ ଜଳକଷ୍ଟ ରୂପେ ଚିହ୍ନିତ ୧୫୩ଟି ଗ୍ରାମ ଏବଂ ଅଣ ଚିହ୍ନିତ ୨୭ଟି ଗ୍ରାମରେ ଆଜିସୁଦ୍ଧା ସମୁଦାୟ ୫୯୯ଟି ନଳକୂପ ବସାଯାଇଛି । ତନ୍ମଧ୍ୟରୁ ସମ୍ପୂର୍ଣ୍ଣ ଅଚଳ ଥିବା ମାତ୍ର ୫ଟି ନଳକୂପ ବ୍ୟତୀତ ଅବଶିଷ୍ଟ ନଳକୂପ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି ବୋଲି ଏକ ସମୀକ୍ଷାରୁ ପ୍ରକାଶ ।

ସଂପ୍ରତି ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚକ୍ରଧର ଭଞ୍ଜ ଢେଙ୍କାନାଳ ଗସ୍ତରେ ଯାଇ ଏହି ସବ୍‌ଡିଭିଜନର ପାନୀୟ ଜଳ ଯୋଗାଣ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଏହି ସବ୍‌ଡିଭିଜନ ସଦର ମହକୁମା ଅଞ୍ଚଳରେ ପାଇପ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରିବା ଲାଗି ବିଧାୟକ ଶ୍ରୀ ରବି ନାରାୟଣ ନାୟକ, ପଞ୍ଚାୟତ ସମିତି ଚେୟାରମ୍ୟାନ ଓ ସ୍ଥାନୀୟ ଏସ. ଡି. ଓ. ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସ୍ଥାନୀୟ ଲୋକସଂଖ୍ୟା ତୁଳନାରେ ବର୍ତ୍ତମାନ ଯଥେଷ୍ଟ ସଂଖ୍ୟକ ନଳକୂପ ବସାଯାଇଥିବା ହେତୁ ପ୍ରଚଳିତ ନୀତି ଏବଂ ସୀମିତ ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଏ ବିଷୟରେ ବିଚାର କରାଯିବ ବୋଲି ଶ୍ରୀ ଭଞ୍ଜ ପ୍ରକାଶ କରିଥିଲେ ।

ଏହାପରେ ମନ୍ତ୍ରୀ ଗୋକ୍ରେଇ, ହାତୁରୀ, ହରିଜନ ସାହି, ପଞ୍ଚପଡ଼ା, ରଞ୍ଜାଗୋଳା, ଖଜୁରିଆ, କୁକୁଟା, ବାଦିମୁଣ୍ଡା ଓ ଖଜୁରିଆକଟା ସମେତ କେତେକ ଗ୍ରାମ ପରିଦର୍ଶନରେ ଯାଇ ସେଠାରେ ଥିବା ନଳକୂପଗୁଡ଼ିକର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ସଂପର୍କରେ ପଚାରି ବୁଝିଥିଲେ । ଖଜୁରିଆଠାରେ ଅଚଳ ହୋଇ ପଡ଼ିଥିବା ନଳକୂପର ତୁରନ୍ତ ମରାମତି କରିବା ଲାଗି ଶ୍ରୀ ଭଞ୍ଜ ସଂପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ ଉପରୋକ୍ତ ଗ୍ରାମର ନଳକୂପଗୁଡ଼ିକୁ ଆବଶ୍ୟକ ସ୍ଥଳେ ଅଧିକ ଗଭୀର କରିବା କିମ୍ବା ଅଧିକ ଉନ୍ନତ ସକ୍‌ସନ୍ ପାଇପ୍ ସଂଯୋଗ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇ କହିଲେ ଯେ, ଏତଦ୍ୱାରା ଅଧିକ ପାନୀୟ ଜଳ ମିଳିପାରିବ ।

---

## ରେଜିଷ୍ଟ୍ରେସନ ଫିସ୍ ଓ ଷ୍ଟାମ୍ପ୍ ଶୁଳ୍କ

୧୯୮୦ ମସିହା ଅପ୍ରେଲ ଠାରୁ ୧୯୮୫ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ରେଜିଷ୍ଟ୍ରେସନ ଫିସ୍ ଓ ଷ୍ଟାମ୍ପ୍ ଶୁଳ୍କ ବାବଦରେ ରାଜ୍ୟ ସରକାର ମୋଟ ୬୬ କୋଟି ୭୭ ଲକ୍ଷ ୩୫ ହଜାର ଟଙ୍କା ଆୟ କରିଛନ୍ତି । ଏଥି ମଧ୍ୟରୁ ରେଜିଷ୍ଟ୍ରେସନ୍ ଫିସ୍ ବାବଦରୁ ୧୨ କୋଟି ୬୬ ଲକ୍ଷ ୩୨ ହଜାର ଟଙ୍କା ଓ ଷ୍ଟାମ୍ପ୍ ଶୁଳ୍କରୁ ୫୩ କୋଟି ୫୦ ଲକ୍ଷ ୩ ହଜାର ଟଙ୍କା ଆୟ ହୋଇଛି ।

ରାଜ୍ୟରେ ବିଭିନ୍ନ ପ୍ରକାରର ଦଲିଲ ରେଜିଷ୍ଟ୍ରୀ ପାଇଁ ମୋଟ ୧୪ଟି ଜିଲ୍ଲା ସବ୍-ରେଜିଷ୍ଟ୍ରୀ ଅଫିସ, ୮୮ଟି ବିଭାଗୀୟ ରେଜିଷ୍ଟ୍ରୀ ଅଫିସ ଓ ୪୮ଟି ପଦ ପ୍ରମୁଖ (ଏକ୍‌ସ ଅଫିସିଓ) ସବ୍-ରେଜିଷ୍ଟ୍ରୀ ଅଫିସ ଅଛି ।

୧୯୭୭-୭୯ ମସିହା ଶେଷ ସୁଦ୍ଧା ରାଜ୍ୟରେ ୧୨୭ଟି ରେଜିଷ୍ଟ୍ରେସନ ଅଫିସ ଥିଲାବେଳେ ୧୯୮୫ ମସିହା ଶେଷସୁଦ୍ଧା ଏହା ୧୫୦କୁ ବୃଦ୍ଧି ପାଇଛି ।

ରାଜ୍ୟର ମୋଟ ୧୪୨ଟି ତହସିଲ ମଧ୍ୟରୁ ୧୭ଟି ତହସିଲ ପରିସୀମା ମଧ୍ୟରେ ଆଦୌ ରେଜିଷ୍ଟ୍ରେସନ୍ ଅଫିସ୍ ନାହିଁ । ଯେଉଁଠାରେ ରେଜିଷ୍ଟ୍ରୀ ଅଫିସ ନାହିଁ, ସେହି ତହସିଲଗୁଡ଼ିକ ହେଲ — ବଲାଙ୍ଗୀର ଜିଲ୍ଲାର ତୁଷରା, କଟକ ଜିଲ୍ଲାର କନିକା, ରାଜନଗର, କିଂଝାରପୁର, କଳାହାଣ୍ଡି ଜିଲ୍ଲାର ଥୁଆମୁଳ-ରାମପୁର, କୋରାପୁଟ ଜିଲ୍ଲାର ମାଛକୁଣ୍ଡ, କୋଡିଙ୍ଗା, ଡାବୁଗାଁ, ଓ ଚିତ୍ରକୁଣ୍ଡା, ଫୁଲବାଣୀ ଜିଲ୍ଲାର କଣ୍ଢମାଳ, ଦାରିଙ୍ଗବାଡି, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ଉଟ୍କଲି, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି, ଲେଫ୍ରିପଡ଼ା, ଏବଂ କେନ୍ଦୁଝର ଜିଲ୍ଲାର ଘଟଗାଁ ଓ ହାଟଡିହି ।

---

## ମାଛଚାଷ ସମ୍ପର୍କରେ ମହିଳାଙ୍କୁ ତାଲିମ

ଗତ ଅପ୍ରେଲ ୫ ତାରିଖଦିନ ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ କୁମାରୀ ଫ୍ରିଡ଼ା ଟୋପ୍ନୋ କୌଶଲ୍ୟାଗଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ଅନୁଷ୍ଠାନଟି ୧୯୭୭ ମସିହାଠାରୁ ମଧୁର ଜଳ ମତ୍ସ୍ୟଚାଷ ସମ୍ପର୍କରେ ୯୭ଟି ପାଠ୍ୟକ୍ରମ ସଙ୍ଗଠିତ କରିପାରିଛି ଓ ଏଥିରେ ୧୮୯୯ ଚାଷୀ, ୬୨୦ ଜଣ ମହିଳା ତାଲିମ ପାଇଛନ୍ତି । କ୍ଷେତ୍ର ପ୍ରସାରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଅନୁଷ୍ଠାନ ୧୩୭ଟି ପରିବାରକୁ ଏଥିପାଇଁ ଗ୍ରହଣ କରାଯାଇ ୨୮.୮୨ ହେକ୍ଟର ପରିମିତ ଜଳ ଅଞ୍ଚଳରେ ଏହି ପ୍ରସାରଣ କାର୍ଯ୍ୟକ୍ରମ କରାଉଛି । ଏତଦ୍‌ବ୍ୟତୀତ ପୁରୀ ଜିଲ୍ଲାର ୪୬ଟି ଗ୍ରାମରେ ଏହି ଅନୁଷ୍ଠାନ ଆଦର୍ଶ ମାଛଚାଷ ପାଇଁ ମତ୍ସ୍ୟଚାଷୀମାନଙ୍କୁ ପ୍ରୋତ୍ସାହନ ଦେଉଛି ।

---

## ନୂତନ ଶିଳ୍ପନୀତିରେ ସ୍ୱତନ୍ତ୍ର ସୁବିଧା

ରାଜ୍ୟ ସରକାର ଯେଉଁ ନୂତନ ଶିଳ୍ପନୀତି ପ୍ରଣୟନ କରିଛନ୍ତି, ସେଥିରେ ବୈଷୟିକ ତାଲିମ ପ୍ରାପ୍ତ ହରିଜନ ଓ ଆଦିବାସୀ ତଥା ମହିଳା ଉଦ୍ୟୋଗୀ, ମହିଳା ସମବାୟ ସମିତି ଏବଂ କାରିଗରମାନଙ୍କର ସମବାୟ ସମିତିକୁ ମିଆଦି ଋଣ ଉପରେ ଶତକଡ଼ା ଏକଭାଗ ସୁଧ ରିହାତି ପାଇଁ ସ୍ୱତନ୍ତ୍ର ସୁବିଧା ଦିଆଯିବ । ଏହା ବ୍ୟତୀତ କ୍ଷୁଦ୍ରଶିଳ୍ପ ପାଇଁ ସମ୍ଭାବ୍ୟ ରିପୋର୍ଟ ଉପରେ ରିହାତି ପୂର୍ବରୁ ଶତକଡ଼ା ଏକ ଭାଗ ଥିଲା । ବର୍ତ୍ତମାନ ତାହାକୁ ପାଞ୍ଚ ଲକ୍ଷ ଟଙ୍କା ପୁଞ୍ଜି ଲଗାଣ ହୋଇଥିବା ଶିଳ୍ପ ପାଇଁ ଶତକଡ଼ା ୨ଭାଗ ଏବଂ ୧୦ ଲକ୍ଷ ଟଙ୍କା ପୁଞ୍ଜି ଲଗାଣ ହୋଇଥିବା ଶିଳ୍ପ ପାଇଁ ଶତକଡ଼ା ୧.୫ ଭାଗକୁ ବୃଦ୍ଧି କରାଯାଇଛି ।

---

## ପାନୀୟ ଜଳ ଯୋଗାଣ ଯୋଜନାର ସମୀକ୍ଷା

ଗତ ଆର୍ଥିକ ବର୍ଷରେ ରାଜ୍ୟର ଜଳକ୍ଳିଷ୍ଟ ରୂପେ ଚିହ୍ନିତ ଓ ଅଣଚିହ୍ନିତ ଗ୍ରାମ ଏବଂ ସହରଗୁଡ଼ିକରେ ସମୁଦାୟ ୧୦,୦୧୫ଟି ନଳକୂପ ଖନନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୭,୦୫୬ଟି ନଳକୂପ ବସାଯାଇଛି । ଏତଦ୍ୱାରା ୩,୭୯୨ଟି ଗ୍ରାମ ସମେତ କେତେକ ସହରକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି ବୋଲି ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପ୍ରକାଶ ପାଇଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦମ୍ବରୁଧର ଉଲ୍କା ଅଧ୍ୟକ୍ଷତା କରିଥିଲେ । ଶାସନ ସଚିବ ଶ୍ରୀ ଶ୍ରୀନିବାସ ରଥଙ୍କ ସମେତ ପଦସ୍ଥ ଅଫିସର ଏବଂ ଜନସ୍ୱାସ୍ଥ୍ୟ ସଂସ୍ଥାର ଏସ୍.ଇ. ଓ ନିର୍ବାହୀ ଯନ୍ତ୍ରୀମାନେ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ସମୀକ୍ଷାରୁ ପ୍ରକାଶ ଯେ, ଜଳକ୍ଳିଷ୍ଟ ରୂପେ ଚିହ୍ନିତ ୩,୫୭୩ଟି ଗ୍ରାମରେ ଗତବର୍ଷ ୫,୮୨୪ଟି ନଳକୂପ ଏବଂ ୨୧୯ଟି ଅଣ-ଚିହ୍ନିତ ଗ୍ରାମରେ ୮୩୫ଟି ନଳକୂପ ବସାଯାଇଛି । ଏହା ବ୍ୟତୀତ ଜଳାଭାବ ଥିବା କେତେକ ସହରରେ ମଧ୍ୟ ୩୯୭ଟି ନଳକୂପ ବସାଯାଇଛି ।

ଗତ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ (୧୦,୦୧୫) ନଳକୂପ ମଧ୍ୟରୁ ବସାଯାଇ ନଥିବା ଅବଶିଷ୍ଟ ୩,୫୧୫ଟି ନଳକୂପକୁ ଚଳିତ ଆର୍ଥିକବର୍ଷ ମଧ୍ୟରେ ସଂପୂର୍ଣ୍ଣ କରାଯିବ । ଏହା ବ୍ୟତୀତ ଚଳିତ ବର୍ଷରେ ଏମ୍, ଏନ୍: ପି: ଏବଂ ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାୟ ୫,୮୦୦ଟି ନଳକୂପ ବସାଯାଇ ୩,୬୭୫ଟି ଜଳକ୍ଳିଷ୍ଟ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି । ଏ ବାବଦରେ ପ୍ରାୟ ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ ହେବ ।

ଏହି ବୈଠକରେ ସହରାଞ୍ଚଳ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି, ଭୂତଳ ନାଳ-ନର୍ଦ୍ଦମା ନିର୍ମାଣ, ଜଳକର ଆଦାୟ ଏବଂ ରିଗ୍ ମେସିନ୍‌ଗୁଡ଼ିକର ଉପଯୋଗ କରିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା ।

ପ୍ରାରମ୍ଭରେ ଶ୍ରୀ ଉଲକା ଉଦ୍‌ବୋଧନ ଦେଇ କହିଲେ ଯେ, ଜଳର ଅନ୍ୟ ନାମ 'ଜୀବନ' ହୋଇଥିବାରୁ ବିଭାଗୀୟ ଯନ୍ତ୍ରୀ, ଅଫିସର ଓ କର୍ମଚାରୀମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି । ଜଳ ଯୋଗାଣ ଅବ୍ୟାହତ ରଖିବା ଦିଗରେ ମନ୍ତ୍ରୀ ସେମାନଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ । ସେ ପୁଣି କହିଲେ ଯେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ସଂପୂର୍ଣ୍ଣ ଅକାମୀ ହୋଇ ପଡ଼ିଥିବା ନଳକୂପଗୁଡ଼ିକୁ ପୁନରାୟ ଖୋଳି ସେଠାରେ ନୂତନ ନଳକୂପ ବସାଇବା କାର୍ଯ୍ୟ ସଫଳ ହୋଇଛି । ଏହି

ତିନୋଟି ଜିଲ୍ଲାରେ ସମୁଦାୟ ୩୩୨ଟି ଅକାମୀ ନଳକୂପକୁ ବାହାର କରି ନୂତନ ନଳକୂପ ବସାଯାଇ ସାରିଲଣି । ଏ ବାବଦରେ ଏମ୍. ଏନ୍. ପି. ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବିନିଯୋଗ କରାଯିବ ବୋଲି ଶ୍ରୀ ଉଲାକା ସୂଚନା ଦେଇଥିଲେ ।

---

## ଚୌଦ୍ୱାର ଓ ଢେଙ୍କାନାଳରେ ବାସଗୃହ ନିର୍ମାଣ

ବିଭିନ୍ନ ଆୟକାରୀ ଗୋଷ୍ଠୀଙ୍କ ପାଇଁ ଚୌଦ୍ୱାରଠାରେ ୧୪୫ଟି ଓ ଢେଙ୍କାନାଳରେ ୨୨୨ଟି ବାସଗୃହର ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଏବଂ ପାନୀୟଜଳ ଓ ବିଦ୍ୟୁତ୍‌ଶକ୍ତି ଯୋଗାଣ ହୋଇନଥିବାରୁ ଗୃହଗୁଡ଼ିକ ବାସୋପଯୋଗୀ ହୋଇପାରୁନାହିଁ ।

ଗୃହନିର୍ମାଣ ଓ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡମ୍ବରୁଧର ଉଲାକା ଗତମାସ ଶେଷ ସପ୍ତାହରେ ସେହି ଦୁଇଟି ଗୃହ ନିର୍ମାଣ ପ୍ରକଳ୍ପ ପରିଦର୍ଶନକରି ତା'ର କାରଣ ଓ କେତେକ ସମସ୍ୟା ସଂପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ ।

ରାଜ୍ୟଗୃହ ନିର୍ମାଣ ସଂସ୍ଥାର ଉଦ୍ୟମରେ ଗତବର୍ଷ ସଂପୂର୍ଣ୍ଣ ହୋଇଥିବା ଚୌଦ୍ୱାର ପ୍ରକଳ୍ପ ବାବଦରେ ୪୯ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ କରାଯାଇଛି । ସେଠାରେ ଗୃହ ପାଇଥିବା ବ୍ୟକ୍ତିମାନେ ଉକ୍ତ ସଂସ୍ଥାର ଦେୟ ପଇଠ କରିଥିଲେ ମଧ୍ୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଅଭାବରୁ ଦଖଲ ନେଇପାରୁ ନାହାନ୍ତି ବୋଲି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହା ବ୍ୟତୀତ ଗୃହଗୁଡ଼ିକ ବନ୍ଦହୋଇ ରହିବା ଫଳରେ ଉଇ ଲାଗିବା ଓ ରକ୍ଷଣାବେକ୍ଷଣ ଅଭାବରୁ କେତେକ ଗୃହର କାଚ ଫାଟିଥିବାର ଲକ୍ଷ୍ୟ କରାଯାଇଥିଲା । କେତେକ ଗୃହରେ ରୋଷେଇ ଘର ନଥିବା ଓ ଉପଯୁକ୍ତ ଭାବରେ ପାଇଖାନା ନିର୍ମିତ ହୋଇନଥିବା ସଂପର୍କରେ ମଧ୍ୟ ଅଭିଯୋଗ ହୋଇଥିଲା ।

ସେହିପରି ୧୯୮୩ ମସିହାରୁ ଢେଙ୍କାନାଳ ଗୃହନିର୍ମାଣ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଗୁଡ଼ିକ ବାସୋପଯୋଗୀ ହୋଇପାରି ନାହିଁ ବୋଲି ଶ୍ରୀ ଉଲାକାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମନ୍ତ୍ରୀ ଏହି ବସତି ଅଂଚଳ ପରିଦର୍ଶନ କରିବାବେଳେ ବିଧାୟକ ଶ୍ରୀ ପ୍ରଫୁଲ୍ଲ କୁମାର ଭଂଜ ଓ ସ୍ଥାନୀୟ ପୌରସଂସ୍ଥାର ସଦସ୍ୟ ଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ରହି ଗୃହଗୁଡ଼ିକର ଦୁରବସ୍ଥା ଦେଖାଇଥିଲେ । ଏହି ପ୍ରକଳ୍ପ ଅନ୍ତର୍ଗତ ବହୁ ଘରର କାଚଫାଟି ମରାମତି ହୋଇଥିବା, ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ଦିଗରେ କୌଣସି ବ୍ୟବସ୍ଥା ହୋଇନଥିବା ଯୋଗୁଁ ଗୃହଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ଥିବାର ଲକ୍ଷ୍ୟ କରାଯାଇଥିଲା ।

ଏହି ପ୍ରକଳ୍ପ ଦୁଇଟିର ଗୃହସବୁ ବୁଲିଦେଖିବା ବେଳେ ଶ୍ରୀ ଉଲାକା ସେଗୁଡ଼ିକୁ ତୁରନ୍ତ ବାସୋପଯୋଗୀ କରାଯିବ ବୋଲି ସେଠାରେ ପ୍ରକାଶ କରିଥିଲେ । ତଦନୁଯାୟୀ ଏ ଦିଗରେ ଆଶୁ ପଦକ୍ଷେପ ନେବାଲାଗି ଗତ ଏପ୍ରିଲ ୫ତାରିଖରେ ସଚିବାଳୟଠାରେ ଶ୍ରୀ ଉଲାକାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ପ୍ରକଳ୍ପର ଗୃହଗୁଡ଼ିକୁ ପାନୀୟଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ସେଠାରେ ବସାଯାଇଥିବା ଗଭୀର ନଳକୂପକୁ ଚଳିତମାସ ୧୫ ତାରିଖ ସୁଦ୍ଧା ବିଦ୍ୟୁତ୍‌କରଣ କରାଯିବବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସ୍ଥାନୀୟ ରାସ୍ତାଗୁଡ଼ିକ ଆଲୋକିତ କରିବାଲାଗି ଆସନ୍ତା ଜୁନ୍ ମାସ ସୁଦ୍ଧା ବିଦ୍ୟୁତ୍‌ଶକ୍ତି ଯୋଗାଇଦେବାପାଇଁ ଶ୍ରୀ ଉଲାକା ରାଜ୍ୟ ବିଦ୍ୟୁତ୍ ବୋର୍ଡର ମୁଖ୍ୟପନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଏବାବଦରେ ପ୍ରାୟ ୩ଲକ୍ଷ ୭୧ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେହିପରି ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପକୁ ସହରପାଇଁ ଉଦ୍ଦିଷ୍ଟ ଜଳଯୋଗାଣ ଯୋଜନାରୁ ପାନୀୟଜଳ ଏବଂ ବିଦ୍ୟୁତ୍‌ବୋର୍ଡ ତରଫରୁ ପ୍ରକଳ୍ପ ନିକଟସ୍ଥ ରାସ୍ତାଗୁଡ଼ିକପାଇଁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବବୋଲି ବୈଠକରେ ନିଷ୍ପତ୍ତି କରାଯାଇଛି ।

## ଗଡ କୃଷ୍ଣ ପ୍ରସାଦଠାରେ ଜେଟି ନିର୍ମାଣ

ଚିଲିକା ହ୍ରଦ ଅନ୍ତର୍ଗତ ଗଡ଼ କୃଷ୍ଣ ପ୍ରସାଦଠାରେ ଚିଲିକା ଦ୍ୱୀପାଚଂଳ ଅଧିବାସୀମାନଙ୍କର ଯାତାୟତ ଓ ଚିଲିକାରେ ନୌବାଣିଜ୍ୟର ସୁବିଧା ସକାଶେ ରାଜ୍ୟ ସରକାରଙ୍କ ବାଣିଜ୍ୟ ବିଭାଗ ତରଫରୁ ଏକ ଜେଟି ନିର୍ମାଣପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥିରେ ରାଜ୍ୟ ପରିବହନ ଓ ବାଣିଜ୍ୟମନ୍ତ୍ରୀ ଶ୍ରୀ ଅନୁପସିଂହଦେଓ ପୌରୋହିତ୍ୟ କରିଥିଲେ ଏବଂ ରାଜ୍ୟ ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ଗଂଗାଧର ମହାପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦାନ କରିଥିଲେ ।

ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଅର୍ଥମନ୍ତ୍ରୀ ଚିଲିକା ହ୍ରଦକୁ ତଥା ଏ ଅଂଚଳର ବିକାଶ ପାଇଁ ସରକାରଙ୍କର ରହିଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା କହିଲେ ଯେ କେନ୍ଦ୍ର ସରକାରଙ୍କ ସହାୟତାରେ ଚିଲିକାକୁ ଏକ ଉତ୍କୃଷ୍ଟ ଧରଣର ପର୍ଯ୍ୟଟନ କେନ୍ଦ୍ର କରିବାକୁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହା ଅତିଶୀଘ୍ର ଆରମ୍ଭ କରାଯିବ । ଚିଲିକାର ପୂର୍ବତଟରେ ଥିବା ସାତପଡ଼ାଠାରେ ଏକ ବଡ଼ଧରଣର ପାନ୍ଥନିବାସ ନିର୍ମାଣକରିବା ସଂଗେ ସଂଗେ ପର୍ଯ୍ୟଟକମାନଙ୍କର ଗମନାଗମନ ପାଇଁ ପୁରୀ–ସାତପଡ଼ା ରାସ୍ତାର ବିକାଶ ଓ ଚିଲିକା ହ୍ରଦରେ ନୌବିହାର ପାଇଁ ଶକ୍ତିଚାଳିତ ବୋଟ୍ ଯୋଗାଇଦେବାର କାର୍ଯ୍ୟକ୍ରମ ଅଛି ।

ଚିଲିକା ଅଂଚଳ ଏକ ଅନୁନ୍ନତ ଅଂଚଳ ହୋଇଥିବାରୁ ଏହାର ବିକାଶପାଇଁ ସରକାରଙ୍କର ପୂର୍ଣ୍ଣ ସହାନୁଭୂତି ଅଛି ବୋଲି

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପ୍ରକାଶ କରିଥିଲେ । ଲୋକମାନଙ୍କର ବିଶେଷ ସୁବିଧା ପାଇଁ ଆଜି ଏକ ଜେଟି ସାତପଡ଼ାଠାରେ ଅତିଶୀଘ୍ର ଆରମ୍ଭ କରାଯିବବୋଲି ସେ ପ୍ରକାଶ କରିଥିଲେ ।

## ପ୍ରାନ୍ତୀୟ ଋଣ ବ୍ୟବସ୍ଥା

ରାଜ୍ୟ ହରିଜନ ଓ ଆଦିବାସୀ ଉନ୍ନୟନ ଅର୍ଥ ସମବାୟ ନିଗମ ଚଳିତ ଆର୍ଥିକ ବର୍ଷର ଡ଼ିସେମ୍ବରମାସ ଶେଷସୁଦ୍ଧା ୧୯୯୪ଟି ତଫସିଲଭୁକ୍ତ ଜାତିର ପରିବାରଙ୍କ ପାଇଁ ୧୩.୮୦ ଲକ୍ଷ ଟଙ୍କା ଓ ୨ ଟି ତଫ୍‌ସିଲଭୁକ୍ତ ଉପଜାତିର ପରିବାରଙ୍କ ପାଇଁ ୧.୦୮ ଲକ୍ଷ ଟଙ୍କା ପ୍ରାନ୍ତୀୟ ଋଣ ମଂଜୁର କରିଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ନିଗମ ତଫ୍‌ସିଲଭୁକ୍ତ ଜାତିମାନଂକର କୌଳିକ ବୃତ୍ତିକୁ ଦୃଷ୍ଟିରେ ରଖି ସେମାନଂକର ଅର୍ଥନୈତିକ ବିକାଶପାଇଁ ୩୬ଟି ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ତଫସିଲଭୁକ୍ତଜାତି ପରିବାରମାନଂକ ଆର୍ଥିକ ଉନ୍ନତିପାଇଁ ବିଭିନ୍ନ ଅର୍ଥନୈତିକ ପ୍ରକଳ୍ପମାନ କାର୍ଯ୍ୟକାରୀ କରିବା ସଂଗେ ସଂଗେ ଆୟୋଜନ ମଧ୍ୟ କରିଥାନ୍ତି । ଯେଉଁ ପ୍ରକଳ୍ପଗୁଡ଼ିକର ଅପୋନପ୍ରନିକ ଖର୍ଚ୍ଚ ୧୨ ହଜାର ଟଙ୍କାରୁ ଅଧିକ ହୋଇନଥିବ ସେହି ପ୍ରକଳ୍ପଗୁଡ଼ିକପାଇଁ ତଫସିଲଭୁକ୍ତଜାତିର ପରିବାରଂକୁ ଶତକଡ଼ା ୨୫ଭାଗ ଏବଂ ତଫସିଲଭୁକ୍ତ ଉପଜାତିର ପରିବାରଂକୁ ୧୫ଭାଗ ପ୍ରାନ୍ତୀୟ ଋଣ ମଂଜୁର କରାଯାଇଥାଏ । ଏହି ପ୍ରାନ୍ତୀୟ ଋଣ କାର୍ଯ୍ୟକାରୀ କରିବା ସକାଶେ ନିଗମ ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଂକ, ୩ଟି ସହାରାଂଚଳ ସମବାୟ ବ୍ୟାଂକ, ୭ଟି ଆଂଚଳିକ ଗ୍ରାମ୍ୟ ବ୍ୟାଂକ ଓ ୧୬ଟି ରାଷ୍ଟ୍ରାୟତ୍ତ ବ୍ୟବସାୟିକ ବ୍ୟାଂକ ସଂଗେ ଚୁକ୍ତିବଦ୍ଧ ହୋଇଛନ୍ତି ।

## ବକୁଳ ବନର ସୁରକ୍ଷା ପାଇଁ ବ୍ୟବସ୍ଥା

ଏକ ବ୍ୟାପକ କାର୍ଯ୍ୟକ୍ରମ କରିଆରେ ଉତ୍କଳମଣି ଗୋପବନ୍ଧୁ ଏବଂ ଓଡ଼ିଆ ଜାତୀୟତାର ମହାରଥୀ ପଂଚ-ସଖାଂକର ପବିତ୍ର ସ୍ମୃତିପୂତ ବକୁଳବନର ସୁରକ୍ଷା ଓ ଅଭିବୃଦ୍ଧି କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।


ବକୁଳବନର ସୁରକ୍ଷା ସଂପର୍କରେ ରାଜ୍ୟସଚିବାଳୟ-ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ବକୁଳବନକୁ ଓଡ଼ିଆଜାତିର ଏକ ମହାନ୍ ଆଦର୍ଶର ପ୍ରତୀକ ରୂପେ ବର୍ଣ୍ଣନାକରି ଏହାର ସୁରକ୍ଷା ଓ ଅଭିବୃଦ୍ଧିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନଂକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ରାଜ୍ୟ ଆଇନମନ୍ତ୍ରୀ ଶ୍ରୀ ଗଂଗାଧର ମହାପାତ୍ର ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳଚଂଦ୍ର ମହାପାତ୍ର ଓ ସାକ୍ଷୀଗୋପାଳ ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ରବି ଦାସ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ବର୍ତ୍ତମାନ ବକୁଳବନର ଆୟତନ ପ୍ରାୟ ୫୦ ଏକର ମଧ୍ୟରୁ ଏହାର ପାର୍ଶ୍ୱବର୍ତ୍ତୀ କେନାଲ ଓ ଗଡ଼ିଆକୁ ବାଦ ଦେଇ ପ୍ରାୟ ୪୦ ଏକର ଜମିରେ ବହୁଳ ଭାବରେ ବକୁଳ, ଝୁରିଅନା, ଚନ୍ଦନ, ନାଗେଶ୍ୱର, ତମାଳ ଓ ଚମ୍ପା ଆଦି ଗଛ ରୋପଣ କରାଯାଇ ବକୁଳବନର ବାତାବରଣକୁ ଅଧିକ ସୁନ୍ଦର ଓ ସୁଶୋଭିତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଏହି ବୈଠକରେ ମତ ପ୍ରକାଶ କରିଥିଲେ । ରାଜ୍ୟ ଦେବୋତ୍ତର ବିଭାଗ ପରିବର୍ତ୍ତେ ବକୁଳବନର ସୁରକ୍ଷା ଓ ଅଭିବୃଦ୍ଧିର ଦାୟିତ୍ୱ ଜଙ୍ଗଲ ବିଭାଗ ଉପରେ ନ୍ୟସ୍ତ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

ବକୁଳବନ ପାର୍ଶ୍ୱସ୍ଥିତ କେନାଲରୁ ଜମିରହୁଥିବା ପାଣିକୁ ବିନିଯୋଗକରି ୨/୩ଟି ପୋଖରୀ ନିର୍ମାଣ କରାଯିବ ଏବଂ ଏହି ପୋଖରୀମାନଂକରେ ମାଛଚାଷ କରାଯିବବୋଲି ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା । ବକୁଳବନର ପାର୍ଶ୍ୱବର୍ତ୍ତୀ ଜମିରେ ଜାଳେଣି କାଠଗଛ ଲଗାଯାଇ ସେହିକାଠକୁ ନିକଟବର୍ତ୍ତୀ ସାକ୍ଷୀ ଗୋପୀନାଥ ମଂଦିରର ବ୍ୟବହାର ପାଇଁ ଯୋଗାଇ ଦିଆଯିବବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହାଛଡ଼ା ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ସଂଗୀତ ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ଯୋଗାଇ ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା ।

## ସେଚ ପ୍ରକଳ୍ପ ଓ ବିଦ୍ୟୁତ୍ କେନ୍ଦ୍ର

ରାଜ୍ୟର ବିଭିନ୍ନ ସେଚ ପ୍ରକଳ୍ପ ଓ ବିଦ୍ୟୁତ୍‌କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା ଓ ସେ ସଂପର୍କିତ ସମସ୍ୟାବଳୀ ଉପରେ ରାଜ୍ୟର ବିଭାଗୀୟ ଇଂଜିନିୟରମାନେ ୯ ଗୋଟି ଗବେଷଣାମୂଳକ ସଂଦର୍ଭ ପ୍ରସ୍ତୁତ କରିଥିବା ଜଣାଯାଇଛି । ଆସନ୍ତା କାଲିଠାରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ତିନିଦିନିଆ କେନ୍ଦ୍ରୀୟ ସେଚ ଓ ଶକ୍ତି ବୋର୍ଡର ୫୩ତମ ବାର୍ଷିକ ଅଧିବେଶନରେ ଏହି ସଂଦର୍ଭ-ଗୁଡ଼ିକ ପାଠ କରାଯିବ । ସେଚ ଓ ଶକ୍ତି ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ କାର୍ଯ୍ୟକାରିତା କ୍ଷେତ୍ରରେ ଉଚ୍ଚମାନ ରକ୍ଷାକରିବା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରର ବିଭାଗୀୟ ଇଂଜିନିୟରମାନେ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହେଉଥିବା ଅଧିବେଶନରେ ମତ ବିନିମୟ କରିବା ସଙ୍ଗେ ସଙ୍ଗେ ଗବେଷଣାମୂଳକ ସଂଦର୍ଭମାନ ପାଠ କରନ୍ତି । ଚଳିତବର୍ଷ ସର୍ବମୋଟ୍ ୯୬ଟି ସଂଦର୍ଭ ପ୍ରସ୍ତୁତ ହୋଇଛି ଏବଂ ସେଥିମଧ୍ୟରେ ଓଡ଼ିଶାର ୯ଟି ସଂଦର୍ଭ ଅନ୍ତର୍ଭୁକ୍ତ ।



## ଶିଳ୍ପୋଦ୍ୟୋଗୀମାନଙ୍କୁ ଆର୍ଥିକ ସାହାଯ୍ୟ

କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆର୍ଥିକ ତଥା ବୈଷୟିକ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ସ୍ତରରେ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ସୋଚାଲ କମିଟି ଗଠନ କରାଯିବ ବୋଲି ରାଜ୍ୟ ସରକାରଙ୍କ ଘୋଷିତ ନୂତନ ଶିଳ୍ପନୀତିରେ ଉଲ୍ଲେଖ କରାଯାଇଛି । ସେଥିରେ ଜିଲ୍ଲାପାଳ, ଲିଡ୍‌ବ୍ୟାଙ୍କ ଅଫିସର, ସ୍ଥାନୀୟ ବିଦ୍ୟୁତ ବୋର୍ଡର ନିର୍ବାହୀ ଯନ୍ତ୍ରୀ, ରାଜ୍ୟ ଅର୍ଥ ନିଗମ ଓ ଇଡ୍‌କୋର ପ୍ରତିନିଧି ସଦସ୍ୟ ରହିବେ । ଜିଲ୍ଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଏହାର ଆବାହକ ରହିବେ । ଏହି କମିଟି ଦୁଇ ମାସରେ ଥରେ ବସି ସ୍ଥାନୀୟ ଶିଳ୍ପଗୁଡ଼ିକର ବିଭିନ୍ନ ସମସ୍ୟା ସମାଧାନ କରିବେ ।

---

## ଢେଙ୍କାନାଳ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା ଦ୍ୱାରା ଗତ ଆର୍ଥିକ ବର୍ଷର ଫେବୃୟାରୀ ଶେଷସୁଦ୍ଧା ଢେଙ୍କାନାଳ ଜିଲ୍ଲାରେ ୨,୧୫୮ ଜଣ ତଫସିଲଭୁକ୍ତ ଜାତି ଓ ୮୧୩ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୭,୨୭୨ ଜଣ ଉପକୃତ ହୋଇଛନ୍ତି । ଏ ବାବଦରେ ମୋଟ୍ ୮୨ ଲକ୍ଷ ୨୭ ହଜାର ଟଙ୍କା ବିନିଯୋଗ କରାଯାଇଛି । ଉପରୋକ୍ତ ଲୋକମାନଙ୍କୁ ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ବିଭିନ୍ନ ଧନ୍ଦା ଲାଗି ଏକ କୋଟି ୧୫ ଲକ୍ଷ ୩୨ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

---

## ମାପ ଓ ଓଜନ ଖିଲାପକାରୀଙ୍କ ବିରୁଦ୍ଧରେ

୧୯୮୫-୮୬ ଆର୍ଥିକ ବର୍ଷରେ କୋରାପୁଟ ଜିଲ୍ଲାରେ ମାପ ଓଜନରେ ଠକୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ୪୩୭ ମକଦ୍ଦମା ରୁଜୁ କରାଯାଇ ୧୫,୨୮୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ରୁଜୁ ହୋଇଥିବା ମକଦ୍ଦମା ମଧ୍ୟରୁ ବିଭାଗୀୟ କର୍ମଚାରୀଙ୍କ ତନଖି ଫଳରେ ୩୮୦ ଟି ମକଦ୍ଦମା ଏବଂ ଭ୍ରାମ୍ୟମାଣ ଅଦାଲତ କରିଥାରେ ୫୭ଟି ମକଦ୍ଦମା ।

ଜିଲ୍ଲାର ୧୭,୧୫୪ଟି ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହୃତ ମାପ ଓ ଓଜନ ତନଖି ଫଳରେ ଗତ ଆର୍ଥିକ ବର୍ଷରେ ୪ଲକ୍ଷ ୧୦ ହଜାର ୨୬୪ ଟଙ୍କା ଫିସ ଆଦାୟ କରାଯାଇଛି । ଆଦାୟ କରାଯାଇଥିବା ଫିସ୍ ମଧ୍ୟରୁ ଜିଲ୍ଲାର ୩୩୯ଟି ପୋଷ୍ଟ ଅଫିସ୍ ଏବଂ ୨୪ଟି ରେଲ ଷ୍ଟେସନରେ ବ୍ୟବହୃତ ମାପ ଓ ଓଜନ ମଧ୍ୟ ତନଖି କରାଯାଇଛି ।

---

## କୃଷକମାନଙ୍କୁ ସମବାୟ ଋଣ

ଋଣ ସମବାୟ ସମିତିମାନେ କୃଷକମାନଙ୍କୁ ସ୍ୱଳ୍ପକାଳୀନ, ମଧ୍ୟମକାଳୀନ ଓ ଦୀର୍ଘକାଳୀନ ଭିତ୍ତିରେ ଋଣ ଯୋଗାଇ ଆସୁଛନ୍ତି । ୧୯୮୫-୮୬ ଖରିଫ୍ ଋତୁରେ ଦିଆଯାଇଥିବା ୪୦ କୋଟି ୨୦ ଲକ୍ଷ ଟଙ୍କା ଋଣ ମଧ୍ୟରୁ କେବଳ ସ୍ୱଳ୍ପକାଳୀନ ଭିତ୍ତିରେ ନଗଦ ଆକାରରେ ୩୦ କୋଟି ୪୧ ଲକ୍ଷ ଟଙ୍କା ଦିଆଯାଇଛି । ଏହାଛଡ଼ା ସାର ଓ କୀଟନାଶକ ଔଷଧ ଆକାରରେ ୯ କୋଟି ୬୯ ଲକ୍ଷ ଟଙ୍କା ସ୍ୱଳ୍ପକାଳୀନ ଋଣ ଦିଆଯାଇଛି । ୧୯୮୫-୮୬ ରବି ଋତୁରେ (ଜାନୁଆରୀ ଶେଷ ସୁଦ୍ଧା) ୭ କୋଟି ୩୬ ଲକ୍ଷ ଟଙ୍କା ସ୍ୱଳ୍ପକାଳୀନ ଋଣ ମଞ୍ଜୁର କରାଯାଇଛି । ଦୀର୍ଘକାଳୀନ ଋଣ ବାବଦରେ ଏକ କୋଟି ୧୬ ଲକ୍ଷ ଟଙ୍କା ଏବଂ ମଧ୍ୟମକାଳୀନ ଋଣ ବାବଦରେ ୮୮ ଲକ୍ଷ ଟଙ୍କା ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ।

---


## କପାଚାଷ

ରାଜ୍ୟରେ ସ୍ଥାପିତ ହୋଇଥିବା ସୂତାକଳ ଅଞ୍ଚଳରେ କପାଚାଷ ସଂପ୍ରସାରଣ କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଗୋଟିଏ ସ୍ୱତନ୍ତ୍ର କପାଚାଷ ଯୋଜନା ରାୟଗଡ଼ା, ଉମରକୋଟ, ବଲାଙ୍ଗୀର ଓ ଭବାନୀପାଟଣା ଅଞ୍ଚଳରେ ପ୍ରବର୍ତ୍ତନ କରାଯାଇଛି । ପ୍ରତ୍ୟେକ ସ୍ଥାନରେ ଆରମ୍ଭରେ ୧୨୦୦ ହେକ୍ଟର ଜମିରେ କପାଚାଷ କରାଯିବା ପାଇଁ ବ୍ୟବସ୍ଥା ହୋଇଛି । ୧୯୮୫-୮୬ ମସିହା (ଜାନୁଆରୀ ୮୬ ସୁଦ୍ଧା) ରେ ୩୦୦୦ ବେଲ ତୁଳା ଉତ୍ପାଦନ ହୋଇଛି । ଚଳିତ ବର୍ଷ ୭୦୦୦ ବେଲ ତୁଳା ଉତ୍ପାଦନ ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚାଷୀମାନଙ୍କୁ ରିହାତି ହାରରେ କପାମଞ୍ଜି ଯୋଗାଇ ଦିଆଯାଉଛି । ଗତ ବର୍ଷ ୪୦୧ କୁଇଣ୍ଟାଲ ମଞ୍ଜି ରିହାତି ହାରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା ।

---

## ରାସାୟନିକ ସାର

ଅନ୍ୟ ଜିଲ୍ଲା ଅପେକ୍ଷା ସମ୍ବଲପୁର ଜିଲ୍ଲାରେ ଅଧିକ ସାର ବ୍ୟବହାର ହେଉଛି । ଗତ ଜାନୁଆରୀ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବମୋଟ ୧୨,୪୦୧ ମେଟ୍ରିକ୍ ଟନ୍ ରାସାୟନିକ ସାର ବ୍ୟବହାର କରାଯାଇଛି । ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ଗତ ଜାନୁଆରୀ ମାସରେ ସମ୍ବଲପୁର ଜିଲ୍ଲାରେ ୪୬୨୧ ମେଟ୍ରିକ ଟନ୍, କଟକ ଜିଲ୍ଲାରେ ୧୭୫୨ ମେଟ୍ରିକ୍ ଟନ୍, ପୁରୀ ଜିଲ୍ଲାରେ ୧୧୩୮ ମେଟ୍ରିକ ଟନ୍, ଗଞ୍ଜାମରେ ୧୦୯୬ ମେଟ୍ରିକ୍ ଟନ୍ ରାସାୟନିକ ସାର ବ୍ୟବହାର କରାଯାଇଛି । ଏତଦ୍‌ବ୍ୟତୀତ



ବାଲେଶ୍ୱର ଜିଲ୍ଲାରେ ୮୩୩ ମେଟ୍ରିକ୍ ଟନ୍, ଢେଙ୍କାନାଳରେ ୫୦୬ ମେଟ୍ରିକ୍ ଟନ୍, ସୁନ୍ଦରଗଡରେ ୪୪୮ ମେଟ୍ରିକ୍ ଟନ୍, ମୟୂରଭଞ୍ଜରେ ୪୧୦ ମେଟ୍ରିକ୍ ଟନ୍, କେନ୍ଦୁଝରରେ ୨୩୯ ମେଟ୍ରିକ୍ ଟନ୍, କୋରାପୁଟରେ ୧୯୪ ମେଟ୍ରିକ୍ ଟନ୍, ଫୁଲବାଣୀରେ ୮୪ ମେଟ୍ରିକ୍ ଟନ୍ ଏବଂ କଳାହାଣ୍ଡି ଜିଲ୍ଲାରେ ୪୨ ମେଟ୍ରିକ୍ ଟନ୍ ସାର ବ୍ୟବହାର କରାଯାଇଛି ।

## ବାଲେଶ୍ୱର ସହରର ଉନ୍ନୟନ

କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ତଥା ଆର୍ଥିକ ସହାୟତାରେ ଓଡ଼ିଶାର ବାଲେଶ୍ୱର ସମେତ ୬ଟି ସହରରେ କାର୍ଯ୍ୟକାରୀ ହେଉଥିବା 'କ୍ଷୁଦ୍ର ଓ ମଧ୍ୟମ ସହର ଉନ୍ନୟନ କାର୍ଯ୍ୟକ୍ରମ 'ଅନୁଯାୟୀ ବାଲେଶ୍ୱର ସହରର ବିକାଶ ଲାଗି ସମୁଦାୟ ୯୩ ଲକ୍ଷ ୧୩ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ତନ୍ମଧ୍ୟରେ ୩୯ ଲକ୍ଷ ୭୭ ହଜାର ଟଙ୍କା କେନ୍ଦ୍ରୀୟ ଋଣ ଓ ୨୧ ଲକ୍ଷ ୭୦ ହଜାର ୫୦୦ ଟଙ୍କା ରାଜ୍ୟ ସରକାରଙ୍କ ସାହାଯ୍ୟ ଅନ୍ତର୍ଭୁକ୍ତ । ଅବଶିଷ୍ଟ ୩୧ ଲକ୍ଷ ୬୬ ହଜାର ୫୦୦ ଟଙ୍କା ଜମି ଓ ନଗଦ ଅର୍ଥ ଆକାରରେ ସ୍ଥାନୀୟ ପୌର ସଂସ୍ଥା ଏବଂ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷଙ୍କ ତରଫରୁ ଯୋଗାଇ ଦିଆଯାଇଛି ।

ଗତ ମାର୍ଚ୍ଚ ମାସ ସୁଦ୍ଧା ଏହି ସହରରେ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ବାବଦରେ ସମୁଦାୟ ୭୮ଲକ୍ଷ ୭୭ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଏକ ସମୀକ୍ଷାରୁ ପ୍ରକାଶ ଯେ ବାଲେଶ୍ୱରର ପିରିଙ୍ଗି ପାଟଣା, କାଳିଦାସପୁର ଓ ଗୋପାଳ ଗାଁଠାରେ ସମୁଦାୟ ୧୬ ଏକର ୪୪ ଡେସିମିଲି ଜମିରେ ୩୬୩ଟି ଗୃହ ନିର୍ମାଣ ଉପଯୋଗୀ ପ୍ଲଟ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଆଜିସୁଦ୍ଧା ପ୍ରସ୍ତୁତ ହୋଇଥିବା ୬୯୨ଟି ପ୍ଲଟ ମଧ୍ୟରୁ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଓ ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ସମେତ ଅନ୍ୟାନ୍ୟ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ୨୩୩ଟି ପ୍ଲଟ ବିକ୍ରୟ କରାଯାଇଛି । ଏହା ବ୍ୟତୀତ ସେହିସବୁ ପ୍ଲଟ ଅଞ୍ଚଳରେ ରାସ୍ତା ନିର୍ମାଣ, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ସେହିପରି ଓ : ଟି: ରୋଡ୍, ପିରିଙ୍ଗି ପାଟଣା, ବିଶ୍ୱରଞ୍ଜ ଓ ମଣ୍ଡଳ ମାର୍କେଟଠାରେ ଏକ ଏକର ୭୧ ଡେସିମିଲି ଜମିରେ ସମୁଦାୟ ୧୩୬ଟି ଦୋକାନ ଘର ନିର୍ମିତ ହୋଇ ତନ୍ମଧ୍ୟରୁ ୮୧ଟି ଦୋକାନ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଭଡ଼ା ସୂତ୍ରରେ ଦଖଲ ଦିଆଯାଇଛି । ୩'୩୨ କି: ମି: ଦୈର୍ଘ୍ୟର ପୋର୍ଟରୋଡ୍ ଓ ବିଷ୍ଣୁଲରୀ ରୋଡ୍ ଦୁଇଟିର ମଧ୍ୟ ସଂପ୍ରସାରଣ ତଥା ବିକାଶ କରାଯାଇଛି ।

## ବେକାର ଅନ୍ୱେଷଣକାରୀଙ୍କୁ ବୃତ୍ତିଗତ ମାର୍ଗ ପ୍ରଦର୍ଶନ

ଜିଲ୍ଲା କର୍ମ ଯୋଗାଣ ସଂସ୍ଥା ଉପରେ ସାମାଜିକ ଦାୟିତ୍ୱ ନ୍ୟସ୍ତ ହୋଇଥିବାରୁ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାମ ରେଜେଷ୍ଟ୍ରିକରଣ ଓ ରେଜେଷ୍ଟ୍ରିଭୁକ୍ତ ନାମ ସୁପାରିଶ ସମେତ ଏହି ସଂସ୍ଥା ବହୁ ବେକାରଙ୍କ ଫଳପ୍ରଦ ନିଯୁକ୍ତି ପାଇଁ ବୃତ୍ତିଗତ ମାର୍ଗ ପ୍ରଦର୍ଶନ କରିଥାଏ । ବେକାର ବ୍ୟକ୍ତି ଓ ସ୍କୁଲ, କଲେଜର ଛାତ୍ର ଛାତ୍ରୀମାନଙ୍କୁ ବୃତ୍ତିଗତ ମାର୍ଗ ପ୍ରଦର୍ଶନ ପାଇଁ ତାଲିମ ସୁବିଧା ତଥା ସମ୍ଭାବ୍ୟ ଜୀବିକା ଉପାର୍ଜନ ଓ ଅନ୍ୟ ନିଯୁକ୍ତି ସଂପର୍କରେ ଏହି ସଂସ୍ଥା ତରଫରୁ ସୂଚନା ଦିଆଯାଇଥାଏ ।

ଏହି ଅନୁଯାୟୀ ସଂସ୍ଥା ତରଫରୁ ୧୯୮୫ ମସିହାରେ ୨୬,୨୨୩ ଜଣ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଏବଂ ୨୭,୦୫୧ଜଣ ଦରଖାସ୍ତକାରୀ ରେଜେଷ୍ଟ୍ରିକରଣ ସମୟରେ ବୃତ୍ତିଗତ ମାର୍ଗ ସଂପର୍କରେ ସୂଚନା ପାଇଥିଲେ । ସେହିପରି ଆୟୋଜିତ ୨,୯୩ଟି ଆଲୋଚନା ବୈଠକରେ ୨୧,୪୬୭ଜଣ ଦରଖାସ୍ତକାରୀ ଯୋଗ ଦେଇଥିଲେ । ଏହାଛଡା ସ୍କୁଲ କଲେଜରେ ୧୬୯ଟି ଶିକ୍ଷାଗତ ଆଲୋଚନା ବୈଠକର ଆୟୋଜନ କରାଯାଇଥିଲା । ୬,୬୨୦ ଜଣ ଦରଖାସ୍ତକାରୀଙ୍କୁ ଶିକ୍ଷାନବିଶ ତାଲିମ ନିମନ୍ତେ ମଧ୍ୟ ପ୍ରେରଣ କରାଯାଇଥିଲା ।

## ସାଳନ୍ଦୀ ସେତୁର ଶିଳାନ୍ୟାସ

ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ମହମଦ୍ ମୁଜାଫର ହୋସେନ୍ ଖାଁ ଗତ ଏପ୍ରେଲ ୨୬ ତାରିଖରେ ତିହିଡି ବ୍ଲକର ଚଇଁଶପଡ଼ାଠାରେ ସାଳନ୍ଦୀ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି ।

ଏ ଉପଲକ୍ଷେ ସେଠାରେ ଅନୁଷ୍ଠିତ ଏକ ବିରାଟ ଜନ ସମାବେଶରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ପୂର୍ତ୍ତମନ୍ତ୍ରୀ କହିଲେ ଯେ ଏହି ଅଞ୍ଚଳରେ ରାସ୍ତାଘାଟର ବିକାଶ ଦିଗରେ ପୂର୍ବରୁ ଧ୍ୟାନ ଦିଆଯାଇ ନଥିଲା । ସେ ଦୃଷ୍ଟିରୁ ଗତ ୫ ବର୍ଷ ମଧ୍ୟରେ ସରକାର ରାସ୍ତା ଯୋଗାଯୋଗର ଉନ୍ନତି ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ସମଗ୍ର ରାଜ୍ୟରେ ରାସ୍ତା ଓ ସେତୁ ନିର୍ମାଣ ଏବଂ ରାସ୍ତା ଉନ୍ନୟନ ବାବଦରେ ବ୍ୟୟ ବରାଦ କରାଯାଇଥିବା ସମୁଦାୟ ଅର୍ଥର ପ୍ରାୟ ଶତକଡ଼ା ୯୦ ଭାଗ ସେତୁ ନିର୍ମାଣ ଓ ଅବଶିଷ୍ଟ ୧୦ ଭାଗ ଅର୍ଥ ରାସ୍ତାଗୁଡ଼ିକର ଉନ୍ନୟନ ଲାଗି ବ୍ୟୟ କରିବାକୁ ସରକାର ନୀତିଗତ ଭାବରେ ନିଷ୍ପତ୍ତି କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଏହା ବ୍ୟତୀତ ଗମନାଗମନ ଦିଗରେ ଅବହେଳିତ ଅଞ୍ଚଳ ଏବଂ ୧,୫୦୦ ଓ ତଦୁର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ପୂର୍ତ୍ତମନ୍ତ୍ରୀ ସୂଚନା ଦେଇଥିଲେ । ତିହିଡି–ବିଲଣା ରାସ୍ତାକୁ ପିଚୁ କରାଯିବ ବୋଲି ସେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ।

ସ୍ଥାନୀୟ ବିଧାୟକ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ବିଧାୟକ ଶ୍ରୀ ପଦ୍ମଲୋଚନ ପଣ୍ଡା ଓ ପଞ୍ଚାୟତ ସମିତିର ଚେୟାରମ୍ୟାନ 'ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ପୂର୍ତ୍ତମନ୍ତ୍ରୀ ଇ: ଆର୍: ଆର୍: ପି: ଏବଂ ଆଇ: ଆର୍: ଡି: ଯୋଜନାନୁଯାୟୀ ୨୦ଜଣ ଦରିଦ୍ର ଲୋକଙ୍କୁ ଋଣ ବଣ୍ଟନ କରିଥିଲେ ।

ପୂର୍ତ୍ତମନ୍ତ୍ରୀ ମିର୍ଜାପୁରଠାରେ ନିମ୍ନ ପ୍ରାଥମିକ ସ୍କୁଲର ଏକ ନୂତନ ଗୃହ ଉଦ୍‌ଘାଟନ କରିଥିଲେ । ସେଠାରେ ବିଧାୟକ ଶ୍ରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନ୍ୟ ଏକ ସଭାରେ ପୂର୍ତ୍ତମନ୍ତ୍ରୀ କହିଲେ ଯେ ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁ ସଂପ୍ରଦାୟ ଲୋକମାନଙ୍କରକଲ୍ୟାଣ ଦିଗରେ ବିଶେଷ ଧ୍ୟାନ ଦେଇଛନ୍ତି । ତଦନୁଯାୟୀ ଓ୍ୱାକଫ୍ ବୋର୍ଡର ମାଧ୍ୟମରେ ସେହି ସଂପ୍ରଦାୟ ଲୋକଙ୍କ ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି ବୋଲି ସେ ଦର୍ଶାଇଥିଲେ । ଏହା ବ୍ୟତୀତ ଉର୍ଦ୍ଦୁ ଭାଷାର ବିକାଶ ଲାଗି ଗୋଟିଏ ଉର୍ଦ୍ଦୁ ଏକାଡେମୀ ସ୍ଥାପିତ ହୋଇଛି । ଏହି ସଭାରେ ପୂର୍ତ୍ତମନ୍ତ୍ରୀ ୫୬ଟି ଦରିଦ୍ର ପରିବାରଙ୍କୁ ଶାଢ଼ୀ ଓ ଲୁଗାପଟା ବଣ୍ଟନ କରିଥିଲେ ।

ସେ ଦିନ ପୂର୍ତ୍ତମନ୍ତ୍ରୀ ମଧ୍ୟ ତାଳପଦା ଓ ଆଦିବାସୀ ହରିଜନ ବହୁଳ କାଁପଡା ଗ୍ରାମ ପରିଦର୍ଶନରେ ଯାଇ ସ୍ଥାନୀୟ ସମସ୍ୟାବଳୀ ସଂପର୍କରେ ଅନୁଧ୍ୟାନ କରିଥିଲେ ।

---

## ଶିଳ୍ପଋଣର ସଦୁପଯୋଗ

ଜିଲ୍ଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜରମାନେ ପ୍ରତି ତିନିମାସରେ ସଂପୃକ୍ତ ଜିଲ୍ଲାର ପ୍ରତ୍ୟେକ କ୍ଷୁଦ୍ରଶିଳ୍ପ ଅନୁଷ୍ଠାନ ପରିଦର୍ଶନ କରି ସେଗୁଡ଼ିକର କାର୍ଯ୍ୟ, ସମସ୍ୟା ତଥା ସରକାରୀ 'ସୁବିଧା ସୁଯୋଗ ଓ ନେଇଥିବା ଋଣର ସଦୁପଯୋଗ ସଂପର୍କରେ ସମୀକ୍ଷା କରିବେ । ରାଜ୍ୟ ଅର୍ଥ ନିଗମ, ଇପିକଲ୍ ଆଦି ସଂସ୍ଥା ମଧ୍ୟ ତାଙ୍କଠାରୁ ଋଣ ଇତ୍ୟାଦି ପାଇଥିବା ଶିଳ୍ପକୁ ଅନୁରୂପ ପରିଦର୍ଶନ ଓ ସମୀକ୍ଷା କରିବେ । ରାଜ୍ୟ ସରକାରଙ୍କର ନୂତନ ଶିଳ୍ପନୀତି (୧୯୮୬)ରେ ଏଥିପ୍ରତି ଗୁରୁତ୍ୱ ଦିଆଯାଇଛି ।

---

## ପ୍ରକୃତି ମିତ୍ର ପୁରସ୍କାର

ଗତବର୍ଷ ପରିବେଶ ସୁରକ୍ଷା କ୍ଷେତ୍ରରେ, ଯଥା—ଜଙ୍ଗଲ ପଶୁପକ୍ଷୀ, ଗୋମହିଷାଦିଙ୍କ ପାଇଁ ଘରଣ ଭୂମି ସଂରକ୍ଷଣ ଓ ପରିମଳର ଉନ୍ନତି ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ପ୍ରତି ଜିଲ୍ଲାର ସର୍ବୋତ୍କୃଷ୍ଟ ଗୋଟିଏ ଗ୍ରାମ ଓ ଏକ ସେଚ୍ଛାସେବୀ ଅନୁଷ୍ଠାନକୁ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯିବ । ଏହି ଆର୍ଥିକ ପୁରସ୍କାରର ପରିମାଣ ପାଞ୍ଚହଜାର ଟଙ୍କା ଏବଂ ଏଥିସହିତ ଏକ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ ।

ନିଜ ନିଜ ଜିଲ୍ଲାରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଗ୍ରାମ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନାମ ଚଳିତ ମାସ ୧୫ ତାରିଖ ସୁଦ୍ଧା ପଠାଇବା ପାଇଁ ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗ ତରଫରୁ ଜିଲ୍ଲା ପରିବେଶ ସମିତିମାନଙ୍କୁ ଜଣାଇ ଦିଆଯାଇଛି । ଯୋଗ୍ୟ ବିବେଚିତ ଗ୍ରାମ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଆସନ୍ତା ଜୁନ ୫ ତାରିଖ ଦିନ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ ।

---

## ଫଟୋ ଭୋଲ୍‌ଟୀୟ ପଦ୍ଧତି

ଭାରତ ସରକାରଙ୍କ ଏକ କାର୍ଯ୍ୟକ୍ରମ ଅନୁଯାୟୀ କଟକ ଜିଲ୍ଲାରେ ୭ ଗୋଟି ଏବଂ ପୁରୀ ଜିଲ୍ଲାରେ ୬ ଗୋଟି ଫଟୋ ଭୋଲ୍‌ଟୀୟ ପଦ୍ଧତି ଅନୁସରଣ କରାଯାଇ ସୌରଶକ୍ତି ସାହାଯ୍ୟରେ ଭୂଗର୍ଭସ୍ଥ ଜଳ ଉତ୍ତୋଳନ ଓ ସେଚନ କରାଯିବାର ବ୍ୟବସ୍ଥା କରାଯାଉଛି । ଢେଙ୍କାନାଳ ଜିଲ୍ଲାର ୩ ଗୋଟି ଗ୍ରାମରେ ଏହି ପଦ୍ଧତି ଅନୁଯାୟୀ ଗ୍ରାମ୍ୟ ରାସ୍ତାରେ ଆଲୋକ ଯୋଗାଇ ଦିଆଯାଇଛି । ବିଦ୍ୟୁତଶକ୍ତି ଯାଇପାରି ନଥିବା କେତୋଟି ଗ୍ରାମରେ ୨୩ ଗୋଟି ଆଲୋକ ସ୍ତମ୍ଭରେ ଏହି ପଦ୍ଧତି ଦ୍ୱାରା ଆଲୋକ ଦିଆଯାଇ ସରିଛି ।

## ହେମଗିରି ତହସିଲର ନୂତନ ଗୃହ

ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ତହସିଲପାଇଁ ୩ଲକ୍ଷ ୮ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ନୂତନ ଗୃହ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ସଂପ୍ରତି ହେମଗିରିଠାରେ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ କହିଲେ ଯେ ଆଦିବାସୀ ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ସରକାର ବଦ୍ଧପରିକର ଏବଂ ଏଥିପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକରୁ ଆଦିବାସୀ ତଥା ଦୁର୍ବଳ ଶ୍ରେଣୀ ଲୋକମାନେ ଯେପରି ସୁଫଳ ପାଇପାରିବେ, ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର ।

ହେମଗିରିଠାରେ ଗୋଟିଏ ସବ୍-ଟ୍ରେଜେରୀ ସ୍ଥାପନ ପାଇଁ ସରକାର ସହାନୁଭୂତିର ସହିତ ବିଚାର କରିବେ ବୋଲି ସେ ଘୋଷଣା କରିଥିଲେ ।

ହେମଗିରି ତହସିଲ ତରଫରୁ ଗତ ଦୁଇବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶ୍ରୀ ପଟ୍ଟନାୟକ ସେ ଅଞ୍ଚଳର ୪ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ୭୪ ଜଣ ଭୂମିହୀନ ଲୋକଙ୍କୁ ଭୂମିପଟ୍ଟା ପ୍ରଦାନ କରିଥିଲେ ।



ଲୋକସଭା ସଦସ୍ୟ ଶ୍ରୀ ମୋରିସ୍ କୁଜୁର ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସୁନ୍ଦରଗଡ ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ପଟନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ।

ଏଠାରେ ସ୍ମରଣ କରାଯାଇପାରେ ଯେ ୧୯୬୫ ମସିହାରେ ହେମଗିରିଠାରେ ଗୋଟିଏ ତହସିଲ ଖୋଲାଯାଇଛି ଏବଂ ଏହା ୧୩୮ଟି ଗ୍ରାମ ଓ ୯ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ । ଏହି ତହସିଲ୍ର ମୋଟ ଲୋକସଂଖ୍ୟାରୁ ପ୍ରାୟ ୭୦ ଭାଗରୁ ଅଧିକ ହେଉଛନ୍ତି ଆଦିବାସୀ ଓ ଅନ୍ୟାନ୍ୟ ତଫସିଲଭୁକ୍ତ ଜାତି ।

## ଜାତୀୟ ସ୍ୱାର୍ଥ ସାଧନ ଲାଗି ପ୍ରସ୍ତାବିତ ଶିକ୍ଷାନୀତି

ସମଗ୍ର ଦେଶରେ ପ୍ରଚଳିତ ହେବାକୁ ଯାଉଥିବା ନୂତନ ଶିକ୍ଷାନୀତି ଜାତୀୟ ସମ୍ମାନ ତଥା ଗୌରବ ରକ୍ଷା କରି ଏ ଏକତା ଓ ସାଂପ୍ରଦାୟିକ ସଦ୍ଭାବ ସୁଦୃଢ଼ କରିବା ଏବଂ ଭବିଷ୍ୟତ ବଂଶଧରମାନଙ୍କୁ ସୁନାଗରିକ କରିବା ଦିଗରେ ବାସ୍ତବିକ ସହାୟକ ହେବ ବୋଲି ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ ଦୃ ଆଶା ପ୍ରକାଶ କରିଛନ୍ତି ।

ବାଲିଅନ୍ତା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦ୍ବୋଧନ ଦେଇ ଦେଶ ଓ ଆନ୍ତର୍ଜାତିକ ପରିପ୍ରେକ୍ଷୀରେ ପ୍ରସ୍ତାବିତ ଶିକ୍ଷାନୀତି ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ରାଉତ ଦର୍ଶାଇଥିଲେ । ସେ କହିଲେ ଯେ ଯୁବ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱରେ ଭାରତବର୍ଷ ପରି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ବର୍ତ୍ତମାନ ବିଶ୍ୱ ଦରବାରରେ ବୃଦ୍ଧି ପାଇଛି । ଏହାକୁ ଅକ୍ଷୁର୍ଣ୍ଣ ରଖିବା ଓ ଦେଶର ଆଭ୍ୟନ୍ତରୀଣ ଶକ୍ତି ଏବଂ ସମ୍ବଳ ବୃଦ୍ଧି କରିବାକୁ ହେଲେ ଯୁବ ସମାଜକୁ ଯୁଗୋପଯୋଗୀ ଶିକ୍ଷା ଦେବା ଉପରେ ଶ୍ରୀ ରାଉତ ଗୁରୁତ୍ୱ ଆରୋପ କରିଥିଲେ । ପ୍ରଚଳିତ ଶିକ୍ଷା ପଦ୍ଧତି ଯୁବ ସମାଜ ମଧ୍ୟରେ ଆତ୍ମ ବିଶ୍ୱାସ ସୃଷ୍ଟି କରିପାରୁ ନାହିଁ ଏବଂ ବେକାରୀ-ଦାରିଦ୍ର୍ୟ ବିଲୋପ କରିବା ଦିଗରେ ସହାୟକ ହେଉନାହିଁ ବୋଲି ଦର୍ଶାଇ ନୂତନ ଶିକ୍ଷା ନୀତି ପ୍ରଚଳିତ ହେଲେ ଜାତୀୟ ଆବଶ୍ୟକତା ପୂରଣ ହେବା ସଙ୍ଗେ ସଙ୍ଗେ ଯୁବ ସମାଜ ମଧ୍ୟରେ ନୂତନ ମୂଲ୍ୟବୋଧ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଭାଷଣ ପ୍ରସଙ୍ଗରେ ଶ୍ରୀ ରାଉତ କହିଲେ ଯେ ଓଡ଼ିଶାରେ ବର୍ତ୍ତମାନ ନିରକ୍ଷରଙ୍କ ସଂଖ୍ୟା ଶତକଡ଼ା ୬୬ ଭାଗ । ଅବଶିଷ୍ଟ ୩୪ ଭାଗ ଶିକ୍ଷିତ ବ୍ୟକ୍ତି ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ଦାରିଦ୍ର୍ୟ-ବେକାରୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ କେତେ ଦୂର ସହାୟକ ହେଉଛନ୍ତି, ତାହାକୁ ଅନୁଧ୍ୟାନ କରିବା ଆବଶ୍ୟକ । ଯେଉଁ ଶିକ୍ଷିତ ବ୍ୟକ୍ତିମାନେ ରାଜ୍ୟର ସାମୂହିକ ସ୍ୱାର୍ଥ ବ୍ୟାହତ କରୁଛନ୍ତି ଏବଂ ନିଜର ସ୍ୱାର୍ଥ ସାଧନ ଲାଗି ସାଧାରଣ ଅର୍ଥ ତୋଷରପଂ କରୁଛନ୍ତି, ସେମାନଙ୍କର ଯଥାର୍ଥ ଶିକ୍ଷା ହୋଇନାହିଁ ବୋଲି ସେ ମତ ବ୍ୟକ୍ତ କରିଥିଲେ ।


ଏହି ଉତ୍ସବରେ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ବହୁ ପଦସ୍ଥ ଅଫିସର ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ସୂଚନା କେନ୍ଦ୍ରଗୁଡ଼ିକ ସଂସ୍କୃତି ସୁରକ୍ଷା କେନ୍ଦ୍ର ଭାବେ କାର୍ଯ୍ୟ କରିବ

ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠା କରାଯାଉଥିବା ସୂଚନା କେନ୍ଦ୍ରଗୁଡ଼ିକ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସୁରକ୍ଷା କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ ପ୍ରକାଶ କରିଛନ୍ତି ।

ଗତ ମଇ ୨୬ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ଚଂପୁଆଠାରେ ଲୋକ ସଂପର୍କ ବିଭାଗ ତରଫରୁ ପ୍ରତିଷ୍ଠିତ ଏକ ସୂଚନା କେନ୍ଦ୍ର ଓ ପାଠାଗାର ଉଦ୍ଘାଟନ କରି ଶ୍ରୀ ରାଉତ କହିଲେ ଯେ ଜ୍ଞାତ ବା ଅଜ୍ଞାତସାରରେ ଉପାନ୍ତ ଅଞ୍ଚଳଗୁଡ଼ିକରେ ପଡୋଶୀ ରାଜ୍ୟର ଭାଷା ଓ ସଂସ୍କୃତିର ପ୍ରଭାବରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଆବଶ୍ୟକ । ସଂସ୍କୃତିର ମୂଳପୀଠଗୁଡ଼ିକ ଉପାନ୍ତ ଅଞ୍ଚଳରୁ ଦୂରରେ ଅବସ୍ଥିତ ଥିବାରୁ ପଡୋଶୀ ରାଜ୍ୟର ଭାଷା ଓ ସଂସ୍କୃତିର ପ୍ରଭାବ ଅନେକ ସମୟରେ ଉପାନ୍ତ ଅଞ୍ଚଳ ଲୋକଙ୍କ ଉପରେ ପଡିବା ସ୍ୱାଭାବିକ । ଏଭଳି ପରିସ୍ଥିତିରେ ସୂଚନା କେନ୍ଦ୍ରଗୁଡ଼ିକ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାରଙ୍କ ପ୍ରଗତିମୂଳକ କାର୍ଯ୍ୟକଳାପ ସଂପର୍କରେ ଆବଶ୍ୟକୀୟ ସୂଚନା ଯୋଗାଉଥାଏ ।

ସମବେତ ସ୍ଥାନୀୟ ଯୁବକମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ରାଉତ କହିଲେ ଯେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟରେ ୧୮ କୋଟି ଟଙ୍କା ବିନିଯୋଗ ହୋଇଥିବା ସ୍ଥଳେ ସପ୍ତମ ଯୋଜନାରେ ୨୭ଶହ କୋଟି ଟଙ୍କା ବିନିଯୋଗ କରାଯିବ କିନ୍ତୁ ଏତେ ଅର୍ଥ ବିନିଯୋଗ ସତ୍ତ୍ୱେ ଯୋଜନାରୁ ଗ୍ରାମାଞ୍ଚଳ ଲୋକମାନେ ପ୍ରତ୍ୟକ୍ଷ ଉପକାର ପାଇପାରୁ ନଥିବା ଉପଲବ୍ଧି କରି ପ୍ରଧାନ ମନ୍ତ୍ରୀଙ୍କ ୨୦ ଦଫା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ଲୋକଙ୍କୁ ସିଧାସଳଖ ଉପକାର ଯୋଗାଇବା ପାଇଁ କାର୍ଯ୍ୟକାରୀ କରାଯାଉଛି । ତଥାପି ଗ୍ରାମାଞ୍ଚଳରେ ନିରକ୍ଷର ଓ ଅଶିକ୍ଷିତଙ୍କ ସଂଖ୍ୟା ଅଧିକ ହେତୁ ସେମାନେ ଯେତିକି ପରିମାଣରେ ପ୍ରତ୍ୟକ୍ଷ ଉପକାର ପାଇବା କଥା ତାହା ପାଇପାରୁ ନାହାନ୍ତି । ଏଥିପାଇଁ



ଶିକ୍ଷିତ ଯୁବକମାନେ ନିଜ ଅଞ୍ଚଳର ନିରକ୍ଷର ଓ ଅଶିକ୍ଷିତଙ୍କୁ ଶିକ୍ଷାରେ ଶିକ୍ଷିତ କରାଇବା ପାଇଁ ଆଗେଇ ଆସନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ଯୁବ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଯୁବ ସମାଜ ଉଦ୍ୟମଶୀଳ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ଶ୍ରୀ ଧନୁର୍ଜୟ ସଗୁରୀ ଚଂପୁଆ ଅଞ୍ଚଳରେ ପାନୀୟ ଜଳ, ରାସ୍ତାଘାଟ ପ୍ରଭୃତି ବିଭିନ୍ନ ସମସ୍ୟା ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାଟେଲାଇଟ୍ ମାଧ୍ୟମରେ ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରଦର୍ଶନର ସୁବିଧା କରାଯିବାକୁ ମଧ୍ୟ ସେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହାଦ୍ୱାରା ଚଂପୁଆର ଆଦିବାସୀମାନେ ଟେଲିଭିଜନ କାର୍ଯ୍ୟକ୍ରମର ଅଧିକ ସୁବିଧା ପାଇପାରିବେ ବୋଲି ସେ କହିଥିଲେ ।

## କୋଷ୍ଟ କେନାଲ ଉପରେ ପୋଲ ନିର୍ମାଣ

ବାଲେଶ୍ୱର ଜିଲ୍ଲାର ଟିଆଖିଆଠାରେ କୋଷ୍ଟ କେନାଲ ଉପରେ ୮୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏକ ପୋଲ ମାର୍ଚ୍ଚ ୨୨ ତାରିଖରେ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ନାଗ ଉଦ୍‌ଘାଟନ କରିଛନ୍ତି । ଏହା ଫଳରେ ୫ ଟି ପଞ୍ଚାୟତର ଲୋକ-ମାନଙ୍କର ଗମନାଗମନ ସୁବିଧା ହୋଇ ପାରିଛି ଏବଂ ସ୍ଥାନୀୟ ଲୋକମାନଙ୍କର ବହୁ ଦିନର ଏକ ଅଭାବ ପୂରଣ ହୋଇ ପାରିଛି ବୋଲି ଶ୍ରୀ ନାଗ୍ କହିଥିଲେ । ଏହି ପୋଲ ଉଦ୍‌ଘାଟନ କରିବା ପରେ ସେ ବୁଢାବଳଙ୍ଗ ନଦୀ ସ୍ରୋତରେ କୂଳ ଖାଇଯାଇଥିବା କେତେକ ଅଞ୍ଚଳ ପରିଦର୍ଶନ କରିବା ପରେ ତାହାର ପ୍ରତିକାର ସଂପର୍କରେ ବିଭାଗୀୟ ଯନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିଥିଲେ । ଏହା ବ୍ୟତୀତ ଏହି ନଦୀର ନଦୀବନ୍ଧକୁ ରାସ୍ତାରେ ରୂପାନ୍ତରିତ କରିବା ସଂପର୍କରେ ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ଗାଡ଼ିବାସ୍, ବେଲପଛ ଅଡାର ଓ ଟିଆଖିଆଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନାଗ୍ କହିଲେ ଯେ ଜଳସେଚନକୁ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଦିଆଯାଇଛି । ରାଜ୍ୟ ସରକାର ମଧ୍ୟ ଏହି କାର୍ଯ୍ୟକ୍ରମକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । କେତେକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବହୁ ଦିନରୁ ନିର୍ମାଣାଧୀନ ଅବସ୍ଥାରେ ରହିଥିବାରୁ ସେଥିରୁ ଚାଷୀମାନଙ୍କୁ ତୁରନ୍ତ ଉପକାର ମିଳି ପାରୁନାହିଁ । ଏ ଦୃଷ୍ଟିରୁ ଏପରି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଅର୍ଥ ବରାଦ କରାଯାଇଛି ଏବଂ ଆଉ କେତେକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି । ଜଳ ସେଚନର ପର୍ଯ୍ୟାପ୍ତ ସୁବିଧା ନଥିବା ଅଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଳସେଚନ ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଉଠାଜଳସେଚନ ଓ ନଳକୂପ କରିଆରେ ଅଳ୍ପ ଖର୍ଚ୍ଚରେ ତୁରନ୍ତ ଜଳସେଚନ ସୁବିଧା ମିଳିପାରୁଥିବାରୁ ଏହି କାର୍ଯ୍ୟକ୍ରମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ମାତ୍ର ସରକାର ଜଳସେଚନର ଯେତେ ସୁବିଧା କଲେ ମଧ୍ୟ ଚାଷୀମାନଙ୍କ ସହଯୋଗ ନ ମିଳିଲେ ସେଥିରୁ ସୁଫଳ ମିଳିପାରିବ ନାହିଁ । ଏ ଦୃଷ୍ଟିରୁ ଚାଷୀମାନେ ଜଳସେଚନ ସୁବିଧା ଥିବା ଜମିରେ ବିଭିନ୍ନ ଫସଲ କରିବା ପାଇଁ ଶ୍ରୀ ନାଗ୍ ପରାମର୍ଶ ଦେଇ-ଥିଲେ । ସ୍ଥାନୀୟ ବିଧାୟକ ଶ୍ରୀ ଗୋପ ନାରାୟଣ ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ।

---


## ମତ୍ସ୍ୟଜୀବୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା

ପାରଂପରିକ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି । ସେଥିମଧ୍ୟରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବାସ କରୁଥିବା ବୃଦ୍ଧ ଓ ଅସହାୟ ସାମୁଦ୍ରିକ ଧିବରମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଅନ୍ୟତମ । ଏଥିରେ ଯେଉଁ ଅର୍ଥ ବ୍ୟୟ ହେବ, ତହିଁର ଏକ ତୃତୀୟାଂଶ ରାଜ୍ୟ ସରକାର ଓ ଦୁଇ ତୃତୀୟାଂଶ କେନ୍ଦ୍ର ସରକାର ବହନ କରିବେ ବୋଲି ଏହି ପ୍ରସ୍ତାବିତ କାର୍ଯ୍ୟକ୍ରମରେ ବ୍ୟବସ୍ଥା ଅଛି । ଏହା କାର୍ଯ୍ୟକାରୀ ହେଲେ ଉପକୂଳବର୍ତ୍ତୀ ଗ୍ରାମ-ମାନଙ୍କରେ ଥିବା ବୃଦ୍ଧ ଏବଂ ଅସହାୟ ସାମୁଦ୍ରିକ ଧିବରମାନେ ଉପକୃତ ହେବେ ।

---

## ପର୍ଯ୍ୟଟନ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସାହାଯ୍ୟ

ଓଡ଼ିଶାରେ ୭ଟି ପର୍ଯ୍ୟଟନ ପ୍ରକଳ୍ପର ବିକାଶ ଲାଗି କେନ୍ଦ୍ର ପର୍ଯ୍ୟଟନ ବିଭାଗ ତରଫରୁ ୫୭ ଲକ୍ଷ ୯୪ ହଜାର ୧୬୦ ଟଙ୍କାର ଆର୍ଥିକ ସାହାଯ୍ୟ ମଂଜୁର କରାଯାଇଛି । ସେଗୁଡ଼ିକ ମଧ୍ୟରୁ ଭୁବନେଶ୍ୱରଠାରେ ଗୋଟିଏ 'ଫରେଷ୍ଟ ଲଜ୍' ପାଇଁ ୩୬ ଲକ୍ଷ ୭୬ ହଜାର ଟଙ୍କା, ଖଣ୍ଡଗିରି ଓ ଉଦୟଗିରି ଗୁଂଫାର ଆଲୋକ ସଜ୍ଜା ପାଇଁ ୮ ଲକ୍ଷ ୧୦ ହଜାର ଟଙ୍କା, କୋଣାର୍କଠାରେ ସ୍ନାନାଗାର ନିର୍ମାଣ ପାଇଁ ୩ ଲକ୍ଷ ୪୦ ହଜାର ଟଙ୍କା ଓ ଚିଲିକା ହ୍ରଦରେ ନୌକାଚାଳନା ପ୍ରତିଯୋଗିତା ଲାଗି ୨ ଲକ୍ଷ ୧୪ ହଜାର ୪୨୦ ଟଙ୍କା ମଂଜୁର କରାଯାଇଛି । ସେହିପରି ନୌକା ବିହାର ଲାଗି ଦୁଇଟି ଫାଇବର ଗ୍ଲାସ୍ ନୌକା କିଣି ପାଇଁ ଏକଲକ୍ଷ ୯୯ ହଜାର ୮୦୦ ଟଙ୍କା, ଗୋଟିଏ ମିନିବସ୍, ଗୋଟିଏ ଓ୍ୱାଗ୍‌ନେଟ୍ ଗାଡ଼ି ଓ ଦୁଇଟି ହାତୀ କିଣିବା ପାଇଁ ୪ ଲକ୍ଷ ୩ ହଜାର ୯୪୦ ଟଙ୍କା ଏବଂ ନନ୍ଦନକାନନର ସିଂହ ସଫାରୀ ଉଦ୍ୟାନ ଲାଗି ଗୋଟିଏ ମିନିବସ୍ କିଣି ପାଇଁ ଏକଲକ୍ଷ ୫୦ ହଜାର ଟଙ୍କାର କେନ୍ଦ୍ରୀୟ ସାହାଯ୍ୟ ମଞ୍ଜୁର କରାଯାଇଛି ।



# ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପାଇଁ ଲେଖା ଆବଶ୍ୟକ

ଓଡ଼ିଶା ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ଦୁଇଟି ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ପାଇଁ ଲବ୍ଧ ପ୍ରତିଷ୍ଠିତ ଲେଖକ, ଗବେଷଣାକାରୀ ଓ ଗ୍ରନ୍ଥାକାରମାନଙ୍କଠାରୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ରାଜ୍ୟର ବିଭିନ୍ନ କ୍ଷେତ୍ର ଅର୍ଥାତ୍ ପ୍ରାଚ୍ୟବିଦ୍ୟା, ଐତିହାସିକ ଘଟଣାବଳୀ ସହିତ ଓଡ଼ିଶାର ପ୍ରସଙ୍ଗ, ଓଡ଼ିଶାର ଜଙ୍ଗଲ ତଥା ବନ୍ୟପ୍ରାଣୀ ସମ୍ପଦ, ନୃତତ୍ତ୍ୱ, ପରମ୍ପରା ଓ ଆଚାରବିଧି, ସଂସ୍କୃତି, ଶିକ୍ଷା, କୃଷି, ଶିଳ୍ପ ଉନ୍ନୟନ, ଗ୍ରାମାଞ୍ଚଳ ଉନ୍ନୟନ ଓ ପରିଚାଳନା, ବ୍ୟବସାୟ, ବାଣିଜ୍ୟ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ମନସ୍ତତ୍ତ୍ୱ, ଶାସନ ପଦ୍ଧତି, ପର୍ଯ୍ୟଟନ ପୀଠସ୍ଥଳୀ, ପରିବେଶ ସମ୍ପର୍କୀୟ ତଥ୍ୟ, ପର୍ଯ୍ୟଟନ, ବନ୍ୟପ୍ରାଣୀ, ପ୍ରତ୍ନତତ୍ତ୍ୱ ଓ ବଂଶସୂଚୀ କାର୍ଯ୍ୟକ୍ରମ ରୂପରେଖ ପ୍ରଭୃତି ସମ୍ପର୍କରେ ଲେଖାମାନ ସଂଗ୍ରହ କରାଯାଉଛି । ସମ୍ପାଦନା ଓ ମୁଦ୍ରଣ କାର୍ଯ୍ୟର ସୁବିଧା ନିମନ୍ତେ ଲେଖକମାନେ ଫୁଲସ୍କେପ୍ କାଗଜର ଗୋଟିଏ ପୃଷ୍ଠାରେ ଯଥେଷ୍ଟ ମାର୍ଜିନ୍ ରଖି ସେମାନଙ୍କ ଲେଖାକୁ ସୁନ୍ଦର ଅକ୍ଷର ବା ଟାଇପ୍ କରି ତହିଁରେ ଦୁଇକପି ନକଲ ପଠାଇବା ଆବଶ୍ୟକ । ପ୍ରକାଶନ ଯୋଗ୍ୟ ଲେଖାଗୁଡ଼ିକ ଲାଗି ଲେଖକମାନଙ୍କୁ ପାରିତୋଷିକ ଦିଆଯିବ ଓ ପ୍ରକାଶନ ଉପଯୋଗୀ ନ ହେବା ଲେଖାଗୁଡ଼ିକ ଲେଖକମାନଙ୍କୁ ଫେରସ୍ତ ଦିଆଯିବ । ଲେଖାଗୁଡ଼ିକ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା, ଭୁବନେଶ୍ୱର 751001 ଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ
ଓଡ଼ିଶା, ଭୁବନେଶ୍ୱର



# ଶହେ ବର୍ଷ ତଳର ରଥଯାତ୍ରା

ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ସଙ୍ଗେ ସଙ୍ଗେ ଶ୍ରୀଗୁଣ୍ଡିଚା ରଥଯାତ୍ରାର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ସେତେବେଳର ଭକ୍ତ ଓ ଯାତ୍ରୀମାନଙ୍କର ଦୁଃଖ ଦୁର୍ଦ୍ଦଶା ଏବର ପରିସ୍ଥିତିରେ ବର୍ଣ୍ଣନା କରିହେବ ନାହିଁ । ଏହା ବଡ଼ ଭୟାବହ ଓ ଦୁଃଖଦ ଥିଲା ।

ଖ୍ରୀଷ୍ଟିୟାନ୍ ଯାତ୍ରୀମାନେ ଏବଂ ତତ୍‌କାଳୀନ ବଙ୍ଗ ସରକାର-ସ୍ୱାସ୍ଥ୍ୟ ବିଭାଗର କମିଶନର ଡେଭିଡ୍ ବି. ସ୍ମିଥ୍, ଏମ୍. ଡି. ତାଙ୍କର Pilgrimage to Jagannath ପୁସ୍ତକରେ ଏସବୁ ଲିପିବଦ୍ଧ କରିଛନ୍ତି । ୧୮୬୮ ଖ୍ରୀଷ୍ଟାବ୍ଦ ଜୁନ୍ ମାସ ୨୩ ତାରିଖରେ ରଥଯାତ୍ରା ଉତ୍ସବ ହୋଇଥିଲା । ସ୍ମିଥ୍ ସାହେବ ଜୁନ୍ ୧୧ ତାରିଖ ଦିନ ଷ୍ଟିମର ଯୋଗେ କଲିକତା ଛାଡ଼ି ୧୯ ତାରିଖ ଅପରାହ୍ନ ୩ଟା ସମୟରେ ଓଡ଼ିଶାର ବନ୍ଦରରେ ପହଞ୍ଚିଲେ । ସେ ଜଳଯାତ୍ରାର ଅସୁବିଧା ଓ ବାତ୍ୟା ବକ୍ଷୁବ୍ଧ ସାଗରର ବର୍ଣ୍ଣନା କରିଛନ୍ତି । ତାହା ସଙ୍ଗେ ସଙ୍ଗେ ମହାନଦୀର ସଙ୍ଗମସ୍ଥଳ ବର୍ଣ୍ଣନା କରିଛନ୍ତି । ଅନବରତ ଯାତ୍ରା ପରେ ସେ କଟକରେ ୨୨ ତାରିଖ ଦିନ ୧୦ ଟା ସମୟରେ ପହଞ୍ଚି ସୁନାମଧନ୍ୟ କମିଶନର ରେଭେନ୍‌ସା ସାହେବଙ୍କ ସମ୍ବର୍ଦ୍ଧନା ଗ୍ରହଣ କଲେ । ରଥ ଉତ୍ସବ ଦେଖିବାକୁ ସେ କାଳବିଳମ୍ବ ନ କରି ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ସେ ସ୍ଥାନେ ସ୍ଥାନେ ପାଲିଙ୍କି ବାହକଙ୍କ ସାହାଯ୍ୟରେ ପୁରୀରେ ୨୩ ତାରିଖ ଅର୍ଦ୍ଧ ରାତ୍ରରେ ପହଞ୍ଚିଲେ । ପୁରୀରେ ପହଞ୍ଚିବା ପରେ ତାଙ୍କର ପ୍ରଥମ ଦୃଷ୍ଟିପଥାରୂଢ଼ ଥିଲା ପ୍ରାୟ ଏକମାତ୍ରର ଦୀର୍ଘ ଅତି ଓସାରିଆ ବଡ଼ଦାଣ ।

### ବଡଦାଣ୍ଡର ଦୃଶ୍ୟ

ଏହା ଅତି ଅନ୍ଧକାରମୟ ଥିଲା ଆକାଶରେ ତାରାପୁଞ୍ଜର ଜ୍ୟୋତିରେ ସେ ଦେଖିଲେ ବଡ଼ଦାଣ ଉପରେ ସହସ୍ର ସହସ୍ର ଯାତ୍ରୀ ନୀରବ, ନିସ୍ପନ୍ଦ ଓ ନିଃଶବ୍ଦରେ ଶୋଇ ରହିଛନ୍ତି । ଦିନ ଦିନ ମାସ ମାସ ଦୀର୍ଘ ପଥ ପଦଯାତ୍ରାରେ ଆସି ସେମାନେ ଶ୍ରାନ୍ତ ହୋଇ ଯାଇଥିଲେ । ସାହେବ ଏକ ନିଶାଚର ଭଳିରେ ଘୁରିଥାନ୍ତେ ବୁଲି କେବଳ ଦେଖୁଥିଲେ ଧରଣୀ ଉପରେ ଶାୟିତ ଶବାକାର ତୀର୍ଥ ଯାତ୍ରୀ । କୋଟିଏ ଶବ୍ଦବି ବାହାରି କଣ୍ଠରୁ ଉଦ୍‌ଗତ ହେଉ ନଥିଲା । ତାରକାପୁଞ୍ଜର ଅସ୍ପଷ୍ଟ ଆଲୋକରେ ସେ ଦେଖିଲେ ପ୍ରକାଣ୍ଡକାୟ ତିନିଠାକୁରଙ୍କ ରଥ ତିନୋଟି । ବିଶାଳ ଭାରତର ଜେରୁଜେଲମ୍ ତୀର୍ଥ ସ୍ୱରୂପ ଏବଂ ବହୁ ପୁରାଣୋକ୍ତ ଉତ୍ସବ-ପୁରୁଷୋତ୍ତମ ଧାମ ପ୍ରସଙ୍ଗରେ ପ୍ରାଚ୍ୟ ଲେଖକମାନଙ୍କର ସ୍ତୁତିଗାନ ଓ ପାଶ୍ଚାତ୍ୟ ଲେଖକମାନଙ୍କର ନିନ୍ଦାବାଦକୁ ଉଦ୍ଧାର କରି ସେ ଲେଖିଛନ୍ତି ଯେ ଶ୍ରୀକ୍ଷେତ୍ରକୁ ଭୂସ୍ୱର୍ଗ କହିବା ଏକ ମିଥ୍ୟା ଛଳନା ।

### କାହିଁକି ?

ଶ୍ରୀକ୍ଷେତ୍ରର ପୁଷ୍କରିଣୀଗୁଡ଼ିକ ପବିତ୍ର ବୋଲି ଯେତେ ଘୋଷିତ ହେଲେ ସୁଦ୍ଧା ଏସବୁ ଖୁବ୍ ଦୂଷିତ ଥିଲା । ପୁରାଣରେ





ଅବଶ୍ୟ ଲେଖା ହୋଇଛି ଯେ ସେଗୁଡ଼ିକର ଢଙ୍ଗ ପୁଷ୍ପର ସୌରଭ ବିକୀରଣ କରେ କିନ୍ତୁ ପ୍ରକୃତରେ ସେଗୁଡ଼ିକ ପ୍ରତିଷ୍ଠାର ନକ୍ସା । ସେହି ପୁରୀ ଓ ସେହି ଚିତ୍ରିତ ପ୍ରତିମାର ଆକର୍ଷଣରେ ଶତାବ୍ଦୀ ଶତାବ୍ଦୀ ଧରି ଭାରତର ନାନା ପ୍ରାନ୍ତରୁ ବିଶାଳ ଜନ-ସ୍ରୋତ ପୁରୀ ଅଭିମୁଖେ ଧାବମାନ ହେଉଥିବା ଏବଂ କାୟା-କ୍ଲେଶ ଏପରି କି ମୃତ୍ୟୁକୁ ସୁଦ୍ଧା ଭ୍ରୁକ୍ଷେପ ନ କରିବା ଦୃଶ୍ୟରେ ସେ ଅଭିଭୂତ ହୋଇଗଲେ । ସେ ଲେଖିଛନ୍ତି ଯେ କେବଳ ଧର୍ମର ପିପାସା ସେମାନଙ୍କୁ ପୁରୀକୁ ଟାଣି ଆଣେ । ଏହାଦ୍ୱାରା ସେମାନେ ଅକଥନୀୟ କାୟାକ୍ଲେଶ, ଯାତନା ଓ ଦୁର୍ଭୋଗ ସହ୍ୟ କରନ୍ତି । ରାତ୍ରିର ଅବଶିଷ୍ଟ ସମୟ ସେ ଷୋଳନି ବଙ୍ଗଳାରେ ବିଶ୍ରାମ କରି ପରଦିନ ପୁରୀ କଲେକ୍ଟରଙ୍କ ଆତିଥ୍ୟ ଗ୍ରହଣ କରିଥିଲେ ।

## ରଥ ଟଣା

ସ୍ମିଥ୍ ସାହେବ ରଥ ଟଣା ଉତ୍ସବର ବର୍ଣ୍ଣନା କରିଛନ୍ତି । 'ସେଦିନର ଅପରାହ୍ଣରେ ରଥଟଣା ଆରମ୍ଭ ହେଲା । ଅସହ୍ୟ ରୌଦ୍ରତାପ । ସହସା ସହସ୍ର ନରନାରୀଙ୍କ କଣ୍ଠରୁ ନିଃସୃତ "ଜୟ ଜଗନ୍ନାଥ" ଓ ହୁଳହୁଳି ଧ୍ୱନିରେ ଗଗନ ପବନ ମୁଖରିତ ହେଲା । ନାନାବିଧ ବାଦ୍ୟଯନ୍ତ୍ରର ବିକଟ ଛନ୍ଦହୀନ ଶବ୍ଦ, ଦଇତାମାନଙ୍କ କର୍କଶ ଅଶ୍ଳୀଳ ଭାଷାର ଚିତ୍କାର ଓ ଅଶ୍ଳୀଳତା ଦ୍ୟୋତକ ଅଙ୍ଗଭଙ୍ଗୀ ପ୍ରଦର୍ଶନ ମଧ୍ୟରେ ରଥଟଣା ଆରମ୍ଭ ହେଲା । ୧୮୪୮ ମସିହାରେ ପୁରୀ କଲେକ୍ଟରୀର ହେଡ୍ କ୍ଲର୍କ ବ୍ରଜକିଶୋର ଘୋଷଙ୍କ ଲିଖିତ ଓ ମୁଦ୍ରିତ ପୁସ୍ତକ (History of Puri) ରେ ମଧ୍ୟ ଏ ପ୍ରସଙ୍ଗର ଉଲ୍ଲେଖ ଅଛି । ଧର୍ମାନ୍ଧ ଜନତା ଉତ୍କ୍ଷିପ୍ତ ହୋଇ ଏକ ଲୟରେ ଏକ ଧ୍ୟାନରେ ସେହି ଚିତ୍ରିତ ପ୍ରତିମା ଜଗନ୍ନାଥଙ୍କୁ ନିମେଷ ନିହିତ ନୟନରେ ଅନାଇ ରହିଥିଲେ ।

## ଆତ୍ମବଳି

ସଂସାର ଓ ପୁନର୍ଜନ୍ମରୁ ମୁକ୍ତି ପାଇଁ କେତେକ ଯାତ୍ରୀ ରଥଚକ ତଳେ ପଡ଼ି ଆତ୍ମହତ୍ୟା କରୁଥିଲେ । ୧୮୫୦ ମସିହାରେ ଲରପି ସାହେବ ଲେଖିଥିଲେ ଯେ ଏ ନରବଳି ପ୍ରଥା ବନ୍ଦ ହୋଇଯାଇଛି । ଷ୍ଟର୍ଲିଂ ସାହେବ ଲେଖିଥିଲେ ଯେ ସମୟ ସମୟରେ କେତେକ ଭକ୍ତ ଏପରି ପ୍ରାଣବଳି ଦେଉଥିଲେ । ୧୮୨୫ ମସିହାରେ ଷ୍ଟାର୍ଲିଂ ସାହେବ ଲେଖିଥିଲେ ଯେ କେତେକ ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ ଲୋକ ରଥ ଚକ ତଳେ ପ୍ରାଣହରାଉ-ଥିଲେ । କୌଣସି ବ୍ୟକ୍ତି ଏପରି ଇଚ୍ଛାକୃତ ମରଣରେ ଅନ୍ୟ ଯାତ୍ରୀ ବନ୍ଧୁ ଓ ପଡ଼ୋଶୀମାନେ ହରିବୋଲ ଜୟଧ୍ୱନି କରୁଥିଲେ । ସେତେବେଳେ ଭାରତକୁ ଶାସନ କରୁଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ଏ ପ୍ରଥାକୁ ବନ୍ଦ କରିଦେବା ପାଇଁ କଠୋର ବ୍ୟବସ୍ଥା କରିଥିଲେ ।

## ରଥଯାତ୍ରାର ବ୍ୟୟ

ତଦାନୀନ୍ତନ ବଡ଼ଲାଟ ସାହେବ ମନ୍ଦିରର ଧର୍ମପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ସ୍ଥାନୀୟ ଗୋରା ହାକିମମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ ୧୮୦ଏ ଖ୍ରୀଷ୍ଟାବ୍ଦରେ ଯେଉଁ ପ୍ରଥମ ରଥଯାତ୍ରା ହେଲା ସେଥିରେ ରଥ ନିର୍ମାଣ କାର୍ଯ୍ୟରେ ୧୦,୬୦୬ ଟଙ୍କା ପନ୍ଦରଅଣା ତିନି ପଇସା ଖର୍ଚ୍ଚ କରିଥିଲେ । ରଥ ମଣ୍ଡନୀ ସଜାଣିରେ ୨୮୫ଟଙ୍କା ପନ୍ଦରଅଣା ତିନି ପଇସାର କନା କିଣିଥିଲେ । ଏହି ବିଦେଶୀ କମ୍ପାନୀ ଉଦାରତା ଦେଖି ଯାତ୍ରୀମାନେ ମୁଗ୍ଧ ହୋଇଯାଇଥିଲେ । ୧୮୦୫ ମସିହାରେ ରଥ ନିର୍ମାଣ ପାଇଁ ଜାନୁଆରୀ ମାସରୁ ତନାଘନା ହୋଇଥିଲା ଏବଂ ରେଭିନ୍ୟୁବୋର୍ଡ ଦୋଲଗୋବିନ୍ଦ ନାମଧେୟ ଜଣେ ବ୍ୟକ୍ତିଙ୍କୁ ଏ ବାବଦରେ ଦାଦନ ଦେଇଥିଲେ । ଏ ଖର୍ଚ୍ଚର ତୁଳନାରେ ୧୮୪୮ ମସିହାରେ ଲିଖିତ ଓ ପ୍ରକାଶିତ ବ୍ରଜ କିଶୋର ଘୋଷଙ୍କ ପୁସ୍ତକରୁ ବିବରଣୀ ମିଳେ ଯେ ସରକାର ରଥ ତିଆରି ବାବଦରେ ୨,୦୦୦ ଟଙ୍କା ମଞ୍ଜୁର କରିଥିଲେ । ତନ୍ମଧ୍ୟରୁ ପୁରୀ ରାଜା ୧,୪୩୩ ଟଙ୍କା ତେରଅଣା ଖର୍ଚ୍ଚ କରିଥିଲେ । ସେହିପରି ରଥ ମଣ୍ଡନୀ ପାଇଁ ୫୫୨ ଗଜ କନାର ମୂଲ୍ୟ ସ୍ୱରୂପ ୧୦୮୦ ଟଙ୍କାର ବରାଦ ହୋଇଥିଲେ ମଧ୍ୟ ୬୮୦ ଟଙ୍କା ଚଉଦଅଣା ଖର୍ଚ୍ଚ କରିଥିଲେ । ଅବଶିଷ୍ଟ ଟଙ୍କା ସେ ନିଜେ ନେଇଥିଲେ ।

## ଜବରଦସ୍ତି ଓ ଅତ୍ୟାଚାର

ଯାତ୍ରୀମାନଙ୍କ ମଧ୍ୟରେ ଗୋଦର ରୋଗୀଙ୍କ ସଂଖ୍ୟା ଅତି ଅଧିକ ଥିବା କଥା ସେ ଉଲ୍ଲେଖ କରିଛନ୍ତି । ପଣ୍ଡାମାନେ ଭାରତର ଅଳି ଗଳିରେ ପଶି ଯାତ୍ରୀ ସଂଗ୍ରହ ଉଦ୍ଦେଶ୍ୟରେ ଭ୍ରମଣ କରିଥାନ୍ତି । ପଣ୍ଡାଙ୍କର ଅତ୍ୟାଚାର ସମ୍ବନ୍ଧରେ ସେ ସ୍ପଷ୍ଟ ମୁଖର ହୋଇଛନ୍ତି । ଯାତ୍ରୀମାନଙ୍କ ପାଖରୁ ପଇସା ଠକି ଧର୍ମ ନାମରେ ବେତ୍ରାଘାତ କରି ସେମାନଙ୍କୁ ମୁକ୍ତ କରିଦେବା ଓ ସ୍ତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଉତ୍ୟକ୍ତ ପାଶବିକ ବ୍ୟବହାର ବିଷୟ ସେ ଉଲ୍ଲେଖ କରିଛନ୍ତି । ବ୍ରଜ କିଶୋର ଘୋଷ ପଣ୍ଡାମାନଙ୍କର ବ୍ୟବହାର ଓ ଯାତ୍ରୀମାନଙ୍କର ଧର୍ମାନ୍ଧତାର ଏକ ଘୃଣ୍ୟ ଚିତ୍ରଦେଇ ଲେଖିଥିଲେ ଯେ ସରକାର ଯଦି ତାହାଙ୍କର ସାହାଯ୍ୟ ସଂପୂର୍ଣ୍ଣ ରୂପେ ଦେଇ ନ ଦିଅନ୍ତେ, ତେବେ ଏସବୁ ଆଉ ରହନ୍ତା ନାହିଁ । କିନ୍ତୁ ହିନ୍ଦୁ ଧର୍ମ ଏ ଦିଗରେ ଘୋର ବାଧା ସୃଷ୍ଟି କଲା । ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ଯେତେବେଳେ ମୋଗଲମାନେ ଓଡ଼ିଶା ଅଧିକାର କଲେ ସେତେବେଳେ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ସାଙ୍ଗକୁ ଧର୍ମଯୁଦ୍ଧ ଲାଗିଗଲା, ଫଳରେ ବିଗ୍ରହମାନଙ୍କୁ ଦୂର ନିଭୃତ ସ୍ଥାନରେ ଅନେକ କାଳଯାଏ ଲୁଚାଇବାକୁ ପଡ଼ିଥିଲା । ଶେଷରେ ଜଗନ୍ନାଥ ଧର୍ମର ଉଚ୍ଛେଦ ଓ ଯାତ୍ରା ବନ୍ଦ କରିବା ପାଇଁ ମୋଗଲମାନେ ଯାତ୍ରୀକର ବସାଇ ଇଷ୍ଟ ଇଣ୍ଡିଆ ଅସୁଲ କଲେ ଏବଂ ମନ୍ଦିର ପାଣ୍ଡିଙ୍କୁ ପଇସାଏ ଦିଅନ୍ତି



ଥିଲି । ମରହଟ୍ଟାମାନେ ଓଡିଶା ଅଧିକାର କରି ଯାତ୍ରୀ ଟିକସ ବସାଇଲେ ସୁଦ୍ଧା ମନ୍ଦିର ରକ୍ଷା ଓ ପରିଚାଳନା ଉଦ୍ଦେଶ୍ୟରେ ଯଥେଷ୍ଟ ଅର୍ଥ ବ୍ୟୟ କରୁଥିଲେ । ଇଂରେଜମାନେ ପ୍ରଥମରେ ଯାତ୍ରୀକର ଉଠାଇ ଦେଇଥିଲେ । ମନ୍ଦିର ପାଇଁ ପାଣ୍ଠି ସଂଗ୍ରହ ଓ ଯାତ୍ରୀସଂଖ୍ୟା ହ୍ରାସ କରିବାରେ ସେମାନଙ୍କ ଉଦ୍ଦେଶ୍ୟ ଥିଲା । ଏ ଚେଷ୍ଟା ସଫଳ ହେଲାନାହିଁ । ହିନ୍ଦୁଙ୍କର ପୌତ୍ତଳିକ ଧର୍ମର ରକ୍ଷଣ ଭାର ସରକାର ନିଜ ହାତରେ ନେଇଥିବାରୁ ପରେ ପରେ ବିଲାତରେ ଆନ୍ଦୋଳନ ହେଲା । ଏହା ଫଳରେ ଇଂରେଜମାନେ କେତେକ ସର୍ତ୍ତରେ ମନ୍ଦିର ଓ ମନ୍ଦିର ପରିଚାଳନା ଭାର ଖୋର୍ଧା ରାଜାଙ୍କ ହାତରେ ସମର୍ପଣ କରି ଦେଇଥିଲେ ।

## ଯାତ୍ରୀ ଓ ମହାପ୍ରସାଦ

ମନ୍ଦିରରେ ପ୍ରତିବର୍ଷ ରଥଯାତ୍ରା ଉପଲକ୍ଷେ ଦୈନିକ ୫୦,୦୦୦ ଏବଂ ପର୍ବକ ଉପଲକ୍ଷେ ୭୦ ହଜାର ଯାତ୍ରୀଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହେଉଥିଲା । ଏଥିପାଇଁ ପ୍ରତିଶହ ସୁପକାର ପରିବାର ଅହୋରାତ୍ର ନିୟୋଜିତ ଥିଲେ ।

| ମସିହା | ଯାତ୍ରୀସଂଖ୍ୟା |
|---|---|
| ୧୮୩୯-୪୦ | ୫୩,୩୪୫ |
| ୧୮୪୦-୪୧ | ୫୧,୫୭୧ |
| ୧୮୪୧-୪୨ | ୧୧୨,୫୬୩ |
| ୧୮୪୨-୪୩ | ୧,୫୯,୪୫୮ |
| ୧୮୪୩-୪୪ | ୧,୮୭,୩୨୪ |
| ୧୮୪୪-୪୫ | ୧,୮୮,୯୨୫ |
| ୧୮୪୬-୪୭ | ୨,୧୦,୩୨୫ |

୧୮୬୦ ମସିହା ଜୁନ ୨୮ ତାରିଖରେ ରଥଯାତ୍ରା ହୋଇଥିଲା ଏବଂ ସେ ବର୍ଷ ଏକଲକ୍ଷ ଯାତ୍ରୀ ଆସିଥିଲେ । ସେମାନଙ୍କ ମଧ୍ୟରେ କେବଳ ବଙ୍ଗାଳୀ ଯାତ୍ରୀଙ୍କ ସଂଖ୍ୟା ଅଠେଇଶ ହଜାର ଥିଲା । ୧୮୬୮ ମସିହାରେ ଯେଉଁ ରଥଯାତ୍ରା ହୋଇଥିଲା ଏବଂ ସ୍ମିଥ ସାହେବ ଦର୍ଶକ ଭାବରେ ପୁରୀରେ ଉପସ୍ଥିତ ଥିଲେ ସେ ଲକ୍ଷ୍ୟ କରିପାରିଥିଲେ ଯେ ପ୍ରକୃତରେ ବଙ୍ଗାଳୀ ଯାତ୍ରୀଙ୍କ ସଂଖ୍ୟା ସର୍ବାପେକ୍ଷା ଅଧିକଥିଲା । ଯାତ୍ରୀମାନଙ୍କ ମଧ୍ୟରେ ଅନେକ ପଞ୍ଜାବୀ ଯାତ୍ରୀ ଦୁଇହଜାର ମାଇଲ ଦୂରବର୍ତ୍ତୀ ଲାହୋରରୁ ଚାଲି ଚାଲି ଆସି ଚାରି ପାଞ୍ଚ ମାସରେ ପୁରୀରେ ପହଞ୍ଚିଥିଲେ । ସେତେବେଳେ ପୁରୀର ସାଧାରଣ ଲୋକ ସଂଖ୍ୟା ୨୫ରୁ ୩୦ ହଜାର ମଧ୍ୟରେ ହେବ ।

ଯାତ୍ରୀ ଟିକସ ବସାଇବା ଓ ଯାତ୍ରୀମାନଙ୍କୁ ନିୟନ୍ତ୍ରଣ କରିବା ଦ୍ୱାରା ଯାତ୍ରୀ ସଂଖ୍ୟା କମା କରିବାର ଯେଉଁ ଆଶା ଇଂରେଜ ସରକାର ପୋଷଣ କରିଥିଲେ, ତାହା ବ୍ୟର୍ଥ ହୋଇଥିଲା । ନଅଙ୍କ ଦୁର୍ଭିକ୍ଷର ପୂର୍ବବର୍ଷ ଅର୍ଥାତ ୧୮୬୫ ମସିହାରେ ପୁରୀ ସହରର ଲୋକସଂଖ୍ୟାକୁ ମିଶାଇ ଯାତ୍ରୀ ସଂଖ୍ୟା ୪୦,୦୦୦ ହୋଇଥିଲା । ବାପଟିଷ୍ଟ ମିଶନାରୀଙ୍କ ୧୮୬୫-୬୬ ମସିହାରେ ବିବରଣୀରୁ ଜଣାପଡ଼େ ଯେ ୧୮୬୫ ମସିହାର ରଥଯାତ୍ରା ଉତ୍ସବରେ ୪୫,୦୦୦ ଯାତ୍ରୀଙ୍କ ସମାଗମ ହୋଇଥିଲା, ୧୮,୦୦୦ ଅଧିକ ବଙ୍ଗାଳୀ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରେ ସ୍ତ୍ରୀ ପୁରୁଷ ଅନୁପାତରେ ୪୦ ଜଣ ସ୍ତ୍ରୀ ଲୋକରେ ଜଣେ ପୁରୁଷ ଯାତ୍ରୀ ଥିଲେ ।

## ନଅଙ୍କ ବର୍ଷ

୧୮୬୬ ମସିହା ଅର୍ଥାତ ନଅଙ୍କ ଦୁର୍ଭିକ୍ଷ ବର୍ଷରେ ଜଣେ ସୁଦ୍ଧା ଯାତ୍ରୀ ପୁରୀକୁ ଆସି ନ ଥିଲେ । ରଥଗୁଡ଼ିକ କିପରି ଟଣା ହେବ, ଏହା ପଣ୍ଡା ପଢିଆରୀଙ୍କ ଚିନ୍ତାର ବିଷୟ ହୋଇଥିଲା । ୧୮୭୧ ମସିହାରେ ଯାତ୍ରୀ ସଂଖ୍ୟା କମା ହୋଇଯିବା ଏବଂ ରାଜ୍ୟରେ ମହାମାରୀ ଫଳରେ ଜନକ୍ଷୟ ଯୋଗୁଁ ବ୍ରାହ୍ମଣମାନେ ଏପରି ହତାଶ ହୋଇ ଯାଇଥିଲେ ଯେ ଜଗନ୍ନାଥଙ୍କ ଆସ୍ଥାନ ଭାରତର କୌଣସି କେନ୍ଦ୍ର ସ୍ଥାନକୁ ଉଠାଇ ନ ନେଲେ ସେମାନେ ଆଉ ସେବା ପୂଜା କରିବେ ନାହିଁ ବୋଲି ଦାବୀ କରିଥିଲେ ।

## ଦୁର୍ଘଟଣା

ରଥଯାତ୍ରା ବନାମ ଦୁର୍ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ । ୧୮୧୩ ମସିହା ଜୁନ ମାସ ୩୦ ତାରିଖରେ ରଥଯାତ୍ରା ହୋଇଥିଲା । ଜୁନ୍ ୨୮ ଠାରୁ ୩୦ ମଧ୍ୟରେ ଅଠରନଳା ଯାତ୍ରୀ ଟିକସ ଆଦାୟ ଦ୍ୱାରରେ ପ୍ରବଳଯାତ୍ରୀ ଭିଡ଼ ହୋଇଥିଲା । ସମସ୍ତେ ଟିକସ ନେଇ ବା ଟିକସରୁ ଛାଡ଼ପାଇ ପୁରୀକୁ ପ୍ରବେଶ କରିବାରୁ ଅବସ୍ଥା ଅସମ୍ଭାଳ ହୋଇଉଠିଲା । ଫଳରେ ୩୬ ଜଣ ଯାତ୍ରୀ (୧୮ଜଣ ପୁରୁଷ ଓ ୧୮ଜଣ ସ୍ତ୍ରୀ ଚିପିହୋଇ ମରିଗଲେ । ଯେଉଁମାନେ ପୁରୀକୁ ଆସିଲେ ସେମାନେ ଶ୍ୱେତ ସାଗରରେ ସ୍ନାନ କରିବାରୁ ବିଶେଷ ଭିଡ଼ ଜମାଇଲେ ଏବଂ ଚିପାଚିପିହୋଇ ସେମାନଙ୍କ ଭିତରୁ ପାଞ୍ଚଜଣ ମରିଗଲେ । ୧୮୫୩ ମସିହାରେ ନବଯୌବନ ଦର୍ଶନ ସମୟରେ ଜୟ ବିଜୟଦ୍ୱାରରେ ୨୧ଜଣ ଯାତ୍ରୀ ଦଳେପଡ଼ିଯାଇ ଚକଟିହୋଇ ମଲେ । ୧୮୫୫ ମସିହାରେ ନବ-କଳେବର ଉପଲକ୍ଷେ ପ୍ରାୟ ଦୁଇଲକ୍ଷ ଯାତ୍ରୀ ସମାଗମ ହୋଇଥିଲା । ଜୁଲାଇ ୧୫ ତାରିଖରେ • ମନ୍ଦିରର ସିଂହଦ୍ୱାର ଖୋଲୁଖୋଲୁ ୩ଜଣ ପୁରୁଷ ଓ ୩ଜଣ ସ୍ତ୍ରୀ ଦଳେପଡ଼ି ଚକଟି ହୋଇଗଲେ ।



ସେହିମାସ ୧୮ ତାରିଖରେ ରଥଟଣା ହୋଇଥିବା ସମୟରେ ୫ଜଣଙ୍କ ଉପରେ ରଥଚକ ଚଢ଼ିଗଲା ଏବଂ ୩ଜଣ ସେହିସ୍ଥାନରେ ପ୍ରାଣ ହରାଇଲେ । ଅବଶିଷ୍ଟ ଦୁଇଜଣ ବିକଳାଙ୍ଗ ହୋଇଗଲେ । ୧୮୭୭ ମସିହାରେ ଗୋବିନ୍ଦ ଦ୍ୱାଦଶୀ ଉପଲକ୍ଷେ ସିଂହଦ୍ୱାରରେ ୧୪ଜଣ ଯାତ୍ରୀ ପଡ଼ି ଚକଟି ହୋଇ ମରିଗଲେ । ୧୮୮୦ ମସିହାରେ ରଥଚକ ତଳେ ୫ଜଣ ପଡ଼ି ପ୍ରାଣ ହରାଇଲେ । ୧୯୦୧ ମସିହାରେ ମହାଷ୍ଟମୀ ଉପଲକ୍ଷେ ଜଗନ୍ନାଥ ଦର୍ଶନ କରିବାକୁ ବହୁଲୋକ ସମାଗମ ହୋଇଥିଲା ଏବଂ ରତ୍ନ ସିଂହାସନତଳେ ବହୁ ଲୋକ ତଳେପଡ଼ି ଚକଟିହୋଇ ମରିଗଲେ । ଏ ସମ୍ବାଦ ୧୯୦୧ ମସିହା ନଭେମ୍ବର ସାତ ତାରିଖ । ଉତ୍କଳ ପ୍ରସଙ୍ଗ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

## ପଣ୍ଡାଙ୍କ ଦୌରାତ୍ମ୍ୟ

ଆଜି ନୂଆ ନୁହେଁ, ସେତେବେଳେ ଥିଲା, ପରଂପରାଗତ ଲକ୍ଷଣ । ସ୍ମିଥ ସାହେବ ପଣ୍ଡାମାନଙ୍କ ବିରୋଧରେ ନାନା ବିବରଣୀ ସଂଗ୍ରହ କରି ବର୍ଣ୍ଣନା କରିଛନ୍ତି । କିପରି ପଣ୍ଡାମାନଙ୍କ ପଛରେ ମନ୍ତ୍ରମୁଗ୍ଧବତ୍ ବହୁ ଯାତ୍ରୀ ପୁରୀ ଗ୍ଭଲିଥାନ୍ତି, ଯିମିତି ଚୁମ୍ବକ ଟାଣୁଛି । ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଅଶିକ୍ଷିତ ନିରୀହ ଜନତା ବିଶେଷରେ କୁସଂସ୍କାରାଚ୍ଛନ୍ନ ସୀମାନେ ଜଗନ୍ନାଥଙ୍କପ୍ରତି ଆକୃଷ୍ଟ ହୋଇଥିଲେ ଯଦିଓ ଜଗନ୍ନାଥଙ୍କ ରୂପ ଆଦୌ ଆକର୍ଷଣୀୟ ନୁହେଁ । ପଣ୍ଡାଏ ୧୬-୧୭ଦିନ ପର୍ଯ୍ୟନ୍ତ ଦିନକୁ ୪୦ ମାଇଲ ଗତିରେ ଗ୍ଭଲିବାରେ ଅଭ୍ୟସ୍ତ । ତାଙ୍କ ପଛରେ ଟାଣି ଓଟାରିହୋଇ ସୀଲୋକେ ଗ୍ଭଲି ଆସୁ ଆସୁ ବାଟରେ ସର୍ପାଘାତରେ ବା ବ୍ୟାଘ୍ର ଆକ୍ରମଣରେ କାହାରି କାହାରି ମୃତ୍ୟୁହେଲେ ବି ପଣ୍ଡାଙ୍କୁ ଏହା ବାଧକ ହେଉନଥିଲା । ମାତ୍ର ପୁରୀ ପହଂଚିବା ମାତ୍ରେ ପଣ୍ଡାମାନଙ୍କର ଯାତ୍ରୀମାନଙ୍କପ୍ରତି ବ୍ୟବହାର ଠିକ୍ ଓଲଟା ହୋଇଯାଉଥିଲା ।

## ଉପସଂହାର

ଏବେ ଏଭଳି ଅପମୃତ୍ୟୁ କମିଛି । କେହି ସ୍ୱର୍ଗକୁ ଯିବାପାଇଁ ରଥ ଚକତଳେ ମଥା ଥୋଉନାହାନ୍ତି, କିନ୍ତୁ ପକ୍ଷାନ୍ତରେ ଓଡ଼ିଶାରେ ଅପମୃତ୍ୟୁ ସଂଖ୍ୟା ଯଥେଷ୍ଟ । ରଥର କେବଳ ଚକ୍କନାହିଁ, ମାଲ ମାଲ ଟ୍ରକ, ରେଲଇଂଜିନ, କାର, ଟ୍ରେକର ଇତ୍ୟାଦିର ଚକ ଅଛି । ଏସବୁ ଚକ ଘୂରୁଛି ଏବଂ ଲୋକେ ମରୁଛନ୍ତି ।


ଧର୍ମ ବା ଈଶ୍ୱର ବିଶ୍ୱାସ ଜୀବନରେ ସଂକଟ ସମୟରେ ଲୋକଙ୍କୁ ଧୈର୍ଯ୍ୟ ଧରିବାକୁ ଶିଖାଏ । ପ୍ରଭୁଙ୍କ ପାଖରେ ଅନନ୍ୟ ଭକ୍ତି, ସେ ଏକାନ୍ତ ଅନ୍ତର୍ଯ୍ୟାମୀ, ସେ ଯନ୍ତ୍ରୀ, ଆମେ ଯନ୍ତ୍ର, ଏ ଭାବନା ବଳିଷ୍ଠତା ହୃଦୟରେ ଆରୋପିତ ନହେଲେ, ସାମାନ୍ୟ ସଂଘର୍ଷରେ ମାନସିକ ଆଘାତରେ ଲୋକ ଭାରସାମ୍ୟ ହରାଇ ଜୀବନ ନେଉଛନ୍ତି ନିଜ ହାତରେ । ଆତ୍ମହତ୍ୟାର ସଂଖ୍ୟା କ୍ରମେ ବୃଦ୍ଧି ପାଉଛି । ମୃତ୍ୟୁକୁ ଆଲିଙ୍ଗନ କରି ଲୋକେ ଶାନ୍ତି ପାଉଛନ୍ତି । ପ୍ରତିକ୍ଷଣରେ ଜୀବନକୁ ମୃତ୍ୟୁଭୀତ ଦେଖି ତାର ଶେଷ ପନ୍ଥା ସେମାନେ ଖୋଜି ନେଇଛନ୍ତି ।

ଏହାର ତାତ୍ପର୍ଯ୍ୟ ହେଉଛି ୧୮୬୬ ମସିହାର ବା ଅତିତର ଶତକ ବର୍ଷ ତଳେ ଯେଉଁ ଭକ୍ତିଭାବ ଦାରୁବ୍ରହ୍ମଙ୍କଠାରେ ଥିଲା, ତାହା ଆଜି ନାହିଁ । ଆଜି ଏହା ଏକ ମେଳା ମହୋତ୍ସବରେ ପରିଣତ ହେଉଛି । ତା ନହେଲେ ଛାତିପୁରାଇ ଜଗନ୍ନାଥଙ୍କର କ୍ଷୀର କପଡ଼ା ଗଳାରେ ଲମ୍ବାଇ ଗୁଡ଼ାଏଲୋକ ରଥପୋଲ ଭିତରେ ଆତ୍ମବଡ଼ିମାରେ ଫୁଲିଯାଇ ସିଂହଦ୍ୱାରକୁ ତଥା ରଥମଂଚ ଉପରେ ଜନାକୀର୍ଣ୍ଣ କରନ୍ତେ ନାହିଁ ।

ଯେଉଁ ଶାବରୀ ସଂସ୍କୃତି ଶିଖାଏ ଯେ ପ୍ରଭୁ ଜଗନ୍ନାଥ ଆଦିବାସୀର ଦେବତା, ବଣଜଙ୍ଗଲ ପାହାଡ଼ ଘେରା ପ୍ରକୃତିର କୋଳରେ ସେ ପୂଜିତ ହେଉଥିଲେ ଦାରୁ ବିଗ୍ରହରେ, ତାଙ୍କୁ ସେଠାରୁ ଟାଣି ଆଣି ବ୍ରାହ୍ମଣ୍ୟ ଧର୍ମରେ ପୂଜା ଅର୍ଚ୍ଚନାକରି ସେହି ସିଂହଦ୍ୱାର ଉପରେ ଭେଦଭାବ ସୃଷ୍ଟିକଲୁ ଆମେ, ଅଥଚ ଯେତେକ ଆଭିଜାତ୍ୟ ସଂପନ୍ନ ଅହଂକାର ଦୃପ୍ତ ପାପାତ୍ମା ଗୋଟାଏ ନିର୍ଦ୍ଦିଷ୍ଟବର୍ଗ । ଅବଶିଷ୍ଟ ରହିଗଲେ ଅଧଃ ପତିତ । ଦୟା ଦେଖାଇ ସେମାନଙ୍କୁ ଅନ୍ତର୍ଯ୍ୟାମୀ ଦେଖାଦେବେ ରାଜ ରାସ୍ତା ଉପରେ ନବଦିନ ମାତ୍ର 'ଯାତ୍ରାରେ', ଅନ୍ୟ ଦିନମାନଙ୍କରେ ରତ୍ନବେଦୀ ତାଙ୍କର ନୟନଗୋଚର ହେବ ନାହିଁ । ଅଭିବାସୀ ଜାତିର ଦେବତା ଆଜି ତାଙ୍କୁ ସେହି ଅସ୍ପୃଶ୍ୟ ଦର୍ଶନ ଦେବାକୁ ତାଙ୍କପ୍ରତି ଏତେ କଟକଣା !! ମନୁଷ୍ୟକୃତ ଏହି ବାଛବିଚାର ଭିତରେ ରଥଯାତ୍ରା ଆଜି ସମାପନ ହେଉଛି । ତଥାପି ହୃଦୟରୁ ସେହି ପ୍ରାର୍ଥନା ଚିରନ୍ତନ:-—

ଜଗନ୍ନାଥସ୍ୱାମୀ ନୟନ ପଥଗାମୀ ଭବତୁମେ......

ବଳଣଙ୍କି ଖାନ୍ତି,
ପୁରା ଟାଉନ୍, ପୁରୀ ।






# ଏକାନ୍ତ କଥନ

ଶ୍ରୀ ଚନ୍ଦ୍ରଶେଖର ରଥ

ଲୋକାଚାରକୁ ସିନା ଚନ୍ଦନ ଯାତ ପାଇଁ ବିଜେପ୍ରତିମା ମନ୍ଦିରମାନରେ ନରେନ୍ଦ୍ରସରକୁ ଯାଆନ୍ତି, ଏଣେ କିନ୍ତୁ ନିଛାଟିଆ ମଧ୍ୟରାତିରେ ନୀଳାଦ୍ରି ଉଆସରେ ଖୋଦ୍ ମଣିମା ରତ୍ନ ସିଂହାସନରୁ ଓହ୍ଲାଇ ଆସି ଅଗଣାମାନଙ୍କରେ ପଦସଞ୍ଚରଣ କରନ୍ତି ବୋଲି ପ୍ରମାଣ [illegible] ହେବାରୁ ତାଙ୍କୁ ସେ ନିରୋଳା ମୁହୂର୍ତ୍ତରେ ଦର୍ଶନ କରିବା ଅଭିଳାସର କୈବଲ୍ୟ ହାଟ ଉପରେ ଛାୟାବିସ୍ତାର କରିଥିବା ବଟ ବୃକ୍ଷରେ ଆମ୍ଭେ ଦେଉଳ ଶୋଧ ବେଳେ ଲୁଚି ରହିଥିଲୁ । ନିଶାର୍ଦ୍ଧ ସରିକି ନିଃଶବ୍ଦରେ ଆସି ଚୈତନ୍ୟ ପାଦାଙ୍କ ପାଖରେ ଛପି ବସିଥିଲୁ । ନିସ୍ତବ୍ଧ ଉଆସ ଜହ୍ନଆଲୁଅରେ ମାୟାମୁଗ୍ଧ ସ୍ୱପ୍ନପୁରୀ ସଦୃଶ ଆମ୍ଭର ଭ୍ରମ ଜାତ କଲା । ମୁହୂର୍ତ୍ତେ ମୁହୂର୍ତ୍ତେ ସେ ସୁବିପୁଳ ସୌଧପିଣ୍ଡ ସ୍ଥୂଳ ଏବଂ ସୂକ୍ଷ୍ମ ରୂପରେ ଦୃଶ୍ୟାଦୃଶ୍ୟ ହେଉଥିଲା । ଆମ୍ଭର ଚୈତନ୍ୟ ପ୍ରତ୍ୟକ୍ଷ ସ୍ୱପ୍ନ ଏବଂ ଜାଗରଣ ଭୂମିରେ ଅନାୟାସରେ ବିଚରଣ କରୁଥିଲେ । ଚୌର୍ଯ୍ୟାପରାଧ କରିଥିବାରୁ ଭୟ ଏବଂ ଶୀତଳ ଚନ୍ଦନରେ ପରିସ୍ନାତ ସେ ଅପୂର୍ବ ଦୃଶ୍ୟର ପୁଲକ ଆମ୍ଭଙ୍କୁ ଯୁଗପତ୍ କଂପିତ କରୁଥିଲା । ଶରୀର ଜଡ଼ପ୍ରାୟ, ମନ ଅମନ ପ୍ରାୟ, ଚେତନା ବିମୂଢ଼ପ୍ରାୟ ହୋଇ ଆମ୍ଭେ ସ୍ତବ୍ଧପ୍ରାୟ କାଳପ୍ରବାହରେ ଭାସମାନ ଥିଲୁ । ଅବରୋଧଙ୍କ ଅନନ୍ତ ବିସ୍ତାର ଆମ୍ଭ ଭିତରେ ପ୍ରବେଶ କରିବାରୁ ହିମାଦ୍ରି ପରି ସୁବିଶାଳ ନଗ୍ନ ଘନ ନିଃସ୍ପନ୍ଦତା ଆମ୍ଭର ଭିତର ବାହାର ଆଚ୍ଛନ୍ନ କଲା ପ୍ରାୟ ଅନୁଭବରେ ଆମ୍ଭେ ମୁହ୍ୟମାନ ଥିଲୁ । ଅବଗ୍ରହରେ ପରମ ରହସ୍ୟକୁ ପ୍ରତ୍ୟକ୍ଷ କରିବାର ଅଭିଳାଷ ଧୈର୍ଯ୍ୟର ଅଞ୍ଜଳିରେ କୋଟି ଲବଣ୍ୟନିଧି ଧରି ରକ୍ଷିବାର ସ୍ୱପ୍ନ କଳ୍ପିତ ହେଉଥିଲା । ଅବଲୁପ୍ତ ଆକାଶରେ ଚନ୍ଦ୍ରଦୀପ କିଛିକ୍ଷଣ ମାତ୍ର ସକାଶେ ଲିଭିଗଲା ଏବଂ ଉଦ୍ଭାସିତ ହେଲା ଚାରି ପାଦଙ୍କ ପାଖରେ ଆମ୍ଭ ବିଶ୍ୱାସକୁ ପ୍ରମାଣିତ କରି ମଣିମା ପ୍ରକଟିତ ହେଲେ । ଆମ୍ଭେ ତେଣିକି ନିରବଶେଷ ବିଲୀନ ହୋଇ ଗଲୁ କି ନାହିଁ । ତେଣିକି ଚେତନା ସ୍ୱପ୍ନାବିଟ କି ଜାଗ୍ରତ; ଦେଶକାଳର ନିର୍ଦ୍ଦିଷ୍ଟ ନିର୍ଣ୍ଣୟ ଅଛି ନା ନାହିଁ କିପରି କହିବା ?

"ତୁମେ କ'ଣ ଏ ଅପରାଧୀକୁ ଦଣ୍ଡ ଦେବାକୁ ସ୍ୱୟଂ ଆବିର୍ଭୂତ ହେଲ ଠାକୁର ? ଅତି ଲଘୁ ! ଅମୃତ ପାନ କଲି ବୋଲି ଏଣ୍ଡା ଚକ୍ରରେ ଜଣକର ମୁଣ୍ଡପାତ କରିଥିଲ । ଛିଣ୍ଡିଗଲେ ସୁଦ୍ଧା ସେ ଅମୃତ ପିଇଛି ବୋଲି ଏବେ ମଧ୍ୟ ସାରା ଆକାଶରେ ଉଦ୍‌ଘୋଷିତ ହେଉଛି । ମୁଁ ଅପରାଧ ସ୍ୱୀକାର କରୁଛି ମଣିମା । ଦଣ୍ଡାଦେଶକୁ ବି ଅପେକ୍ଷା କରୁଛି । ମୋର ଅମୃତ ପାନ ସରିଯାଇଛି । ଏଣିକି ତୁମ ଇଚ୍ଛା! ....ତୁମେ ଏମିତି ଚିତ୍ର ପ୍ରତିମାପରି ଠିଆ ରହିଲ ଯେ ! ଦଣ୍ଡିବା ଶକ୍ତି ଅଛି ବୋଲି କ'ଣ କ୍ଷମା ଆଚରଣ କରୁଛ ? ଅପରାଧକୁ ଅପରାଧ ବୋଲି ଘେନା କରୁନାହିଁ । ଅହୋଭାଗ୍ୟ ! ମାନୁଷୀ ଢଙ୍ଗରେ ଅଳ୍ପ ହସି ଏମିତି ଚାହିବା ଭଙ୍ଗୀ ତୁମକୁ କି ସୁନ୍ଦର ମାନୁଛି ! ଉମ୍ବାରା ଭିତରେ ବଡ଼ ସିଂହାର ପରେ ପହୁଡ଼ ସଜ କରି ସେବକେ କୋଇଲ ପକାଇଥିବେ । ବିଡ଼ିଆଲଗି ହେଲାପରେ ପହୁଡ଼କୁ ବିଜେ ହେବା ଲୋକାଚାରକୁ ତୁମେ ସ୍ୱୀକାର କରିଥିବ । କିନ୍ତୁ ସେ ନିଷ୍ଠରଙ୍କ ଆଖିରେ ନିଦ ଆସିବ କେମିତି ! ସେଥିପାଇଁ ବୋଧେ ଉଆସ-ଅଗଣାକୁ ବାହାରି ଆସିଛି । ............

........ଶୁକ୍ଲପକ୍ଷର ଏ ଗ୍ରୀଷ୍ମନିଶା ଚନ୍ଦନ ବର୍ଷା କରୁଛି ! ଦ୍ୱାପର ଦ୍ୱାପର ଲାଗୁଛି ଏ ଶୀତଳତା ! କେଉଁଠୁ ଫୁଟେ ଧାରେ



ମାତ୍ର ବଂଶୀସ୍ୱନ ଝରିଗଲେ ଏ ସମସ୍ତ ପଥର ତରଳି ବହିଯିବ ଯମୁନାରେ । ତୁମ ପ୍ରାଖରେ କେହି ପହଞ୍ଚିଲେ ତ' ଏଇ ଅସୁବିଧା । ତୁମେ ତାର କଳା ହରଣ କରିନିଅ । ପୌରୁଷ ହରଣ କରିନିଅ । ସେ ତେଣିକି କେବଳ କାରେ ପ୍ରାଣୀଟିଏ । ଆତୁର ଗୋପୀକାଟିଏ । ଶିଆଳି ରାଜପୁତ୍ରପରି, ନୂଆମେଘ ମୁକୁଟ ଟେକି ଅନାଏ । ତୃଷାର୍ତ୍ତ ତଣ୍ଟିରେ ବିନ୍ଦୁଟିଏ ସିଞ୍ଚିଦେବା ତେଣିକି ତାର ମର୍ଜି ଉପର କଥା । ଏମିତି ବହୁକାଳ ତୁମଠାରୁ ବହୁ-ଦୂରରେ ଅବହେଳାର ନିମ୍ନଭୂମିରେ ମୁଁ ବଞ୍ଚିଆସିଛି । ତୁମ ଗରିଷ୍ଠ ଭକ୍ତବୃନ୍ଦଙ୍କ ପୃଥୁଳ ବ୍ୟୁହରେବି ତୁମପାଖେ ପହଞ୍ଚିବାର କୌଶଳ ସାମର୍ଥ୍ୟ କିମ୍ବା ସାହସ ମୋ ପାଖରେ ନାହିଁ । ଏଣେ ତୁମକୁ ପାଇଗଲେ ଏକଲକ୍ଷ କଥା ଏକା ଥରକେ କହି ପକାଇବାର ପ୍ରବଳ ଆତୁରତା ରହିଛି ଭିତରେ । ପୁଣି ମନେ ହେଉଛି ଅନ୍ତର୍ଯ୍ୟାମୀ ପୁରୁଷକୁ କ'ଣ କହିବି ?—କାହିଁକି କହିବି ? ଯଦି ବା କହେ କେଉଁ ବେଦୋତ୍ତୀର୍ଣ୍ଣ ଭାଷାରେ କହିଲେ ବେଦପୁରୁଷଙ୍କ ଶ୍ରୁତିଗୋଚର ହେବ ? ଭିତରେ ବାହରେ ଘୋଟି ରହିଥିବା ଆକାଶକୁ କ'ଣ ସମ୍ବୋଧନ କରାଯାଇପାରେ ? ସେ,ଚାହିଁଲେ ହୁଏତ' କରାଯାଇପାରେ । ଯଦି ସେ ମାନୁଷୀ ତନୁ ଆଶ୍ରିତ ହୁଅନ୍ତି, ଯଦି ଇଙ୍ଗିତ କରନ୍ତି ସଖାବୋଲି, କାନ୍ଧରେ ହାତ ପକାଇ ସ୍ମିତମୁଖରେ ନାଁ ଧରି ଡାକିବାକୁ ପ୍ରବର୍ତ୍ତାନ୍ତି; 'ଆସ ଏ ଜହ୍ନରାତିରେ ସାଙ୍ଗ ହୋଇ ବୁଲିବା' ହାତଧରି ଟାଣି ନିଅନ୍ତି, କାହାର ଏମିତି ଧୈର୍ଯ୍ୟ ଅଛି ନାହିଁ କରିଦେବ!

ତୁମେ ଏଭଳି ସୌଭାଗ୍ୟର ସୁଯୋଗ ଦେବାମାତ୍ରେ କିପରି ମୋ ସମଗ୍ର ସତ୍ତାର ବିଭିନ୍ନ ଭୂମିରୁ ଅଜସ୍ର ଆବେଦନ ସ୍ଫୁରିତ ହେଉଛି, ତୁମେ କ'ଣ ତାହା ଅନୁଭବ କରି ପାରୁଛ ! ଯେଉଁ ଟିକକ ମନରେ ଧାରଣ କରି ବଚନରେ ପ୍ରକାଶ କରୁଛି ତାହା ସେ ସାମୁହିକ ବକ୍ତବ୍ୟର ଶତାଂଶ ସୁଦ୍ଧା ନୁହେଁ । ...... ଅଦ୍ଭୁତ ଭାବରେ ମୁଁ କେବଳ ଜାଣି ପାରୁଛି ଯେ ଦେହ ପ୍ରାଣ ମନର ପ୍ରତିଟି କଣିକା ତା' ନିଜ ଢଙ୍ଗରେ ମୁଖର । ମୁଁ ସେ ସବୁ ଭାଷା ବୁଝିବାକୁ ଅକ୍ଷମ । ସହସ୍ରେ ସ୍ୱରର କୋଳାହଳ ଭିତରେ ମାତ୍ର କେତୋଟି ଧ୍ୱନି ଗୁଞ୍ଜରୁଛି । ମନରେ ଶବ୍ଦର ଉଦୟ ହେବା ମାତ୍ରେ ସୂକ୍ଷ୍ମ ଧ୍ୱନିରେ ତାହା ଉଚ୍ଚାରିତ ହୋଇ-ଯାଉଛି ଏବଂ ସେହି ମନଭୂମିରୁ ହିଁ ଶବ୍ଦରୂପୀ ପକ୍ଷୀମାନେ ତୁମ ଡାକକୁ ଉଡ଼ି ଯାଉଛନ୍ତି ।

ଅଭିଯୋଗର ସ୍ୱର କହୁଛି! "ମୁଁ ନିଜ ଇଚ୍ଛାରେ ସଂସାରକୁ ଆସି ନାହିଁ । ମୋ ଆସିବାର ଅନନ୍ତକାଳ ପୂର୍ବରୁ ଏ ସଂସାର ତାର ଯାବତୀୟ ରୂପଗୁଣ ନେଇ ବିଦ୍ୟମାନ । ସେ ଏକ ଅନୁଲ୍ଲଂଘିତ ପ୍ରଭାବ । ତା'ର ବି ଆୟତ୍ତ ନାହିଁ । ସେ ମଧ୍ୟ ନିଜ ଇଚ୍ଛାରେ ସୃଷ୍ଟି ନାହିଁ । ବହୁକାଳରୁ ଆମେ ପୁରୁଷାନୁକ୍ରମେ ଶୁଣିଆସୁଛୁ ଯେ କେବଳ ଜଣକର ଇଚ୍ଛାରେ ହିଁ ଏସୃଷ୍ଟି ଆତଯାତ ହେଉଛି । ତାହାରି ପ୍ରଶାସନରେ ମହାଶୂନ୍ୟରେ ସୂର୍ଯ୍ୟଚନ୍ଦ୍ର ଧାବିତ ହୋଇ ରହିଛନ୍ତି । ଗଙ୍ଗାଦି ସରିତ୍‌ମାନେ ପ୍ରବାହିତ ହେଉଛନ୍ତି । ସେଇ ଜଣକୁ ଖୋଜି ଖୋଜି ଏ ଯାଏଁ କେହି ତାର ସନ୍ଧାନ ପାଇ ନାହିଁ । ଅରଣ୍ୟକୁ ଖୋଜି ଖୋଜି ଯୋଗୀ ମାନଙ୍କରେ ହାବୁଡ଼ିଛନ୍ତି । ଏକଦା କିନ୍ତୁ କୌଣସି ଏକ ସ୍ଥାନ ପଡ଼ିଆରେ ଏମିତି ଏକାନ୍ତରେ ଜଣେ କହିଥିଲେ "ମୋ ଭିନ୍ନ ଏଠି ଆଉ କିଛି ନାହିଁ । ମଣିଷମାନଙ୍କ ଭିତରେ ପ୍ରଚ୍ଛନ୍ନ ସୂତ୍ର ପରି ଅସଂଖ୍ୟ ରୂପଗର୍ଭରେ ଏକମାତ୍ର ଗୂଢ଼ରହସ୍ୟ ହେଉଛି ମୁଁ" । —ମୋର ସ୍ମରଣ ହେଉଛି ତୁମେ ହିଁ ସେ ସବୁ କଥା କହିଥିଲ । ତୁମ ଶ୍ରୋତା ତଥାପି ବିଶ୍ୱାସ କରି ପାରିଲା ନାହିଁ ବୋଲି ତାକୁ ଅତି ଅଦ୍ଭୁତ ରୂପ ଦେଖାଇ ବିସ୍ମୟ ବିମୁଗ୍ଧ କରିଥିଲ । ବର୍ତ୍ତମାନ ସେ ସମସ୍ତ ପ୍ରୟୋଜନ ନାହିଁ । ତୁମେ ହିଁ ତୁମ ଇଚ୍ଛାରେ ଏ ସବୁ ସୃଜନ କରୁଛ ବୋଲି ମୁଁ ସ୍ୱୀକାର କରି ନେଉଛି । ତାହେଲେ ତୁମେ ହିଁ ତ' ଗ୍ରାହକୁ ଗ୍ରାହ-ରୂପ ଦେଉଛ । ତୁମେ ହିଁ ଚାହିଁଛ ଗଜରାଜ ତା' କବଳରେ ପଡୁ । ମରଣାନ୍ତ ଅବସ୍ଥାରେ ଶରଣାପନ୍ନ ହୋଇ ସ୍ତବ ପାଠକରୁ ଏବଂ ପରକ୍ଷଣ ହେବା ମାତ୍ରେ ଗ୍ରାହର ମଥା ଛିଣ୍ଡିଯାଉ ! କଥା ରହିଥାଉ ଧରା-ଧାମରେ ଯେ ଏମନ୍ତ କେହି ଜଣେ ଅଛି ଯେ ଇଚ୍ଛାକଲେ ହିଁ ଅସମ୍ଭବ ସମ୍ଭବ ହୋଇ ପାରିବ । ପରିଣାମରେ ଗଜନିସ୍ତାର ହୋଇଯାଏ । ତୁମର ବି ଯଶପ୍ରତିଷ୍ଠା ହୋଇଯାଏ । ........ କିନ୍ତୁ ଏକାନ୍ତରେ କଥା ପଡ଼ିଛି ବୋଲି ପଚାରୁଛି । ସତ କହିଲ ଦେଖି ତୁମେ କ'ଣ ସବୁ ଗ୍ରାହକୁ ନିବାରଣ କରିଛ ନା ସବୁ ମୃଗୁଣୀକୁ ଉଦ୍ଧାର କରିଛ ? ଆମ ଭିତରେ ହାତ୍ ନାହିଁ ତୁମର ସୁଦୀର୍ଘ ଅପଯଶର ତାଲିକା ବାଚିବାକୁ ! ସର୍ବମୟ କର୍ତ୍ତାରୂପେ ସ୍ୱୀକୃତ ମହିମାକୁ ଅପନିନ୍ଦିତ କରିବା ଅଭିଳାଷ ଆମର ନାହିଁ । ଯୁଗଯୁଗ ଧରି ତୁମ ଉପରକୁ ଆଉଜି ରହିଥିବା ଆନୁଗତ୍ୟର ଖାତିର୍‌ରେ କହି ପାରୁ ନାହିଁ ଯେ ତୁମେ ସବୁ ଦୁଷ୍କୃତଙ୍କୁ ବିନାଶ କରିବାରେ ଅସମ୍ଭବ କିମ୍ବା ଅନିଚ୍ଛୁକ । ତୁମେ ହୁଏତ' ପାରୁ ନାହିଁ କିମ୍ବା ପାରିଲେ ବି ଇଚ୍ଛା କରୁ ନାହିଁ ପ୍ରାଣୀର ମଙ୍ଗଳ ହେଉ, ସେ ଗ୍ରାହମୁକ୍ତ ହେଉ ! ..........

............ଆଚ୍ଛା, କହିଲ ଦେଖି ତୁମେ କ'ଣ ସତରେ ଜୀବଯାତନା ବୁଝିଛ? ତୁମେ ତ' ଅନ୍ୟ ଡାଳର ପକ୍ଷୀ । ମିଠା ଫଳ ଚାଖି ନାହିଁ । କଷା ଫଳ ବି ଚାଖି ନାହିଁ । କେବଳ ନିଷ୍ପଲକ ଚାହିଁ ରହିଲେ କ'ଣ ଅନୁଭବ ହୋଇଯାଏ? ଜୀବଟି ବିସ୍ତରା ବେଦନାରେ ଛଟପଟ ହେଉଥାଏ । ସଂସାରରେ ବିଦ୍ଧଭିନ ହୋଇ ତୁମକୁ ଆତୁର ପ୍ରାର୍ଥନା କରୁଥାଏ । ତୁମେ ନିଷ୍ଠୁର ଆକାଶ ପରି ସବୁଜୀର୍ଣ୍ଣ କରିଯାଅ । ତୁମଠାରୁ ପ୍ରତିଧ୍ୱନି ବି ଆସେ ନାହିଁ । ତେବେ ତୁମକୁ ଆମେ ଡାକୁ କାହିଁକି ? ଏଇଥିପାଇଁ ଡାକୁ ଯେ ତୁମେ କାଳେ ଆମ ଗହଣକୁ ଓହ୍ଲେଇ ଆସି, ଆମରି ଭଳି ରୂପ ଧାରଣ କରି ଆମ ଦୁଃଖ ନିବାରଣ କରିବ । ତୁମେ ବାରମ୍ବାର ସେମିତି ଆସିଛ ବୋଲି ଇତିହାସ କହୁଛି । ସତ୍ୟ, ତ୍ରେତା, ଦ୍ୱାପରରେ ଆସିଛ । କଳ୍ପଣାରେ

ଅନେକ ଜନ୍ମର ପରି ନଇଁ ଆସିଛ । କିନ୍ତୁ ଗୋଟାଏ ପକ୍ଷ ଏମିତି ଜହ୍ନରାତି ହେଲାପରେ ପୁଣିତ' ଅନ୍ଧାର ମାଡ଼ି ଆସିଛି । ତାକୁ ନିବାରଣ କରିବାକୁ ତୁମର ବ୍ୟବସ୍ଥା ନାହିଁ । ମନେ ହେଉଛି ତୁମେ ହିଁ ସ୍ୱୟଂ ସେଇ ଅନ୍ଧାର । ଧାରା ଶ୍ରାବଣରେ ମେଘ ଘୋଟି ରହିଥିଲା ବେଳେ ତୁମ ବଂଶୀଧ୍ୱନିରେ ଆମେ ବାହାରି ଆସିଛୁ । ଗାଢ଼ା ରଜନୀରେ ଡ଼ାକିଛ, ଆମେ ଆସିଛୁ । କିନ୍ତୁ ଗୋଟାଏ ଯୁଗଧରି ଆମେ ଯମୁନାର ଗୋପକୂଳରେ ଠିଆ ହୋଇ ରହିଛୁ ତୁମ ପ୍ରତୀକ୍ଷାରେ । ତୁମେ ଆସି ନାହଁ । ତୁମ ଆସିବା ଯିବା ତୁମ ମର୍ଜି ଉପର କଥା । ଆମ ଦୁଃଖ, ଦୈନ୍ୟ, ଯାତନା ମଧ୍ୟ ତୁମର ହିଁ ମର୍ଜି ଉପର କଥା । ..........

ତୁମେ ଜାଣ ବ୍ୟାଧିର ପୀଡ଼ା କ'ଣ ? ବାର୍ଦ୍ଧକ୍ୟର ଅସହାୟତା କ'ଣ ? ତୁମେତ' କେବେ ବୃଦ୍ଧ ହୋଇଛ ବୋଲି କେହି ଜାଣନ୍ତି ନାହିଁ ? ନିତ୍ୟନୂତନ ବୃଦ୍ଧ ହେବେ କିପରି ? ସେହିପରି ସକଳ ବ୍ୟାଧିର ମୂଳଉତ୍ସ ସ୍ୱୟଂ କିପରି ଆକ୍ରାନ୍ତ ହୋଇ ପାରିବେ ? ଏତେ ବର୍ଷ ଧରି ବଣରେ ବୁଲିଛ । ଗଛମୂଳେ ବିତି ଯାଇଛି ଅଶ୍ରୁଳ ଶ୍ରାବଣ । ଅନାହାର କ୍ଳାନ୍ତି ଦିନେ ହେଲେ ତୁମକୁ ବ୍ୟାଧିଗ୍ରସ୍ତ କରି ନାହିଁ । ତୁମେ ଖାଲି ମଣିଷ ଶରୀରଟିକୁ ଆଢ଼ୁଆ କରି ନେଇଛ । ତାର ଧର୍ମ ସ୍ୱୀକାର କରିନାହଁ ।

ହଁ ମୁଁ ଜାଣି ପାରୁଛି ଯେ ଗ୍ରୀଷ୍ମ ଅସହ୍ୟ ହେଲେ ତୁମେ ଚନ୍ଦନ ଯାତ ଖିଆଣ କର । ଏ ପ୍ରକାର ଜହ୍ନ ରାତିରେ ଉଆସ ଅଗଣାରେ ବିଚରଣ କର । ସୁନା କୂଅ ପାଣି ଥରେ ଗାଧୋଇଲା ପରେ ଅନବସର ଜ୍ୱର ଭୋଗକର । ଶରୀର ଧର୍ମ ସ୍ୱୀକାର କଲ ବୋଲି କ'ଣ ଏ ପ୍ରମାଣ ? ତୁମେ ହୁଏତ ଚାହିଁଲ ଯେ ତୁମକୁ ଆଳ କରି ଅସଂଖ୍ୟ ନରନାରୀ ନରେନ୍ଦ୍ର କୂଳରେ ଶୀତଳ ହୁଅନ୍ତୁ । ହୁଏତ ମୋ ପାଇଁ ତୁମେ ଆଜି ଅଗଣାକୁ ବାହାରି ଆସିଛ ! ନାଁ ନାଁ ମୁଁ କ'ଣ ଚାହୁଁଛି ତୁମେ ସେ ଗୁମୁଟ ଭିତରକୁ ଫେରିଯାଅ । କିଏ କ'ଣ ଚାହେଁ ତା ଆତ୍ମା ପୁରୁଷ ସ୍ୱଭାବକୁ ବିଭେଇ ହୋଇ ଯାଆନ୍ତୁ । ବରଂ ଚାଲ ଠାକୁରାଣୀଙ୍କ ଉଆସ ବାଟେ ନିଶାତଳ ଆଡ଼େ ଯିବା । ସେଇଠି ପବନ ଦେବ ତୁମର ବ୍ୟଞ୍ଜନ ସେବା କରିବାକୁ ସବୁବେଳେ ଖଟିଥାଆନ୍ତି । ସେ ଆଡ଼େ ଯିବ ନାହିଁ ? ଯିବ ନ ହେଲା ନାହିଁ । ଏଇ ଉଭର ଅଗଣା ସବୁଠୁ ଭଲ । ଜହ୍ନ ଆଲୁଅ ଏତେ ନିର୍ମଳ ଏବଂ ଅବାଧ ଆଉ କେଉଁଠି ନାହିଁ । ଠିକ୍ ଅଛି ମୁଁ ବରଂ କିଛି ସମୟ ନିରବ ରହୁଛି । ପାଖରେ ପାଉଛି ବୋଲି ଅଧିକାରରେ ସବୁ ଦୁଃଖ ଅଭିମାନ ଜଣାଇ ଦେବାର ଅପରାଧ ଆଉ କରିବି ନାହିଁ ।

ଚନ୍ଦ୍ର ମଧ୍ୟାକାଶରୁ ଉଇଁ ଆସିଲେଣି । ତୁମ ଉଆସ ଛାଇରେ ଠିଆ ହେଲେ ଭାରି ଭଲ ଲାଗୁଛି । ଦମ୍ଭ ଲାଗୁଛି । ଲାଗୁଛି ଯେ ଏଇଟା ଆମ ଖାଉନ୍ଦଙ୍କ ଉଆସ । ତୁମେ କିନ୍ତୁ ସେଇ ଆଲୁଅରେ ଥାଅ । ଘନୀଭୂତ ଆକାଶ ପରି ତୁମର ଏ ରୂପ ଏହିପରି ଦୁର୍ବାର ଲୋଭନୀୟ ଦିଶୁଥାଉ । ଯଦି ଇଚ୍ଛା......

କର ତା'ହେଲେ ଅଦୃଶ୍ୟ ବେତାଳମାନେ ରତ୍ନ ସିଂହାସନ ଏଠିକି ଟେକି ଆଣିବେ । ସିଂହାସନରେ ବସି ରହିବା କିଛି କମ୍ ଦାୟିତ୍ୱ ନୁହେଁ । ବର୍ଷକେ ଥରେ ମାତ୍ର ଓହ୍ଲେଇବାର ସୁଯୋଗ ମିଳେ, ସେ ପୁଣି ଏମିତି ତୁମୁଳ କୋଳାହଳ ଠେଲା ପେଲାର ଗୋଳିଆ ପାଣିର ଭରପୂର ନଈ ଭିତରେ ଯେ ବାହାରେ ଟିକିଏ ଖୋଲାରେ ବୁଲି ଆସିବା ସୁଖ ସେଥିରେ ନାହିଁ । ଇକ୍ଷେ ଭକ୍ତ ଇକ୍ଷେ ଗୁହାରିଆ ! ତା ଭିତରେ ଏମିତି କି ସାଧୁପୁରୁଷ ଥାଆନ୍ତି ଯେ ତୁମକୁ ଭରା ହେବାର ଦେଖିବେଳେ ହିଁ ବିହ୍ୱଳ ହୋଇ ଯାଆନ୍ତି । ସେମାନଙ୍କର କିଛି ହେଲେ ଗୁହାରି କରିବାର ନ ଥାଏ । ସେମାନେ ଆପ୍ତକାମ ନୁହନ୍ତି କିନ୍ତୁ ତାଙ୍କ ଢଙ୍ଗ ହେଲା ଯେ ମାଲିକ ଖୁସି ହେଲେ ସେ ଖୁସି । ସେଇ କଥାହିଁ ହେଉ ଠାକୁର ! ତୁମ ସୃଷ୍ଟି ତୁମେ କେମିତି ଚଳାଉଛ ଚଳାଅ । ତୁମ ଭକ୍ତ କୁଳ ତୁମ ଯଶ ଗାଇ ଗାଇ ଅନ୍ନବସ୍ତ୍ର କଷ୍ଟରେ ମରୁଥାଆନ୍ତୁ । ତାଙ୍କଠାରୁ ପ୍ରାର୍ଥନା ଶୁଣିବାକୁ ତାଙ୍କୁ ଅହରହ ହାତୀ ପାହୁଲ ତଳେ ଚକଟାଉଥାଅ । ଦୁର୍ଜନ ଛଳକାମୀମାନେ ଧନଜନ ଗୋପଲକ୍ଷ୍ମୀରେ ସୌଭାଗ୍ୟଶାଳୀ ସାଧବ ହୋଇ ଜୀବନ ଉପଭୋଗ କରୁଥାଆନ୍ତୁ । ଏ ବ୍ୟବସ୍ଥା ଯଦି ତୁମ ମନକୁ ପାଉଛି ତେବେ ସେଥିରେ କାହାର କ'ଣ କହିବାକୁ ଅଛି । ନିୟନ୍ତା ପୁରୁଷକୁ କ'ଣ ଉତ୍ତର ଅଛି । ଆସ ବରଂ ଅନ୍ୟ କଥା ହେବା ।

କ'ଣ ମନ ଦୁଃଖ କଲ କି ? ତୁମ ମୁହଁ ଶୁଖିଲା ଦେଖା ଗଲେ ଆମ ପଦ୍ମ ପୋଖରୀରୁ ସବୁ ପାଖୁଡ଼ା ମଉଳିଯାଏ । ଆତ୍ମା ସଙ୍କୁଚିତ ହୋଇଯାଏ । ତୁମେ ମାଲିକପଣେ ବସିଛ ବୋଲି ସିନା ଦିପଦ ଜିଜ୍ଞାସା ଆମ ତୁଣ୍ଡରୁ ବାହାରି ଯାଉଛି, କ'ଣ ଆଉ କରିବୁ କହନ୍ତୁ ? କାହା ଆଗରେ କହିବୁ ମନ ବନସ୍ତରେ ନିଆଁ ଲାଗିଯିବା କଥା ? ତୁମେ ସେଥିରେ ଏମିତି ଝାଉଁଳି ପଡ଼ିବ ବୋଲି କ'ଣ ଆମେ ଜାଣିଥିଲୁ ? ହଉ ହେଲା । ହେଇ କାନ ମୋଡ଼ି ହେଉଛି ଆଉ ଯଦି କେବେ ଭୁଲରେ ହେଲେ ତୁମକୁ ମୋ ଦୁଃଖ ଜଣାଇଛି ତ କହିବ । ବରଂ ତୁମ ଦୁଃଖ କ'ଣ ମୁଁ ଏବେ ବୁଝି ପାରୁଛି..........

ଅଜ୍ଞାତ ଶବରପଲ୍ଲୀରୁ ଯେଉଁଦିନ ଏ ଉଆସକୁ ଉଠି ଆସିଲ ଆଜ୍ଞାକାରୀ ସେବକମାନେ ଖଟିଲେ, ମୁଣ୍ଡରୁ ମୁକୁଟ ଓହ୍ଲେଇଦେଇ ଗଜପତି ସମ୍ରାଟ ସାଷ୍ଟାଙ୍ଗ ପ୍ରଣିପାତ ହେଲେ, ସେଦିନ ଜାଣି ତୁମ ଦୁଃଖର ସୂତ୍ରପାତ ହେଲା । ମହାକାଶ ସେତିକି ଘଟାକାଶ ହେବାର ଦୁଃଖ । ଦେଉଳ ଗମ୍ଭୀରା ଏତିକି ଅନ୍ଧାର, ଏମିତି ନିବୁଜ ରୁଦ୍ଧ ହୋଇ ରହିଛି ବୋଲି ତୁମେ କ'ଣ ଜାଣିଥିଲ ? ସେଠିକି ପବନ ଯାଏନାହିଁ କି ଆଲୁଅ ଯାଏ ନାହିଁ । କଂସର ବନ୍ଦିଶାଳ ପ୍ରାୟ ଏଇଭଳି ହେଉଥିବ ନା



କ'ଣ । ଦିହୁଡି ନ ଜାଳିଲେ ତୁମର ମୁଖ ଦର୍ଶନ ସମ୍ଭବ ନୁହେଁ । ଭୋଗ ଭୁଞ୍ଜାଇବା ପାଇଁ ଏମିତି ଆଜ୍ଞାକାରୀ ଭୃତ୍ୟ ଲଗି ରହିଛନ୍ତି ଯେ ଟିକିଏ ନିରୋଳାରେ ଗଣ୍ଡିଏ ମଣୋହି କରିବା ମନା । ତୁମକୁ ଯାତରା କଣ୍ଢେଇ କରି ସାରିଛନ୍ତି । କଥା କଥାକଥାରେ ବେଶ ବଦଳ ରୂପ ବଦଳ କରି ଗ୍ଲାଇଛନ୍ତି । ସମସ୍ତଙ୍କ ଆଗରେ ନିରାବରଣ କରି ପୁଣି ଲୁଗା ପିନ୍ଧାଉଛନ୍ତି । ତୁମେ କ'ଣ ପାଟ ଛିଟ ପାଇଁ କଟାକ୍ଷ କରିଛ ନା ପଦ୍ମ– ମଣ୍ଡଣିକୁ ଅତି ବସିଛ । ତୁମେ ତ ତୁମ ରୂପର ଆଭାସରେ ଛିଭ ଗ୍ରହଣିରେ ଏଠି ନ ଥିଲ ପରି ଜଣାଯାଅ । ଯେଉଁ ରୂପକୁ ତୁମେ ସ୍ୱୀକାର କରିଛ ବୋଲି ଆମେ ଭାବୁ ତାହା ଖୋଳଟିଏ କେବଳ । ସେଥିରେ କାଳୀୟ ଦଳନ ହେଲେ କେତେ, ନାଗା ପଠାଣ ହେଲେ କେତେ ? ତୁମେ ତ ହାତଗୋଡ଼ ଓହ୍ଲେଇ ଦେଇ ଅଚଳ ସନାତନ ରୂପରେ ବସିଥାଅ କିନ୍ତୁ ତାଙ୍କ କାମ ଚଳେନାହିଁ ବୋଲି ମହଣ ମହଣ ଭାର ସୁନାରେ ହାତ ପାଦ ଖଞ୍ଜି ଦିଅନ୍ତି, ଚକ୍ରଟିଏ ବା ଧନୁଟିଏ ଧରାଇ ଦିଅନ୍ତି । ସେହି ରୂପେ ପ୍ରାର୍ଥନା କରିବା ସହଜ । କିନ୍ତୁ ଏ ବେଶ ପଛରେ ତୁମେ ପୂର୍ବଭଳି ନିର୍ଲିପ୍ତ ରହିଥାଅ । କାନ ନାହିଁ ଶୁଣିବାକୁ, ଆଖିନାହିଁ ଦେଖିବାକୁ, କ'ଣ କରୁଛନ୍ତି କରନ୍ତୁ ସେମାନେ । ପର୍ବ ପର୍ବାଣୀ ଯାତ ମହୋତ୍ସବ କରନ୍ତୁ ଅଥବା ବେପାର ବଣିଜ କରନ୍ତୁ; ଅନାଶ୍ୱର ବ୍ୟଭିଚାର କରନ୍ତୁ । ମନେ ହୁଏ ସେଇମାନଙ୍କର ହିଁ ଜନ୍ମୁର ରୂପ ଦେଖି ତୁମେ ସ୍ୱୟଂ ଦାରୁଭୂତ ହୋଇ ଯାଇଛ, କାଠ ପାଲଟି ଯାଇଛ । ଗଜପତି ଥାଟ ମାଡ଼ିଯାଏ । ଲୁଣ୍ଠିତ ସୁବର୍ଣ୍ଣରେ ରତ୍ନଥାଳୀ ଗଢ଼ାହୁଏ, ସୁନାମୁକୁଟ ଗଢ଼ାହୁଏ । ତୁମେ ହୁଏତ ଦେଖି ଚଟକା ହୋଇଯାଅ । ତୁମ ଆଖିରୁ ପଲକ ଲିଭିଯାଏ ! ଦୃଷ୍ଟି ଭିଭିଯାଏ । ତୁମେ ଈଶ୍ୱର ଆସି ଉଭା ହୋଇଥିଲ ! ଐଶ୍ୱର୍ଯ୍ୟ କହିଲେ କ'ଣ ଏମାନେ ଏଇ ଧାତୁ ପଥରର ରୂପକୁ ବୁଝନ୍ତି । କି ଦୁଃଖ ସତେ, ମଣିଷ ପାଇଁ ନୁହେଁ ଈଶ୍ୱର ପାଇଁ ?

ଆମେ ବାଲି ଉପରେ ବସି ସମୁଦ୍ରକୁ ଚାହିଁଲା ପରି ତୁମେ ସେ ଗମ୍ଭୀରା ଭିତରୁ ଦର୍ଶକ ସମୁଦ୍ରର ଢେଉ ଗଣୁଥାଅ । ଥାକ ଥାକ ହୋଇ ପଣ୍ଡା ମଣ୍ଡିତ ଯାତ୍ରୀଦଳ ଆସି ପହଞ୍ଚନ୍ତି । ସମସ୍ତଙ୍କର ଦେହ ମନ ପ୍ରାଣର ଉତ୍ତାପ ବାମ୍ଫ ହୋଇ ଜଗମୋହନ ସାରା ଚାଟିଯାଏ । ସବୁ ଅଙ୍ଗାରର ଧାସ ତୁମ ଉପରକୁ ମାଡି ଆସେ । ଅହରହ ସେ ଝାଞ୍ଜି ବାଜି ବାଜି ତୁମ ଶ୍ରୀଅଙ୍ଗ ଏପରି ବିବର୍ଣ୍ଣ ହୋଇ ଯାଇଛି କି ? ସେଥିପାଇଁ ଦିନକୁ ତିନିଥର ଚନ୍ଦନ ସ୍ନାନ କରିବାକୁ ତୁମର ମନ ହୁଏକି ? ନିର୍ଦ୍ଧୂମ ନିଦାଘ କାଳରେ ନୌ ବିହାର କରିବାକୁ ତୁମେ ବାହାରି ଆସ କି ? ନରେନ୍ଦ୍ର ପୋଖରୀର ଗ୍ରଚିଆଡ଼େ ସେଇ ଜୀବ ଯାତନାର ଅଗ୍ନି ଶିଖା ଜଳୁଥିବାର ଦେଖି ଏ ଜହ୍ନ ରାତିରେ କିଛିତ ଶୀତଳ ହେବାକୁ ଅଗଣାକୁ ବାହାରି ଆସିଛ କି ?

କେଡ଼େ ଦୁଃଖରେ ସତେ ତୁମେ ଏଠି ବନ୍ଧା ପଡିଛ । ପୁର ପୁର ପଥର ବାଡ଼, ବଜ୍ର କବାଟ ପଛକୁ ବଜ୍ର କବାଟ ! ଛିଦ୍ରଟିଏ ନାହିଁ ଦେବତା ସୁଦ୍ଧା ଗଳି ଯିବାକୁ । ଜୀବ ଶରୀରର ତ୍ୱକମାଂସରୁଧିରାସ୍ଥିର ଅନ୍ଧାର ଗୁମୁଟ ଭିତରେ ସେ ବ୍ରହ୍ମ ରହସ୍ୟ ରୂପେ ରହିଛି ବୋଲି ପ୍ରତିଷ୍ଠା ଲଭ କରିଛି, ସେଇ ଅଭ୍ୟାସରେ ସେ ହୁଏତ ଏ ପଥର ଉଆସ ଭିତରେ ରହିପାରେ । ଅନ୍ୟଥା ଏହା ସମ୍ଭବ ନୁହେଁ । କିନ୍ତୁ କାହିଁକି ତୁମେ ବନ୍ଧନକୁ ସ୍ୱୀକାର କରିଛ ? ଲକ୍ଷକୋଟି ଜୀବଙ୍କର ଦୁଃଖ ଭିତରେ ବୁଡି ରହିବାକୁ ତୁମେ କାହିଁକି ନିଷ୍ପତ୍ତି ନେଇଛ ? ଯଦି ଦୁଃଖ ବିମୋଚନ କରିବାର ଯୋଜନା ତୁମର ନାହିଁ ନିଜେ କାହିଁକି ଏଇଠି ଏ ଦୁଃସହ କାରାବରଣ କରିଛ ? ତୁମକୁ ଅନଥାଳି ଦେଖାଇ ଦେଇ ସେମାନେ ଲୁଟି ଯାଉଛନ୍ତି । ମାଳଟିଏ ଲଗାଇ ଦେଇ ଲୁଣ୍ଠନ କରନ୍ତି । ତୁମେ ତାଙ୍କ ବୃତ୍ତିରେ ଅବଲମ୍ବ । ତୁମେ ଏକ ସାମଗ୍ରୀ । କାଳେ ତୁମେ ଉଠି ଚାଲି ଯାଇ ପାରବୋଲି ତୁମକୁ ସେମାନେ ଏପରି ଅଥର୍ବ କରି ଦେଇଥିବା ବିଚିତ୍ର ନୁହେଁ । ବୃତ୍ତି ପାଇଁ ଯେଉଁମାନେ ଅବୋଧ ଶିଶୁକୁ ଅନ୍ଧ, ପଙ୍ଗୁ କରି ଦେଇପାରନ୍ତି, କାଳେ ସେ କାହାକୁ କ'ଣ କହିଦେବ ବୋଲି ଜିଭ କାଟି ଦିଅନ୍ତି, ଶୁଆ ଉଡ଼ିଯିବ ବୋଲି ତା ଡେଣା ଯୋଡ଼ିକ କତୁରୀ ଦିଅନ୍ତି, ସେମାନେ ତାଙ୍କ ଉତ୍ପତ୍ତି -ବୃତ୍ତି-ସାମଗ୍ରୀକୁ ଏପରି ନାରଖାର କରି ଦେବାରେ ବିଚିତ୍ରତା କ'ଣ ଅଛି ? ଆହା ସତେ ତୁମେ ଚାହିଁଲେ ମୁଖ ପାଟି ଖୋଲି କିଛି କହି ପାରିବ ନାହିଁ । ସେମାନେ ଛଇମୁଦ ଦେଇ ଅଧରୋଷ୍ଠକୁ ଅବରୁଦ୍ଧ କରି ଦେଇଛନ୍ତି । କେବେ କେବେ ହୁଏତ ସେ ବିସ୍ଫାରିତ ଚକାଡୋଳାର ଫୁଟିଏ ଦୁଇଟି ଶିଶିରପାତ ହେଲପରି ସମସ୍ତଙ୍କ ଅଲକ୍ଷରେ ଅଶ୍ରୁଧାର ଝରି ପଡୁଥିବ । ସ୍ୱେଦାକ୍ତ ହେଉଥିବ କାରାକକ୍ଷ ଭିତରେ ସମଗ୍ର ବିଗ୍ରହ ! ଆହା ପ୍ରଭୁ ! ଏଠି ତ ପଣ୍ଡା ପଢିହାରୀ ସେବକ ସୂପକାର କେହି ନାହାନ୍ତି; ମୋତେ ଯଦି ବାହନ ରୂପେ ସ୍ୱୀକାର କରନ୍ତି ଜଗନ୍ନାଥ, ମୁଁ କାନ୍ଧରେ ବସାଇ କିଛି କାଳ ଏ ଅଗଣାରେ ବୁଲାଇ ଆସନ୍ତି । ଯଦି ରାଜି ହୁଅନ୍ତି ଟିକିଏ ବିଡିଆ ଭୁଞ୍ଜାଇବାକୁ ମନ ହେଉଛି । ମୁଁ ଯଉମୁଦ ଭାଙ୍ଗିଦେଲେ ତୁମ ଅଧରୋଷ୍ଠ ବିଭାଜିତ ହୁଅନ୍ତା । ସେ ଅପରାଧ ପାଇଁ ମୋତେ ରାତି ପାହିଲେ ଯଦି ଶୂଳିରେ ଚଢ଼ିବାକୁ ହୁଏ ମୋର ଆପତ୍ତି ନାହିଁ । ଓଡ଼ା ଗାମୁଛାରେ ବିଗ୍ରହ ପୋଛି ଦିଅନ୍ତି । ଏମିତି ତୁମେ ଲୀଳାୟିତ ହୁଅ ଠାକୁର ବାଙ୍ମୟ ହୁଅ । ଏମିତି ନିଷ୍ପଳ ନିଷ୍ପଲକ ଆଖିରେ ଅସହାୟ ଚାହିଁ ରହନାହିଁ । ବରଂ ନେଇଯାଅ ମୋର ଅବୟବ, ନେଇଯାଅ ମୋର ଚକ୍ଷୁ ଜିହ୍ୱା ସ୍ପନ୍ଦନ । ମୋତେ ନଡ଼ ନିଶ୍ଚିହ୍ନ କରିଦିଅ ଠାକୁର, ତୁମର ଅଗାଧ ଅମାପ ଅନ୍ଧାରପରି ଅପ୍ରକାଶ୍ୟ ଦୁଃଖ ମୋତେ ଲାଗେ ଅସହ୍ୟ । ତୁମେ ଆମରି ଭଳି ରୂପ ପରିଗ୍ରହ

ଆମଗି ଦୁଃଖରେ ପରିଶିଳିତ ହେଲେ, ଆମେ ତୁମ ଉପରୁ ସମସ୍ତ ଅଭିଯୋଗ ପ୍ରତ୍ୟାହାର କରିନେବୁ । ତୁମକୁ ସଖା ସୋଦର ରୂପେ ପାଇବାର ସୁଯୋଗ ଦିଅ । ଆମ ସହିତ ନଈ କୂଳରେ ଦହିଭାତ ଖାଇବାକୁ ରାଜି ହୋଇଯାଅ । ତୁମେ ଗୋବର୍ଦ୍ଧନ ଧାରଣ କଲେ ଆମେ ଲଗୁଡ଼ ଲଗାଇ ତାକୁ ଟେକି ଧରିବୁ । ତୁମେ ଏମିତି ଏ ଗମ୍ଭୀରା ଭିତରେ ଏତେ ନିଶ୍ଚୁପ ନିସ୍ପନ୍ଦ, ଅନନ୍ତ ଯାତନାରେ ମଙ୍ଗ ବୁଡ଼ାଇଲା ପରି ଆମକୁ ଆଉ ଭଲ ଲାଗୁନାହିଁ । ଆମ ଦୁଃଖକୁ ଏପରି ଶତଗୁଣିତ, ଦୂରାନ୍ତ କରନାହିଁ । ହେ ମଣିଷଙ୍କ ଠାକୁର, ତୁମେ ବରଂ ମଣିଷ ହୋଇଯାଅ ।

ସମ୍ପାଦକ
ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା
ଶହୀଦ ନଗର, ଭୁବନେଶ୍ୱର-୭ ।

## ଉତ୍କଳ ପ୍ରସଙ୍ଗର ସୁବର୍ଣ୍ଣଜୟନ୍ତୀ ବିଶେଷାଙ୍କ ସଂପର୍କରେ ମତାମତ

ସିଂହଭୂମି ଓଡ଼ିଆ ସାହିତ୍ୟ ସମାଜର ଅଧ୍ୟକ୍ଷ ଉତ୍କଳ ଦିବସ ଉପଲକ୍ଷେ ପ୍ରକାଶିତ ଉତ୍କଳ ପ୍ରସଙ୍ଗର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରି ଲେଖିଛନ୍ତି ଯେ —


ଶ୍ରଦ୍ଧେୟ ସତ୍ୟାନନ୍ଦ ବାବୁ,

ଉତ୍କଳ ଦିବସ ଉପଲକ୍ଷେ ଉତ୍କଳ ପ୍ରସଙ୍ଗର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ପ୍ରକାଶନ ପାଇଁ ଧନ୍ୟବାଦ । ଓଡ଼ିଶା ପ୍ରଦେଶ ଗଠନ ଓ ତାହାର କ୍ରମ ବିକାଶର ବହୁ ମୌଳିକ ତଥ୍ୟ ପ୍ରକାଶ କରି ଏହି ବିଶେଷାଙ୍କ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । 'ସିଂହଭୂମର କହୁଛି' ପ୍ରବନ୍ଧ ବିଚ୍ଛିନ୍ନାଞ୍ଚଳ ସିଂହଭୂମିରେ ରହୁଥିବା ଓଡ଼ିଆ ଜନସାଧାରଣଙ୍କ ମନରେ ଏକ ଜଟିଳ ପ୍ରଶ୍ନ ସୃଷ୍ଟି କରିଛି । ସରାଇକେଲା ଓ ଖରସୁଆଁ ଗଡ଼ଜାତର ଓଡ଼ିଶାରେ ମିଶ୍ରଣ ବିଷୟରେ ବହୁ ସମାଲୋଚନା ହୋଇଥିଲେ ସୁଦ୍ଧା ଆମର ବିଶ୍ୱାସ ଥିଲା ଡ଼କ୍ଟର ମହତାବ ଓ ସେହି ସମୟର ଓଡ଼ିଶା ସରକାରଙ୍କର ଉଦାସୀନତା ଏବଂ ନିଷ୍କ୍ରିୟତା ପାଇଁ ସରାଇକେଲା ଓ ଖରସୁଆଁ ଓଡ଼ିଶାରେ ମିଶି ପାରି ନ ଥିଲା । ଶ୍ରୀ ଲକ୍ଷ୍ମୀଧର ନାୟକଙ୍କର ବଳିଷ୍ଠ ଐତିହାସିକ ତଥ୍ୟ ନେଇ ଯେଉଁ ଉପରୋକ୍ତ ପ୍ରବନ୍ଧ ପ୍ରକାଶିତ ହୋଇଛି, ତାହା ପୁଣି ଆଲୋଚନା ଓ ସମାଲୋଚନାର ଏକ ନୂତନ ବିଷୟ । ସିଂହଭୂମିର ମହତକାଂକ୍ଷୀ ସ୍ୱାର୍ଥପର ଯୁବନେତା ଓ ଓଡ଼ିଶାର ଜଣେ ନେତ୍ରୀ ସରାଇକେଲା ଓ ଖରସୁଆଁକୁ ଓଡ଼ିଶାରେ ମିଶ୍ରଣ ପାଇଁ ଯେଉଁ ବାଧା ସୃଷ୍ଟି କରିଥିଲେ ତାହାକୁ ଇତିହାସ କେବେ କ୍ଷମା କରିବ ନାହିଁ । ଡ଼କ୍ଟର ମହତାବ ଓ ଓଡ଼ିଶା ସରକାରଙ୍କ ଉପରେ ଯେଉଁ ଧାରଣା ଆମ୍ଭେ ପୋଷଣ କରିଥିଲୁ ଉପରୋକ୍ତ ପ୍ରବନ୍ଧ ପଢ଼ିଲା ପରେ ତାହା ଭ୍ରାନ୍ତ ମନେ ହେଲା । ଆମେ ଆଶା କରୁ ଏହି ବିଷୟରେ ଡ଼କ୍ଟର ମହତାବ ଓ ତତ୍କାଳୀନ ଓଡ଼ିଶାର ନେତୃ ସ୍ଥାନୀୟ ଲୋକଙ୍କର ମନ୍ତବ୍ୟ ଏହି ବିଷୟରେ ସ୍ପଷ୍ଟୀକରଣ କରିବାରେ ସାହାଯ୍ୟ କରିବ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଇତିହାସ ଜଡ଼ିତ ତଥ୍ୟ ନେଇ ପ୍ରବନ୍ଧ ପ୍ରକାଶ କଲେ ଆମେ ଉପକୃତ ହେବୁ । ବିଚ୍ଛିନ୍ନାଞ୍ଚଳର ସାହିତ୍ୟ ସମୟ ସମୟରେ ପ୍ରକାଶିତ ହେଲେ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଶାର ଜନସାଧାରଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

ସଧନ୍ୟବାଦ ।

ସ୍ୱା-ଅଶୋକ କୁମାର ମିଶ୍ର
ଅଧ୍ୟକ୍ଷ



ଟେଲିଗ୍ରାମ : ଫରେଷ୍ଟ କର୍ପ
ଟେଲେକ୍ସ : ୦୬୭୫-୨୪୦

ଟେଲିଫୋନ : ୫୧୦୮୬ } ପି. ବି. ଏକ୍ସ.
୫୧୨୬୯

## ଆପଣଙ୍କ ସେବାରେ :

# ଓଡ଼ିଶା ବନ ନିଗମ

## ସ୍ଥାପିତ-୧୯୬୨

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ଓଡ଼ିଶାର ପୁରପଲ୍ଲୀ ତଥା ବଣ ଜଙ୍ଗଲରେ ବାସ କରୁଥିବା ଅଧିବାସୀମାନଙ୍କୁ ମୁଷ୍ଟିମେୟ ଧନୀକ ଠିକାଦାର କବଳରୁ ମୁକ୍ତକରି ଉଚିତ ପାରିଶ୍ରମିକ ଦେଇ ଆସିଛି ଦୀର୍ଘ ୨୪ ବର୍ଷ ଧରି ।

ବନ୍ୟା, ବାତ୍ୟା, ଘରପୋଡ଼ି ଆଦି ଦୈବୀ ଦୁର୍ବିପାକ ବେଳେ ଗରିବ ନିଃସହାୟ ଲୋକଙ୍କୁ ଶସ୍ତା ସୁଲଭ ମୂଲ୍ୟରେ ବଲ୍ଲୀ, ବାଉଁଶ, କାଠ ଇତ୍ୟାଦି ଗୃହୋପକରଣ ଯୋଗାଇ ଦେଉଅଛି ।

ଗରିବ ଓ ଆଦିବାସୀଙ୍କଠାରୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ଶାଳ ମଂଜି ସଂଗ୍ରହ କରି ଅଭୂତପୂର୍ବ ପ୍ରଶଂସା ସହ ଠିକାଦାରମାନଙ୍କ ଶୋଷଣରୁ ସେମାନଙ୍କୁ ମୁକ୍ତ କରିଅଛି ।

ବିଗତ ପ୍ରଳୟଙ୍କରୀ ବନ୍ୟାରେ ନିଶ୍ଚିହ୍ନ ହୋଇଥିବା ଦୁଇଟି ଗ୍ରାମ କମାଶାସନ ଓ ଗୋବିନ୍ଦପୁର ନିଃସ୍ୱ ଗ୍ରାମବାସୀଙ୍କ ପାଇଁ ଅର୍ଦ୍ଧ ଘର ତୋଳି ବାସଚ୍ୟୁତ ଅଧିବାସୀମାନଙ୍କୁ ଥଇଥାନ ପାଇଁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ସାହାଯ୍ୟ କରିଛି । ତଦନୁରୂପ ସମ୍ବଲପୁର ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ କାଷ୍ଠ ସାମଗ୍ରୀ ଓ ବାଉଁଶ ସାହାଯ୍ୟ ସର୍ବନିମ୍ନ ଦରରେ କରିଛି ।

ନିତ୍ୟ ବ୍ୟବହାର୍ଯ୍ୟ କାଷ୍ଠୋପକରଣ ଓ ଶିଳ୍ପ ଉପଯୋଗୀ କାଠ ଉଚିତ ଦରରେ ଯୋଗାଇ ଜନସମାଜର ଅଶେଷ କଲ୍ୟାଣ କରୁଅଛି ।

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଆୟକର, ବିକ୍ରୀକର ଓ ରାଜସ୍ୱର ବିଶେଷ ବୃଦ୍ଧି ଘଟାଇ ପାରିଛି ।

ଜାଳେଣି କାଠର ଅଭାବ ପୂରଣ ପାଇଁ ୪୫୦ଟି ସୁଲଭ ଜାଳକାଠ ଗୋଲା ଖୋଲିଅଛି । ଜାଳକାଠ ଡ଼ିପୋମାନଙ୍କରେ 'ଚିଯାଡ୍ନି' ତୁଲ ବିକ୍ରି କରିବା ଦ୍ୱାରା ଜାଳେଣି ଖର୍ଚ୍ଚ କମିଯାଉଛି । ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି । ଭାରତୀୟ ରେଳପଥ ପାଇଁ ଉନ୍ନତ ଧରଣର ସ୍ଲିପର ଯୋଗାଇ ରେଳ ଲାଇନର ପ୍ରସାର ଦିଗରେ ସମର୍ଥ ହୋଇଛି ।

ଓଡ଼ିଶାର ନନ୍ଦନ କାନନରେ ଥିବା ଚିଡ଼ିଆଖାନା ଓ ପ୍ରମୋଦ ଉଦ୍ୟାନରେ ଏବଂ ଦର୍ଶକ ଓ ଶିଶୁମାନଙ୍କର ଭ୍ରମଣ ନିମନ୍ତେ ଚାଲୁଥିବା ରେଳଗାଡ଼ି ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇଛି ।

ବିଶେଷରେ ଓଡ଼ିଶାର ଗରିବ ଆଦିବାସୀମାନଙ୍କୁ ଅଶେଷ କର୍ମଯୋଗାଣ ଓ ଶ୍ରମସଂସ୍ଥାନ କରିପାରିଛି ।

**ଓଡ଼ିଶା ବନ ନିଗମ ଲିମିଟେଡ୍**
୯୦/୯୧, ସତ୍ୟନଗର
ଭୁବନେଶ୍ୱର-୭୫୧୦୦୭
ଓଡ଼ିଶା

# ଓଡ଼ିଶାର ପ୍ରଗତି ଓ ସମୃଦ୍ଧି



ଷଷ୍ଠ ଯୋଜନା କାଳରେ......

- ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ଭୂମିହୀନଙ୍କ କର୍ମସଂସ୍ଥାନ ସୁରକ୍ଷା କାର୍ଯ୍ୟକ୍ରମରେ ୬୪୮ ଶ୍ରମଦିବସ ସୃଷ୍ଟି ।
- ୮୫ଟି ବୃହତ୍ ଓ ମଧ୍ୟମ ଶିଳ୍ପ ; ୧୪,୩୧୮ କ୍ଷୁଦ୍ର ଶିଳ୍ପ ଓ ୩,୬୫,୯୧୭ କାରିଗରୀ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ।


୧୯୮୫....

- ଜୁନ୍ ସୁଦ୍ଧା ୨୭ ଲକ୍ଷ ପରିବାର ସମବାୟ ପରିସର ଭୁକ୍ତ ।
- ନଭେମ୍ବର ସୁଦ୍ଧା ୪ ଲକ୍ଷ ୧୩ ହଜାର ୧୩୧ ହେକ୍ଟର ଜମିରେ ଏକତ୍ରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ।
- ଜୁନ୍ ସୁଦ୍ଧା ୧ ଲକ୍ଷ ୩ ହଜାର ୪୯୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ।

୧୯୮୬....

- ଜାନୁଆରୀ ସୁଦ୍ଧା ୧ ଲକ୍ଷ ୧୧ ହଜାର ୪୧୭ ଜଣ ଭୂମିହୀନଙ୍କୁ ୧ ଲକ୍ଷ ୩୭ ହଜାର ୪୪ ଏକର ଉଦ୍ବୃତ୍ତ ଜମି ବଣ୍ଟନ ।
- ଫେବୃଆରୀ ସୁଦ୍ଧା ୩୨୨୧ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପିତ ।

- ୧୯୭୯-୮୦ ରେ ୧,୨୦,୦୭୫ ଜଣ ପର୍ଯ୍ୟଟକ ଓଡ଼ିଶା ପରିଦର୍ଶନରେ ଆସିଥିବା ସ୍ଥଳେ ୧୯୮୪-୮୫ ରେ ଆସିଥିଲେ ୨,୪୭,୪୪୦ ଜଣ ।



- ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ୧୫ଟି ଅଭୟାରଣ୍ୟ ପ୍ରତିଷ୍ଠିତ ।
- ବହୁସଂଖ୍ୟକ ସୁଲଭମୂଲ୍ୟ ଦୋକାନ ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପ୍ରସାରିତ ।
- କ୍ରୀଡ଼ା ଓ ଖେଳ କସରତର ବିକାଶ ସମ୍ପର୍କରେ ନୂତନ କ୍ରୀଡ଼ା ନୀତି ପ୍ରଣୀତ ।
- ଶିଳ୍ପର ଦ୍ରୁତ ବିକାଶ ପାଇଁ ନୂତନ ଶିଳ୍ପନୀତି ଘୋଷିତ ।

*With best compliments from*

Telephone : Office : 21244
Residence : 23494

# M/S. RAJLAXMI INDUSTRIES

**BIDYADHARPUR, NAYABAZAR**

**CUTTACK-753004**

**Manufacturer of High Quality Oven Fresh Biscuits made under modernised process and quality controled under I. S. I. specification.**

*Please Contract for Agency*

# 50 YEARS AGO

A dream came true—the aspirations of a warrior race who mastered the high seas, explored the far east and fought invaders till the last-took shape in a :

NEW STATE i. e. ORISSA

5 YEARS BACK

An organisation was born to tranlate the dynamic industrial policies of the Government to ensure rapid industriali-sation and balanced economic growth in the state i. e. Orissa Industrial Infrastructure Development Corporation (IDCO).

—The solid base of a new industrial revolution in the State

—It offers sheds & land for small, midium & large scale units anywhere in the State—also, in strategic locations like Rourkela, Choudwar (Cuttack), Chandaka (Bhubaneswar), Paradeep, Kalanga etc.


AS WELL AS

In the No-Industry Districts Of Bolangir, Phulbani & Balasore.

Gram : INFRA
Phone—52828
55464
Telex—0675-305

Orissa Industrial Infrastructure
Development Corporation (IDCO)
IDCO Towers, Janapath,
Bhubaneswar-7



# ଆର୍ଯ୍ୟ ସଂସ୍କୃତିରେ ସପ୍ତରଥ ପରମ୍ପରା

ଶ୍ରୀ ସଦାଶିବ ରଥଶର୍ମା


ରଥ ଶବ୍ଦ ଆର୍ଯ୍ୟସନାତନ ସଂସ୍କୃତିରେ ଏକ ତତ୍ତ୍ୱପୂର୍ଣ୍ଣ ବିଷୟ । ଭାରତର ଆତ୍ମା ବେଦ । ସେହି ପ୍ରାଚୀନତମ ସଭ୍ୟତାରୁ ଆରମ୍ଭ କରି ଆଧୁନିକ ସଂସ୍କୃତି ପର୍ଯ୍ୟନ୍ତ ଭାରତୀୟ ସମାଜରେ 'ବେଦ' ଚଳିଆସିଛି । ପୁରୁଷୋତ୍ତମ ଜଗନ୍ନାଥ ଚେତନା ସେହି ମହାନ୍ ପରମ୍ପରାର ବାହକ ।

୧୯୮୦ ମସିହାରେ କର୍ମକ୍ଳାନ୍ତ ଜୀବନରେ ଭାରତର ଜ୍ୟୋତିର୍ମୟ ତୋରଣ ( India Gate) ) ନିକଟରେ ବସିଥିଲି । ସମ୍ମୁଖକୁ ୪।୫ ଜଣ ଧନୀକ ବ୍ୟକ୍ତି ବସି Car ବିଷୟ ପକାଉଥାନ୍ତି, ବଡ଼ ରୁଚି ଓ ଶ୍ରଦ୍ଧାର ସହିତ ଜଣେ କହୁଥାନ୍ତି Contesa ସବୁଠାରୁ ଭଲ । କିଏ କହିଲେ Musidium ଓ Bullet Proof ଏହିପରି କେତେ । ନାମ କେତେ ବର୍ଣ୍ଣନା । ଭୋଗବସ୍ତୁ ଉପରେ ଗହନ ବିଶ୍ୱରର ଆନନ୍ଦ ସେମାନେ ପାଉଥିବା ମଧ୍ୟରେ ମୁଁ ଯାହା ଭାବୁଥିଲି କହିବାକୁ ଉଠିପଡ଼ି କହିଲି–ବନ୍ଧୁବର୍ଗ, ମୁଁ ଗୋଟିଏ Car ର କଥା କହିପାରେ କି ଆପଣମାନେତ ବହୁ Car ବିଷୟରେ ଆଲୋଚନା କରି ଘଣ୍ଟାଏ ବିତାଇ ଦେଲେଣି । ଅନୁଗ୍ରହ କରି ମୋର ସେହି ସମ୍ବନ୍ଧରେ ଦିପଦ ଶୁଣନ୍ତୁ । ସେମାନଙ୍କ ମଧ୍ୟରେ ଟାପୁରିଆ ପରିବାରର ଜଣେ ବୋଧହୁଏ ମୋତେ ସାମାନ୍ୟ ଚିହ୍ନିଥିଲେ । କେବେତ୍ କହିଥାନ୍ତେ ଶୁଣିବୁ ନାହିଁ । ମୁଁ କହିଲି ଭାରତରେ ଜଣେ ସର୍ବମାନ୍ୟଙ୍କର Car ଅଛି ବା ଚଢ଼ିବାର ପରମ୍ପରା ଅଛି । ତାହା ଜୁନ ୭ ରେ ତିଆରି ହୁଏ, ସ୍ୱରିଲକ୍ଷ ଟଙ୍କାରୁ କିଛି ଅଧିକ ମୂଲ୍ୟର Car ଅଠାବନ ଦିନରେ ପ୍ରସ୍ତୁତ ହୋଇଗଲେ ମାଲିକ ଚଢ଼ନ୍ତି । ଚଉଦ ଦିନ ବ୍ୟବହାର କଲାପରେ ସେ କାର ଗୁଡ଼ିକୁ ଭାଙ୍ଗି ଦିଆଯାଏ । ସେ Car କୁ କିନ୍ତୁ ବିଶ୍ୱର ସମସ୍ତେ ଜାଣନ୍ତି । ପୁଣି ପରବର୍ଷ ସେହି କ୍ରମରେ ସ୍ୱରିଲକ୍ଷ ଟଙ୍କା Car ନିର୍ମାଣରେ ବ୍ୟୟ କରାଯାଏ । ଅନ୍ୟ କେଉଁମାନେ ହୋଇଥିଲେ କହିଥାନ୍ତେ ଭାଗୋ । କାହାଁକା ପାଗଲ୍" ମାତ୍ର ବୁଝାଇ ଦେବା ପରେ ସେମାନେ ହାତଯୋଡ଼ି ପ୍ରଣାମ କଲେ । Car ଆଲୋଚନା ଭଗବତ୍ ସ୍ମରଣରେ ସମାପ୍ତ ହେଲା ।

ଭାରତୀୟ ସଂସ୍କୃତି ରଥ । ରଥନିର୍ମାଣ ଓ ରଥପରମ୍ପରା ପ୍ରାଚୀନତମ ବୈଦିକ ଯୁଗରୁ ପ୍ରଚଳିତ । ରଥସପ୍ତଧା ମଧ୍ୟରେ ଆତ୍ମରଥ, ଯୋଗରଥ, ସୂର୍ଯ୍ୟରଥ, ବିଷ୍ଣୁରଥ, ଶକ୍ତିରଥ, ଗାୟତ୍ରୀ ବା ବାଗ୍‌ମୟ ରଥ, ରଶ୍ମି ବା କନ୍ଦର୍ପରଥ ମୁଖ୍ୟ ଓ ଶେଷରେ ନୃପଶ୍ରେଣୀର ରଥଯାନରେ ତାହା ଅଷ୍ଟମ ସ୍ଥାନ ଅଧିକାର କରିଛି । ବର୍ତ୍ତମାନ ଆମେ କ୍ରମାନ୍ୱୟରେ ସେ ଅଷ୍ଟରଥ ପରମ୍ପରାକୁ ଆଲୋଚନା କରିବା ।

ଆତ୍ମରଥ–ଅବ ନିତ୍ୟ ଶାଶ୍ୱତ ଆତ୍ମା ସେ ରଥର ରଥୀ, ଦିବ୍ୟ ଦେହ ସେହି ଦିବ୍ୟ ରଥ, ବୁଦ୍ଧି ସେ ରଥର ଜ୍ଞାତବ୍ୟ ସବ୍ୟେଷ୍ଟା ବା ସାରଥୀ ସେ ମନରୂପକ ଅଶ୍ୱର ବଲ୍‌ଗା ଧାରଣ କରି ଜୀବକୁ ବ୍ରହ୍ମ ପଥରେ ଚଳାଇ ଥାଏ ।

ଆତ୍ମାନ ରଥୀନ ବିଦ୍ଧି ଶରୀର ରଥ ମେବ ତୁ,
ବୁଦ୍ଧିଂ ତୁ ସାରଥୀ ବିଦ୍ଧି ମନ ପ୍ରଗ୍ରହ ମେ ବଚ ॥






ବୈଦିକ ରଥ ୧

ଏହି ମହତ୍ ପ୍ରତିକାତ୍ମକ ରଥର ନାମ ଆତ୍ମରଥ । ବୈଦିକ ଭାବସ୍ଥ ସାଧକ ସମାଜରେ ଏହି ରଥ ଚଳି ଆସୁଛି, ଯୁଗ ଯୁଗ ଧରି । ଏହି ପ୍ରତୀତାବସ୍ଥାର ନାମ ଯୋଗ ।

ଯୋଗରଥ– ରଥ ସହିତ ତୁଳନୀୟ ଦିବ୍ୟ ମନୁଷ୍ୟ ଶରୀର କୂଳକୁଣ୍ଡଳିନୀ ଜାଗ୍ରତ କରଣ ଦ୍ୱାରା ଜାଗର୍ ଅବସ୍ଥା ପ୍ରାପ୍ତ ନିମନ୍ତେ ଏହି ରଥ ବ୍ୟବହାର କରେ । ମାଣ୍ଡୁକ୍ୟ ଉପନିଷଦ ୩ । ୮୭ । ୩ ବୈତଥ୍ୟ ପ୍ରକରଣରେ କହିଛନ୍ତି :–

ଅଭାବଶ୍ଚ ରଥାଦୀନାଂ ଶ୍ରୂୟତେ ନ୍ୟାୟ ପୂର୍ବକମ୍ । ଏଠାରେ ରଥଦୀନାର ଅର୍ଥ ଜାଗ୍ରତାଧାର ବା ଯୌଗୀକ ଶରୀର । ଅଥର୍ବ ବେଦ ୪ର୍ଥ କାଣ୍ଡ ୬ଷ୍ଠ ଅନୁବାକ୍ ୨୯ । ୭ରେ

ସେହି ଯୌଗୀକ ସ୍ୟନ୍ଦନର ନାମ ଦେଇଛନ୍ତି "ସତ୍ୟବନ୍ତ" । ଯୌଗୀକମାନେ ମନେ କରନ୍ତି ସେ ରଥର ୩ଗୋଟି ଚକ ବା ନାଡି ।




ଯୋଗରଥ ୨

" ତତଃ ଦେହତଳେ ନାଡିତ୍ରୟ ମଣ୍ଡଳେନ ରଥଂ ସ୍ୱନ୍ଦେତ" ଶବ୍ଦ ଆଗମରେ ପ୍ରଚଳିତ ଅଟେ କାରୀକା ମଧ୍ୟ ପ୍ରଚଳିତା ।

ଆଦୌ ତ୍ରିଚକ୍ର ଯୁକ୍ତଂ ଅଧୋମୁଖ ବିମଳଂ
ନେମି ପୀଠାଖ୍ୟ ପୁରଃ ॥
ସ୍ୱାଧିଷ୍ଠାନାଙ୍ଗ ପୀଠ ରଥଚକ୍ର ପରମ
ସ୍ୟନ୍ଦନ ରତ୍ନ ଯୁକ୍ତମ୍ ॥ ୧ ॥



ବାଗଚକ୍ରଂ କଣ୍ଠ ଦେଶେ ରଥଗତି ମତୁଳଂ
ଭ୍ରୂବିଳେ ଭ୍ରାମରିଚ,
ସର୍ବୋର୍ଦ୍ଧେ ସ୍ୟନ୍ଦନାଙ୍ଗଂ କଲସ ମହତି,
ଉନ୍ମନ୍ୟା ଚିନ୍ତୟନ୍ତୁ ॥
ପଞ୍ଚ କୋଷାଢ୍ୟ ପୁର ସହିତ ରଥବର
ନିର୍ଗୁଣ ଦେବଯାନଃ ॥ ୨ ॥

ଏହାର ଅର୍ଥ ତ୍ରିନାଡି ଚକ୍ରରେ ଆତ୍ମାକୁ ପରମାତ୍ମାଙ୍କ ସହିତ ଯୋଗ କରିବାର ରଥଯାତ୍ରା । ପୂଜା ବାରୀକାରେ ଏହା ଯୋଗ ରଥ ଚିନ୍ତନର ଅପୂର୍ବ ସ୍ୱରୂପ ଅଟେ । ଏହା ଅନ୍ନମୟ, ପ୍ରାଣମୟ, ମନୋମୟ ଓ ଜ୍ଞାନମୟ କୋଷର ବିଜ୍ଞାନମୟ ଅନୁଚିନ୍ତାର ପ୍ରତୀକ । ଏଥିରେ ଆରୂଢ଼ ସ୍ୱୟଂ ନିର୍ଗୁଣ ପରମେଶ୍ୱର, ଯାହାର ବହିଁପ୍ରତୀକ ସୂର୍ଯ୍ୟ ଉପାସନା ।


ସୂର୍ଯ୍ୟରଥ—ଏକଚକ୍ର ରଥାଧୀପ ପ୍ରଣତୋସ୍ମିନ୍ ଦିବାକରଃ । ବେଦ ଯୁଗରୁ ଏହି ଏକଚକ୍ର ବିଶିଷ୍ଟ ଖଗୋଳ ରଥର ପରିକଳ୍ପନା ଭାରତରେ ଆଚରିତ । ପ୍ରତି ବ୍ରାହ୍ମଣ (ବ୍ରହ୍ମଦର୍ଶୀ) ଏହି ରଥର କଳ୍ପନା ଓ ଦର୍ଶନରୁ ଦିନଚର୍ଯ୍ୟା ପ୍ରାରମ୍ଭ କରେ ।

“ହିରଣ୍ମୟେନ ସବିତା ରଥେନ୍” ଭାବନା ଓ ବହୁ ପ୍ରକାର ବୈଦିକ ରଥ ବର୍ଣ୍ଣନା ମଧ୍ୟରେ ଐତେରେୟ ବ୍ରାହ୍ମଣ ୩।୪୪ ରେ ଏହା କାବ୍ୟ ପୂର୍ଣ୍ଣରୂପ ଗ୍ରହଣ କରିଥିଲା, ଯାହାର ବିଶଦ ଭାଷ୍ୟ ଶ୍ରୀମଦ୍ ଭାଗବତର ଦ୍ୱାଦଶ ସ୍କନ୍ଧ ଜ୍ୟୋତିରଥ ଓ ରଥ ବର୍ଣ୍ଣନାରେ ବର୍ଣ୍ଣାଢ୍ୟ ହୋଇଛି ଏଠାରେ ତାହାର ଓଡ଼ିଆନୁବାଦ ପ୍ରଦତ୍ତ ହେଉଛି । ଜଗନ୍ନାଥ ଦାସଙ୍କର ସ୍ମରଣ ମାଧ୍ୟମରେ ।

ସେ ସୂର୍ଯ୍ୟ ରଥ ଚକ୍ରର । ମାନସୋତ୍ତର ଯେ ଗିରିର ॥
ପୁଷ୍କର ଦ୍ୱୀପ ମଧ୍ୟେ ରହି । ରଥ ଏକ ଚକ୍ରେ ଭ୍ରମଇ ॥
ସମ୍ବତ୍ସରକେ ସେହୁ ପୁଣ । ମକରାଦି ଛ ରାଶୀ ରେଣ ॥
ଉତ୍ତରାୟଣ ତାକୁ କହି । ସ୍ୱର୍ଗକୁ ଦିବସ ଅଟଇ ॥


× × ×

ଏଠର ସହସ୍ର ଯୋଜନ ଉଚ୍ଚ ଅଟଇ ବିଦ୍ୟମାନ ॥
ଲକ୍ଷେ ସତୁରି ସପ୍ତଗୁଣ । ଅକ୍ଷର ଲମ୍ବ ପରିମାଣ ॥
ସରି ଅକ୍ଷ ଲମ୍ବ ପ୍ରମାଣ । ଦିକୋଟି ତେପନ ଲକ୍ଷେଣ
ସତୁରୀ ସହସ୍ର ଯୋଜନ । ଅକ୍ଷମୁଣ୍ଡି ସେକାମେକେଣ ॥
ଉପର ପହି ଅକ୍ଷ ପୁଣ । ଚଉଦ ଲକ୍ଷ ଯେ ଯୋଜନ ॥
ଶୋଳ ଯେ ସହସ୍ର ଆବର । ଏ ମୁଣ୍ଡ ଲଗିଛି ମେରୁର ॥
ଧ୍ରୁବ ମଣ୍ଡଳେ ଯେ ଲଗିଛି । ବିମାନମାନ ତହିଁ ଗଛି ॥
ସବୁ ଗ୍ରହମାନଙ୍କ ରଥ । ଦଉଡିମାନେ ସେ ନିର୍ମିତ ॥
ଧ୍ରୁବ ମଣ୍ଡଳ ସୁଷୁମ୍ନାରେ । ବନ୍ଧନ ଯେ ଯାହା ଭେଦରେ ॥
ଦଉଡିମାନଙ୍କର ଗୁଣ । ତିନିଶ ଷାଠିଏ ନିମାଣ ॥
ପ୍ରତି ଦଉଡି ଲଗିଛନ୍ତି ସେ ମେରୁ ଉଚ୍ଚେ ଯୁକ୍ତ ହନ୍ତି ॥
ବହୁଁ ଯେ ନିତ୍ୟ ନିତ୍ୟ ଭ୍ରମଣ । ଦିବା ରାତ୍ର ହୁଏ ଏ ମନ ॥





ଏହି ଖଗୋଳ ରହସ୍ୟ ମଧ୍ୟରେ ନଭୋଗତ ସୂର୍ଯ୍ୟଙ୍କ ରଥଚିତ୍ର ଏହା ପୌରାଣିକ ବର୍ଣ୍ଣନା । ସ୍ମରଣାତୀତ କାଳରୁ ରଥ ସଂସ୍କୃତିରେ ସୌରଭିତି ଭଗଣ ଆଦିର ଏ ଅପୂର୍ବ ରଥଚିତ୍ର । ଯାହାକୁ ତୈତରେୟ ବ୍ରାହ୍ମଣ ୧, ୬, ୪୧ରେ କୁହାଯାଇଛି । ଏହାରି ଦ୍ୱାରା ଧାତା ସବିତା ହୋଇ ପ୍ରଜା ସୃଷ୍ଟି କରୁଛନ୍ତି ।

ପ୍ରଜାପତି ସବିତା ଭୂତ୍ୱା ପ୍ରଜା ଅସୃଜତଃ ।




ଖାସ୍ତାରଥ— ସବିତା ମଣ୍ଡଳରେ ଅଧିଷ୍ଠିତା ବେଦ ମାତା ବ୍ରହ୍ମବିଦ୍ୟା ସ୍ୱରୂପା ଗାୟତ୍ରୀଙ୍କର ନିତ୍ୟ ଉପାସନ ଆର୍ଯ୍ୟର ନିତ୍ୟାଗ୍ରର ଅଟେ । ସେ ମଧ୍ୟ ରଥାରୂଢ଼ା । ସନ୍ନ୍ୟାସୀଗଣ ଉକ୍ତ ମନ୍ତ୍ର ମାତୃକାଙ୍କୁ ଗୋଯନ୍ତ୍ରରେ, ଶୌତ୍ରୀୟଗଣ ପଦ୍ମଯନ୍ତ୍ରରେ ଓ ନିଷ୍ଠାବାନ ସାଧକ ରଥ ଯନ୍ତ୍ରରେ ଗାୟତ୍ରୀ ମନ୍ତ୍ର ଶକ୍ତିଙ୍କ ଅର୍ଚ୍ଚନା କରନ୍ତି । ସେପରି ପ୍ରତିଷ୍ଠିତ ଚିତ୍ର ପୁରୀ ମନ୍ଦିରର ଜଗମୋହନ ସ୍ତମ୍ଭରେ ଓ ନାନା ଭାବରେ ଉପାସକ-ମାନଙ୍କଠାରେ ପରିଚିତ । କାରୀକା'ରେ ଅଛି ।




ଏକ ଚକ୍ର ମହାତେଜା କାଳସର୍ପେଣ ଗ୍ରନ୍ଥିତଃ ।
ରଥପୀଠ ତଦାଧ୍ୟେୟଂ ପ୍ରଣବ କର୍ଣ୍ଣିକୋଜ୍ଜ୍ୱଳମ୍ ।
ଚତୁର୍ଦ୍ୱାର ଭୂପୁରଞ୍ଚ ପ୍ରାଚ୍ୟାଦି ଦିଗ ମାଣ୍ଡିତେ ।
ଅଷ୍ଟାର କମଳ ମଧ୍ୟେ ତ୍ରିକୋଣ ବୀଜ ମଣ୍ଡିତମ୍ ॥
ତ୍ରିକୋଣେ ବ୍ୟାହୃତି ଯୁକ୍ତେ ପ୍ରଣବଞ୍ଚ ବିଲିଖାତେ ।
ନେମ୍ୟାକାରେ ଚତୁଃପାର୍ଶ୍ୱେ ଲିଖେତ ଯନ୍ତ୍ରାଖ୍ୟ ମନ୍ଦିରମ୍ ।
ଓଁ ଆପୋଜ୍ୟୋତିରସୋମୃତଂ ବ୍ରହ୍ମଭୂଃ ଭୁବୋସ୍ୱରେ
ଇତି ମନ୍ତ୍ର ପୁଟିତେନ ଲୁର୍ଯ୍ୟାତ୍ ଯନ୍ତ୍ର ରଥାକୃତିଃ ।
ପୂର୍ବେ ମହଃ ପଶ୍ଚିମେ ଚ ତପଃ ଦକ୍ଷିଣେ ସତ୍ୟ ମେବଚ
ଉତ୍ତରେ ଜନ ଲୋକାଦି ପ୍ରଣବେନ୍ ସହ ଲିଖେତ୍ ॥

ଏହି ରଥାକାର ଯନ୍ତ୍ରରେ ଧ୍ୟାନାଦି କଳ୍ପନାରେ ବ୍ରାହ୍ମଣ ନିତ୍ୟ ବେଦମାତାଙ୍କର ଆରାଧନା କରନ୍ତି, ଯାହାକୁ ସୂକ୍ଷ୍ମରୂପ ରଥର ସମ୍ବନ୍ଧଶୀଳ ବିଷୟ ପ୍ରମାଣ କରାଯାଇପାରେ ।

ବିଷ୍ଣୁରଥ—ଭଗବାନ ବିଷ୍ଣୁ ପୁରୁଷୋତ୍ତମଙ୍କ ରଥ । ଏ ସମସ୍ତ ରଥମାନଙ୍କ ମଧ୍ୟରେ ବିଶେଷ ପରିଚିତ । ଏଠାରେ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ବିଷ୍ଣୁ ରଥ ନନ୍ଦିଘୋଷର ବର୍ଣ୍ଣନା ପ୍ରଦତ୍ତ ହେଉଛି ।



ଜଗନ୍ନାଥ ଦାସ ଗୋସ୍ୱାମୀ ପ୍ରକାଶ କରିଅଛନ୍ତି । ଏହାର ତାତ୍ପର୍ଯ୍ୟ ହେଲା ଉକ୍ତ ବିଷ୍ଣୁରଥରେ ଧର୍ମାଧର୍ମ ପ୍ରସ୍ତରିତ ହୁଏ । ଏହାର ଚକ୍ର ସଂଖ୍ୟା ଷୋଡ଼ଶ; ଧ୍ୱନୀ ତାର ବେଦତ୍ରୟିର ବାଣୀ । ବୈଦିକ ଛନ୍ଦମାନେ ଯମକ । ଏହି ରଥର ନାମ ନନ୍ଦିଘୋଷ । ଧ୍ୱଜର ନାମ "ଗରୁଡ଼ଧ୍ୱଜ" । ଏହାର ଶବ୍ଦ ବ୍ରହ୍ମଲୋକ ପର୍ଯ୍ୟନ୍ତ ବ୍ୟାପ୍ତ । ଏଥିରେ ଷୋଡ଼ଷ ପାର୍ଶ୍ୱଦ ବିରାଜିତ, ଏବଂ ଏହା ଚତୁର୍ଦ୍ୱାର ଯୁକ୍ତ ।

ଏହି ରଥରେ ସେ ସଂସାର, ଧର୍ମାଧର୍ମ କଥା ପ୍ରସ୍ତର ।
ଏହାଙ୍କ ଭାବ ଚତୁର୍ଦ୍ଦଶ, ଏମନ୍ତ ଚକ୍ରଷଡ଼ ଦଶ ।
ରଥରେ ଘୋଷ ତିନି ବେଦ, ନନ୍ଦି ଯମକ ସବିଭେଦ ।
ତହିଁରୁ ବେଦଧ୍ୱନୀରସ, ରଥରନାମ ନନ୍ଦିଘୋଷ ।।

ଶ୍ରୀମଦ୍‌ଭାଗବତ ୧୨ଶ ସ୍କନ୍ଧ ବର୍ଣ୍ଣିତ ଏହି ରଥର ବର୍ଣ୍ଣନା ହିଁ ଶ୍ରୀଜଗନ୍ନାଥଙ୍କ ବିଶାଳ ରଥର ଅବଲମ୍ବନ ।

ଶକ୍ତିରଥ:—ଶାକ୍ତ ଶକ୍ତିଉପାସନାରେ ଦିବ୍ୟଚେତନାକୁ ଏକ ରଥ ମଧ୍ୟରେ ଚିନ୍ତା କରିବାର ପରଂପରା ମଧ୍ୟ ପ୍ରତିଷ୍ଠିତ । ଯା ଦେବୀ ସର୍ବଭୂତେଷୁ ଚେତନେତ୍ୟ ବିଧିୟତେ ସୂତ୍ରରେ । ଶାକ୍ତ ପ୍ରତୀକ ବାଦ ମଧ୍ୟରେ ସ୍ୱସ୍ତିକ ଏହି ରଥର ଘୂର୍ଣ୍ଣିୟମାନ ରଥଚକ୍ର । ସ୍ୱସ୍ତିକ ଦିବ୍ୟଚକ୍ରସ୍ୟୋପରି ସ୍ୟନ୍ଦନ—ସ୍ମରନ୍ତେ,

ରାଜରାଜେଶ୍ୱରୀବାଳା ରାଜତେ ପରମେଶ୍ୱରୀ ।

ଏପରି ଭକ୍ତି ଶ୍ରୀଚକ୍ର ପୂଜନ ବିଧିରେ ପ୍ରକାଶ ପାଏ । ସ୍ୱସ୍ତିକ ଇଚ୍ଛାଶକ୍ତିର ପ୍ରତୀକ । ତାହା ଉପରକୁ ଅମୃତି ପ୍ରତୀକର ସ୍ଥିତି ଅନ୍ନମୟ କୋଷରୁ ଆରମ୍ଭ ହୋଇ କ୍ରମଶଃ କ୍ରିୟାଶକ୍ତି, ତାହାର ଉପରକୁ ବିନ୍ଦୁରୂପା ଜ୍ଞାନଶକ୍ତି ଯେ ଅନାହତ ପୁରାଧିଷ୍ଠିତା ପ୍ରାଣମୟ କୋଷାଧୀକାରିଣୀ ଅଟନ୍ତି, ତାଙ୍କର ସ୍ଥିତି । ଆଜ୍ଞା ଚକ୍ରରେ ମନୋମୟ କୋଷ ଅବସ୍ଥିତ, ଯାହା ଆତ୍ମଶକ୍ତିଙ୍କର ଅଧିଷ୍ଠାନ ଅଟେ । ଆତ୍ମୋପଲବ୍‌ଧି ପରେ ପରାଶକ୍ତି ବିଜ୍ଞାନ-କୋଷା ଧୀଶ୍ୱରୀ । ସହସ୍ରାର ଚକ୍ରାଧିଷ୍ଠିତ ପରାଶକ୍ତିଙ୍କ ଚିନ୍ତନ ଏକ ବିଚିତ୍ର ତତ୍ତ୍ୱ ରଥ ସୃଷ୍ଟି କରେ ପ୍ରାଚୀନ ସାଙ୍କେତ ଚିତ୍ରରେ । ଏହା ପ୍ରମାଣ କରେ ଶାକ୍ତ ଯୋଗତନ୍ତ୍ରର ସମନ୍ୱୟ । ଏମନ୍ତ ରଥରେ ଶକ୍ତି ଉପାସନା କର୍ତ୍ତବ୍ୟ ।

ଦେବୀସୂକ୍ତର ସପ୍ତମ ମନ୍ତ୍ରରେ ଏହାର ଭାବ ସୁସ୍ପଷ୍ଟ । ସେଥିରେ କୁହାଯାଇଛି ନିଖିଳ ଜଗଦାଶ୍ରୟ 'ପରାଶକ୍ତି' ଭୂ: ଭୁବଃ ଦି ଲୋକର ସୃଷ୍ଟି । ବୁଦ୍ଧିଚକ୍ର ଓ ବୁଦ୍ଧିସାକ୍ଷିଣୀ ମଧ୍ୟରେ ବ୍ରହ୍ମଚୈତନ୍ୟ ହିଁ "ସମସ୍ତ ଲୋକର ସୃଷ୍ଟିକର୍ତ୍ତା । ଶକ୍ତି ସମୁଦ୍ରରେ, ମୋର ଏହି କୃତ୍ୟ ହେତୁ ମୁଁ ଶରୀର ରୂପକ (ଯୋନି ସାଗର, (ସାଦନ) ରେ ବିରାଜିତ । "

ଓ ଅହଂ ସର୍ବେ ପିତର ମସ୍ୟ ମୂର୍ଦ୍ଧନ୍‌ମମ
ଯୋନୀରପ୍‌ ସ୍ୱନ୍ତଃ ସମୁଦ୍ରେ
ତତେ ବିତିଷ୍ଠେ ଭୁବନାନୁ ବିଶ୍ୱେ ତା ମୁଦ୍ୟାଂ ।।
ବର୍ଷ୍ମ୍‌ଣୋପ ସ୍ପୃଣ୍‌ପୃଣାମି ।।




ଶକ୍ତିରଥ ୨

ଏହି ଅନୁଚିନ୍ତ୍ୟ ପ୍ରତୀକବାଦୀ ଶାକ୍ତ ପରାଶକ୍ତିଙ୍କ ପାଇ ଏକ ରଥ । ବିମାନର କଳ୍ପନାରେ ରାଜରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀଙ୍କୁ ଉପାସନା କରନ୍ତି ।

ରେଖାଙ୍କନ : ଡା ସ୍ୟନ୍ଦନରାଏ

ଏହିରଥ ପରଂପରାକୁ ସମସ୍ତ ସାଧକ ସବୁ କ୍ଷେତ୍ରରେ ଅନ୍ତଃସ୍ଥରୂପେ ଭିନ୍ନରୂପରେ ସମାଦର କରି ରାସମଣ୍ଡଳର ରଥାକାର ରୂପ ପ୍ରଦାନ କରିଅଛନ୍ତି । ଉଦ୍ଦନରେ ପଞ୍ଚଦଶ



ରାସରଥ ବା କନ୍ଦର୍ପ ରଥ ୨

ଶତାବ୍ଦୀରେ ରଥାକୃତି ରାସ ମଣ୍ଡଳର ଭାବନା ଶ୍ରୀଜଗନ୍ନାଥଙ୍କ ଦୋଳବେଦୀର ଭିତ୍ତି ବେଶରେ ଗଜପତି ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ଖୋଦିତ ହୋଇ ପ୍ରମାଣ କରୁଛି ଯେ ବେଦଠାରୁ ଭକ୍ତି ସଙ୍ଗୀତ ପର୍ଯ୍ୟନ୍ତ ସବୁ ସ୍ତରରେ ରଥସଂସ୍କୃତି ନିରବଚ୍ଛିନ୍ନ ରୂପେ ପ୍ରତିଷ୍ଠିତ ହୋଇଅଛି ।

ପରବର୍ତ୍ତୀକାଳରେ ଶ୍ରୀଜିଉଙ୍କ ଚନ୍ଦନବେଶ ମଧ୍ୟରେ ଏହି ବେଶ ମଦନମୋହନଙ୍କୁ ଲାଗି ହେଉଥିଲେ ଭକ୍ତ ଓ ଦେବଦାସୀ ଗଣ ଯେଉଁ ଚଉପଦି ଗାୟନ କରନ୍ତି ତାହା ଏଠାରେ ପ୍ରଦତ୍ତ ହେଲା ଯେଉଁଥିରୁ ତାହାର ସ୍ୱରୂପ ଓ ଭାବ ଜଣାପଡ଼େ ।

କନ୍ଦର୍ପ ରଥଚଉପଦି

ଶୁଣ ଭକ୍ତ ଜନେ କୃଷ୍ଣଲୀଳା କର୍ଣ୍ଣେ
କନ୍ଦର୍ପ ରଥର ଲୀଳା
ରାହାସ ରସିଲେ ରସିକ ଶେଖର
ମହାଭାବ ଗୋପୀଲୀଳା ।
ଦେଖ ରସିକ ଜନ ।
ଚକ୍ରେ ବର୍ତ୍ତୁଳ ବନ୍ଧର ପ୍ରମାଣ ॥ ୧

ଅରେ ଠିଆପୁଚି ଗୋପୀବନ୍ଧରଚି
କରେ ଛନ୍ଦେଛନ୍ଦ ଦେଇ
ରଥପଟା ପ୍ରାୟ ବେଦୀ ପରେ ଥୟ
କେଳି କୃଷ୍ଣ ରୂପନେଇ
ଦେଖ ରସିକ ଜନ
ଚଉଷଠି ସଖୀଙ୍କ ବସାଣ ॥ ୨


ଷୋଳକନ୍ୟାଗଣ ନାହାକା ପ୍ରମାଣ
ଅଷ୍ଟକନ୍ୟା ଦ୍ୱାରବନ୍ଧ
ଅଷ୍ଟ ଯେ ନାୟୀକା ମଣ୍ଡଣିରେ ଛକା
ପୋଟନରେ ସଖୀଛନ୍ଦ
ଦେଖ ରସିକ ଜନ
କୁମ୍ଭପ୍ରାୟ ତାହାର ବନ୍ଦନ ॥ ୩

ଏକନ୍ଦର୍ପରଥେ ଭାବମଣ୍ଡଳରେ
ରସେ ରସ ନିବେଦିଲେ
କୃଷ୍ଣ ଗୋପୀଲୀଳା ରଥବନ୍ଧ ଖେଳା
ମୁକତି ଲଭନ୍ତି ଭଲେ
ଦେଖ ରସିକ ଜନ
ରଥ ଚଉପଦି ମନେ ଘେନ ॥ ୪

ଲୌକରଥ :–ଯାହାର ଅପର ନାମ ନୃପରଥ ବା ଯୁଦ୍ଧରଥ । ତାହା ମଧ୍ୟ ବହୁପ୍ରାଚୀନ କାଳରୁ ସାହିତ୍ୟରେ ପ୍ରକାଶ ପାଉଛି । ସମରାଙ୍ଗଣ ସୂତ୍ରଧାର, ହରିହୟ ଚତୁରଙ୍ଗ, ଗୋବିନ୍ଦ ଚମ୍ପୂପତି ରାୟ କୃତ "ବୀର ସର୍ବସ୍ୱ" ପ୍ରଭୃତି ଗ୍ରନ୍ଥରେ ବର୍ଣ୍ଣିତ ରାଜରଥର ସ୍ୱରୂପ ବର୍ଣ୍ଣିତ ହୋଇଅଛି । ଯାହା ପ୍ରାଚୀନ ରାଜବଂଶୀୟ ଅଶ୍ୱ ଯୋଚିତ ଯାନ ଅଟେ । ମୂଳତଃ ଦେଖିବାର କଥା ଯେ ରଥ ସଂସ୍କୃତି ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଆର୍ଯ୍ୟ ପରଂପରାରେ ରହି ଆସିଅଛି । ଯାହାର ଶ୍ରେଷ୍ଠ ପତୀକ "ନନ୍ଦିଘୋଷ" ଦେବାଦି ଦେବ ଜଗନ୍ନାଥଙ୍କର ପବିତ୍ର ରଥ ବିଶ୍ୱର ପରିଚିତ ଯାନ । ତାହାର ଜୟ ହେଉ ॥

ଗବେଷକ, ଶ୍ରୀ ମନ୍ଦିର, ପୁରୀ ।







# ରାଘବ ଦାସ

ଶ୍ରୀ ଅନାଦି ସାହୁ

ଖାଡ଼ିଶିତ୍ରୁ, ସପ୍ତଫେଣୀ ଓ ଗୋଖର କଣ୍ଟାର ଅରମା ବଣ ଘୋନମୁଖରିତ । ସପ୍ତଫେଣୀ କଣ୍ଟା ବାଜି ଛିଣ୍ଡି ଯିବାର ଭୟ ଲୋକଙ୍କୁ ବାରଣ କରୁନାହିଁ । ବାରଣ କରୁ ନାହିଁ ଗୋଖର କଣ୍ଟାର ଦଂଶନ । ଦକ୍ଷିଣ ପାର୍ଶ୍ୱ ମଠ ବାଦ ଦେଇ ଜନ ସମୁଦ୍ରର ଅବାରିତ ଗତି ସେହି ଅରମା ବଣ ଭିତରକୁ– ତାକୁ ଦେଖିବାକୁ । ବାଟରେ ଘୋ ଘୋ – କିନ୍ତୁ ପାଖରେ ପହଞ୍ଚିଲେ ଅବାଳ-ବୃଦ୍ଧ-ବନିତା ସବୁ–ଆଶ୍ଚର୍ଯ୍ୟରେ ଚକ୍ଷୁ ବିସ୍ତାରିତ ।

ମୋଖାଡ଼ି ଶରୀରଟାଏ– ପଦ୍ମାସନରେ ବସି କେତେବେଳେ ଅପଲକ ଚକ୍ଷୁରେ ଅନେଇ ରହିଛି ନୀଳ ଚକ୍ରକୁ, ତରଙ୍ଗାୟିତ ନାଲିନେତକୁ ନିର୍ବାକ ଭାବେ । କେତେବେଳେ କେମିତି ଉଦାତ୍ତ କଣ୍ଠରେ ଉଚ୍ଚାରଣ କରୁଛି– ଜୟ ମୁରାରେ, ଜୟ ଜଗଦୀଶ ହରେ, ଜୟ ଜଗନ୍ନାଥ । ଅନେକ ସମୟରେ ଅସ୍ଫୁଟ ରହିଯାଉଛି ତା'ର ଉଚ୍ଚାରଣ । ଓଠ ଦୁଇଟି କେବଳ ଘନ ଘନ କମ୍ପୁଛି, ଆଖିରୁ ଝରୁଛି ଅବିରତ ଲୁହ ।

ସେ ପ୍ରବଚନ କରୁନାହିଁ, ସେ ଉପଦେଶ ଦେଉନାହିଁ । ସେ ଧର୍ମର ଗୂଢ଼ତତ୍ତ୍ୱ ବ୍ୟାଖ୍ୟା କରୁନାହିଁ । ସେ ନିମଜ୍ଜି ଯାଇଛି ଜଗନ୍ନାଥ ଭିତରେ, ସେ ଭକ୍ତିରେ ବନ୍ଧା ହୋଇ ଯାଇଛି ନୀଳ କନ୍ଦର ନିବାସୀ ବଳୀୟାରଭୁଜ ପାଖରେ ।

ତା'ର ଭକ୍ତିର ପରାକାଷ୍ଠା ଟାଣି ଆଣିଛି ପୁରୀ ଜନସମାଜକୁ, ପଞ୍ଚକୋଶିଆଙ୍କୁ । ବିମୁଗ୍ଧ ଜନ ସମାଜ ପ୍ରଣିପାତ କରି ଫେରି ଯାଉଛନ୍ତି ନିଜ ଆଗମନ ପଥରେ, ସବୁଠାରେ ଆଲୋଚନ–କିଏ ଏହି ନବୀନ ସନ୍ନ୍ୟାସୀ; ଭକ୍ତିର ପରାନ୍ତର ନାହିଁ । ଉତ୍ତୁ ରଡ଼ିଆ ଖରାବେଳର ଝାଞ୍ଜି ପବନ ବାଧୁ ନାହିଁ । ପବନ ସୁଆଡ଼ାରେ ତୀର ପରି ଧାଉଁଥିବା ବାଲି କଣିକା, କାଠିଆ ଦେହରେ ବାଜି ସୁଦ୍ଧା ଅତିଷ୍ଠ କରୁନାହିଁ । କଷ୍ଟରେ ଭେଦ ପଡୁ ନାହିଁ, ବରଂ ମୁଖ ଆନନ୍ଦ ବିଭୋର, ଓଠରେ ହରିନାମ ।

ପ୍ରତି ପହରରେ କେତେବେଳେ କେମିତି ଦୁଇଟି ଗିନି ଧରି ସେ ଗାଇ ଉଠୁଛି ହରିନାମ । ତା'ର କଣ୍ଠସ୍ୱର ଦକ୍ଷିଣ ଦ୍ୱାର ପର୍ଯ୍ୟନ୍ତ ଶୁଭୁଛି – ଖୁବ୍ ମଧୁର, ସୁଲଳିତ ।


କିଏ ଏହି ସନ୍ନ୍ୟାସୀ । ଏତେ ଚହଳ ପକେଇଛି ଦକ୍ଷିଣ ପାର୍ଶ୍ୱରେ – ଚଗର ଆସି ଖବର ଦେଲା ରାଜାଙ୍କୁ । ଗଜପତି ମହାରାଜା ଆଶ୍ଚର୍ଯ୍ୟ ହେଲେ । କିଏ ସେହି ସନ୍ନ୍ୟାସୀ ! ଆସିଛି କେଉଁଠାରୁ ? ସେ ତ ରାଜ ଅନୁଗ୍ରହ ପ୍ରାର୍ଥୀ ହୋଇନାହିଁ ? କି ଆଶ୍ଚର୍ଯ୍ୟ !

ପ୍ରଖର ରୌଦ୍ର ଭିତରେ ତପ୍ତ ବାଲୁକା ଶଯ୍ୟା ଅତିକ୍ରମ କରି ପହଞ୍ଚିଲେ ଗଜପତି ପୁରୁଷୋତ୍ତମ । ସନ୍ନ୍ୟାସୀ ଚକ୍ଷୁ ଅର୍ଦ୍ଧ ନିମିଳିତ, ଓଠରେ ହରିନାମ, ଆଖିରେ ଆନନ୍ଦର ଅଶ୍ରୁ, ହାତ ଦୁଇଟି ପ୍ରଣିପାତ ମୁଦ୍ରାରେ ନିବଦ୍ଧ । ନିଶ୍ଚଳ ଶରୀର । ମଧ୍ୟାହ୍ନର ଅଗ୍ନି ସ୍ଫୁଲିଙ୍ଗ ଅତିଷ୍ଠ କରୁନାହିଁ ତାଙ୍କୁ । ମହାରାଜା ହାତ ପକେଇଲେ ବାଲି ଉପରେ । ଖଇଫୁଟା ବାଲି– ହାତ ରଖି ହେଉ ନାହିଁ । ତଥାପି ନିଶ୍ଚଳ ହୋଇ ବସି ରହିଛି ସନ୍ନ୍ୟାସୀ ! ଧନ୍ୟ ସେ ସନ୍ନ୍ୟାସୀ, ଧନ୍ୟ ତା'ର ଭକ୍ତି ।

ରାଜା ଆଦେଶ ଦେଲେ ସନ୍ନ୍ୟାସୀ ଉପରେ ଆତପ ଟାଣିବା ପାଇଁ । ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ବାଉଁଶର ଚାଟିଏ ତିଆରି କରି ଉପରେ ଟାଣି ଦେବା ପାଇଁ ।

ଅର୍ଦ୍ଧରାତ୍ରି ପରେ ସନ୍ନ୍ୟାସୀଙ୍କ ତନ୍ଦ୍ରା ଭଗ୍ନ ହେଲା । ସେ ଦିନ ଏକାଦଶୀ । ମହାଦୀପ ଦେଖିବା ପାଇଁ ଆଖି ଉଠାଇଲେ । ମହାଦୀପ ଦେଖା ଯାଉନାହିଁ । ତାରକା ଖଚିତ ଆକାଶ ଦେଖା ଯାଉନାହିଁ, ଦେଖାଯାଉ ନାହିଁ ଅନନ୍ତ ଶୂନ୍ୟ । ଆଖି ଭଲ କରି ଖୋଲିଲେ ସନ୍ନ୍ୟାସୀ । ଏ କ'ଣ, ଏ କ'ଣ.......ପ୍ରଭୁ ! ତୁମର ଅନନ୍ତ ଆକାଶ ତ ମୋର ଆଶ୍ରୟ, ତୁମର ନୀଳଚକ୍ର ତ ମୋର ରକ୍ଷାକାରି – ମୋ ଉପରେ ଖୁଦୁଆର ଆବଶ୍ୟକତା କ'ଣ ?

ଟାଣି ପକେଇଲେ ଖୁଦିଖୁଣ୍ଟି, ଟାଣି ଓପାଡ଼ି ଦେଲେ ବାଉଁଶ ପଟି । ଜଡ଼ୁର-କରା ଅନନ୍ତ ଆକାଶ ତଳେ ଧ୍ୟାନ ମଗ୍ନ ହେଲେ ପ୍ରଭୁଙ୍କ ସାନିଧ୍ୟ ପାଇଁ ।



ପରଦିନ ରାଜାଙ୍କୁ ଚରଗା କହିଲା – ମହାର୍ଣ୍ଣ ! ଆପଣ ଦେଇଥିବା ଟାଟି ସେ ବାବାଜୀ ଭାଙ୍ଗି ପକେଇଲେ । ପୁଣି ମୁକୁଳା ଆକାଶ ତଳେ ବସି ଭଜନ କରୁଛନ୍ତି ।

ରାତିରେ ଅନ୍ଧାରି ବିଜେ କଲେ ମହାରାଜା । ମନରେ ସନ୍ଦେହର ପ୍ରଶ୍ନବାଣ – କାହିଁକି ଭାଙ୍ଗି ପକେଇଲା ଟାଟି । ସେ କ'ଣ ଆହୁରି ଅଧିକ କିଛି ଆଶା କରୁଛି ? ବର୍ଷା ପବନରେ ଆନ୍ଦୋଳିତ ଅରମା ବଣ, ବୋଦ୍ରା ସାପଟାଏ ଗୁଳିଗଲା ସର୍ ସର୍ ହୋଇ ପାଖଦେଇ– ଏଇଟା କ'ଣ କାଗା ଆରାଧନା ପାଇଁ ? ବାବାଜିଟା ପେଜନଳା ପାଖରେ ବସିଲାନି !

ଅନ୍ଧାର ଭିତରେ ଲକ୍ଷ୍ୟ କଲେ ମହାରାଜା । ନିଜର ଗୁରିପାଖ ସଫା କରୁଛନ୍ତି ସନ୍ୟାସୀ, ମୁଖରୁ ବାହାରି ଆସୁଛି ସୁନ୍ଦର ହରିନାମର କୀର୍ତ୍ତନ । କଣ୍ଠରେ ପ୍ରଶାନ୍ତି,. ବର୍ଷା ପବନର ତାଣ୍ଡବ ନୃତ୍ୟ ଭିତରେ ସୁଦ୍ଧା ସେ ଅବିଚଳିତ, ନିଶ୍ଚଳ ।

ଫେରିଗଲେ ମହାରାଜା– ପୁଣି ଆଦେଶ ଦେଲେ ସନ୍ନ୍ୟାସୀଙ୍କ ମୁଣ୍ଡ ଉପରେ ବାଉଁଶ ଟାଟି ଟାଣିବା ପାଇଁ । ରାତିରେ ବାଉଁଶ ଟାଟି ଟଣାଗଲା । ସନ୍ୟାସୀ ଧ୍ୟାନମଗ୍ନ...ସେ ଜାଣି ପାରିଲେ ନାହିଁ ତାଙ୍କ ଉପରେ ଛତ୍ରଛାୟା ! ଦୁଇଦିନ ପରେ ଧ୍ୟାନ ଭାଙ୍ଗିଲା । ଉପରେ ଦେଖିଲେ ବାଉଁଶ ଛାତ – ପ୍ରଭୁ, ପ୍ରଭୁ । ହରିହେ, କରୁଣା ବାରିଧି ! ମୋ ଉପରେ ଏ କି ପରୀକ୍ଷା ପ୍ରଭୁ ! ମୁଁ ଘର ଗୁହେନି, ଦ୍ୱାର ଗୁହେନି ପ୍ରଭୁ । ଏ ବିରାଟ ବ୍ରହ୍ମାଣ୍ଡ ମୋ ଘର । ତା' ଭିତରେ ମୁଁ ଆତଯାତ ପ୍ରଭୁ – ମୋତେ କାହିଁକି ବନ୍ଧନରେ ବାନ୍ଧୁଛ– କହି କହି କାନ୍ଦି ପକେଇଲେ ସନ୍ୟାସୀ । ଭାଙ୍ଗିଦେଲେ ଛାମୁଣ୍ଡିଆ । ଭଙ୍ଗା ବାଉଁଶ ଅଲଗା କରିଦେଇ ପୁଣି ବସିଗଲେ ଧ୍ୟାନରେ ।

ମହାରାଜାଙ୍କୁ ଖବର ଗଲା । ରାଜା ପଗ୍ଭରିଲେ – କେଉଁଠୁ ଆସିଛି ଏ ସନ୍ୟାସୀ ?

ମହିମା ! ବୃନ୍ଦାବନରୁ ଆସିଛନ୍ତି । ରହିଲେଣି ଏଠାରେ ପାଞ୍ଚମାସ । ପଗ୍ଭରିଲେ କହୁଛନ୍ତି ମୋର ଘରଦ୍ୱାରର ଆବଶ୍ୟକତା ନାହିଁ । ସେ ସବୁ ବନ୍ଧନ, ମାୟା ॥ ଘର ଆବୋରି ରହିବା ପାଇଁ ଏ ଗୋଟାଏ ଫନ୍ଦି । ଜଗନ୍ନାଥ ସବୁ ଦେଇଛି । ମୋର ଆଉ ଅଧିକ ଦରକାର କ'ଣ ? ପାଣି ଦେଇଛି, ପବନ ଦେଇଛି, ଆକାଶର ଛତା ଦେଇଛି, ପୃଥିବୀର ଶେଯ ଦେଇଛି, ଆଉ ଅଧିକା ଆବଶ୍ୟକ କ'ଣ ?

ଆରେ ଅଜ୍ଞା ପାଗଳାଟାଏ ! କିଛି ସମୟ ଚିନ୍ତାକରି ମହାରାଜା କହିଲେ– ଜଗନ୍ନାଥ ଆମକୁ ପରୀକ୍ଷା କରୁ ନାହାନ୍ତି ତ ! ଲଗାଅ ଲଗାଅ ଟାଟି । ସେ ଯେତେ ଭାଙ୍ଗିବେ ତମେ ସେତେ ଲଗାଅ ।

ରାଜାଙ୍କ ଆଦେଶ– ପ୍ରତିଦିନ ରାତିରେ ଟାଟି ଉଠିଲା ବାବାଜୀଙ୍କ ମୁଣ୍ଡ ଉପରେ । ପ୍ରତିଦିନ ସକାଳେ ସେ ଟାଣି ଓଟାରି ଫୋପାଡ଼ି ଦେଲେ । ପୁଣି ଲାଗିଲା, ପୁଣି ଫୋପାଡ଼ିଲେ ।

ରାଜା ନଛୋଡ଼ ବାନ୍ଦା, ବାବାଜୀ ନଛୋଡ଼ । ସମୟେ ସମୟେ କାନ୍ଦି ପକେଇ ଆବେଦନ କରନ୍ତି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ– ଏକି ପରୀକ୍ଷା ପ୍ରଭୁ ! କାହିଁକି ବାନ୍ଧି ଦେଉଛ ଏ ଅକିଞ୍ଚନକୁ । କାହିଁକି ଏତେ ସୁଖ ଦେବା ପାଇଁ ବଦ୍ଧ ପରିକର ।

ସନ୍ୟାସୀ କଥା ଶୁଣୁଛି କିଏ ? ରାଜା ଆଦେଶ – ସନ୍ୟାସୀ ଉପରେ ଛତ୍ର ଟଣା ହେବ ।

ଦିନ ଗଡ଼ି ଯାଉଛି, ରାଜ ଆଦେଶର ଅବମାନନା ହେଉଛି । ଲୋକ ମୁଖରେ ଶୁଣାଗଲା ମହାରାଜା ରାଗି ଗଲେଣି । ଶୁଣାରେ ବସେଇ ଦେବେ କି କ'ଣ ? ବାବାଜୀଟା ଖାଲି କହୁଛି– ଆସିଛି ଲଙ୍ଗଳା, ଯିବି ଲଙ୍ଗଳା ହେଇ । ମୋ ପାଖରେ ଘରଦ୍ୱାର, ଟଙ୍କା କଉଡ଼ିର ଆବଶ୍ୟକତା କାହିଁ ?

ମହାରାଜା କିନ୍ତୁ ରାଗିଲେ ନାହିଁ । ଅଣସର ପାକ୍ଷଣ ପଣା ପଡ଼ୁଛି । ତାଙ୍କ ଆଖି ଆନନ୍ଦରେ ବିସ୍ତାରିତ ହେଲା ।

ସେ ଦିନ ନେତ୍ର ଉତ୍ସବ । ଛାମୁ ଛାତ କାହାଳୀ ବାଜି ଉଠିଲା ଶୁଭ ମୁହୂର୍ତ୍ତରେ । ଲସର ପସର ହୋଇ ପଶିଗଲେ ମହାରାଜା ପୋଖରିର ଭିତରକୁ । କୋଠ ଶୁଆଁଣିଆ ଟାଟି ଫିଟେଇବାରେ ତତ୍ପର । ଟାଟି ଫିଟେଇ ବାହାରକୁ ନେଇଗଲେ ମହାରାଜା ଆଙ୍ଗୁଳି ନିର୍ଦ୍ଦେଶ କଲେ । ଭୟରେ ଶୁଆଁଣିଆ ଜଡବତ୍ ହୋଇଗଲା । ଟାଟିଗୁଡ଼ିକ କମ୍ପିବାରେ ଲାଗିଲା ବାତ୍ୟାହତ ତାଳଗଛ ପରି ।

ପାଖକୁ ଯାଇ କର୍ଣ୍ଣମନ୍ତ୍ର ଦେଲାପରି ରାଜା କିଛି କହିଲେ ଶୁଆଁଣିଆକୁ । ବେହରଣ ବାଟ, ଦକ୍ଷିଣ ଦ୍ୱାର ଦେଇ ପବନ ବେଗରେ ଗୁଲିଗଲେ ଶୁଆଁଣିଆ । ଦଳିତ ଅଞ୍ଜନ ଗାତ୍ର ଜଗନ୍ନାଥଙ୍କ ନବରୂପ ଦେଖି ବିହ୍ୱଳ ହେଲେ ମହାରାଜା– ଲକ୍ଷେ ରାଜାର ରାଜେଶ୍ୱର । ଜଗନ୍ନାଥଙ୍କ ମୁହଁରେ ସ୍ମିତ ହସର ଝଲକ ।

ଝାଞ୍ଜ, ମୃଦଙ୍ଗ, କାହାଳୀ, ଭେରୀ ତୂରୀରେ ନୀଳକନ୍ଦର ନିନାଦିତ । ଜନ ସମୁଦ୍ରର ପ୍ରାର୍ଥନା, ଆବେଦନ, ମିନତୀ, ଅଭିଯୋଗରେ ସକାଳର ମୃଦୁ ପରିବେଶ ଗୁଞ୍ଜରିତ ।

ଆଖି ଖୋଲିଲେ ବାବାଜୀ – ଉପରେ ବାଉଁଶ ଟାଟି । ହଠାତ୍ ରାଗ ଉଠିଲା ବାବାଜୀଙ୍କର । ଦମ ଦମ ହୋଇ ଖୁଣ୍ଟଟାଏ ଉପାଡ଼ିବା ପାଇଁ ହାତନେଲା ବେଳେ ଆଖି ପଡ଼ିଗଲା ଓହଳିଥିବା ପଟି ଉପରେ – ଦଶ ଅବତାରର ସୁନ୍ଦର ପଟଚିତ୍ର – ଅନ୍ୟ ଏକ ପଟି ଉପରେ ଅନନ୍ତ ବାସୁଦେବଙ୍କ ମୂର୍ତ୍ତି – ଚକିତ ହୋଇ ଗୁହିଁଲେ ବାବାଜୀ – ଭୁବନମୋହିନୀ ଭୁବନେଶ୍ୱରୀଙ୍କ ହରିଦ୍ରା ମୁଖ ଜାକୁଲ୍ୟମାନ ପଟି ଉପରେ – ପ୍ରଭୁଙ୍କ ଚତୁର୍ଭୁଜ ମୂର୍ତ୍ତି – ଶଙ୍ଖ, ଚକ୍ର, ଗଦା, ପଦ୍ମ – ପ୍ରତ୍ୟେକ ବାଉଁଶ ଖଣ୍ଡ ଉପରେ, ପଟି ଉପରେ । ସାରା ଆକାଶ ଯେମିତିକି ମୂର୍ତ୍ତିମନ୍ତ – ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ରୂପ ନେଇ ।

ପ୍ରଭୁ...ପ୍ରଭୁ...ଏ କି ମାୟା ପ୍ରଭୁ । ବାବାଜୀଙ୍କର ହାତ ଅଟକି ଗଲା । ଧୂଳି ଉପରେ ବିଡ଼୍ ହୋଇ ପଡ଼ିଯାଇ, ଯୋଡ଼ ହସ୍ତ ହୋଇ ସ୍ଥିର ହୋଇ ଗଲେ ବାବାଜୀ–ଚକ୍ଷୁରୁ ଅବିଶ୍ରାନ୍ତ ଲୋତକର ଧାରା । ଜଗତପତେ, ପ୍ରଭୁ...ଗରବ ଗଞ୍ଜନ, ତମେ ମାୟା...ତମେ ଦାତା...ତମେ ସ୍ରଷ୍ଟା । ତମେ ସବୁ । ମୁଁ କିଏ, ମୁଁ ଅକିଞ୍ଚନ । ତୁମକଥା ରହୁ ପ୍ରଭୁ ।

ଯାଚି କଲେ ବାବାଜୀ...କିଏ ଆଣିଲା ଏହାକୁ ? କିଏ ?

ମୁଁ ଗୋସେଇଁ...ମୁଁ କୋଠ ଶୁଆଁଣିଆ...ରାଜଦଣ୍ଡ ଭୟରେ ଅନନ୍ତ ମ୍ରିୟମାଣ ହୋଇଥିବା ଶୁଆଁଣିଆ ଯମଦଣ୍ଡ ଭୟରେ ଅତିଷ୍ଠ ହୋଇ ଉଠିଲା । ଗୋସେଇଁ ଅଭିଶାପ ଦେଇ ଦେବେକି କ'ଣ ?

ନେ, ନେ–ଏ କଉଡ଼ି ସବୁ...ନେ, ନେ...ମୁଠା ମୁଠା କଉଡ଼ି ସଇଁକି ଆଣି ବଢ଼େଇଦେଲେ ବାବାଜୀ । ଅନେକ ଦିନ ଧରି ଲୋକମାନେ ଦେଇଥିବା କଉଡ଼ି ପଡ଼ିଥିଲା ତାଙ୍କ ଶେଯ ଉପରେ । ମୁଠା ମୁଠା ଦେଲେ । ଶୁଆଁଣିଆ ଜଣ୍ଟ ଗାମୁଛାରେ କଉଡ଼ି ବାନ୍ଧୁ ବାନ୍ଧୁ ଦୁଇ ତିନିଥର ବାବାଜୀଙ୍କୁ ମୁଣ୍ଡିଆ ମାରି ପକେଇଲା । ନାଳତଳକୁ ଅନେକ ଥର ଧାଡ଼ିହ୍ନ ଲୁହ ଗଡ଼େଇ ପକେଇଲା ।



ଚାହାଁନ୍ତି ନୀଳଚକ୍ରକୁ ଚାହିଁଲେ । ଆଖିରୁ ଲୁହ ଗଡ଼େଇ କହିଲେ–ତୋ ମାୟା ବୁଝିବା ପାଇଁ ମୁଁ କି ଏତେ ଜାଣିଛି ! ଅନନ୍ତ ତୋର ମାୟା । ଭକତ ପାଇଁ ତୋର କେତେ ଚିନ୍ତା । ତୁ ତ ଗର୍ବ ଗଞ୍ଜନ...ମୁଁ ଗର୍ବ କରିଥିଲି ପରା...ତୋ ପରି ଧଳା ପାଇଁ, ଅନନ୍ତ ଶୂନ୍ୟକୁ ମୋର ଛତ୍ର କରିବା ପାଇଁ ? ଚାରିଶହ ଗଜ ପଠେଇ ତୁ ମୋତେ ବୁଝେଇ ଦେଲୁ । ମୁଁ ଛାର ଜୀବଟିଏ ମାନବ...ମୋର ପରିବେଶ ସୀମିତ...ମୁଁ ନିରାକାର ନୁହେଁ...ମୁଁ ସାକାର...ମୁଁ ଚଉହଦୀରେ ରହିବା ଲୋକ...ହଉ, ହଉ...ତୁ ଯାହା କରୁଛ କର ।

କଣ୍ଠରେ ଅଭିଯୋଗ ନାହିଁ, ଅଭିମାନ ନାହିଁ.... ଖାଲି ଆକୁତି..... ନିଶ୍ଚଳର ଚକ୍ଷୁ ଅନେଇ ରହିଲା ନୀଳଚକ୍ରକୁ– ଓଠ ଧାରରେ ସାମାନ୍ୟ ହସ, ଠିକ୍ ଜଗନ୍ନାଥଙ୍କ ହସ ପରି । ହଠାତ୍ ମୁଠା ମୁଠା କଉଡ଼ି ଧରି ଶବ୍ଦ ସାପଟି କଲେ– କିଏ ଅଛ ?

ଭକ୍ତଟିଏ ପାଖରେ ମୁଣ୍ଡ ଲଗାଇ ପଡ଼ିଥିଲା । ପାଟି ଶୁଣି ଧଡପଡ଼ ହୋଇ ଉଠି ଆସିଲା ।

ଦୁଇ ଅଞ୍ଜୁଳା କଉଡ଼ି ଧରି ପାଖେଇ ଗଲେ ବାବାଜୀ....ନିଅ, ନିଅ, ସୋଲ ବିଡାଟାଏ ସହଳ ଆଣ । ଭଲ ସୋଲ– ଧଳା ସୋଲ ।

ଘଣ୍ଟା ବାଜୁଛି– ଦଇତାପତି ଗଜନ୍ଦ୍ ଘର୍ମ– ଦଇତା ଅଣାୟତ । ଜଗନ୍ନାଥଙ୍କ ପହଣ୍ଡି ବିଜେ– ଘଣ୍ଟ, ଛତ୍ର ଚାମର, ବାଜା କାହାଳୀରେ ଭରପୁର । ସାତ ପାହାଚ ଉପରୁ ଓହ୍ଲେଇ ଆସୁଛନ୍ତି ଜଗତର ଠାକୁର । ନବୀନ ନୀରଜ ଶ୍ୟାମ– ସକାଳର ପ୍ରଥମ ଅରୁଣିମାରେ ସ୍ମିତ ହସ ବିମ୍ବାଧରା– ବିରାଟ ଚକ୍ଷୁ ବିସ୍ତାରିତ– । ଲୋକଗହଳ ଠେଲି ଆଗେଇ ଆସିଲେ ବାବାଜୀ– ।

ଉପର ପାହାଚରେ ଛିଡା ହୋଇ ଜଗନ୍ନାଥଙ୍କ ଶିରିପହରକୁ କୋଳ କରି ପକାଇଲେ । କର୍ପୂରର ଗନ୍ଧ, ଦୟଣାର ସୁରଭି ଆଘ୍ରାଣ କରିଗଲେ– । ମୂର୍ତ୍ତିମାଠ ଉପରେ ମୁଣ୍ଡ ଲଗେଇ ଦେଲେ । କିଏ ଜଣେ କହିଲା– ଆରେ ହଁ ସେଇ ଦକ୍ଷିଣ ଦ୍ୱାର ପାଖର ବାଆଜୀଟାରେ ।

ଆରେ ସେ ରାଘବ ଦାସ ବାବାଜୀ.... ଜଗନ୍ନାଥଙ୍କ ନିଜ ଅଙ୍ଗ ।

କାହା ପ୍ରତି ରାଘବ ଦାସଙ୍କର ନିଘା ନାହିଁ । ହାତରେ ଧରିଥିବା ସୋଲ ମୁକୁଟ ପିନ୍ଧାଇ ଦେଲେ ଜଗନ୍ନାଥଙ୍କ ପାଗପାଟି ବନ୍ଧା ମୁଣ୍ଡ ଉପରେ । ହସିଲେ ରାଘବ ଦାସ । ଟିକିଏ ନିଘା କରି ଉଚ୍ଚ ସ୍ୱରରେ କହିଲେ– ଜଗନ୍ନାଥ ! ତୁ ମୋତେ ଛତ୍ର ତଳେ ରଖିଲୁ । ମୁଁ ତୋତେ ମୁକୁଟ ପିନ୍ଧେଇ ଦେଲି । ତୋତେ ମୁଁ ଛତ୍ର ଦେଲି । ଖାଲି ତୁ ଦେଲି ଦେଲି ବୋଲି କହିବୁଟି ।

ଜଗନ୍ନାଥ ହସୁଛନ୍ତି.... ହରିବୋଲ ହୁଳହୁଳି ପଡୁଛି । ହରିଦ୍ରା ପାଗ ପଟି ଉପରେ ସୋଲ ମୁକୁଟ ଆନ୍ଦୋଳିତ ।

ରାଘବ ଦାସ ତଳକୁ ଓହ୍ଲେଇ ପଡ଼ିଲେ । ମନକୁ ମନ ହସୁଥାନ୍ତି ।

.....ମୁକୁଟ ପିନ୍ଧି ତୁ ସୀମାତୀତରୁ ସସୀମ ହୋଇ ଗଲୁରେ ଠାକୁର.... ମୁଁ ମଧ୍ୟ ତୋତେ ତଳକୁ ଟାଣି ଆଣି ପାରେ । ତୋର ଭକ୍ତ ତୋତେ ତଳକୁ ଆଣି ପାରେ ।

ବାଇଶି ପାହାଚ ଉପରେ ଦଇତାଙ୍କ ଭିଡ । ତାହିଆର ଉପର ଅଂଶ ଦେଖାଯାଉଛି । କଳା ମୁହଁ ଦେଖାଗଲା– ତା' ଉପରେ ଧଳା ତାହିଆ । ମଗରଜ ଠାଣିରେ ଆସୁଛନ୍ତି କଳା ଠାକୁର– ଆବେଗ ଓ ଉଲ୍ଲାସର ସବଳ କଳରୋଳ ।

କାଶୀ ବିଶ୍ୱନାଥ ପାଖରୁ ରାଘବ ଦାସ ମୁହଁ ଉଠେଇଲେ । ସିଂହ କେଶର ଝାଡ଼ିଲା ପରି ଦେଖାଗଲା ତାହିଆ....। ବିରାଟ ହୋଇ ଯାଇଛି ଜଗନ୍ନାଥ । ସସୀମ ହେବ କ'ଣ.... ଅସୀମ ମନେ ହେଉଛି–ମନେ ହେଉଛି ଆହୁରି ବିରାଟ । ଅପରୂପ ରୂପ ଲାବଣ୍ୟ ବୋଳି ହୋଇ ଯାଇଛି କଳା ମୁହଁରେ ଏହି ତାହିଆ ଯୋଗୁଁ । ଧଳା ପାଖରେ କଳା ଆହୁରି ସୁନ୍ଦର, ଆହୁରି କମନୀୟ ।

କମନୀୟ କାନ୍ତି ପ୍ରଭୁ.... ମୁଁ ଛାର ପାମର ତୋତେ ଛୋଟ କରି ଦେବା ପାଇଁ ସୋଲ ମୁକୁଟ ପିନ୍ଧେଇ ଥିଲି । ତୁ ତ ମହତ୍– ବିରାଟ । ସାମାନ୍ୟ କ୍ଷୁଦ୍ର ଜୀବ ଭିତରୁ ତୁ ସର୍ଜନା କରୁ ସପ୍ତ ବ୍ରହ୍ମାଣ୍ଡ– ତୋର ରୂପ ଅକଳନୀୟ । ତୁ ଅବର୍ଣ୍ଣନୀୟ ପ୍ରଭୁ । ମୋତେ କ୍ଷମା କର ।

କାନ୍ଦି କାନ୍ଦି ଗଡ଼ିଲେ ରାଘବ ଦାସ–।

ଶେଷ ପାହାଚରେ ଅନେଇଲେ ଜଗନ୍ନାଥ.... ସସ୍ନେହ ଦୃଷ୍ଟି, ରକ୍ତିମ ଅଧରରେ ଅଫୁରନ୍ତ ହସର ଢେଉ । ଉଦ୍‌ବେଳିତ ଜନ ସମୁଦ୍ର ଆନନ୍ଦରେ ବିଭୋର । ସିଂହ କେଶର ଠାଣିରେ ତାହିଆ ଦାପିମାନ–। ସିଂହଦ୍ୱାର ଗୁମୁଟ ଭିତରକୁ ଯିବା ପୂର୍ବରୁ ଡାହାଣକୁ ସାମାନ୍ୟ ଢଳି ପଡ଼ିଲେ କଳା ଠାକୁର–।

ଠାକୁର ଏତେ ସୁନ୍ଦର କେବେ ଦେଖା ଯାଇନଥିଲେ ରାଘବ ଦାସ ଗୋସେଇଁ । ସବୁବର୍ଷ ପହଣ୍ଡିବେଳେ ତାହିଆ ଯୋଗେଇବ ତୁମେ– ଗଜପତିଙ୍କ ଆଦେଶ ।

ଯଥା ଆଜ୍ଞା ମହାରାଜ– ଆପଣ ତ ଠାକୁରଙ୍କ ଚଳନ୍ତି ପ୍ରତିମା– ମୋ ପାଇଁ ପ୍ରତି ବର୍ଷ ଅଣସର ତାଟି **ଖଞ୍ଜି** ଦିଅନ୍ତୁ ମଣିମା–।

ବନ୍ଧନରେ ବନ୍ଧା ରାଘବ ଦାସ ।

ବନ୍ଧନରେ ବନ୍ଧା ଜଗନ୍ନାଥ– ତାହିଆ ପର ଝାଳୁଛି ସିଂହଦ୍ୱାରରେ ଭକ୍ତର ମନ ଆକର୍ଷଣ କରି । ସେହି ଦିନଠାରୁ **ରାଜା ଖଞ୍ଜି ଦେଲେ** ତାଟି–ରାଘବ ଦାସ ଦେଲେ ତାହିଆ । **ଆଜି ଯାଏ ସେ ପଦ୍ଧତି ଅନୁସୃତ** ହେଉଛି ।

---

ଏସ୍.ପି.କୋଠି,
ପୁରୀ ।



# ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ

ଗୋଟିଏ କିମ୍ବା ଦୁଇଟି ସନ୍ତାନ ପରେ ଗର୍ଭନିରୋଧ ଅସ୍ତ୍ରୋପଚାର କରାଇଲେ ଆପଣ

# ସବୁଜ ପତ୍ରିକାର

ଅଧିକାରୀ ହୋଇପାରିବେ ଓ ଏହି ସବୁଜ ପତ୍ରିକା ବଳରେ ନିଜ ପାଇଁ ତଥା ନିଜ ପରିବାର ପାଇଁ ନିମ୍ନଲିଖିତ ସୁବିଧା ସୁଯୋଗ ହାସଲ କରିପାରିବେ ।

(୧) ରାଜ୍ୟ ସରକାର କିମ୍ବା ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଗୃହଗୁଡ଼ିକ ମଧ୍ୟରୁ ଶତକଡ଼ା ୫ଟି ଗୃହ ଏଭଳି ପରିବାରକୁ ଯୋଗାଇ ଦିଆଯିବ ।

(୨) ଘରଡ଼ିହ ନଥିବା ଏଭଳି ପରିବାରକୁ ପ୍ରଚଳିତ ୪ ଡେସିମିଲ ପରିବର୍ତ୍ତେ ୮ ଡେସିମିଲ ଭୂମି ବିନା ମୂଲ୍ୟରେ ଯୋଗାଇ ଦିଆଯିବ ।

(୩) ନିମ୍ନ ଆୟ ବା ମଧ୍ୟମ ଆୟ ଗୋଷ୍ଠୀର ଲୋକମାନଙ୍କୁ ଦିଆଯାଉଥିବା ଗୃହ ନିର୍ମାଣ ଋଣରୁ ଶତକଡ଼ା ୫ ଭାଗ ଏ ଧରଣର ପରିବାର ପାଇଁ ସଂରକ୍ଷିତ ରହିବ ।

(୪) ମେଡ଼ିକାଲ, ଇଞ୍ଜିନିୟରିଂ, ପଲିଟେକ୍‌ନିକ ଓ ଆଇ. ଟି. ଆଇ. ପ୍ରଭୃତି ଶିକ୍ଷାନୁଷ୍ଠାନମାନଙ୍କରେ ଶତକଡ଼ା ୫ ଭାଗ ସ୍ଥାନ ଏପରି ପରିବାରର ପିଲାଙ୍କ ପାଇଁ ସଂରକ୍ଷିତ ରହିବ ।


(୫) ଏହି ପରିବାରର ସ୍ୱାମୀ କିମ୍ବା ସ୍ତ୍ରୀ ସରକାରୀ କର୍ମଚାରୀ ହୋଇଥିଲେ, ତାଙ୍କ ଦରମାରେ ଅଗ୍ରିମ ଦୁଇଟି ଇନ୍‌କ୍ରିମେଣ୍ଟ ପାଇବେ ।

(୬) ସବୁଜ ପତ୍ରିକାଧାରୀମାନଙ୍କ ପାଇଁ ଦଶ ହଜାର ଟଙ୍କାର ଏକ ବାର୍ଷିକ ଲଟେରୀର ସୁଯୋଗ ଅସ୍ତ୍ରୋପଚାର ହେବାଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ ।

ଏହି ବିଷୟରେ ଅଧିକ ଜାଣିବାକୁ ଚାହିଁଲେ ନିକଟସ୍ଥ ପରିବାର କଲ୍ୟାଣ କେନ୍ଦ୍ରରେ ପରାମର୍ଶ କରନ୍ତୁ ।


**ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ**


**ଭୁବନେଶ୍ୱର, ଓଡ଼ିଶା**


ଥାଅ ଜଗନ୍ନାଥ...

• ଶ୍ରୀ ମାଁ ସୁନ୍ଦର କାଷ୍ଠ ମଧ୍ୟେ
ଭୁବନମୋହନରେ ...







• ଚକା ଆଖିରେ
ମନ ଭ୍ରମରା
ଥରେ ଯା
ଲାଖିଲେ....





ନାହିଁ ନାହିଁ ତ,
ଜଗବନ୍ଧୁ ପରି
ଜଗେ ସାମନ୍ତ

















ମହାପ୍ରଭୁଙ୍କ
ବାହୁଡ଼ା ଯାତ୍ରା...




ହରେକୃଷ୍ଣ ହରେକୃଷ୍ଣ କୃଷ୍ଣକୃଷ୍ଣ ହରେ ହରେ ।
ହରେ ରାମ ହରେରାମ ରାମ ରାମ ହରେ ହରେ ।।
WEL COME
SRI KRISHNA CHAITANYA MAHAPRABHU
FIFTH CENTENARY ADVENT CELEBRATIO
ଶ୍ରୀକ୍ଷେତ୍ରେ ଶ୍ରୀ ଚୈତନ୍ୟ
ପଞ୍ଚଶତ ବାର୍ଷିକୀ ଉତ୍ସବ...



ସତ୍ୟାଗ୍ରହୀଙ୍କ ସହ ଆଲୋଚନା...



ଅପର କୋଲାବ
ଜଳଭଣ୍ଡାର
ପରିଦର୍ଶନ...





ଇଦ ପର୍ବ
ଉପଲକ୍ଷେ ରାଜ୍ୟପାଳଙ୍କର
ପ୍ରୀତି ମିଷ୍ଟାନ୍ନ ବଣ୍ଟନ...



ଭୁବନ ମୁଖ୍ୟ ଡାକଘରରେ
ନୂତନ ଡାକ ଭବନର
ଉଦ୍‌ଘାଟନ...

ପୂର୍ବାଞ୍ଚଳ ଜଳସେଚନ-ଓ
ଜଳ ସମ୍ପଦ
ମନ୍ତ୍ରୀ ମାନଙ୍କ ବୈଠକ...





ଯୋଜନା କମିଶନ ଉପାଧ୍ୟକ୍ଷଙ୍କ ସହ
ଆଲୋଚନା ରେ
ମୁଖ୍ୟମନ୍ତ୍ରୀ...

ରାଜ୍ୟ ଅର୍ଥମନ୍ତ୍ରୀ ଓ ଯୋଜନା ରାଷ୍ଟ୍ରମନ୍ତ୍ରୀଙ୍କ ଗହଣରେ
ରାଜ୍ୟ ସ୍ତରୀୟ ଅଧିକାରୀମାନଙ୍କୁ ଉପାଧ୍ୟକ୍ଷଙ୍କ
ଉଦ୍‌ବୋଧନ...






# ସର୍ବଶ୍ରେଷ୍ଠ ଦୈବ କ୍ଷେତ୍ରାଣୀ

ଡକ୍ଟର ଶ୍ରୀନିବାସ ତ୍ରିପାଠୀ

ନିର୍ଗୁଣ ବ୍ରହ୍ମଙ୍କର ସଗୁଣ ଅଭିବ୍ୟକ୍ତି ଭାବରେ ଖ୍ୟାତ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କର ପରମପାବନ ଶ୍ରୀକ୍ଷେତ୍ର ଯୁଗେ ଯୁଗେ ଯୋଗୀ-ଜ୍ଞାନୀ, ଭକ୍ତ-ଶାକ୍ତ, ସାଧୁସନ୍ଥ, ଆସ୍ତିକାନାସ୍ତିକ-ସମସ୍ତଙ୍କର ଲକ୍ଷ୍ୟଭାଜନ ହୋଇଆସିଅଛି । ପବିତ୍ରତାର ସୋପାନରେ ଏହାର ଅବସ୍ଥିତି କେଉଁଠି ତା' କଳନାକରିବା ଭକ୍ତ ପକ୍ଷରେ କଷ୍ଟସାଧ୍ୟହେଲେ ହେଁ ଏହା ନିଶ୍ଚିତଭାବରେ ବହୁ ଭକ୍ତଜନ-ସମ୍ମତ ଯେ ଶ୍ରୀକ୍ଷେତ୍ର ପୁରୀହିଁ ଭାରତର ଶ୍ରେଷ୍ଠ ହିନ୍ଦୁକ୍ଷେତ୍ର ବା ତୀର୍ଥମାନଙ୍କ ମଧ୍ୟରେ ଏକତମ । ପୁରୀସହିତ ତୁଳନୀୟ ଅନ୍ୟାନ୍ୟ କ୍ଷେତ୍ର ବା ତୀର୍ଥମାନଙ୍କ ମଧ୍ୟରେ କାଶୀ, ମଥୁରା, ବୃନ୍ଦାବନ, ଅଯୋଧ୍ୟା, ଦ୍ୱାରକା, ପ୍ରୟାଗ, ଗୟା, ତିରୁପତି ଇତ୍ୟାଦି ତୀର୍ଥମାନେ ଅଗ୍ରଗଣ୍ୟ । ଶ୍ରେଷ୍ଠତୀର୍ଥମାନଙ୍କ ମଧ୍ୟରେ ପୁରୀ ଏକତମ ବୋଲି ଯେଉଁ ଥିସିସ୍ ବା ତତ୍ତ୍ୱ ବହୁଭକ୍ତଜନଙ୍କ ବିଶ୍ୱାସଭାଜନ ହୋଇପାରିଛି ତାହାବ୍ୟତୀତ ଅନ୍ୟଏକ ମତମଧ୍ୟ ସମାନ୍ତରାଳଭାବରେ ବହୁଜନସମ୍ମତ, ବହୁଆଗମଗ୍ରନ୍ଥ ପ୍ରସ୍ତୁରିତ ତଥା ସାଧୁସନ୍ଥ ଓ ବିଦ୍ୱାନ-ମାନଙ୍କଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷରୂପେ ସ୍ୱୀକୃତିପ୍ରାପ୍ତ ହୋଇଅଛି । ଏହି ଅନ୍ୟ ଅଭିମତଟିହେଲା—ଶ୍ରୀକ୍ଷେତ୍ରପୁରୀ ହିଁ ହିନ୍ଦୁଜଗତର ଶ୍ରେଷ୍ଠତମ କ୍ଷେତ୍ର । ତେଣୁ ଜଞ୍ଜାଳମୟ ଜୀବନରେ ଥରେମାତ୍ର ଏହିସ୍ଥାନକୁ ଆସି ନୂତନ ଆଧ୍ୟାତ୍ମିକ ପ୍ରେରଣା ପାଇବା ପ୍ରତ୍ୟେକ ଧର୍ମ-ପରାୟଣ ହିନ୍ଦୁର କାମ୍ୟ ; ସେହି କାରଣରୁ ହିଁ ଶଙ୍କର, ରାମାନୁଜ କବୀର, ନାନକ, ଶଙ୍କରଦେବ, ତୁଳସୀଦାସ ଓ ଶ୍ରୀଚୈତନ୍ୟ ଆଦି ମଧ୍ୟଯୁଗୀୟ ସାଧୁସନ୍ଥମାନେ ଏହି ସ୍ଥାନକୁ ଆସିଥିଲେ କିମ୍ବା କେତେକ ଏହାକୁ ନିଜନିଜର କର୍ମଭୂମିରୂପେ ବାଛିଥିଲେ ଏବଂ ଏହି କାରଣରୁ ହିଁ ହଣ୍ଟରସାହେବ ଯେକି ପାଶ୍ଚାତ୍ୟ ଜଗନ୍ନାଥପ୍ରାଣତାର ଜଣେ ମହାନ୍ ପ୍ରବକ୍ତାବୋଲି ସୁବିଦିତ ସେ ପୁରୀକୁ ହିନ୍ଦୁଜଗତର ମକ୍କାବୋଲି ଅଭିହିତ କରିଛନ୍ତି । ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ପଦ୍ମପୁରାଣ, ନୀଳାଦ୍ରିମହୋଦୟ ତଥା କପିଳସଂହିତାଦି ଗ୍ରନ୍ଥରେ ସୂଚିତ ଅଛିଯେ ଶ୍ରୀକ୍ଷେତ୍ରକୁଛାଡ଼ି ଅନ୍ୟକୌଣସି ପବିତ୍ରତର କ୍ଷେତ୍ର ସମଗ୍ର ସଂସାରରେନାହିଁ । ତଥା ଏହି ପୁରାଣମାନଙ୍କରେ ଓ ବିଶେଷକରି ସ୍କନ୍ଦପୁରାଣରେ କାଶୀ, ତିରୁପତି ଇତ୍ୟାଦି ଅନ୍ୟାନ୍ୟ ବହୁକ୍ଷେତ୍ରକୁ ମଧ୍ୟ ଶ୍ରେଷ୍ଠତମ ତୀର୍ଥବୋଲି ଅଭିହିତ କରାଯାଇଛି । ମାତ୍ର ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରକୁ ଶ୍ରେଷ୍ଠତମ କ୍ଷେତ୍ର ବା ତୀର୍ଥବୋଲି ଭକ୍ତମାନେ ଗ୍ରହଣକରିବାରେ ବହୁ ଯଥାର୍ଥତା ରହିଛି । ପୁରୀଶ୍ରୀକ୍ଷେତ୍ର ହିଁ କ୍ଷେତ୍ର ବା ତୀର୍ଥ-ମାନଙ୍କର ମଧ୍ୟରେ ଶ୍ରେଷ୍ଠତମ—ଏହି ବିଶ୍ୱାସପଛରେ ବହୁ ଯଥାର୍ଥତା ଅଛି । ଏକଥା ନିମ୍ନୋକ୍ତ ଆଲୋଚନାରୁ ସୁସ୍ପଷ୍ଟ ।

## ପରମପାବନ କ୍ଷେତ୍ର

ଐତରେୟ ବ୍ରାହ୍ମଣରେ ନିର୍ଦ୍ଦେଶଅଛି, "ଯେଉଁମାନବ ଦେଶଭ୍ରମଣ କରେନାହିଁ ତା'ର ସୁଖନାହିଁ ; ସମାଜରେ ନିରବଚ୍ଛିନ୍ନ ଭାବରେ ବସବାସକଲେ ଏକ ସର୍ବଗୁଣଶାଳୀ ପୁରୁଷମଧ୍ୟ ସମୟକ୍ରମେ ପାପରାଶିଜାତ ହୋଇଯାଏ; ଦେବରାଜ ଇନ୍ଦ୍ର ହେଉଛନ୍ତି ଭ୍ରମଣକାରୀର ପରମବନ୍ଧୁ । ତେଣୁ ହେ ମାନବଗଣ ଭ୍ରମଣକର" । (୧) ଏହି ଶାସ୍ତ୍ରନିର୍ଦ୍ଦେଶ ମୂଳରେ ଅଭିଜ୍ଞତାଲାଭ ସହିତ ପ୍ରାକୃତିକସୁଷମାକୁ ଉପଭୋଗକରିବାର ଇଚ୍ଛା ପରୋକ୍ଷଭାବରେ ନିହିତଅଛି । ପୂର୍ବକାଳରେ ଭାରତବର୍ଷରେଥିବା ବିଭିନ୍ନ ପ୍ରାକୃତିକ



ପରିବେଶର ଉତ୍କର୍ଷତାକୁ ଉପଜୀବ୍ୟକରି ପବିତ୍ରସ୍ଥାନ କିମ୍ବା କ୍ଷେତ୍ରମାନଙ୍କର କଳ୍ପନାକରାଯାଇଥିଲା । ସୁନ୍ଦରପର୍ବତ, ସୁନ୍ଦର-ନଦୀତୀର, ସୁନ୍ଦରବନାନୀ ତଥା ସୁନ୍ଦର ବେଳାଭୂମିଗୁଡ଼ିକରେ ହିନ୍ଦୁମାନଙ୍କର ପବିତ୍ରସ୍ଥାନଗୁଡ଼ିକ ସମୟକ୍ରମେ ଗଢ଼ିଉଠିଛି । ଶ୍ରୀକ୍ଷେତ୍ରପୁରୀ ଏକ ଶ୍ରେଷ୍ଠ ତୀର୍ଥ ହେବାରେ ତା'ର ଭୌଗୋଳିକ ଅବସ୍ଥିତିର ବହୁ ଅବଦାନ ରହିଛି । ପୁରୀର ସୁନ୍ଦର ବେଳାଭୂମି ଅଦ୍ୱିତୀୟ । ବିଦେଶୀ ପର୍ଯ୍ୟଟକମାନେ ଗୋଆର ବେଳାଭୂମିକୁ ଦସ୍ୟୁ, ତସ୍କର ତଥା ବିଳାସୀ ବ୍ୟକ୍ତିମାନଙ୍କର ଲୀଳାସ୍ଥଳୀ, କେରଳର କୋଭାଲମ୍‌କୁ କୁମ୍ଭୀ ବା ଅଯଥା ବୃକ୍ଷ ତଥା ପର୍ଯ୍ୟଟକମାନଙ୍କଦ୍ୱାରା ଭାରାକ୍ରାନ୍ତ, ବମ୍ବେନିକଟର ସମୁଦ୍ରକୁ ଶିଳାଖଣ୍ଡକୁଞ୍ଜ ତଥା ଦୀଘାକୁ ପଙ୍କିଳବୋଲି ଅଭିହିତକରି ପୁରୀବେଳାଭୂମିକୁ ଶ୍ରେଷ୍ଠସ୍ଥାନଦେବା ଜଣାଯାଉଛି । ପୁନଶ୍ଚ ପୁରୀବେଳାଭୂମିର ପ୍ରଶଂସାରେ ଆଗମଗ୍ରନ୍ଥ ସମୂହ ଶତମୁଖ—ମହାଭାରତରେ ଏହା ମହାଦେବୀ, ନିତ୍ୟସ୍ଥାନ, "ସୈଷା ସାଗରମାସାଦ୍ୟ ରାଜନ୍ ବେଦୀସମାଶ୍ରିତା" (୨), ବ୍ରହ୍ମପୁରାଣମତରେ ଏହା ଅତ୍ୟନ୍ତ ମନୋହର, "ସୁରମ୍ୟଂ ବାଲୁକାକୀର୍ଣ୍ଣଂ କେତକୀବନ ଶୋଭିତମ୍" (୩), ସ୍କନ୍ଦ ପୁରାଣମତରେ ନୀଳଗିରିର ଶୀର୍ଷକୁ ଏକକ୍ରୋଶ ବ୍ୟାପୀ କଳ୍ପବୃକ୍ଷ ଆଚ୍ଛାଦିତକରି ରହିଥିଲା ଏବଂ ଏହା ବହୁ ପକ୍ଷୀଙ୍କର କୂଜନରେ ପରିପୂର୍ଣ୍ଣଥିଲା । ପୁନଶ୍ଚ ପୁରୀର ଏକ-ଦିଗରେ ସାଗର ଓ ଅନ୍ୟ ଦିଗମାନଙ୍କରେ ନଦୀମାନେ ରହିଥିବାରୁ ଏହା ଶଂଖାକାରରେ ଏକ ଦ୍ୱୀପଥିଲା । ସେତେବେଳେ ଏହାର ସୌନ୍ଦର୍ଯ୍ୟ କିଭଳି ଥିଲା ଏଥିରୁ ଅନୁମାନ କରାଯାଇପାରେ । କାଶୀ ଯେଉଁଭଳି ଶିବଙ୍କର କଳେବରସ୍ୱରୂପୀ ଏବଂ ଗୟା ଯେଉଁଭଳି ଭକ୍ତ ଗୟାସୁରର ଶରୀରସ୍ୱରୂପୀ ଶ୍ରୀକ୍ଷେତ୍ର ସେହିପରି ପୁରୁଷୋତ୍ତମଙ୍କର କଳେବରସ୍ୱରୂପୀ । ତେଣୁ ଭକ୍ତ ଭଗବାନ୍‌ଙ୍କର ଏକତ୍ୱଲାଭ ନିମନ୍ତେ ଗାଏ, "ସେ ରେଣୁ ପାଇବା ତୁଣ୍ଡେ ।"

ସମୟକ୍ରମେ ଏହି ଆଗମଗ୍ରନ୍ଥମାନେ ପୁରୀ ଶ୍ରୀକ୍ଷେତ୍ର ଉପରେ ପବିତ୍ରତାର ଆରୋପ କରିଛନ୍ତି—ଲିଙ୍ଗତାଗମ ଅନୁସାରେ ପୁରୀ ଶ୍ରୀକ୍ଷେତ୍ର ୧୦୮ ଶିବକ୍ଷେତ୍ର ମଧ୍ୟରୁ ଏକତମ, "ମାର୍କଣ୍ଡେୟେ ଜଗନ୍ନାଥେ" ; ୧୦୮ ବିଷ୍ଣୁସ୍ଥାନମଧ୍ୟରେ ମଧ୍ୟ ଗୋଟିଏ, "ନୀଳାଦ୍ରୌ ପୁରୁଷୋତ୍ତମ" ; ଦେବୀ ଭାଗବତ ଓ ମତ୍ସ୍ୟପୁରାଣ ଅନୁସାରେ ୫୧ ଶକ୍ତିପୀଠ ମଧ୍ୟରୁ ଗୋଟିଏ", ଉତ୍କଳେ ନାଭିଦେଶସ୍ତୁ ବିରଜାକ୍ଷେତ୍ର-ମୁଚ୍ୟତେ—ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ୫୧ ସିଦ୍ଧକ୍ଷେତ୍ର ମଧ୍ୟରୁ ଗୋଟିଏ ; ଚାରିଧାମ ମଧ୍ୟରୁ ଗୋଟିଏ ଏବଂ ସପ୍ତକ୍ଷେତ୍ର ମଧ୍ୟରୁ ମଧ୍ୟ ଗୋଟିଏ ଅଟେ । (୪) ବଟଗଣେଶ ଓ କାଂଚିଗଣେଶଙ୍କର ଆପାତତଃ ପ୍ରସିଦ୍ଧି ଥିଲେ ହେଁ ୨୧ଟି ଗଣପତି କ୍ଷେତ୍ର ମଧ୍ୟରେ ପୁରୀ ନାହିଁ । ଏହାର କାରଣ, ପୁରୀ ପ୍ରଧାନତଃ ଏକ ବିଷ୍ଣୁକ୍ଷେତ୍ର । ମାତ୍ର ଏକ ହନୁମାନକ୍ଷେତ୍ର ହିସାବରେ ପୁରୀରପ୍ରସିଦ୍ଧି ସମଗ୍ର ଭାରତରେ ସମ୍ଭବତଃ ଅପ୍ରତିଦ୍ୱନ୍ଦ୍ୱୀ । ଏହି ସ୍ଥାନର ବେଡ଼ି ହନୁମାନ, କାନପାତା ହନୁମାନ, ଉଡ଼ନ୍ତା ହନୁମାନ୍, ବାରଭାଇ ହନୁମାନ୍, ଦରିଆ ମହାବୀର, ସିଦ୍ଧ ମହାବୀର, ଶିରୁଳୀ ମହାବୀର ତଥା ସୁଡ଼ଙ୍ଗ ମହାବୀର ଆଦି ପ୍ରସିଦ୍ଧ ହନୁମାନପୀଠ ସମଗ୍ର ଭାରତବର୍ଷର ଭକ୍ତମାନଙ୍କୁ ଯୁଗଯୁଗଧରି ଆକର୍ଷିତ କରି ଆସୁଅଛି ।

## ଜଳତୀର୍ଥ

ପବିତ୍ରସ୍ଥାନ ସହିତ ପବିତ୍ରନଦୀ, ହ୍ରଦ, ପୁଷ୍କରିଣୀ, ଜଳପ୍ରପାତ ତଥା ସାଗର ଅଙ୍ଗାଙ୍ଗୀ ଭାବରେ ଜଡ଼ିତଥିବାର କାରଣ ହେଲା ତୀର୍ଥ ସ୍ଥାନମାନଙ୍କରେ କେତେକ ପୁଣ୍ୟକୃତ୍ୟ ଯଥା ସ୍ନାନ, ସନ୍ଧ୍ୟା, ତର୍ପଣ, ଶ୍ରାଦ୍ଧ, ଦାନଆଦି କର୍ମପାଇଁ ଜଳ ଅପରିହାର୍ଯ୍ୟ । ଜଳ-ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ଗଙ୍ଗା—ନରସିଂହ ପୁରାଣରେ କୁହାଯାଇଛି, "ସର୍ବତୀର୍ଥମୟୀ ଗଙ୍ଗା" । ତେଣୁ ହରିଦ୍ୱାର, ପ୍ରୟାଗ ଓ କାଶୀ ଆଦି ସ୍ଥାନମାନଙ୍କରେ ପବିତ୍ରତା ମୁଖ୍ୟତଃ ଗଙ୍ଗାଯୋଗୁଁ ହିଁ ବହୁ ଉର୍ଦ୍ଧ୍ୱରେ । ଗଙ୍ଗାର ଉପସ୍ଥିତିଲାଗି ଏହି ତିନୋଟିସ୍ଥାନର ପବିତ୍ରତା ପ୍ରାୟତଃ ଦ୍ୱିଗୁଣିତ ହୋଇଯାଇଛି । ଗଙ୍ଗାର ଅନୁପ-ସ୍ଥିତି ଶ୍ରୀକ୍ଷେତ୍ରପୁରୀର ପବିତ୍ରତାକୁ ନିଶ୍ଚିତ ଭାବରେ ବହୁ ପ୍ରଭାବିତ କରିଛି । ଅବଶ୍ୟ ଶ୍ରୀକ୍ଷେତ୍ରର ପଞ୍ଚପୁଷ୍କରିଣୀ ଯଥା ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ, ନରେନ୍ଦ୍ର, ଶ୍ୱେତଗଙ୍ଗା ତଥା ରୋହିଣୀକୁଣ୍ଡ ଭାରତର ଶ୍ରେଷ୍ଠ ଜଳତୀର୍ଥମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ମୂଳ ରୋହିଣୀ-କୁଣ୍ଡ ଅଧୁନା ଲୁପ୍ତ ମାତ୍ର । ପୁରାଣରେ ବର୍ଣ୍ଣିତ ଅଛି ଯେ ଏହା କାରଣ ବାରିରେ ପରିପୂର୍ଣ୍ଣ ଥିବାରୁ ଏଥିରେ କାକ ପତନ ମାତ୍ରେ ଚତୁର୍ଭୁଜ ହୋଇ ବିଷ୍ଣୁଲୋକକୁ ଗମନ କଲା । ଯେପରି ଗଙ୍ଗା ନଦୀ ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠସ୍ଥାନ ଲାଭକରିଛି ସେହିପରି ପୁରୀର ତୀର୍ଥରାଜ ମହୋଦଧି ଖୁବ୍ ସମ୍ଭବତଃ ସବୁ ସାଗରତୀର୍ଥ-ମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ । ସେଥିପାଇଁ ସ୍କନ୍ଦ ପୁରାଣରେ ମହୋଦଧିସ୍ନାନ ପାଇଁ ସମୁଚିତ ବିଧିବିଧାନର ବ୍ୟବସ୍ଥା ଅଛି । ସ୍କନ୍ଦ ପୁରାଣର ବିଧି ଅନୁସାରେ ଏଥିରେ ସ୍ନାନ କରିବାବେଳେ ନିମ୍ନୋକ୍ତ ସ୍ତୁତି କରାଯାଏ, "ତୀର୍ଥରାଜ ନମସ୍ତୁଭ୍ୟଂ ଜଳରୂପାୟ ବିଷ୍ଣବେ" । ମହୋଦଧି ସହିତ ଭାରତର ପ୍ରମୁଖ ସାଧୁସନ୍ଥ ମାନଙ୍କର ସ୍ମୃତି ଜଡ଼ିତ ଅଛି । ଶଙ୍କରାଚାର୍ଯ୍ୟ, ଗୁରୁ ନାନକ ଓ କବୀର ସମୁଦ୍ରକୂଳରେ ଅବସ୍ଥାନ କରି ଈଶ୍ୱର ଚିନ୍ତନ କରିଥିଲେ । ଶ୍ରୀଚୈତନ୍ୟ ଥରେ ଭଗବତ୍‌ଭାବାବେଶରେ ଏହାକୁ ଆଲିଙ୍ଗନ କରନ୍ତେ ସମୁଦ୍ରର ପତାଳ ଗର୍ଭକୁ ଭାସି ଯାଇଥିଲେ । ମାତ୍ର ସୌଭାଗ୍ୟକ୍ରମେ ସେ ମତ୍ସ୍ୟଜୀବୀମାନଙ୍କର ଜାଲରେ ଧରାପଡ଼ି ରକ୍ଷାପାଇ ଯାଇଥିବାର ସ୍ମୃତି ଆଜି ପର୍ଯ୍ୟନ୍ତ ଗୌଡ଼ୀୟ ବୈଷ୍ଣବ ମାନଙ୍କୁ ମହୋଦଧିତୀରକୁ ଆକର୍ଷିତ କରେ । ମହାପ୍ରଭୁ ଶ୍ରୀଚୈତନ୍ୟ ଏହି ମହୋଦଧିକୁ ଯମୁନାର ନୀଳଜଳ ବୋଲି ମନେକରି ମହାଭାବରେ ବିଭୋର ହୋଇଯାଇଥିଲେ । ପୁନଶ୍ଚ ସ୍କନ୍ଦପୁରାଣର ପୂର୍ବସୂଚିତ ସ୍ତୁତିରୁ ଜ୍ଞାତ ଯେ ଏହି ମହୋଦଧି ପତିତପାବନ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ପ୍ରତିନିଧି ସ୍ୱରୂପ । ଏହା ଭକ୍ତ-ପତିତ, ଆସ୍ତିକ-ନାସ୍ତିକ ସମସ୍ତଙ୍କୁ ନିଜର କରିପାରେ । ଆଧୁନିକ ଯୁଗର ଯୁଗପୁରୁଷ ସ୍ୱରାଜବାବା କହୁଥିଲେ ଭାରତରେ କୌଣସି ସ୍ଥାନରେ ତା'ର ଦେବତା ଓ ତା'ର ଜଳ—ଏ ଦୁହିଁଙ୍କ ମଧ୍ୟରେ ଥିବା ଅଭେଦ୍ୟଭାବର ଏଭଳି କଳ୍ପନା କରାଯାଇନାହିଁ ।

ଯେପରି ସମୁଦ୍ର ଗଙ୍ଗାଦି ନଦୀମାନଙ୍କର ଜଳକୁ ନିଜସ୍ୱ କରିବା ସଙ୍ଗେ ସଙ୍ଗେ ନାଳନର୍ଦ୍ଦମାର ପାଣିକୁ ମଧ୍ୟ ଗ୍ରହଣକରେ ସେହିପରି ପତିତପାବନ ଶ୍ରୀଜଗନ୍ନାଥ ପାପୀ ପୁଣ୍ୟବାନ୍ ସମସ୍ତଙ୍କୁ ତାଙ୍କର କରୁଣାବନ୍ଧନରେ ଆବଦ୍ଧ କରନ୍ତି । ପବିତ୍ର ଗୋବିନ୍ଦ ଦ୍ୱାଦଶୀ ତଥା ବାମନ ଏକାଦଶୀ ତିଥିରେ ବହୁ ଅବଧିବ୍ୟବଧାନରେ ସଂଘଟିତ ସ୍ନାନଯୋଗ କୁମ୍ଭସ୍ନାନତୁଲ୍ୟ ଏବଂ ଏହି ସ୍ନାନ ସେତୁବନ୍ଧ ରାମେଶ୍ୱର, ଧନୁଷ୍କୋଟି, କନ୍ୟାକୁମାରୀ ତଥା ଦ୍ୱାରକା ନିକଟସ୍ଥ ପବିତ୍ର ସ୍ନାନଠାରୁ ଅଧିକ ପୁଣ୍ୟଦାୟୀ ତଥା ଲୋକପ୍ରିୟ । ତେଣୁ ଶ୍ରୀକ୍ଷେତ୍ରର ମହୋଦଧି ଅନନ୍ୟ ।

## ମୂର୍ତ୍ତିବିଶେଷ

କେତେକ ପଣ୍ଡିତଙ୍କ ମତରେ ମହାଯାନ ବୌଦ୍ଧତତ୍ତ୍ୱର ପ୍ରସାର ହେତୁ ହିନ୍ଦୁଧର୍ମରେ ମୂର୍ତ୍ତିପୂଜାର ଉଦ୍ଭବ ହେଲା । ମାତ୍ର ହିନ୍ଦୁ ମୂର୍ତ୍ତିପୂଜା ତଥା ମନ୍ଦିର ନିର୍ମାଣର ବହୁପୂର୍ବରୁ ଦେବତା ହୋଇଛନ୍ତି ଶ୍ରୀଜଗନ୍ନାଥ କାରଣ ତାଙ୍କର ପୂଜା ଶବର ସଂସ୍କୃତିରୁ ସୃଷ୍ଟି । ଇ. ବି. ହାଭେଲ୍ ହୁଏତ ସେଇଥି ପାଇଁ କହୁଥିଲେ ଯେ ମହାଯାନ ବୌଦ୍ଧଧର୍ମର ବହୁପୂର୍ବରୁ ମୂର୍ତ୍ତିପୂଜା ଭାରତରେ ପ୍ରଚଳିତ ଥିଲା । (୫) ମୂର୍ତ୍ତିପୂଜାର ଉଦ୍ଭବ ଯେବେ ହେଉନା କାହିଁକି ବିଶେଷ ସ୍ଥାନମାନଙ୍କରେ ମୂର୍ତ୍ତିମାନଙ୍କର ବିଶେଷ ମହିମା ଅଛି । ଶ୍ରୀବଦରୀନାଥଙ୍କର ମୂର୍ତ୍ତି ପ୍ରଥମେ ଦେବତାମାନେ ଅଲକନନ୍ଦାର ନାରଦକୁଣ୍ଡରୁ ବାହାର କରି ସ୍ଥାପନା କରିଥିଲେ ବୋଲି କଥିତ; ଭକ୍ତ ପୁଣ୍ଡରୀକଙ୍କ ଇଛାପୂରଣ ପାଇଁ ପଣ୍ଡରୀନାଥ ବିଗ୍ରହରୂପେ ପଣ୍ଡରପୁରରେ ସ୍ଥାପିତ ଅଛନ୍ତି; ଭଗବାନ୍ ନାରାୟଣ ସ୍ୱୟଂ ବ୍ରହ୍ମାଙ୍କୁ ପ୍ରଦାନ କରିଥିବା ବିଗ୍ରହକୁ ଶ୍ରୀରଙ୍ଗମ୍‌ରେ ପ୍ରତିଷ୍ଠିତ କରାଇଛନ୍ତି ବୋଲି ପୁରାଣରୁ ଜଣାପଡ଼େ; ମହର୍ଷି ଅଗସ୍ତ୍ୟଙ୍କ ପ୍ରାର୍ଥନାରେ ଭଗବାନ୍ ବିଷ୍ଣୁ ଭେଙ୍କଟାଚଳରେ ନିବାସ କରୁଛନ୍ତି ବୋଲି ସ୍କନ୍ଦ ପୁରାଣରେ କୁହାଯାଇଛି । ମାତ୍ର ଶ୍ରୀଜଗନ୍ନାଥହିଁ ସ୍ୱୟଂ ବିଷ୍ଣୁ ବୋଲି ବିଶ୍ୱାସ କରାଯାଏ । ପାଶ୍ଚାତ୍ୟ ଭାଷ୍ୟକାରଙ୍କ ମତରେ ସେ ବିଷ୍ଣୁଙ୍କର ପ୍ରକାଶ ବିଶେଷ (Apperance) ପୁରାଣଅନୁସାରେ ମହର୍ଷି ନାରଦଙ୍କର ପ୍ରାର୍ଥନା ରକ୍ଷାକରି ସେ ଦାରୁରୂପରେ ପ୍ରକଟିତ । ଇନ୍ଦ୍ରଦ୍ୟୁମ୍ନଙ୍କୁ ମଧ୍ୟ ଆକାଶବାଣୀ ହୋଇଥିଲା ମୁଁ ଏହି (ଅର୍ଦ୍ଧଗଠିତ) ରୂପରେ ରହିବାକୁ ମୋ'ର ଇଛା । ଅର୍ଥାତ୍ ସ୍କନ୍ଦପୁରାଣ ଅନୁସାରେ ପରମ ଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କର ଅଶ୍ୱମେଧ ଯଜ୍ଞର ପରିସମାପ୍ତି ପରେ ଭଗବାନ ଏହି ପୁରୁଷୋତ୍ତମ କ୍ଷେତ୍ରରେ ସ୍ୱୟଂ ଚାରିଗୋଟି କାଷ୍ଠମୟୀ ମୂର୍ତ୍ତିମଧ୍ୟରେ ପ୍ରକାଶିତ ଅଛନ୍ତି । ଜଗନ୍ନାଥ ବିଷ୍ଣୁଙ୍କର ପ୍ରତିନିଧି ନୁହନ୍ତି; ସେ ସ୍ୱୟଂ ବିଷ୍ଣୁ । ତେଣୁ ହୁଏତ ଇତିହାସପୁରୁଷ ଶ୍ରୀଚୈତନ୍ୟ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଜାଣି ତାଙ୍କୁ ଆଲିଙ୍ଗନ କରିବାକୁ ଅଗ୍ରସର ହୋଇଥିଲେ ତଥା ଶ୍ରୀଜଗନ୍ନାଥଙ୍କୁ ଦର୍ଶନମାତ୍ରେ ଚିରସମାଧି ଲାଭହେବା ଆଶଙ୍କାରେ ଶ୍ରୀରାମକୃଷ୍ଣ ପରମହଂସ ପୁରୀ ଆସିନଥିଲେ ।

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଅଲୌକିକ । ମାତ୍ର ଏଠାରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଅଷ୍ଟ ଶିବମୂର୍ତ୍ତି, ପ୍ରସିଦ୍ଧ ଶିବଲିଙ୍ଗ, ଦ୍ୱାଦଶ ଦେବୀ ବିଗ୍ରହମାନଙ୍କ ମଧ୍ୟରୁ ଗୋଟିଏ ହେଲେ ନାହାନ୍ତି । ଏହାର କାରଣ ପୁରୁଷ-ପୁରୀ ଏକ ପ୍ରମୁଖ ବିଷ୍ଣୁ କ୍ଷେତ୍ର । ମାତ୍ର ପଞ୍ଚନାଥଙ୍କ ମଧ୍ୟରୁ ଜଗନ୍ନାଥ ଅନ୍ୟତମ । ଅନ୍ୟ ଚାରିନାଥ ହେଲେ ବଦରୀନାଥ, ରଙ୍ଗନାଥ, ଦ୍ୱାରକାନାଥ ଓ ନାଥଦ୍ୱାରର ଗୋବର୍ଦ୍ଧନନାଥ ।

## ପବିତ୍ର ପର୍ବତ, ବୃକ୍ଷ, ଗୁମ୍ଫା ଓ ସମାଧି

ଉପକୂଳବର୍ତ୍ତୀ ସମତଳ ଭୂମିରେ ଶ୍ରୀକ୍ଷେତ୍ର ପୁରୀର ଅବସ୍ଥିତି ହେତୁ ଏଠାରେ କୌଣସି ଶିଳାମୟ ପର୍ବତ ଦୃଷ୍ଟିଗୋଚର ହୁଏ ନାହିଁ । ମାତ୍ର ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ଯେଉଁ ମହା ବେଦୀ ଉପରେ ପ୍ରତିଷ୍ଠିତ ତାକୁ ଖନନ କଲେ ପ୍ରକୃତରେ କୌଣସି ଶିଳାମୟ ପର୍ବତ ଏଠାରେ ଥିଲା କି ନାହିଁ ତାହା ଜଣା ପଡ଼ନ୍ତା ବୋଲି କେତେକ ପଣ୍ଡିତ ଅନୁମାନ କରନ୍ତି । କିନ୍ତୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନୀଳଗିରି ଉପରେ ପ୍ରତିଷ୍ଠିତ ବୋଲି ପୁରାଣମାନେ ବର୍ଣ୍ଣନା କରୁଥିବାରୁ ଏହି ଗିରି ହୁଏତ ପ୍ରତୀକ ମାତ୍ର ହୋଇ ପାରି ଥାଏ । ନୀଳ ପର୍ବତର ପ୍ରକୃତ ଅବସ୍ଥିତି ଥାଉ ବା ନ ଥାଉ ଏହା ପ୍ରତୀକ ହେଉ ବା ନ ହେଉ ଏହାର ନାମ ଭକ୍ତ ମନରେ ଗଭୀର ଭାବର ଉଦ୍ରେକ କରାଇ ଥାଏ । ପୁନଶ୍ଚ ପୁରୀରେ ଅନ୍ୟ ଏକ ବାଲୁକାମୟ ପର୍ବତ ଅଛି ଯାହାକି ଇତିହାସ ପ୍ରସିଦ୍ଧ । ଏହା ହେଲା ଟୋଟା ଗୋପୀନାଥ ନିକଟସ୍ଥ ବାଲୁକା ପର୍ବତ ଯାହାକୁ କି ଶ୍ରୀ ଚୈତନ୍ୟ ଗୋବର୍ଦ୍ଧନ ଗିରି ବୋଲି ମନେ କରୁଥିଲେ । ବହୁ ଗୌଡ଼ୀୟ ବୈଷ୍ଣବ ଏହାର ଚତୁପାର୍ଶ୍ୱରେ ଦଣ୍ଡ ପ୍ରଣାମ କରି ପରିକ୍ରମା କରନ୍ତି ଏବଂ ଧର୍ମ ପରାୟଣ ବ୍ୟକ୍ତିମାନେ ଏହାକୁ ବର୍ତ୍ତମାନ ମଧ୍ୟ ପୂଜା କରିଥାନ୍ତି ।

ପ୍ରୟାଗ, କାଶୀ, ଉଜ୍ଜୟିନୀ, କାଞ୍ଚି ଇତ୍ୟାଦି ସ୍ଥାନରେ ପବିତ୍ର ବୃକ୍ଷ ବିଶେଷ ଥିଲେ ହେଁ ବୁଦ୍ଧ ଗୟାର ବୋଧିଦ୍ରୁମକୁ ଛାଡ଼ିଦେଲେ ପୁରୀର କଳ୍ପବୃକ୍ଷ ପୁରାଣ ତଥା ଇତିହାସ ପ୍ରସିଦ୍ଧ । କେତେକ ଐତିହାସିକଙ୍କ ମତରେ ଏହା ହେଉଛି ସେହି ଦ୍ରୁମ ଯାହାକୁ କି ଖାରବେଳ ମଗଧ ଆକ୍ରମଣ କରି ଫେରାଇ ଆଣିଥିଲେ । କଳା ପାହାଡ଼ ଆକ୍ରମଣ କରି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଅପବିତ୍ର କରିବା ସହିତ ଏହି ଗଛ ମୂଳରେ ଘୋଡ଼ା ଲଣ୍ଡି ପକାଇ ଏଥିରେ ନିଆଁ ଧରାଇ ଦେଇଥିବା ଜଣାଯାଏ । ମାତ୍ର ପୁରାଣମାନେ ଏହି ବୃକ୍ଷର ମହିମା ଗାନରେ ଶତମୁଖ ଏବଂ ଭକ୍ତମାନେ ଏହାକୁ ଶ୍ରୀ ଜଗନ୍ନାଥଙ୍କ ସ୍ୱରୂପ ବୋଲି ମନେ କରନ୍ତି । ବ୍ରହ୍ମ ପୁରାଣ ଅନୁସାରେ ଏହା ପଞ୍ଚତୀର୍ଥ ମଧ୍ୟରେ ଏକତମ । ବାଲି ସାହିର ସିଦ୍ଧ ବକୁଳ ମଧ୍ୟ ଚୈତନ୍ୟଙ୍କ ସ୍ମୃତି ବହନ କରିଥିବାରୁ ବିଖ୍ୟାତ ପୁରୀରେ ପ୍ରାୟତଃ କୌଣସି ପବିତ୍ର, ଗୁମ୍ଫା ନାହିଁ । କିନ୍ତୁ ବିଭିନ୍ନ

ପୁରାଣରେ ବର୍ଣ୍ଣିତ ଅଛି ଯେ ସର୍ବ ପ୍ରଥମରେ ବିଶ୍ୱାବସୁ ଶବର ନୀଳମାଧବଙ୍କୁ ଏକ ବ୍ୟାଘ୍ର ଗୁମ୍ଫାରେ ରଖି ପୂଜା କରୁଥିଲେ ।

ମାତ୍ର ପୁରୀ କ୍ଷେତ୍ର କେତେକ ପବିତ୍ର ସମାଧି ପାଇଁ ସମଗ୍ର ଦେଶରେ ସୁବିଦିତ । ଏଗୁଡ଼ିକ ମଧ୍ୟରେ ଏକ ହେଲା ସ୍ୱର୍ଗଦ୍ୱାରରୁ ଡାହାଣ ପାଖକୁ ଯିବା ପରେ ପଡୁଥିବା ଯବନ ହରିଦାସଙ୍କ ସମାଧିମନ୍ଦିର । ଶ୍ରୀ ଚୈତନ୍ୟ ମହାପ୍ରଭୁ ନିଜ ହାତରେ ହରିଦାସଙ୍କ ମରଶରୀରକୁ ସମାଧି ଦେଇଥିଲେ । ନରେନ୍ଦ୍ର ସରୋବର ନିକଟରେ ମହାତ୍ମା ବିଜୟକୃଷ୍ଣ ଗୋସ୍ୱାମୀଙ୍କର ସମାଧି ମନ୍ଦିର ଅଛି । କିନ୍ତୁ ବଡ଼ ଦାଣ୍ଡରେ ଥିବା ଯବନ ଭକ୍ତ ସାଲବେଗଙ୍କ ସମାଧି ବହୁ ଭକ୍ତଙ୍କର ଅତ୍ୟନ୍ତ ପ୍ରିୟସ୍ଥାନ କାରଣ ହରିଦାସଙ୍କ ଭଳି ମୁସଲମାନ ହେଲେ ମଧ୍ୟ ସେ ପରମ ବୈଷ୍ଣବ ଥିଲେ ।

## ମଠ ଓ ସାଧୁସ୍ଥଳୀ

ସିଦ୍ଧସ୍ଥାନମାନଙ୍କରେ ବହୁ ଯୋଗୀ ପୁରୁଷ ସେମାନଙ୍କର ଆଦର୍ଶମୟ ଜୀବନଯାପନ ଦ୍ୱାରା ସ୍ଥାନର ପବିତ୍ରତା ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ନିଜେ ନିଜେ ମଧ୍ୟ ଜ୍ଞାନୀ ତଥା ସିଦ୍ଧ ପୁରୁଷ ବୋଲି ପ୍ରସିଦ୍ଧ ହୋଇଥାନ୍ତି । ସେହିପରି କେତେକ ପ୍ରସିଦ୍ଧ ମହାତ୍ମା ପବିତ୍ର ସ୍ଥାନମାନଙ୍କୁ ଆସି ସେମାନଙ୍କର ଆଧ୍ୟାତ୍ମିକ କର୍ମ ମଧ୍ୟ ସଂପାଦନ କରିଥାଆନ୍ତି । ଏ ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟ କାଶୀରେ ବ୍ରହ୍ମଜ୍ଞାନ ଲାଭ କରିଥିବା ବିଷୟ ଉଦାହରଣରେ କୁହାଯାଇପାରେ । ଚୈତନ୍ୟ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହକୁ କୃଷ୍ଣଙ୍କର ଜୀବନ୍ତ ପରିପ୍ରକାଶ ବୋଲି ଭାବି ଆଲିଙ୍ଗନ କରିବାକୁ ଆଗେଇ ଆସିଥିଲେ । ରାମଦାସ ପଣ୍ଢରପୁରରେ ରାମଚନ୍ଦ୍ରଙ୍କର ଭାବମୂର୍ତ୍ତି ଦର୍ଶନ ଲାଭ କରିଥିଲେ ବୋଲି କଥିତ ଅଛି । ତୁଳସୀଦାସ ଚିତ୍ରକୂଟରେ ତଥା ରାମକୃଷ୍ଣ ବୃନ୍ଦାବନରେ ଆଧ୍ୟାତ୍ମିକ ଅତିମାନସତା ଲାଭ କରିଥିଲେ । ପବିତ୍ର ସ୍ଥାନ କିମ୍ବା ସିଦ୍ଧ କ୍ଷେତ୍ର ମାନଙ୍କରେ ସେହି ସିଦ୍ଧ ପୁରୁଷମାନଙ୍କର ସ୍ମୃତି ଜାଗରିତ ହୁଏ ।

ଶ୍ରୀକ୍ଷେତ୍ର ପୁରୀରେ ବହୁ ସାଧୁସନ୍ଥମାନଙ୍କର ସ୍ମୃତିକୁ ପୁନର୍ଜୀବିତ କଲାଭଳି ସ୍ଥାନମାନ ଭରପୁର ରହିଛି । ପୁରୀର ଚତୁର୍ଦ୍ଦିଗରେ ଋଷି ମୁନିଙ୍କର ଆଶ୍ରମ ଶୋଭା ପାଉଛି । ପୁରୀର ଦୋଳମଣ୍ଡପ ସାହିରେ ଅଙ୍ଗିରା ଆଶ୍ରମ, ମାର୍କଣ୍ଡେୟ ସରୋବର ଉପରେ ମାର୍କଣ୍ଡେୟ ଆଶ୍ରମ, ବାଲି ସାହିରେ ଭୃଗୁ ଆଶ୍ରମ ତଥା ହରଚଣ୍ଡୀ ସାହିରେ ଯମେଶ୍ୱର ମନ୍ଦିର ନିକଟସ୍ଥ କୃଷ୍ଣ ଆଶ୍ରମ ଅଛି, । ପଞ୍ଚମ ଶତାବ୍ଦୀ ପୂର୍ବରୁ ରଚିତ ବିଷ୍ଣୁ ପୁରାଣରେ ତଥା ତତ୍‌ପରକାଳର ବ୍ରହ୍ମପୁରାଣରେ କଣ୍ଡୁ ଋଷିଙ୍କର ଶ୍ରୀକ୍ଷେତ୍ରରେ ତପସ୍ୟା ବିଷୟ ସବିଶେଷ ବର୍ଣ୍ଣିତ ଅଛି । ମାର୍କଣ୍ଡେୟ ପୁଷ୍କରିଣୀରେ ଶିବଙ୍କୁ ତପସ୍ୟା କରି ମାର୍କଣ୍ଡେୟ ଋଷି କିପରି ଅମର ହେଲେ ସେ ବିଷୟ ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି । ଏତଦ୍ ବ୍ୟତୀତ ପୁରୀରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପୀଠ, ରାମାନୁଜଙ୍କର ଏମାର ମଠ, ବଲ୍ଲଭାଚାର୍ଯ୍ୟଙ୍କ ବୈଠକ, ଗୌଡ଼ୀୟ ବୈଷ୍ଣବ ମାନଙ୍କର ବହୁ ମଠ ତଥା ଭକ୍ତ ସାଲବେଗ, ହରିଦାସ, କବୀର, ନାନକ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ରାୟ ରାମାନନ୍ଦ, ଶ୍ରୀଧର ସ୍ୱାମୀ ଇତ୍ୟାଦି ବିଖ୍ୟାତ ସିଦ୍ଧ ପୁରୁଷମାନଙ୍କର ପୀଠ ସବୁ ଅବସ୍ଥିତ। ପୁରୀ ଏକ ଜୈନ ଓ ବୌଦ୍ଧ ତୀର୍ଥ ନହେଲେ ମଧ୍ୟ ବିମଳାଙ୍କୁ ଜୈନମାନେ ସରସ୍ୱତୀ ଭାବରେ ପୂଜା କରିଥାନ୍ତି । ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପର ସମ୍ମୁଖ ଭାଗରେ ଏକ ତୀର୍ଥଙ୍କର ମୂର୍ତ୍ତି ପୂଜା ପାଉ ଅଛନ୍ତି ତଥା ବାଇଶି ପାବଚ୍ଛ ଜୈନମାନଙ୍କର ସଙ୍କେତ ବିଶେଷ ବୋଲି ଐତିହାସିକମାନେ ମତ ଦିଅନ୍ତି । ସର୍ବୋପରି ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ବୌଦ୍ଧସ୍ତୁପର ଆକାର ବିଶେଷ ତଥା ଶ୍ରୀ ଜଗନ୍ନାଥ ବୁଦ୍ଧଙ୍କର ଅବତାର ଭାବରେ ଯୁଗେ ଯୁଗେ ବିଖ୍ୟାତ । ସେଥିଯୋଗୁ ନବମ ଶତାବ୍ଦୀରେ ବଙ୍ଗଳାର ଦେବପାଳ ରାଜାଙ୍କ ସମୟର ରମାଇ ପଣ୍ଡିତ ଲେଖିଥିଲେ- ନବମ ମୂର୍ତ୍ତିରେ ହରି, ଜଗନ୍ନାଥ ନାମ ଧରି (ଜଳଧିର ତୀରେ) କୈଳାବାସ ସାରଳାଦାସ ମଧ୍ୟ ଲେଖିଛନ୍ତି "ବଉଦ୍ଧ ରୂପରେ ବିଜେଅଛି ଜଗନ୍ନାଥେ । ୨ "

## ପ୍ରଧାନ ମେଳା

ସବୁଧର୍ମରେ ମେଳା ତଥା ବିଶେଷ ପବିତ୍ର ଦିବସମାନଙ୍କର ତାତ୍‌ପର୍ଯ୍ୟ ଅଛି । ମୁସଲମାନମାନଙ୍କର "ହଜ୍", ଖ୍ରୀଷ୍ଟାନ୍ ମାନଙ୍କର ଖ୍ରୀଷ୍ଟମାସ, ଶିଖମାନଙ୍କର ବୈଶାଖୀ ଭଳି ହିନ୍ଦୁ ମାନଙ୍କର ବହୁ ମେଳାର ପ୍ରାଧାନ୍ୟ ରହିଛି । ଏହି ମେଳା ମାନଙ୍କର ସମୟ ହିଁ ଧାର୍ମିକ ବ୍ୟକ୍ତିପାଇଁ ଆତ୍ମ ସମୀକ୍ଷାର ସମୟ । ହରଦ୍ୱାରର କୁମ୍ଭମେଳା ସୁବିଖ୍ୟାତ । ଭାଦ୍ରବମାସର ଗୟା ଶ୍ରାଦ୍ଧ, ବଙ୍ଗଳାର ଗଙ୍ଗା ସାଗର ମେଳା, ତିରୁପତିର ବ୍ରହ୍ମୋତ୍ସବ ଇତ୍ୟାଦି ମେଳା ସୁବିଖ୍ୟାତ ହେଲେ ହେଁ ଦେବାଳୟ ମହୋତ୍ସବ ଭାବରେ ପୁରୀର ରଥଯାତ୍ରା ସର୍ବ ବୃହତ ତଥା ଯୁଗେ ଯୁଗେ ବିଶ୍ୱ ବିଖ୍ୟାତ । ହିନ୍ଦୁମାନଙ୍କର ବିଶ୍ୱାସ ଯେ ରଥାରୂଢ଼ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ମୁକ୍ତିଲାଭ ହୁଏ, "ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ" ଏହି ରଥଯାତ୍ରା ଯୁଗେ ଯୁଗେ ସମଗ୍ର ପୃଥିବୀର ଭାବୁକ, ଲେଖକ ତଥା ସମାଲୋଚକମାନଙ୍କୁ ଆକୃଷ୍ଟ କରିଆସିଛି । ହ୍ୟୁଟନ, ହାମିଲଟନ, ଫର୍ଗୁସନ, ସଦେ, କାର୍ଲ ମାର୍କସ, ଷ୍ଟର୍ଲିଂ ତଥା ହଣ୍ଟର ସାହେବ ରଥଯାତ୍ରା ସମ୍ବନ୍ଧରେ ତାଙ୍କ ନିଜ ନିଜର ଲେଖାରେ ଆଲୋଚନା ସମାଲୋଚନା କରି ଆସିଛନ୍ତି । ପୁରୀର ଅନୁକରଣରେ ଏହି ରଥଯାତ୍ରା ଭାରତର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଆମେରିକା, ଇଂଲଣ୍ଡ ତଥା, ଅଷ୍ଟ୍ରେଲିଆ ଆଦି ଦେଶରେ ଅନୁଷ୍ଠିତ ହେଉଛି । ରଥ ଯାତ୍ରାର ସାମ୍ୟମନ୍ତ୍ର ତଥା ଭ୍ରାତୃଭାବ ବର୍ତ୍ତମାନ ବେଶୀରୁ ବେଶୀ ସମାଦୃତ ହେବାରେ ଲାଗିଛି ।

## ଅନ୍ୟାନ୍ୟ ସ୍ୱତନ୍ତ୍ରତା

ଶ୍ରୀକ୍ଷେତ୍ର ପୁରୀର ଅନ୍ୟାନ୍ୟ କେତେକ ସ୍ୱତନ୍ତ୍ରତା ବିଶ୍ୱ ବିଦିତ । କାଶୀ ଭଳି ପୁରୀ ମଧ୍ୟ ଏକ ବିଦ୍ୟାନଗରୀ,– ଶ୍ରୀଜଗନ୍ନାଥଙ୍କ ଯାତ୍ରାରେ ପ୍ରଦର୍ଶିତ ହେବା ପାଇଁ ମୁରାରୀ ମିଶ୍ରଙ୍କ ଅନର୍ଘ ରାଘବ ନାଟକ ରଚିତ ହୋଇଥିଲା । ବିଶ୍ୱ ବିଖ୍ୟାତ କବି ଜୟଦେବ ତାଙ୍କର କୃତି ଗୀତଗୋବିନ୍ଦକୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହିଁ ଲେଖିଥିଲେ । ବିଶିଷ୍ଟ ଆଳଙ୍କାରିକ ସାହିତ୍ୟ ଦର୍ପଣକାର ବିଶ୍ୱନାଥ ପୁରୀର ଅଧିବାସୀ ଥିଲେ; ଭାଗବତ ତଥା ଗୀତାର ଟୀକାକାର, ଭକ୍ତିବାଦର ଶ୍ରେଷ୍ଠ ଦାର୍ଶନିକ ଶ୍ରୀଧର ସ୍ୱାମୀ ପୁରୀର ସନ୍ନ୍ୟାସୀ ଥିଲେ; ବିଂଶ ଶତାବ୍ଦୀର ଜଣେ ପ୍ରସିଦ୍ଧ ଗାଣିତିକ ଗୋବର୍ଦ୍ଧନ ପୀଠାଧୀଶ୍ୱର ଭାରତୀକୃଷ୍ଣ ଶ୍ରୀକ୍ଷେତ୍ରର ଅଧିବାସୀ ଥିଲେ । ପୁରୀ ମଧ୍ୟ ଧର୍ମଶାସ୍ତ୍ର ପର୍ଯ୍ୟାଲୋଚନାର ଏକ କେନ୍ଦ୍ର ଅଟେ । ଏହାର ପ୍ରତୀକ ହେଲା ମୁକ୍ତି ମଣ୍ଡପ ଯାହାକି ସମଗ୍ର ଦେଶରେ ସୁପରିଚିତ ମାତ୍ର କାଶୀଠାରୁ ମଧ୍ୟ ଶ୍ରୀକ୍ଷେତ୍ର ପୁରୀ ଅନ୍ୟ କେତେକ ଦୃଷ୍ଟିରୁ ଗରୀୟସୀ କାରଣ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, ପୁରୀର ଚିତ୍ରକଳା (ପଟ୍ଟଚିତ୍ର) ଓଡ଼ିଶୀ ସାଜସଜ୍ଜା ଇତ୍ୟାଦିର କେନ୍ଦ୍ର ତଥା ଜନ୍ମସ୍ଥଳୀ ହେଉଛି ପୁରୀ । ମୋଟା ମୋଟି ପୁରୀହିଁ ସମଗ୍ର ଉତ୍କଳୀୟ ସଂସ୍କୃତିର ଜନ୍ମଦାତ୍ରୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ପ୍ରସଙ୍ଗରେ ପୁରୀର ଅନ୍ୟ ଦୁଇଟି ସ୍ୱତନ୍ତ୍ରତା ବିଶ୍ଵର୍ଯ୍ୟ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅନନ୍ୟ । ଏହା ସ୍ପର୍ଶଦୋଷ ରହିତ । ଏହା ସାମ୍ୟ, ପ୍ରେମ ଓ ବନ୍ଧୁତାର ପ୍ରତୀକ । ପଦ୍ମପୁରାଣରେ ଅଛି :—

ପୁରୁଷୋତ୍ତମ ମହାତ୍ମ୍ୟଂ ବକ୍ତୁଂ ଶକ୍ନୋତିକଃ କ୍ଷିତୌ
ହୁତ୍‌ଭୁରସ୍ୟ ମୁଖାଦ୍‌ଭ୍ରଷ୍ଟମାନୀତଂ ଦୂରଦେଶତଃ ।
ପ୍ରାପ୍ତକାଳେନ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଗ୍ରହଣା
ଯତ୍ର ପ୍ରବେଶ ମାତ୍ରେଣ ନରୋ ନାରାୟଣୋ ଭବେତ୍ ।
ବହୁନାତ୍ର ବିମୁକ୍ତେନ ସଂକ୍ଷେପାଦ୍ୟୁଚ୍ୟତେ ମୟା,
ସର୍ବେଷାମେବ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ॥ (୭)

ଅନ୍ୟାନ୍ୟ ଆଗମଗ୍ରନ୍ଥମାନେ ମଧ୍ୟ ମହା ପ୍ରସାଦର ମହିମା ଗାନରେ ଶତମୁଖ । ତିରୁପତିର ଶ୍ରୀ ଭେଙ୍କଟେଶ୍ୱରଙ୍କ ପ୍ରସାଦ ମଧ୍ୟ ସ୍ପର୍ଶ ଦୋଷ ରହିତ । ମାତ୍ର ଏହା କେବଳ ବିଷ୍ଣୁଙ୍କର ପ୍ରସାଦ ହୋଇଥିବାରୁ ଶୈବ ତଥା ଶାକ୍ତମାନଙ୍କର ଗ୍ରହଣୀୟ ନ ହୋଇପାରେ । ତେଣୁ ଏହାକୁ ମହାପ୍ରସାଦ ବା ସର୍ବଜନଗ୍ରାହ୍ୟ ପ୍ରସାଦ ଆଖ୍ୟା ଦିଆଯାଇ ନ ପାରେ । ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ଶ୍ରୀ ବଲ୍ଲଭାଚାର୍ଯ୍ୟ, ଶ୍ରୀ ଚୈତନ୍ୟ, ଶ୍ରୀ ରାମକୃଷ୍ଣ ପରମହଂସ ଆଦି ସିଦ୍ଧପୁରୁଷମାନଙ୍କ ସହିତ କୋଟି କୋଟି ହିନ୍ଦୁମାନଙ୍କ ଦ୍ୱାରା ସ୍ୱୀକୃତ ତଥା ସମାଦୃତ ।

ଏହିସବୁ କାରଣରୁ ତଥା ଉପସ୍ଥିତ ପ୍ରବନ୍ଧସନ୍ନିହିତ ବିଭିନ୍ନ ତୀର୍ଥମାନଙ୍କର ତୁଳନାତ୍ମକ ବିବରଣୀ ତାଲିକାରୁ ସ୍ପଷ୍ଟ ଯେ ଶ୍ରୀକ୍ଷେତ୍ର ପୁରୀ ହିଁ ହିନ୍ଦୁ ସିଦ୍ଧକ୍ଷେତ୍ର ତଥା ତୀର୍ଥମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ଭକ୍ତମାନଙ୍କ ଦ୍ୱାରା ସ୍ୱୀକୃତ । ଏହି ପବିତ୍ର ସ୍ଥାନ ସହିତ ସମକକ୍ଷ ହେବାକୁ ଯଦି ଅନ୍ୟ କୌଣସି ତୀର୍ଥ ସକ୍ଷମ ତା' ହେଲେ ସେହି ତୀର୍ଥଟି ହେଲା କାଶୀ । ମାତ୍ର କାଶୀ ଏକ ଶିବ କ୍ଷେତ୍ର ଭାବରେ ତଥା ଗଙ୍ଗାନଦୀ ଯୋଗୁଁ ଶ୍ରେଷ୍ଠତା ଲାଭ କରିଥିବା ସ୍ଥଳେ ପୁରୀ ଶ୍ରେଷ୍ଠତମ ବିଷ୍ଣୁକ୍ଷେତ୍ର ଭାବେ ଖ୍ୟାତ । ଏହିହେତୁ କପିଳ ସଂହିତାର ଆସ୍ଫାଳନ ଅଳିକ ହୋଇ ନ ପାରେ । କପିଳ ସଂହିତା ପଂକ୍ତିର ପ୍ରତ୍ୟେକଟି ଅକ୍ଷର ସତ୍ୟ ବୋଲି ଅନୁଭବ କରାଯାଇପାରେ । ଆସନ୍ତୁ, ସମସ୍ତେ ସମସ୍ୱରରେ କପଳ ସଂହିତାର ସେହି ପଂକ୍ତିଟିକୁ ପୁନରାବୃତ୍ତି କରିବା । :

ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମମ୍
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମଃ ॥

ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ ।

---

### ସୂଚନା

(୧) ଐତରେୟ ବ୍ରାହ୍ମଣ ୭. ୩୩. ୩

(2) (H. V.Stietencron, "Advent of Visnuism in Orissa," in the cult of Jagannath and the Regional Tradition of Orissa, ed. A. Eschmann, et al, (Delhi : Manohar Publications. 1978), 15.


(୩) ବ୍ରହ୍ମ ପୁରାଣମ୍, ୧୭୮. ୧୦୮

(୪) କଲ୍ୟାଣ : ତୀର୍ଥାଙ୍କ, ୩୧, ୧ (୧୯୫୭), ୪୪୮-୫୩୨ ।

(5) Swami Pavitrananda, "Pilgrimage and Fairs : Their Bearing on Indian life," in The Cultural Haritage of India, III, (Calcutta, Shri Ramakrishna Centenary Committee, n. d.), 156.

(୬) କେ: ବି: ପଟ୍ଟନାୟକ, "ଶ୍ରୀ ଜଗନ୍ନାଥ ଓ ଓଡ଼ିଶା", ଉତ୍କଳ ପ୍ରସଙ୍ଗ, ୩୮, ୨୧ (ଜୁନ ୧୯୮୨), ୫ ।


(୭) ପଦ୍ମପୁରାଣ : କ୍ରିୟାଯୋଗସାର ପୁରୁଷୋତ୍ତମ ମହାତ୍ମ୍ୟ, ୧୮ ।



## ସମୁଦ୍ର ଜଳରେ

# ଆପଣଙ୍କ ଅଧିକାର ସାବ୍ୟସ୍ତ କରନ୍ତୁ

**ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ୧୯୮୪ ମସିହାଠାରୁ କାର୍ଯ୍ୟକାରୀ ହେବା ଫଳରେ ଓଡ଼ିଶା ସମୁଦ୍ର ଜଳରେ ବାହାର ମାଛଧରା ପୋତର ଅନୁପ୍ରବେଶକୁ ବନ୍ଦୋବସ୍ତ କରାଯାଉଛି**



## ଆଇନରେ କି କି ବ୍ୟବସ୍ଥା ଅଛି ?

ଓଡ଼ିଶା ସମୁଦ୍ର ଜଳରେ ମାଛଧରା କାର୍ଯ୍ୟକରୁଥିବା ଅଣଯାନ୍ତ୍ରିକ ଓ ଯାନ୍ତ୍ରିକ ପୋତଗୁଡ଼ିକୁ ରେଜିଷ୍ଟ୍ରିଭୁକ୍ତ ଓ ଲାଇସେନ୍ସ ମଧ୍ୟ କରାଯିବ । ଭାରତ ସରକାରଙ୍କ ସାମୁଦ୍ରିକ ଉତ୍ପାଦନ ଓ ରପ୍ତାନୀ ବିକାଶ ସଂସ୍ଥା ଆଇନ, ୧୯୭୨ ଅଧୀନରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଯାନ୍ତ୍ରିକ ମାଛଧରା ପୋତଗୁଡ଼ିକର ପୁନି ରେଜିଷ୍ଟ୍ରେସନ ଦରକାର ନାହିଁ ।

ଅଣଯାନ୍ତ୍ରିକ ମାଛଧରା ନୌକା ବ୍ୟତୀତ ଅନ୍ୟ କୌଣସି ମାଛଧରା ପୋତ ସମୁଦ୍ର କୂଳଠାରୁ ୫ କିଲୋମିଟର ପର୍ଯ୍ୟନ୍ତ ମାଛଧରା କାର୍ଯ୍ୟ କରି ପାରିବେ ନାହିଁ ।

ବାର୍ଷିକ ଲାଇସେନ୍ସ ଫି ପ୍ରତିବର୍ଷ ଜୁଲାଇ ୧ ତାରିଖ ପୂର୍ବରୁ ପଇଠ କରିବାକୁ ପଡ଼ିବ । ୧୫ ମିଟରରୁ ଊର୍ଦ୍ଧ୍ୱ ଯାନ୍ତ୍ରିକ ମାଛଧରା ପୋତ ପାଇଁ ବାର୍ଷିକ ୩୦ ଟଙ୍କା, ୧୫ ମିଟର ପର୍ଯ୍ୟନ୍ତ ଯାନ୍ତ୍ରିକ ମାଛଧରା ପୋତ ପାଇଁ ବାର୍ଷିକ ୧୦୦ ଟଙ୍କା, ସାଢେ ଆଠ ମିଟରରୁ ଊର୍ଦ୍ଧ୍ୱ ଅଣଯାନ୍ତ୍ରିକ ମାଛଧରା ନୌକା ପାଇଁ ବାର୍ଷିକ ୫୦ ଟଙ୍କା, ସାଢେ ଆଠ ମିଟର ପର୍ଯ୍ୟନ୍ତ ଅଣଯାନ୍ତ୍ରିକ ମାଛଧରା ନୌକା ପାଇଁ ବାର୍ଷିକ ୨୦ ଟଙ୍କା ଲାଇସେନ୍ସ ଫି ଦେବାକୁ ପଡ଼ିବ ।

ରେଜିଷ୍ଟ୍ରେସନ ଓ ଲାଇସେନ୍ସର ଭାରପ୍ରାପ୍ତ ଅଧିକାରୀ ଭାବେ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ (ସାମୁଦ୍ରିକ), ବାଲେଶ୍ୱର, ଗଞ୍ଜାମ, କୁଜଙ୍ଗ ଏବଂ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ (ବି ଏଣ୍ଡ ଟି.), ବାଲୁଗାଁ (ଚିଲିକା ଅଞ୍ଚଳ ପାଇଁ) ମୁତୟନ କରାଯାଇଛି ।

ଲାଇସେନ୍ସରେ ଧାର୍ଯ୍ୟ ହୋଇଥିବା ନିର୍ଦ୍ଦିଷ୍ଟ ମାଛଧରା ଅଞ୍ଚଳରେ କେବଳ ମାଛ ଧରାଯାଇପାରିବ । ଅନ୍ୟ ଅଞ୍ଚଳରେ ମାଛଧରା କାର୍ଯ୍ୟ କରିବାକୁ ଚାହିଁଲେ ଭାରପ୍ରାପ୍ତ ଅଧିକାରୀମାନଙ୍କଠାରୁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡ଼ିବ ।

ବେଆଇନ ଅନୁପ୍ରବେଶକାରୀ ଯାନ୍ତ୍ରିକ ପୋତକୁ ଜବତ କରାଯିବ ଓ ଆଇନ ଅନୁସାରେ ଶାସ୍ତି ବିଧାନ କରାଯିବ ।

**ମତ୍ସ୍ୟ ନିର୍ଦ୍ଦେଶାଳୟ**
**ଓଡ଼ିଶା, କଟକ-୭୫୩୦୦୭**


# ଓଡ଼ିଶା ଉଠା ଜଳସେଚନ ନିଗମ


ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ଥାପିତ ହୋଇଥିବା ୯,୨୧୭ଟି ଉଠା ଜଳସେଚନ ଯୋଜନା ଦ୍ୱାରା ୨ ଲକ୍ଷ ୯ ହଜାର ହେକ୍ଟର (ପ୍ରାୟ ୫ ଲକ୍ଷ ୧୬ ହଜାର ଏକର) ଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଛି । ଆଗାମୀ ବର୍ଷମାନଙ୍କରେ ବର୍ଷକୁ ଏକ ହଜାର ନୂତନ ପ୍ରକଳ୍ପ ସ୍ଥାପନ କରି ଅଧିକ ୨୪,୦୦୦ ହେକ୍ଟର ଲେଖାଏଁ ଜମିରେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

'ଖରିଫ ଋତୁରେ ମୌସୁମୀ ପ୍ରବାହର ଅନିୟମିତତା ଯୋଗୁ କୃଷି କାର୍ଯ୍ୟରେ ଉପୁଜୁଥିବା ବାଧା ବିଘ୍ନକୁ ଦୂରୀଭୂତ କରିବା ଦିଗରେ ଉଠା ଜଳସେଚନ ଯୋଜନା କୃଷୀମାନଙ୍କ ପାଇଁ ଏକ ନିଶ୍ଚିତ ଭରସା' ।

'ରବି ଋତୁରେ ଫସଲକୁ ସବୁ ସମୟରେ ଆବଶ୍ୟକ ପରିମାଣରେ ଜଳ ଯୋଗାଇ ଦେଇ ଉତ୍ପାଦନ ହାର ବୃଦ୍ଧି କରିବାରେ ଉଠା ଜଳସେଚନ ଯୋଜନା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛି ।

ଆସନ୍ତୁ, ଆମେ ସମସ୍ତେ ମିଶି ଏହାର ସଦୁପଯୋଗ କରି ରାଜ୍ୟରେ ଘଟୁଥିବା ସବୁଜ ବିପ୍ଳବକୁ ଆଗେଇ ନେବା ।




ଓଡିଶା ସରକାରଙ୍କର ସଂସ୍ଥା
ଆପଣଙ୍କ ସେବାରେ
ଆଦିବାସୀଙ୍କ ଉତ୍ପାଦିତ
ଫଳ ସମ୍ଭାରରୁ
ଉପକୃଷି ନିର୍ଦ୍ଦେଶକ [ଫଳ ସଂରକ୍ଷଣ] ଓଡିଶା
ଭୁବନେଶ୍ୱର-୯ ଫୋନ-୫୦୬୯୩



# ପ୍ରେମ ଅଧ୍ୟାୟର ଶେଷ ପୃଷ୍ଠା

ଶ୍ରୀ ବିଚିତ୍ରାନନ୍ଦ ପାଇକରାୟ

ସେହି ଶୁଭମୁହୂର୍ତ୍ତ—

ଯେଉଁଦିନ ମହାମନ୍ତ୍ରୀଙ୍କ କୌଶଳକ୍ରମେ ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କ ଗଳାରେ ପିନ୍ଧାଇ ଦେଉଥିଲେ ବରମାଲ୍ୟ !

ସେହି ରଜନୀରେ—

ପଦ୍ମାବତୀଙ୍କ ଶୟନକକ୍ଷରେ ପ୍ରବେଶ କଲେ ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଶ୍ରୀଶ୍ରୀ ପୁରୁଷୋତ୍ତମ ଦେବ ।

ପଦ୍ମାବତୀ ଶିରନତପୂର୍ବକ ଅଭିବାଦନ ଜ୍ଞାପନ କଲେ ।

ମହାରାଜା କହିଲେ— "ପଦ୍ମାବତୀ, ଏ ପ୍ରକାର ପ୍ରଣାମ କେବଳ ପ୍ରଭୁଭୃତ୍ୟ ସମ୍ପର୍କର ସୂଚନା ଦିଏ ! କିନ୍ତୁ ତୁମେ ଯେ ମୋ ହୃଦୟର ଅମୂଲ୍ୟ ନିଧି !"

ପଦ୍ମାବତୀଙ୍କ ମୁଖ ମଣ୍ଡଳ ଅଧିକ ଗମ୍ଭୀର ହୋଇ ଉଠିଲା । ସେ କହିଲେ—"ପୁରୁଷର ଚାଟୁବାକ୍ୟ ସର୍ବଦା ସର୍ବତ୍ର ଜୟଲାଭ କରିପାରେ । କାରଣ ଚାଟୁରେ ଆନ୍ତରିକତା ଅପେକ୍ଷା ବାଗାଡ଼ମ୍ବର ବେଶି ଥାଏ" ।

—ତାହେଲେ ତୁମେ ମୋ ଉପରେ ଖୁବ୍ ଅଭିମାନ କରିଛ ! ମୁଁ କିନ୍ତୁ ଭାବିଥିଲି—ତୁମେ ମୋତେ ଖୁବ୍ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବ ଏବଂ ମୋର ଆଗମନ ମାତ୍ରେ ସ୍ୱାଗତ କରିବ !


—ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱରଙ୍କ ହୃଦୟରେ ଯଦି ଅନ୍ୟ ହୃଦୟ ବୁଝିବା ପାଇଁ ଏତେ ସାମର୍ଥ୍ୟ ଥିଲା ତେବେ ସେ ତାଙ୍କର ପ୍ରତିକ୍ଷାମାଣୀ ହୃଦୟେଶ୍ୱରୀଙ୍କୁ ଏକ ଚଣ୍ଡାଳ ହସ୍ତରେ ଅର୍ପି ଦେବା ପାଇଁ ଆଦେଶ କରି ପାରିଥିଲେ କିପରି ?

—ସେଥିପାଇଁ ସେ ଆଜି ଅତ୍ୟନ୍ତ ଅନୁତପ୍ତ !

—ମୁଁ କାଞ୍ଚିରେ ଶୁଣିଥିଲି— ଉତ୍କଳର ଗଜପତି କାଞ୍ଚିକନ୍ୟା ଲୋଭରେ କାଞ୍ଚି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଗୋଟାଏ ନାରୀର ରୂପରେ ପ୍ରମତ୍ତ ହୋଇ ଗୋଟାଏ ରାଜାକୁ ଛାରଖାର କରିଦେବାର ସଂକଳ୍ପ ସତେ ଜଘନ୍ୟ ! ଦୁଇ ଦୁଇଟି ରାଜକୋଷକୁ ରିକ୍ତ କରିଦେବା ଏବଂ ଶତ ଶତ ବହର ପୁରୁଷଙ୍କ ରକ୍ତରେ ହୋରି ଖେଳିବା ଗଜପତିଙ୍କର ଏକ ଖେୟାଲ ହୋଇପାରେ, ସେଥିରେ କିନ୍ତୁ ଉଚ୍ଚ ଆଦର୍ଶର ସୂଚନା ସାମାନ୍ୟ ବି ନାହିଁ !

—ନାରୀ ଲୋଭରେ ମୁଁ ଯୁଦ୍ଧ କରି ନଥିଲି । ଉକ୍ତ ସଂଗ୍ରାମ ସହିତ ଏ ଜାତିର ଗୌରବ ବିଜଡ଼ିତ ଥିଲା । ତୁମ ପିତା ମୋତେ ଚଣ୍ଡାଳ କହି ଅପମାନିତ କରିଥିଲେ । ଗୋଟିଏ ବ୍ୟକ୍ତିବିଶେଷକୁ ଅପମାନିତ କରିଥିଲେ ମୋର କିଛି କହିବାର ନଥିଲା । ଗୋଟିଏ ଜାତିର ମଉଡମଣିକୁ ଏପରି ଅପଭୂଷିତ କରିବା ସେ ଜାତି ପକ୍ଷେ ଘୋର ଅସମ୍ମାନଜନକ ଥିଲା ଏବଂ ସେ ଜାତିର ଆରାଧ୍ୟ ପ୍ରଭୁଙ୍କ ସେବକ ପ୍ରତି ଏ ଲାଞ୍ଛନା ସ୍ୱୟଂ ପ୍ରଭୁ ମଧ୍ୟ ସହ୍ୟ କଲେ ନାହିଁ । ତେଣୁ ଦେବତା ମଧ୍ୟ ଅଶ୍ୱ ପୃଷ୍ଠରେ ଯୁଦ୍ଧ ଯାତ୍ରାକଲେ ସେବକର ସମ୍ମାନ ରକ୍ଷା ପାଇଁ ।

—"ଏବଂ ମୁଁ ଯଦି କହେ— କେବଳ ସେହି ଦେବତାଙ୍କ ଯୋଗୁଁ ଆପଣମାନେ ବିଜୟ ଲାଭ କଲେ ବୋଲି, ତେବେ ଏ ଜାତିର ଗୌରବ ବୃଦ୍ଧି ହେଲା ନା କ୍ଷୁର୍ଣ୍ଣ ହେଲା ? ଦେବତାର ହସ୍ତକ୍ଷେପ ହୋଇ ନଥିଲେ ଆପଣଙ୍କ ଉତ୍କଳ ପୁଣି ପରାଜୟ ସ୍ୱୀକାର କରି ଘୋର ଲଜ୍ଜାର ସମ୍ମୁଖୀନ ହୋଇ ଥାଆନ୍ତା । ତାପରେ ମୋର ପିତା ଆପଣଙ୍କୁ ଚଣ୍ଡାଳ କହି କି ଭୁଲ ବା କରିଥିଲେ ? ମୁଁ ଏବେ ବି କହୁଛି— ଆପଣ ଚଣ୍ଡାଳ । ଏବଂ ଆପଣଙ୍କର ମହାମନ୍ତ୍ରୀ ଆଜି ରଥଯାତ୍ରା ବେଳେ ସର୍ବସମକ୍ଷରେ ତାହାହିଁ ଘୋଷଣା କଲେ । ମୋଠାରୁ ବରଣମାଳା ଗ୍ରହଣ କରି ଆପଣ ନିଜେ ବି ନିଜକୁ ଚଣ୍ଡାଳ ବୋଲି ସ୍ୱୀକାର କଲେ କି ନା ?...ଅଥଚ, ମୋର ପିତା ସେହି କଥା କହି ଦେଲେ ବୋଲି ରକ୍ତର ନଦୀ ବହିଗଲା ? ...ଅସଂଖ୍ୟ ନାରୀ ସୀମନ୍ତରୁ ସିନ୍ଦୁର ଲିଭିଗଲା ? ...ଅଗଣିତ ମାତୃହୃଦୟ ରିକ୍ତତାରେ ହାହାକାର କରି ଉଠିଲା । ...ଆପଣ ଆଜି ଚଣ୍ଡାଳର ମହୋପାଧି ଧାରଣ କରି ଜଗନ୍ନାଥଙ୍କର ଚରଣ ସେବକ ବୋଲି ଯଦି ଗର୍ବିତ ହୋଇଥାନ୍ତି, ତେବେ ସର୍ବାଗ୍ରେ ମୋର ପିତାଙ୍କୁ ସ୍ମରଣ କରିବା କଥା । ..ତୁହକୁ ଆପଣ ପ୍ରକୃତରେ ଚଣ୍ଡାଳ କି ନା ? ...ଯଦି ନା, ତେବେ ମୋର ବରମାଲ୍ୟକୁ ପ୍ରତ୍ୟାଖ୍ୟାନ କରି ପାରିଲେ ନାହିଁ କାହିଁକି ?



"ଯେତେବେଳେ ଆପଣ ମୋ ବରମାଲ୍ୟ ପରିଧାନ କରି ଦଣ୍ଡାୟମାନ ହୋଇଥିଲେ, ସେତେବେଳେ ପଢ଼ିଛନ୍ତି ଆପଣଙ୍କ ପ୍ରିୟ ପ୍ରଜାମଣ୍ଡଳୀଙ୍କ ଆଖିର ଭାଷା ? ..ଲକ୍ଷ୍ୟ କରିଛନ୍ତି କି ସେତେବେଳେ ସେମାନେ ତାଙ୍କର ଗଜପତିଙ୍କର ଏ ପ୍ରହସନକୁ କିପରି ଏକ ପରିହାସ ବୋଲି ଉପଭୋଗ କରୁଥିଲେ ? ...ସେମାନେ ଭାବୁଥିଲେ କେବଳ ମୂର୍ଖ ପ୍ରଜାମାନଙ୍କୁ ଭଣ୍ଡାଇବା ପାଇଁ ମହାମନ୍ତ୍ରୀଙ୍କ ଜରିଆରେ ଏହା ଆପଣଙ୍କର ବିଧିବଦ୍ଧ କାରସାଦି । ଆପଣ ନିଜେ ହୁଅତେ ମହାମନ୍ତ୍ରୀଙ୍କୁ ଏ ବୁଦ୍ଧି ଦେଇଥିଲେ...ଆଗାମୀ ଶ୍ରୀ ଗୁଣ୍ଡିଚାରେ ଆପଣ ଚଣ୍ଡାଳ ବେଶରେ ଛେରା ପହରା କରିବାକୁ ଯିବାବେଳେ ମୋ ହସ୍ତରେ ଆପଣଙ୍କ ଗଳାରେ ବରମାଲ୍ୟ ପରିଧାନ କରାଇ ଦେବାପାଇଁ ।"

"ସେତେବେଳେ ସରଳ ପ୍ରଜାଗଣଙ୍କର ମୋ ପ୍ରତି ଥିବା ସମ୍ବେଦନଶୀଳତା ହଠାତ୍ ଏକ ତାଚ୍ଛଲ୍ୟରେ ପରିଣତ ହୋଇଗଲା । ଆପଣ ମାଲ୍ୟ ପରିଧାନ କରୁଥିବା ବେଳେ ପୃଷ୍ଠ ଦେଶରୁ ମୁଁ ଶୁଣିଛି ସେହି ଉପହାସର ମୃଦୁ ଗୁଞ୍ଜରଣ । ଅଥଚ ପ୍ରଜାବତ୍ସଳ ଗଜପତି ଅତି ନିର୍ଲ୍ଲିପ୍ତ ଭାବରେ ମାଲ୍ୟାଭରଣ କାଳରେ ରୋମାଞ୍ଚିତ ହୋଇ ଉଠୁଥିଲେ ।"

—"ପ୍ରଜାମାନେ ଯାହା କିଛି ଭାବନ୍ତି, ଅନ୍ତତଃ ତୁମେ କିନ୍ତୁ ବିଶ୍ୱାସ କରିବା ଉଚିତ ମୁଁ ମହାମନ୍ତ୍ରୀଙ୍କ ସଙ୍ଗେ କୌଣସି କାରସାଦି କରି ନାହିଁ । ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ମହାମନ୍ତ୍ରୀ ଖୁବ୍ ବୁଦ୍ଧିମାନ । ଯାହା କିଛି ଘଟିଗଲା, ସବୁ ତାଙ୍କରି ଚାତୁର୍ଯ୍ୟରୁ ।"

"ଅବଶ୍ୟ ଏ ଦେଶର ମହାରାଜା ଓ ମହାମନ୍ତ୍ରୀ ସମଚିତ୍ତ ହୋଇ ପାରିଥାନ୍ତି । ଜଣଙ୍କର ଚିନ୍ତା ଓ ଭାବନା ଅନ୍ୟର ଅନ୍ତରରେ ପ୍ରତିବିମ୍ବିତ ହୋଇ ପାରିଥାଏ । ହୁଏତ ମୁଁ ତୁମକୁ ଚାହିଁଥିଲି ଏବଂ ମହାମନ୍ତ୍ରୀଙ୍କ ହୃଦୟ ତାହାର ସଙ୍କେତ ବହନ କରି ପାରିଥାଏ । ତେଣୁ ଏକ ବିଚକ୍ଷଣ ବୁଦ୍ଧିମତ୍ତାର ଆଶ୍ରୟ ନେଇ ପାରିଥାନ୍ତି ସେ ।"

"କେବଳ ମହାମନ୍ତ୍ରୀ ଓ ମୁଁ ଏକାତ୍ମା ନୋହୁଁ, ଆରାଧ୍ୟ ଦେବତା ଜଗନ୍ନାଥ ମଧ୍ୟ ଏ ଜାତି ସଙ୍ଗେ ଏକାତ୍ମ । ସେଥିପାଇଁ ଏ ଜାତି ମୋତେ ଚଳନ୍ତି ବିଷ୍ଣୁ ରୂପରେ ଗ୍ରହଣ କରି ଆସିଛି । ପ୍ରଜାର ଏ ପୂଜାକୁ ମୁଁ ଅବଶ୍ୟ ପ୍ରତ୍ୟାଖ୍ୟାନ କରି ନାହିଁ କାରଣ ମୁଁ ଅନୁଭବ କରିଛି, ଉତ୍କଳର ପ୍ରଭୁ ଜଗନ୍ନାଥଙ୍କର ଇଚ୍ଛା ମୋ ମଧ୍ୟରେ ରୂପାୟିତ ହେଉଛି । ତେଣୁ ତୁମେ ଯାହା ଯାହା କହିଗଲ— ଏ ଜାତିର ଠାକୁର କଳାଧଳା ଦୁଇ ଘୋଡାରେ ଚଢ଼ି ସୈନିକ ବେଶରେ ଯୁଦ୍ଧ ଚାଳନା କରୁଥିଲେ ଏବଂ ସେଥିପାଇଁ ଆମେ ବିଜୟୀ ହେଲୁ, ଏଥିରେ କିନ୍ତୁ ଉତ୍କଳୀୟର ବୀରତ୍ୱ କ୍ଷୁର୍ଣ୍ଣ ହେଲା ଭଳି କିଛି ନାହିଁ । ବରଂ ତୁମେ ବୁଝି ପାରିବ ନାହିଁ— ଏ ଦେଶ ଏବଂ ତା'ର ବୃକ୍ଷଲତା, ପାଣି ପବନ କିପରି ତା'ର ଦେବତାଙ୍କର ସହିତ ଏକାତ୍ମ ହୋଇ ରହିଛି । ସେଥିପାଇଁ ଏ ଦାଣ୍ଡର ଧୂଳି ଲଲାଟରେ ଟୀକା ହୋଇ ଗୌରବ ଲାଭ କରେ । ଏ ଦେଶର ସର୍ବୋଚ୍ଚ ମହାତୀର୍ଥର ସୌଭାଗ୍ୟ ଅର୍ଜ୍ଜନ କରି ଶିର ସିକ୍ତ ହୁଏ ।"

"ଅବଶ୍ୟ ଏ ଦେଶର ଗୌରବ ବୋଲି କିଛି ନାହିଁ । ଏ ଜାତିର ଗର୍ବ ବୋଲି କିଛି ନାହିଁ । ସବୁଗର୍ବ ଓ ଗୌରବର ଉପଭୋକ୍ତା ସେହି ନୀଳାଚଳ ବିହାରୀ ଜଗନ୍ନାଥ, ଏ ଚଣ୍ଡାଳ ତାଙ୍କରି ସେବକ ମାତ୍ର । ନିଜକୁ ଚଣ୍ଡାଳ ମନେ କରିବାରେ ମୋର ଅହଙ୍କାର କ୍ଷୀଣ ହୁଏ ନାହିଁ । ବରଂ ଗୌରବାନ୍ୱିତ ହୁଏ । କେବଳ ତୁମର ପିତା ଯେଉଁ ହୀନ ଅହମିକାରେ ଉତ୍ତେଜିତ ହୋଇ ମୋତେ ଚଣ୍ଡାଳ ଆଖ୍ୟାତ କଲେ ସେହି ଅହଂ ମନ୍ଦ... ଉପଯୁକ୍ତ ଶିକ୍ଷା ଦେବାପାଇଁ ଏ ଜାତିର ପ୍ରଜା, ରାଜା, ଦେବତା ... ଏକ ମୁଖ ହୋଇ ଉଠିଲେ ।"

—"ତେବେ ଆପଣ, ଆପଣଙ୍କର ଜାତି ଓ ଆପଣଙ୍କର ଦେବ... ସମସ୍ତେ ମିଶି କାଞ୍ଚୀ ରାଜାର ଦର୍ପ ଚୂର୍ଣ୍ଣ କଲାପରେ ଆଉ କ'ଣ ବାକି ... ଯେ, ପ୍ରତିଶୋଧ ନେବା ପାଇଁ ଗୋଟାଏ ନିରୀହା ନିର୍ଦ୍ଦୋଷ ଅବଳା ... ଦଣ୍ଡାଦେଶ କରାଗଲା ଚଣ୍ଡାଳ ହସ୍ତରେ ସମର୍ପି ଦେବାପାଇଁ ?"


"ସେ ବର୍ଷ ମୁଁ ଆସିଥାଏ ରଥଯାତ୍ରା ଦର୍ଶନରେ ଶ୍ରୀକ୍ଷେତ୍ର । ... ନେତ୍ର ଦର୍ଶନ କରୁଥାଏ ଶୌର୍ଯ୍ୟ, ବୀର୍ଯ୍ୟ, ଐଶ୍ୱର୍ଯ୍ୟ ଓ ସୁଷମା ... ଏକ ମହିମାନ୍ୱିତ ବ୍ୟକ୍ତିତ୍ୱ । ତାଙ୍କର ଚପଳ ଦୃଷ୍ଟି ମୋ ଉପରେ ... ହେବାକ୍ଷଣି ସକଳ ଚପଳତା ହରାଇ ସ୍ଥିର ହୋଇଗଲା । ମୁଁ ଲଜ୍ଜିତ ହୋଇ ମୁଖାବନତ କରିବାକୁ ବାଧ୍ୟ ହେଲି । ଯେତେଥର ଗୋପନ ଦୃଷ୍ଟିରେ ତାଙ୍କୁ ପୁଣି ଥରେ ଦର୍ଶନ କରିବି ବୋଲି ଚେଷ୍ଟା କଲି, ସବୁଥର ... ହେଲି । ଅଧରରେ ମୃଦୁ ହସ ଭରି ସେ ଅପଲକ ଦୃଷ୍ଟିରେ ମୋତେ ... ରହିଥାନ୍ତି । ମୁଁ ପ୍ରତିଥର ଅପ୍ରସ୍ତୁତ ହୋଇ ମୃଦୁ ହସରେ ... ଦେଇଥାଏ ମାତ୍ର । ତାପରେ ଆପଣ ଆମକୁ ନିମନ୍ତ୍ରଣ ... ଅତିଥିଶାଳାକୁ ଏକତ୍ର ଭୋଜନ ପାଇଁ । ବିଦାୟବେଳେ ଆପଣଙ୍କ ... ରାଜଗୁରୁ ଉତ୍‌ଥାପନ କଲେ ଆପଣଙ୍କ ସହିତ ମୋର ପାଣି ଗ୍ରହଣ ପ୍ରସ୍ତାବ ।"

"ଆପଣଙ୍କର ଆଭିଜାତ୍ୟଭରା ଆତିଥ୍ୟ, ସୌଭାଗ୍ୟଭରା ଐଶ୍ୱର୍ଯ୍ୟ, ଶୌର୍ଯ୍ୟଭରା କମନୀୟ ଅଙ୍ଗ ସୁଷମା ମୋର ପିତାଙ୍କୁ ମୋହିତ କରିସାରିଥାଏ । ହଠାତ୍ କୌଣସି ପ୍ରତିଶ୍ରୁତି ନ ଦେଇ ଆମେ ଫେରିଗଲୁ । ହୁଏତ ବିଧାନ ଅନୁଯାୟୀ ଆମ ରାଜଗୁରୁଙ୍କ ... ସମ୍ମତି ପ୍ରଦାନ କରିବାର ବିଧି ଅବଲମ୍ବନ କରାଯିବ ବୋଲି ... ହୋଇଥିଲି ।"

"ସତରେ ମୋର ଦୁର୍ବଳତା ଆପଣଙ୍କ ପାଇଁ ଜନ୍ମି ସାରିଥିଲା । ... ମୋର ମତାମତ ଲୋଡ଼ିଥିଲେ ଏବଂ ମୁଁ ମୋର ସମ୍ମତି ପ୍ରଦାନ କରିଥିଲି । ଆପଣଙ୍କ ସହିତ ମୋର ମୌଖିକ ଆଳାପ ଘଟି ନଥିଲା ବୋଲି ... ସନ୍ତାପିତ ହେଉଥାଏ । କାଞ୍ଚୀରେ ପହଞ୍ଚି କିଛି ସୁଖ ଲାଗୁ ନଥାଏ । ... ଭୂଷଣ ସବୁ ତିକ୍ତ ବୋଧ ହେଉଥାଏ । ମୋର ଅନ୍ତରଙ୍ଗ ସଖୀକୁ ଆପଣଙ୍କ ନିକଟକୁ ପ୍ରେରଣ କଲି ଗୋପନରେ । ସେ ମୋ ହୃଦୟର ନିଭୃତ ... ବହନ କରି ଆସିଲା ଆପଣଙ୍କର ନିକଟକୁ । ପ୍ରଥମେ ସେ ... ପାଦରେ ଅର୍ପଣ କଲା ମୋର ସ୍ୱହସ୍ତ ଗ୍ରନ୍ଥିତ ପୁଷ୍ପମାଲ୍ୟ । ... ପ୍ରେରିତ ହୋଇଥିଲେ ମଧ୍ୟ ପୁଷ୍ପମାଲ୍ୟ ଅମ୍ଳାନ ରହିଥିବା ଦେଖି ... ସଖୀ ବିସ୍ମିତ ହୋଇଥିଲା । ଭାବି ନେଲା ତା'ର ଯାତ୍ରା ସଫଳ ହୋଇଛି । ଉତ୍କଳର ଦେବତା ତା ସଖୀର ହୃଦୟ କଥା ଅନୁମୋଦନ କରିଛନ୍ତି । ତା'ପରେ ସେ ଖୁବ୍ ଆଶାନ୍ୱିତ ହୋଇ ଆପଣଙ୍କ ନିକଟରେ ପହଞ୍ଚିଲା । ଆପଣ ସାଦରେ ମୋ ନୈବେଦ୍ୟ ଗ୍ରହଣ କଲେ । ସଖୀ ଫେରି ଆସି ସମସ୍ତ ବୃତ୍ତାନ୍ତ କଣାଇଲା ପରେ ମୁଁ ଆନନ୍ଦରେ ଫାଟି ପଡ଼ିଲି ।"

"କିନ୍ତୁ ଦୁଇଦିନ ପରେ ଶୁଣିଲି ମୋ ପିତା ଆପଣଙ୍କୁ ଅପମାନିତ କରିଛନ୍ତି ଏବଂ ଆପଣ ପ୍ରତିଶୋଧ ନେବାପାଇଁ ଆମ ରାଜ୍ୟ ଆକ୍ରମଣ କରିଛନ୍ତି ।"

"ମୁଁ ଆଶଙ୍କିତ ହୋଇ ପଡ଼ିଲି । ଏକ ମାତ୍ର ସାନ୍ତ୍ୱନା ଥିଲା ଆପଣଙ୍କ ... ରୂପ ଦର୍ଶନ, ହେଉ ପଛେ ଯୁଦ୍ଧକ୍ଷେତ୍ରରେ । ହୁଏତ ଏହି ଦୁର୍ଲଭ ... ସୌଭାଗ୍ୟଟିକୁ ପ୍ରଭୁ ଜଗନ୍ନାଥ କୃପା କରିଛନ୍ତି । ମୋ ଅମ୍ଳାନ ପୁଷ୍ପ ... ବିନିମୟରେ ଭାବି ଅପେକ୍ଷା କରି ରହିଲି ଆପଣଙ୍କ ଦର୍ଶନ ପାଇଁ ।"



—"ତୁମ ସଖୀଙ୍କଠାରୁ ତୁମରି ସ୍ୱୀକୃତି ଲାଭ କରି ପୁଲକିତ ହୋଇ ଉଠୁଥିବାବେଳେ ତୁମ ପିତାଙ୍କର ଦୂତ ଆସି ପହଞ୍ଚିଲା । ହାତରେ ତା'ର ଥିଲା ସେହି ଦାରୁଣ ଅବାଞ୍ଛିତ ପତ୍ର ।"

"ମୁଁ ହିତାହିତ ଜ୍ଞାନ ହରାଇ ବସିଲି । ମୋତେ ବୋଧ ହେଲା— ମୋ ହୃଦୟରେ ଥିବା ଅମୂଲ୍ୟ ନିଧିଟିକୁ କିଏ ଯେପରି ଅପହରଣ କରି ନେଇଛି । ତୁମର ଦୂତକୁ ବନ୍ଦୀ କରିବା ମୋ ପକ୍ଷରେ ବର୍ବରୋଚିତ କାର୍ଯ୍ୟ ହୋଇ ପାରେ କିନ୍ତୁ ମୁଁ ସେତେବେଳେ ମାନସିକ ଭାରସାମ୍ୟକୁ ସମ୍ପୂର୍ଣ୍ଣ ହରାଇ ବସିଥିଲି । ତୁମରି ଅପ୍ରାପ୍ତିର ହତାଶା ମୋତେ ଗ୍ରାସ କରି ସାରିଥିଲା ।"

"ତାପରେ ତୁମ ସହିତ ମୋର ଦେଖା ହୁଏ ଯୁଦ୍ଧ ଭୂମିରେ ଏବଂ ସନ୍ଧ୍ୟାରେ । ସେତେବେଳକୁ ଆମର ପରାଜୟ ଆସନ୍ନପ୍ରାୟ । ତୁମେ ଥିଲ କାବେରୀ ନଦୀର ଅପର ପାର୍ଶ୍ୱରେ । ସେହି ସଖୀ ଥିଲେ ତୁମ ସଙ୍ଗରେ ।"

"ବୋଧହୁଏ ତୁମେ ଆସିଥିଲ ପ୍ରଥମ ଦିବସର ଯୁଦ୍ଧ ସମାପ୍ତି ପରେ ଯୁଦ୍ଧର ପରିଣାମ ଅବଗତି ହେବାର ବାହାନା କରି । ତୁମ ପିତା ଭାବି ବିଜୟର ଆଶ ଗର୍ବରେ ସ୍ଫୀତ ହୋଇ ଅନୁମତି ଦେଇଥିଲେ ତୁମକୁ ।"

"ମୁଁ କାବେରୀର ସାନ୍ଧ୍ୟ ସାନ୍ନିଧ୍ୟରେ ମୋର ବିବ୍ରତ ମନକୁ ଶାନ୍ତକରିବାକୁ ଉଦ୍ୟମ କରିଥିଲି । ତୁମେ ମୋତେ ଦେଖି ପ୍ରଥମେ ଖୁବ୍ ପୁଲକିତ ହୋଇ ଗଲ କିନ୍ତୁ କିଛିକ୍ଷଣ ପରେ ଯେତେବେଳେ ମୋର ଚିନ୍ତିତ ମୁଖ ଭଙ୍ଗୀ ଅନୁଭବ କରିପାରିଲ, ତୁମ ନୟନରେ ଭରି ଯାଇଥିଲା ଅଶ୍ରୁ ।"

"ମୁଁ ଅନୁଭବ କରି ପାରିଲି ଆପଣଙ୍କ ପରାଜୟ ଅବଶ୍ୟମ୍ଭାବୀ ଏବଂ ଆପଣଙ୍କୁ ଲାଭ କରିବା ମୋ ପକ୍ଷେ ଆଉ ସମ୍ଭବ ନୁହେଁ । ମୁଁ ଭାଙ୍ଗି ପଡ଼ିଲି । ଆପଣଙ୍କର ପ୍ରଭୁ ଜଗନ୍ନାଥଙ୍କୁ ଆକୁଳ ନିବେଦନ କଲି ଅନ୍ତତଃ ସନ୍ଧି ସ୍ଥାପନ ହୋଇଯାଉ କିନ୍ତୁ ଆପଣଙ୍କ ପ୍ରଭୁ ମୋ ନିବେଦନକୁ ଅଗ୍ରାହ୍ୟ କରି ଦେଲେ । ଆପଣ ପରାଜୟର ଗ୍ଳାନି ବହନ କରି ସସୈନ୍ୟ ପଳାୟନ କଲେ ।"

"ଅଶ୍ରୁ ବିସର୍ଜନ କରିବା ଛଡା ମୋର ଆଉ କିଂସାଧ୍ୟ ଥିଲା ? ସଖୀଟି ମୋର ଏକମାତ୍ର ସାନ୍ତ୍ୱନା ଥିଲା ଶୟନ କକ୍ଷରେ । ମୋ ଅଶ୍ରୁର ତୀବ୍ର ଆଘାତରେ ସେ ବିସ୍ମୟ ଅଧୀର ହୋଇ ଉଠୁଥିଲା ।"

—"କିନ୍ତୁ ପ୍ରଭୁ ଯେ ତୁମ...ଗୁହାରି ଶୁଣିଲେ/ସ୍ୱପ୍ନରେ ନିର୍ଦ୍ଦେଶ ଦେଲେ ଦ୍ୱିତୀୟ ବାର ଯୁଦ୍ଧ ଯାତ୍ରା କରିବାକୁ । ......ଯୁଦ୍ଧଯାତ୍ରା କଲୁ ଏବଂ ତୁମ ପିତାଙ୍କର ଉଦ୍ଧତ ଶିରକୁ ଭୂଲୁଣ୍ଠିତ କରି ତୁମକୁ ବନ୍ଦିନୀ କଲୁ ।"

"ସେତେବେଳେ ପ୍ରତିଶୋଧର ଅଗ୍ନିରେ ମୁଁ ଜଳୁଥିଲି । ମୋର ହିତାହିତ ଜ୍ଞାନ ନଥିଲା । ତୁମକୁ ଚଣ୍ଡାଳ ହସ୍ତରେ ଅର୍ପଣ କରି ପାରିଲେ ସେ ଅଗ୍ନି ନିର୍ବାପିତ ହେବ ବୋଲି ସିଦ୍ଧାନ୍ତ କଲି ।"

"କିନ୍ତୁ ସତରେ ପଦ୍ମାବତୀ, ତୁମକୁ ମୁଁ ଖୁବ୍ ଭଲ ପାଇ ବସିଥିଲି । କିମିତି ଏ ଜଘନ୍ୟ ସିଦ୍ଧାନ୍ତ ମୋ କଣ୍ଠରୁ ନିଃସୃତ ହେଲା ଭାବି ବସିଲେ ମୋ ମୂଢତା ପାଇଁ ଅନୁ ଶୋଚନାରେ ମ୍ରିୟମାଣ ହୋଇଯାଏ । କିନ୍ତୁ ସେତେବେଳେ ମୁଁ ଟିକେ ହେଲେ ଦୁଃଖ କରିନାହିଁ । ଏତେ ଦିନ ଧରି ମୁଁ ତୁମ ପାଇଁ ଆଦୌ ବ୍ୟଥିତ ହୋଇ ନାହିଁ । ପ୍ରତିହିଂସା ପରାୟଣତା ମୋତେ ସଂପୂର୍ଣ୍ଣ କବଳିତ କରିଥିଲା ।"

"କିନ୍ତୁ ଆଜି ଯେତେବେଳେ ମହାମନ୍ତ୍ରୀଙ୍କ ବିଚକ୍ଷଣତା ମୋତେ ମୋର ଭ୍ରମ ଫେରାଇ ଦେଲା, ମୋର ମୋହ ଭଙ୍ଗ ଘଟିଲା । ଅନୁତପ୍ତ ହେଲି । ଅଶ୍ରୁ ଝରିଲା ଅବାରିତ ଧାରାରେ । ପାଷାଣ ହୃଦୟ ବିଗଳିତ ହୋଇଗଲା ।"



"ମୁଁ ଜାଣେନା ମୋର ସେହି ଖେୟାଲି ଆଦେଶକୁ ପ୍ରିୟ ପ୍ରଜାଗଣ କିପରି ଗ୍ରହଣ କରିଥିବେ ? ପ୍ରଭୁ ରାମଚନ୍ଦ୍ର ଯେତେବେଳେ ତାଙ୍କ ହୃଦେଶ୍ୱରୀଙ୍କୁ ନିର୍ବାସିତ କଲେ, ସେତେବେଳେ ପ୍ରଜାମାନଙ୍କ ସହାନୁଭୂତି ତାଙ୍କ ସପକ୍ଷରେ ଥିଲା ସେ କଥା ଭାବିବାକୁ ଅବସର ପାଇନଥିଲେ ସେ କାରଣ ତାଙ୍କ ହୃଦୟ ବି ସେହି ଆଦେଶର ପ୍ରତିଘାତରେ ନିଷ୍ପେଷିତ ହେଉଥିଲା ।"

—"ତଥାପି କ'ଣ ରାମଚନ୍ଦ୍ର ସନ୍ଦେହ ମୁକ୍ତ ହୋଇ ପାରିଥିଲେ ? ସୀତା ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କର ଧାରଣା ଥିଲା ପ୍ରଜାମାନଙ୍କର ସନ୍ଦେହ ଦୂର ହୋଇ ଯାଇଥିବ । କିନ୍ତୁ କ'ଣ ହେଲା ? ପ୍ରଜାମାନେ ଭାବିଲେ ଅଗ୍ନି ପରୀକ୍ଷାଟା ଖାଲି ଭୋଜ ବିଦ୍ୟାର ଖେଳ । ନୋହିଲେ ଗୋଟାଏ ନର ଶରୀର ଅଗ୍ନି ମଧ୍ୟରୁ ଅକ୍ଷତ ନିଷ୍କ୍ରାନ୍ତ ହେବା କଣ ସମ୍ଭବ । ଯଦିଓ ରାମଚନ୍ଦ୍ର ଜାଣନ୍ତି ତାହା ତାଙ୍କର ଯାଦୁ ଖେଳ ନଥିଲା ଏବଂ ତାଙ୍କର ସୀତା ଶୁଦ୍ଧ ସୁବର୍ଣ୍ଣ ପରି ନିଷ୍କଳଙ୍କ ।"


"ପୁଣି ଲୋକାପବାଦ ଶ୍ରୁତି ଗୋଚର ହେଲା । ସେ ତାଙ୍କର ପତ୍ନୀଙ୍କୁ ନିର୍ବାସିତ କଲେ । କିନ୍ତୁ ତାଙ୍କର ପ୍ରଜାମାନେ ଭାବୁଥିଲେ ଯେଉଁ ରାମଚନ୍ଦ୍ର ବନବାସ କାଳରେ ଅପହୃତା ସୀତାଙ୍କ ପାଇଁ ରୋଦନ କରି ବନଗିରି ତରୁଲତାଙ୍କୁ ଉନ୍ମାଦଙ୍କ ପରି ପ୍ରଶ୍ନ କରୁଥିଲେ, ସେହି ରାମଚନ୍ଦ୍ର କିପରି ନିଜ ହସ୍ତରେ ସୀତାଙ୍କୁ ଏପରି ନିର୍ବାସନ ଦଣ୍ଡ ଦେଇ ପାରିଲେ ? ....ତାଙ୍କ ପ୍ରଜାମାନଙ୍କର ତଥାପି ସନ୍ଦେହ ଥିଲା— ରାମଚନ୍ଦ୍ର ନିଶ୍ଚୟ ଗୋପନରେ ବାଲ୍ମୀକି ଆଶ୍ରମକୁ ଯାଇ ସୀତାଙ୍କ ସହିତ ମିଳିତ ହେଉଛନ୍ତି ।"

"ତେଣୁ ରାମଚନ୍ଦ୍ର ଯେତେ ଯାହା କଲେ ମଧ୍ୟ ପ୍ରଜାମାନଙ୍କର ସନ୍ଦେହ ଘୁଞ୍ଚାଇ ପାରି ନାହାନ୍ତି । ବରଂ ସେ ପ୍ରଜାମାନଙ୍କ ସମକ୍ଷରେ ଯଦି ସୀତାଙ୍କୁ ସ୍ୱହସ୍ତରେ ହତ୍ୟା କରିଥାନ୍ତି, ତାହାହେଲେ ଅବା ପ୍ରଜାମାନଙ୍କର ବିଶ୍ୱାସ ଭାଜନ ହୋଇ ପାରିଥାନ୍ତେ ।"

ତୁମକୁ ଖୁବ୍ ବାଧୁଛି ପଦ୍ମାବତୀ; କିନ୍ତୁ ତୁମେ ଜାଣିରଖ, ସୀତାଙ୍କୁ ତାଙ୍କ ନିର୍ବାସନ ଯେତିକି ବାଧୁଥିଲା ତାଠୁ ବେଶୀ ବାଧୁଥିଲା ରାମଙ୍କୁ । ସୀତା ତ ଅନ୍ତତଃ ଭାବି ପାରିଥିବେ ତାଙ୍କରି ରାମଚନ୍ଦ୍ର ଯେତେବେଳେ ଚାହିଁବେ ସେତେବେଳେ ତାଙ୍କ ନିକଟକୁ ଆସି ପାରିବେ ଏବଂ ତାଙ୍କୁ ପୁନର୍ଗ୍ରହଣ କରି ପାରିବେ । କିନ୍ତୁ ରାମଚନ୍ଦ୍ର ଭାବି ପାରୁ ନଥିଲେ ତାଙ୍କର ସୀତା ତାଙ୍କ ନିଷ୍ଠୁର ଆଦେଶର ଲୌହ ପ୍ରାଚୀରକୁ ଲଂଘନ କରି ତାଙ୍କ ପାଖକୁ କେବେ ଫେରି ପାରିବେ ବୋଲି ।

"ଆଜି ଏଣୁଭ ରାତ୍ରିରେ ମୁଁ ତୁମ ନିକଟରେ ମୋର ଦୋଷ ସ୍ୱୀକାର କରୁଛି, ପଦ୍ମାବତୀ ! ସତରେ ମୁଁ ତୁମକୁ ଗଭୀର ଭାବେ ଭଲ ପାଇଥିଲି ଏବଂ ତୁମରି ଅପ୍ରାପ୍ତିର ଆଶଙ୍କା ମୋତେ ଆଜି ଯାଏ ଘୋର ହତାଶାରେ ଜର୍ଜରିତ କରି ରଖିଥିଲା । ଆଜି ମୁଁ ସେଥିରୁ ମୁକ୍ତ ହୋଇଛି , ଏବଂ ପୂର୍ବର ଭଲପାଇବା ସତଗୁଣ ହୋଇ ମୋ ଉପରେ ପ୍ରତିଶୋଧ ନେବାକୁ ଆରମ୍ଭ କରିଛି ।"

"ଏବଂ ତା ସଙ୍ଗେ ସଙ୍ଗେ ତୁମେବି କ'ଣ ମୋ ଉପରେ ପ୍ରତିଶୋଧ ନେବାକୁ ଆରମ୍ଭ କରିଛ । ସତରେ ଯଦି ତୁମେ କ୍ଷମା ନକର ତେବେ ମୁଁ ପାଗଳ ହୋଇଯିବି । ତା'ର ପ୍ରଜାଗଣ ଜାଣନ୍ତୁ, ତାଙ୍କର ମହାରାଜା କେବଳ ଜଣେ ସୁଶାସକ ନୁହଁନ୍ତି, ଜଣେ ସୁପ୍ରେମିକ ମଧ୍ୟ । ସଂଗ୍ରାମ ଭୂମିରେ ତାର ଯୋଦ୍ଧୃତ୍ୱ ଯେତେ ପ୍ରଚଣ୍ଡ, ପ୍ରଣୟ ଭୂମିରେ ତାର ଦୌର୍ବଲ୍ୟ ସେତେ ସ୍ନିଗ୍ଧ ।"



ବଡ ସିଂହାର ଅବକାଶ ପାଇଁ ଶିଙ୍ଗା ବାଜି ଉଠିଲା ।ଗୁଣ୍ଡିଚା ମଣ୍ଡପ ନିକଟରେ ତିନିଠାକୁରଙ୍କ ରଥ ଠିଆ ହୋଇଛି । ସେଇଠାରୁ ଶୁଭୁଛି ଶିଙ୍ଗା ।ଆରତି ବନ୍ଦାପନା ପରେ ଚୁଳିତଳୁର ସଂରଚନା ହେବ ।ଶ୍ରୀମୁଣ୍ଡି ମୁକୁଟା, ଗୋଲ ମୁକୁଟା, କୋଳ ମୁକୁଟା, ଶ୍ରୀପୟର ମୁକୁଟା ପଡ଼ିବ । ଚାମର ଆଲଟ ଲାଗି ହେବ । ପ୍ରଭୁଗଣ ପୁଷ୍ପମାଲ୍ୟରେ ବିଭୂଷିତ ହେବେ । ଗୀତ ବାଦ୍ୟ ହେବ । ଦେବଦାସୀ ନୃତ୍ୟ କରିବେ । ପ୍ରଭୁଗଣ ପହୁଡକୁ ବିଜେ କରିବେ ।

ପଦ୍ମାବତୀ ଦେଖୁଥିଲେ ସମ୍ମୁଖରେ ଚଳନ୍ତି ଠାକୁର ଉଭା ହୋଇଛନ୍ତି । ଚକ୍ଷୁରେ ତାଙ୍କର ସ୍ନିଗ୍ଧ ଦୀପ୍ତି— ତାହାରି ମଧ୍ୟ ଦେଇ ତାଙ୍କର ସମସ୍ତ ଅନ୍ତର ଉଠି ଆସୁଛି ସରଳ ସହଜ ଛନ୍ଦରେ ।

ଗଜଦନ୍ତ ପଲ୍ୟଙ୍କ ଉପରୁ ଏକ ପୁଷ୍ପମାଲ୍ୟ ଟେକି ଆଣି କହିଲେ - ଏ ମାଳାଟି କୌଣସି ଉଦ୍ଧତ ରାଜକନ୍ୟାର କୌଣସି ପ୍ରତିହିଂସା ପରାୟ... ରାଜ ପୁରୁଷଙ୍କୁ ନୁହେଁ, ଏହା ଏକ ଚଣ୍ଡାଳ ପାଇଁ ଏକ ଚଣ୍ଡାଳୁଣୀର । ପ୍ରେ... କରନ୍ତୁ ।

ପୁରୁଷୋତ୍ତମ ଦେବ ପଦ୍ମାବତୀଙ୍କୁ ନିଜ ବକ୍ଷ ଉପରକୁ ଟେକି ଆଣିଲେ ଏବଂ ତାଙ୍କ ପଦ୍ମପଲାଶ ଅଧରରୁ ପ୍ରୀତିମଧୁ ଆସ୍ୱାଦନ କରି ଚାଲିଲେ । ପ୍ରଭୁଙ୍କ ଶିଙ୍ଗାଧ୍ୱନି ପଦ୍ମାବତୀ ଓ ପୁରୁଷୋତ୍ତମ ଦେବଙ୍କ ହୃଦୟ ସ୍ପନ୍ଦନରେ ପ୍ରତିଛନ୍ଦ ଗଭୀରତର କରୁଥିଲା ।

ଗଭର୍ଣ୍ଣମେଣ୍ଟ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ,
ଖଲିକୋଟ, ଗଞ୍ଜାମ ।

ଓଡ଼ିଶା ସାହିତ୍ୟ ଏକାଡେ଼ମୀ


ସଦ୍ୟ ପ୍ରକାଶିତ ପୁସ୍ତକାବଳୀ

| | | |
|---|---|---|
| ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକଳନ | .. ସଂକଳକ : ମହାପାତ୍ର ନୀଳମଣି ସାହୁ | ଟ ୬୦.୦୦ |
| କୌଟିଲ୍ୟ ଅର୍ଥଶାସ୍ତ୍ରମ୍ (ପୂର୍ବାର୍ଦ୍ଧମ୍ ଓ ଉତ୍ତରାର୍ଦ୍ଧମ୍) | ଅନୁବାଦ : ପଣ୍ଡିତ ଅନନ୍ତରାମ କରଶର୍ମା | ଟ ୧୦୨.୦୦ |
| ଓଡ଼ିଶାର ପାପ | .. ଶ୍ରୀ ଧୀରେନ ଦାଶ : ଡ଼ଃ. ନିରଞ୍ଜନ ପଣ୍ଡା | ଟ ୧୬.୦୦ |
| ଓଡ଼ିଶାର ପତ୍ରପତ୍ରିକା | .. ଶ୍ରୀ ଚକ୍ରଧର ମହାପାତ୍ର | ଟ ୫.୨୫ |
| ଓଡ଼ିଆ ଶିଶୁ ସଂଗୀତ ସଂକଳନ | .. ସଂକଳକ : ଶ୍ରୀ ରାମକୃଷ୍ଣ ନନ୍ଦ | ଟ ୧୮.୦୦ |
| My times and I | .. ଫକୀର ମୋହନ ସେନାପତିଙ୍କ ଆତ୍ମଜୀବନୀ ଚରିତର ଇଂରାଜୀ ଅନୁବାଦ, ଅନୁବାଦକ : ଡ଼ଃ. କେ. ଭି. ବୋଲ୍ଟନ । | ଟ ୪୦.୦୦ |

ସ୍ୱତନ୍ତ୍ର ଉତ୍କଳ ଗଠନର ପୃଷ୍ଠଭୂମି ଉପରେ ଆଧାରିତ ଉଚ୍ଚକୋଟୀର ଗବେଷଣାତ୍ମକ ପ୍ରବନ୍ଧ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରଠାରୁ ଏ ଅବଧି ଓଡ଼ିଆ ସାହିତ୍ୟ ସୃଷ୍ଟିର ମୂଲ୍ୟାୟନ ଓ ସର୍ବେକ୍ଷଣ ଉପରେ ପର୍ଯ୍ୟବସିତ ପ୍ରବନ୍ଧାବଳୀ ସହିତ 'କୋଣାର୍କ'ର ଉତ୍କଳ ଦିବସ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶିତ ହୋଇଅଛି । ଏହାର ଖଣ୍ଡ ପ୍ରତି ମୂଲ୍ୟ ଟ ୨୦.୦୦ । ଏହି ସଂଖ୍ୟା କ୍ରୟ ପାଇଁ ଅଗ୍ରୀମ ପଠାଇଲେ ବିନା ଡାକ ଖର୍ଚ୍ଚରେ ଯୋଗାଇ ଦିଆଯିବ । 'କୋଣାର୍କ'ର ବାର୍ଷିକ ଗ୍ରାହକ ଦେୟ ଟ ୧୫.୦୦ ଡାକଯୋଗେ ପଠାଇଲେ ବିନାଖର୍ଚ୍ଚରେ ଆପଣଙ୍କ ନିକଟକୁ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ପଠାଇ ଦିଆଯିବ । ଟ ୫୦୦.୦୦ରୁ ଊର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ କ୍ରୟ କଲେ ଶତକଡ଼ା ୨୦ ଭାଗ ରିହାତି ଦିଆଯାଇଥାଏ ।

(ପୁସ୍ତକ କ୍ରୟ ଓ ପତ୍ରିକାର ବାର୍ଷିକ ଗ୍ରାହକ ନିମନ୍ତେ ଯୋଗାଯୋଗ କରନ୍ତୁ)

ଶ୍ରୀ ସୁରେନ୍ଦ୍ର ନାଥ ଶତପଥୀ
ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ,
ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧୦୧୪



# ଘୋଷଯାତ୍ରା ଓ ଦେବମନ୍ଦିର

ଡକ୍ଟର ଶରତ ଚନ୍ଦ୍ର ରଥ

ଶ୍ରୀ ଜଗନ୍ନାଥ ଲୀଳାମୟ ଦେବତା ଭାବେ ନୀଳାଚଳରେ ପୂଜା ପାଉଛନ୍ତି । ସେ ଏକାଧାରରେ ଆର୍ଯ୍ୟର ଦେବତା ଓ ଅନାର୍ଯ୍ୟର ଦେବତା ଭାବରେ ସର୍ବଜନ ବିଦିତ । ପୂର୍ବେ ଶବରମାନଙ୍କ ଦ୍ୱାରା ପୂଜିତ ହୋଇ ସେ ନୀଳ ମାଧବ ନାମରେ ନାମିତ ହୋଇଥିଲେ, ପରେ ମାଳବର ବୈଷ୍ଣବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଦାରୁମୟ ରୂପରେ ବିଷ୍ଣୁ ଭାବରେ ପୂଜା ପାଇଲେ । କେବଳ ବୈଷ୍ଣବମାନଙ୍କର ନୁହେଁ, ଆଜି ଜଗନ୍ନାଥ, ବୌଦ୍ଧ, ଜୈନ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ଶିଖ ସମ୍ପ୍ରଦାୟର ଦେବତା ରୂପରେ ପୂଜିତ ହୋଇ ସର୍ବଧର୍ମ ସମନ୍ୱୟର ପ୍ରତୀକ ରୂପେ ଉଦ୍ଭବ କରିଛନ୍ତି । ନୀଳାଚଳଧାମ ଶ୍ରେଷ୍ଠଧାମ ରୂପରେ ପ୍ରତିଷ୍ଠା ଲାଭ କରିଛି ।

"ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ"

ଜଗନ୍ନାଥ ଅନୁରାଗର ମୂର୍ତ୍ତିମନ୍ତ ପ୍ରତୀକ । ବୈରାଗ୍ୟର ମ୍ଳାନିମା ତାଙ୍କୁ ସ୍ପର୍ଶ କରି ନାହିଁ । ଜୀବନରେ ସୁସ୍ଥ ଛନ୍ଦକୁ ପ୍ରକଟ କରିବା ପାଇଁ ମାନବ ଜାତିକୁ ସେ ନିଜର ଲୀଳା ମାଧ୍ୟମରେ ପ୍ରେରଣା ଦେଉଛନ୍ତି । ଏହିର ଯାତ୍ରାମାନଙ୍କ ମଧ୍ୟରେ ବର୍ଷରେ ଭିନ୍ନ ଭିନ୍ନ ସମୟରେ ଅନୁଷ୍ଠିତ ଦ୍ୱାଦଶ ଯାତ୍ରାର ଭୂମିକା ସ୍ୱତନ୍ତ୍ର ଓ ଆକର୍ଷଣୀୟ ।

"ମହାସ୍ନାନଂ ରଥବରଗତିଃ ଶାୟନଂ ସ୍ୱାପନେ ଦ୍ୱେ ।
ପାର୍ଶ୍ୱବୃତ୍ତିଃ ଶୟପରି ବୃତି ପ୍ରାବୃତିଃ ପୁଷ୍ୟପୂଜା ।
ଦୋଳା କେଳିର୍ଦମନକ ମହୋତ୍ସବଯ୍ୟମୁକ୍ଷ୍ୟା ତୃତୀୟା
ଯାତ୍ରା ସ୍ୱାଦେ ହରିପ୍ରତିମଯୋର୍ଦ୍ଧାଦଶେତି ପ୍ରଣୀତା"

ଅର୍ଥାତ୍ ଦେବସ୍ନାନ, ରଥଯାତ୍ରା, ହରିଶୟନ ଏକାଦଶୀ, ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ଦ୍ୱୟ, ଉତ୍ଥାପନ ଏକାଦଶୀ, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ, ଦୋଳପୂର୍ଣ୍ଣିମା, ଦମନକ-ଚତୁର୍ଦ୍ଦଶୀ, ଚନ୍ଦନଯାତ୍ରା, ଅକ୍ଷୟ ତୃତୀୟା ଓ ଉତ୍ତରାୟଣ ସଂକ୍ରାନ୍ତି ଏହି ଦ୍ୱାଦଶ ଯାତ୍ରା ଶ୍ରୀଜଗନ୍ନାଥଙ୍କର ମୁଖ୍ୟ ଯାତ୍ରା ଭାବରେ ଗୃହୀତ । ଉପରୋକ୍ତ ଦ୍ୱାଦଶ ଯାତ୍ରା ମଧ୍ୟରେ ରଥଯାତ୍ରା ନିଜର ଲକ୍ଷ୍ୟ ଓ ଅଭିମୁଖ୍ୟରେ ସ୍ୱତନ୍ତ୍ର ଆସନର ଅଧିକାରୀ ହୋଇପାରିଛି । ମାନବ ଜାତିର ନବ ନିର୍ମାଣ ପାଇଁ ଲୋକଶିକ୍ଷାର ଅଭିମୁଖ୍ୟ ନେଇ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ ।

ରଥଯାତ୍ରା ହେଉଛି ଏକମାତ୍ର ଯାତ୍ରା, ଯହିଁରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ସଦେହରେ ବଡ଼ ଦାଣ୍ଡରେ ଆସି ଉଭା ହୁଅନ୍ତି । ରଥ ଆରୋହଣ କରି ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ନବଦିନ ରହଣି ପରେ ପୁନର୍ବାର ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏ ଯାତ୍ରାର ଭିନ୍ନ ଭିନ୍ନ ନାମ ରହିଛି । ଯଥା– ଗୁଣ୍ଡିଚା ଯାତ୍ରା, ପତିତପାବନ ଯାତ୍ରା, ଦକ୍ଷିଣାମୁଖୀ ଯାତ୍ରା, ଅଡ଼ପୋଦର୍ଶନୋତ୍ସବ, ଅନ୍ତର୍ବେଦୀ ମହୋତ୍ସବ, ନବଦିନ ଯାତ୍ରା ଓ ଘୋଷ ଯାତ୍ରା । ଘୋଷ ଯାତ୍ରାର ମହିମା ଅବର୍ଣ୍ଣନୀୟ । କୁହାଯାଏ–

ଅଶ୍ୱମେଧ ସହସ୍ରସ୍ୟ ମହାବେଦୀ ତବୋଦ୍ଭବ
ଦିନାନି ନବ ଯସ୍ୟାମି ତଥା ତନ୍ମୂର୍ତ୍ତି ଭାରତ ।"

ଅର୍ଥାତ୍ ରଥାସୀନ ବଳଭଦ୍ର, ଜଗନ୍ନାଥ, ସୁଭଦ୍ରାଙ୍କୁ ଦର୍ଶନ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ । ଗୁଣ୍ଡିଚା ଘରକୁ ଜନକ ପୁରୀ ବୋଲି କୁହାଯାଏ ।

ଜନକ ପୁରୀକୁ ବର୍ଷକୁ ଥରେ ସ୍ୱାଭାବରେ ଆଗମନ କରୁଥିବାରୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ତାଙ୍କ ରଚିତ ନୀଳାଦ୍ରିଶ ଚଉତିଶାରେ ଜଗନ୍ନାଥଙ୍କୁ ରାମଚନ୍ଦ୍ର ବୋଲି ପ୍ରମାଣ କରିଛନ୍ତି । ଗୁଣ୍ଡିଚା ମଣ୍ଡପକୁ ଯଜ୍ଞବେଦୀ ମଧ୍ୟ କୁହାଯାଏ । ଶୁଣାଯାଏ ଯେ ପାଞ୍ଚଶହ ବର୍ଷ ପର୍ଯ୍ୟନ୍ତ ଏହି ଯଜ୍ଞବେଦୀରେ ଅଦ୍ଭୁତ ଠିଆହିବା ପରେ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଯଜ୍ଞବେଦୀରେ ଅଦ୍ଭୁତ ଠିଆହିବା ପରେ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ହୋଇଥିଲା । ଏହା ତାଙ୍କର ଜନ୍ମ ସ୍ଥାନ ରୂପରେ ପରିଚିତ ଓ ପ୍ରତିଷ୍ଠିତ । ସ୍କନ୍ଦ ପୁରାଣରେ ଅଛି– "ଗୁଣ୍ଡିଚାମଣ୍ଡପଂ" ନାମ ଯାତ୍ରା ହମଯନଂ ପୁରା

"ଗୁଣ୍ଡିଚା ମଣ୍ଡପେ ଯାନ୍ତ' ଯେ ପଶ୍ୟନ୍ତି ରଥେସ୍ଥିତଂ
ବଳଂ କୃଷ୍ଣଂ ସୁଭଦ୍ରାଂ ଚ ତେଯାନ୍ତି ଭବନଂ ହରେଃ"

ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ରଥଯାତ୍ରାର ଜନ୍ମଯାତକ ନିର୍ଣ୍ଣୟ କରିବା କଷ୍ଟକର ବ୍ୟାପାର । ରଥ ଶବ୍ଦ ଏକ ପ୍ରାଚୀନ ଶବ୍ଦ । କଠୋପନିଷଦରେ ଉଲ୍ଲେଖ ଅଛି–

"ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତ
ବୁଦ୍ଧିଂ ତୁ ସାରଥୀଂ ବିଦ୍ଧି ମନ ପ୍ରଗ୍ରହମେବଚ
ଇନ୍ଦ୍ରିୟାଣି ହୟାନ୍ୟା ହୁର୍ବିଷୟାଂ ସେଷୁ ଗୋଚରାନ୍
ଆତ୍ମେନ୍ଦ୍ରିୟ ମନୋଯୁକ୍ତଂ ଭୋକ୍ତେତ୍ୟା ହର୍ମନୀ ଷିଣଃ"


ଅର୍ଥାତ୍ ଆତ୍ମା ହେଉଛି ରଥୀ । ଶରୀର ହେଉଛି ରଥ । ମନ ହେଉଛି ଘୋଡାଙ୍କ ଲଗାମ । ଇନ୍ଦ୍ରିୟମାନେ ହେଉଛନ୍ତି ଘୋଡା । ବିଷୟମାନେ ହେଉଛନ୍ତି ଘୋଡାଙ୍କ ବିଚରଣ ଭୂମି । ଏ ଶ୍ଳୋକଟିର ଶାଶ୍ୱତ ମୂଲ୍ୟବୋଧ ରହିଛି । ସମଗ୍ର ମାନବ ଜାତି ପାଇଁ ଏଥିରେ ଦିଗ୍ ଦର୍ଶନ ରହିଛି । ସୃଷ୍ଟି ରୂପକ ସୁଗଠିତ ରଥରେ ବସି ବିଶ୍ୱଆତ୍ମା ପ୍ରଗତି ପଥରେ ଅଗ୍ରଗତି କରୁଛି । ଏହି ସତ୍ୟର ସ୍ମାରକ ବହନ କରିଛି ନୀଳାଚଳର ରଥଯାତ୍ରା । ଏ ଯାତ୍ରା ସାଧାରଣ, ଜନଗହଳି ପୂର୍ଣ୍ଣ ଯାତ୍ରା ନୁହେଁ, ଏହା ମାନବ ଜାତିର ଜୟ ଯାତ୍ରାର ବାର୍ତ୍ତା ବହନ କରୁଛି । ଯୁଗ ଚକ୍ରର ଆବର୍ତ୍ତନରେ ମାନବ ସମାଜ ବିକାଶ ପଥରେ ପାଦ ଦେଇ ଆଜି ଏଇ ଅବସ୍ଥା ପ୍ରାପ୍ତ ହୋଇଅଛି । ଆହୁରି ଦୀର୍ଘ, ବିଳମ୍ବିତ ପଥ ଅତିକ୍ରମ କରିବାକୁ ଅଛି ।

ସାଧାରଣ ଜୀବନର ଉନ୍ନତି ରୂପରେଖଟି ହେଉଛି ଦିବ୍ୟ ଜୀବନ । ସେ ଜୀବନରେ ରାଜତ୍ୱ କରେ ଶାନ୍ତି, ସ୍ନେହ, ସହାନୁଭୂତି, ଆତ୍ମଜ୍ଞାନ । ଏହି ଭୌତିକ ଜୀବନର ଗୁଣାତ୍ମକ ମାନ ବଢାଇଲେ ଦିବ୍ୟ ଜୀବନ ଗଠନର ଦ୍ୱାର ଉନ୍ମୁକ୍ତ ହେବ । ବୈରାଗ୍ୟ ଅବଲମ୍ବନରେ ବନବାସୀ ବା ଗିରିଗୁହାବାସୀ ହେଲେ ପାର୍ଥିବ ଜୀବନ ବିକଶିତ ହୋଇ ପାରିବ ନାହିଁ । ବ୍ୟକ୍ତିଗତ ଜୀବନରୁ ଦୋଷ ତ୍ରୁଟିକୁ ଲକ୍ଷ୍ୟ କରି ଚିହ୍ନି ସେସବୁର ଦୂରୀକରଣରେ ନୂତନ ଜୀବନର ଭିତ୍ତି ପଡେ । ଭ୍ରାତୃଭାବ ହେଉଛି ଦିବ୍ୟଜୀବନର ମୌଳିକ ତଥ୍ୟ । ଘୋଷଯାତ୍ରା ଏହି ଭ୍ରାତୃଭାବର ତଥ୍ୟକୁ ମୁକ୍ତ କଣ୍ଠରେ ଘୋଷଣା କରୁଛି । ଶ୍ରୀଜଗନ୍ନାଥ ଏହି ଭ୍ରାତୃଭାବକୁ ସର୍ବାପେକ୍ଷା ଉଚ୍ଚ ଆସନ ଦେଇ ନିଜେ ଭ୍ରାତୃଭାବର ପ୍ରତୀକ ହୋଇ ରହିଛନ୍ତି । ସେ ଆଜିର ଦେବତା ନୁହଁନ୍ତି, ଆଗାମୀ କାଲିର ଦେବତା ଭାବରେ ପ୍ରତିଷ୍ଠାପ୍ରାପ୍ତ ହୋଇଛନ୍ତି । ତେଣୁ ତାଙ୍କର ଘୋଷଯାତ୍ରା ଆଜିର ଯାତ୍ରା ନୁହେଁ, ତାହା ଆଗାମୀ କାଲିର ଯାତ୍ରା । ଆଜି ଯେତିକି ଏ ଯାତ୍ରା ବୁଝି ହେଉଛି, ଆଗାମୀ କାଲି ଏହାଠାରୁ ଅଧିକ ଭାବରେ ବୁଝିହେବ । ଏ ପ୍ରସଙ୍ଗରେ ଶ୍ରୀଅରବିନ୍ଦ କହନ୍ତି– "ଶ୍ରୀଜଗନ୍ନାଥଙ୍କ ରଥର ପ୍ରକୃତି, ପ୍ରକୃତ ତା ନମୁନା କେହି ଜାଣନ୍ତି ନାହିଁ । କୌଣସି ଜୀବନ ଶିଳ୍ପୀ ତାକୁ ଅଙ୍କନ କରିପାରନ୍ତି ନାହିଁ । ସେହି ଛବି ବିଶ୍ୱପୁରୁଷଙ୍କର ହୃଦୟରେ ସୁପ୍ତ ହୋଇ ନାନା ଆବରଣରେ ଆବୃତ ହୋଇ ରହିଛି । ଯେଉଁଦିନ ଜ୍ଞାନ, କର୍ମ ଓ ଭାବର ସମନ୍ୱୟ ଏବଂ ଏକୀକରଣ ଦ୍ୱାରା ସମନ୍ୱିତ ବିଶ୍ୱ ପୁରୁଷଙ୍କର ଇଚ୍ଛା ଶକ୍ତିର ପ୍ରେରଣା ଦ୍ୱାରା ଆତ୍ମଗତ ଐକ୍ୟ ଦେଖା ଦେବ, ସେହି ଦିନ ଜଗନ୍ନାଥଙ୍କ ରଥ ଜଗତ ରାସ୍ତାରେ ବାହାରି ଦଶ ଦିଗ ଆଲୋକିତ କରିବ ।"

ପୃଥିବୀ ପୃଷ୍ଠରେ ନବଜୀବନ ସୃଷ୍ଟି ନିମନ୍ତେ ଶୁଭ ମୁହୂର୍ତ୍ତ ସମାଗତ । ପ୍ରାୟ ୨୦୦୦ ମସିହା ବେଳକୁ ନୂତନ ଯୁଗର ରଶ୍ମିରେଖା ଅନ୍ଧକାରର ଅନ୍ଧକାରକୁ ଅପସାରଣ କରି ଚେତନାର ପଥ ଉନ୍ମୋଚନ କରିବ । ଏକଥା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଦିବ୍ୟଦ୍ରଷ୍ଟା ନିଜ ନିଜର ଦୂର ଦୃଷ୍ଟିବଳରେ ଦେଖି କହିଛନ୍ତି । ପାଶ୍ଚାତ୍ୟର ଦିବ୍ୟଦର୍ଶୀ ପ୍ରଫେସର ବେଭିଲେଟିନ୍‌ଙ୍କ ମତରେ, "ଆଗାମୀ ଦିନରେ ଲୋକମାନେ ଭାଇ ଭାଇ ପରି ସୁଖରେ ରହିବେ । ଦେଶଧର୍ମ, ଜାତି ବିଭେଦ ଦୂରୀଭୂତ ହେବ" । ପ୍ରାଚ୍ୟର ଦିବ୍ୟଦ୍ରଷ୍ଟା ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି– ପୃଥିବୀ ବକ୍ଷରେ ସତ୍ୟଯୁଗର ଅବତରଣ ହେବ । ମର୍ତ୍ତ୍ୟମାନବର ପୃଥିବୀ ହେବ ଦେବତାର କ୍ରୀଡା ଶିବିର, ଭଗବାନଙ୍କ ମନ୍ଦିର ନଗରୀ" ଆଗାମୀ ଦିନର ଜୀବନ ହେବ ପ୍ରେମ, ମମତାର ଜୀବନ । ରକ୍ତ ସଂପର୍କଠାରୁ ଆତ୍ମିକ ସଂପର୍କ ଅଧିକ ବରଣୀୟ ହେବ । ସେହି ଦିନ ପାଇଁ ଏବେ ପ୍ରସ୍ତୁତି ଚାଲିଛି । ଏହି ମୁହୂର୍ତ୍ତ ହେଉଛି ଦେବ ମୁହୂର୍ତ୍ତ । ଏତିକିବେଳେ ଦେବମୁହୂର୍ତ୍ତର ସଫଳ ବିନିଯୋଗ କରିବା ଏକାନ୍ତ ଆବଶ୍ୟକ, ଏହି ଆବଶ୍ୟକତାକୁ ପୂରଣ କରିବା ଦିଗରେ ଭ୍ରାତୃଭାବର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଯେ ଉଜ୍ଜ୍ୱଳ ଦିଗ୍‌ଦର୍ଶନ ଦେବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

---

'ମାତୃକୃପା'–ଇ.ବି ୬୫୭
ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୧୪ ।






# କଳ୍ପବଟ

ଶ୍ରୀ ଉପେନ୍ଦ୍ରନାଥ ହୋତା


ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ଅତି ରହସ୍ୟାବୃତ । ତାଙ୍କୁ ସାକାର, ନିରାକାର, ଈଶ୍ୱର, ବୁଦ୍ଧ, ଜୀନ, ଗଣପତି, କୃଷ୍ଣ, ରାମ ଆଦି ଯେ ଯେଉଁ ରୂପରେ ପୂଜା କରନ୍ତୁ ନା କାହିଁକି, ସେ ସତ୍ୟ ଏବଂ ତାଙ୍କ ସୃଷ୍ଟି ଓ ସୃଷ୍ଟି ଜୀବଜଗତ ମଧ୍ୟ ସତ୍ୟ; କାରଣ ସତ୍ୟ ବସ୍ତୁରୁ କଦାପି ମିଥ୍ୟାର ସୃଷ୍ଟି ସମ୍ଭବ ନୁହେଁ । ସେ ସ୍ୱୟଂ ଜଗତ ରୂପରେ ପରିଣତ ହୋଇଛନ୍ତି ଓ ପ୍ରତ୍ୟେକ ବସ୍ତୁ ଏବଂ ଜୀବ ମଧ୍ୟରେ ଅନୁପ୍ରବେଶ ପୂର୍ବକ ସର୍ବତ୍ର ବିରାଜିତ । ସେ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ, ଦ୍ୱୈତ ଓ ସେ ଅଦ୍ୱୈତ ମଧ୍ୟ । ପାଣି-ପାଦ ବିହୀନ ହୋଇ ସେ ଦ୍ରୁତଗାମୀ, ସର୍ବଗ୍ରାହୀ; ଚକ୍ଷୁ ହୀନ ହୋଇ ସେ ସର୍ବଦ୍ରଷ୍ଟା; ଶ୍ରୁତିହୀନ ହୋଇ ସେ ସର୍ବଶ୍ରୋତା ଓ ସର୍ବଜ୍ଞ । ତାଙ୍କୁ କେହି ଜାଣି ପାରନ୍ତି ନାହିଁ, କିନ୍ତୁ ସେ ସ୍ୱୟଂ ଜ୍ଞାତା ଓ ଜ୍ଞେୟ । ଏ ବିଶ୍ୱରେ ଯେତେ ମତବାଦ ଅଛି, ସମସ୍ତ ମତବାଦ ଶ୍ରୀଜଗନ୍ନାଥ ଦର୍ଶନରେ ହିଁ ସମନ୍ୱିତ ହୋଇଛି । ସକାମ କର୍ମବାଦ, ନିଷ୍କାମ କର୍ମବାଦ, ପୁରୁଷ ପ୍ରକୃତିବାଦ, ବିଶିଷ୍ଟାଦ୍ୱୈତବାଦ, ଅଦ୍ୱୈତବାଦ, ଦ୍ୱୈତବାଦ ଓ ଦ୍ୱୈତାଦ୍ୱୈତ-ବାଦ ଆଦି ଦର୍ଶନର ମତବାଦ ସକଳ ଶ୍ରୀ ଜଗନ୍ନାଥ ଦର୍ଶନତତ୍ତ୍ୱ ଅନ୍ତର୍ଗତ । ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ନିର୍ଗୁଣ, ନିରାକାର ତଥା ଅପାଣିପାଦ ହୋଇ ମଧ୍ୟ ଆମ ଉତ୍କଳରେ କାଞ୍ଚି ବିଜୟ ଆଦି ବହୁ ଘଟଣାରେ ସ୍ୱୟଂ ଅବତୀର୍ଣ୍ଣ ହୋଇ ଭକ୍ତବାତ୍ସଲ୍ୟ ଲୀଳା ପ୍ରଦର୍ଶନ କରି ଅଛନ୍ତି ।

ଉପାସକ ତଥା ସାଧକ ନିଜର ଅଧିକାର ଅନୁସାରେ ଜପ, ଉପାସନା ଓ ସାଧନାଦି କରି ଏକ ଏକ ମତବାଦର ଆଶ୍ରୟ ପୂର୍ବକ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱାତ୍ମ ବୁଦ୍ଧିରେ ମୁକ୍ତି ଲାଭ କରି ଥାଆନ୍ତି ଓ ସର୍ବତ୍ର ବ୍ରହ୍ମ ବୁଦ୍ଧିରେ ସମସ୍ତ ପ୍ରକାର ଭେଦବୁଦ୍ଧି ଜନିତ ବିରୋଧଭାବ, ଈର୍ଷା, ଦ୍ୱେଷ, ଘୃଣା ଇତ୍ୟାଦିକୁ ପରିହାର କରି ବିଶ୍ୱପ୍ରୀତି ପ୍ରଦର୍ଶନ କରି ଥାଆନ୍ତି । ଏ ସଂସାରର ଆତ୍ମା ରୂପକ କଳ୍ପବୃକ୍ଷ ମୂଳରେ ଆଶ୍ରୟ ନେଇ ମଧ୍ୟ ମନୁଷ୍ୟ କଳ୍ପବଟର ମହାତ୍ମ୍ୟ ବୁଝି ପାରୁନାହିଁ । ଶ୍ରୀ ଜଗନ୍ନାଥହିଁ ସ୍ୱୟଂ କଳ୍ପବଟ ସ୍ୱରୂପ, ଜୀବର ଆତ୍ମା ସ୍ୱରୂପ ଓ ସ୍ୱୟଂ ପରମାତ୍ମା ଅଟନ୍ତି । ତାଙ୍କ ପାଦପଦ୍ମରେ ଆଶ୍ରୟ ନେଇ ମନୁଷ୍ୟ ଯେପରି କଳ୍ପନା କରେ, ତଦନୁସାରେ ଫଳ ଲାଭ କରିଥାଏ ।

ଶ୍ରୀକ୍ଷେତ୍ରରେ ଥିବା କଳ୍ପବଟ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ଓ ଶାସ୍ତ୍ର ତଥ୍ୟମାନ ରହିଛି । ଏହା ମୂଳରେ ପ୍ରଥମେ ଶବରରାଜ ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ । ବୌଦ୍ଧମାନେ ଏହି ବଟକୁ ମହାବୋଧି ବୋଲି କହନ୍ତି । ଏହି କଳ୍ପବଟର ମହାତ୍ମ୍ୟ ବର୍ଣ୍ଣନାତୀତ । ଭକ୍ତ ଅଚ୍ୟୁତାନନ୍ଦ ଦାସ କହିଛନ୍ତି —

"ନିଷ୍ପାପ କରଇ ଜୀବେ କଳ୍ପବଟ ଛାୟା,
ତୀର୍ଥଜଳ ସ୍ନାନପାନେ ତୁଟେ ଭବ ମାୟା ।
ସାରୂପ୍ୟ ମୁକ୍ତି ମିଳଇ ତାହା ପ୍ରସାଦରେ,
ନିତ୍ୟବସନ୍ତ ବହଇ ପୂର୍ଣ୍ଣ ସୁଗନ୍ଧରେ ।"

ଶ୍ରୀ ମନ୍ଦିର ବେଢ଼ା ମଧ୍ୟରେ ଥିବା ଏହି କଳ୍ପବଟ ଅତି ପ୍ରାଚୀନ । ପ୍ରଳୟକାଳୀନ ଜଳରେ ଏହି କଳ୍ପବଟ ନିମଜ୍ଜିତ ହୁଏ ନାହିଁ । ପ୍ରଳୟ କାଳରେ ଏହି ବଟର



ଏକ ପତ୍ର ଉପରେ ଭଗବାନ ବାଳମୁକୁନ୍ଦ ରୂପରେ ଶୟନ କରି, ନିଜ ପାଦର ବୁଢ଼ା ଆଙ୍ଗୁଠିକୁ ଚୁଚୁମି ଆନନ୍ଦରେ ଚାପୁଥାନ୍ତି । ଏହାଦ୍ୱାରା ସେ ନିଜ ପଦାରବିନ୍ଦ ମାଧ୍ୟମରେ ମୁଖ ଦ୍ୱାରା ଜଗତକୁ ଶୋଷଣ କରନ୍ତି ଓ ପୁନଶ୍ଚ କଳ୍ପ ପ୍ରାରମ୍ଭରେ ଜଗତ୍ ସୃଷ୍ଟି କରନ୍ତି । ଏହି ବଟ ସମସ୍ତଙ୍କର ମନୋବାଞ୍ଛା ପୂରଣ କରେ ବୋଲି ଏହାର ନାମ କଳ୍ପବଟ । ଶ୍ରୀକ୍ଷେତ୍ର ମହାତ୍ମ୍ୟରେ କୁହାଯାଇଛି—ନୀଳାଚଳରେ କଳ୍ପ କଳ୍ପ ଧରି ଏକ ବଟବୃକ୍ଷ ଅଛି । ଏହି ବୃକ୍ଷ ସତ୍ୟ ଯୁଗରେ ଏକ ଯୋଜନ ବିସ୍ତୃତ ଓ ଏକ ଯୋଜନ ଉଚ୍ଚତା ବିଶିଷ୍ଟ ଥିଲା; ମାତ୍ର ଏ କଳିଯୁଗରେ ଏହା ଏପରି ଛୋଟ ହୋଇ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ରହିଛି । ତହିଁରେ ଫଳପୁଷ୍ପ ନାହିଁ । କେବଳ ବହୁ ପତ୍ର ଦ୍ୱାରା ବିଭୂଷିତ କିନ୍ତୁ ଏହି ବୃକ୍ଷର ଫଳପ୍ରାପ୍ତି ହେଲେ ବନ୍ଧ୍ୟା ବି ପୁତ୍ର ଲାଭକରେ । ସୂର୍ଯ୍ୟଙ୍କ ଗତି ଅନୁସାରେ ତାହାର ଛାୟାର ପରିବର୍ତ୍ତନ ହୁଏ ନାହିଁ । କେହି କେହି କଳ୍ପବଟର ଛାୟା ନାହିଁ ବୋଲି ମଧ୍ୟ କହନ୍ତି । ଏହି ବଟର ପଶ୍ଚିମ ଭାଗରେ ରୋହିଣୀ କୁଣ୍ଡ ଅବସ୍ଥିତ । କୁଣ୍ଡର ନିମ୍ନଦେଶକୁ ଓହ୍ଲାଇବା ସକାଶେ ନୀଳକାନ୍ତ ମଣି-ନିର୍ମିତ ପାହାଚମାନ କୁଣ୍ଡର ନିମ୍ନଦେଶ ପର୍ଯ୍ୟନ୍ତ ରହିଛି । କୁଣ୍ଡର ଚତୁର୍ଦ୍ଦିଗରେ ସ୍ଫଟିକ ମଣିମୟ ବେଦୀ ରହିଛି । ଏହି କୁଣ୍ଡରେ ପଡୁଥିବା ବଟର ଛାୟା ଅତ୍ୟନ୍ତ ସୁଶୀତଳ । ଏହି କଳ୍ପଦ୍ରୁମର ସ୍ୱତନ୍ତ୍ର ପୂଜା ପଦ୍ଧତି ରହିଛି ।

କଳ୍ପ କହିଲେ ପ୍ରଳୟକାଳକୁ କେନ୍ଦ୍ରକରି ଯେଉଁ ସମୟ । ପ୍ରଳୟକାଳରୁ ପୁନଶ୍ଚ ସୃଷ୍ଟି ପର୍ଯ୍ୟନ୍ତ ଓ ସୃଷ୍ଟି ଠାରୁ ପୁନଶ୍ଚ ପ୍ରଳୟକାଳ ପର୍ଯ୍ୟନ୍ତ ସମୟକୁ କଳ୍ପ ବୋଲି କୁହାଯାଏ । କଳ୍ପର ଶେଷକୁ କଳ୍ପାନ୍ତ ବୋଲି କୁହାଯାଏ । ଭକ୍ତ ଦିବାକର ଦାସ 'ଶ୍ରୀଜଗନ୍ନାଥ ଚରିତାମୃତରେ ଲେଖିଛନ୍ତି —

"ରାମାଦି ଯେତେ ଅବତାର । ଜଗନ୍ନାଥ ଅଙ୍ଗୁ ବାହାର ॥
ପୃଥ୍ୱୀର ଭାରା ଭଣ୍ଡାସନ୍ତି । ଲେଉଟି ଶ୍ରୀ ଅଙ୍ଗେ ମିଶନ୍ତି ॥

x

ଚଉଦ ପୁର ଅଟେ ମହୀ । ଚଉଦ ବୈକୁଣ୍ଠ ଅଟଇ ॥
ପ୍ରଥମେ ଇନ୍ଦ୍ରନୀଳକହି । ଦୁଜେ ଶ୍ରୀବୈକୁଣ୍ଠ ବୋଲଇ ॥
କାମ ରୂପ ବୈକୁଣ୍ଠ କହି । କୃତ ବୈକୁଣ୍ଠ ଯେ ବୋଲଇ ॥
ସୁଧାନିତ୍ୟ ବୈକୁଣ୍ଠ ଧାମ । ରୁଦ୍ର ସନ୍ଧ ବୈକୁଣ୍ଠ ସ୍ଥାନ ॥
ଅନନ୍ତ ବୈକୁଣ୍ଠ ଅପର । ଅମର ବୈକୁଣ୍ଠ ଆବର ॥
ସୌନିଧି ବୈକୁଣ୍ଠ ଅଛଇ । କୁମୁଦ ବୈକୁଣ୍ଠ ଯେ କହି ॥
ସାରାଭକ ବୈକୁଣ୍ଠ ଆଉ । ସୁରସିଦ୍ଧ ବୈକୁଣ୍ଠ ପୁର ॥
ମୁକ୍ତ ବୈକୁଣ୍ଠ ନାମ କହି । ସାର ବୈକୁଣ୍ଠ ଯେ ଅଛଇ ॥
ଚଉଦ ବୈକୁଣ୍ଠ ଯେ କହି । ଚଉଦ ବିଷ୍ଣୁ ଏଥି ରହି ॥
ନିତ୍ୟ ବୈକୁଣ୍ଠ ନୀଳଗିରି । ସର୍ବ ବୈକୁଣ୍ଠ ଏଥୁଁ ସରି ॥

x

ସତ୍ୟ ଯୁଗେ ନୃସିଂହନାଥ । ତ୍ରେତୟାଯୁଗେ ରଘୁନାଥ
ଦ୍ୱାପର ଯୁଗେ ଗୋପୀନାଥ । କଳିଯୁଗରେ ଜଗନ୍ନାଥ

x

ସତ୍ୟରେ ନାରାୟଣ ମନ୍ତ୍ର । ରାମତାରକ ତ୍ରେତୟାନ୍ତ
ଗୋପାଳ ମନ୍ତ୍ର ଦ୍ୱାପରରେ । ରାମାଦି କୀର୍ତ୍ତନ କଳିରେ
ଏ ଛାଡ଼ି ଅନ୍ୟ ଯେ ଭଜନ୍ତି । ବିଟପ ଦୋଷେ ନାଶ ଯାନ୍ତି
ଏଯୁଗେ ନାଥ ଜଗନ୍ନାଥ । ତା ଛାଡ଼ି ଭଜେ ଅନ୍ୟନାଥ ।
ସେ ଜଗନ୍ନାଥେ ଅପରାଧୀ । କୋଟି ସାଧନେ ନୋହେ ସିଦ୍ଧି

x

ବ୍ରହ୍ମାଙ୍କ ପରମ ଆୟୁଷ । ଶତ-ଅଷ୍ଟୋତ୍ତର ବରଷ ॥
ତହିଁରୁ ଅର୍ଦ୍ଧେକ ବରଷ । ନୀଳମାଧବ ସେ ପ୍ରକାଶ ॥
ଆଉ ଚୌବନ ବରଷରେ । ଦାରୁମୂର୍ତ୍ତି ନୀଳ କନ୍ଦରେ ॥

x

ଏକସ୍ତରୀଗଣ୍ଡା ଯୁଗରେ । ମନୁଏ ବୋଲି ଏ ସଂସାରେ ॥
ଚଉଦମନୁ ଯେବେ ଯାଇ । 'କଳ୍ପ' ବୋଲିଣ ତାକୁ କହି ॥
ଦୁଇକଳ୍ପ ହେଲେ ଏକତ୍ର । ତେବେ ବ୍ରହ୍ମାଙ୍କ ଅହୋରାତ୍ର ॥
ଏହି ହିସାବେ ହୁଏ ମାସେ । ବାରମାସରେ ସେ ବରଷେ ॥
ଏହିବରଷ ଚଉବନ । ନୀଳକନ୍ଦରେ ଦାରୁବ୍ରହ୍ମ ॥"

ଏଥିରୁ ଜଣାଯାଏ 'କଳ୍ପ' ଶବ୍ଦକାଳ ସମ୍ବନ୍ଧୀୟ ଶବ୍ଦ । ଶଂଖକ୍ଷେତ୍ର ଶ୍ରୀ କ୍ଷେତ୍ରରେ କଳ୍ପବଟ । ଚକ୍ରକ୍ଷେତ୍ର ଏକାମ୍ରରେ ଅନନ୍ତବଟ (ରୁଦ୍ରବଟ) । ଗଦାକ୍ଷେତ୍ର ଯାଜପୁରେ ବିରଜାବଟ । ପଦ୍ମକ୍ଷେତ୍ର କୋଣାର୍କରେ ଅର୍କବଟ । ଏହିପରି ସୁରିଶୋଟି ପୁରି ବଟ ବିଷୟରେ କ୍ଷେତ୍ର ମହାତ୍ମ୍ୟରେ ଉଲ୍ଲେଖଅଛି । ଶ୍ରୀ ଓଡ଼ିଶାର ଜଣେ ଭକ୍ତ 'ରୋହିଦାସ' (ରୁଇଦାସ) ତାଙ୍କ ଭଜନରେ କଳ୍ପବୃକ୍ଷର ମହିମା ସମ୍ବନ୍ଧରେ ଲେଖିଛନ୍ତି--

"ବାଟହୁଡ଼ି ଅଣଷ୍ଠରପୁରେ କରିଘର ।
ଏକବଟତଳେ ପଞ୍ଚବଟଯେ ବିସ୍ତାର ॥


ମନ ଅଣାକାରପୁରେ କଳପ ବଟକୁ ।
ପାଞ୍ଚବଟ ବେଢ଼ିଛନ୍ତି ସେ ମହାବସ୍ତୁକୁ ॥

ପୂର୍ବେକ ଅଙ୍ଗୀରାବଟ ଦକ୍ଷିଣେ ନିକୁମ୍ଭିଲ
ଉତ୍ତରେ ଅଘୋରବଟ ନାମ ପ୍ରକାଶିଲ ॥

ଗୋଛନ୍ଦବଟ ଆବର ବେଢ଼ି ରହିଛନ୍ତି ।
ରୋହିଦାସ କହେ ପଞ୍ଚବଟ ଯେ ଅଛନ୍ତି ॥

ପାଞ୍ଚ-ମନ ସ୍ଥାୟ ବଟେ କଳପ ଯେ ବଟ ।
ପ୍ରାଣପ୍ରିୟ ଭଜ ଜୀବ ତୁଟିଯିବ ସଙ୍କଟେ ॥

ରୋହିଦାସଙ୍କ ମତରେ କଳ୍ପବଟର ଅନତି ଦୂରରେ ଏହି ପାଞ୍ଚଟିବଟ ବିରାଜମାନ କରି ଅଛନ୍ତି ଯଥା :—(୧) ଅଙ୍ଗୀରାବଟ ଅଙ୍ଗୀରାଶ୍ରମରେ (୨) ନିକୁମ୍ଭିଲବଟ ଯମେଶ୍ୱରଙ୍କ ନିକଟରେ



(୩) ଅଘୋରବଟ ମାର୍କଣ୍ଡେୟ ପୁଷ୍କରିଣୀ ତଟରେ, (୪) ଶୋକହର ବଟ ହରିବଂଶପୁରରେ ଓ (୫) ବାଞ୍ଛାବଟ କଳ୍ପବଟ ପାର୍ଶ୍ୱରେ ବିରାଜିତ । ଏହି ପାଞ୍ଚବଟର ତତ୍ତ୍ୱ ତାଙ୍କ କବିତାରେହିଁ ଉଲ୍ଲେଖଅଛି । ସେ କହିଛନ୍ତି—ପ୍ରାଣପ୍ରିୟ ଶ୍ରୀ ଜଗନ୍ନାଥଙ୍କୁ ଭଜିଲେ ଆମର ଏଯେଉଁ ମାନବ ଶରୀର ତାହା ଆଉ ରହିବନାହିଁ । ତାହା ଦିବ୍ୟ ଶରୀରରେ ପରିଣତ ହୋଇଯିବ ଅର୍ଥାତ୍ ଘଟ ପରିବର୍ତ୍ତନରେ ତାହା ଚିନ୍ମୟ ହୋଇଯିବ । ଏ ସମସ୍ତବଟ କାମନା ଅନୁସାରେ ଫଳ ପ୍ରଦାନ କରିଥାନ୍ତି ।

କଳ୍ପ କଳ୍ପଧରି ଏହିବଟ ଜୀବିତ ଥିବାରୁ ଏହା କଳ୍ପବଟ ନାମରେ ଖ୍ୟାତ । ତାତ୍ତ୍ୱିକ ଅର୍ଥରେ ଏହିବଟ ମନୁଷ୍ୟର ସମସ୍ତ କଳ୍ପନା ଓ କାମନା ପୂରଣକାରୀ । ପୁତ୍ରାର୍ଥିନୀ ରମଣୀମାନେ ପୁତ୍ରକାମନାକରି କଳ୍ପବଟ ମୂଳରେ ପ୍ରାର୍ଥନାକଲେ ପୁତ୍ରସନ୍ତାନ ଲାଭକରନ୍ତି । କଳ୍ପବଟର ନିମ୍ନଦେଶ ଅତି ପବିତ୍ର । ଏହାର ଛାୟାରେ ଏକ ଅହୋରାତ୍ର ବାସକଲେ ବ୍ରହ୍ମହତ୍ୟା ପାପ ବିନାଶ ହୁଏ । ବ୍ରହ୍ମ ପୁରାଣରେ କୁହାଯାଇଛି—"କଳ୍ପବଟକୁ ତ୍ରିବାର ପରିକ୍ରମା କଲେ ସମସ୍ତ ପାପ କ୍ଷୟହୁଏ ।" ଶ୍ରୀ ଜଗନ୍ନାଥ ସ୍ୱୟଂ ବଟକୃଷ୍ଣ ରୂପରେ ପୂଜା ପାଆନ୍ତି । ସ୍କନ୍ଦ ପୁରାଣରେ କୁହାଯାଇଛି—"ଏହି କଳ୍ପବୃକ୍ଷର ଉଚ୍ଚତା ଏକ ଯୋଜନ ଓ ବୃକ୍ଷର ବିସ୍ତାର ଚତୁର୍ଦ୍ଦିଗକୁ ଏକ ଯୋଜନ ବ୍ୟାପୀଥିଲା । ସମୁଦ୍ରକୂଳଠାରୁ ଏହି ବୃକ୍ଷମୂଳ ମଧ୍ୟରେ ତଥା ପୁରୁଷୋତ୍ତମ କ୍ଷେତ୍ରରେ ଯେଉଁମାନେ ଦେହତ୍ୟାଗ କରନ୍ତି, ସେମାନେ ନିଶ୍ଚିତ ଭାବେ ମୁକ୍ତିଲାଭ କରନ୍ତି । କଳ୍ପବୃକ୍ଷ ସାକ୍ଷାତ୍ ବ୍ରହ୍ମବୃକ୍ଷ ରୂପରେ ପ୍ରସିଦ୍ଧ । ଏହି ବୃକ୍ଷର ରକ୍ଷା ନିମନ୍ତେ ସାକ୍ଷାତ୍ ମଙ୍ଗଳା ଠାକୁରାଣୀ ବଟମଙ୍ଗଳା ରୂପରେ ଏଠାରେ ବିରାଜିତ । ଏହି ବଟମୂଳରୁ ଶ୍ରୀମନ୍ଦିର ପ୍ରଦକ୍ଷିଣ ଆରମ୍ଭହୁଏ । ତେଣୁ ବଟ ଗଣେଶଙ୍କୁ ଏଠାରେ ପ୍ରଥମେ ଦର୍ଶନକରି ରୋହିଣୀକୁଣ୍ଡ, ମାର୍କଣ୍ଡେୟ ଋଷିଙ୍କ ଚରଣ ପାଦୁକା ପ୍ରଦକ୍ଷିଣ କରିବାକୁହୁଏ । ଏହି କୁଣ୍ଡକୁ ପ୍ରଦକ୍ଷିଣକଲେ ମହା ଦୁଷ୍କରପାପ ତତ୍‌କ୍ଷଣାତ୍ ଦୂରୀଭୂତହୁଏ । କଳ୍ପବଟର ଶାଖାରେ ଥରେ ଲୋମଶ ଋଷିଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଋଷି କାକଭୁଷଣ୍ଡ କାକରୂପରେ ବସି ଚତୁର୍ଭୁଜ ନାରାୟଣ ସ୍ୱରୂପରେ ମୁକ୍ତିଲାଭ କରିଥିଲେ । ଏହି କଳ୍ପବଟର ପଶ୍ଚିମକୁ ବଟନାରାୟଣଙ୍କ ମନ୍ଦିର । ଏଠାରେ ମହାପ୍ରଳୟ କାଳରେ ମାର୍କଣ୍ଡେୟ ଋଷି ବଟପତ୍ରଶାୟୀ ବାଳମୁକୁନ୍ଦଙ୍କୁ ସ୍ତବ କରିଥିଲେ । ଏଠାରେ ପଞ୍ଚମୁଖ ବିଶିଷ୍ଟ ସଦାଶିବ ପଶ୍ଚିମ ଦିଗକୁ ବଟଛାୟାରେ କଳିଯୁଗରେ ମୁକ୍ତିର ସ୍ଥାନ ଦେଖାଉଛନ୍ତି । ଏହାର ଆୟତନ ଏକଶତ ହାତ ବିସ୍ତୃତ । ପ୍ରବାଦଅଛି, ଇନ୍ଦ୍ର ଏହି କଳ୍ପବଟକୁ ସ୍ୱର୍ଗକୁ ନେବାପାଇଁ ଐରାବତ ହସ୍ତୀ, ସାହାଯ୍ୟରେ ଉତ୍‌ପାଟନ କରାଇ ସ୍ୱର୍ଗରେ ଏକ କଳ୍ପ ରଖିଥିଲେ । ପରେ ଦ୍ୱାପର ଯୁଗରେ ସତ୍ୟଭାମାଙ୍କ ଅନୁରୋଧରେ ଶ୍ରୀକୃଷ୍ଣ ତାହା ଆଣି ଦ୍ୱାରକାରେ ରଖାଇଥିଲେ । ଶ୍ରୀକୃଷ୍ଣଙ୍କ ଦେହାବସାନପରେ ପାଣ୍ଡବମାନେ ଉକ୍ତ ବଟକୁ ଆଣି ଏହି ପୁରୁଷୋତ୍ତମର 'ବଟକଳ୍ପଦରେ' ପୁନଃ ରୋପଣ କରିଥିଲେ ଓ ତାହା ମୂଳରେ କଳ୍ପବାସକରି ଶୋକ ବିସର୍ଜନ କରିଥିଲେ । ତେଣୁ ଏହିବୃକ୍ଷ 'ତାପହାରୀ' ନାମରେ ଖ୍ୟାତ । ଏହି ବଟମୂଳରୁ ପ୍ରଳୟ କାଳରେ ପ୍ରଥମେ 'କାରୁଣ୍ୟବାରି' ପ୍ରବାହିତହୋଇ ବିଶ୍ୱକୁ ପ୍ଲାବନ କରେ । ଏହା ଶ୍ରୀ ଇନ୍ଦ୍ରନୀଳମଣି ପୁରାଣର ପୁରୁଷୋତ୍ତମ ଚନ୍ଦ୍ରିକା କଳ୍ପପାଦପର ପଞ୍ଚମ ପଟଳରେ (ପ୍ରାଚୀନ ତାଳପତ୍ର ପୋଥିରେ) ଉଲ୍ଲେଖଅଛି । ଏହି ପୋଥି "ଚନ୍ଦ୍ରସୋଇଁ ମହାପାତ୍ର" ରଚନା କରିଥିଲେ ବୋଲି ପଣ୍ଡିତ ସଦାଶିବ ରଥଶର୍ମା ତାଙ୍କ "କଳ୍ପବୃକ୍ଷ ମହାତ୍ମ୍ୟ ଓ ରହସ୍ୟ" ନାମକ ପୁସ୍ତିକାରେ ପ୍ରକାଶ କରିଛନ୍ତି । ଏହି ବଟର ମୂଳ କେଉଁଠି, ତାହା ଅତି ଗୋପନ ରଖାଯାଇଛି । ଶାସ୍ତ୍ରରୁ କେବଳ ଏହା—"ପୃଥିବ୍ୟା ଗୋପିତ ସ୍ଥାନଂ"ବୋଲି ଦେଖିବାକୁ ମିଳେ । କଳ୍ପବଟ ସହିତ ରୋହିଣୀ କୁଣ୍ଡର ନିଗୂଢ଼ ସମ୍ବନ୍ଧ ରହିଛି । କଳ୍ପବଟଠାରୁ ଗୋଟିଏ ସୁପ୍ତଧାର ରୋହିଣୀକୁଣ୍ଡ ଓ ବିମଳାଙ୍କ ପାର୍ଶ୍ୱ ଦେଇ ମାର୍କଣ୍ଡେୟ ପୁଷ୍କରିଣୀକୁ ପଡ଼ିଛି । ରୋହିଣୀ କୁଣ୍ଡରେ ବୁଡ଼ି ଭୁଷଣ୍ଡକାକ ଚତୁର୍ଭୁଜ ହୋଇ ମୁକ୍ତିଲାଭ କରିଥିଲା । ଶଂଖାକୃତି ଏହି କ୍ଷେତ୍ରର ନାଭି ଦେଶରେ କୁଣ୍ଡଟି ବିଦ୍ୟମାନ । ପ୍ରଳୟକାଳରେ ଏହିଠାରୁ ଜଳପ୍ରବାହ ଆରମ୍ଭହୋଇ ବିଶ୍ୱକୁ ପ୍ରଳୟ ଜଳରେ ନିମଗ୍ନ କରିଦିଏ । ଜଗନ୍ନାଥ ଦାସ ଏହି କଳ୍ପବଟ ମୂଳରେ ବସି ଓଡ଼ିଆ ଭାଗବତ ରଚନା କରିଥିଲେ । ରଥଯାତ୍ରା ଶେଷରେ ଶ୍ରୀଜଗନ୍ନାଥ ଯେତେବେଳେ ବଡ଼ ଦେଉଳକୁ ବାହୁଡ଼ନ୍ତି, ପହଣ୍ଡି କରି କୂର୍ମବେଢ଼ା ଭିତରକୁ ପ୍ରବେଶ କଲାବେଳେ ସେ କଳ୍ପବଟ ଆଡ଼କୁ ମୁଖକରି ବିରାଜମାନ କରନ୍ତି ଓ ସେଠାରେ ତାଙ୍କୁ ବନ୍ଦାପନା କରାଯାଏ । ଏହା ତ୍ରିକୁଟ ବନ୍ଦାପନା ନାମରେ ଖ୍ୟାତ । ପୁନଶ୍ଚ ସେ ସାତପାହାଚ ଅତିକ୍ରମକରି ଗରୁଡ଼ସ୍ତମ୍ଭ ନିକଟକୁ ଯିବାବେଳେ ତାଙ୍କର ଦକ୍ଷିଣାମୁଖ ବନ୍ଦାପନା କରାଯାଏ । ଏହି ବନ୍ଦାପନାକୁ 'କଳ୍ପବନ୍ଦାପନା' ବୋଲି କୁହାଯାଏ । ସେତେବେଳେ ମଧ୍ୟ ଶ୍ରୀଜଗନ୍ନାଥ କଳ୍ପବଟ ଆଡ଼କୁ ମୁଖକରି ବିରାଜମାନ କରନ୍ତି ।

କଳ୍ପବଟର ପୂଜାପଦ୍ଧତି ଗୋପନୀୟ । ତେଣୁ ତାହା ସର୍ବସାଧାରଣରେ ପ୍ରକାଶ କରାଯାଏନାହିଁ । ଏହା 'କଳ୍ପପାଦପପୂଜା କାରିକା' ପୋଥିରେ ଅଛି । ଏହିବଟର ପ୍ରାଚୀନତା ସମ୍ବନ୍ଧରେ କାଳ ନିର୍ଣ୍ଣୟ କରିବା ଏକାନ୍ତ ଅସମ୍ଭବ । ବେଦରେ ଏହିବଟକୁ 'ନ୍ୟଗ୍ରୋଧ' ଓ 'ମହାବୃକ୍ଷ'ବୋଲି କୁହାଯାଇଛି । ଏହିବଟ ଦର୍ଶନରେ ରାଜସୂୟ ଓ ଅଶ୍ୱମେଧ ଯଜ୍ଞର ଫଳଲାଭ ହୁଏ । ସମୁଦ୍ରଠାରୁ କଳ୍ପବଟ ପର୍ଯ୍ୟନ୍ତ ସ୍ଥାନର ନାମ 'ଅନ୍ତର୍ବେଦୀ' ଓ ଏହା ଦେବଦେବୀମାନଙ୍କର ବିହାରସ୍ଥଳୀ । ଗୀତାର 'ଊର୍ଦ୍ଧ୍ୱ ମୂଳ ଅଧଃଶାଖା' ବିଶିଷ୍ଟ ଅଶ୍ୱତ୍ଥ ବୃକ୍ଷର ତତ୍ତ୍ୱ ଓ କଳ୍ପବଟ ମୂଳର ତତ୍ତ୍ୱ ମଧ୍ୟରେ ଏତିକି ପାର୍ଥକ୍ୟ ଯେ, ଜୀବଜଗତରୂପକ ଅଶ୍ୱତ୍ଥ ବୃକ୍ଷରମୂଳ ଊର୍ଦ୍ଧ୍ୱଦେଶରେ ଅର୍ଥାତ୍ ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ ସମସ୍ତତତ୍ତ୍ୱର ଊର୍ଦ୍ଧ୍ୱରେ ଏବଂ କଳ୍ପବଟର ମୂଳ ଭୂଗର୍ଭର ଅତି ଗୋପନୀୟ ସ୍ଥାନରେ ଥିବାର ତତ୍ତ୍ୱ ହେଉଛି, ମର୍ତ୍ତ୍ୟ ଲୋକରେ ମାନବ ଯେଉଁ କାମନା, ଇଚ୍ଛା ବା କଳ୍ପନା କରେ, ତାହା ମୂଳରେ ସେହି


ଶ୍ରୀଜଗନ୍ନାଥଙ୍କର ଇଚ୍ଛା ହିଁ ବିଦ୍ୟମାନ । ତେଣୁ ଶ୍ରୀ ଜଗନ୍ନାଥ ଊର୍ଦ୍ଧ୍ୱ, ଅଧଃ ଓ ସର୍ବତ୍ର ବିଦ୍ୟମାନ । ଏଥିପାଇଁ ଆରତ୍ରୀକ ବେଳେ ତାଙ୍କ ସମ୍ମୁଖରେ ପ୍ରଦୀପକୁ ଚତୁର୍ଦ୍ଦଶବାର ବିଧି ଅନୁସାରେ ଉପରତଳ କ୍ରମରେ ବୁଲାଯାଏ । କାରଣ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡକୁ ଏହାଦ୍ୱାରା ଆଲୋକିତ କରାଯାଏ । ପ୍ରତ୍ୟେକ ଦେବଦେବୀଙ୍କ ସମ୍ମୁଖରେ ମଧ୍ୟ ଏହି ନିୟମରେ ଆରତି କରାଯାଏ । ଏହି କଳ୍ପବଟ ହିଁ ଶ୍ରୀ ଜଗନ୍ନାଥଙ୍କର ଶରୀର । ମହା ପ୍ରଳୟ ସଂଘଟିତ ହେଲେ ମଧ୍ୟ ଏ ବଟର ଶାଖା ପ୍ରଭଞ୍ଜନରେ ଆନ୍ଦୋଳିତ ହୁଏନାହିଁ । କାରଣ ଏହି ବୃକ୍ଷର ଶାଖା ଚତୁର୍ଭୁଜ ସ୍ୱରୂପ । ସଂସାର ରୂପକ କଳ୍ପବୃକ୍ଷ ହିଁ ଶ୍ରୀ ଜଗନ୍ନାଥଙ୍କର ଇଚ୍ଛା ବା କଳ୍ପନା ପ୍ରସୂତ । କଳିଯୁଗରେ ଏହି ବୃକ୍ଷର ଆକାର ସତ୍ୟଯୁଗ ଅପେକ୍ଷା ଏତେଛୋଟ ହେବାର ତାତ୍ପର୍ଯ୍ୟ ହେଉଛି, ସତ୍ୟଯୁଗରେ ମନୁଷ୍ୟର ଅଧ୍ୟାତ୍ମ କଳ୍ପନା ସୁଦୂର ପ୍ରସାରୀ ଥିଲା ।, ମାତ୍ର ତାହା ଏ କଳିକାଳକୁ ସଙ୍କୁଚିତ ବା ସୀମିତହୋଇ ଯାଇଛି । ସ୍କନ୍ଦପୁରାଣ, କପିଳ ସଂହିତା, ବାମଦେବ ସଂହିତା, ନୀଳାଦ୍ରି ମହୋଦୟ ଓ ବିଭିନ୍ନ ପୁରାଣାଦିରେ କଳ୍ପବଟର ମହିମା ବର୍ଣ୍ଣନା କରାଯାଇଥିଲେ ମଧ୍ୟ ଏହାର ଗୂଢ଼ତତ୍ତ୍ୱ ମୂଳରେ ଶ୍ରୀ ଜଗନ୍ନାଥ ହିଁ ବିରାଜିତ ।

ଏହି କଳ୍ପବଟ ମୂଳରେ ଯୋଗ ସାଧନା କଲେ ଶିଘ୍ର ସିଦ୍ଧି ଲାଭ ହୁଏ ଓ ଏହାର ଊର୍ଦ୍ଧ୍ୱରେ ବାଳମୁକୁନ୍ଦଙ୍କର ଦର୍ଶନ ମିଳେ । ଏହି କଳ୍ପବଟ ସ୍ୱର୍ଗୀୟ ବଟ । ଏହାର ବୀଜ ବୈକୁଣ୍ଠପୁରରୁ ମର୍ତ୍ତ୍ୟକୁ ଆନୀତ ହୋଇଛି । ଏହାର ଶାଖାରେ ଜୀବ-ପରମ ନାମକ ଦୁଇଟି ପକ୍ଷୀ ଲୀଳା କରନ୍ତି । ମାୟା ମୋହର ଊର୍ଦ୍ଧ୍ୱରେ ଏହି ବଟ ରହିଥିବାରୁ ଏହା ଯୋଜନ ଯୋଜନ ବିସ୍ତାରିତ ହୋଇ ଚତୁର୍ଦ୍ଦଶ ଭୁବନ ପରିବ୍ୟାପ୍ତ । ବେଦ ଚତୁଷ୍ଟୟ ଏହାର ଚାରି ଶାଖା ମୂଳରୁ ଦ୍ୱାଦଶ ପତ୍ର ଧାରଣ କରିଥିବାରୁ ଏହା ଦ୍ୱାଦଶାକ୍ଷର ମନ୍ତ୍ରନ୍ୟାସ ଯୁକ୍ତ । ପଚାଶ ଅକ୍ଷର ବିଶିଷ୍ଟ ଯନ୍ତ୍ରରେ ଏହି ବଟ ବିଦ୍ୟମାନ । ସତ୍ତ୍ୱ, ରଜଃ ଓ ତମୋଗୁଣର ଦ୍ୟୋତକ ଭାବରେ ଏହା କାମନା ପୂରଣକାରୀ ଓ ଚତୁର୍ବର୍ଗ ଫଳ ପ୍ରଦାନକାରୀ । ଏହି କଳ୍ପବଟର ଅବସ୍ଥାର ପରିବର୍ତ୍ତନ ହୁଏ ନାହିଁ, ଅର୍ଥାତ୍ ଏହାର ବାଲ୍ୟାବସ୍ଥା ବା ବୃଦ୍ଧାବସ୍ଥା ନାହିଁ । ଏହା ଏକ ଯୁବାବସ୍ଥାରେ ସଦା ବିରାଜିତ । ଇଚ୍ଛା କଲେ ସେ ନିଜର ଶୀର୍ଷ ଦେଶକୁ ନଭସ୍ପର୍ଶୀ କରିପାରେ ବା ଅତି କ୍ଷୁଦ୍ରକାୟ ହୋଇ ପାରେ । କଳ୍ପ ବୃକ୍ଷର ଗଣ୍ଡି ପବିତ୍ର ଓଁକାର ସ୍ୱରୂପ । ତା ଉପରକୁ ଚତୁର୍ଦ୍ଦିଗ ବ୍ୟାପୀ ଚାରିଟି ଶାଖା ବିଦ୍ୟମାନ । ପ୍ରତିଶାଖା ଏକ ଏକ ବେଦର ପ୍ରତିନିଧିତ୍ୱ କରନ୍ତି । ପୂର୍ବ ଶାଖାରେ ଋଗ୍, ଉତ୍ତର ଶାଖାରେ ସାମ, ଦକ୍ଷିଣ ଶାଖାରେ ଯଜୁ ଓ ପଶ୍ଚିମ ଶାଖାରେ ଅଥର୍ବ ବେଦର ପ୍ରକାଶ । ପ୍ରତିଶାଖାରେ ବାର ପତ୍ର ବାର ତତ୍ତ୍ୱର ନିଗୂଢ଼ ଜ୍ଞାନ ପ୍ରକାଶ କରୁଛନ୍ତି । ଏହିପରି ଚାରିଶାଖାରେ ୪୮ ଟି ପତ୍ର ଓ ଶିଖର ଦେଶରେ ୨ ଟି ପତ୍ର, ସର୍ବମୋଟ ପଚାଶଟି ପତ୍ର ସୁଶୋଭିତ । ଏହି ପଚାଶଟି ପତ୍ର 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୫୦ ବର୍ଣ୍ଣର ପ୍ରତୀକ । ଏହି ୫୦ ବର୍ଣ୍ଣମାଳା ବିଶିଷ୍ଟ ଯନ୍ତ୍ରରେ ସମଗ୍ର ରହସ୍ୟ (ଶବ୍ଦବ୍ରହ୍ମ) ସଂଗୁପ୍ତ । ଏହାର ଗଣ୍ଡିରୁ ବାହାରିଥିବା ତ୍ରିଶାଖା ହେଉଛି ଜ୍ଞାନ, ଭକ୍ତି ଓ କର୍ମର ପ୍ରେରଣା ପ୍ରଦାୟକ । ଏ ତିନି ଶାଖାରେ ୮ଟି କରି ୨୪ ଟି ପତ୍ର ଅଛି । ଏହା ଗାୟତ୍ରୀ ତତ୍ତ୍ୱର ପ୍ରକାଶକ । ତା ଉପରକୁ ଥିବା ଦୁଇଟି ଶାଖା ହେଉଛି, ପରା-ଅପରା ତତ୍ତ୍ୱ । ଏ ଦୁଇ ଶାଖାରେ ଛଅଟି କରି ପତ୍ର ବାରଟି ପତ୍ର ରହିଛି । ତାହା ଦ୍ୱାଦଶ ସୂର୍ଯ୍ୟଙ୍କ ତେଜପୁଞ୍ଜିରେ ଦୀପିମନ୍ତ । ଅଗ୍ରଭାଗରେ ଦୁଇଟି ଶାଖାରେ ଦୁଇଟି ଶୁକପକ୍ଷୀ ବସିଛନ୍ତି । ଏମାନେ ସୁଖ ଓ ଦୁଃଖର ପ୍ରତୀକ । ନାନା ବର୍ଣ୍ଣର ମଣିମୁକ୍ତାରେ ବୃକ୍ଷଟି ବିଭୂଷିତ ହୋଇ ଅଣିମାଦି ଅଷ୍ଟ ସିଦ୍ଧିର ସ୍ମରଣ କରାଉ ଦେଉଛି ।

ପୂର୍ବରୁ କୁହାଯାଇଛି, କଳ୍ପବଟର ତଳ ମୂଳରେ ଶ୍ରୀଜଗନ୍ନାଥ ହିଁ ବିରାଜିତ । ଦେବଦେବୀଗଣ ଏହି ବଟ ଆଶ୍ରିତର ତାତ୍ପର୍ଯ୍ୟ ଅର୍ଥ ହେଉଛି, ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ସମସ୍ତ ଦେବ ଦେବୀ ଆଶ୍ରିତ । ତେଣୁ ମନୁଷ୍ୟ ଏହି ସଂସାର ରୂପକ କଳ୍ପବଟ ମୂଳରେ ଆଶ୍ରୟ କରି ତାହାର ସୁକଳ୍ପନା ଅନୁସାରେ ଭୋଗୈଶ୍ୱର୍ଯ୍ୟ ତଥା ଭୁକ୍ତିମୁକ୍ତି ଆଦି ଲାଭ କରି ପାରୁଛି ଓ ଅପର ପକ୍ଷେ ଦୁଷ୍କଳ୍ପନା ଦୁର୍ବିଭା ଅନୁସାରେ ଏହି ସଂସାରରେ ରହି ନାନାବିଧ ଦୁଃଖ, କଷ୍ଟ, ବିଭୀଷିକା ଓ ନାରକୀୟ ଯନ୍ତ୍ରଣା ଭୋଗ କରି ଶେଷକୁ ଅଧୋଗାମୀ ହେଉଛି । ତେଣୁ ପ୍ରତ୍ୟେକେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତି ରଖି ଦୃଢ଼ ଚିତ୍ତରେ ତାଙ୍କୁ ଆରାଧନା କଲେ ଏ ସଂସାର ସାଗରରୁ ପାରିହୋଇ ପାରିବା ।

ଜୟ ଜଗନ୍ନାଥ

କ୍ୱାଟର ନଂ. IV-3/4
ୟୁନିଟ୍ ନଂ. I
ଭୁବନେଶ୍ୱର





# ଶ୍ରୀଜଗନ୍ନାଥ ଚିକିତ୍ସା ପଦ୍ଧତି...

ଶ୍ରୀ ନାରାୟଣ ସାହୁ

"ଗୁରୁଦେବ ସର୍ବରୋଗ ହାରକ । ତୁମ୍ଭେ ଜ୍ୟୋତିର୍ବିଦ ଶ୍ରେଷ୍ଠ ବୃକ୍ଷ" "ଆହେ ଗୁରୁଦେବ, ମୋ ପୁଅର ଯେଉଁ ଜର ହେଉଛି, ନାକରୁ ପାଣି ବୋହୁଛି, ଦେହ କାଉଳି ହେଉଛି, ଦେହ ଶୀତୁଆ ଶୀତୁଆ ଲାଗୁଛି, ରାତିରେ ନିଦ ହେଉନାହିଁ, ଦାନ୍ତ କିଡ଼ିମିଡ଼ି କରୁଛି, ଲହରେଇ ଲହରେଇ କାଶୁଛି, ଭୋକ ହେଉନାହିଁ, ଅନବରତ ତାଡ଼ି ଛାଡୁନାହିଁ, ଗୁରୁଦେବ ସତ, ଗୁରୁଦେବଙ୍କ ଆଜ୍ଞା ସତ, ଗୁରୁଦେବଙ୍କ ଆଜ୍ଞା ମାନିଲି ମୋ ପୁଅର ଆଜିଠାରୁ ସବୁ ଭଲ ହୋଇ ଯାଉ"—

## ଶ୍ରୀ ଜଗନ୍ନାଥ ଚିକିତ୍ସା


ଏହା ପୁରୀ ପଞ୍ଚକୋଶୀ ଅଞ୍ଚଳରେ ଥିବା ଶ୍ରୀଗୁରୁଦେବ ଗାଦି (ଶ୍ରୀଜଗନ୍ନାଥ–ଚିକିତ୍ସା ପୀଠ) ହୁକୁମ ପ୍ରଣାଳୀର ଏକ ବୋଲି ପ୍ରାର୍ଥନା ବା ବାଣୀ । ଯାବତୀୟ ରୋଗ ପାଇଁ ଯେ କୌଣସି ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ବୋଲି ପ୍ରାର୍ଥନା ବା ବାଣୀର ଆବଶ୍ୟକୀୟ ପଦ ପରିବର୍ତ୍ତନ କରି ଶ୍ରୀଜଗନ୍ନାଥ ବା ଗୁରୁଦେବ ହୁକୁମ ଗ୍ରହଣ କରିବାକୁ ପଡ଼ିଥାଏ । ଏହା ଏକ ପ୍ରକାର ଶ୍ରୀ ଜଗନ୍ନାଥ ଚିକିତ୍ସା ପଦ୍ଧତି । ଶ୍ରୀ ଜଗନ୍ନାଥଙ୍କୁ 'ଗୁରୁଦେବ', ଗାଦିକୁ ଗୁରୁଦେବ, ଗାଦି ହୁକୁମକୁ ଗୁରୁଦେବଙ୍କ ହୁକୁମ ବା ଆଜ୍ଞା କୁହାଯାଏ । ଅନ୍ୟ କଥାରେ ଏହା ଶ୍ରୀ ଜଗନ୍ନାଥ ଚିକିତ୍ସା । କାରଣ ଗାଦିର ଠାକୁର ଶ୍ରୀ ଜଗନ୍ନାଥ ଅଟନ୍ତି । ଏ ଚିକିତ୍ସା ପ୍ରଣାଳୀ ପୁରୀ ପଞ୍ଚକୋଶ, ପ୍ରାଚୀ ଉପତ୍ୟକା, ଭାର୍ଗବୀ ଉପତ୍ୟକା, ଓଡ଼ିଶାର ବିଭିନ୍ନ ସ୍ଥାନ ଓ ଓଡ଼ିଶା ବାହାରେ ପ୍ରଚଳିତ ଥିବା ଜଣାଯାଏ ।

## ସର୍ବରୋଗ ହର ଶ୍ରୀ ଜଗନ୍ନାଥ

ତ୍ରୈତାପ ହରଣଂ କ୍ଷିତୌ ଭବଗୁଣ ତ୍ରୟୀ ଛେଦକମ୍
ଜଗତ୍ତ୍ରୟ ବସତ୍ ସୁରାସୁର ନରେଶ ସଂସେବିତମ୍
ସମୃଦ୍ଧ ଭଣ ବରଣଂ ଖଳନ୍ତଣାଂ ତଦସ୍ଵାଦ୍ଵଶାମ୍
ଭଜେ ବୃଜିନ କାରିଣାଂ ଶିଟିଗିରୌ ସମୂର୍ତ୍ତି ତ୍ରୟମ୍

(ଶ୍ରୀ ଜଗନ୍ନାଥ ଶତକମ୍)

ଶ୍ରୀକ୍ଷେତ୍ର ବିରାଜିତ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାତ୍ରୟ ଜଗତ୍‌ବାସୀଙ୍କ ଭଜନୀୟ, କାରଣ ସେମାନେ ଇହପର ଜନ୍ମ ଜନ୍ମାନ୍ତର ବାହ୍ୟ, ଅନ୍ତଃ, କାୟ, ମନ, ବାକ୍ୟ ସର୍ବରୋଗ ବିନାଶକାରୀ । ପୃଥିବୀର ଆଧ୍ୟାତ୍ମିକ, ଆଧିଦୈବିକ ଓ ଅଧିଭୌତିକ ତାପତ୍ରୟ ନାଶକାରୀ । ସଂସାରର ସତ୍ତ୍ୱ, ରଜଃ, ତମ ଗୁଣ କଳୁଷ ଛେଦନକାରୀ । ଧର୍ମ, ଅର୍ଥ, କାମ, ମୋକ୍ଷର ହେତୁ । ସ୍ୱର୍ଗର ଦେବତା, ମର୍ତ୍ତ୍ୟର ମାନବ ଓ ପାତାଳର ଅସୁରମାନଙ୍କ ଦ୍ୱାରା ସଂପୂଜିତ ଓ ପାପୀମାନଙ୍କର ଉଦ୍ଧାରକ ପତିତପାବନ ଅଟନ୍ତି । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ମହାପ୍ରସାଦ ସେବନରେ ସର୍ବବିଧି ରୋଗ ଶୋକ ଦୂରୀଭୂତ ହେବା କଥା ବିଭିନ୍ନ ଶାସ୍ତ୍ର ପୁରାଣ ସ୍ୱୀକାର କରନ୍ତି ।



## ଜଗ୍ନାଥ ଚିକିତ୍ସା ପ୍ରଣାଳୀ

"ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍"

ଧର୍ମ ରକ୍ଷା ପାଇଁ ସର୍ବ ପ୍ରଥମେ ଶରୀରକୁ ନୀରୋଗ ରଖିବାକୁ ପଡ଼ିବ । ଶରୀରର ଅନ୍ୟନାମ "ରୋଗଭୂ" ବା ରୋଗର ଭୂମି ବା ରୋଗର ଘର । ପ୍ରାୟ ସମସ୍ତଙ୍କୁ ଦେହ ଖରାପର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଶ୍ରୀ ଜଗନ୍ନାଥ ମଧ୍ୟ ଏଥିରୁ ବାଦ୍ ଯାଇ ନାହାନ୍ତି । ବର୍ଷରେ ପନ୍ଦର ଦିନ ବା ଆଷାଢ଼ ମାସର ପ୍ରଥମ ପକ୍ଷ ତାଙ୍କୁ ରୋଗ ଭୋଗ କରିବାକୁ ପଡ଼ିଥାଏ । ଏଣୁ ନିରାମୟ ସାଧନ ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ଶରୀରର ନିରାମୟକରଣ ଓ ଆୟୁବର୍ଦ୍ଧନ ପାଇଁ ପ୍ରାଚୀନ କାଳରୁ "ଆୟୁର୍ବେଦ" ଶାସ୍ତ୍ରର ପ୍ରଣୟନ କରାଯାଇ ଚରକ, ଶୁଶ୍ରୁତାଦି ଋଷିଙ୍କ ଦ୍ୱାରା ଉଦ୍ଭାବିତ ହୋଇଅଛି । ଶରୀର ଓ ମନକୁ ସୁସ୍ଥ ରଖିବାକୁ ଏ ପର୍ଯ୍ୟନ୍ତ ବହୁବିଧ ଚିକିତ୍ସାର ପ୍ରବର୍ତ୍ତନ କ୍ରମଶଃ କରାଯାଇଅଛି । ଯଥା –ଆୟୁର୍ବେଦ ଚିକିତ୍ସା, ପ୍ରାକୃତିକ ଚିକିତ୍ସା, ୟୁନାନି, ହୋମିଓପାଥିକ୍, ଏଲୋପାଥିକ୍ (ଡାକ୍ତରୀ) ତିବେନ, ବାୟୋକେମିକ୍, ଠୁଣୁକା ବା ଟୁଟୁକା, ଚିକିତ୍ସା, ବିଜ୍ଞାନ ଚିକିତ୍ସା, ମହାକାଶ ଚିକିତ୍ସା, ଚୁମ୍ବକ ଚିକିତ୍ସା, ତାପ ଚିକିତ୍ସା, ଆଲୋକ ଚିକିତ୍ସା, ଶବ୍ଦ ଚିକିତ୍ସା (ସଙ୍ଗୀତ ଚିକିତ୍ସାଦି), ବିଦ୍ୟୁତ୍ ଚିକିତ୍ସା, ରଞ୍ଜନ ରଶ୍ମି ଚିକିତ୍ସା, ରଙ୍ଗ ବା ବର୍ଣ୍ଣାଳୀ ଚିକିତ୍ସା (Teleherapy ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଚିକିତ୍ସା, ସମ୍ମୋହନ ଚିକିତ୍ସା, ଜ୍ୟୋତିଷ ଚିକିତ୍ସା (ଗ୍ରହ ପୂଜାଦି) ଓ ଆଧ୍ୟାତ୍ମିକ ଚିକିତ୍ସା ପ୍ରଭୃତି । ଶ୍ରୀ ଜଗନ୍ନାଥ ଚିକିତ୍ସା ପଦ୍ଧତି ଆଧ୍ୟାତ୍ମ ଚିକିତ୍ସାର ଅନ୍ତର୍ଗତ ।

## ଶ୍ରୀ ଜଗନ୍ନାଥ ଚିକିତ୍ସା ଗ୍ରନ୍ଥ

'ଅନୁଭବ ପୁରାଣ' ବା (ଗୁରୁଭଜନ ମହାତ୍ମ୍ୟ) ଶ୍ରୀଜଗନ୍ନାଥ ଚିକିତ୍ସାର ପ୍ରାମାଣିକ ଗ୍ରନ୍ଥ । ଏହାର ପ୍ରଣେତା ଓଁଅପର୍ତ୍ତି ତ୍ରିପାଠୀ ମୌଜା ଅନ୍ତରୋଧ, ଗ୍ରାମ ଦେଉଳକିଆ । ଏହା ସ୍ନ: ୧୩୦୭ ସାଲରେ ଲିଖିତ ଓ ମୁକୁନ୍ଦଦେବଙ୍କ ୨୩ ଅଙ୍କ କୁମ୍ଭ ୪ ଦିନରେ ସମାପ୍ତ । ଗ୍ରନ୍ଥଟି ୧୦୩ ପୃଷ୍ଠା ସମ୍ବଳିତ ବଡ଼ ସାଇଜ ତାଳପତ୍ର ପୋଥି ଓ ୨୨ ଅଧ୍ୟାୟ ବିଶିଷ୍ଟ । ଏହା ଶ୍ରୀ ଜଗନ୍ନାଥ ଚିକିତ୍ସା ଓ ଶ୍ରୀ ଜଗନ୍ନାଥ ଭକ୍ତ କାହାଣୀ ବର୍ଣ୍ଣିତ ଗ୍ରନ୍ଥ । ୨୨ଟି ଅଧ୍ୟାୟର କ୍ରମିକ ବିଷୟବସ୍ତୁ ହେଲା–(୧) କଳିକାଳ ରାଜା ପ୍ରଜାନୀତି (୨) ରଘୁବର ଦାସ, (୩) ଦୁଃଖୀଶ୍ୟାମ ଦାସ (୪) ବାଞ୍ଛ ଦାସ (୫) ଆର୍ତ୍ତଦାସ (୬) ହରି ହୋତା (୭) ବିହାରୀ ହୋତା (୮) ବିକ୍ରମ ଦାସ (୯) ବିଶ୍ୱମ୍ଭର ଦାସ (୧୦) ଶିବ ରଥ (୧୧) ଶିବ ରଥ (୧୨) ରାମ ଦାସ (୧୩) ଚନ୍ଦ୍ରଭଞ୍ଜ (୧୪) ଚମ୍ପାବତୀ - (ଲକ୍ଷ୍ମଣ ଗଣ୍ଡାସ୍ତ୍ରୀ) (୧୫) ଜ୍ଞାନ ଯୋଗ (୧୬ ବଳରାମ ଦାସ (୧୭) ନିରଞ୍ଜନ ଦାସ (୧୮ ଗଉରୀ ବେଶ୍ୟା (୧୯) ମଣି ବେହେରା (୨୦) ଅଦ୍ୱୈତ ଦାସ (୨୧) ଚନ୍ଦ୍ରମଣି (ଗୋବିନ୍ଦ ପାଢ଼ୀ ସ୍ତ୍ରୀ) ଓ (୨୨) ପଦ ମହାନ୍ତି ସମ୍ବାଦ । ଶ୍ରୀ ଜଗନ୍ନାଥ ଚିକିତ୍ସା ବା ଗୁରୁଦେବଙ୍କ ହୁକୁମ ବା ଗୁରୁଦେବଙ୍କ ଆଜ୍ଞା ପ୍ରବର୍ତ୍ତକ ଓଁ ବିକ୍ରମ ଦାସ ତାଙ୍କ ପୁତ୍ର ଓଁ ବିଶ୍ୱମ୍ଭର ଦାସ ଓ ଶିଷ୍ୟ ଓଁ ଶିବରଥଙ୍କ ଚରିତ ୮ମ ଅଧ୍ୟାୟରୁ ୧୧ଶ ଅଧ୍ୟାୟ ମଧ୍ୟରେ ବର୍ଣ୍ଣିତ । ଗ୍ରନ୍ଥଟି ନବାକ୍ଷରୀ ଭାଗବତୀ ବୃତ୍ତରେ ରଚିତ । ୨୨ ଅଧ୍ୟାୟ ବିଶିଷ୍ଟ ଗ୍ରନ୍ଥଟି ୨,୪୧୭ ନବାକ୍ଷରୀ ପଦ ବିଶିଷ୍ଟ ଅଟେ ।

ଗ୍ରନ୍ଥାରମ୍ଭ ଲେଖା :–

"ଜୟ ଗୋବିନ୍ଦ ଜଗନ୍ନାଥ । ତୁ ଅଟୁ ପ୍ରାଣୀ ପକ୍ଷହିତ ॥
ତୁମ୍ଭ ସଦୟ ଯେବେ ହୁଅ । ପ୍ରାଣୀ ସଂସାରୁ ତରିଯାଏ ॥

(ଅନୁଭବ ପୁରାଣ–ଅ.୧-ପଦ ୧/୧)

ଏହା ଅନୁଭୂତ ଚିକିତ୍ସା ଯୋଗୁଁ ଗ୍ରନ୍ଥର ନାମ ଅନୁଭବ ପୁରାଣ ।

## ଶ୍ରୀ ଜଗନ୍ନାଥ ଚିକିତ୍ସାର ଇତିବୃତ୍ତି


ପୁରୀ ଜିଲ୍ଲା ଖୋର୍ଦ୍ଧା ନିକଟସ୍ଥ କୋଟପଲ୍ଲି ଗ୍ରାମନିବାସୀ ଓଁବିକ୍ରମ ଦାସ

(କ) ଶ୍ରୀ ଜଗନ୍ନାଥ ଚିକିତ୍ସା ବା ଗୁରୁଦେବଙ୍କ ଆଜ୍ଞା ବା ଗୁରୁଦେବଙ୍କ ହୁକୁମର ପ୍ରଥମ ପ୍ରବର୍ତ୍ତକ ।

ଖୋରଧା ମଧ୍ୟେ ତାଙ୍କ ଘର । କୋଟପଲ୍ଲି ଗ୍ରାମ ପ୍ରସ୍ଥର
ଗ୍ରିଭ୍ରାତେ ଅଗ୍ର ମଧ୍ୟମ । ବିକ୍ରମ ଦାସ ତାଙ୍କ ନାମ

(ଅନୁଭବ ପୁରାଣ–୮ମ ଅ.–ପଦ ୩/୪)

ଏ ଚିକିତ୍ସା ପ୍ରଣାଳୀ କେବେ ଆରମ୍ଭ ହେଲା ତା'ର ସମୟ ପୋଥିରେ ଉଲ୍ଲେଖ ନାହିଁ । ଓଁ ଅପର୍ତ୍ତି ତ୍ରିପାଠୀ ଆଜକୁ ୮୪ ବର୍ଷ ତଳେ (ସ୍ନ. ୧୩୯୧–୧୩୦୭=୮୪) ଏ ଗ୍ରନ୍ଥ ଲେଖା ଶେଷ କରିଥିଲେ । ତାଙ୍କ ପୂର୍ବବର୍ତ୍ତୀ ବ୍ୟକ୍ତି ଭକ୍ତଙ୍କ ଗାଥାରେ ଅନୁଭବ ପୁରାଣ ବର୍ଣ୍ଣିତ । ଏଣୁ ଆଜକୁ ପ୍ରାୟ ୧୦୦ ରୁ ୪୦୦ ବର୍ଷ ପୂର୍ବେ ବିକ୍ରମ ଦାସ ଏ ଚିକିତ୍ସା ଆରମ୍ଭ କରିଥିବା ଅନୁମେୟ । ଶ୍ରୀ ଚୈତନ୍ୟ ପଞ୍ଚସଖା ଓଡ଼ିଆ ଭାଗବତ ପ୍ରଣେତା ଓଁ ଜଗନ୍ନାଥ ଦାସ (ଖ୍ରୀ: ୧୪୮୬ । ୯୦–୧୫୪୭) ଓଡ଼ିଶା ଓ ଓଡ଼ିଶା ବାହାର ପୁରପଲ୍ଲୀରେ ଅସଂଖ୍ୟ ଭାଗବତ ଗାଦି ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ତନ୍ମଧ୍ୟରୁ କେତେକ ଗାଦି ଗୁରୁଦେବ ଗାଦିରେ ରୂପାନ୍ତରିତ ହେବା ମନେ ହୁଏ । କାରଣ ଯେଉଁ ବାସୁଦେବ ମନ୍ତ୍ରରେ ଭାଗବତ ଗାଦି ପୂଜା ହେଉଥିଲା, ସେହି ବାସୁଦେବ ମନ୍ତ୍ରରେ ଗୁରୁଦେବ ଗାଦି ମଧ୍ୟ ପୂଜା କରାଯାଉଥିଲା –"ବାସୁଦେବ ମନ୍ତ୍ରାନୁଷ୍ଠାନ" ତେଣୁ ଭାଗବତ ଆଧ୍ୟାନ", (ଅନୁଭବ ପୁରାଣ ୮ମ ଅଧ୍ୟାୟ ୬ପଦ) । ବାସୁଦେବ ମନ୍ତ୍ରରେ ପୂଜିତ ଭାଗବତ ଗାଦିରେ ଶ୍ରୀଜଗନ୍ନାଥ ମୂର୍ତ୍ତି



ସ୍ଥାନରି ଶ୍ରୀଜଗନ୍ନାଥ ଚିକିତ୍ସା ପ୍ରଚଳନ କରାଯାଇଥିବା ଜଣାଯାଏ । ୰ବିକ୍ରମ ଦାସ ଓଡ଼ିଶା ଓ ଓଡ଼ିଶା ବାହାରେ ପ୍ରାୟ ସାତହଜାର ଗୁରୁଦେବ ଗାଦି ସ୍ଥାପନ କରି ସମାଜର ନିରାମୟ ସାଧନ କରୁଥିଲେ ।

"ଏମନ୍ତ ଦେଶେ ତାଙ୍କ ଗାଦି । ଗୁରୁଦେବ ନାମ ପ୍ରସଙ୍ଗ ୯
ଶିଷ୍ୟର ନାମ କେ ଜାଣଇ । ଅସୀମ ନାମ ତେଣୁ କହି ୧୦
ପୂର୍ବ, ଦକ୍ଷିଣ ଉତ୍ତରରେ । ଗାଦି ଯେ ସପତ ହଜାରେ ୧୧

× × ×

ଏପରି ଲକ୍ଷଲକ୍ଷ ରୋଗୀ । ଆସିଣ ହୁଅନ୍ତି ଆରୋଗୀ—୨୨

(ଅନୁଭବ ପୁରାଣ ୮ମ ଅଧ୍ୟାୟ ପଦ ୯, ୧୦, ୧୧, ୨୨)

(ଖ) ୰ବିଶ୍ୱମ୍ଭର ଦାସ ୰ ବିକ୍ରମ ଦାସଙ୍କ ପୁତ୍ର । ସେ ପାଠ ନପଢ଼ି ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ଦୟାରୁ ପାଣ୍ଡିତ୍ୟ ଅର୍ଜନ କରି ଏ ଚିକିତ୍ସାର ପ୍ରଚାର କରିଥିଲେ ।

"ସେହି ବିକ୍ରମ ଦାସଙ୍କର । ପୁତ୍ର ଅଟନ୍ତି ବିଶ୍ୱମ୍ଭର । ୨
ପାଠ ପଠନ କ୍ଷମ ନାହିଁ । ସକଳ ଶାସ୍ତ୍ର କଣ୍ଠେ ଥାଇ" । ୩

(ଅନୁଭବ ପୁରାଣ ୯ମ ଅଧ୍ୟାୟ ପଦ ୨,୩)

(ଗ) ୰ଶିବରଥ (ଶାଳଜଙ୍ଗ)୰ବିକ୍ରମ ଦାସଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଶ୍ରୀ ଜଗନ୍ନାଥ ଚିକିତ୍ସା ପ୍ରାଚୀ ଉପତ୍ୟକାରେ ପ୍ରଚାର କରିଥିଲେ ।

ପ୍ରଗଣା କୋଠଦେଶେ ଜାଣ । ଶାଳଜଙ୍ଗ ନାମ ଗ୍ରାମେଣ । ୯
ଜାତିରେ ଅଟନ୍ତି ବ୍ରାହ୍ମଣ । ନାମ ଯେ ଶିବରଥ ଜାଣ । ୧୦
ପୁତ୍ର ଗୋପାଳକୁ ଡକାଇ । ଗୃହ ଜଞ୍ଜାଳ ତାକୁ ଦେଇ । ୮୩

× × ×

(ଅନୁଭବ ପୁରାଣ ୧୦ମ ଅଧ୍ୟାୟ)

ପୂର୍ବସ୍ଥ ଦେଉଳ ନିର୍ମାଣ । ଗାଦି ସ୍ଥାପନେ ତାଙ୍କ ମନ । ୧୨
ଏ ଯେଣି ଗୁରୁଙ୍କ ଅଗ୍ରତି । କହିଲେ ଗାଦିର ନିମିତ୍ତ । ୧୩
ଗୁରୁଙ୍କ ଅନୁଗ୍ରହ ଯେଣୁ । ବାଞ୍ଛା ସଂପୂର୍ଣ୍ଣ ହେଲା ତେଣୁ । ୧୦୮

(ଅନୁଭବ ପୁରାଣ ୧୧ ଅଧ୍ୟାୟ)

ଶ୍ରୀ ଜଗନ୍ନାଥ ଚିକିତ୍ସା ୰ ବିକ୍ରମ ଦାସଙ୍କ (୮ମ ଅଧ୍ୟାୟ) ଦ୍ୱାରା ଆରମ୍ଭ ହୋଇ ୰ ବିଶ୍ୱମ୍ଭର ଦାସ (୯ମ ଅଧ୍ୟାୟ) ଓ ୰ ଶିବରଥ (୧୦ମ ଓ ୧୧ଶ ଅଧ୍ୟାୟ)ଙ୍କ ଦ୍ୱାରା ଓଡ଼ିଶା, ପ୍ରାଚୀ କୂଳ, ଭାର୍ଗବୀ କୂଳ ତଥା ଓଡ଼ିଶା ବାହାରେ ପ୍ରଚାରିତ ହୋଇ ପ୍ରସାର ଲାଭ କରିଥିଲା ।

ଶ୍ରୀଜଗନ୍ନାଥ ଚିକିତ୍ସାର ପ୍ରସାର—

ବିଶ୍ୱର ଇଜିପ୍ଟ, ରୋମ, ଗ୍ରୀସ, ହରପ୍ପା, ମହେଞ୍ଜୋଦାରୋ ପରି ପ୍ରାଚୀ ଉପତ୍ୟକା ଏକ ପ୍ରାଚୀନ ଐତିହ୍ୟପୂର୍ଣ୍ଣ ଅଞ୍ଚଳ ।

(କ) ପ୍ରାଚୀ ଉପତ୍ୟକା — ପ୍ରାଚୀ ତୀର ବହୁ ତୀର୍ଥ ଓ ମୁନି ଋଷି ଆଶ୍ରମରେ ଭରପୂର । ଏଠି ସୌର ଚିକିତ୍ସା (ଅର୍କ କ୍ଷେତ୍ର), ପ୍ରାକୃତିକ ଚିକିତ୍ସା, ଆୟୁର୍ବେଦ ଚିକିତ୍ସା, ଆଧ୍ୟାତ୍ମିକ ଚିକିତ୍ସାଦି ପ୍ରଚଳିତ ଥିଲା । ଶାଳଜଙ୍ଗ ଶିବ ରଥଙ୍କ ଦ୍ୱାରା ପ୍ରାଚୀ ଉପତ୍ୟକାରେ ଶ୍ରୀ ଜଗନ୍ନାଥ ଚିକିତ୍ସା (ଗୁରୁଦେବଙ୍କ ଆଜ୍ଞା) ପ୍ରଚାର ଆରମ୍ଭ ହୋଇଥିବା ଅନୁଭବ ପୁରାଣ ବର୍ଣ୍ଣିତ । ବର୍ତ୍ତମାନ ପ୍ରାଚୀ ତୀରରେ ଶାଳଜଙ୍ଗ ଚହଟା (ଚୌରାଶି/ବଢେଶ୍ୱର) ଚଣାହାଟ, ଶିଆଳିପଡ଼ା ଭୋଗଶାଳଢ଼ା, ନିମାପଡ଼ା, ପୋଦନା, ରଥ ପୁରୁଷୋତ୍ତମପୁର ଆଦି ସ୍ଥାନରେ ଗୁରୁଦେବ ଗାଦିରେ ଏବେ ବି ଶ୍ରୀ ଜଗନ୍ନାଥ ଚିକିତ୍ସା ପ୍ରଚଳିତ ।

ଭାର୍ଗବୀ ଉପତ୍ୟକାର ଚନ୍ଦନପୁର, ବେଳପଡ଼ା, ସତ୍ୟବାଦୀ ଆଦିରେ ଏ ଚିକିତ୍ସା ପ୍ରଚଳିତ ।

(ଖ) ଓଡ଼ିଶା —

" ପୂର୍ବ ଦକ୍ଷିଣ ଓ ଉତ୍ତରରେ । ଗାଦି ଯେ ସପତ ହଜାରେ ॥

( ଅନୁଭବ ପୁରାଣ )

ପୂର୍ବ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ହଜାର ହଜାର ଗୁରୁଦେବ ଗାଦି ସ୍ଥାପିତ ହୋଇଥିଲା । ଓଡ଼ିଶାର ଖୋର୍ଦ୍ଧା, କୋଟପଲ୍ଲୀ, ବାଣପୁର, ରଣପୁର, ପୁରୀ ଚନ୍ଦନପୁର, ସତ୍ୟବାଦୀ ବେଳପଡ଼ା, ବାରଙ୍ଗ, ଗଞ୍ଜାମ ପ୍ରାଚୀତୀର ପ୍ରଭୃତି ବହୁ ଅଞ୍ଚଳରେ ଗୁରୁଦେବ ଗାଦି ସ୍ଥାପିତ ହୋଇ ଶ୍ରୀ ଜଗନ୍ନାଥ ଚିକିତ୍ସା ପ୍ରସାର ଲାଭ କରିଥିବା ଜଣାଯାଏ ।

(ଗ) ଓଡ଼ିଶା ବାହାରେ — ବଙ୍ଗ ଦେଶରେ ଏ ଚିକିତ୍ସା ପ୍ରସାର ଲାଭ କରିଥିବା ଜଣାଯାଏ ।

(୭) ଶ୍ରୀଜଗନ୍ନାଥ ଚିକିତ୍ସା ପ୍ରଣାଳୀ—

ଗୁରୁଦେବଙ୍କ ଗାଦିରେ ପ୍ରଚଳିତ ଶ୍ରୀ ଜଗନ୍ନାଥ ଚିକିତ୍ସାରେ 'ବିଶ୍ୱାସ ହିଁ ମୂଳକଥା' । ଏଥିରେ କୌଣସି ମନ୍ତ୍ର ମହୌଷଧିର ବ୍ୟବସ୍ଥା ନାହିଁ । ଗୁରୁଦେବ ଗାଦି ପୂଜକ କେବଳ ଗୁରୁଦେବ ବା ଶ୍ରୀଜଗନ୍ନାଥଙ୍କ ପାଦୁକ ଜଳ ତୁଳସୀ, ଫୁଲ ବେଲପତ୍ର ଆଦି ଦେଇ ରୋଗ ଆରୋଗ୍ୟ ପାଇଁ ନିର୍ଦ୍ଦେଶ ଦିଅନ୍ତି ।

" ବିଶ୍ୱାସ ଅଟେ ମୂଳପଦ । ଏଥେ ନାହିଁ ମନ୍ତ୍ର ଔଷଧ ॥

(ଔଷଧ—ଅନୁଭବ ପୁରାଣ ୧୧ଶ ଅଧ୍ୟାୟ ପଦ ୧୧୧)

ଶ୍ରୀଜଗନ୍ନାଥଙ୍କଠାରେ ବିଶ୍ୱାସ ରଖିଥିଲେ ସବୁ ରୋଗ ଦୂରହୁଏ । ବିଶ୍ୱାସ ବ୍ୟତୀତ ସଂସାରରେ ସବୁ କିଛି ଅସମ୍ଭବ ମନେ ହୁଏ ।

ବିଶ୍ୱାସ କଲ କର୍ମ ଯେତେ । ଫଳ ନ ଫଳେ କଦାଚିତେ ।
( ଦାର୍ଢ୍ୟତାଭକ୍ତି )

ଚନ୍ଦନପୁରରେ ଦୈନିକ ସକାଳ ଓ ସନ୍ଧ୍ୟାରେ, ଚହଟାରେ ଶନି ଓ ରବିବାର ହୁକୁମ ଦିଆଯାଏ । ଏ ଚିକିତ୍ସା ବିଶ୍ୱାସମୂଳକ । ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ ସହଜ ଓ ସରଳ । ଜ୍ୱର ହେଲେ ଡାକ୍ତରମାନେ ଭାତ, ପଖାଳ ନଖାଇ ଶାଗୁ ବାର୍ଲି ଖାଇବାକୁ ଓ ଦହି ପଖାଳ ଖାଇବାକୁ କହନ୍ତି । ସକାଳୁ ଦାନ୍ତଘଷି ହୁକୁମ ଖାଇବା ପରେ ଗାଧୋଇ ଦହି ପଖାଳ ଖାଇବା ସବୁ ରୋଗ ପାଇଁ ଏକ ସାଧାରଣ ବିଧି । ଦୁଃସାଧ୍ୟ ଜ୍ୱର, କାଶ, କୁଷ୍ଠ, ଯକ୍ଷ୍ମା, ବାତଜ୍ୱର ଆଦି ରୋଗମାନ ବିଶ୍ୱାସ ବଳରେ ଏ ପ୍ରଣାଳୀରେ ଭଲ ହେଉଥିବା ଦେଖାଯାଏ । ଡାକ୍ତରଖାନାରୁ ନିରାଶ ରୋଗୀ ଏଠାରେ ଭଲ ହେବା ଦେଖାଯାଏ । ଖାଲି ପାଦୁକରେ ରୋଗ କମିଯାଏ । ଲେଖକ ଜଣେ ଅନୁଭବୀ । ପରବର୍ତ୍ତୀ କାଳରେ କେତେକ ପୂଜକ ହୁକୁମ ସହ ଦୁଣୁକା ବ୍ୟବସ୍ଥା ଯୋଗ କରିଥିବା ଜଣାଯାଏ । ଯଥା — ଜ୍ୱରପାଇଁ କୋଇଲିଖିଆ ପତ୍ର ରସ ମହୁ ସହ, କାଶପାଇଁ ବାସଙ୍ଗ ପତ୍ର ରସ ମହୁ, ଲହଡି କାଶପାଇଁ ଖଡ଼ିକିଳୁ ପତ୍ର କ୍ଷୀର ସହ ଅନ୍ୟାନ୍ୟ ରୋଗ ପାଇଁ ଅଲଗା ଅଲଗା ଅନୁପାତ ଓ ଆନୁସଙ୍ଗିକ ବ୍ୟବସ୍ଥା ବଢ଼ାଯାଇ ଯେ କେହି ଚନ୍ଦନପୁର, ଖାଲକଙ୍ଗ ଚହଟା ଆଦି ସ୍ଥାନରେ ଏ ଚିକିତ୍ସା ପ୍ରଚଳନରେ ପ୍ରମାଣ ପାଇ ପାରିବେ ଓ ଚିକିତ୍ସା ସୁଯୋଗ ମଧ୍ୟ ଲାଭ କରି ପାରିବେ । ବିଜ୍ଞାନ ଯୁଗରେ ମଧ୍ୟ ଏ ପ୍ରକାର ବିଶ୍ୱାସ ଚିକିତ୍ସାର ଚାହିଦା ରହିଛି ।

ଜନ୍ମ ଜନ୍ମାନ୍ତର ରୋଗ ଶୋକାଦି ମୋଚନ ଯେଉଁ ଜଗତ୍‌କର୍ତ୍ତା ଜଗତ୍‌ନାଥଙ୍କ କୃପାରୁ ସମ୍ଭବ ହୋଇଥାଏ, ଆଜି ତାଙ୍କର ଶ୍ରୀଜଗନ୍ନାଥ ଚିକିତ୍ସା ପ୍ରଣାଳୀ ଦ୍ୱାରା ସମାଜରେ ନିରାମୟ ସାଧିତ ହେଉ । ଜୀବ ଜଗତ ସୁସ୍ଥ ରହି ତାଙ୍କରି ନାମ ସ୍ମରଣରେ ନିଜକୁ ଅହରହ ବ୍ୟସ୍ତ ରଖି ପରମ ଶାନ୍ତି ଲାଭ କରନ୍ତୁ, ଏତିକି ତାଙ୍କ ପାଖରେ ସଦା ପ୍ରାର୍ଥନା ।


## ଶ୍ରୀ ଜଗନ୍ନାଥ ଚିକିତ୍ସା

ନମଇଁ ପ୍ରଭୁ ଜଗନ୍ନାଥ । (ସର୍ବ) ରୋଗ ଯେ ହେଉ ଦୂରିଭୂତ ।
ବ୍ୟାଧି ଯେ ଇହ ପରଜନ୍ମ । ଜନ୍ମ ଜନ୍ମାନ୍ତର ଚରମ ॥
ବାହ୍ୟ ଅନ୍ତର ଯେତେ ରୋଗ । କାୟ ମନ ବାକ୍ୟ ବିଭାଗ ।
ଆଧ୍ୟାତ୍ମିକ, ଆଧି ଦୈବିକ । ତାପତ୍ରୟ ଆଧି ଭୌତିକ ॥
ସତ୍ତ୍ୱ ରଜ ଯେ ତମ ଗୁଣ । କଲୁଷ ଛେଦ କର ଗୁଣ ।୫ ।
ଧର୍ମ ଅର୍ଥ ଯେ କାମ ମୋକ୍ଷ । ତୁମ୍ଭ ଦୟାରେ ପୁରେ ଲକ୍ଷ ॥
ରୋଗ ଚୌଷଠି ମୁଖ୍ୟ ଜାଣ । ମାଧବଙ୍କର ନିଦାନେଣ ।
ଯୁଗାନୁଯାୟୀ ନୂଆ ରୋଗ । ସକଳ ତହିଁରେ ବିଭାଗ ॥
ଅଜୀର୍ଣ୍ଣ ଅର୍ଶ ଅତିସାର । ଅଳସକ ଯେ ଅପସ୍ମାର ॥
ଅରୁଚି (ଅରୋଚକ) ଅପଚୀ । ଅର୍ବୁଦ ଅସ୍ଥି (ଭଗ୍ନ) ଯେ ଅମ୍ଳପିତ୍ତ ॥
ଉପଦଂଶ ଯେ ଉରଃ କ୍ଷତ । ଉଦର ଆବର ଉନ୍ମାଦ ॥
କାଶ, କାମଳ, କର୍ଣ୍ଣରୋଗ । କୁଷ୍ଠ କୃମି ଯେ ଗଳଗଣ୍ଡ ।
ଗ୍ରନ୍ଥି, ଗ୍ରହଣୀ, ଗୁଳ୍ମରୋଗ । ଚର୍ମ ରୋଗ ଯେ ଚକ୍ଷୁରୋଗ ॥
ଜ୍ୱର ଯେ ତୃଷା ନାସା (ରୋଗ) ଦାହ । ପାଣ୍ଡୁ ପାଚେ୍ୟାୟ ପ୍ରମେହ ॥
ବାତି ବ୍ୟାଧି ଯେ ବିସୂଚିକା । ବାତ ରକ୍ତ ଯେ ବିଳମ୍ବିକା । ୧୫।
ବୃଦ୍ଧି, ବିଦ୍ରଧି, ବ୍ରଣରୋଗ । ବ୍ରଣ—ଶୋଥଯେ ବିଷ ରୋଗ ।
ବିସର୍ପ ମେଦ ଭଗନ୍ଦର । ମୂର୍ଚ୍ଛା ମୁଖ (ରୋଗ) ଯେ ମୂତ୍ର କୃଚ୍ଛ୍ର ।
ରାଜଯକ୍ଷ୍ମା ଯେ ରକ୍ତପିତ୍ତ । ଶ୍ୱାସ ଶୂଳ ଶୁକ୍ରଦୋଷ ଶୋଥ
ଶୀତପିତ୍ତ ଦଦ୍ଦୋ କୋଠ । ଶ୍ଲୀପଦ, ଶିରଃ (ରୋଗ), ଶିଶୁରୋଗ
ହୀରୋଗ, ସର୍ଦ୍ଦି, ସ୍ୱରଭେଦ । ହିକ୍କା, ହାଳିମକ, କ୍ଷୁଦ୍ର (ରୋଗ)
ହୃଦ (ରୋଗ) ୨୦ ।

ବିଶ୍ୱରେ ଥିବେ ଯେତେ ପ୍ରାଣୀ । ସଭିଏଁ ତୁମ୍ଭ ନାମ ଘୁଣି ।
ପ୍ରାର୍ଥନା ଜଗତର ନାଥ । (ତବ) ପାଦୁକେ କର ରୋଗମୁକ୍ତ ।
ହୁକୁମ ଯଦି ନୁହେଁ କାହୁଁ । ନିର୍ମାଲ୍ୟ ସେବି ରୋଗ ଯାଉ ।
ନିର୍ମାଲ୍ୟ ନଥିଲେ ବିଶ୍ୱାସ । ସକଳ ରୋଗ କର ନାଶ ।
ଭକ୍ତର ଯେନ ପ୍ରଣିପାତ । କରଯେ ସମସ୍ତଙ୍କୁ ସୁସ୍ଥ ।
ମନଟି ଜନ୍ମେ ଜନ୍ମେ ଥାଉ । ଜଗା ଭଜିଣ ଦିନଯାଉ । ୨୧।

ସହାୟକ ଗ୍ରନ୍ଥାଦି—ଅନୁଭବ ପୁରାଣ, ମାଧବଙ୍କର ନିଦାନ, ବିଭିନ୍ନ ଚିକିତ୍ସା ଗ୍ରନ୍ଥ, ଶ୍ରୀ ଜଗନ୍ନାଥ ଶତକମ୍, ଦାର୍ଢ୍ୟତାଭକ୍ତି, ଭାଗବତ, ପ୍ରାଚୀନ ଇତିହାସ ଗ୍ରନ୍ଥାଦି, ଜନଶ୍ରୁତି, ସ୍ଥାନୀୟ ପରଂପରା ଧାରା, ଶ୍ରୀ ଚୈତନ୍ୟ ପଞ୍ଚସଖା ରଚନାବଳୀ ଇତ୍ୟାଦି ।

ଶ୍ରୀ ମନ୍ଦିର ଭ୍ରମର ସେବକ, ଝାଞ୍ଜପିଟା ମଠ, ପୁରୀ



# ଜାତୀୟ ପୁଷ୍ଟିକରଣରେ ଗୟା ଆଳୁର ଭୂମିକା



ଡ଼କ୍ଟର ସତ୍ୟଶାରୀ ରଥ
ଶ୍ରୀ ଅଜୟ୍ କୁମାର୍ ପଟ୍ଟନାୟକ


ଗୟା ଆଳୁ ଏକ କନ୍ଦ ଜାତୀୟ ଫସଲ । ପୃଥିବୀର ପ୍ରାୟ ୮୦ଟି ଦେଶରେ ଏହା ଚାଷ କରାଯାଏ । ସେଥିମଧ୍ୟରୁ ବ୍ରାଜିଲ, ଜାଇରେ ନାଇଜେରିଆ ଏବଂ ଇଣ୍ଡୋନେସିଆ ଆୟତନ ଓ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ଚାରୋଟି ସ୍ଥାନ ଅଧିକାର କରିଛି । ଭାରତରେ କେରଳ, ତାମିଲନାଡୁ, କର୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଏହା ବହୁଳ ଭାବରେ ଚାଷ କରାଯାଏ । ବର୍ତ୍ତମାନ ଓଡିଶାର ଆଦିବାସୀ ଅଧ୍ୟୁଷିତ ଫୁଲବାଣୀ ଜିଲ୍ଲାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ବ୍ୟାପକ ଭାବରେ ଗୟା ଆଳୁ ଚାଷ କରାଯାଉଅଛି । ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡିର କେତେକ ସ୍ଥାନରେ ମଧ୍ୟ ଏହା ଚାଷ କରାଯାଉଛି ।

ଗୟା ଆଳୁରେ ଶ୍ୱେତସାର ଏବଂ ଖଣିଜସାର ବହୁଳ ପରିମାଣରେ ମିଳିଥାଏ । ସଦ୍ୟ ଖୋଳାଯାଇ ଥିବା ଗୟା ଆଳୁ କନ୍ଦାରେ ନିମ୍ନଲିଖିତ ବିଭିନ୍ନ ପଦାର୍ଥ ଥାଏ ।

| | | | |
|---|---|---|---|
| ଜଳୀୟ ପଦାର୍ଥ | .. | ଶତକଡ଼ା | ୫୯.୪ ଭାଗ |
| ପ୍ରୋଟିନ୍ | .. | ଶତକଡ଼ା | ୦.୭ ଭାଗ |
| ସ୍ନେହସାର | .. | ଶତକଡ଼ା | ୦.୨ ଭାଗ |
| ତନ୍ତୁ ଜାତୀୟ ପଦାର୍ଥ | .. | ଶତକଡ଼ା | ୦.୬ ଭାଗ |
| ଶ୍ୱେତସାର | .. | ଶତକଡ଼ା | ୩୮.୧ ଭାଗ |
| କ୍ଷାରୀୟ ପଦାର୍ଥ (Ash) | .. | ଶତକଡ଼ା | ୧.୦ ଭାଗ |
| ଫସ୍‌ଫସ୍‌ର | .. | | ୪୦ ମି. ଗ୍ରା |
| ଚୂନ | .. | | ୫୦ ମି. ଗ୍ରା. |
| ଲୌହ | .. | | ୦.୯ ମି. ଗ୍ରା. |
| ଥାୟାମିନ | .. | | ୦.୦୫ ମି. ଗ୍ରା. |
| ଭିଟାମିନ 'ସି' | .. | | ୨୫ ମି. ଗ୍ରା. |

୧୦୦ ଗ୍ରାମ ଗୟା ଆଳୁ ୧୫୭ କ୍ୟାଲୋରି ଶକ୍ତି ଦେଇଥାଏ ।

ସଦ୍ୟ ଗୟା ଆଳୁ କନ୍ଦା ବିଭିନ୍ନ ପ୍ରକାରରେ ବ୍ୟବହାର କରାଯାଇପାରେ । ସେପାକୁ ଛଡ଼ାଇ ସିଝାଇ ସାରିଲାପରେ ଏହାକୁ ଭଜା, ତରକାରୀ ଏବଂ ଉପମା, ପୋଙ୍ଗଲ, ପୁରିଆ, କଟ୍‌ଲେଟ୍, ହାଲୁଆ, ଟଫି ପ୍ରଭୃତି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଭାବରେ ପ୍ରସ୍ତୁତ କରାଯାଏ । ଗୟାଆଳୁର ଚିପ୍‌ସ୍ ଏବଂ ଅଟା ପ୍ରଭୃତି ପ୍ରସ୍ତୁତ କରି ରଖିଲେ ଏହାର ଗୁଣାତ୍ମକ ମୂଲ୍ୟ ନଷ୍ଟ ନ ହୋଇ ବହୁତ ଦିନ ପର୍ଯ୍ୟନ୍ତ ଭାଇତି ରହିବୁଏ । ଗୟା ଆଳୁ ପତ୍ରକୁ ସିଝାଇ, ପାଣି ପକାଇ ଦେଇ ଏହାର ସିଝା ପତ୍ରକୁ ନିରାପଦରେ ଶାଗ ଭାବରେ ବ୍ୟବହାର କରାଯାଇ ପାରେ । ଗୟା ଆଳୁ ଅଧିକ ପୁଷ୍ଟିକର ହୋଇଥିବାରୁ, ନାଇଜେରିଆର ଲୋକମାନେ କହନ୍ତି ଯେ ସେମାନେ ଗୟା ଆଳୁ ପତ୍ରରୁ ମାଂସ ଏବଂ କନ୍ଦାରୁ ରୁଟି ପାଆନ୍ତି । ଏହାର ପତ୍ରରେ ଶତକଡ଼ା ୮ ଭାଗ ପ୍ରୋଟିନ, ଶତକଡ଼ା ୧.୭ ଭାଗ ଚର୍ବି ଏବଂ କିଛି ପରିମାଣରେ ଆସ୍‌କରବିକ୍ ଏସିଡ୍, ଥାୟାମିନ୍ ଏବଂ ଖଣିଜସାର ଥାଏ ।



ଗୟା ଆଳୁକୁ ଯେ କେବଳ ମନୁଷ୍ୟ ଖାଦ୍ୟ ରୂପେ ବ୍ୟବହାର କରାଯାଏ ତାହାନୁହେଁ, ଏହାକୁ ମଧ୍ୟ ପଶୁ ଏବଂ କୁକୁଡ଼ାଙ୍କର ପ୍ରଧାନ ଖାଦ୍ୟ ରୂପେ ବ୍ୟବହାର କରାଯାଏ । ଏହା ପଶୁ ଏବଂ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବାରୁ, ଖାଦ୍ୟ ସଙ୍କଟ ସମୟରେ ଗୋଖାଦ୍ୟରେ ବ୍ୟବହୃତ ଶସ୍ୟ ମନୁଷ୍ୟପାଇଁ ଦରକାରରେ ଆସିପାରେ । ଗୟା ଆଳୁକୁ ପଶୁ ଖାଦ୍ୟରେ ବ୍ୟବହାର ପାଇଁ କର୍ଣ୍ଣାଲର ଜାତୀୟ ପଶୁ ଗବେଷଣା ପରିଷଦ ଓ ପଶୁ ବିଭାଗ ବିଭିନ୍ନ ପଦ୍ଧତି ବାହାର କରିଛନ୍ତି ।

ଗୟା ଆଳୁର ପତ୍ର " ସାଇଲେଜ୍ " ଭାବରେ ପଶୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ । ଏକ ହେକ୍ଟରରୁ ସାଧାରଣତଃ ୨୦ ଟନ ପତ୍ର ମିଳିଥାଏ । ତାହାଛଡ଼ା ଏହାର ପତ୍ର ରେଶମ ପୋକପାଇଁ ଏକ ଉତ୍ତମ ଖାଦ୍ୟ । କେନ୍ଦ୍ରୀୟ ମୁଗା ଏବଂ ରେଶମ ପୋକ ଗବେଷଣା ପରିଷଦ ଆସାମଙ୍କର ଗବେଷଣାରୁ ଜଣାଯାଇଛି ଯେ, ଗୟା ଆଳୁ ପତ୍ରରେ ରେଶମ ପୋକ ଚାଷ କରି ଏକ ହେକ୍ଟରରେ ଅଧିକ ପାଖହଜାର ଟଙ୍କା ଆଦାୟ କରାଯାଇ ପାରିବ ।

ମନୁଷ୍ୟ ଏବଂ ଗୋଖାଦ୍ୟ ବ୍ୟତୀତ, ଗୟା ଆଳୁକୁ ମଧ୍ୟ ଅଧିକାଂଶ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହାର କରାଯାଇଥାଏ । ଗୟା ଆଳୁରୁ ପ୍ରସ୍ତୁତ ମଣ୍ଡକୁ କାଗଜ, ଲୁଗା, ଚମଡ଼ା ଏବଂ ବିସ୍ଫୋରକ ଶିଳ୍ପରେ ବ୍ୟବହାର କରାଯାଇପାରେ । ଖାଦ୍ୟ ଶିଳ୍ପରେ ଏହାର ମଣ୍ଡକୁ ଚକ୍‌ଲେଟ୍, ବିସ୍କୁଟ, ସାଗୁ, ପାମଡ଼ ପ୍ରଭୃତି ତିଆରିପାଇଁ ବ୍ୟବହାର କରାଯାଏ । ଡେକ୍‌ସଟ୍ରିନ୍, ଗ୍ଲୁକୋଜ୍, ଡେକ୍‌ସଟ୍ରୋଜ୍, ରେସିନ୍, ଆଲକହଲ୍, ବ୍ୟୁଟାନଲ୍, ଏସିଟୋନ୍ ପ୍ରଭୃତି ଗୟା ଆଳୁର ମଣ୍ଡରୁ ତିଆରି କରାଯାଇଥାଏ । ଗୟା ଆଳୁରୁ ପ୍ରସ୍ତୁତ ଆଲକହଲ୍ କେତେକାଂଶରେ ଦେଶର ପେଟ୍ରୋଲ ସଙ୍କଟର ସମାଧାନ କରିଥାଏ । ଶତକଡ଼ା ୨୦ ଭାଗ ଆଲକହଲ୍ ୮୦ ଭାଗ ପେଟ୍ରୋଲ୍ ବିନାକ୍ଷତିରେ ଇଞ୍ଜିନ୍‌ରେ ବ୍ୟବହାର କରାଯାଇପାରେ ।

ଗୟା ଆଳୁ ସାଧାରଣତଃ ମୌସୁମୀ ପ୍ରବାହ ପୂର୍ବରୁ ଲଗାଯାଏ । ସନ୍ତସନ୍ତିଆ ମାଟି ବ୍ୟତୀତ ଯେ କୌଣସି ମାଟିରେ ଲଗାଯାଇ ପାରିବ । ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୯୦ ସେ.ମି. ଦୂରତାରେ ୨୦ ସେ.ମି. ଲମ୍ବ ଡାଳଗୁଡ଼ିକ ଲଗାଯାଇଥାଏ । ଅନ୍ୟ ଫସଲରେ ଏହାର ମଧ୍ୟ ଅନ୍ତଃଚାଷ ଦରକାର ପଡ଼ିଥାଏ । ଏହି ଫସଲକୁ ଖୁବ୍ କମ୍ ରୋଗ ଓ ପୋକ ଆକ୍ରମଣ କରିଥାନ୍ତି ।

ଗୟା ଆଳୁ ମରୁଡ଼ି ଖୁବ୍ ସହିପାରେ । ଲଗାଇବାର ୮ରୁ ୧୦ ମାସ ପରେ ଏହାର ଅମଳ କରାଯାଏ । ହାରାହାରି ଏକ ହେକ୍ଟରରୁ ୨୫ ଟନ୍ ପର୍ଯ୍ୟନ୍ତ କନ୍ଦ ଅମଳ ହୋଇଥାଏ । ଉନ୍ନତ କିସମ ବ୍ୟବହାର କରି ଏହାର ଅମଳ ଦ୍ୱିଗୁଣିତ କରାଯାଇ ପାରେ ।

ସ୍ୱତନ୍ତ୍ର ରୂପେ ଚାଷକରି ଏହାର ଜନ୍ମସ୍ଥାନ ବ୍ରାଜିଲ୍‌ରେ ହେକ୍ଟରରୁ ଅତି ବେଶୀ ୧୫୦ ଟନ୍ କନ୍ଦା ଆଦାୟ କରାଯାଇ ଥାଏ । ଏହା ୧୭୫ ନିୟୁତ କ୍ୟାଲୋରି ଶକ୍ତି ସହିତ ସମାନ ।

ଏହା ଖୁବ୍ କମ୍‌ଦିନ ହେଲା ଓଡ଼ିଶାରେ ବ୍ୟାପକ ଭାବରେ ଚାଷ କରାଯାଉଅଛି । ଆମ୍ଭେମାନେ ଆଶା କରୁଛୁ, ଏହା ଖାଦ୍ୟ ସମସ୍ୟାର ସମାଧାନ ସହିତ ଦରିଦ୍ର ଲୋକମାନଙ୍କର ଅର୍ଥ ନୈତିକ ଉନ୍ନତି ଦିଗରେ ସାହାଯ୍ୟ କରିବ ।

ତେଣୁ ଆସନ୍ତୁ ଆମେ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଏହି ଫସଲ ଚାଷ କରିବା ଯାହାକି ଆଦିବାସୀଙ୍କ ପାଇଁ ହେବ ଏହା ଏକ ଆଶୀର୍ବାଦ ।

---

ସିନିୟର ରିସର୍ଚ୍ଚ ଅଫିସର, ବି.ଡର
ଆଦିବାସୀ ଅଞ୍ଚଳ ଗବେଷଣା କେନ୍ଦ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଫୁଲବାଣୀ ।





OGP—MP-VI (I. & P. R.) 7—50,000—24-6-1986

ରଥାରୂଢ଼ ତିନି ଠାକୁରଙ୍କୁ ଦେଖି ଜୁଡ଼ୁଛି ଭକତ ପ୍ରାଣ ।
ମହୋଦଧି ବୁକୁ ଉଚ୍ଛୁଳି ଉଠୁଛି କେ କେତେ କରୁଛି ସ୍ନାନ ॥



Vol. XLII No. 11/12 UTKAL PRASANGA Regd. No. 0-
Licence No. C. R. N. P. 5—Licensed to post without Pre-Payment




ପ୍ରସଙ୍ଗ
ସ୍ୱାଧୀନତା